
ଫେବୃଆରୀ ୨୦୨୪ • ୫୦ ଟଙ୍କା
ରେବତୀ
website : www.rebatee.in
ଆମ ମାଟିର ସ୍ୱର
ପ୍ରସଙ୍ଗ :
ଜନଜାତି


RUCHI
FOODLINE
Since 1976
Karlo Dosti Sehat Se...
ଫେଷ୍ଟିଭାଲ୍
ବୋନାଞ୍ଜା
ଅଫର୍
Kheer mix
Chaat Masala
Garam Masala
Fish Masala
Meat Masala
Dalma Powder
Curry Powder
Chicken Masala
ରୁଚି ମସଲା କିଣନ୍ତୁ, ଭାଗ୍ୟ ଚମକାନ୍ତୁ
*ଏହି ସ୍କିମ୍ 50 ଗ୍ରାମ୍ ଓ 100 ଗ୍ରାମ୍‌ର ରୁଚି କରି ପାଉଡ଼ର, ଚିକେନ୍ ମସଲା, ମିଟ୍ ମସଲା, 25 ଗ୍ରାମ୍ ଓ 50 ଗ୍ରାମ୍‌ର ଗରମ ମସଲା, 50 ଗ୍ରାମ୍‌ର ଚାଟ୍ ମସଲା, ଡାଲ୍‌ମା ପାଉଡ଼ର, ଫିସ୍ ମସଲା ଏବଂ 300 ଗ୍ରାମ୍‌ର କ୍ଷୀର୍‌ମିକ୍ସ ପ୍ୟାକ୍ ଉପରେ ବୈଧ ।
ଲକି ଡ୍ରରେ ଭାଗନେବା ପାଇଁ
(ଷ୍ଟେପ୍-1)
ରୁଚି ପ୍ୟାକ୍ ଭିତରେ ଥିବା "WINNING CODE" ଟିକୁ ଖୋଜନ୍ତୁ
(ଷ୍ଟେପ୍-2)
STATE NAME ଓ "WINNING CODE" କୁ ଲେଖି 72310 06006 ରେ SMS କରନ୍ତୁ
ବମ୍ପର ପୁରସ୍କାର
3ଟି କାର୍
30ଟି ଇ-ସ୍କୁଟର
ଦୈନିକ ପୁରସ୍କାର
ସୁନା କଏନ୍
ରୁପା କଏନ୍
ସ୍ମାର୍ଟ ୱାଚ୍*
*ଏହି ଅଫର୍ ଷ୍ଟକ୍ ଥିବା ପର୍ଯ୍ୟନ୍ତ ସୀମିତ *ନିୟମ ଓ ସର୍ତ୍ତାବଳୀ ପ୍ରଯୁଜ୍ୟ *ଚିତ୍ରଗୁଡ଼ିକ କେବଳ ଉଦାହରଣ ପାଇଁ ଦିଆହୋଇଛି #ପୁରସ୍କାରଗୁଡ଼ିକ ଭିନ୍ନ ହୋଇପାରେ
ଗୁଣବତ୍ତା
ବିଶ୍ୱାସନୀୟତା
ଶୁଦ୍ଧତା
ଅନ୍‌ଲାଇନ୍‌ରେ କିଣନ୍ତୁ amazon | Flipkart ରୁ
www.ruchifoodline.com

RNI Registration No. : ODIODI / 2018 / 78444

# REBATI AMA MATIRA SWARA

*a monthly family feature Odia Journal on Life & Literature*

# ରେବତୀ
## ଆମ ମାଟିର ସ୍ୱର

ଷଷ୍ଠ ବର୍ଷ : ୪ର୍ଥ ସଂଖ୍ୟା, ଫେବୃଆରୀ ୨୦୨୪ ■ Vol-6, Issue : 04, February 2024



ମାର୍ଗଦର୍ଶକ | Advisor
ଇଂ. ରବୀନ୍ଦ୍ର କୁମାର ଜେନା | **Er. Rabindra Kumar Jena**



ସମ୍ପାଦିକା | Editor
ଶ୍ରୀମତୀ ସୁବାସିନୀ ଜେନା | **Mrs. Subasini Jena**

ଆରାଧ୍ୟ
**ଫକୀରମୋହନ ସେନାପତି**
କଥାସମ୍ରାଟ ଓ ବ୍ୟାସକବି

■

ଉପଦେଷ୍ଟା
**ଡକ୍ଟର ପ୍ରହ୍ଲାଦ ଚରଣ ମହାନ୍ତି**
ବିଶିଷ୍ଟ ଶିକ୍ଷାବିତ୍ ଓ ସାହିତ୍ୟିକ

ସହଯୋଗୀ ସମ୍ପାଦକ
**କୃଷ୍ଣ କୁମାର ମହାନ୍ତି**

ପ୍ରସାରଣ ଓ ବିଜ୍ଞାପନ ବିଭାଗ ମୁଖ୍ୟ
**ରବୀନ୍ଦ୍ର କୁମାର ବିଶ୍ୱାଳ**

ଅଳଂକରଣ ବିଭାଗ
- ଗ୍ରାଫିକ୍ ଡିଜାଇନ୍ : ଶିବରାଜ କର୍ମ
- ଚିତ୍ରକଳା : ସୁସ୍ମିତା ମିଶ୍ର, ସଞ୍ଜୟ ରାଉଳ
- ଲେ-ଆଉଟ୍ : ଦିଲ୍ଲୀପ କୁମାର ସେଣ
- ଅକ୍ଷର : ନିରଞ୍ଜନ ସାହୁ
- ରେବତୀ ନାମାଙ୍କନ : ଶିଳ୍ପୀ ଶଶିକାନ୍ତ ରାଉତ

**Bhubaneswar Office**

**Rebatee Media House Pvt. Ltd.**
Plot No. 432, 1st Floor
Lewis Road
Bhubaneswar-751002
Phone : 9937288554
**E-mail**
*rebatimedia@gmail.com*

**Editorial Office**

Editor : **Rebati Ama Matira Swara**
O.T. Road, Balasore
Pin - 756001, Odisha
Phone : 9437080003
7008845920
**E-mail :**
*rebati.rebati2018@gmail.com*

Printed by **Subasini Jena**, Published by **Subasini Jena**, Owned by **Subasini Jena** and Printed at Print-Tech Offset Pvt. Ltd., F-66/1 & F-66/2, Chandaka Industrial Area, P.O. KIIT, Bhubaneswar-751024, Odisha and Published at Mansingh Bazar, P.O. Motiganj, Dist. Balasore-756003, Odisha. Editor : **Subasini Jena**

■ ମୂଲ୍ୟ : **୫୦ ଟଙ୍କା ମାତ୍ର** ■ Price : **INR 50/-**
■ ବାର୍ଷିକ : **୭୯୦ ଟଙ୍କା ମାତ୍ର** ■ Annual : **INR 790/-**

## ସୂଚୀପତ୍ର

। ଷଷ୍ଠ ବର୍ଷ । ୪ର୍ଥ ସଂଖ୍ୟା । ଫେବୃଆରୀ ୨୦୨୪ ।

ରେବତୀ
ଆମ ମାଟିର ସ୍ୱର

୪
ସମ୍ପାଦକୀୟ : ପରିବାରର ପ୍ରତୀକ ନାରୀ : ସୁବାସିନୀ ଜେନା

୯ ମାନନୀୟେଷୁ: 'ତିତିକ୍ଷା'ର ତପସ୍ୱୀ: ରବି ପଣ୍ଡା
୧୮ ଜନଜାତି-୧ : ଜନଜାତିର ଯୋଦ୍ଧା: ଡ. ଦେବାଶିଷ ପାତ୍ର
୨୭ ଜନଜାତି-୨ : 'ବାରଥାଳି'ରୁ ବାଥୁଡ଼ି: ଡ. ଦେବପ୍ରିୟ ପ୍ରିୟଦର୍ଶୀ ଚକ୍ର
୩୦ ଜନଜାତି-୩ : ବିଦ୍ରୋହୀ ବିର୍ସା: ଅଭୟ ଦ୍ୱିବେଦୀ
୩୭ ଜନଜାତି-୪ : ଜୁଆଙ୍ଗ ବାହାଘର: ଡ. ରଞ୍ଜନ ପ୍ରଧାନ
୪୭ ଜନଜାତି-୫ : ଝୁମରର ଝଙ୍କାର: ସମରେନ୍ଦ୍ରନାଥ ମହାପାତ୍ର




୫୪ ଦ୍ୱି-ପ୍ରଚ୍ଛଦ : ମନୀଷା ସାହୁ

**ଧାରାବାହିକ କାବ୍ୟ**
୫୬ : ଡକ୍ଟର ପ୍ରଫୁଲ୍ଲ କୁମାର ମହାନ୍ତି

**ସମକାଳ କବିତା**
୫୭ : ଦିଲୀପ କୁମାର ସ୍ୱାଇଁ
୫୮ : ମନୋଜ କୁମାର ମେହେର
୫୯ : ସୁକୁମାର ଦାସ
୬୦ : ମନସ୍ୱିନୀ ଦେବୀ
୬୧ : ଶ୍ରଦ୍ଧାଞ୍ଜଳି କାନୁନଗୋ
୬୨ : ସରସ୍ୱତୀ ମିଶ୍ର
: ବିଶ୍ୱଜିତ୍ ନାୟକ
୬୩ : ଅନସୂୟା ପଣ୍ଡା



**ସମ୍ପାଦକୀୟାଂଶ...**

xxx ନାରୀ ନିଃଶେଷ ହେବାକୁ ଜନ୍ମ ନେଇଛି- ଏପରି ଭାବନା ମନରୁ ପରିହାର କରିଦେବା ଶ୍ରେୟସ୍କର । କାରଣ ନାରୀର ସରିଯିବାରେ ଅନେକ କିଛି ଶେଷ ହୋଇଯିବାର ଭାଗ୍ୟ ନିର୍ଭର କରେ । କାହିଁକି ବା ନାରୀ ଜୀବନ ସାରା ଜଳିଜଳି ଶେଷ ହେବ ! କାହିଁକି ସେ ନିଜ ପୃଥିବୀଟେ ଗଢ଼ି ନିଜ ଭଳି ବଞ୍ଚି ପାରିବନି ! କାହିଁକି ତାକୁ ପ୍ରତିଟି ପଦପାତରେ କୈଫିୟତ ଦେବାକୁ ହେବ । କୈଫିୟତ୍ ଦେବ ତ କାହାକୁ ଦେବ ? କାହିଁକି ବା ଦେବ ? ସେଇ ପୁରୁଷଟିଏକୁ ହିଁ ତାକୁ କୈଫିୟତ୍ ମାଗୁଥିବ । ସେ ପୁରୁଷଟି ହୋଇପାରେ ତା'ର ବାପା, ତା'ର ଭାଇ, ତା'ର ସ୍ୱାମୀ ବା ସମାଜର କେହି ବଡ଼ପଣ୍ଡା ! କିନ୍ତୁ ତାକୁ ସେଇ ଅଧିକାର ଦେଲା କିଏ ? ସେଇ ସମାନ ଅଧିକାର ନାରୀଟିଏ ପାଇବ ନାହିଁ କାହିଁକି- ଏ ପ୍ରଶ୍ନ ଆମେ କେବେ ନିଜକୁ ପଚାରିଛୁ କି !

ସୁବାସିନୀ ଜେନା













**ନିୟମିତ ବିଭାଗ**
୧୦୩ : ଗୃହସମସ୍ୟା: ହରପ୍ରସନ୍ନ ଦାସ ରୋଷେଇଶାଳ
୧୦୪ : ରତିକାନ୍ତ ପାତ୍ର



୧୦୬ : ଶେଷପୃଷ୍ଠା : ଲେଖକର ଲୋକପ୍ରିୟତା
କୃଷ୍ଣ କୁମାର ମହାନ୍ତି

୬୪ : ବାବୁଲୁ ପ୍ରଧାନ
୬୫ : ସୁଶାନ୍ତ ଜେନା
୬୮ କଥା-କାହାଣୀ-୧ : ରଜନୀକାନ୍ତ ମହାନ୍ତି
୭୧ କଥା-କାହାଣୀ-୨ : ଡ. ମନୋରଂଜନ ପ୍ରଧାନ
୭୪ ଜନଜାତି-୬ : ରୂପେଶ ସାହୁ
୮୦ ଜନଜାତି-୭ : ଆରତୀ ସାହୁ
୮୫ ଜନଜାତି-୮ : ଡ. ଦ୍ୱିତୀ ଚନ୍ଦ୍ର ସାହୁ
୯୧ ଜନଜାତି-୯ : ଡ. ପ୍ରଦୀପ କୁମାର ମିଶ୍ର
୯୫ ଜନଜାତି-୧୦ : ମିୟୋଗ ରଞ୍ଜନ ପାତ୍ର
୧୦୧ ସୌନ୍ଦର୍ଯ୍ୟ-ଚର୍ଚ୍ଚା : ଡ. ପ୍ରୀତିପଦ୍ମା ପଣ୍ଡା







ପ୍ରଚ୍ଛଦ ଭାବନା : କୃଷ୍ଣ କୁମାର ମହାନ୍ତି
ପ୍ରଚ୍ଛଦ ମଡେଲ୍ : ଖୁସୀ ନନ୍ଦ, ମଡ଼େଲ
ଉଚ୍ଚତା : ୫ ଫୁଟ୍ ୭ ଇଞ୍ଚ
ବୃତ୍ତି : ମଡେଲ
ରୁଚି : ଅଭିନୟ ଓ ମଡ଼େଲିଂ
ଶିକ୍ଷା : ବିଏସ୍‌ଏ, ପ୍ରଥମ ବର୍ଷ
ପ୍ରଚ୍ଛଦ ଫଟୋଗ୍ରାଫି : ଚନ୍ଦନ ପ୍ରଧାନ, ସିପି ଫଟୋଗ୍ରାଫି, ବାରିପଦା
ମେକ୍‌ଅପ୍ : ଜ୍ୟୋତି ମେକ୍‌ଓଭର, ବାରିପଦା
ପ୍ରଚ୍ଛଦ ଡିଜାଇନ୍ : ଶିବରାଜ କମ୍ପ, ସୋନପୁର
ଫଟୋଶୁଟ୍ ସ୍ଥାନ : ଷ୍ଟେସନ ବଜାର ପାର୍କ, ବାରିପଦା

**ମଲାଟ କଥା :** ସରସ୍ୱତୀ ପୂଜା ମାଘମାସ ଶୁକ୍ଳପକ୍ଷ ପଞ୍ଚମୀ ତିଥି ଦିନ ପାଳନ କରାଯାଏ । ବିଦ୍ୟାପ୍ରାପ୍ତି ନିମିତ୍ତ ବିଦ୍ୟାର ଅଧିଷ୍ଠାତ୍ରୀ ଦେବୀ ବିଦ୍ୟାଦାୟିନୀ, ହଂସବାହିନୀ, ବୀଣା ପୁସ୍ତକ ଧାରିଣୀ ଦେବୀ ସରସ୍ୱତୀଙ୍କର ପୂଜା ଓ ଆରାଧନା ଏଇ ଦିନ ମୁଖ୍ୟତଃ ଶିକ୍ଷାନୁଷ୍ଠାନରେ କରାଯାଏ । ମାତା ସରସ୍ୱତୀଙ୍କର ପୂଜା ଓ ପୁଷ୍ପାଞ୍ଜଳି ଦେବା ପର୍ଯ୍ୟନ୍ତ ସେମାନେ ଉପବାସ ରଖିଥାନ୍ତି । ଏଇ ଦିନ ପିଲାମାନେ ଦେବୀ ସରସ୍ୱତୀଙ୍କର ଆଶୀର୍ବାଦ ପ୍ରାପ୍ତି ନିମନ୍ତେ ସେମାନଙ୍କର ପାଠ୍ୟପୁସ୍ତକ ଓ କଲମ ଆଦିକୁ ମାତାଙ୍କ ପାଖରେ ସମର୍ପଣ କରିଥାନ୍ତି । ବାଗ୍‌ଦେବୀ ସରସ୍ୱତୀଙ୍କ ପୂଜା ଆରାଧନାର ପ୍ରତୀକ ହିଁ ଏ ମାସର ପ୍ରଚ୍ଛଦ ।

ସମ୍ପାଦକୀୟ

# ପରିବାରର ପ୍ରତୀକ : ନାରୀ

ଆମ ସମାଜରେ ନାରୀର ଭୂମିକାକୁ ନେଇ ସବୁବେଳେ ଏକ ନକାରାତ୍ମକ ନାରା ଶୁଣିବାକୁ ମିଳିଥାଏ । କିନ୍ତୁ ନାରୀ ଯେ ସକଳ ଶକ୍ତିର ଆଧାର, ଏକଥା ସମାଜ ଭୁଲିଯାଏ । ଆମେ ଜାଣୁ ସୃଷ୍ଟି ଓ ବିନାଶ- ଏ ଉଭୟଟିରେ ନାରୀର ଭୂମିକା କ'ଣ । କାରଣ ନାରୀ ସୃଷ୍ଟି କରିପାରେ ଯେମିତି, ଆବଶ୍ୟକ ପଡ଼ିଲେ ବିନାଶ ବି କରିପାରେ ସେ । ଏଥିପାଇଁ ପ୍ରକୃତି ତାକୁ ସେଇଭଳି ହିଁ ନିର୍ମାଣ କରିଛି । କିନ୍ତୁ ଆମର ଦୁର୍ଭାଗ୍ୟ ଯେ, ନାରୀର ଅସଲ ପରିଚୟ ଓ ନାରୀର ପ୍ରକୃତ ପରିସୀମା ବିଷୟରେ ଆମେ ସବୁବେଳେ ଅଜ୍ଞ ଥାଉଁ । ଥାଉ ଏଇଥିପାଇଁ ଯେ, ଆମ ଭିତରେ ନାରୀକୁ ଚିହ୍ନିବାର ପରଖିବାର, ନାରୀକୁ ନେଇ ଗର୍ବ କରିବାର ସାମାନ୍ୟତମ ସ୍ୱାଭିମାନ ନଥାଏ । ନାରୀର ନିୟତିରେ ଦୁଃଖ, ଯନ୍ତ୍ରଣା ଓ କଷ୍ଟ ଭରିଦେବାରେ ଯେଉଁମାନଙ୍କର ହାତ ଥାଏ, ସେମାନେ ବି ସେଇ ନାରୀର ଏକ ଅଂଶ ବୋଲି ଭୁଲି ଯାଆନ୍ତି । ସେଇଥିପାଇଁ ତ ନାରୀ ହିଁ ପ୍ରକୃତି । ନାରୀ ହିଁ ଏ ସମାଜର ଆଇନା । ନାରୀର ପ୍ରତିବିମ୍ବ ଯେଭଳି ବିମ୍ବିତ ହେବ, ସମାଜ ସେଭଳି ହିଁ ଦୃଶ୍ୟ ହେବ ଏଥିରେ ଭାବିବାର କିଛି ନାହିଁ । ନାରୀର କଷଣ, ନାରୀର ପୀଡ଼ା, ନାରୀର ଦୁର୍ଭାଗ୍ୟ- ଏସବୁ ହିଁ ଆମ ସମାଜର ପ୍ରତିଫଳନ । ମନ୍ଦିରର ମୁଖଶାଳା ପରି ସମାର ମୁଖଶାଳା ହେଉଛି ନାରୀର ପରିଚୟ । ନାରୀକୁ ସମାଜର 'ମୁଖଶାଳା' କରି ଛିଡ଼ା ହେବାକୁ ଦେବା ଆମର କର୍ତ୍ତବ୍ୟ କେବଳ ନୁହଁ, ଆମର ଧର୍ମ ହେବା ଉଚିତ ।

ଆମେ କହୁ: ସମାଜ କଳୁଷିତ । କିନ୍ତୁ ସମାଜର ଏ କଳୁଷତା, ସମାଜର ଏ ରୁଗ୍ଣ ଚେହେରା ପାଇଁ ଦାୟୀ କରୁନା କେବେ ନିଜକୁ । ସମାଜର ଚେହେରା ବଦଳିଥାଏ, ଆମର ଭାବନା ଆମର ଦୃଷ୍ଟିଭଙ୍ଗୀ, ଆମର କାର୍ଯ୍ୟକଳାପ ଯୋଗୁଁ ନାରୀଟିଏ ଯେଉଁ ସମାଜରେ ତା'ର ପରିଚୟ ଓ ପରିସୀମାକୁ ନେଇ ପ୍ରତିନିୟତ ସଂଘର୍ଷ କରୁଥାଏ, ଲାଞ୍ଛିତ ହେଉଥାଏ, ସଂଗ୍ରାମ କରୁଥାଏ, ସେ ସମାଜ କେବେ ବି ସୁସ୍ଥ ସମାଜ ନୁହେଁ । ସେପରି ଏକ ସମାଜରେ ଥାଇ ଆମେ କିପରି କହି ପାରିବା ଯେ, ସମାଜ ଗଠନରେ ଆମର ଭୂମିକା ନାହିଁ ? ସମାଜର ଏ ପତନରେ ଆମେ ଦାୟୀ ନୋହୁଁ ବୋଲି ! କହି ପାରିବା କି ?


ଯୁଗେ ଯୁଗେ ନାରୀର ସ୍ନେହଶ୍ରଦ୍ଧା, ସେବାଭାବ, ପ୍ରେମ, ସହନଶୀଳତା, ପ୍ରେରଣା ଓ ସମର୍ପଣଭାବ, ତ୍ୟାଗ ଓ ତିତିକ୍ଷା ତାକୁ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଛି । ନାରୀଟିଏ ସହନଶୀଳା ଓ କ୍ଷମାଶୀଳ ନହେଲେ ସମାଜରେ ବଞ୍ଚି ରହିବା କଷ୍ଟକର ହୁଅନ୍ତା । ଏ କଥା ଆମେ ଭୁଲିଯିବା ଉଚିତ ନୁହେଁ । ସୁତରାଂ ନାରୀର ସେବା ଓ ତ୍ୟାଗ ହିଁ ସମାଜ ଗଠନ ପାଇଁ ଅଭିପ୍ରେତ । ନିଜ ପାଇଁ କମ୍ ଭାବେ ସେ । ନିଜକୁ କଷ୍ଟର ଆଢୁଆଳେ ରଖି ସେ ହସେ । ଅନ୍ୟର ସେବାରେ ନିଜକୁ ସେ ଅଚିରେ ନଈ ଭଳି ପ୍ରଖର କରିଦିଏ । ନିଜ ସନ୍ତାନ, ନିଜ ପରିବାର, ନିଜ ଦେଶ, ନିଜ ମାଟି ପାଇଁ ନିଜକୁ ଉତ୍ସର୍ଗ କରିଦେବା ବେଳେ ନାରୀଟିଏ କେବେ ବି ଭାବେ ନାହିଁ ସ୍ୱାର୍ଥର କଥା । ତା'ର ଏଇ ନିଃସ୍ୱାର୍ଥ ସେବା, ତା'ର ଏଇ ଆତ୍ମୀୟପଣ ତାକୁ କେବଳ ମହିୟସୀ କରେନାହିଁ, ତାକୁ ଅସାମାନ୍ୟା କରି ତୋଳେ । ତାକୁ ମିଳେ ଏକ ଅନନ୍ୟ ପରିଚୟ । ଏ ଅନନ୍ୟତାକୁ ସେ ନିଜ ଭଳି ଅନୁଭବ କରିବା ପାଇଁ ଟିକେ 'ରାହା' ଖୋଜେ । ଚେନାଏ ଆକାଶର 'ନୀଳ' ଖୋଜେ । ପାପୁଲିଏ 'ପ୍ରେମ' ଖୋଜେ । ଢାଙ୍କି ହେବାକୁ ଫୁଲ ପରି ପାଖୁଡ଼ାଟିଏ ଖୋଜେ । ପାଏ କି ? ଆମେ ତାକୁ ଦେଉ କି ? କେବେ ଆମେ ଭାବୁ କି, ବାସ୍ନାଟିଏ ହୋଇ ଭରିଦେବା ତା' ଅଗଣାକୁ ! ଫୁଲ ହୋଇ ସଜାଇ ଦେବା ତା' ଯିବା ଆସିବା ରାସ୍ତାକୁ ! ଭରିଦେବା ତା' ସ୍ୱପ୍ନକୁ ! ନା, ଆମେ ସେପରି ତ କେବେ ଭାବୁନା । ଅଧିକନ୍ତୁ ଆମେ କାଟି ଦେଉ ତା' ପରିଚୟର ପର । ସଂକୁଚିତ କରିଦେଉ ତା' ପରିସୀମା । ଏଇଟା ନୁହେଁ, ସେଇଟା ନୁହେଁ ଭଳି ନାନା ରକମର 'ନାହିଁ ନାହିଁ'ରେ ତା' ଜୀବନକୁ ଆମେ ନାରଖାର କରିଦେଉ । ତା'ର କୋମଳ ମନରେ ପ୍ରହାର କରି ତାକୁ ବିଷାକ୍ତ କରି ତୋଳୁ । ନାରୀ ହୋଇ ଉଠେ ନାଚାର । ନାରୀ ହୋଇଉଠେ ନିରୁପାୟ । 'ସୁସ୍ଥ ସମାଜ' ଖୋଜିଲେ କେଉଁଠୁ ଆସିବ ? କିଏ ଦେବ ଆମକୁ ଆମର ଈପ୍ସିତ ସମାଜ ? ଯେତେବେଳେ ଆମେ ନିଜେ ହିଁ ନିଜ ହାତରେ ନଷ୍ଟ କରୁଛୁ ତାକୁ ।

ନାରୀ ନିଃଶେଷ ହେବାକୁ ଜନ୍ମ ନେଇଛି- ଏପରି ଭାବନା ମନରୁ ପରିହାର କରିଦେବା ଶ୍ରେୟସ୍କର । କାରଣ ନାରୀର ସରିଯିବାରେ ଅନେକ କିଛି ଶେଷ ହୋଇଯିବାର ଭାଗ୍ୟ ନିର୍ଭର କରେ । କାହିଁକି ବା ନାରୀ ଜୀବନ ସାରା ଜଳିଜଳି ଶେଷ ହେବ ! କାହିଁକି ସେ ନିଜ ପୃଥିବୀଟେ ଗଢ଼ି ନିଜ ଭଳି ବଞ୍ଚି ପାରିବନି ! କାହିଁକି ତାକୁ ପ୍ରତିଟି ପଦପାତରେ କୈଫିୟତ ଦେବାକୁ ହେବ । କୈଫିୟତ୍ ଦେବ ତ କାହାକୁ ଦେବ ? କାହିଁକି ବା ଦେବ ? ସେଇ ପୁରୁଷଟିଏକୁ ହିଁ ତାକୁ କୈଫିୟତ୍ ମାଗୁଥିବ । ସେ ପୁରୁଷଟି ହୋଇପାରେ ତା'ର ବାପା, ତା'ର ଭାଇ, ତା'ର ସ୍ୱାମୀ ବା ସମାଜର କେହି ବଡ଼ପଣ୍ଡା ! କିନ୍ତୁ ତାକୁ ସେଇ ଅଧିକାର ଦେଲା କିଏ ? ସେଇ ସମାନ ଅଧିକାର ନାରୀଟିଏ ପାଇବ ନାହିଁ କାହିଁକି- ଏ ପ୍ରଶ୍ନ ଆମେ କେବେ ନିଜକୁ ପଚାରିଛୁ କି !

ନାରୀର ସ୍ୱାଧୀନତା, ନାରୀର ସ୍ୱାଧିକାର କେବଳ ତା'ର । ତା' ଉପରେ ହସ୍ତକ୍ଷେପ କରିବାର ଅଧିକାର କାହାର ବି ଅଛି- ସେପରି ଭାବନ୍ତୁନି । ଆମେ ସବୁଥିରେ ସ୍ୱାଧୀନତା ଖୋଜୁ । ଦେଶ, ଜାତି, ଧର୍ମ, ଅଭିବ୍ୟକ୍ତି ସବୁଥିରେ । କିନ୍ତୁ ନାରୀର ସ୍ୱାଧୀନତା କଥା ପଡ଼ିଲେ ଆମେ କାହିଁକି ନିରବି ଯାଉ ? ତାକୁ ତା'ର ସ୍ୱାଧୀନତା ଟିକିକ ଦେଇ ପାରିଲେ ହିଁ ଆମେ ନିଜକୁ ସୁସ୍ଥ ସମାଜର ଦାୟାଦ କହି ପାରିବା । ଅନ୍ୟଥା ଆମେ ନିଜକୁ ସଭ୍ୟ ସମାଜର ବୋଲି କେମିତି କହିବା ?

ମୁକ୍ତିର ଆନନ୍ଦ ଅନନୁଭବ୍ୟ । ତାକୁ ଯିଏ ଭୋଗିଛି, ସେ ଜାଣିଛି । ପରାଧୀନତାର ପରିଭାଷା ଭିତରେ ପୀଡ଼ା ଓ କ୍ଲେଶ ଥାଏ । କିନ୍ତୁ ସ୍ୱାଧୀନତାର ଶ୍ରୀକ୍ଷେତ୍ରରେ ଥାଏ ଖାଲି ଆନନ୍ଦ ହିଁ ଆନନ୍ଦ । ନାରୀକୁ ଏଇ ଆନନ୍ଦ ଟିକକ ଦେଇ ପାରିବାର ମାନସିକତା ହିଁ ପ୍ରକୃତ ପରିଚୟ ଆମର ।

**ସମ୍ପାଦିକା**






## ସମ୍ପାଦକୀୟ ବେଶ୍ ସମୟୋପଯୋଗୀ ହୋଇଛି

● ଆପଣଙ୍କ 'ରେବତୀ'ର ଜାନୁଆରୀ ସଂଖ୍ୟାରୁ ନୂଆମୁହଁ ପ୍ରସଙ୍ଗଟିକୁ ପାଠ କଲା ପରେ ଜଣେ ଇଂରାଜୀ କବିଙ୍କ କଥା ମନେ ପଡ଼ିଲା, Old order changeth yielding place to new. ସଂପାଦକୀୟରେ ଯାହା ଲେଖିଛନ୍ତି ତା କେବଳ ସମୟୋପଯୋଗୀ ନୁହେଁ, ମନ ମନ୍ଥନ କଲା ଭଳି, brainstorming. ସେଥିରୁ ଧାଡ଼ି କେତୋଟି ଉଦ୍ଧାର କରୁଛି,'ନୂଆ ମାନେ ସାହିତ୍ୟ ଜଗତକୁ ପ୍ରବେଶ ନ କଲେ, ସର୍ଜନଶୀଳତା ଯେ ଶୁଷ୍କ ମରୁଭୂମି ପାଲଟି ନ ଯିବ କିଏ କହିବ ! ପୁରୁଣା ମାନେ ବିଦାୟ ନେବେ ଓ ନୂଆମାନେ ସେମାନଙ୍କ ସ୍ଥାନରେ ନିଜକୁ ପ୍ରତିଷ୍ଠା କରାଇବେ, ସାହିତ୍ୟର ଏ ସୃଜନ ଚକ୍ର ଚାଲିଛି ଓ ଚାଲି ଥିବ ।' ଆଜି ପ୍ରତିଷ୍ଠିତ ଓ ପ୍ରବୀଣ ଲେଖକମାନେ ସେମାନଙ୍କର ଅହଂକାର ଲାଗି ନବୀନ ପିଢ଼ିର ଲେଖକମାନଙ୍କ ଦ୍ୱାରା ସମାଲୋଚିତ ହେଉଛନ୍ତି । ତେଣୁ ପ୍ରବୀଣ ମାନେ ତରୁଣଙ୍କୁ ପଢନ୍ତୁ, ସେମାନଙ୍କ ବହିଟିକୁ ଆଦରିବା ପରିବର୍ତ୍ତେ ନାସିକା କୁଞ୍ଚନ ନ କରନ୍ତୁ । ସେମାନଙ୍କ ଲେଖାର ବିଚାରାଲୋଚନା ହେଉ ।

ଓଡ଼ିଆ କବିତାର ମୂର୍ଦ୍ଧନ୍ୟ କବି ରାଜେନ୍ଦ୍ର କିଶୋର ପଣ୍ଡା ତାଙ୍କ 'ଶୈଳକଳ୍ପ' ପୁସ୍ତକର 'ପ୍ରିୟ ସହକବି' କବିତାରେ ସେହି ତରୁଣ ମାନଙ୍କ ହାତରେ ଦାୟିତ୍ୱ ସମର୍ପି ଦେଲେ ଛୁଟି ବୋଲି କହିଛନ୍ତି, କବିତା ଯୁଦ୍ଧ ନୁହେଁ ପ୍ରେମ, ଏଠି ହାର୍‌ଜିତ୍ ନାହିଁ । କବିତା ସାଧନା ପ୍ରତି ଅଗ୍ରଜ, ସମଜ, ଅନୁଜ ସଭିଏଁ ସକ୍ରିୟ ହୋଇ ରହନ୍ତୁ ବୋଲି ସୁ ପରାମର୍ଶ ଦେଇଛନ୍ତି । ତେଣୁ ଆପଣଙ୍କ ସ୍ୱତନ୍ତ୍ର ପ୍ରସଙ୍ଗଟି ଅନେକ ବରିଷ୍ଠମାନଙ୍କ ପାଇଁ eye opener ଭଳି କାମ କରିବ ବୋଲି ବିଶ୍ୱାସ ।

**ଧନଞ୍ଜୟ ସ୍ୱାଇଁ,**
କଟକ

## ରୋଷେଇରୁ ବି ନୂଆ ବହକ ଆସୁଛି

● ନୂଆବର୍ଷର 'ରେବତୀ' ହାତରେ ଧରି ବହୁତ୍ ଖୁସି ଲାଗୁଛି । ପ୍ରସଙ୍ଗ ନୂଆମୁହଁରେ ନୂଆ ପ୍ରତିଭା ମାନଙ୍କୁ ସ୍ଥାନ ଦେଇ 'ରେବତୀ' ସେମାନଙ୍କୁ ଆହୁରି ଆଗକୁ ବଢିବା ପାଇଁ ପ୍ରୋତ୍ସାହିତ କରିଛି । ସବୁ ଗଳ୍ପ ଓ କବିତା ମନଛୁଆଁ । ରୋଷେଇରୁ ନୂଆ ମହକ ଆସୁଛି । ସର୍ଜନାରେ ନୂଆମୁହଁ ଉପସ୍ଥାପନାଟି ଅତ୍ୟନ୍ତ ଉଚ୍ଚକୋଟୀର । ଏହାର ବିଷୟ ଚୟନ ଓ ଉପସ୍ଥାପନା ମୋତେ ବାନ୍ଧି ରଖିଛି ।

**ଶୁଭଶ୍ରୀ ଦାଶ,**
ଶ୍ରୀକଣ୍ଠପୁର, ବାଲେଶ୍ୱର

## ଶିଳ୍ପୀ ସୁସ୍ମିତା ମିଶ୍ରଙ୍କ ଚିତ୍ରକଳା ଖୁବ୍ ଚମତ୍କାର


● ପ୍ରିୟ ସଂପାଦକ/ ସଂପାଦିକା ,ସାରସ୍ୱତ ପ୍ରଣାମ । ଜାନୁଆରୀ ସଂଖ୍ୟା 'ରେବତୀ' ପଢି ଆନନ୍ଦିତା ହେଲି ! ଅନେକ ନବ ନବ ଉନ୍ମେଷଶାଳିନୀ ପ୍ରତିଭାଙ୍କ ବିଷୟରେ ଜାଣିବାକୁ ମିଳିଲା ! ସେମାନେ ଯେ ଆମ ଭାଷା, ସାହିତ୍ୟର ଭଣ୍ଡାରକୁ ଋଦ୍ଧିମନ୍ତ କରିବେ, ଏଥିରେ ସନ୍ଦେହ ନାହିଁ । ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ସହ ଆଶୀର୍ବାଦ ଜଣାଉଛି । ସେମାନଙ୍କୁ ଆମ ପାଖରେ ପରଷି ଦେଇଥିବା ଲେଖକମାନଙ୍କୁ କୃତଜ୍ଞତା । ଭଲ ଲାଗିଲା କବିତା ବିଭାଗରେ ପ୍ରବୀଣ ସାହିତ୍ୟିକ ପ୍ରଫୁଲ୍ଲ ମହାନ୍ତିଙ୍କ 'ଦ୍ରୌପଦୀ-୩୫', ବନଜଦେବୀଙ୍କ 'ଏକାକୀ ବନ୍ଦନା', ଡକ୍ଟର ଶ୍ରୀହରି ଧଳଙ୍କ 'ଫେରିବାର ଥିଲା ବୋଲି', ଶୁଭଶ୍ରୀ ଦାଶଙ୍କ 'ନାରୀ: ଏକ ସମ୍ଭାବନା' । ଗଳ୍ପ ବିଭାଗଟି ଏତେ ଖାସ୍ ନଥିଲା । ଶୁଭଶ୍ରୀ ଶୁଭସ୍ମିତା ମିଶ୍ରଙ୍କ 'ଗୋଟେ ଚମ୍ପାଗଛର କାହାଣୀ'ଟି ରୋମାଞ୍ଚକର ହୋଇଥାଆନ୍ତା ଲେଖିକା ନାୟିକା ଉଦିପ୍ତିଙ୍କ ଉପରେ ଲେଖିଥିବା ଉପକ୍ରମଣିକାଟି କମେଇ ସିଧା ଦାଦି ଓ ବସୁର ଜୀବନ କାହାଣୀ ଉପରେ ଫୋକସ୍ କରିଥିଲେ ! ଉଦିପ୍ତିର କାହାଣୀ ଅଯଥା ପାଠକକୁ କାହାଣୀ ଠାରୁ ଦୂରରେ ରଖୁଛି ! ବହୁତ ବହୁତ ଭଲ ଲାଗିଲା ଶିଳ୍ପୀ ସୁସ୍ମିତାଙ୍କ ଚିତ୍ରକଳା ! ଚମତ୍କାର ଚିତ୍ର ସବୁ ପ୍ରତି ପୃଷ୍ଠାକୁ ସୁଦୃଶ୍ୟ କରିବା ସହ କଳା ସହ ସାହିତ୍ୟର ସୂକ୍ଷ୍ମ ସମ୍ବନ୍ଧକୁ ପ୍ରତିପାଦିତ କରୁଛି ! ସଂପାଦକମଣ୍ଡଳୀର ଏହି ପ୍ରୟାସକୁ ଅଶେଷ ସାଧୁବାଦ ! 'ଦାସେ ଆପଣେ' ମୋର ଅତି ପ୍ରିୟ ପୃଷ୍ଠା । କିନ୍ତୁ ଏଥରକ ପବିତ୍ର ଭାଇ ଗୋପବନ୍ଧୁଙ୍କ ଇଂରାଜୀ ଭାଷଣକୁ ସଂପୂର୍ଣ୍ଣ ଭାବେ ଛପେଇ ଦେଇ ଥିବାରୁ ପଢିବାକୁ ଏତେ ଭଲ ଲାଗିଲା ନାହିଁ । ଅଳ୍ପ କିଛି ଉଦ୍ଧାର କରି ବାକି ଓଡିଆରେ ନିଜ ଭାଷାରେ ସଂକ୍ଷିପ୍ତରେ ଲେଖିଥିଲେ ବେଶୀ ପଠନୋପଯୋଗୀ ହୋଇଥାଆନ୍ତା ! ଶ୍ୱେତାଙ୍କ ପୁଷ୍ପ ପ୍ରସଂଗରୁ 'ନାଗ ଲିଙ୍ଗ' ପୁଷ୍ପ ବିଷୟରେ ଅନେକ କଥା ଜାଣିଲି ! ତାଙ୍କୁ ଅଭିନନ୍ଦନ । ଜାଣିବାକୁ ଚାହିଁବି ନାଗଲିଙ୍ଗ ଓ ନାଗେଶ୍ୱର ସମାନ ଫୁଲ କି ? ମୋତେ ସମାନ ପରି ଲାଗିଲା ! ଅଧ୍ୟାପକ, ଲେଖକ ଦେବରାଜ ସାହୁଙ୍କ ବିଷୟରେ ଜାଣି ଭଲ ଲାଗିଲା । ତାକଙ୍କ ସାରସ୍ୱତ ସାଧନା ଓ ବିଦ୍ୟାଦାନ ପ୍ରତି ସମର୍ପଣ ଭାବକୁ ପ୍ରଣାମ କରୁଛି । ଜୟନ୍ତୀ ରଥଙ୍କ 'ପ୍ରଜ୍ଞାପୀଠ'ରେ ଏଥର ସେମିତି କିଛି ବିଶେଷ ଅନୁଭୂତି ନ ଥିଲା ! କେବଳ କେତେଜଣଙ୍କ ସହ ତାଙ୍କର ନିଜର ସଂପର୍କ ବିଷୟରେ ଲେଖିଛନ୍ତି ! ଆଗ ଅଧ୍ୟାୟଗୁଡିକ ବେଶୀ ସୁଖପାଠ୍ୟ ଥିଲା ! ମୁଁ ତାଙ୍କର ଅନେକ ଗଳ୍ପ ପଢି ଖୁବ୍ ଉପଭୋଗ କରିଛି ଓ ଆନନ୍ଦିତା ହୋଇଛି ! ତେଣୁ ମୋର ଏହି ମନ୍ତବ୍ୟକୁ ଭୁଲ୍ ନ ବୁଝିବା ପାଇଁ ଅନୁରୋଧ । 'ଶେଷ ପୃଷ୍ଠା'ରେ ପ୍ରକାଶିତ ସହଯୋଗୀ ସଂପାଦକ କୃଷ୍ଣ କୁମାର ମହାନ୍ତିଙ୍କ ମତାମତ ସହ ମୁଁ ସଂପୂର୍ଣ୍ଣ ଏକମତ । ସାହିତ୍ୟ ଏକ ନିରନ୍ତର ସାଧନା ! ନବ ତରୁଣ ସାହିତ୍ୟିକ ପିଢି ଆମର ଭାଷା ସାହିତ୍ୟର ଭବିଷ୍ୟତ । ତେଣୁ ସେମାନଙ୍କୁ ପ୍ରବୀଣ ଲେଖକମାନେ ଉତ୍ସାହିତ କରିବା ଉଚିତ । କାହାରି ନିନ୍ଦା-ପ୍ରଶଂସାକୁ ଖାତିର୍ ନ କରି ନିଜ କାର୍ଯ୍ୟରେ ମନୋନିବେଶ କରି ସାଧନାରେ ବ୍ରତୀ ହେଲେ ସମୟ ନିଶ୍ଚୟ ସେମାନଙ୍କୁ ଉଚିତ ଫଳ ଦେବ ! ଅତି ସୁନ୍ଦର, ସୁଖପାଠ୍ୟ ପତ୍ରିକାଟିଏ ପ୍ରକାଶ କରି ଆମ ଘରେ ଆମ ପାଖରେ ପହଂଚାଇବା ପଛରେ ଥିବା ସମସ୍ତଙ୍କୁ ମୋର ସାଦର ପ୍ରଣାମ ! ୨୦୨୪ରେ ରେବତୀର ଜୟଯାତ୍ରା ଜାରି ରହୁ, ଏଇ କାମନା ।

**ସୁମିତ୍ରା ମିଶ୍ର,** କୋଳଥିଆ, ଭୁବନେଶ୍ୱର

## ଚିରାଚରିତ ଧାରା ଠାରୁ ଭିନ୍ନ ରୂପେ 'ରେବତୀ'ର ନିଆରା ପରିକଳ୍ପନା ସତରେ ଅନନ୍ୟ

● ପ୍ରଣାମ ସାର୍, ପ୍ରିୟ 'ରେବତୀ' ଚଳିତ ସଂଖ୍ୟାରେ 'ନୂଆମୁହଁ' ବିଭାଗରେ ଆମକୁ ସ୍ଥାନିତ କରିଥିବାରୁ ହୃଦୟରୁ କୃତଜ୍ଞତା ଜଣାଉଛି । 'ରେବତୀ' ମତେ ପୂର୍ବରୁ ମଧ ଭଲ ଲାଗେ । ଏହାର ଅଳଙ୍କରଣ, ପେଜ୍ ଡିଜାଇନିଂ ତଥା ମନଲୋଭା ସାଜସଜ୍ଜା ମନ ମୋହିନିଏ ପ୍ରତିଥର । ଆପଣଙ୍କ ନିଆରା ପରିକଳ୍ପନା ମଧ ଚିରାଚରିତ ଧାରା ଠାରୁ ଭିନ୍ନ ରୂପେ ଉପସ୍ଥାପିତ କରେ । ଅନେକ ଦିନରୁ 'ରେବତୀ' କୋଳରେ ନିଜକୁ ପାଇବାର ଆଶାଟିଏ ଥିଲା । ଏବେ ପୂରଣ ହେଲା । ଖୁବ୍ ଖୁସି ହେଲି ଓ ଉତ୍ସାହିତ ମଧ । ଓଡ଼ିଆ ଭାଷାରେ ଏତେ ସୁନ୍ଦର ପାରିବାରିକ ପତ୍ରିକାଟିଏ ନିରନ୍ତର ଭାବେ ପ୍ରକାଶ କରି ଆସୁଥିବାରୁ ଆପଣଙ୍କୁ ତଥା 'ରେବତୀ' ପରିବାରର ସମସ୍ତ ସଦସ୍ୟଙ୍କୁ ଅଜସ୍ର ସାଧୁବାଦ । 'ରେବତୀ' ଗଳ୍ପ ପରି ଆମ ଏହି ରେବତୀ' ପତ୍ରିକା ମଧ କାଳଜୟୀ ହେଉ ; ଅନ୍ତରରୁ ଅସୁମାରି ଶ୍ରଦ୍ଧା ଓ ସୁମନାସ ।

**ରୁଦ୍ର ମାଧବ ସାହୁ,**
ବାଘମୁଣ୍ଡା, କାକଟପୁର, ପୁରୀ


SMILE GOLD
jewellers
100% HUID
ORNAMENTS
SHORT
NECKLACE SET
Mob: +91-9438019696/ 9438029797
Plot No: B-38,Fancy Market,Saheed Nagar,Bhubaneswar

## ନୂଆମୁହଁ ପ୍ରସଙ୍ଗ ପ୍ରସ୍ତୁତି ସ୍ୱାଗତଯୋଗ୍ୟ

● 'ରେବତୀ'ର ନୂଆବର୍ଷ ଜାନୁଆରୀ ସଂଖ୍ୟା ପାଇଲି । ନୂଆ ଲେଖକମାନଙ୍କୁ (ନୂଆ ମୁହଁ) ନେଇ ପ୍ରସ୍ତୁତ ଏହି ସଂଖ୍ୟାଟି ବେଶ୍ ସ୍ୱାଗତଯୋଗ୍ୟ । ନିଶ୍ଚିତ ଭାବରେ ନୂଆମାନଙ୍କୁ ଉତ୍ସାହିତ କରିବା ପାଇଁ ସୁନ୍ଦର ପଦକ୍ଷେପ । ଆମ ବେଳେ କିନ୍ତୁ ଏହି ସୁଯୋଗ ନଥିଲା । କୌଣସି ପତ୍ରିକା ପକ୍ଷରୁ ସେପରି ଉଦ୍ୟମ ହେଉ ନଥିଲା । 'ରେବତୀ' କରିଛି । ତେଣୁ ଶୁଭେଚ୍ଛା ଓ ସ୍ୱାଗତ କରୁଛି । ଆମେସବୁ ଚର୍ଚ୍ଚିତ ହେଇ ନପାରିବାର କାରଣ ବୋଧେ ଏୟା । ଆମକୁ ନେଇ କୌଣସି ପତ୍ରିକା ବା କୌଣସି ସମ୍ପାଦକ କେବେ କିଛି ଅଲଗା କରି ଭାବି ନାହାଁନ୍ତି କି ଉତ୍ସାହିତ କରି ନାହାଁନ୍ତି । ପୁଣିଥରେ ଧନ୍ୟବାଦ ଜଣାଉଛି ।

**ନିତ୍ୟାନନ୍ଦ ପଣ୍ଡା,**
**ନାରାଣପୁର, ଦେବୀଦ୍ୱାର, ଯାଜପୁର ଟାଉନ-୭୫୫୦୦୭, ଫୋନ: ୮୨୪୯୬୯୩୩୦୮**

## ଚିତ୍ରଶିଳ୍ପୀଙ୍କୁ କେବଳ 'ରେବତୀ'ସମ୍ମାନ ଦେଇଥାଏ

● ଜାନୁଆରୀର 'ରେବତୀ' ଖୁବ୍ ସୁନ୍ଦର । ନୂଆ ମୁହଁଙ୍କୁ ନେଇ ମୁଖ୍ୟ ପ୍ରସଙ୍ଗ କରିବା ନିଆରା ଓ ସ୍ୱାଗତଯୋଗ୍ୟ । ଆଲୋଚିତ ନୂଆ କବି,ଗାଳ୍ପିକ ଓ ଚିତ୍ରଶିଳ୍ପୀଗଣ ନିଶ୍ଚୟ ଆଗକୁ ବଢ଼ିବା ପାଇଁ ପ୍ରେରଣା ପାଇବେ । ଏଥିପାଇଁ 'ରେବତୀ' ସଂପାଦିକା ଓ ସର୍ବଦା ନୂତନ ଲେଖକଙ୍କୁ ଉତ୍ସାହ ଯୋଗାଇ ଆସୁଥିବା କୃଷ୍ଣ କୁମାର ମହାନ୍ତିଙ୍କୁ ବହୁତ ବହୁତ ଧନ୍ୟବାଦ । ଏଥରର କବିତାର ମାଳା ମହ ମହ ଓ ହୃଦୟସ୍ପର୍ଶୀ । ଚିତ୍ରଶିଳ୍ପୀମାନଙ୍କୁ କେବଳ 'ରେବତୀ' ସ୍ଥାନିତ କରେ ଓ ସମ୍ମାନ ଦେଇଥାଏ । ଏ ସଂଖ୍ୟାରେ ବି ମାନମୟୀ ରଥ ଓ ସଂଜୟ ଭଞ୍ଜଙ୍କ ଆଲେଖ ରହିଛି । ବହୁତ ଭଲ ଭାବରେ ଉପସ୍ଥାପନ କରିଛନ୍ତି । ଶିକ୍ଷକ ଦେବରାଜ ସାହୁଙ୍କ ଉପରେ ଝିଅଙ୍କ ଲେଖାଟି ଭଲ ଲାଗିଲା । ଐଶ୍ୱର୍ଯ୍ୟା ପ୍ରଧାନଙ୍କ ରାନ୍ଧଣାରେ ପଶ୍ଚିମ ଓଡିଶାର ଦୁଇଟି ବ୍ୟଞ୍ଜନ ଲେଥା ଓ ଝାଏଁ ଝୁରି ତୁନ୍(ଚୁନାମାଛ ବେସର) ଯାହା ମୋର ଖୁବ୍ ପ୍ରିୟ ଭଲ ଭାବରେ ଉପସ୍ଥାପନ କରିଛନ୍ତି । ଅନନ୍ୟ ବାନ୍ଧଶିଳ୍ପୀ ସୁରେନ୍ଦ୍ର ମେହେରଙ୍କ ସଂପର୍କିତ ଲେଖା ପାଇଁ ଅନୁଜ ମନୋଜଙ୍କୁ ଧନ୍ୟବାଦ । ଡିସେମ୍ବର ସଂଖ୍ୟାରେ ମୋର କବିତା ଭଲ ଲାଗିଛି ବୋଲି ଉଲ୍ଲେଖ କରିଥିବାରୁ ହିରଣ୍ମୟୀ ମିଶ୍ରଙ୍କୁ ମୋର ଆନ୍ତରିକ ଧନ୍ୟବାଦ ।

**ସୁଶୀଲ କୁମାର ପାଣିଗ୍ରାହୀ, ସମ୍ବଲପୁର**

## କବିତାରେ ନୂଆ ସ୍ୱର ବେଶ୍ ଗତିଶୀଳ

● 'ରେବତୀ' ଜାନୁଆରୀ ସଂଖ୍ୟା ପାଇଲି । ଆନ୍ତରିକ ଧନ୍ୟବାଦ ଜଣାଉଛି । ସଂପାଦକୀୟ ଓ 'ଶେଷପୃଷ୍ଠା'ରେ ଆପଣଙ୍କ ବକ୍ତବ୍ୟ ଭଲ ଲାଗିଲା । ନୂଆମୁହଁଙ୍କୁ ଉତ୍ସାହିତ କରିବାରେ ବରିଷ୍ଠ ଲେଖକଙ୍କ କଥାସବୁ ପଢ଼ି ଖୁସି ହେଲି । କବିତାରେ ନୂଆ ସ୍ୱର ବେଶ୍ ଗତିଶୀଳ । ଗପ ପଢୁଛି । ଶୁଭକାମନା ।

**ପଦ୍ମକାନ୍ତ ଧଳ,ନହରକଣ୍ଟା, ଭୁବନେଶ୍ୱର**

# ଲେଖକଲେଖିକାଙ୍କ ପାଇଁ ନିୟମାବଳୀ

● 'ରେବତୀ ଆମ ମାଟିର ସ୍ୱର' ରେବତୀ ମିଡିଆ ହାଉସ୍ ପ୍ରା. ଲିଃ.ର ଏକ ଉପକ୍ରମ । ଏହା ଏକ ମାସିକ ପାରିବାରିକ ଫିଚର୍ ପତ୍ରିକା । ବିଶେଷ ଅସୁବିଧା ନଥିଲେ ବର୍ଷରେ ଏହାର ୧୨ଟି ସୁଚିନ୍ତିତ ସଂଖ୍ୟା ପ୍ରକାଶ ପାଏ । ବେଶ୍ କିଛି ସଂଖ୍ୟା ପାଇଁ ରଖା ଯାଇଥାଏ ବିଶେଷ ପ୍ରସଙ୍ଗମାନ ।

● ଏହା ଘର ଓ ପରିବାରର ପ୍ରତ୍ୟେକଟି ସଦସ୍ୟଙ୍କ ପତ୍ରିକା । ସୁତରାଂ ଏଥିରେ ପରିବାର ଓ ଜନଜୀବନ ଉପଯୋଗୀ ସକାରାତ୍ମକ ଲେଖାମାନ, ସଚିତ୍ର ସ୍ଥାନିତ ହୁଏ । ସାହିତ୍ୟ ଏହାର ଏକ ଅଂଶ ମାତ୍ର ।

● 'ରେବତୀ' ମୁଖ୍ୟତଃ ତରୁଣ ଲେଖକ/ଲେଖିକାଙ୍କର କଳ୍ପିତ ମଞ୍ଚ । କିନ୍ତୁ କେବଳ ଲେଖାର ଅଭିନବତ୍ୱ ହିଁ ଚୟନର ମାନକ । ଲେଖକମାନେ ଗୋଟିଏ ନୂଆ ଦିଗ୍‌ବଳୟ ସୃଷ୍ଟି କରି ପାରିଲେ 'ରେବତୀ' ସେଇମାନଙ୍କର ହେବ, ସବୁବେଳେ ।

● ଏଥିପାଇଁ ଫିଚରଧର୍ମୀ ଲେଖା (ଜେରକ୍ସ କପି ନୁହେଁ) ବର୍ଷସାରା ଗ୍ରହଣ କରାଯାଏ । ଲେଖା ସହିତ ନିଜର ଏବଂ ଲେଖା-ସମ୍ବନ୍ଧିତ ଫଟୋଗ୍ରାଫ୍ ସଂଲଗ୍ନ କରିବା ବିଧେୟ । ଉତ୍ତମ ରିଜୋଲ୍ୟୁସନ୍ ଥିବା ଭଲ ଫଟୋ ହିଁ ଗ୍ରହଣୀୟ । ଅନ୍ୟଥା ଖରାପ ଗୁଣବତ୍ତା ବିଶିଷ୍ଟ ଫଟୋ କାରଣରୁ ସମ୍ପୂର୍ଣ୍ଣ ଲେଖାଟି ଅପ୍ରକାଶ୍ୟ ରହିପାରେ । ଏଥିପ୍ରତି ବିଶେଷ ଧ୍ୟାନ ଦେବାକୁ 'ରେବତୀ' କହିରଖୁଛି ।

● କେଉଁ ବିଷୟରେ ଫିଚର୍ ପ୍ରସ୍ତୁତ କରିବେ, ସେ ସମ୍ବନ୍ଧିତ ସବିଶେଷ କଥା ସମ୍ପାଦକୀୟ କାର୍ଯ୍ୟାଳୟରୁ ଆଗ ଜାଣିନେବେ । ସେଠାରୁ ସବୁଜ ସଂକେତ ପାଇଲେ ନିର୍ଦ୍ଧାରିତ ସମୟସୀମା ଭିତରେ ଲେଖା ପଠାଇବେ । ପଠାଇବାର ଛଅମାସ (କିମ୍ବା ଅଧିକ ସମୟ)ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ । ମନୋନୀତ ଲେଖାଟି ସମ୍ପାଦିତ/ସଂଶୋଧିତ/ସଂକ୍ଷିପ୍ତ ହୋଇ ପ୍ରକାଶ ପାଇପାରେ ।

● ଗଳ୍ପ, କବିତା କିମ୍ବା କବିତା ଜାତୀୟ ଯେକୌଣସି ଲେଖା ପଠାଇବା ପୂର୍ବରୁ ପଚାରି ନିଅନ୍ତୁ । କାରଣ ଏଥିପାଇଁ 'ରେବତୀ' ପକ୍ଷରୁ ହିଁ ଅନୁରୋଧ କରାଯାଏ । ଗଳ୍ପ/କବିତା ଜଣେ ଲେଖକର ବର୍ଷକରେ ଦୁଇଥର ପ୍ରକାଶ ପାଇବ । ଲଗାତାର କବିତା ଗଳ୍ପ ପଠାଇବେ ନାହିଁ ।

● ଅନୁବାଦ ଲେଖା ପ୍ରକାଶ ପାଏ ନାହିଁ କି ପୁସ୍ତକ ସମୀକ୍ଷା ବା ପୁସ୍ତକ ଆଲୋଚନା ମଧ୍ୟ ପ୍ରକାଶ ହୁଏନା । ଏଥଇପାଇଁ ଅନୁରୋଧ ନ କରିବାକୁ ଅନୁରୋଧ ।

● 'ରେବତୀ' ପାଇଁ ଯେଉଁମାନେ ଫିଚର୍ ଲେଖିବାକୁ ଆଗ୍ରହୀ ସେମାନେ ଏଥିପାଇଁ ପ୍ରଥମେ ସମ୍ପାଦକଙ୍କ ସହ ଆଲୋଚନା କରିନେବା ବିଧେୟ । ଫିଚର୍ ସହିତ ଆନୁଷଙ୍ଗିକ ଉନ୍ନତମାନର ବା ଛପା-ଉପଯୋଗୀ ରଙ୍ଗୀନ ଫଟୋଗ୍ରାଫ୍ (ଫଟୋ କ୍ୟାପ୍‌ସନ୍ ସହ) ଦେବାକୁ ହେବ । ଫଟୋଗ୍ରାଫ୍‌ଗୁଡ଼ିକର କେବଳ ସଫ୍ଟ କପି ଇ-ମେଲ୍ ମାଧ୍ୟମରେ ପଠାଇବେ । ହ୍ୱାଟ୍ସଆପ୍ କି ଫେସ୍‌ବୁକ୍ ମେସେଞ୍ଜର୍ ମାଧ୍ୟମରେ ଫଟୋ ଆଦୌ ପଠାଇବେ ନାହିଁ । ଏସବୁରେ ଫଟୋର ଗୁଣବତ୍ତା ହ୍ରାସ ପାଇଥାଏ । ଫିଚର୍‌ରେ କୌଣସି ବ୍ୟକ୍ତି/ଅନୁଷ୍ଠାନ/ଘଟଣା ସମ୍ପର୍କରେ ଅମୂଳକ ପ୍ରଶସ୍ତି / ନିନ୍ଦା ବା ଅତିରଞ୍ଜିତ ବର୍ଣ୍ଣନା ଥିଲେ ତାହା ହୁଏତ ଅଗ୍ରାହ୍ୟ ହେବ ନଚେତ୍ ସଂପାଦିତ ହୋଇ ପ୍ରକାଶିତ ହେବ ।

● ସହଜରେ ପଢ଼ିଲା ଭଳି ହାତ ଲେଖାକୁ ପିଡ଼ିଏଫ୍ ଫାଇଲ୍ କରି କିମ୍ବା ନିଜ ସ୍ୱାକ୍ଷର ଥାଇ କେବଳ ଓଡ଼ିଆ ଆକୃତି ଶାରଳା ଲିପିରେ ଡି.ଟି.ପି. ହୋଇଥିବା ଲେଖା ପେଜ୍‌ମେକର୍ କିମ୍ବା ୱାର୍ଡ଼ ଫାଇଲ୍ କରି ଇ-ମେଲ୍ କରିପାରିବେ । ଲେଖା ସହିତ ସବୁବେଳେ ଆତ୍ମ-ବିବରଣୀ, ଭଲ ଭଙ୍ଗୀର ରଙ୍ଗିନ ଫଟୋ, ସମ୍ପୂର୍ଣ୍ଣ ଡାକ ଠିକଣା, ଦୂରଭାଷା ନମ୍ବର ଓ ଇ-ମେଲ୍ (ଯଦି ଥାଏ) ଉଲ୍ଲେଖ କରନ୍ତୁ । ଲେଖାକୁ ଡି.ଟି.ପି. କରି ପଠାଉଥିଲେ, ବନାନ ପ୍ରୁଫ୍‌ରିଡ଼ିଂ ପରେ ହିଁ ପଠାନ୍ତୁ । ଲେଖା ୟୁନିକୋଡ୍‌ରେ ପଠାଉଥିଲେ ଦୟାକରି ଆକୃତି ଶାରଳା ଲିପିରେ କନ୍‌ଭର୍ଟ କରି ଆବଶ୍ୟକୀୟ ସଂଶୋଧନ ପରେ ହିଁ ମେଲ୍‌କୁ ପଠାନ୍ତୁ । ହ୍ୱାଟ୍ସଆପ୍‌ରେ ଲେଖା କି ଫଟୋ ଗ୍ରହଣୀୟ ନୁହେଁ । e-mail: **rebati.rebati2018@gmail.com**

● ପ୍ରତିଟି ପ୍ରକାଶିତ ଲେଖା ପାଇଁ ଲେଖକୀୟ ଉପହାର ସ୍ୱରୂପ ପତ୍ରିକା ପଠାଯିବାର ବ୍ୟବସ୍ଥା ଅଛି ।

● 'ରୋଷେଇ' ପାଇଁ ଯେକୌଣସି ଆଗ୍ରହୀ ମହିଳା/ପୁରୁଷ, ସେ ଲେଖିକା/ଲେଖକ ହୋଇନଥିଲେ ମଧ୍ୟ ୩ଟି ରାନ୍ଧଣା ଲେଖା ତଥା ଲେଖା ସମ୍ବନ୍ଧିତ ରଙ୍ଗୀନ ଫଟୋ (ଫଟୋର ମାନ ଉତ୍ତମ ହେବା ଦରକାର) ଏବଂ ନିଜର ଏକ ରଙ୍ଗୀନ ଫଟୋ ପଠାଇ ପାରିବେ ସିଧାସଳଖ ଇ-ମେଲ୍‌ରେ ।

● ଲେଖା ଚୟନ, ପ୍ରକାଶନ ବା ଅମନୋନୀତର କାରଣ ଦୟାକରି ଫୋନ୍ ଯୋଗେ ବା ବ୍ୟକ୍ତିଗତ ଭାବେ ପଚାରନ୍ତୁ ନାହିଁ । ପ୍ରକାଶିତ ଲେଖା/ଫଟୋ ପାଇଁ କୌଣସି ପାରିତୋଷିକ ଦିଆଯାଏ ନାହିଁ ।

● ପ୍ରକାଶିତ ଲେଖାରେ ପ୍ରତିଫଳିତ ମତ, ବିଚାର ଓ ଦୃଷ୍ଟିକୋଣ 'ରେବତୀ'ର ବୋଲି ଧରାଯିବ ନାହିଁ । ଏହା ସଂପୃକ୍ତ ଲେଖକଙ୍କର ନିଜସ୍ୱ ମତ ଓ ବିଚାର । ପ୍ରକାଶକ, ସମ୍ପାଦକ କିମ୍ବା 'ରେବତୀ'ର କର୍ତ୍ତୃପକ୍ଷ ସେଥିପାଇଁ ଉତ୍ତରଦାୟୀ ରହିବେ ନାହିଁ । ପୁନଶ୍ଚ କୌଣସି ଲେଖକୀୟ ମନ୍ତବ୍ୟ, ଟୀକା-ଟିପ୍ପଣୀ ଓ ଭ୍ରମାତ୍ମକ ମତାମତ ତଥା କୌଣସି ବିଜ୍ଞାପନର ଦାବି ବା ବୈଧତା ପାଇଁ ପ୍ରକାଶକ ଓ ସମ୍ପାଦକ ଦାୟୀ ନୁହନ୍ତି । କଥାସାହିତ୍ୟରେ ଉଲ୍ଲେଖ ଥିବା ନାମ, ଘଟଣା ବା ସଂସ୍ଥା ସମ୍ପୂର୍ଣ୍ଣ କାଳ୍ପନିକ ଏବଂ କୌଣସି ବ୍ୟକ୍ତି, ସଂସ୍ଥା ବା ଘଟଣା ସହ କୌଣସି ପ୍ରକାର ସମାନତା କେବଳ ସଂଯୋଗ ମାତ୍ର ବୋଲି ଧରାଯିବ ।

● 'ରେବତୀ' ସମ୍ପର୍କୀୟ ସମସ୍ତ ଦେୟ **Rebati Media House Pvt. Ltd.**ସପକ୍ଷରେ ହେବ ।

ସମ୍ପର୍କ: ସମ୍ପାଦିକା : 'ରେବତୀ', ଓ.ଟି. ରୋଡ୍, ଲକ୍ଷ୍ମୀନାରାୟଣ ମନ୍ଦିର ପାଖ, ବାଲେଶ୍ୱର-୧, ଫୋନ: ୭୦୦୮୮୪୫୯୨୦
ଇ-ମେଲ୍:rebati.rebati2018@gmail.com



# 'ତିତିକ୍ଷା'ର ତପସ୍ୱୀ

# ସରୋଜ ରଞ୍ଜନ : କବିତା ଓ ସମ୍ପାଦନାର ଅମୀୟ ସୃଜନ


## ରବି ପଣ୍ଡା

ପ୍ଲଟ୍ ନମ୍ବର-୩୫୩୪, କପିଳପ୍ରସାଦ,
ଭୁବନେଶ୍ୱର-୭୫୧୦୦୨
ଫୋନ: ୯୪୩୭୨୭୫୮୦୮


ମୁଖ୍ୟପୃଷ୍ଠ ପୋଟ୍ରେଟ୍ : ବିମଳ ଦାସ

ଫଟୋ ସୌଜନ୍ୟ: ଲେଖକ

**ପ୍ରେମର ପୃଥିବୀରେ ସେ ଏକ ପଦ୍ମ ପୋଖରୀ । ତାଙ୍କ କବିତାରେ ସେ ରୋମାଣ୍ଟିକ୍ ଯେତିକି, ଜଣେ ବ୍ୟକ୍ତି ଭାବରେ ସେ କୋମଳ ସେତିକି । ସୃଜନ ଓ ସମ୍ପାଦନାରେ ଅଗାଧ ତାଙ୍କର ପ୍ରବେଶ । 'ଝଙ୍କାର' ଭଳି ଏକ ମର୍ଯ୍ୟାଦାଶୀଳ ପତ୍ରିକାର ଜଣେ ନିରବଚ୍ଛିନ୍ନ ସମ୍ପାଦକ ଭାବେ ସେ ସୁଖ୍ୟାତ କେବଳ ନୁହଁନ୍ତି, ଅଦ୍ୱିତିୟ ମଧ୍ୟ । ନୂଆ ଠୁ ପୁରୁଣା ସବୁ ଲେଖକଙ୍କୁ ସସ୍ନେହେ ବାନ୍ଧି ରଖିଥିବା ଏଇ କବି-ସମ୍ପାଦକ ଜଣକ ହେଲେ ସରୋଜ ରଞ୍ଜନ ମହାନ୍ତି । ତାଙ୍କର ଜନ୍ମ ମାସ ଫେବୃଆରିରେ ତାଙ୍କୁ ନେଇ 'ରେବତୀ'ର ଏଇ ବିଶେଷ ଆଲେଖ ।**



◀ ଲେଖକ ଓ ରବି ପଣ୍ଡା

ଜାନୁଆରୀ ମାସର ଏକ କୋମଳ ପୂର୍ବାହ୍ନ । ଋତୁ ଶୀତ, କିନ୍ତୁ ଶୀତ ଅର୍ନ୍ତହିତ । ମହାନଦୀ କୂଳେ କୂଳେ କଟକ ରିଂ-ରୋଡ୍ ଉପରେ ମୋ ବାଇକ୍ ଗଡୁଥିଲା ଜଣେ ବିଶିଷ୍ଟ କବିଙ୍କ ବାସଗୃହ ଉଦ୍ଦେଶ୍ୟରେ । ପୂର୍ବରୁ ମୋ ପହଞ୍ଚିବା ସମୟ ଓ ଉଦ୍ଦେଶ୍ୟ ସମ୍ପର୍କରେ କଥାହେବା ପରେ ତାଙ୍କ ବାସସ୍ଥାନର ସୂଚନା ସଂଗ୍ରହ ଉପରାନ୍ତେ ମୋର ଏ ଯାତ୍ରା ।

'ନିମିଷେ ଲୁଚାଏ ନିମିଷେ ଦେଖାଏ' ପରି ଦୃଶ୍ୟମାନ ହେଉଛି ମହାନଦୀ । ମହାନଦୀ ପ୍ରତି ମୋର ଦୁର୍ବଳତା ପ୍ରଚୁର । ମନେପଡ଼େ ତାର ପୂର୍ବ ରୂପ, ବିଷର୍ଣ୍ଣ ହେଇଯାଏ ମନ । ତା ପାଇଁ ଲେଖିଥିବା ଏକ କବିତାର ପଦ ଆପେ ଆପେ ମନକୁ ଚାଲିଆସେ- "ଶୀର୍ଣ୍ଣା ମୁଁ ଆଜି ବିସ୍ତୀର୍ଣ୍ଣା ହେଲେ ବି, ବିଲୋପିତ ମୋର ସୁଅ । ନଦୀ ଆଉ ନାରୀ ହିନିମାନୀ ହେଲେ ଲୁଚାଇ ଝରାନ୍ତି ଲୁହ । ହାୟ ମହାନଦୀ ।" ଆଗରେ ନିର୍ଦ୍ଦିଷ୍ଟ ଛକ । ବାଁ ପଟକୁ ଗଡ଼ିଲେ ମୋର ଲକ୍ଷ୍ୟସ୍ଥଳ ।

କିଛି ସମୟ ପରେ ମୁଁ ଠିଆ ହୋଇଥିଲି ଏକ ସୁଦୃଶ୍ୟ କୋଠାଘର ସାମ୍ନାରେ । ଘର ସାମ୍ନାରେ ଏକ ପୁଷ୍କରିଣୀ । ଆରପାଖକୁ ଛୋଟ ଏକ ଶିଶୁ ଉଦ୍ୟାନ । ପରିବେଶ ନିରୋଳା, ନିରାମୟ । ଯେ' ହେଉଛି ତୁଳସୀପୁରର ମଧୁସୂଦନ ନଗର । ଘରର ନାଁ 'ତିତିକ୍ଷା', ଯେଉଁଠି ରହନ୍ତି ବର୍ଷିଆନ କବି ଓ ପ୍ରବୁଦ୍ଧ ସମ୍ପାଦକ, **ସରୋଜ ରଞ୍ଜନ ମହାନ୍ତି** ।

ତାଙ୍କ ସହ ମୋର ପ୍ରଥମ ସାକ୍ଷାତ । ଥରେ ଅଧେ କେବେ ଦେଖିଛି କେଉଁଠି ସଭା ସମିତିରେ । ଦୁଇ ଚାରିଥର ଫୋନ୍‌ରେ କଥା ହେଇଛି ଏଇ ନିକଟ ଅତୀତରେ, ତାଙ୍କ ସହ ସାକ୍ଷାତକାର ପ୍ରସଙ୍ଗରେ ।

ଗେଟ୍ ପାଖରେ ମୁଁ ଗାଡ଼ି ରଖୁ ରଖୁ କବି ବାହାରି ଆସୁଥିଲେ ଫାଟକ ପାଖକୁ । ବୟସାଧିକ୍ୟ ଚେହେରାର ସମ୍ଭ୍ରାନ୍ତ୍ୟ ହ୍ରାସ କରି ପାରିନାହିଁ । କିନ୍ତୁ ଆଚରଣରେ ସରଳତା ଓ ସ୍ନେହଶୀଳତା ଆଗନ୍ତୁକଙ୍କୁ ବଶୀଭୂତ କରିଦେବ । ମୁଁ ନମସ୍କାରାନ୍ତେ ତାଙ୍କୁ ଅନୁସରଣ କରି ତାଙ୍କ ବୈଠକ ଖାନାକୁ ଆସିଲି । ନା, ଏଇଟି ବୈଠକ ଖାନା ଠାରୁ କବିଙ୍କର ପଢ଼ାଲେଖା ଘର କୁହାଯାଇପାରେ । କାନ୍ଥ ଆଲମୀରାରେ ସଜ୍ଜିତ ଥାକଥାକ ବହି । ଗଦାଗଦ ପତ୍ରପତ୍ରିକା ସମେତ ତାଙ୍କ ସାରସ୍ୱତ ଯାତ୍ରାର ସମ୍ମାନ ସନ୍ତକ କିଛି କାନ୍ଥରେ ଓ ଥାକରେ ।

ଜଣେ ବରିଷ୍ଠ କବି ଓ ସୁଦକ୍ଷ ସମ୍ପାଦକଙ୍କ ସହ ମୋର ପ୍ରଥମ ସାମ୍ନାସାମ୍ନି ଓ ପରିଚୟ ବେଳେ ମୁଁ ଯେତେ ସଙ୍କୁଚିତ ବୋଧ କରୁଥିଲି ସେ ସେତେ ଉନ୍ମୁକ୍ତ ହେଇ ପଡୁଥିଲେ । ଲେଖାଲେଖି ଭିତରେ ଥିବା ଲୋକମାନେ କେହି କାହାର ଅଚିହ୍ନା ନଥାନ୍ତି, ପାରସ୍ପରିକ ପରିଚୟ କଥା ଭିନ୍ନ ।

"ତମେ ମୋତେ ଯେଉଁ ଭାବେ ଜାଣିଛ, ମୁଁ ତମକୁ ଗପରେ ମଧ୍ୟ ଜାଣିଛି । ତମ ଗପ ପଢ଼ିଛି, ପଢୁଛି । ସମ୍ପାଦକ ଭାବରେ ଏ ସୁଯୋଗଟା ମୋ ପାଖରେ ବେଶି । ସମସ୍ତଙ୍କୁ ପଢ଼ିବାକୁ ହୁଏ, ଯାହା ଲେଖା ଭଲ ଲାଗେ ମନେ ରହିଯାଏ । ତମେ ଅଚିହ୍ନା ନୁହଁ ।" ସାର୍ ହସିଲେ, ଆତ୍ମିକ ଓ ଅନାବିଳ ହସ ।

ଏତକ ମୋ ପାଇଁ ତାଙ୍କ ପାଖରେ ସହଜ ହେଇଯିବା ପାଇଁ ଥିଲା ଯଥେଷ୍ଟ । କିଛିଟା ବ୍ୟକ୍ତିଗତ କଥା ପରସ୍ପର କଥା ହେଲାପରେ ମୁଁ ତାଙ୍କ ସୃଜନ ଜୀବନର ସୁଦୀର୍ଘ ଅନୁଭବ ସବୁକୁ ସାଉଁଟିବାକୁ ସଚେଷ୍ଟ ହେଲି ।

କବି ସରୋଜ ରଞ୍ଜନଙ୍କ ଜନ୍ମ କେନ୍ଦ୍ରାପଡ଼ା ଜିଲ୍ଲା, ପାଟକୁରାର ନାଗଣପୁର ଗାଁରେ । ୧୯୪୨ ମସିହା ଫେବୃଆରୀ ୨୪ ତାରିଖରେ । ଏକଦା ଏହା ଥିଲା ଅବିଭକ୍ତ କଟକ ଜିଲ୍ଲା ଅନ୍ତର୍ଗତ । ବାପା ବୈଷ୍ଣବ ଚରଣ ମହାନ୍ତି ଓ ବୋଉ ସୌଦାମିନୀ ମହାନ୍ତିଙ୍କ ସେ ଜ୍ୟେଷ୍ଠ ସନ୍ତାନ । ତଳେ ତିନି ଭାଇ ଓ ଦୁଇ ଭଉଣୀ ।

କେମିତି ଥିଲା ପିଲାଦିନ ? ମୋର ଏ କୌତୂହଳ ପୂର୍ଣ୍ଣ ପ୍ରଶ୍ନରେ ସରୋଜ ରଂଜନ ହସିଲେ ଏକ ହୃଦୟ ଖୋଲା ହସ । ସମସ୍ତଙ୍କୁ ପିଲାଦିନର ସ୍ମୃତି ପ୍ରାୟ ଉଚ୍ଛଳ କରିଥାଏ ।

"ପିଲାଦିନେ ମୁଁ ବଡ଼ ବଗୁଲିଆ ଥିଲି", କହିଲେ ସରୋଜ ରଞ୍ଜନ, ପିଲାଦିନର ସେଇ ଅପାସୋରା ସ୍ମୃତିକୁ ଅଣ୍ଡାଳୁ ଅଣ୍ଡାଳୁ । "ଗାଁ ପାଖଦେଇ ବହି ଯାଇଛି ଚିତ୍ରୋତ୍ପଳା ନଈ, ତାର ଚିତ୍ର ପରି ଅଙ୍କାବଙ୍କା ଦୃଶ୍ୟ, କୂଳେ କୂଳେ ସବୁଜିମାଭରା ସୁରମ୍ୟ ପାଦପ ରାଜି, ଶସ୍ୟ ଶ୍ୟାମଳା ବିସ୍ତୀର୍ଣ୍ଣ କ୍ଷେତ ପିଲାଦିନୁ ମୋତେ ପ୍ରଲୁବ୍ଧ କରେ । ସାଙ୍ଗ ପିଲାମାନଙ୍କ ସହ ନଈରେ ବୁଡ଼ି ଗାଧୁଆ, ପହଁରିବା ସହିତ ଡଙ୍ଗା ଚଳାଇବା ଥିଲା ନିୟମିତ ବିଳାସ । ବନ୍ୟାବେଳେ ତାର ଭୟଙ୍କର ରୂପ ଦେଖିଛି, ଅନ୍ୟବେଳେ ତାର ଶାନ୍ତ ସମାହିତ ତରଙ୍ଗମାଳାର ପ୍ରବାହ ଦେଖିଛି, ଦେଖିଛି ମନୋରମ ସୂର୍ଯ୍ୟୋଦୟ ଓ ରମଣୀୟ ସୂର୍ଯ୍ୟାସ୍ତର ରଙ୍ଗରେ ରଞ୍ଜିତ ଲହରୀମାଳାର ମାୟାବୀ ଆକର୍ଷଣ, ହୁଏତ ମୋ କବିତ୍ୱ ପାଇଁ ଏସବୁ ଥିଲା ଓ ତାରୁଣ୍ୟ କୈଶୋରର ଅବଦମିତ ଅନୁଭବ ।"

ସରୋଜ ରଂଜନଙ୍କର ସ୍କୁଲ ଯିବାର ଥିଲା ପ୍ରବଳ ବିମୁଖତା । ତାକୁ ସେ କହନ୍ତି 'ଆଲର୍ଜି' ବୋଲି । ସୁତରାଂ ପ୍ରାଥମିକ ଶିକ୍ଷା ବିଳମ୍ବିତ ହୋଇଯିବା ଆଶଙ୍କାରେ ବାପା ଘରୋଇ ଶିକ୍ଷାର ବ୍ୟବସ୍ଥା କରିଥିଲେ । ଫଳରେ ଚତୁର୍ଥ ଶ୍ରେଣୀଯାଏ ଘରୋଇ ଭାବେ ପଢ଼ି ସେ ସିଧା କୋରୁଆ ପ୍ରାଇମେରୀ ସ୍କୁଲ୍‌ରେ ପଞ୍ଚମ



▲ କବିଙ୍କ ସହିତ ଲେଖକ ରବି ପଣ୍ଡା


ଶ୍ରେଣୀରେ ନାମ ଲେଖାଇ ଷଷ୍ଠ ଯାଏଁ ପଢ଼ିଥିଲେ ।

ତାଙ୍କର ବାପା ସେତେବେଳେ କୋରୁଆ ହାଇସ୍କୁଲର ପ୍ରଥମ ପ୍ରଧାନ ଶିକ୍ଷକ ଭାବେ ନିଯୁକ୍ତି ପାଇଁ କାର୍ଯ୍ୟରତ । ମାଇନର୍ ପରେ ସେ ବାପାଙ୍କ ପାଖରେ କୋରୁଆ ହାଇସ୍କୁଲ୍‌ରେ ପଢ଼ିଥାନ୍ତେ, କିନ୍ତୁ ବାପା ତାଙ୍କର ପ୍ରଧାନ ଶିକ୍ଷକତା ଛାଡ଼ି କଂଟ୍ରାକ୍ଟରୀ କରିବାକୁ ବରଗଡ଼ ପଳାଇଲେ । ସରୋଜ ରଂଜନଙ୍କ ପିଉସା ସେତେବେଳେ ବରଗଡ଼ର ଜୁନିୟର ଇଂଜିନିୟର । ସେତେବେଳେ ହୀରାକୁଦ ଡ୍ୟାମ୍ ନିର୍ମାଣ ଚାଲିଥାଏ । ସେ ବାପାକୁ ଡାକିବାରୁ ବାପା ସେଠାକୁ ଚାଲିଯିବାରୁ ସରୋଜ ରଂଜନ ଯାଇ ବରଗଡ଼ର ଜର୍ଜ ସିକ୍ସଥ୍ ହାଇସ୍କୁଲ୍‌ରେ ମାଟ୍ରିକ ପଢ଼ିଲେ । ପିଉସୀଙ୍କ ତତ୍ତ୍ୱାବଧାନରେ ତାଙ୍କର ସେଇଠି ପାଠପଢ଼ା ଚାଲିଲା ।

ସେ ସମୟକୁ ସ୍ମରଣ କରି ସେ କହନ୍ତି ସେଠାରେ ମଧ୍ୟ ତାଙ୍କର ଚପଳତା କଟି ନଥିଲା । ବରଗଡ଼ ଟାଉନ ଠାରୁ ଦେଢ଼ କିଲୋମିଟର ଦୂରରେ ଥାଏ ଆମ୍ବତୋଟା । ସେଠାରୁ ତାକୁ କୁହାଯାଏ 'ଆମ୍ ବୁରେଇ' । ସେ ସାଙ୍ଗ ପିଲାଙ୍କ ସହିତ ସେଠାକୁ ଖେଳାବୁଲା କରିବାକୁ ପଳାନ୍ତି । ସେ ତୋଟରେ ବୁଲୁଥାନ୍ତି କେତୋଟି ବଡ଼ଘୋଡ଼ା ଓ ଛୁଆଘୋଡ଼ା । ସେମାନେ ସେ ଛୁଆଘୋଡ଼ା ପଛରେ ଦୌଡ଼ି ତା ଉପରେ ଚଢ଼ନ୍ତି । ଲଗାମହୀନ ବଡ଼ଘୋଡ଼ାମାନଙ୍କ ଉପରେ ଚଢ଼ିବାର ଅସଫଳ ପ୍ରୟାସ କରି ଘୋଡ଼ାନାତ ମଧ୍ୟ ଖାଇ ଆହତ ହୁଅନ୍ତି ।

ଏମିତି ଏମିତି ଦୁଷ୍ଟାମୀ ଭିତରେ ସେ କୃତିତ୍ୱର ସହ ମାଟ୍ରିକ୍ ପାସ୍ କରି ସମ୍ବଲପୁରର ଗଙ୍ଗାଧର ମେହେର କଲେଜ୍‌କୁ ଇଂଟରମିଡ଼ିଏଟ୍ ପଢ଼ିବାକୁ ଯାଆନ୍ତି । ସେ ସମୟର ଏକ ଚମକପ୍ରଦ ଘଟଣାକୁ ମନେପକେଇ ଖୁବ୍ ଉଲ୍ଲସିତ ହୁଅନ୍ତି ସରୋଜ ରଂଜନ । ଜି.ଏମ୍.କଲେଜ୍‌ରେ ତାଙ୍କର ନାମ ଲେଖାଦିନ ସେ ପହଞ୍ଚିଲେ । ସେତେବେଳେ ସେ ବରଗଡ଼ରେ ରହୁଥାଆନ୍ତି । କୌଣସି କାରଣ ବଶତଃ ନାମ ଲେଖାଉଥିବା ଅଧିକାରୀ ତାଙ୍କୁ ଚାରିଟା ବେଳଯାଏଁ ଅପେକ୍ଷା କରାଇଲେ । ସେ ଅପେକ୍ଷା କଲେ କିନ୍ତୁ ଚାରିଟା ପରେ ବି କହିଲେ 'ଆଜି ହେଇ ପାରିବ ନାହିଁ, କାଲି ଆସ ।' ସରୋଜ ରଂଜନ ଏତେବେଳରେ ବରଗଡ଼ ଫେରିବେ,ପୁଣି କାଲି ଆସିବେ । ପ୍ରଥମରୁ ଆସନ୍ତାକାଲି କଥା କହି ଦେଇଥିଲେ, ସେ ପଳେଇ ପାରିଥାନ୍ତେ । କିନ୍ତୁ ଚାରିଟା ବେଳକୁ କହି ପୁଣି କାଲି ଆସିବାକୁ କହିବା, ଖୁବ୍ ଅନ୍ୟାୟ । ସରୋଜ ଖୁବ୍ ପ୍ରତିକ୍ରିୟାଶୀଳ ହେଇ ପାଟିତୁଣ୍ଡ ଆରମ୍ଭ କଲେ । ତାଙ୍କ ପାଟି ଶୁଣି ଖୋଦ୍ ପ୍ରିନ୍ସପାଲ୍ ତାଙ୍କ ଅଫିସ୍‌ରୁ ବାହାରକୁ ଚାଲି ଆସି ଡକେଇ ପଠେଇଲ । ରାଗ ତମତମ ସରୋଜ ରଂଜନ ଅଫିସ୍ ପାଖରେ ପହଞ୍ଚିଲା ବେଳକୁ ଦେଖିଲେ ଜଣେ ସୌମ୍ୟକାନ୍ତ ଦୀର୍ଘଦେହୀ ପୁରୁଷ ଠିଆ ହୋଇଛନ୍ତି । ୟେ' ଆମ ପ୍ରିନ୍ସପାଲ, ଏ କଥା ଭାବିଲା ବେଳକୁ ଅଫିସ୍ ଦ୍ୱାର ମୁହଁରେ ମରା ଯାଇଥିବା ଫଳକଟି ତାଙ୍କ ନଜରରେ ପଡ଼ିଲା, ଡକ୍ଟର ମାୟାଧର

## ଚେଷ୍ଟାକରି, ଅଙ୍କକଷିଲା ପରି, ନିତିଦିନ କବିତା ଲେଖିବାରେ ମୁଁ ବିଶ୍ୱାସ କରେନାହିଁ



◢ **ଆପଣଙ୍କ ଜୀବନରେ କବିତାର ଉନ୍ମେଷ କିପରି ହୋଇଥିଲା ?**

▶ ମୋ ବୋଉ ମୋତେ ପିଲାଦିନେ ତା' ପାଖରେ ଶୁଆଇବା ବେଳେ ଅନେକ ଗୀତ ଓ କବିତା ଆବୃତ୍ତି କରି ଶୁଆଉଥିଲା, ସେଇସବୁ ଗୀତ ଶୁଣି ମୁଁ ଶୋଇପଡୁଥିଲି। ସେ ଗୀତ ଥିଲା ବିଭିନ୍ନ କବିଙ୍କ ଦ୍ୱାରା ଲିଖିତ । ମୁଁ ତାହା କାଳକ୍ରମେ ଜାଣିଲି । ମୋତେ ତାହା ଭଲ ଲାଗୁଥିଲା । ଗୋଟିଏ କବିତା ଥିଲା ଏହିପରି :

"ମୋ ତନୁ ଦଗ୍ଧ ହେଲେ ହେବ ତ ଖାର
ସେ ଖାର ଦେବ ନେଇ ପାଦପେ ସାର
ସେ କାଷ୍ଠ ଦେବ ନେଇ ବର୍ଦ୍ଧକୀ ହସ୍ତେ
ଗଢ଼ାଇ ଦେବ ପ୍ରଭୁ ପାଦୁକା ମୋତେ ।"

ଏହାର ପ୍ରଭାବ ମୋ ଉପରେ ପଡୁଥିଲା । ଏହା ମତେ ବହୁତ ଅନୁପ୍ରାଣିତ କରିଥିଲା ।

◢ **ଆପଣଙ୍କ କବିତା ଲେଖିବାର କାଳଖଣ୍ଡକୁ ସ୍ୱଚ୍ଛନ୍ଦତାବାଦୀ ରୋମାଣ୍ଟିକ୍ କବିତାର ଉନ୍ମେଷକାଳ ବୋଲି ଆଲୋଚକମାନେ କୁହନ୍ତି ? ସେ ସମୟରେ କେଉଁ କବି ଆପଣଙ୍କୁ ପ୍ରଭାବିତ କରିଥିଲେ ?**

▶ ସମ୍ବଲପୁରର ଗଙ୍ଗାଧର ମେହେର କଲେଜରେ ଆଇ.ଏ. ପଢ଼ିଲାବେଳେ କବି ଚିନ୍ତାମଣି ବେହେରା ଓ ପୁରୀର ସାମନ୍ତ ଚନ୍ଦ୍ରଶେଖର କଲେଜରେ ମୁଁ ବି.ଏ. ପଢ଼ିଲାବେଳେ କବି ଗୁରୁପ୍ରସାଦ ମହାନ୍ତି ଥିଲେ ମୋର ଅଧ୍ୟାପକ । ସେମାନଙ୍କ କବିପ୍ରତିଭାରେ ମୁଁ ମୁଗ୍ଧ ହୋଇଥିଲି । ସେମାନଙ୍କ କବିତା ଦ୍ୱାରା ମୁଁ ଅନୁପ୍ରାଣିତ ହୋଇଥିଲି । ପ୍ରାଥମିକ ଅବସ୍ଥାରେ ଏ ଦୁଇ କବିଙ୍କର ପ୍ରଭାବ ପଡ଼ିଥିଲା ମୋ କାବ୍ୟଜୀବନରେ ।

◢ **ଆପଣଙ୍କ ଜୀବନଦର୍ଶନ ନିଜ କବିତାରେ କେତେ ପ୍ରତିଫଳିତ ?**

▶ କେଉଁଟା ମୋର ଜୀବନଦର୍ଶନ ଥିଲା, ମୁଁ କହିପାରିବି ନାହିଁ । ତେବେ ଏତିକି କହିବି ଯେ ଅନିବାର୍ଯ୍ୟତା ଓ ଅବିଶ୍ୱସନୀୟ ଘଟଣାକ୍ରମକୁ, ଓଠରେ ହସ ଖେଳାଇ, ଏକାପ୍ରକାରେ ସ୍ୱାଗତ କରିବାରେ ମୁଁ ବିଶ୍ୱାସ କରୁଥିଲି । ତାହା ହିଁ ଜୀବନ ପ୍ରତି

ମାନସିଂହ । ସରୋଜ ରଂଜନ ଯେତିକି ବିସ୍ମିତ ହେଲେ ସେତିକି ଉଲ୍ଲସିତ ହେଲେ । ତା' ପୂର୍ବରୁ ସେ ମାୟାଧର ମାନସିଂହଙ୍କ କବିତା ବହୁତ ପଢ଼ିଥିଲେ ଓ ବିଭିନ୍ନ ପ୍ରତିଯୋଗିତାରେ ତାଙ୍କ କବିତାକୁ ନେଇ ହାଇସ୍କୁଲ୍‌ରେ ପୁରସ୍କୃତ ହୋଇଥିଲେ । ସେ ଖୁବ୍ ଖୁସି ହେଇଗଲେ । ପ୍ରଣାମ କରି ତାଙ୍କ ଅସୁବିଧା କଥା କହିଲେ ଓ ମାନସିଂହଙ୍କ ନିର୍ଦ୍ଦେଶ କ୍ରମେ ସେହିଦିନ ତାଙ୍କର ଆଡ୍‌ମିସନ୍ ହୋଇଗଲା । ଏହା ୧୯୫୬ ମସିହାର କଥା । ତାଙ୍କ ଭାଷାରେ ସରୋଜ ରଞ୍ଜନ କହନ୍ତି– "ମାନସିଂହଙ୍କୁ ପୂର୍ବରୁ ମୁଁ ଆଦୌ ଦେଖିନଥିଲି । କିନ୍ତୁ ତାଙ୍କ କବିତାର ମୁଁ ମୁଗ୍ଧ ପାଠକ ଥିଲି । ସେଦିନ ମୁଁ ତାଙ୍କୁ ପ୍ରଥମେ କବି ଭାଗରେ ଦେଖିଲି ଓ ପରେ ପ୍ରିନ୍ସିପାଲ୍ ଭାବରେ ।"

ଜି.ଏମ.କଲେଜରୁ ଇଣ୍ଟର ମିଡ଼ିଏଟ୍ ପାଶ୍ କଲା ପରେ ସେ ପୁରୀ ଏସ୍.ସି.ଏସ୍. କଲେଜ୍‌ରେ ଆସି ବି.ଏ. ପଢ଼ିଲେ ଓ ତାପରେ ବାଣୀବିହାରରେ ପଲିଟିକାଲ୍ ସାଇନ୍ସରେ ଏମ୍.ଏ. ପଢ଼ିଲେ । "ବାଣୀବିହାରରେ ପଢ଼ିଲା ବେଳେ କବି ସୀତାକାନ୍ତ ମହାପାତ୍ର ମୋର ସିନିୟର ଥିଲେ । ସୀତାକାନ୍ତଙ୍କ ଘର ଆମ ଗାଁ ପାଖ କୋଶିଦା ଗାଁରେ ଓ ସେ ମୋ ବାପାଙ୍କ ଛାତ୍ର ଥିଲେ । ପଢୁଥିଲେ କୋରୁଆ ହାଇସ୍କୁଲ୍‌ରେ ।" କହନ୍ତି ସରୋଜ ରଞ୍ଜନ ।

ବିଶିଷ୍ଟ କବି ଓ କଥାକାର ଦେବଦାସ ଛୋଟରାୟ ମୋର ଗୋଟିଏ ବର୍ଷ ଜୁନିୟର ଥିଲେ । ତାଙ୍କର ମଧ୍ୟ ପଲିଟିକାଲ୍ ସାଇନ୍ସ ଥିଲା । ବାଣୀବିହାରର ରବିବାସରୀୟ ସାହିତ୍ୟ ସଂସଦ ମାଧ୍ୟମରେ ତାଙ୍କ ସହ ମୋର ପରିଚୟ ଓ ବନ୍ଧୁତା । ସେହି ସମୟରେ ସେ ଆସିଷ୍ଟାଣ୍ଟ ସେକ୍ରେଟେରୀ ହେବାକୁ କଣ୍ଟେଷ୍ଟ କରିବାକୁ ଚାହିଁବାରୁ ମୁଁ ତାଙ୍କୁ ନିବୃତ୍ତ କରିଥିଲି । ସେତେବେଳକୁ ସେ ଲେଖାଲେଖି କରୁଥାଆନ୍ତି । ମୁଁ ତାଙ୍କୁ ସେଇଥିରେ



ମଗ୍ନ ରହିବାକୁ ପରାମର୍ଶ ଦେଇଥିଲି । ପରେ ସୀତାକାନ୍ତ ଓ ଦେବଦାସ ଉଭୟେ ଆଇ.ଏ.ଏସ୍. ପାଇଥିଲେ ।

ଏହା ଭିତରେ ମାଡାମ୍ ଆଣି ଟି-ପୟ ଉପରେ ରଖିଲେଣି ବିଭିନ୍ନ ପ୍ରକାର ମିଠା, ରସୋଗଲା ଓ ତାଙ୍କ ହାତଛଣା କାକରା । ସେଥିରୁ କିଛି ଖାଇ ପାଣି ପିଇଲା ବେଳକୁ ମାଡାମ୍‌ଙ୍କ ହାତରେ ଦୁଇକପ୍ ଚା' ।

ଆମର କଥୋପକଥନକୁ ବିରାମ ଦେଇ ଆମେ ଉଭୟେ ଚା'କପ୍ ଉଠାଇଲୁ । ଚା' ପିଇଲା ପରେ ସାର୍ ତାଙ୍କ ପାନ ଡାଲା ଆଣିଲେ । ଯତ୍ନର ସହ ପାନ ଭାଙ୍ଗୁ ଭାଙ୍ଗୁ ପଚାରିଲେ, "ଖାଇବ ?"

ମୋର ଦୃଷ୍ଟିଭଙ୍ଗୀ ।

◢ **ସାମ୍ପ୍ରତିକ କବିତା ସଂପର୍କରେ ଆପଣ କ'ଣ ମତ ରଖିବେ ?**

▶ ସାଂପ୍ରତିକ କାଳର ଅନେକ ଯୁବପ୍ରତିଭା କାବ୍ୟଜଗତରେ ସକ୍ରିୟ ରହିଛନ୍ତି । ସେମାନଙ୍କ କାବ୍ୟକୃତିରେ ମୁଁ ନୂତନ ପ୍ରତିଶ୍ରୁତି ଓ ପ୍ରଚୁର ସମ୍ଭାବନା ଦେଖିବାକୁ ପାଉଛି । ନିଜର ସାଧନା ଓ ନିଷ୍ଠାରେ ସେମାନେ ସଫଳ ହେବାର ସୁରାକ୍ ମିଳିଥାଏ ।



◢ **ଆପଣ କବିପ୍ରସିଦ୍ଧି ପାଇଥିଲେବି ଆପଣଙ୍କ କବିତା ସଂକଳନର ସଂଖ୍ୟା ସ୍ୱଳ୍ପ । ଏହାର କାରଣ କ'ଣ ?**

▶ ଏହାର କାରଣ ଏଇଆ ଯେ ମୁଁ ଖୁବ୍ କମ୍ କବିତା ଲେଖେ । ତେଣୁ ମୋ କାବ୍ୟକୃତିର ପରିମାଣ ଖୁବ୍ ସଂକ୍ଷିପ୍ତ । କାରଣ ଚେଷ୍ଟାକରି, ଅଙ୍କକଷିଲା ପରି, ନିତିଦିନ କବିତା ଲେଖିବାରେ ମୁଁ ବିଶ୍ୱାସ କରେନାହିଁ । ପରିମାଣ ଅପେକ୍ଷା ମୋ କବିତାରେ ଜୀବନର ନିର୍ଯ୍ୟାସ ଓ ମଣିଷପ୍ରତି ସମ୍ବେଦନାର ଚିତ୍ର ଆଙ୍କିବାରେ ମୁଁ ବିଶ୍ୱାସ କରେ ।

◢ **ଆପଣଙ୍କର ଆଉ ଏକ ପ୍ରମୁଖ ପରିଚୟ ଯେ ଆପଣ ଦୀର୍ଘଦିନ ଧରି 'ଝଙ୍କାର' ସମ୍ପାଦନାରେ ରହିଛନ୍ତି । ଏଇ ସମ୍ପାଦନାକାଳରେ ଆପଣଙ୍କର ମୌଳିକ ଅନୁଭୂତିଟି କ'ଣ ?**

▶ ମୋ ଅନୁଭୂତି ଏଇଆ ଯେ ସାଂପ୍ରତିକକାଳରେ ସାହିତ୍ୟଜଗତରେ ସକ୍ରିୟ ଥିବା ଅନେକ କବି ଓ କଥାକାର କେବଳମାତ୍ର ସାହିତ୍ୟଚର୍ଚ୍ଚା ହିଁ କରନ୍ତି । ସାହିତ୍ୟଚର୍ଚ୍ଚା ଯେ ଭାଷା ନିର୍ଭର ବିଷୟ, ସେକଥା ସେମାନେ ଚିନ୍ତାକରନ୍ତି ନାହିଁ । କେବଳମାତ୍ର ସାହିତ୍ୟ ସର୍ଜନା କଲେ ଓ ଭାଷାଚର୍ଚ୍ଚା ନ କଲେ ସାହିତ୍ୟ ସୃଷ୍ଟି ରସାଳ ହୁଏ ନାହିଁ । ଏ ବିଷୟରେ ଅନେକ ସ୍ରଷ୍ଟା ଓ ସମ୍ପାଦକ ମଧ୍ୟ ସଚେତନ ନୁହନ୍ତି । ସେଥିପାଇଁ ଅନେକତ୍ର ସେମାନଙ୍କ ସାହିତ୍ୟକୃତିରେ ଅସଂଗତି ଓ ଦୁର୍ବଳତା ଆଖିରେ ପଡ଼େ । ଉଦାହରଣ ସ୍ୱରୂପ ଗୋଟିଏ ଗଳ୍ପରେ ପଢ଼ିଥିଲି ଯେ ଏକ ବନ୍ଦ କୋଠରିର କବାଟରେ ସ୍ୱାମୀଟି ଜୋରରେ ହାତ ବାଡ଼ଉଛି ଓ ତା' ହାତ ବାଡ଼େଇବାର 'ସ୍ୱର' କ୍ଷୀଣ ହୋଇଯାଏ । କବାଟରେ ହାତ ବାଡ଼େଇଲେ ସ୍ୱର ସୃଷ୍ଟିହେବ କେମିତି ଓ ଶବ୍ଦ ହେବନାହିଁ କାହିଁକି ? ଆଉ ଗୋଟିଏ ଗଳ୍ପରେ ପୁରୋହିତ ଓ ତାଙ୍କର ଯଜମାନଙ୍କୁ ନେଇ ଚିତ୍ର ରହିଛି । ପୁରୋହିତଙ୍କ ବୃତ୍ତି ହେଲା ପୁରୋହିତି ଓ ଯଜମାନି; ଆଉ ଯଜମାନଙ୍କର ଆଚରଣ ହେଲା ଯଜମାନି । ଏ ବିଷୟରେ ଗଳ୍ପଟିରେ କୁହାଯାଇଛି "ପୁରୋହିତି ଓ ଯଜମାନ, ଏ ଜୀବନରେ କ'ଣ ଅଛି !" ଏହା ପ୍ରକୃତରେ ହେବା କଥା

ମୁଁ ହସିଲି । ସାର୍ ପାନ ମୋଡୁ ମୋଡୁ କହିଲେ, "ନିଜ ହାତରେ ପାନ ଭାଙ୍ଗିବାରେ ଗୋଟେ ଅଲଗା ଚାର୍ମ ଅଛି ।" ହସୁ ହସୁ ମୋ ଆଡ଼କୁ ଖଣ୍ଡେ ପାନ ବଢ଼େଇ ଦେଲେ ସେ ।



ବାଣୀ ବିହାରରୁ ଏମ.ଏ. ପାସ୍ ପରେ ଆପଣ କ'ଣ କଲେ ? ମୋର ଧାରଣା ଥିଲା ସରୋଜ ରଞ୍ଜନ ସିଭିଲ ସର୍ଭିସ୍ କି ଅଧ୍ୟାପନାର ପ୍ରସ୍ତୁତି କରିଥିବେ । କିନ୍ତୁ ମୋର ସମସ୍ତ ଅନୁମାନକୁ ନାକଚ କରିଦେଇ ସେ କହିଲେ, "ଏମ୍.ଏ. ପରେ ମୁଁ କଟକ ଆସି ମଧୁସୂଦନ ଲ' କଲେଜ୍‌ରେ ଆଇନ ପଢ଼ିଲି । ପାଠ ସରିଲା ପରେ ହାଇକୋର୍ଟରେ ଓକିଲାତି ବି କଲି ।"

ଏତାଏଁ ସାହିତ୍ୟ ସମ୍ପର୍କୀତ କଥା ତ କିଛି କହୁ ନାହାନ୍ତି ସରୋଜରଂଜନ, ଯେଉଁଟା ଏ ଆଲୋଚନାର ମୁଖ୍ୟ ବିଭବ । ସମ୍ପାଦନା ବି ଅଛି । ମୁଁ ପଚାରିଲି, "ସାହିତ୍ୟ ପ୍ରତି ଆପଣଙ୍କ ଅନୁରକ୍ତି କେବେଠୁଁ ?"

ହସିଲେ ସରୋଜ ରଞ୍ଜନ । କହିଲେ, "ଚାଳିଶ- ପଚାଶ ଦଶକର ଗାଁ, ଚିତ୍ରୋତ୍ପଳା ନଈ, ଗାଁ ପାଖ ବିଲବନ କାନ୍ତାର ମୋତେ ଆବେଗସିକ୍ତ କରି ରଖୁଥିଲା । ବୋଉ ରାତିରେ ପାଖରେ ଶୁଆଇ କେତେ ଗୀତ ଗାଉଥିଲା । ସେଇସବୁ ଥିଲା ମୋ ଜୀବନ ଅନୁଭବର କଞ୍ଚାମାଲ । ପରବର୍ତ୍ତୀ ସମୟରେ ମୁଁ କିଛି କିଛି କବିତା ଲେଖିଲି । ଆଇ.ଏ. ପଢ଼ିଲା ବେଳେ ଜିଏମ୍ କଲେଜର ମେନ୍ ହଷ୍ଟେଲ ମାଗାଜିନ୍ 'କଳିକା'ରେ ଲେଖୁଥିଲି । ୧୯୫୮ରେ ପ୍ରଥମ ପ୍ରିଣ୍ଟିଂ ପତ୍ରିକା ବାହାରିଲା, ତା ପୂର୍ବରୁ ପ୍ରକାଶ ପାଉଥିଲା ହାତଲେଖା । ବାଣୀବିହାରରେ ପଢ଼ିବା ବେଳେ ମୁଁ ଗଳ୍ପ ଓ କବିତାରେ ପ୍ରଥମ ହେଇଥିଲି । ସେ ଗପଟି 'ଝଙ୍କାର'ରେ ପ୍ରକାଶ ପାଇଥିଲା । ଗପର ନାଁ ଥିଲା 'ମଧ୍ୟାହ୍ନ ତିମିର' ।

ଏମ.ଏସ୍. ଲ' କଲେଜ୍ ଜର୍ଣ୍ଣାଲ୍‌ର ସମ୍ପାଦନା ମଣ୍ଡଳୀର ସଦସ୍ୟ ଥିଲି । ପଢ଼ା ଶେଷ ପରେ ଓଡ଼ିଶା ହାଇକୋର୍ଟରେ ତିନିବର୍ଷ ଓକିଲାତି ଭିତରେ ମୁଁ ଲେଖାଲେଖିରେ ସକ୍ରିୟ ରହିଲି । 'ଝଙ୍କାର' ଓ ଅନ୍ୟାନ୍ୟ ପତ୍ରପତ୍ରିକାରେ ମୋର କବିତା ପ୍ରକାଶ ପାଇଥିଲା । ମୁଁ ସମୁଦାୟ ଚାରିଟି ଗପ ଲେଖିଛି, ଆଉ ଯାହା ସବୁ କବିତା, ବହି ମଧ୍ୟ ମାତ୍ର ଚାରିଟି । ସେ ହସିଲେ ଏକ ଅନାସକ୍ତ ହସ । କବିତାରେ ପ୍ରତିଦ୍ୱନ୍ଦ୍ୱିତା ନୁହଁ ପ୍ରତିବଦ୍ଧତା ଜରୁରୀ । ପରିମାଣାତ୍ମକତା ଠାରୁ

"ପୁରୋହିତି ଓ ଯଜମାନି,ଏ ଜୀବନରେ କ'ଣ ଅଛି !"

◢ **ସମ୍ପାଦନା ଆପଣଙ୍କ ସୃଜନରେ ବାଧକ ହୋଇଛି ବୋଲି ଭାବନ୍ତି କି ?**

► କେବେ ବି ସେମିତି ଭାବେନାହିଁ । ସୃଜନ ଯେମିତି ଏକ ସାହିତ୍ୟକର୍ମ, ସମ୍ପାଦନା ବି ଠିକ୍ ସେମିତି ଏକ ସାହିତ୍ୟକର୍ମ । ସୃଜନ ଓ ସମ୍ପାଦନା ଏକସଙ୍ଗେ କରିବାରେ ଅସୁବିଧା ହୁଏନାହିଁ । କାରଣ ସୃଜନ ତା' ବାଟରେ ଚାଲିଥାଏ ଓ ସମ୍ପାଦନା ତା' ନିଜ ବାଟରେ ।

◢ **ଅନେକ ସମୟରେ ଆପଣ ସମ୍ପାଦକୀୟ ସ୍ତମ୍ଭରେ ବିଭିନ୍ନ ଗଳ୍ପର ବ୍ୟାକରଣଗତ / ଭାଷାଗତ ଓ ବନାନ ଶୁଦ୍ଧି ଉପରେ ନିଜର କଠୋର ମତ ରଖିଥାନ୍ତି । ଅନ୍ୟ କୌଣସି ସମ୍ପାଦକ ଏପରି କରିବାର ନଜିର ନାହିଁ । ପ୍ରତିକ୍ରିୟା କିଛି ଆସେ କି ?**

► ନା, ସେଭଳି କିଛି ପ୍ରତିକ୍ରିୟା ଆସିନାହିଁ । କାରଣ ଆମର ଲେଖକମାନେ ଖୁବ୍ କୁଣ୍ଠାପ୍ରବଣ । ସମ୍ପାଦକ କେବଳ ଲେଖା ସଂଯୋଜନା କରେନାହିଁ, ସେପରି ଭାବିବା ଠିକ୍ ନୁହେଁ । ଗୋଟିଏ ଲେଖା ପାଇଲେ ସମ୍ପାଦକ ତାକୁ ସଂଶୋଧନ ଓ ସମ୍ପାଦନ କରିବା ହିଁ ତାଙ୍କର ମୁଖ୍ୟ କର୍ତ୍ତବ୍ୟ । ଯେଉଁସବୁ ଲେଖାରେ ଭାଷାଗତ, ବନାନଗତ ଓ ବ୍ୟାକରଣଗତ ତ୍ରୁଟି ରହୁଛି, ତାକୁ ସଂଶୋଧନ ଓ ସମ୍ପାଦନା କରିବା ସଙ୍ଗେ ସଙ୍ଗେ ଏହି ତ୍ରୁଟିକୁ ଦର୍ଶାଇବା ମଧ୍ୟ ଆବଶ୍ୟକ । ତା'ହେଲେ ସଂପୃକ୍ତ ଲେଖକ ଓ ଅନ୍ୟ ଲେଖକମାନେ ମଧ୍ୟ ସେପ୍ରକାର ତ୍ରୁଟି ବିଷୟରେ ସଚେତନ ହେବେ ।

◢ **ସମ୍ପାଦକର ମୌଳିକ ଧର୍ମଟି କ'ଣ ବୋଲି ଆପଣ କହିବେ ?**

► ସମ୍ପାଦକର ମୌଳିକ ଧର୍ମଟି ହେଉଛି ଲେଖକମାନଙ୍କୁ ସଚେତନ କରିବା । ଏବଂ ସେହି ମାଧ୍ୟମରେ ପାଠକମାନଙ୍କୁ ମଧ୍ୟ ।

◢ **କବିତାରେ ନା ସମ୍ପାଦକ ଭାବରେ, କେଉଁଥିରେ ଆପଣ ଅଧିକ ସନ୍ତୁଷ୍ଟ ?**

► ମୁଁ ଉଭୟରେ, ଅର୍ଥାତ୍ କବିତାରେ ଓ ସମ୍ପାଦନାରେ ହିଁ ସନ୍ତୁଷ୍ଟ ।

◢ **ଆପଣ ଛାତ୍ର ରାଜନୀତି ସହିତ ସଂପୃକ୍ତ ଥିଲେ । ଆପଣଙ୍କର କିଛି ରାଜନୈତିକ ଅଭିଳାଷ ଥିଲା କି ? ତେବେ ବ୍ୟାହତ ହେଲା କାହିଁକି ?**

► ରାଜନୈତିକ ଅଭିଳାଷ ଥିଲା ନିଶ୍ଚୟ । କିନ୍ତୁ ୧୯୭୧ ମସିହାରେ କେନ୍ଦ୍ରାପଡ଼ା ଜିଲ୍ଲାର ପାଟକୁରା ନିର୍ବାଚନ ମଣ୍ଡଳୀରୁ ପ୍ରାର୍ଥୀ ହୋଇ ବିଫଳ ହେଲାପରେ ଯେଉଁ ମୋହଭଙ୍ଗ ହେଲା, ସେଥିରୁ ମୁକୁଳିବା ସମ୍ଭବ ହେଲାନାହିଁ । ତେଣୁ ସେଥିରୁ ସନ୍ନ୍ୟାସ ନେବାକୁ ହେଲା ।

◢ **ସମ୍ପାଦନାରେ ଆପଣଙ୍କର ଆଦର୍ଶ କ'ଣ ?**

► ସଫଳ ଭାଷାଚର୍ଚ୍ଚା ବିଷୟରେ ସଚେତନ କରିବା ଓ ଦିଗ୍‌ଦର୍ଶନ ଦେବା, ସମ୍ପାଦକର ପ୍ରଥମ କର୍ତ୍ତବ୍ୟ । ଗୋଟିଏ ଉଦାହରଣ ଦେଲେ ଏହା ପରିଷ୍କାର ହୋଇଯିବ– ବଗିଚାର ମାଳୀ ଓ ବେକର ମାଳି– ଉଭୟେ ବିଶେଷ୍ୟ ପଦ । ଗୋଟିଏ ବ୍ୟକ୍ତିବାଚକ ବିଶେଷ୍ୟ, ସେ ହେଉଛି ମାଳୀ । କିନ୍ତୁ ବେକରେ ପିନ୍ଧୁଥିବା ମାଳିଟି ବସ୍ତୁବାଚକ ବିଶେଷ୍ୟ । ଏ ବିଷୟରେ ଆପଣ ଲେଖକମାନେ ବିଶେଷ ସଚେତନ ନୁହନ୍ତି । ଏ ଦୁଇ ଶବ୍ଦର ଅର୍ଥଗତ ଅବବୋଧ ଅନୁସାରେ ବନାନ ମଧ୍ୟ ଭିନ୍ନ ଭିନ୍ନ ହୁଏ ।

◢ **ଆପଣ ନିଜର ସାଂପ୍ରତିକ ଜୀବନରେ କେତେ ସନ୍ତୁଷ୍ଟ ?**

► ଯେତିକି ସନ୍ତୁଷ୍ଟ ହେବା କଥା, ମୁଁ ସେତିକି ସନ୍ତୁଷ୍ଟ । ଜୀବନରେ ଯାହା ମିଳିଲା, ତାହା ହିଁ ପ୍ରାପ୍ତି–ଏତିକି ଭାବିନେଲେ କୌଣସି ଅସନ୍ତୋଷଭାବ ରହିବ ନାହିଁ ।

ଗୁଣାତ୍ମକତା ବେଶି ଆବଶ୍ୟକ । ମୋର ସ୍ୱଚ୍ଛ ସୃଜନ ପାଇଁ ମୋର କିଛି ଅବସୋସ ନାହିଁ ।

ଏଠାରେ କହିରଖେ ଯେ କବି ସରୋଜରଞ୍ଜନଙ୍କ କାବ୍ୟଜୀବନର ଆରମ୍ଭ ପ୍ରାୟ ଷାଠିଏ ଦଶକରେ ହୋଇଥିଲେ ହେଁ ସପ୍ତଦଶକ ପରେ ଗୁରୁପ୍ରସାଦ-ରମାକାନ୍ତ-ସୀତାକାନ୍ତଙ୍କ କାବ୍ୟ ପରମ୍ପରାର ଜଣେ ସାର୍ଥକ ପ୍ରତିନିଧି ଭାବେ ଉଭା ହୁଅନ୍ତି । ତା' ସହିତ କବି ମାୟାଧର ମାନସିଂହଙ୍କ ରୋମାଣ୍ଟିକ ଭାବଚେତନାର ପ୍ରଭାବ ତାଙ୍କ କବିତାରେ ପ୍ରତିଫଳିତ ହୁଏ । ବୌଦ୍ଧିକତାର କସରତରୁ ମୁକ୍ତ ତାଙ୍କ କବିତାର ଆବେଗ ସର୍ବଦା ସ୍ୱଚ୍ଛନ୍ଦ ସୁଷମାରେ ମଣ୍ଡିତ । ତାଙ୍କର କବିତ୍ୱ ଅଜସ୍ରସ୍ରାବୀ ନୁହେଁ, କିନ୍ତୁ ମାନବିକ ଚେତନାର ଘନ ନିବିଡ଼ ରୂପକାର ଭାବେ ସେ ସର୍ବଦା ସ୍ୱୀକୃତ ।

“ତେବେ ଆପଣ ସମ୍ପାଦନା ସହ କିପରି ସଂପୃକ୍ତ ହେଲେ ?”


“ଜୀବନର ଗତିପଥ କେତେବେଳେ କେଉଁ ମୋଡ଼ ନେବ କିଏ ଜାଣେ !” କହିଲେ ସରୋଜରଂଜନ । “୧୯୬୮ ମସିହା କଥା । ସେତେବେଳେ ‘ଝଙ୍କାର’ର ସମ୍ପାଦକ ଥାଆନ୍ତି ମହାପାତ୍ର ନୀଳମଣି ସାହୁ । ମୁଁ ଓକିଲାତି କରୁଥାଏ । ସେତେବେଳର ଅବସ୍ଥା ଯାହା । କ୍ଲାଏଣ୍ଟମାନେ ପଇସା ଦେଉନଥାନ୍ତି । ମହତାବ ଡାକିଲେ, ଓକିଲାତି କରି କ'ଣ ପାଣି ବାଡ଼ଉଛ ହୋ? ‘ଝଂକାର’କୁ ଆସ ।”

ମୁଁ ଓକିଲାତି ଛାଡ଼ି ଆସି ‘ଝଙ୍କାର’ର ସହ-ସମ୍ପାଦକ ଭାବରେ ଯୋଗ ଦେଲି । ୧୯୬୯ ଜୁଲାଇ ମାସରେ ମହାପାତ୍ର ନୀଳମଣି ସାହୁ ସମ୍ପାଦକ ପଦ ଛାଡ଼ିଲେ । ମୁଁ ସମ୍ପାଦକ ହେଲି । ସେ ପଦରେ ମୁଁ ରହିଛି ଏଯାବତ୍ । ପଚାଶ ବର୍ଷରୁ ଉର୍ଦ୍ଧ୍ୱ ସମୟ ହେଲାଣି । ୨୦୦୫ରେ ସେବା ନିବୃତ୍ତ ହୋଇଥିଲେ ହେଁ ଏବେ ମଧ୍ୟ ଅଛି । ପଚାଶ ବର୍ଷ ଅର୍ଥାତ୍ ଅର୍ଦ୍ଧଶତାବ୍ଦୀ ଧରି ମୋର ‘ଝଙ୍କାର’ ସହ ସଂପର୍କ, ଅତି ନିବିଡ଼, ନିଜ ନିଜ ଭାବର ସଂପର୍କ ।” ସରୋଜ ରଂଜନ ଯେପରି ବିଭୋର ହେଇ ପଡୁଥିଲେ ।

“ମୁଁ ଶୁଣିଛି ଆପଣଙ୍କର ରାଜନୈତିକ ସଂପୃକ୍ତି ମଧ୍ୟ ଥିଲା ।” ମୁଁ ପଚାରିଲଇ । ଆଉ ଟିକେ ଉଚ୍ଚ ସ୍ୱରରେ ହସିଲେ ସରୋଜ ରଞ୍ଜନ । “ସଂପୃକ୍ତି ଥିଲା ମାନେ ! ମୁଁ ଏମ୍.ଏଲ୍.ଏ. କଣ୍ଟେଷ୍ଟ ବି କରିଥିଲି । ମୋର ରାଜନୈତିକ ଜୀବନର ଭୂମିକାଟିଏ ସାହିତ୍ୟ ଓ ସମ୍ପାଦନା ଭିତରେ ହଜି ଯାଇଛି । କିନ୍ତୁ ଜଣେ ସଂଗ୍ରାମୀ ଛାତ୍ରନେତା ଓ ସକ୍ରିୟ ରାଜନୈତିକ ବ୍ୟକ୍ତିତ୍ୱ ଭାବରେ ମୋର ପରିଚିତି ଥିଲା । ବରଗଡ଼ର ଜର୍ଜ ସିକ୍ସଥ୍ ହାଇସ୍କୁଲରେ ପଢ଼ିଲା ବେଳେ ୧୯୫୬ ସୀମା ଆନ୍ଦୋଳନରେ ସାମିଲ ଥିଲି । ‘ରାଜ୍ୟ ପୁର୍ନଗଠନ’ କମିଶନ ଷଢ଼େଇକଳା ଖରସୁଆଁକୁ ଓଡ଼ିଶାରେ ନ ମିଶାଇବାରୁ ବ୍ୟାପକ ଜନ ଆନ୍ଦୋଳନ ଆରମ୍ଭ ହୋଇଥିଲା । ସେଥିରେ ଛାତ୍ରମାନେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ମୁଁ ସେଥିରେ ସକ୍ରିୟ ଭୂମିକାରେ ଥିଲି । ସେତେବେଳେ ବିଶିଷ୍ଟ ସୋସାଲିଷ୍ଟ୍ ନେତା କିଷନ ପଟ୍ଟନାୟକ ବରଗଡ଼ ଅଞ୍ଚଳରେ ଲୋହିଆ ସୋସାଲିଷ୍ଟ୍ ପାର୍ଟିର ଅର୍ଗାନାଇଜ୍ କରୁଥିଲେ । ସେ ସୀମା ଆନ୍ଦୋଳନର ମିଟିଂକୁ ବରାବର ଆସୁଥିଲେ । ମୋ ଭାଷଣ ଶୁଣି ଖୁସି ହେଉଥିଲେ । ତାଙ୍କ ସହ ଘନିଷ୍ଠତା ବଢ଼ିଲା ପରେ ରାଜନୀତି ପ୍ରତି ମୋର ଆକର୍ଷଣ ଦୃଢ଼ ହୋଇଥିଲା ।



ପୁରୀ ଏସ୍.ସି.ଏସ୍. କଲେଜ୍‌ରେ ଆସି ବି.ଏ. ପଢ଼ିବା ବେଳେ ମୁଁ ଷ୍ଟୁଡେଣ୍ଟସ୍ ଇଉନିୟନ ତରଫରୁ ଜଣେ ସକ୍ରିୟ ଛାତ୍ରନେତାର ଭୂମିକାରେ ଥିଲି । ପୁନଶ୍ଚ ବାଣୀବିହାରରେ ପଢ଼ିବାବେଳେ ଓଡ଼ିଶାରେ ଏକ ଭୟଙ୍କର ଛାତ୍ର ଆନ୍ଦୋଳନ ହୋଇଥିଲା । ସେତେବେଳେ ବିରେନ ମିତ୍ର ଓଡ଼ିଶାର ମୁଖ୍ୟମନ୍ତ୍ରୀ । ସେହି ଆନ୍ଦୋଳନ ୬୦/୬୪ଦିନ ଧରି ଚାଲିଥିଲା ଓ ଜଣେ ଛାତ୍ରନେତା ଭାବରେ ମୋର ସାରା ଓଡ଼ିଶାରେ ପରିଚିତି ଆସିଥିଲା ସେତେବେଳେ ।




ପରବର୍ତ୍ତୀ ସମୟରେ ଓକିଲାତି ପଢ଼ିବା ଓ କରିବା ଭିତରେ ଏପରିକି ‘ଝଙ୍କାର’ରେ ସମ୍ପାଦକ ହେଲା ପରେ ବି ମୁଁ ଆମ ଅଞ୍ଚଳର ବିଭିନ୍ନ ରାଜନୈତିକ ଓ ଜନହିତକର କାର୍ଯ୍ୟରେ ସମ୍ପୃକ୍ତ ରହୁଥିଲି । ସେତେବେଳେ ଆମ ଅଞ୍ଚଳର ପ୍ରମୁଖ ସମସ୍ୟା ଥିଲା ବନ୍ୟା । ଚିତ୍ରୋତ୍ପଳା ଓ ଲୁଣା ନଦୀର ଜଳ ଉଭୟ ପଟରୁ ଆମ ଅଞ୍ଚଳ ପାଇଁ ଦୁଃଖର କାରଣ ଥିଲା । ତେଣୁ ଚିତ୍ରୋତ୍ପଳା ଲେଫ୍ଟ୍ ଓ ଲୁଣା ରାଇଟ୍‌କୁ ଗୋଟେ ବନ୍ୟା ନିରୋଧକ ବନ୍ଧ ବାନ୍ଧିବା କାର୍ଯ୍ୟକ୍ରମ ହାତକୁ ନେଇ ଜନ ଆନ୍ଦୋଳନର ନେତୃତ୍ୱ ନେଇ କେତେକାଂଶରେ ସଫଳ ହୋଇଥିଲି ।

୧୯୬୭ରେ ଓଡ଼ିଶାରେ ଜନକଂଗ୍ରେସ ଗଠନ ହେଲା । ପବିତ୍ର ମୋହନ ପ୍ରଧାନ, ସୁରେନ୍ଦ୍ର ପଟ୍ଟନାୟକ, ଶାନ୍ତନୁ ଦାସ ଆଦି ଏଥିରେ ପ୍ରମୁଖ ସଦସ୍ୟ ଥିଲେ । ମୁଁ ଏହି ଦଳର ସଦସ୍ୟ ଥିଲି । ହରେକୃଷ୍ଣ ମହତାବ କଂଗ୍ରେସ ଛାଡ଼ି ଆସି ମଧ୍ୟ ଜନ କଂଗ୍ରେସରେ ଯୋଗ ଦେଲେ । କିନ୍ତୁ କିଛିଦିନ ପରେ ମହତାବ ଜନ କଂଗ୍ରେସ ଛାଡ଼ି ଯାଇ କଂଗ୍ରେସ (ଆର)ରେ ଯୋଗ ଦେଲେ ।

୧୯୭୧ ନିର୍ବାଚନରେ ମୁଁ ଜନକଂଗ୍ରେସ ଦଳ ତରଫରୁ ପାଟକୁରା ନିର୍ବାଚନ ମଣ୍ଡଳୀର ଏମ୍.ଏଲ୍.ଏ. ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କଲି । ସେତେବେଳେ ବାପା ବରଗଡ଼ରୁ ନିର୍ବାଚନ ପାଇଁ ଆସିଥିଲେ ଓ ତାଙ୍କ ଜିପ୍

## କବିଙ୍କ ସଂପର୍କରେ କହନ୍ତି ପତ୍ନୀ ଉନ୍ମିଳ ମହାନ୍ତି



ତାଙ୍କ କବିତାର ମୁଁ ମୁଗ୍ଧ ପାଠିକା । ତାଙ୍କ ସୃଜନ ଓ ସଂସାରର ସହଯାତ୍ରିଣୀ ଭାବେ ମୁଁ ମୂଳରୁ ଅଛି । ଦୀର୍ଘ ଦାମ୍ପତ୍ୟ ଜୀବନ ଭିତରେ ତାଙ୍କର ଲିଖନ ଓ ସମ୍ପାଦନ କ୍ଷେତ୍ରରେ ସଂପୃକ୍ତିକୁ ମୁଁ ପାରିବାରିକ ସମସ୍ୟା ଭିତରେ ଆଦୌ ବାନ୍ଧି ନାହିଁ । ଲେଖାଲେଖିରେ ମୁଁ ଆଗ୍ରହ ନ ରଖିଲେ ବି ପ୍ରଚୁର ପଢ଼ାପଢ଼ି କରେ । ଜଣେ ସୁନାମଧନ୍ୟ ସମ୍ପାଦକ ଓ କବିଙ୍କ ପତ୍ନୀ ଭାବରେ ମୋର ଅଭିମାନ ରହିବା ସ୍ୱାଭାବିକ ।

# ADMISSION OPEN

**2024-25**
**14th Batch**

One Year Professional Course — Diploma/+2/Graduate Level

## JOURNALISM & MASS COMMUNICATION

## (PJMC)



Course Covered

### ELECTRONIC MEDIA
Script Writing, Reading, Video Journalism

### PRESS LAW

### PRINT MEDIA
News Writing, Editing, Crime Reporting

### PHOTO JOURNALISM

### SOCIAL MEDIA
Application, Ethics , Rules & Regulation

- Odia/English Medium
- Two Semesters
- Limited Seats
- First Come First Serve
- Practical Oriented
- Off / Online Class

ଓଡ଼ିଆ ଭାଷାରେ ସାମ୍ବାଦିକତା
ତାଲିମ୍ର ଗୋଟିଏ ଠିକଣା

## KALINGA MEDIA

kms
Communication for all
since 2005

9040077035

A Premier Media Resource Developmental Institute of Odisha.

OFF: 168-B, Sishubhaban Square
Bapujinagar, BHUBANESWAR
Mob: 9338457035

# ମତ ମନ୍ତବ୍ୟ : କବି ସରୋଜ ରଞ୍ଜନ



ସଂକଳନ ନୁହେଁ, ସମ୍ପାଦକ କହିଲେ ଯାହା ବୁଝାଯାଏ ସେହି ସମ୍ପାଦକ ଭାବରେ ସୁଦକ୍ଷ ସରୋଜ ରଞ୍ଜନ ମହାନ୍ତି । ଶବ୍ଦ ଓ ବାକ୍ୟ ପ୍ରୟୋଗରେ କୌଣସି ପ୍ରକାର ଅଶୁଦ୍ଧ ତାଙ୍କ ଦୃଷ୍ଟିରୁ ବାଦ୍ ଯାଏ ନାହିଁ । ଛାତ୍ର ଜୀବନରେ ଜଣେ ରାଜ୍ୟସ୍ତରୀୟ ନେତା, ପରେ ଉଚ୍ଚ ନ୍ୟାୟାଳୟର ଅଧିବକ୍ତା ଏବଂ ଶେଷରେ 'ଝଙ୍କାର' ଭଳି ପ୍ରତ୍ରିକା ସମ୍ପାଦନାରେ ସୁଦୂର ଅଭିଜ୍ଞତା । ଏସବୁ ଭିତରେ କବିତ୍ୱର ଛଟା । 'ବାଇଗେଣି ଋତୁ'ର ସ୍ରଷ୍ଟା ଭାବେ ସରୋଜ ରଞ୍ଜନ ମହାନ୍ତି ମୋ ଛାତ୍ର ଜୀବନରୁ ପରମ ଆତ୍ମୀୟ ହୋଇ ରହିଛନ୍ତି ।

**ଅଧ୍ୟାପକ ବିଶ୍ୱରଞ୍ଜନ**



କବି ସରୋଜ ରଞ୍ଜନ ମହାନ୍ତିଙ୍କ କବିତାର ମୁଁ ଜଣେ ମୁଗ୍ଧ ପାଠକ । ତାଙ୍କ କବିତାର ରୋମାଣ୍ଟିକ୍ ଭାବବିଳାଶ, ବକ୍ତବ୍ୟରେ ପରିଚ୍ଛିନ୍ନତା, କବିତାର ପ୍ରତ୍ୟେକ ପଂକ୍ତିରେ ବ୍ୟବହୃତ ଶବ୍ଦଙ୍କ ପଟୁଆର, ଚିନ୍ତାର ଚମକ ଓ କବିତାକୁ ଘେରି ରହିଥିବା ପାରିପାର୍ଶ୍ୱିକ ଅନବଦ୍ୟ ଚାକଚକ୍ୟ ମୋତେ ବିମୋହିତ କରିଥାଏ । ଆଧୁନିକ ଓଡ଼ିଆ କବିତାର ମାନସିଂ ଓ ଗଡ଼ନାୟକଙ୍କ ରୋମାଣ୍ଟିକ କାବ୍ୟ ପରମ୍ପରାର ଏକ ସଫଳ କାବ୍ୟ ନାୟକ ରୂପେ ସେ ଯେ ଓଡ଼ିଆ କବିତା ରାଜ୍ୟରେ ସ୍ମରଣୀୟ ହୋଇ ରହିବେ, ଏଥିରେ ସନ୍ଦେହ ନାହିଁ ।

**ଭଗବାନ ଜୟସିଂହ**



ଆପଣାର ଅଶୀତିପର ଅଧ୍ୟାୟରେ ସୁଦ୍ଧା ଆମ ପିଢ଼ି ପାଇଁ ସେ ଏକ ଅନବଦ୍ୟ ଅନୁପ୍ରାଣନମୟ ଯଥାର୍ଥ ଜୀବନାବୃତ୍ତି: ସରୋଜ ରଞ୍ଜନ ମହାନ୍ତି । କାରୁଣିକ କବି ତ ସେ ସୁନିଶ୍ଚିତ, ମାତ୍ର ସମର୍ଥ ସୁଧୀ ସମ୍ପାଦକ ଭାବରେ ଅବିସମ୍ବାଦିତ ତାଙ୍କର ଅଙ୍ଗୀକାରବଦ୍ଧ ଅନବଚ୍ଛିନ୍ନତା । କାହିଁ କେଉଁ କାଳୁ ସୁଦୀର୍ଘ ସାରସ୍ୱତ ସଂସ୍କୃତିବାହୀ 'ଝଂକାର' ପତ୍ରିକାରେ ତାଙ୍କ ସଜାଗ ସଯତ୍ନ ଶବ୍ଦ ସତର୍କ ସମ୍ପାଦନାର ସ୍ୱାତନ୍ତ୍ର୍ୟ, କେତେନାକେତେ ତରୁଣ-ତରୁଣତର ପ୍ରତିଭାଙ୍କୁ ପଲ୍ଲବିତ କରି ଆସିଛି ଓ କରିଆସୁଛି ଏ କାଳ ଯାଏଁ । ଆମ ପିଢ଼ି ପକ୍ଷରୁ ପ୍ରଣାମ ତାଙ୍କୁ ।

**ଗିରିଜାକୁମାର ବଳୀୟାରସିଂହ**



ସିଆଣା ମାନଙ୍କ ସାପ-ଶିଡ଼ି ଖେଳ ଭିତରୁ ଆଡ଼ ହୋଇ ଜହ୍ନରାତି ଖୋଜୁଥିବା ଜଣେ ସ୍ୱାତୀଲଗ୍ନା ଓ ସ୍ନେହରଙ୍କୁଣା ସ୍ରଷ୍ଟା-ପୁରୁଷ ହେଉଛନ୍ତି ସରୋଜ ରଞ୍ଜନ ମହାନ୍ତି । ଦାଗ ଲାଗି ନଥିବା ଗୋଟେ ସାଦା ଲୁଗା ପରିକା ପରିଚ୍ଛନ୍ନ ସଫା ତାଙ୍କ କବିତାର ସ୍ୱଚ୍ଛନ୍ଦ ଅବିବାହିକା । ପ୍ରେମ ପ୍ରୀତିର ପାରାବାରରେ ତେଣୁ ପ୍ରବାହିତ ହେଉଥାଏ ତାଙ୍କ 'କାଗଜ ଡଙ୍ଗାର ଶୋକ' କେବେ ତ 'ବାଇଗଣି ଋତୁରେ' ମହକୁଥାଏ ତାଙ୍କ କବି ପଣର 'ମିଠାମିଠା ବାସ୍ନା' 'ଫୁଲ ଫୁଟାଇବା ମନା'ର ନିଷେଧାଦେଶକୁ ଫୁଟୁକିରେ ଉଡ଼ାଇ ଫୁଲର ମେଖଳାରେ ଜୀବନ ବଞ୍ଚୁଥିବା ଏଇ ସାଦାସିଧା କବି ପୁରୁଷଙ୍କ ଜୀବନରେ ନାହିଁ ସହର-ମଫସଲ ତଫାତ । ସେ ନିଜସ୍ୱ ଏକଣା ଦୁନିଆଁରେ ଏକାଏକା ସାହେନ୍‌ସାହା- ସରୋଜ ରଞ୍ଜନ, ଓଡ଼ିଆ କାବ୍ୟଜାଗତର ଏକ ସୁମଧୁର ଶ୍ରଦ୍ଧାନାମ ।

**ଡକ୍ଟର ବେଣୁଧର ପାଢ଼ୀ**



ଆତ୍ମ ସମ୍ମାନକୁ ଜଳାଞ୍ଜଳି ଦେଇ ନିଜକୁ ପ୍ରଦର୍ଶିତ କରିବାକୁ ବିକଳ ହେଉଥିବା ଭିଡ଼ ବାହାରେ ଶ୍ରୀଯୁକ୍ତ ସରୋଜ ରଞ୍ଜନ ମହାନ୍ତି ଜଣେ ଏକଲା ମଣିଷ । ଆମର ଦୁର୍ଭାଗ୍ୟ ଯେ, ସେଇ ଭିଡ଼ ହିଁ ଆମ ସାମ୍ପ୍ରତିକ ସଂସ୍କୃତିର ମୁଖ୍ୟସ୍ରୋତ । କବି, ସମାଲୋଚକ, ସମ୍ପାଦକ ଓ ସଂସ୍କୃତି ସମୀକ୍ଷକ ଶ୍ରୀଯୁକ୍ତ ମହାନ୍ତି ନିଜର ଆଦର୍ଶ, ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ସାକ୍ଷୀ ରଖି ଭବିଷ୍ୟତର ସାଂସ୍କୃତିକ ପଟ୍ଟ ପରିବର୍ତ୍ତନ ପାଇଁ ବିହନ ଭାବେ କାର୍ଯ୍ୟ କରି ଚାଲିବେ ବୋଲି ଆମର ଆଶା ।

**ଦୀପ୍ତିରଞ୍ଜନ ପଟ୍ଟନାୟକ**



କବି ସରୋଜ ରଞ୍ଜନ ମହାନ୍ତିଙ୍କ ପ୍ରଥମ କବିତା ସଙ୍କଳନ 'କାଗଜଡଙ୍ଗାର ଶୋକ' ପ୍ରକାଶ ପାଏ ୧୯୭୭ ମସିହାରେ । କାବ୍ୟବର୍ଷ ୧୯୭୭ ଓଡ଼ିଆ କାବ୍ୟ ଧାରାରେ ଖୁବ୍ ଗୁରୁତ୍ୱପୂର୍ଣ୍ଣ । ସପ୍ତମ ଋତୁ, ଚିତ୍ରନଦୀ- ଅନ୍ଧମହୁମାଛି- ସପ୍ତମ ପୃଥିବୀ ପ୍ରକାଶନ ସତ୍ତ୍ୱେ ସରୋଜ ରଞ୍ଜନଙ୍କ 'କାଗଜ ଡଙ୍ଗାର ଶୋକ' ନିଜର ପରିଚୟ ନିର୍ମାଣ କରେ । କଂକ୍ରିଟ କବିତାର ନୟାନ୍ତକ ଦୁର୍ଗ ଭିତରୁ କାଗଜ ଡଙ୍ଗା ପରି ଗାଁଦାଣ୍ଡରେ ଭାସିଯିବାର ଆନନ୍ଦ ସରୋଜ ରଞ୍ଜନଙ୍କ ଓଡ଼ିଆ କବିତାରେ ପ୍ରୟୋଗ କଲେ । ପ୍ରୟୋଗବାଦୀ କାବ୍ୟଧାରାର ବନ୍ଦୀଶାଳାରୁ ଓଡ଼ିଆ କବିତାକୁ ସେ ମୁକ୍ତିର ବର୍ଣ୍ଣବୋଧ ଆଡ଼କୁ ଆଗେଇ ନେଇଛନ୍ତି । ଏ ଯାତ୍ରା ଅନନ୍ୟ ଓ ଅବିସ୍ମରଣୀୟ ।

**ଡ. ଦିଲୀପ କୁମାର ସ୍ୱାଇଁ**

---

**ସମ୍ପାଦନା**

**ବିଶ୍ୱ ଦୃଷ୍ଟିରେ ଫକୀରମୋହନ: ଦୀପ୍ତିରଞ୍ଜନ ପଟ୍ଟନାୟକ ଓ ସରୋଜ ରଞ୍ଜନ ମହାନ୍ତିଙ୍କ ମିଳିତ ସମ୍ପାଦନାରେ ପ୍ରକାଶିତ ଏହି ପୁସ୍ତକରେ ଆମେରିକାନ ଲେଖକ ସମେତ ଭାରତୀୟ ଲେଖକମାନଙ୍କ ଉଚ୍ଚକୋଟୀର ଲେଖା ସଂଯୋଜିତ ।**

---

ମୋ ନିର୍ବାଚନ ପ୍ରଚାରରେ ଲାଗିଥିଲା । ହରେକୃଷ୍ଣ ମହତାବ ଜନକଂଗ୍ରେସ ଛାଡ଼ି ଅନ୍ୟତ୍ର (କଂଗ୍ରେସ)ର ପ୍ରାର୍ଥୀ ଭାବରେ ନିର୍ବାଚନ ଲଢୁଥିଲେ ବି 'ଝଙ୍କାର' ପ୍ରେସ୍‌ରୁ ମୋ ପାଇଁ ବିନା ମୂଲ୍ୟରେ ପୋଷ୍ଟର୍ ଛପାଇ ଦେଇଥିଲେ । ଆମେ ଅଲଗା ଅଲଗା ଦଳର ହୋଇଥିଲେ ହେଁ ଆମର ପାରସ୍ପରିକ ସଂପର୍କ ବ୍ୟାହତ ହୋଇ ନଥିଲା । ମହତାବଙ୍କ ସେହି ଉଦାରତାଟି ଥିଲା । କିନ୍ତୁ ସବୁ ସତ୍ତ୍ୱେ ମୁଁ ନିର୍ବାଚନରେ ପରାସ୍ତ ହୋଇଥିଲି । କ୍ଷମତା ରାଜନୀତି ଠାରୁ ମୋହ ଭଙ୍ଗ ଘଟିଲା । ମୁଁ ମୋର ସାହିତ୍ୟ ଓ ସମ୍ପାଦନା ଭିତରକୁ ଫେରି ଆସିଲି ।"

"ସୃଜନ କ୍ଷେତ୍ରରେ ଆପଣଙ୍କ ପ୍ରେରଣା କିଏ" ବୋଲି ମୋ ପ୍ରଶ୍ନର ଉତ୍ତରରେ ସରୋଜ

## ସରୋଜ ରଞ୍ଜନଙ୍କ କେତୋଟି ଉକ୍ତି କବି ଓ କବିତାକୁ ନେଇ

◢ଜୀବନ-ପଥର ତୀକ୍ଷ୍ଣ କଣ୍ଟା ଦ୍ୱାରା ବାରମ୍ବାର କ୍ଷତାକ୍ତ ହେଲେ ବି କେଉଁଠି ଅଟକି ଯିବାକୁ ଚାହେଁନି କବି ତାର ଅମଳିନ, ତାର ଲକ୍ଷ୍ୟସ୍ଥଳ ସୁନିର୍ଦ୍ଦିଷ୍ଟ- ତା'ର ଶୁଭଯାତ୍ରା କାଳ-କାଳାନ୍ତରରେ ପରିବ୍ୟାପ୍ତ ।

◢କବିତା ଲେଖିବା ଓ କବିହେବା / କବି ଭଳି ଜୀବନ ଜିଇବା / ଏକା କଥା ନୁହେଁ । କାରଣ କବିତା ଲେଖିବାର ଯନ୍ତଣା ଠୁଁ ଓ କବି ହେବାର ଅପଯଶ ଠାରୁ ଆହୁରି ଦୁଃଖଦ, ଯନ୍ତ୍ରଣାକାତର ଅନୁଭବର ସାମ୍ରାଜ୍ୟ ।

◢ଯେକୌଣସି ସ୍ରଷ୍ଟାର ସମସ୍ତ ସୃଷ୍ଟି-ସ୍ୱପ୍ନ, ଚିନ୍ତା ଚେତନା ଓ ସାଧନା ସବୁ କାଳରେ ଓ ସବୁ ଦେଶରେ ମଣିଷର ମୁକ୍ତି ଓ ଶାନ୍ତି ପାଇଁ ହିଁ ଉଦ୍ଦିଷ୍ଟ । ମଣିଷର 'ମୁକ୍ତି ଓ ଶାନ୍ତି' ସୃଷ୍ଟିର ଆଧାର ଓ ସ୍ରଷ୍ଟାର ଚରମ ଉଦ୍ଦେଶ୍ୟ, ଏହା ଶିଳ୍ପୀର ପ୍ରାଣ ମଧ୍ୟ । ଯେକୌଣସି କାଳରେ କଳା ସୃଷ୍ଟିର ଅନ୍ତର୍ଭାଗରେ ଏହା ସୁନିର୍ଦ୍ଦିଷ୍ଟ ଥାଏ ।

◢ଏକ ସୁନ୍ଦର ଓ ସୁନ୍ଦର ସ୍ୱାସ୍ଥ୍ୟପୂର୍ଣ୍ଣ ସମାଜ ଗଢ଼ି ତୋଳିବାରେ ଲେଖକ ସ୍ରଷ୍ଟାମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ମଣିଷର ଦୁଃଖସୁଖ, ବ୍ୟଥା ବେଦନା, ହସ ଓ ଅଶ୍ରୁ, ସ୍ୱପ୍ନ ଓ ଯନ୍ତ୍ରଣାକୁ ଏକାନ୍ତ ଭାବରେ ଆତ୍ମୀୟ କରି ଦେଖିଲେ ହିଁ ତାର ଶିଳ୍ପ ସୃଷ୍ଟି ଉଜ୍ଜ୍ୱଳ ଓ କାଳୋତ୍ତୀର୍ଣ୍ଣ ହୋଇ ଇତିହାସ ପୃଷ୍ଠାରେ ଲିପିବଦ୍ଧ ହେବ ।

ରଞ୍ଜନ ଉଚିତ କଥାଟିଏ କହିଲେ । ଆତ୍ମପ୍ରେରଣା ନଥିଲେ, ଆଉ କାହାରି ପ୍ରେରଣା ତୁମକୁ ସୃଜନଶୀଳ କରି ପାରିବ ନାହିଁ । ମୋର ପ୍ରେରକ କେହି ନାହାନ୍ତି, ତେବେ ହାଇସ୍କୁଲରେ ପଢ଼ିବା ବେଳେ ମୋର ଶିକ୍ଷକ ତ୍ରିଲୋଚନ ମେହେର ମୋତେ ଉତ୍ସାହିତ କରିଥିଲେ ।

### ପୁରସ୍କାର ଓ ସମ୍ମାନ

- ଭୁବନେଶ୍ୱର ସାହିତ୍ୟ ସମାଜ ସମ୍ମାନ
- କବିତା ସମ୍ମାନ, କ୍ରୀଡ଼ା ଓ ସଂସ୍କୃତି କେନ୍ଦ୍ର, ଓଡ଼ିଶା
- ଭାନୁଜୀ ରାଓ ସ୍ମାରକୀ ପୁରସ୍କାର
- ସୃଜନର ପାହାଚ ସାହିତ୍ୟ ସମ୍ମାନ
- ପ୍ରଜାତନ୍ତ୍ର ସମ୍ମାନ
- ଚିତ୍ରୋତ୍ପଳା କବିତା ସମ୍ମାନ
- ସାଗରିକା ସାରସ୍ୱତ ସମ୍ମାନ
- ବ୍ରହ୍ମୋତ୍ରୀ-ବିଜୟକୃଷ୍ଣ ସ୍ମୃତି ସମ୍ମାନ

### କବିଙ୍କ ସୃଜନ:ଚାରିଟି କବିତା ସଂଗ୍ରହ

- କାଗଜ ଡଙ୍ଗାର ଶୋକ
- ବାଇଗଣୀ ଋତୁ
- ଫୁଲ ଫୁଟାଇବା ମନା
- ଚିତ୍ର ମେଘ

କଲେଜରେ ପଢ଼ିଲା ବେଳେ ଚିନ୍ତାମଣି ବେହେରାଙ୍କ ଗଦ୍ୟଶୈଳୀ ଓ ସୁରେନ୍ଦ୍ର ମହାନ୍ତିଙ୍କ ଭାଷାର ବର୍ଣ୍ଣବିଭା ମୋତେ ପ୍ରଭାବିତ କରିଛି । ଆଉ ଗୋଟେ ମଜାକଥା ହେଉଛି ମୋ ବାପା ବୋଉ ଜାଣି ନଥିଲେ ଯେ ମୁଁ କବିତା ଲେଖୁଚି ବୋଲି । ମୋର 'ଫୁଲଫୁଟାଇବା' ବହିଟି ତାଙ୍କୁ ଉତ୍ସର୍ଗ କଲା ପରେ ଜାଣିଲେ ଯେ ପୁଅ ତାଙ୍କର କବି ହୋଇଯାଇଛି ।"

ମୁଁ ବାହାରକୁ ଚାହିଁଲି । ପୂର୍ବାହ୍ନ ସରି ଅପରାହ୍ନ ବି ଢଳିବାକୁ ବସିଲାଣି । ଅନ୍ତରଙ୍ଗ ଆଳାପକୁ ସମୟ ଅନାୟାସରେ ଅପହରଣ କରିନିଏ । ଆହୁରି ବହୁତ କଥା ଜାଣିବାର, ଶୁଣିବାର ଥିଲେ ବି ଉଠିବାକୁ ହେବ । ଭୁବନେଶ୍ୱର ଫେରିବି ।

କିନ୍ତୁ ସୃଜନ ଜୀବନ ସହ ବ୍ୟକ୍ତିଗତ କଥା କେତୋଟି ସଂଯୁକ୍ତ ନହେଲେ ପୂର୍ଣ୍ଣାଙ୍ଗ ହେବ ନାହିଁ ଏ ଆଲେଖ୍ୟ । ତେଣୁ ପଚାରିଲି, "ଆପଣ ତ ସବୁଦିନେ କଟକରେ । ଗାଁକୁ ଭୁଲିଗଲେ ?"

ମ୍ଳାନ ହସ ହସିଲେ ସରୋଜ ରଞ୍ଜନ । "ଗାଁକୁ ଯାଏ ବେଳେବେଳେ । ଚାରିଭାଇ ସମସ୍ତେ ବାହାରେ ଘରଦ୍ୱାର କରି ରହିଛନ୍ତି । 'ଝଙ୍କାର'ରେ ରହିବା ଭିତରେ ୧୯୬୯ ଡିସେମ୍ବର ମାସରେ ମୋର ବିବାହ ହୋଇଥିଲା । ଗାଁରୁ ଯିବା ଆସିବା କରେ । ୧୯୯୪ରେ ବାପା ବଲାଙ୍ଗୀର ଛାଡ଼ି ଆସି ଗାଁରେ ରହିଲେ । ଏହା ଭିତରେ ବୋଉର ଦେହାନ୍ତ ହୋଇ ସାରିଥିଲା । ବାପାଙ୍କର ୯୨ବର୍ଷ ବୟସରେ ଦେହାନ୍ତ ହେଲା । ତା'ପର ଠାରୁ ଗାଁ ଘର ସେମିତି ଅଛି । ଯୋବ୍ରାରେ ଆମର କିଛି ଜମି ଥିଲା । ସେ ଜମି ବିକ୍ରି କରି ଦେଲୁ । ତାପରେ ଏଠାରେ ଜାଗା କିଣି ଘର କରି ରହୁଛୁ ।"

### କବି ପରିଚିତି

ନାମ : ସରୋଜ ରଞ୍ଜନ ମହାନ୍ତି
ଜନ୍ମ : ୨୪ ଫେବୃଆରୀ ୧୯୪୨
ଜନ୍ମସ୍ଥାନ: ନାଗଣପୁର, କେନ୍ଦ୍ରାପଡ଼ା, ପାଟକୁରା
ବାପା : ବୈଷ୍ଣବ ଚରଣ ମହାନ୍ତି
ମାତା : ସୌଦାମିନୀ ମହାନ୍ତି
ଶିକ୍ଷା : ଏମ୍.ଏ., ଏଲ୍.ଏଲ୍.ବି
ସଂପ୍ରତି ଅବସ୍ଥାନ: 'ତିତିକ୍ଷା', ମଧୁସୁଦନ ନଗର ତୁଳସୀପୁର, କଟକ-୭୫୩୦୦୮
ଫୋନ : ୯୪୩୭୨୭୭୬୮୬

"ପୁଅ ଝିଅ ?" ମୋର ଏ ପ୍ରଶ୍ନରେ ଟିକେ ଅପ୍ରତିଭ ହେଇ ପଡ଼ିଲେ ସରୋଜ ରଂଜନ । ସ୍ୱାଭାବିକ ପ୍ରଶ୍ନ । ଘର ଭିତରୁ ବି ଜଣାପଡୁଛି ଗହଳ ଚହଳ । ତେବେ !


ସରୋଜ ରଞ୍ଜନ ଟିକେ ପ୍ରକୃତିସ୍ଥ ହେଲା ପରି କହିଲେ, "ଦୁଇପୁଅ, ଗୋଟିଏ ଝିଅ ! ସମସ୍ତେ ବିବାହିତ । ବଡ଼ ପୁଅର ପୁଅଟିଏ । କିନ୍ତୁ ସାନ ପୁଅ ନାହିଁ ।"

ଏହାର ଅର୍ଥ ମୁଁ ଅଣ୍ଡାଳୁ ଅଣ୍ଡାଳୁ ସରୋଜ ରଞ୍ଜନ କହିଲେ, "ସାନପୁଅଟି ଅଠର ବର୍ଷରେ ଚାଲିଗଲା ।"

ମୁଁ ଚମକି ପଡ଼ିଲି । ସେ କହି ଚାଲିଥିଲେ, "ସେ ପ୍ଲସ୍‌ଟୁ କମର୍ସ ପଢୁଥିଲା । ୧୯୯୮ ମସିହା ମାର୍ଚ୍ଚ ୧୫ ତାରିଖ । ସେ ମୋ ଭାଇର ଗୋଟେ ପୁଅ ଦଶମ ଶ୍ରେଣୀରେ ପଢୁଥିଲା, ତା ସାଙ୍ଗକୁ ୨୩ବର୍ଷର ଜଣେ ପୁତୁରା ଚିତ୍ରୋତ୍ପଳାକୁ ଗାଧୋଇ ଯାଇଥିଲେ । ସମସ୍ତେ ନଈ ସଂପର୍କରେ ଅଜ୍ଞ । ବାହାରେ ରହନ୍ତି । ନଈ ଗାଧୁଆର ମଜା ନେବାକୁ ବାଲି ଖେଳ, ବୁଡ଼ାବୁଡ଼ି ଭିତରେ କେତେବେଳେ ଗଣ୍ଡକୁ ଖସିଗଲେ । ଗଣ୍ଡର ଅଣ୍ଡର୍ କରେଣ୍ଟ ଦୁଇ ପୁଅକୁ ଟାଣିନେଲା । ନାତିଟି ସେମାନଙ୍କୁ ବଞ୍ଚାଇବାକୁ ଯାଇ ସେ ବି ବୁଡ଼ିଗଲା । ମୁଁ ସକାଳୁ କଟକ ଚାଲି ଆସିଥାଏ, ଫୋନ୍ ପାଇ ଘରକୁ ଫେରିଲି ।"

ମୁଁ ସରୋଜ ରଞ୍ଜନଙ୍କ ମୁହଁକୁ ଚାହିଁ ପାରୁ ନଥିଲି । ଏ ପ୍ରଶ୍ନଟି ପଚାରି ଦେଇ ଆତ୍ମଗ୍ଲାନିରେ ଭାଙ୍ଗି ପଡୁଥିଲି । ମୁଁ ଏ କଥା ଆଦୌ ଜାଣି ନଥିଲି । ସାମାନ୍ୟ ସୂରାକ ପାଇଥିଲେ ପଚାରି ନଥାନ୍ତି ଏମିତି ବିମର୍ଷକର ପ୍ରଶ୍ନ । ତାଙ୍କ ସ୍ୱରରୁ ଶୁଣୁଥିଲି ଯୁଗପତ୍ ବ୍ୟଥାର କମ୍ପନ । ଆଖିରେ ଅଶ୍ରୁ ଢଳଢଳ । ତଥାପି ସେ ସ୍ଥିତପ୍ରଜ୍ଞ, ତପସ୍ୱୀ । ସ୍ୱାଭାବିକ ହୋଇ କହିଲେ, "ଦୁଇଦିନ ପରେ ମୋତେ ଅଫିସ୍ ଆଦି 'ଝଙ୍କାର' ଏଡିଟ୍ କରି ଓ ଅନ୍ୟାନ୍ୟ ଜମିବାଡ଼ି ସମସ୍ୟା ସମାଧାନ କରି ଫେରିଲି । ଜୀବନ ଅଟକେ ନାହିଁ । ଦୁଃଖ ହେଉ ବା ସୁଖ- ଏ ଆକସ୍ମିକତା ଜୀବନର ଗୋଟିଏ ଗୋଟିଏ ପର୍ଯ୍ୟାୟ....ଏହାକୁ ଗ୍ରହଣ କରିବାକୁ ହୁଏ ।"

ମୁଁ ତଥାପି ନିରୁତ୍ତର ଥିଲି । ଉଠିଲି । ସାର୍ ଓ ମାଡାମଙ୍କର ମଧ୍ୟାହ୍ନ ଭୋଜନ ପାଇଁ ସଶ୍ରଦ୍ଧ ଅନୁରୋଧକୁ ଏଡ଼ାଇ ନମସ୍କାରାନ୍ତେ ମୁଁ ବାହାରକୁ ବାହାରି ଆସିଲି । ସାର୍ ଗେଟ୍ ଯାଏଁ ଆସିଲେ । ମୁଁ ବିଦାୟ ନେଇ ବାଇକ୍ ଷ୍ଟାର୍ଟ କଲି । ନଜର ପଡ଼ିଲା ଆଉଥରେ ଘରର ନାମ 'ତିତିକ୍ଷା' ଉପରେ । ବୁଝିଗଲି କବି ଏ ନାମକରଣଟି କାହିଁକି କରିଛନ୍ତି ।



# ଜନଜାତିର ଯୋଦ୍ଧା



# ସ୍ୱାଧୀନତା ପାଇଁ ଶିଳାର ସଂଗୀତ

**ଡକ୍ଟର ଦେବାଶିଷ ପାତ୍ର**
ବିଭାଗୀୟ ମୁଖ୍ୟ: ଭାଷା ଓ ସାହିତ୍ୟ ବିଭାଗ,
ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର-୭୫୬୦୮୯
ଫୋନ: ୯୪୩୭୫୯୦୮୪୮

ଫଟୋ ସୌଜନ୍ୟ : ଲେଖକ

**ସେ ଲଢ଼େଇ ଥିଲା ଅରଣ୍ୟର ଅଧିକାର ପାଇଁ । ସେ ଲଢ଼େଇ ଥିଲା ବିଶ୍ୱର ଗତ ବୈଷମ୍ୟ ବିରୁଦ୍ଧରେ । ହାତରେ ଥିଲା ପାରମ୍ପରିକ ଧନୁତୀର । ଜଙ୍ଗଲ ପାଲଟିଥିଲା ରଣକ୍ଷେତ୍ର । ନିଜ ଅସ୍ତିତ୍ୱ ଓ ଅସ୍ମିତାର ସେହି ବିଶ୍ରାମରେ ଏକତ୍ରିତ ହୋଇଥିଲେ ଅନେକ ଯୋଦ୍ଧା । ସେମାନଙ୍କୁ ନେଇ ସୃଷ୍ଟି ହୋଇଥିଲା ଅନେକ କାହାଣୀ ଓ କିମ୍ବଦନ୍ତୀ । ସେମାନଙ୍କ ଜୀବନ ଭୂମି ପାଲଟିଥିଲା ଅନେକଙ୍କ ପାଇଁ ଉଦାହରଣ । ସେମାନେ ଗାଇଥିଲେ ଶିଳାର ସଂଗୀତ, ସେଥିରେ ଥିଲା ଅରଣ୍ୟର ଅଗ୍ନି ଓ ଆତ୍ମତ୍ୟାଗର ଅମୃତ । ସେମାନଙ୍କର ଏକମାତ୍ର ଉପଲବ୍ଧି ଥିଲା 'ସ୍ୱେଚ୍ଛାଚାର ବିରୁଦ୍ଧରେ ପ୍ରତିବାଦ ହିଁ ଈଶ୍ୱରୀୟ ସମର୍ପଣ' । ସେଇ ସଂଗ୍ରାମର କତିପୟ ଅନାଲୋଚିତ ଯୋଦ୍ଧାଙ୍କୁ ନେଇ ଏଇ ଆଲେଖ ।**

ସେ ଲଢ଼େଇ ଥିଲା ଅରଣ୍ୟର ଅଧିକାର ପାଇଁ । ସେ ଲଢ଼େଇଥିଲା ବିଶ୍ୱର ଗତ ବୈଷମ୍ୟ ବିରୁଦ୍ଧରେ । ହାତରେ ଥିଲା ପାରମ୍ପରିକ ଧନୁତୀର । ଜଙ୍ଗଲ ପାଲଟିଥିଲା ରଣକ୍ଷେତ୍ର । ନିଜ ଅସ୍ତିତ୍ୱ ଓ ଅସ୍ମିତାର ସେହି ବିଶ୍ରାମରେ ଏକତ୍ରିତ ହୋଇଥିଲେ ଅନେକ ଯୋଦ୍ଧା । ସେମାନଙ୍କୁ ନେଇ ସୃଷ୍ଟି ହୋଇଥିଲା ଅନେକ କାହାଣୀ ଓ କିମ୍ବଦନ୍ତୀ । ସେମାନଙ୍କ ଜୀବନ ଭୂମି ପାଲଟିଥିଲା ଅନେକଙ୍କ ପାଇଁ ଉଦାହରଣ । ସେମାନେ ଗାଇଥିଲା ଶିଳାର ସଂଗୀତ, ସେଥିରେ ଥିଲା ଅରଣ୍ୟର ଅଗ୍ନି ଓ ଆତ୍ମତ୍ୟାଗର ଅମୃତ । ସେମାନଙ୍କର ଏକମାତ୍ର ଉପଲବ୍ଧି ଥିଲା 'ସ୍ୱେଚ୍ଛାଚାର ବିରୁଦ୍ଧରେ ପ୍ରତିବାଦ ହିଁ ଈଶ୍ୱରୀୟ ସମର୍ପଣ ।'

ବ୍ରିଟିଶ ଉପନିବେଶ ବିରୁଦ୍ଧରେ ଭାରତ ବର୍ଷର ପ୍ରଥମ ବିଦ୍ରୋହର ବହୁ ପୂର୍ବରୁ ଆରମ୍ଭ କରିଥିଲେ ସେମାନେ ପ୍ରଥମ ଲଢ଼େଇ । ପଛରେ ପଡ଼ିଥିଲା ପାଇକ ବିଦ୍ରୋହ (୧୮୧୭ଖ୍ରୀ.) ଓ ସିପାହୀ ବିଦ୍ରୋହ (୧୯୫୭ଖ୍ରୀ)ର ଇତିହାସ । ମାତ୍ର ଗଣଜୀବନ ଠୁ ସ୍ୱୀକୃତି ନପାଇ ସେ ବିଦ୍ରୋହର ବହ୍ନି ଇତିହାସ ପୃଷ୍ଠାରେ ଅନାଲୋଚିତ ହୋଇ ରହିଗଲା । ଅରଣ୍ୟର ସେହି ଗଣନାୟକ ମାନେ ପାଲଟି ଥିଲେ ଗୌଣ । ସେମାନଙ୍କ ସଂଗ୍ରାମ କେବଳ ମେଳି ଭିତରେ ସୀମାବଦ୍ଧ ହେଇ ରହିଗଲା ଇତିହାସକାରଙ୍କ ଦୃଷ୍ଟିରେ । ତେବେ ସେହି ଅନାଲୋଚିତ ଅନେକ ବିପ୍ଳବୀଙ୍କ ଭିତରୁ କତିପୟ ଯୋଦ୍ଧାଙ୍କ ସଂପର୍କରେ ଏହି ସ୍ୱତନ୍ତ୍ର ଉପସ୍ଥାପନା । ଯାହା କେବଳ ଜନଜାତିର କାହାଣୀ ଶୁଣାଇବ ନାହିଁ ବରଂ ତାଙ୍କ ପ୍ରଗତିଶୀଳ ବିଚାରର କଥା କହିବ । ସେମାନେ ଯେ ଭାରତୀୟ ସ୍ୱାଧୀନତା ସଂଗ୍ରାମର ମୂଳବୀଜ ବପନ କରିଥିଲେ ଏହି ଆଲୋଚନା ପରେ ତାହା ସ୍ପଷ୍ଟ ହେଇଯିବ ।

## ଅରଣ୍ୟ ଅଧିକାରର ଆଦିନାୟକ: ତିଲ୍‌କା ମାଁଝୀ(୧୭୫୦-୧୭୮୫)

୧୭୮୩ ମସିହାର ଏକ ଶୀତୁଆ ସକାଳ । ଭାଗଲପୁରର ୨୯ବର୍ଷ ବୟସ୍କ ଜିଲ୍ଲାପାଳ ଅଗଷ୍ଟାସ୍ କ୍ଲେଭେଲାଣ୍ଡ ଏକ ସୈନ୍ୟବାହିନୀର ନେତୃତ୍ୱ ନେବା ପାଇଁ ପ୍ରସ୍ତୁତ ହେଉଥାନ୍ତି । ଉଦ୍ଦେଶ୍ୟ ଥିଲା ପାହାଡ଼ିଆ ଆଦିବାସୀଙ୍କ ବିଦ୍ରୋହକୁ ସେ ଦମନ କରିବାକୁ ଯିବେ । ତେବେ ସେତିକିବେଳେ ଖବର ମିଳିଲା ଆଦିବାସୀମାନେ ଗରିଲା ଯୁଦ୍ଧ ପାଇଁ ପ୍ରସ୍ତୁତ ହେଇ ଅଛନ୍ତି ।

ଜିଲ୍ଲାପାଳ ଘୋଡ଼ା ଛୁଟାଇଲେ ଘଞ୍ଚ ଅରଣ୍ୟ ଭିତରକୁ । ପଛରେ ସୈନ୍ୟମାନେ । କିଛିବାଟ ଗଲା ପରେ ଜିଲ୍ଲାପାଳ ଅନୁଭବ କଲେ ଏକ ଯନ୍ତ୍ରଣା ତୀକ୍ଷ୍ଣ ଭାବରେ ଭେଦି ଯାଉଛି ତାଙ୍କ ଭିତରକୁ ଏବଂ ତାଙ୍କୁ ଅସହାୟ କରିଦେଉଛି । ହଠାତ୍ ଦୃଷ୍ଟି ପଡ଼ିଲା ଏକ ତୀର ଭେଦି ଯାଇଛି ତାଙ୍କ ଛାତିରେ । ଏହା...ଏକ ବିଷବୋଳା ହୋଇଥିବା ତୀର ଯାହା ସାଧାରଣତଃ ପାହାଡ଼ିଆ ଲୋକେ ଯୁଦ୍ଧ ସମୟରେ ବ୍ୟବହାର କରୁଥିଲେ ।

ତାଙ୍କର ମନେପଡ଼ିଲା, ଏମିତି ସାହସ ଜଣେ ହିଁ କରିପାରେ, ସେ ତିଲ୍‌କା ମାଁଝୀ । ଯିଏକି ଜଣେ ସାନ୍ତାଳୀ ନେତା ଓ ବ୍ରିଟିଶ୍ ବିରୁଦ୍ଧରେ ଭାରତର ପ୍ରଥମ ବିଦ୍ରୋହର ନେତୃତ୍ୱ ନେଇଥିଲେ ।

▶ଲେଖକ ଡକ୍ଟର ଦେବାଶିଷ ପାତ୍ର



অরণ্য ভিতরু ফেরিআসি শয্যাশায়ী হোইথিলে ক্লেভেলাণ্ড এবং তিনিমাস কাল বিছଣାରେ পড়ି মৃত্যুবরଣ କରିଥିଲେ ।


HIGHLAND
A Highland Group Entity
HIGHLAND
Highland Ajisen
Highland Ajisen
Highland Oishii
PRODUCT OF INDIA
Highland Oishii
Highland De La Mer Pvt. Ltd, founded and promoted by Mr. Pratik Jena is making a mark in the export market of frozen shrimp with good and world class quality materials.
HIGHLAND DE LA MER PVT. LTD
Alupur, O.T Road, Balasore, Odisha, India - 756001
sales@highlanddelamer.in, + 91 - 9861201752
www.highlanddelamer.in



ଓ ଶୋଷଣର ପ୍ରତିକ୍ରିୟା ମାତ୍ର ।

କୋହ୍ଲମାନେ ଅନୁଭବ କରିଥିଲେ ବ୍ରିଟିଶ ଶାସନରେ ଅଣ ଆଦିବାସୀମାନଙ୍କର ପ୍ରାଦୁର୍ଭାବ ବଢ଼ି ଚାଲିଛି ଯେଉଁମାନେ ଆଦିବାସୀର ଜୀବନ ଜୀବିକାକୁ ନଷ୍ଟ କରି ଦେଇଛନ୍ତି । ଏପରିକି ସେମାନଙ୍କୁ ଘର, ଜମି, ହାଣ୍ଡିଆ, ପୋଡୁଚାଷ ସବୁ ପାଇଁ ଖଜଣା ଦେବାକୁ ପଡୁଛି । ତେଣୁ ୧୮୩୦ ର ସେହି ପ୍ରତିକ୍ରିୟା ଥିଲା ବାହାର ଲୋକ ବିରୁଦ୍ଧରେ । ତେବେ ୧୮୩୨ର କୋହ୍ଲ ବିଦ୍ରୋହର ବ୍ରିଟିଶ ବାହିନୀକୁ ଦୋହଲାଇ ଦେଇଥିଲା, ଯାହାର ନେତୃତ୍ୱ ନେଇଥିଲେ ବୁଧୁ ଭଗତ ।

ବ୍ରିଟିଶ ଭାରତର ରାଞ୍ଚି ଜିଲ୍ଲାର ଚାହ୍ନୋ ବ୍ଲକର ଶିଲାଗାଇ ଗ୍ରାମରେ ୧୭୯୨ ମସିହାରେ ଫେବୃଆରୀ ୧୭ରେ ଏକ ଆଦିବାସୀ ପରିବାରରେ ବୁଧୁ ଭଗତଙ୍କ ଜନ୍ମ । ପିଲାଟିଦିନରୁ ଆଦିବାସୀ ସମାଜର ମଙ୍ଗଳ ଚାହୁଁଥିବା ବୁଧୁ ଗୋଟ, ମୁଣ୍ଡା, ଭୂମିଜ, ହୋ, କୋଲ ସମାଜର ବ୍ୟକ୍ତିଙ୍କୁ ନେଇ ବ୍ରିଟିଶ ଓ ଜମିଦାରମାନଙ୍କ ବିରୁଦ୍ଧରେ ସ୍ୱର ଉଠାଇଥିଲେ ଯାହା କୋହ୍ଲ ବିଦ୍ରୋହ ଭାବରେ ପରିଚିତ ।

ବ୍ରିଟିଶ ପ୍ରଭାବରେ ପରିବର୍ତ୍ତିତ ହେଉଥିବା ସମାଜ ଓ ପାରମ୍ପରିକ ସମାଜ ଭିତରେ ବୁଧୁ ପଥର ପରିଛିା ହେଇଥିଲେ । ଗରିଲା ଯୁଦ୍ଧର ନେତୃତ୍ୱ ନେଇ ବ୍ରିଟିଶ ସୈନ୍ୟଙ୍କ ଉପରେ ଆକ୍ରମଣ ସହିତ ବିଦ୍ରୋହର ବହ୍ନିକୁ ତେଜୀୟାନ କରିଥିଲେ । ତେବେ ଏହି ବିଦ୍ରୋହକୁ ଦମନ କରିବା ପାଇଁ ଛୋଟ ନାଗପୁର କମିଶନର ଘୋଷଣା କଲେ । ଯିଏ ବୁଧୁ ଭଗତକୁ ଧରାଇ ଦେବ ତାକୁ ୧୦୦୦ଟଙ୍କାର ଅର୍ଥରାଶି ପୁରସ୍କାର ସ୍ୱରୂପ ମିଳିବ । ତେବେ ବୁଧୁ ଭଗତକୁ ଧରି ହେଉନଥିଲା କି ସୈନ୍ୟମାନେ ହତ୍ୟା କରିପାରୁ ନଥିଲେ ।

୧୮୩୨, ଫେବୃୟାରୀ ମାସ ୧୪ ତାରିଖ । କ୍ୟାପଟେନ୍ ଇମ୍ପିଙ୍କ ନେତୃତ୍ୱରେ ୪୦ସଦସ୍ୟ ବିଶିଷ୍ଟ ୪ଟି ସୈନ୍ୟଦଳ ଭୋର ସମୟରେ ସିଲଗାଁରେ ପହଞ୍ଚିଲେ । ପୂର୍ବରୁ ଖବର ମିଳିଥିଲା ସିଲଗାଁର ଜେଲ୍ ଫେରନ୍ତା ଡକାୟତ ‘ଭୋଲା ସିଂହ’ର ଘର ଉପରେ ବୁଧୁ ଭଗତ ଆକ୍ରମଣ କରିବ । ଏତେ ସଂଖ୍ୟକ ସୈନ୍ୟ ଦେଖି ହତବାକ୍ ହେଲେ କୋହ୍ଲ ବିଦ୍ରୋହୀ । ଗୁଳିବର୍ଷଣ ଆରମ୍ଭ ହେଲା । ସେଠାରେ ଟଳି ପଡ଼ିଲେ ୧୫୦ଜଣ କୋହ୍ଲ ବିଦ୍ରୋହୀ । ବୁଧୁ ଭଗତ ଓ ପରିବାରର ସାତଜଣ ସମସ୍ତେ ମୃତ୍ୟୁ ବରଣ କରିଥିଲେ ।

କୋହ୍ଲ ବିଦ୍ରୋହର ବିଶାଳ ପ୍ରସ୍ତର ଥିବା ବୁଧୁ ଭଗତ ଟଳି ପଡ଼ିବା ସହିତ ଅଧିକାର ପାଇଁ ଲଢ଼େଇ କରୁଥିବା ଗୋଟିଏ ସଂଗ୍ରାମୀ ଜୀବନର ଅନ୍ତଃ ଘଟିଥିଲା ।

## ତ୍ୟାଗର ତାରାଫୁଲ: ସିଧୁ, କାହ୍ନୁ, ଚାନ୍ଦ, ଭୈରବ

୧୮୫୪ ମସିହା ଅଗଷ୍ଟର ଏକ ବର୍ଷଣମୁଖ ସକାଳ । ଭାଗଲପୁର କମିଶନରଙ୍କ ଅଦାଲତରେ ପିଟିସନ୍ ଦାଖଲ କଲେ ଦୁଇ ସାନ୍ତାଳ ଗାଁର ଦୁଇ ମୁଖିଆ ନରସିଂହ ମାଝୀ ଓ କୁନ୍ଦୁରୁ ମାଝୀ । ଏହି ଅଭିଯୋଗ ଥିଲା ଜମିଦାରୀ ଶୋଷଣ ଓ ଜଙ୍ଗଲ ଜମାନର ଅତ୍ୟାଚାର ବିରୁଦ୍ଧରେ । ତେବେ ଏପରି ଅଭିଯୋଗ ଦାଖଲ କରିବାରେ ଏ ଦୁହେଁ ଥିଲେ ଭାରତ ବର୍ଷର ପ୍ରଥମ ଜନଜାତି ବର୍ଗର ଲୋକେ ।

ମାତ୍ର ସମୟ ଗଡ଼ି ଚାଲିଲା । ଅଭିଯୋଗର ଶୁଣାଣି ହେଉନଥିଲା । ଲୋକଙ୍କ ଧୈର୍ଯ୍ୟର ବନ୍ଧ ଭାଙ୍ଗୁଥିଲା । ସରକାରଙ୍କ ବିରୁଦ୍ଧରେ ପ୍ରତିକ୍ରିୟା ପ୍ରକାଶ ପାଉଥିଲା ସାନ୍ତାଳୀ ଗାଁମାନଙ୍କରେ । ଲଛିମପୁର ଗାଁର ମାଁଝୀ ବୀରସିଂହ ଓ ଭୋଗନାଡିହ ଗାଁ ମୁଖିଆ ଚୁଆଁର ମୁର୍ମୁ ପ୍ରତିବାଦ କରି ଜମିଦାରଙ୍କ ଦ୍ୱାରା ଘର ଓ ଜମି ହରାଇଲେ । ଏହି ସମୟରେ ମୁର୍ମୁଙ୍କ ଚାରିପୁଅ ସିଧୁ, କାହ୍ନୁ, ଚାନ୍ଦ, ଭୈରବ ନ୍ୟାୟ ପାଇଁ ଆରମ୍ଭ କଲେ ‘ସାନ୍ତାଳ ହୁଲ୍’(ସାନ୍ତାଳ ବିଦ୍ରୋହ) ।






ସିଧୁ-କାହ୍ନୁଙ୍କ ଡାକରାରେ ଏକତ୍ରିତ ହେଲେ ଦଶହଜାର ସାନ୍ତାଳ । ଯେଉଁଠି ଘୋଷଣା କରାଗଲା ସିଧୁ ମୁର୍ମୁ ସେମାନଙ୍କର ରାଜା, କାହ୍ନୁ- ଉପଦେଷ୍ଟା, ଚାନ୍ଦ-ପ୍ରଶାସକ ଓ ଭୈରବ-ସେନାମୁଖ୍ୟ । ସେହି ସଭାରେ ନିଷ୍ପତ୍ତି ନିଆଗଲା ଦାରୋଗା, ମହାଜନ, ଜମିଦାର ଯଦି ପନ୍ଦର ଦନ ମଧ୍ୟରେ ନ ସୁଧୁରନ୍ତି ତେବେ ସେମାନଙ୍କ ବିରୁଦ୍ଧରେ ଯୁଦ୍ଧ ଘୋଷଣା କରାଯିବ ।

୧୮୫୫ମସିହା ଜୁନ୍ ୩୦ ତାରିଖ ଆନ୍ଦୋଳନ ଡାକରାରେ ନେତୃତ୍ୱ ନେଇ ବାହାରିଲେ କାହ୍ନୁ-ସିଧୁ । ସାଥିରେ ଦଶହଜାର ସାନ୍ତାଳ ଯୁବକ । ଭୋଗନାଡିହର ହାଟ ଚାଲିଥିଲା ବେଳେ ବେପାରୀ, ମହାଜନଙ୍କ ସହିତ ସଂଘର୍ଷ ହେଲା । ଦଶରୁ ଅଧିକ ଲୋକ ପ୍ରାଣ ହରାଇଲେ । ଏହାର ସପ୍ତାହେ ପରେ ଦାରୋଗା ମହେଶ୍ ଲାଲ ଦତ୍ତ ସିଧୁ ମୁର୍ମୁର ଆକ୍ରମଣରେ ପ୍ରାଣ ହରାଇଲା ପରେ ଇଂରେଜ ଶାସକ ପ୍ରତିକ୍ରିୟାଶୀଳ ହୋଇ ଉଠିଲେ ।

ଚାରିଭାଇଙ୍କ ନେତୃତ୍ୱରେ ଠାକୁର ସହର ଅବରୋଧ ସହିତ ମୁର୍ଶିଦାବାଦର ଇଣ୍ଡିଗୋ କାରଖାନାକୁ ଘେରାଉ କରାଗଲା । କ୍ରମଶଃ ସାନ୍ତାଳ ବିଦ୍ରୋହ ବ୍ୟାପୁଥିଲା ବୀରଭୂମି ହଜାରିବାଗ

ଅଞ୍ଚଳକୁ । ତେବେ ବିଦ୍ରୋହ ଦମନ ପାଇଁ ୧୮୫୫ ଅଗଷ୍ଟରେ ସ୍ୱତନ୍ତ୍ର କମିଶନର ଭାବରେ ଏ.ସି.ବିଡ୍‌ୱେଲ୍‌ଙ୍କୁ ନିଯୁକ୍ତି ଦିଆଗଲା । କମିଶନର ବିପ୍ଳବୀ ଚାରିଭାଇଙ୍କୁ ଆତ୍ମ ସମର୍ପଣ କରିବା ପାଇଁ ବିଜ୍ଞପ୍ତି ଜାରିକଲେ ।

ଠିକ୍ ଏହି ସମୟରେ ୩୦ ହଜାର ସାନ୍ତାଳ ପୁରୁଷ, ମହିଳା କଲିକତା ଅଭିମୁଖେ ଚାଲିଲେ ଗଭର୍ଣ୍ଣର ଜେନେରାଲ ଲର୍ଡ଼ ଡେଲ୍‌ହାଉସୀଙ୍କ ପାଖରେ ଅଭିଯୋଗ କରିବା ପାଇଁ ।



୧୮୫୫ ଅଗଷ୍ଟ ୧୯ ତାରିଖରେ ଜଣେ ପରିଚିତଙ୍କ ଷଡ଼ଯନ୍ତ୍ରରେ ଶିକାର ହୋଇ ଗିରଫ ହେବା ପରେ ସିଧୁ ମୁର୍ମୁଙ୍କୁ ଭାଗଲପୁର ଠାରେ ସର୍ବ ସମ୍ମୁଖରେ ଫାଶୀ ଦିଆଗଲା । ସେପ୍ଟେମ୍ବର ଶେଷ ସପ୍ତାହରେ କାହ୍ନୁ ମୁର୍ମୁର ନେତୃତ୍ୱରେ ଆକ୍ରମଣ କରାଯିବାର ଘୋଷଣା ପରେ ଭାଗଲପୁରରେ ୧୦ ନଭେମ୍ବରରେ ମାର୍ଶଲ ଆଇନ୍‌ର ଘୋଷଣା କରାଗଲା ।

ଡିସେମ୍ବର ୧୮୫୫ରେ ବୀରଭୂମର ମାଜିଷ୍ଟ୍ରେଟ୍ ବାରଜଣ ସାନ୍ତାଳ ନେତାଙ୍କୁ ଚିହ୍ନଟ କଲେ ଯେଉଁମାନେ ଧରାଯିବା ଦରକାର ଜୀବିତ ବା ମୃତ ଭାବରେ । ସେହି ତାଲିକାର ଶୀର୍ଷରେ ଥିଲେ ମୁର୍ମୁ ତିନିଭାଇ । ୧୮୫୬ ଫେବୃଆରୀରେ କାହ୍ନୁ ଦୁଇଭାଇଙ୍କ ସହ ଗିରଫ ହେଲେ ଏବଂ ମିଥ୍ୟା ଅଭିଯୋଗରେ ତିନିଜଣଙ୍କୁ ଫାଶୀ ଦିଆଗଲା ।

ମାର୍ଶଲ ଆଇନ୍‌କୁ ଉଠାଇ ଦିଆଗଲା । 'ସାନ୍ତାଳହୁଲ୍'ର ପରିସମାପ୍ତି ହେଲା ବୋଲି ଇଂରେଜ ସରକାର ଖୁସି ଥିଲେ । କିନ୍ତୁ ତ୍ୟାଗର ତାରାଫୁଲ ପାଲଟିଥିବା ଚାରିଭାଇ ଭାରତୀୟଙ୍କ ହୃଦୟ ଆକାଶରେ ରହିଗଲେ ଚିରକାଳ ।

## ଜିଇଁବାର ନୂତନ ଛନ୍ଦ: ବିର୍ସା ମୁଣ୍ଡା(୧୮୩୫-୧୯୦୦)

'ଆବୁ ରାଜ୍ ଏତେ ଜାନା, ମହାରାନୀ ରାଜ୍ ତୁଣ୍ଡୁ ଜାନା'(ମହାରାଣୀ ଶାସନର ପରିସମାପ୍ତି ହେବ, ଆମ ସାମ୍ରାଜ୍ୟ ପ୍ରତିଷ୍ଠା ହେବ)- ଏହି ସ୍ଲୋଗାନରେ କମ୍ପିତ ହେଉଥିଲା ବେଙ୍ଗଲ, ବିହାର, ଓଡ଼ିଶା, ଝାଡ଼ଖଣ୍ଡ ଓ ମଧ୍ୟପ୍ରଦେଶର ଜଙ୍ଗଲ । ବୀର ବର୍ସା ମୁଣ୍ଡାଙ୍କ ଏହି ସ୍ଲୋଗାନରେ ଥରହର ହେଉଥିଲା ବ୍ରିଟିଶ ସାମ୍ରାଜ୍ୟ । ବିଦ୍ରୋହ ବହ୍ନି ବ୍ୟାପି ଚାଲିଥିଲା ଜଙ୍ଗଲରୁ ଜଙ୍ଗଲ । ବିର୍ସା ମୁଣ୍ଡାର ଜୟଧ୍ୱନିରେ ଶୋଇଥିବା ଶକ୍ତି ପାଲଟିଥିଲା ଉତ୍‌ଥିତ ଶକ୍ତିର ସ୍ଫୁଲିଙ୍ଗରେ ।




ତେବେ ବିର୍ସା ମୁଣ୍ଡାଙ୍କର ଏହି ଆନ୍ଦୋଳନ ପଛରେ ଥିଲା ଏକ ଅନ୍ତଃପ୍ରେରଣା । ରାଞ୍ଚିର ଜର୍ମାନ ମିଶନ୍ ସ୍କୁଲରେ ପଢୁଥିବା ବେଳେ ସେ ଅନୁଭବ କଲେ ବ୍ରିଟିଶରମାନଙ୍କର ମୂଳ ଲକ୍ଷ୍ୟ ହେଉଛି ଶିକ୍ଷା ମାଧ୍ୟମରେ ଆଦିବାସୀମାନଙ୍କୁ ଖ୍ରୀଷ୍ଟଧର୍ମରେ ଦୀକ୍ଷିତ କରାଇବା । ତେଣୁ ସେ ପାଠପଢ଼ା ଛାଡ଼ି ମୁଣ୍ଡାମାନଙ୍କ ମୌଳିକ ଧାର୍ମିକ ବିଚାର ପାଇଁ ଜନ ସଚେତନତା ସୃଷ୍ଟି କଲେ ଏବଂ ସେ ନବ୍ୟ ବିଶ୍ୱାସର ନାମ ଥିଲା 'ବିର୍‌ସାତ୍' । କେବଳ ସେତିକି ନୁହେଁ ଔପନିବେଶିକ ଶୋଷଣ ଓ ମିଶନାରୀ କାର୍ଯ୍ୟକଳାପ ବିରୁଦ୍ଧରେ ବିର୍ସା ମୁଣ୍ଡଙ୍କ ନେତୃତ୍ୱରେ ଗଢ଼ି ଉଠିଥିଲା ଗଣ ଆନ୍ଦୋଳନ ।

୧୮୭୫ ମସିହା ନଭେମ୍ବର ୧୫ ତରିଖରେ ବିର୍ଷାମୁଣ୍ଡା ଜନ୍ମ ହେଇଥିଲେ ରାଞ୍ଚିର ଉଲିହାତୁ ଗାଁରେ । ବର୍ତ୍ତମାନ ତାହା ଝାଡ଼ଖଣ୍ଡର ଖୁଣ୍ଟି ଜିଲ୍ଲାରେ । ତେବେ ଏଥିରେ ମତାନ୍ତର ମଧ୍ୟ ରହିଛି । କେହି କେହି ଦାବି କରନ୍ତି ବିର୍ସା ମୁଣ୍ଡାଙ୍କ ଜନ୍ମ ଓଡ଼ିଶାରେ । ପିତା ମୁଗୁଣା ମୁଣ୍ଡା, ମାତା କାର୍ମି ହାତୁ ଏବଂ ବଡ଼ଭାଇ କମତା ମୁଣ୍ଡା ।

ବ୍ରିଟିଶ ଉପନିବେଶ ଦ୍ୱାରା ଆଦିବାସୀ ଜନଜୀବନ ଉପରେ ପଡ଼ିଥିବା କୁପ୍ରଭାବ କାରଣରୁ ଜଙ୍ଗଲଜମିର ଅଧିକାର ହରାଇବା ସହ ମୁଣ୍ଡା, ଓରାଓଁ ମୁଖିଆମାନଙ୍କୁ ନେଇ ବିଦ୍ରୋହର ଭିତ୍ତିକୁ ସୁଦୃଢ଼ କରିଥିଲେ ବିର୍ସା ମୁଣ୍ଡା । ୧୮୯୫ରେ ଜମିଦାରମାନଙ୍କୁ କେହି ଖଜଣା ନଦେବା ପାଇଁ ପ୍ରବର୍ତ୍ତାଇ ଇଂରେଜଙ୍କ ଆକ୍ରୋଶର ଶୀକାର ହେଲେ । ଏହି ଦୁଃସାହସ ଏବଂ ଗଣନେତୃତ୍ୱ କାରଣରୁ ଜନମୁଖରେ ସେ ପାଲଟିଗଲେ 'ଧରତୀଆବା' । ମହାରାଣୀ ଶାସନର ଅନ୍ତଃ ଘଟାଇ ସୁଶାସନର ସ୍ଲୋଗାନ ଦେଇଥିବା ବିର୍ସାଙ୍କୁ ୧୮୯୫ ଅଗଷ୍ଟ ୨୪ତାରିଖରେ ଗିରଫ କରାଗଲା । ଦୁଇ ବର୍ଷ ପରେ ଜେଲ୍‌ରୁ ମୁକୁଳିବା ପରେ ଅନେକ ଗୋପନୀୟ ବୈଠକ କଲେ ବିର୍ସା, 'ଉଲ୍‌ଗୁଲାନ୍'ର ଡାକରା ଦେଲେ ।

୧୯୦୦ ମସିହା ଜାନୁଆରୀ ୫ ତାରିଖରେ ବିର୍ସାଙ୍କ ସମର୍ଥକମାନେ ଦୁଇଜଣ କନେଷ୍ଟବଲଙ୍କୁ ହତ୍ୟା କରିବା ସହ ଖୁଣ୍ଟି ପୋଲିସ ଷ୍ଟେସନ ଆକ୍ରମଣ କଲେ । ବିର୍ସାଙ୍କ ସଂପର୍କରେ ସୂଚନା ପାଇଁ ୫୦୦ଟଙ୍କାର ପୁରସ୍କାର ଘୋଷଣା କରାଗଲା । ସେହି ବର୍ଷ ଫେବୃଆରୀ ୩ ତାରିଖରେ ଚକ୍ରଧରପୁରର ଜାମକୋଶାଇ ଜଙ୍ଗଲରୁ ତାଙ୍କୁ ଗିରଫ କରାଗଲା । କୋର୍ଟର ବିଚାରାଧୀନ ଥିବା ଅବସ୍ଥାରେ ଜୁନ୍ ୯ ତାରିଖରେ ବିର୍ସା ମୁଣ୍ଡାଙ୍କ ଦେହାନ୍ତର ଖବର ବ୍ୟାପିଗଲା । ବିର୍ସାଙ୍କ ଆନ୍ଦୋଳନର ପରିସମାପ୍ତି ହେଲା ସତ ମାତ୍ର ଛୋଟ ନାଗପୁର ଟେନାନ୍ସି ଆକ୍ଟ ୧୯୦୮ରେ ଲାଗୁ କରାଗଲା ଆଦିବାସୀଙ୍କ ଜମିର ସୁରକ୍ଷା ପାଇଁ ।

## ସ୍ନାୟୁରେ ବିଦ୍ରୋହର କଣିକା: ତାମାଦୋରା (୧୮୩୮-୧୮୮୦)

୧୮୮୦ ମସିହା ଜୁଲାଇ ମାସରେ ଏକ ବର୍ଷଣ ମୁଖର ସକାଳ । ଇଂରେଜ କର୍ଣ୍ଣେଲ ମେକ୍‌ସିଡ୍‌ଙ୍କୁ ହାଇଦ୍ରାବାଦ ଠାରେ ନିର୍ଦ୍ଦେଶ ଦିଆଗଲା ୧୦୦ଜଣ ସୈନ୍ୟ ନେଇ ମାଲକାନାଗିରି ଅଭିମୁଖ ଯିବା ପାଇଁ । ଉଦ୍ଦେଶ୍ୟ ଥିଲା କୋୟା ବିଦ୍ରୋହକୁ ଦମନ କରିବା । ହେଲେ ଇଂରେଜ ସୈନ୍ୟ ମାଲକାନାଗିରିରେ ପହଞ୍ଚିବା ପୂର୍ବରୁ ଖବର ପହଞ୍ଚିଲା କୋୟା ବିଦ୍ରୋହୀଙ୍କ ନିକଟରେ । ସେମାନେ ସତର୍କ ହେଲେ । ମୋଟୁ ନିକଟରେ ଇଂରେଜ ଓ କୋୟାବାହିନୀ ମଧ୍ୟରେ



ଲଢ଼େଇ ହେଲା । ଗରିଲା ଲଢ଼େଇର ସାମ୍ନା କରିନପାରି ପଛଘୁଞ୍ଚା ଦେଲେ ଇଂରେଜ ବାହିନୀ । କୋୟା ନେତା ତାମାଦୋରାଙ୍କ ଜୟ ଜୟକାରରେ ଉଛୁଳି ପଡୁଥିଲା ମାଲ୍ୟବନ୍ତର ଘଞ୍ଚ ଜଙ୍ଗଲ ।

୧୮୩୮ ମସିହାରେ ମାଲକାନାଗିରିର ପଦିଆ ଅନ୍ତର୍ଗତ କୋଣ୍ଡାପାଲ୍ଲୀ ଗାଁରେ ତାମାଦୋରାଙ୍କ ଜନ୍ମ ମାଘମାସର ଦ୍ୱିତୀୟ ସୋମବାରରେ ହେଇଥିଲା । ତାଙ୍କ ବାପା ରାମାଦୋରା ଥିଲେ ଗାଁର ମୁଖିଆ । ତେଣୁ ସରକାରୀ ଖଜଣା ଓ ଫରେଷ୍ଟଗାର୍ଡ଼ର ଉତ୍ପୀଡ଼ନର ଅଭିଯୋଗ ଗାଁଲୋକେ ସବୁବେଳେ ରାମାଦୋରାଙ୍କୁ ଜଣାଉଥିଲେ । ତେବେ ବୟସ ବଢ଼ିବା ସହିତ ତାମାଦୋରା ଭଦ୍ରାଞ୍ଚଳମ୍, ବସ୍ତର ଓ ମାଲକାନାଗିରିର ସମସ୍ତ ଅଞ୍ଚଳ ବୁଲି ଆଦିବାସୀଙ୍କ ଭିତରେ ଜନସଚେତନତା ସୃଷ୍ଟି କଲେ ।

ତାମାଦୋରାଙ୍କ ନେତୃତ୍ୱରେ ପ୍ରଥମ କୋୟାବାହିନୀ ଅତ୍ୟାଚାରର ପ୍ରତିବାଦ କରିବାକୁ ଯାଇ ପଡ଼ିଆଥାନା ଆକ୍ରମଣ କଲେ ୧୮୭୯ରେ । ସେଠାରେ ଥିବା ଜଣେ ଇନ୍‌ସ୍‌ପେକ୍ଟର ଓ ଛଅ ଜଣ ସିପାହୀଙ୍କ ମୃତ୍ୟୁ ପରେ ଇଂରେଜ ସରକାରଙ୍କ ମୁଣ୍ଡବ୍ୟଥାର କାରଣ ପାଲଟିଥିଲେ ତାମାଦୋରା । ଏପରିକି ତାମାଦୋରା ଦକ୍ଷିଣ ମାଲକାନାଗିରିରେ ରାଜା ବୋଲି ତାଙ୍କ ସମର୍ଥକମାନେ ଘୋଷଣା କଲେ ।

ପୂର୍ବରୁ ୧୮୭୨ରେ କ୍ଷମତାଚ୍ୟୁତ ହୋଇଥିବା ମାଲକାନାଗିରିର ରାଣୀ ବାଙ୍ଗରାଦେବୀ ତାମାଦୋରାଙ୍କ ସମର୍ଥନରେ କ୍ଷମତାକୁ ଫେରିବାର ସମର୍ଥ ହୋଇଥିଲେ । ତେଣୁ ପଡ଼ିଆ ଥାନା ପୋଡ଼ି ଘଟଣା ପରେ ୧୮୮୦ରେ ମେକ୍‌ୱିଡ଼ଙ୍କୁ ଦାୟିତ୍ୱ ଦିଆ ଯାଇଥିଲା ତାମାଦୋରାଙ୍କୁ ଦମନ କରିବା ପାଇଁ ।

କିଛିଦିନର ନିରବତା ପରେ ୧୮୮୦ ମସିହା ଜୁଲାଇ ମାସ ୨୮ ତାରିଖରେ ଏକ ସମ୍ମୁଖ ଲଢ଼େଇରେ ଇଂରେଜ ସୈନ୍ୟଙ୍କ ଆକ୍ରମଣରେ ନିହତ ହେଲେ ଅନେକ କୋୟା ବିଦ୍ରୋହୀ । ଦୁର୍ବଳ ଓ କ୍ଲାନ୍ତ ହୋଇଥିବା ତାମାଦୋରାଙ୍କ ଉପରେ ଗୁଳିବର୍ଷଣ ହେଲା । ତାମାଦୋରାଙ୍କ ମରଶରୀରକୁ ଇଂରେଜ ସୈନ୍ୟମାନେ ନେଇ ଗୋଦାବରୀ ତଟରେ ଥିବା ରଙ୍ଗା ଜଙ୍ଗଲରେ ଫିଙ୍ଗିଦେଲେ । ନେତୃତ୍ୱ ଅଭାବରୁ କୋୟା ବିପ୍ଳବର ପରିସମାପ୍ତି ଘଟିଥିଲା । ତଥାପି ଆଦିବାସୀଙ୍କ ପାଇଁ ତାଙ୍କ ଆତ୍ମତ୍ୟାଗର ନିଦର୍ଶନକୁ କବି ରାଧାମୋହନ ଗଡ଼ନାୟକ ଦିନେ ଗାଇ ଉଠିଥିଲେ-

"ଅମିତ କଣ୍ଠ ଗର୍ଜି ଉଠିଲା
ରଜତ ଆମର ତାଜା
ମାଲକାନାଗିରି ଆମର ରାଇଜ
ତାମାଦୋରା ଆମ ରାଜା ।"

## ଏକ ଉଦାସ ପକ୍ଷୀର ଗୀତ: ଲକ୍ଷ୍ମଣ ନାୟକ

୧୯୦୩ ମସିହା ମାର୍ଚ୍ଚ ମାସ ୨୯ ତାରିଖ ଭୋର୍ ୫ଟା । ବ୍ରହ୍ମପୁର ଜେଲ୍‌ରେ ଏକ କକ୍ଷରୁ ଭାସି ଆସୁଥାଏ ମହାତ୍ମା ଗାନ୍ଧୀଙ୍କର ପ୍ରିୟ ଭଜନ, "ବୈଷ୍ଣବ ଜନ ତୋ ତେନେ କହିୟେ / ଦେ ପୀଡ଼ ପରାୟୀ ଜାନେରେ/ ପର ଦୁଃଖେ ଉପକାର କରେ ତୋ / ଯେ ମନ୍ ଅଭିମାନ୍ ଆଶେରେ ।" ହଠାତ୍ ଭଜନ ବନ୍ଦ ହେଲା । ସଦାଶିବ ତ୍ରିପାଠୀ ପହଞ୍ଚିଲେ ଲକ୍ଷ୍ମଣ ନାୟକଙ୍କ କାରାକକ୍ଷରେ । ଗଭୀର ଉଦାସ ମୁଖ ମଣ୍ଡଳ, ଆଖିରେ ଅଶ୍ରୁ । ସେ ପଚାରିଲେ- ଲକ୍ଷ୍ମଣ ଘରକୁ କ'ଣ ଖବର ଦେବ ? ଲକ୍ଷ୍ମଣଙ୍କ ଉତ୍ତର- ମୋର ଆଉ କିଛି କହିବାର ନାହିଁ, ସ୍ୱାଧୀନତା ପାଇଁ ଯେଉଁ ଲଢ଼େଇ କଲୁ ସେହି ସ୍ୱରାଜ୍ୟ ଦେଖି ନପାରିବାରୁ ଦୁଃଖିତ ।

କିଛି ସମୟ ପରେ ଫାଶୀ ଖୁଣ୍ଟରେ ଝୁଲାଇବାକୁ ଲକ୍ଷ୍ମଣ ନାୟକଙ୍କୁ ନିଆଗଲା । ଯାଉଯାଉ ସେ କହିଲେ ତାଙ୍କର ଶେଷ ଉକ୍ତି- "ଯେବେ ଆକାଶରେ ଚନ୍ଦ୍ରସୂର୍ଯ୍ୟ ଅଛନ୍ତି, ଦେଖିବ ରହିଥାଅ ସ୍ୱରାଜ୍ୟ ଆସିବ ।"

୧୮୯୯ ମସିହା ନଭେମ୍ବର ୨୨ ତାରିଖ ମାଲକାନାଗିରି ସବ୍‌ଡିଭିଜନର ତେନ୍ତୁଳିଗୁମ୍ମା ଗାଁରେ ଏକ ଭୂମିଆ ପରିବାରରେ ଜନ୍ମ ହେଇଥିଲେ ଲକ୍ଷ୍ମଣ ନାୟକ । ବାପା ପଦଲମ ନାୟକ ଥିଲେ ମୁସ୍ତାଦାର । ତେବେ ଜଙ୍ଗଲ ଜମାନର ଅତ୍ୟାଚାର ଓ ଜଙ୍ଗଲ ଜମିର ଖଜଣା ଆଦିବାସୀଙ୍କ ମନରେ ବିଦ୍ରୋହ ଭରି ଦେଇଥିଲା । ପ୍ରତିବାଦରେ ଇଂରେଜମାନଙ୍କ ବିରୁଦ୍ଧରେ ଲୁଚି ଛପି ଲୋକମାନଙ୍କୁ ବିଦ୍ରୋହ କରିବାକୁ ପ୍ରବର୍ତ୍ତାଇ ଥିଲେ ଲକ୍ଷ୍ମଣ ନାୟକ । ୧୯୨୧ରେ ଗାନ୍ଧୀଙ୍କ ଡାକରାରେ ସେ ଆଗକୁ ବଢ଼ିଲେ ଓ ଇଂରେଜମାନେ ତାଙ୍କୁ ରାଜଦ୍ରୋହୀ ଘୋଷଣା କଲେ । ୧୯୩୧ରେ ରାଧାକୃଷ୍ଣ ବିଶ୍ୱାସରାୟଙ୍କ ପ୍ରେରଣାରେ କଂଗ୍ରେସରେ ଯୋଗ ଦେଇ ସତ୍ୟାଗ୍ରହ କରି କାରାବରଣ କଲେ ।

ଜେଲ୍‌ରୁ ଫେରିବା ପରେ ଇଂରେଜ ଶାସନ ବିରୁଦ୍ଧରେ ଲୋକଙ୍କ ମନରେ ତାଙ୍କ ଅଗ୍ନିବର୍ଷୀ ଭାଷଣ ମାଧ୍ୟମରେ ସ୍ୱାଧୀନତାର ମଂଜ ବୁଣିଲେ ଲକ୍ଷ୍ମଣ । ୧୯୪୨ ଅଗଷ୍ଟ ୨୧ରେ ମାଥିଲି ଥାନା ସମ୍ମୁଖରେ ଆରମ୍ଭ ହେଲା ସତ୍ୟାଗ୍ରହ । ହଜାର ହଜାର ଆଦିବାସୀ ସେହି ସତ୍ୟାଗ୍ରହରେ ଅଂଶ ଗ୍ରହଣ କରିଥିଲା ବେଳେ ଲକ୍ଷ୍ମଣ ନାୟକଙ୍କ ନେତୃତ୍ୱରେ ଥାନା ଉପରେ ତ୍ରିରଙ୍ଗା ଉଡ଼ାଇବାକୁ ଯାଇ ପୁଲିସ ଗୁଳିରେ ଟଳି ପଡ଼ିଲେ ଲିଙ୍ଗା ଭୂମିଆ ଓ ନକୁଳ ମାଡ଼କାମି । ପୋଲିସ ସହିତ ସତ୍ୟାଗ୍ରହୀଙ୍କର ଧସ୍ତାଧସ୍ତି ଚାଲିବା ଭିତରେ ସମରା ନାୟକ, ନରସିଂହ ଭୂମିଆଙ୍କ ପରି ଅନେକ ସହିଦ ହେଲେ । ଆହତ ଓ ମୂର୍ଚ୍ଛିତ ଲକ୍ଷ୍ମଣ ନାୟକଙ୍କୁ ମୃତ ଭାବି ପୋଲିସମାନେ ସେଆଡ଼େ ଦୃଷ୍ଟି ଦେଲେ ନାହିଁ । ପରେ ଖବର ମିଳିଲା ଲକ୍ଷ୍ମଣ ନାୟକ ଜୀବିତ ।

୧୯୪୭ ମସିହା ସେପ୍ଟେମ୍ବର ୨ ତାରିଖରେ ଲକ୍ଷ୍ମଣ ନାୟକ ଗ୍ରାମବାସୀଙ୍କ ଗହଣରେ ବସି ରାମ ଧୁନ୍ ଗାଉଥିବା ବେଳେ ପୋଲିସ୍ ତାଙ୍କୁ ଗିରଫ କରିବା ସହିତ ଅନ୍ୟ ୫୪ଜଣଙ୍କୁ କୋର୍ଟ ଚାଲାଣ କଲେ ।

ଲକ୍ଷ୍ମଣ ନାୟକଙ୍କ ନାମରେ ଫରେଷ୍ଟ ଗାର୍ଡ଼ ରାମାୟାର ହତ୍ୟା ଅଭିଯୋଗର ବିଚାର କରାଗଲା ମିଥ୍ୟା ସାକ୍ଷୀ ସହିତ । କୋରାପୁଟର ସେସନ୍ ଜଜ୍ ଭି.ରାମାନାଥନ୍ କେସ୍ ନମ୍ବର ୧୮/ ତାରିଖ ୧୩.୧୧.୧୯୪୨ରେ ଭାରତୀୟ ଦଣ୍ଡବିଧି ଆଇନ୍ ୩୦୨ ଧାରା ଅନୁଯାୟୀ ଲକ୍ଷ୍ମଣଙ୍କୁ ଫାଶୀ ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ ।

କାଳର କ୍ରୁର ହାତ ମୁଠାରେ ଲକ୍ଷ୍ମଣ ନାୟକଙ୍କ ଶରୀର ମାଟିରେ ମିଶିଲା ସତ, ମାଲ୍ୟବନ୍ତର ବଣ ପାହାଡ଼ରେ ବୁଣି ଦେଇଗଲା ବିପ୍ଳବର ମଞ୍ଜି ।

ଏମିତି ଅନେକ ତ୍ୟାଗର କାହାଣୀ ବଣ ମୁଲକରୁ ଶୁଣିବାକୁ ମିଳେ ତାନ୍ତିଆ ଭାଲ, କୋମାରାମ ଭୀମ୍, ଜୟପାଲ ମୁଣ୍ଡା, ବାଙ୍ଗରାଦେବୀ, ସୀତାରାମ ରାଜୁ, ତୀରଥସିଂଙ୍କୁ ନେଇ । ସେ କାହାଣୀରେ ଏକ ପ୍ରବାହ ରହିଛି । ଯାହା କେବଳ ସେମାନଙ୍କ ଜୀବନଗାଥାକୁ ପରଷେ ନାହିଁ ବରଂ ସେମାନେ ଶୁଣାନ୍ତି ନ୍ୟାୟ ଓ ଅଧିକାରକୁ ଖୋଜୁଖୋଜୁ ସେମାନେ କିପରି ପାଲଟି ଯାଇଛନ୍ତି ଜାତୀୟ ଜୀବନର ସ୍ୱପତି ।




# ସ୍ୱୟଂଭୁ

## ଶିବକଥା ଓ ଶିବଗାଥାରେ ବର୍ଣ୍ଣିତ ଏକ ମହାର୍ଘ୍ୟ ସଂକଳନ

ଚତୁର୍ଦ୍ଦଶ ଭୁବନର ସଦା ମଙ୍ଗଳମୟ କର୍ତ୍ତା ତୁମେ,
ହେ ମହାଶିବ ।
ତୁମେ ଓଁ କାର, ଅନଘ, ଅଗାଧ, ଆଶୁତୋଷ ଆଦିନାଥ ।
ତୁମେ ବି ନଟରାଜ, ନୀଳକଣ୍ଠ, ନାଗଭୂଷଣ, ନୃତ୍ୟପ୍ରିୟ ।
ତୁମେ ମଧ୍ୟ ପରମଜ୍ୟୋତି, ପରମେଶ୍ୱର, ପଶୁପତି, ପିନାକି ।
ତୁମେ ନିତ୍ୟ, ତୁମେ ଚନ୍ଦନ, ଏକ ଅନୁପମ ସାଧନ ।
ତୁମେ ପ୍ରାଣର ପ୍ରାଣସ୍ୱରୂପ, ଜୀବନ ଓ ଜଗତର କାରଣ ।
ତୁମେ ସତ୍ୟ, ଶିବ ଓ ସୁନ୍ଦର ।
ସଂସାରର ସଂଚାଳକ, ସଂସ୍ଥାପକ ଓ ପରିପାଳକ ମଧ୍ୟ ତୁମେ ।
ନର-ସୁର-ଅସୁର-ଦାନବ-ଯକ୍ଷ-ପିଶାଚ, ସବୁରି ଦେବାଧିଦେବ ।
ସକଳ ଇନ୍ଦ୍ରିୟ ଶକ୍ତିର ପ୍ରକାଶକ ।
ତୁମେ ବେଦର ଓଁ କାର, ଶବ୍ଦର ଝଙ୍କାର ।
ସବୁ ମାୟା ଓ ଛାୟାର ଅତୀତ ।
ତ୍ୟାଗ ତୁମର ଭୂଷଣ, ଆଶୁ ଆଶୀର୍ବାଦ ତୁମର ସଂପତ୍ତି ।
ସଂସାରର ସକଳ ଭୟ ଓ ବିପତ୍ତି ନାଶ କରୁଥିବାରୁ ତୁମେ ଶିବ ।
ତୁମେ ତର୍କ ଓ ସ୍ତବର ଉର୍ଦ୍ଧ୍ୱରେ ।
ନିତ୍ୟ ଆନନ୍ଦର ଅପାର ମହାସିନ୍ଧୁରେ
ସକଳ ପ୍ରାଣର ପ୍ରାଣସ୍ୱରୂପ ତୁମେ ।
ସବୁ ସୁଖ, ସଂପଦ ଓ ଐଶ୍ୱର୍ଯ୍ୟକୁ ତୁଚ୍ଛ କରି
ଜୀବଙ୍କ ଅକ୍ଷୟାନନ୍ଦ ପାଇଁ ତୁମେ ସାଜିଛ ନୀଳକଣ୍ଠ ।
ତୁମେ କାହା ଠାରୁ ଜାତ ନୁହେଁ, ନିଜେ ହିଁ ଭୂମିରୁ ପରିପ୍ରକାଶ
ହୋଇଥିବାରୁ ତୁମେ - **ସ୍ୱୟଂଭୁ** ॥

ଅନୁପମ ଶିବକଥା, ଶିବଗାଥା ଏବଂ ଓଡ଼ିଶା - ଓଡ଼ିଶା ବାହାରର ବହୁ ପ୍ରସିଦ୍ଧ ଶୈବପୀଠଗୁଡ଼ିକ ଉପରେ ଆଲେଖ୍ୟକୁ ନେଇ ପ୍ରକାଶ ପାଇଛି ଏହି ସଂଗ୍ରହଣୀୟ ସଂକଳନ : **ସ୍ୱୟଂଭୁ** ।
**୮୦ ଜଣ ବିଶିଷ୍ଟ ଲେଖକ/ଲେଖିକାଙ୍କ ଲେଖାରେ ସମୃଦ୍ଧ ହୋଇଛି ଏହାର ପୃଷ୍ଠା ।**

**ହାଡ଼ବୋର୍ଡ଼ ବାଇଣ୍ଡିଂ ସହ ୩୮୮ + ୪୦ ପୃଷ୍ଠା ରଙ୍ଗୀନ ଫଟୋଚିତ୍ର ସହିତ**
**ମୂଲ୍ୟ : ୬୦୦ ଟଙ୍କା**

**ପ୍ରାପ୍ତିସ୍ଥାନ :**
**ଏ.କେ. ନାୟକ ଏଜେନ୍ସି,** ପୁରୁଣା ବସଷ୍ଟାଣ୍ଡ, ଭୁବନେଶ୍ୱର (୯୮୬୧୦୪୬୧୭୯)
**ନାରାୟଣୀ ବୁକ୍ ଷ୍ଟଲ୍,** ପୁରୁଣା ବସଷ୍ଟାଣ୍ଡ, ଭୁବନେଶ୍ୱର (୯୬୬୮୧୮୬୯୨୬)
**ମାଧବ ବୁକ୍ ଷ୍ଟୋର୍,** ଭରତିଆ ଟାୱାର, ବାଦାମବାଡ଼ି, କଟକ (୯୩୪୮୮୨୮୭୮୩)
**ନିରଂଜନ ବେହେରା,** BSNL ଅଫିସ୍ ସାମ୍ନା, ଲିଙ୍କରୋଡ଼, କଟକ (୯୪୩୭୨୫୫୭୪୪)
**ଲୋକସଂପର୍କ ବିଭାଗ,** ରୁଚି ଉଦ୍ୟୋଗ, ମଧୁପାଟଣା, କଟକ (୮୧୧୪୩୭୪୭୦୫)

**ପ୍ରକାଶକ:**
**ଶ୍ରୀ ଶ୍ରୀ ଲକ୍ଷେଶ୍ୱର ମନ୍ଦିର**
**ରଜତ ଜୟନ୍ତୀ ମହୋତ୍ସବ କମିଟି**
ରୁଚି ପରିସର, ଶିଳ୍ପାଂଚଳ
ମଧୁପାଟଣା, କଟକ-୭୫୩୦୧୦
ଯୋଗାଯୋଗ: ୯୪୩୭୨୨୬୭୯୭

*** ରୁଚି ଅନୁଷ୍ଠାନରୁ ବିଶେଷ ରିହାତି ମୂଲ୍ୟରେ ପୁସ୍ତକ ଉପଲବ୍ଧ ***






▶ଲେଖକ ଡକ୍ଟର ଦେବପ୍ରିୟ ପ୍ରିୟଦର୍ଶୀ ଚକ୍ର

# ବାଥୁଡ଼ିଙ୍କୁ ନେଇ ବାରକଥା

**ଡକ୍ଟର ଦେବପ୍ରିୟ ପ୍ରିୟଦର୍ଶୀ ଚକ୍ର**
ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ,
ବାରିପଦା, ମୟୂରଭଞ୍ଜ-୭୫୭୦୦୩
ଫୋନ: ୭୮୭୩୭୧୯୧୬୩
ଫଟୋ ସୌଜନ୍ୟ : ଲେଖକ

ବାଥୁଡି ଏମିତି ଏକ ଜନଜାତି ଯେଉଁମାନେ ସାରା ଭାରତରେ କେବଳ ଚାରିଟି ରାଜ୍ୟ ଓଡ଼ିଶା, ଝାରଖଣ୍ଡ,ବିହାର ଓ ପଶ୍ଚିମବଙ୍ଗରେ ଦେଖାଯାଆନ୍ତି । ଆମ ଓଡ଼ିଶାର ମୟୂରଭଞ୍ଜ, କେନ୍ଦୁଝର ଓ ବାଲେଶ୍ୱର ଜିଲ୍ଲା ସେମାନଙ୍କ ଆବାସ ସ୍ଥଳ । ମୟୂରଭଞ୍ଜରେ ସବୁଠୁ ଅଧିକ ସଂଖ୍ୟାରେ ବାଥୁଡି ଜନଜାତି ଦେଖାଯାଆନ୍ତି । ମୟୂରଭଞ୍ଜର ପଂଚପିଢ ଉପଖଣ୍ଡ ହେଉଛି ସେମାନଙ୍କ କେନ୍ଦ୍ରସ୍ଥଳ ।

ବାଥୁଡି ଶବ୍ଦ ‘ବାରଥାଳି’ରୁ ଆସିଛି । ‘ବାର’ ଅର୍ଥ ବାର ସଂଖ୍ୟା ଓ ଥାଳି ହେଉଛି ସ୍ଥାନ ବା ଭୂଖଣ୍ଡ । ବାଥୁଡି ଜନଜାତିର ଅନ୍ୟ ନାମ ବାଥୁରି,ବାଥୁହୁଲି । କିମ୍ବଦନ୍ତୀ କହେ ଏମାନେ ଅଯୋଧ୍ୟାର ବାଥୁଡି ଗଡ଼ରୁ ଆସିଛନ୍ତି । ରାମଚନ୍ଦ୍ରଙ୍କ ବନବାସ ଓ ଅଯୋଧ୍ୟାରେ ଭରତଙ୍କ ଶାସନ କ୍ରମରେ ସେମାନେ ମର୍ଯ୍ୟାଦା ପୁରୁଷୋତ୍ତମ ରାମଚନ୍ଦ୍ରଙ୍କୁ ସନ୍ଧାନ କରିବାକୁ ଯାଇ ଅଯୋଧ୍ୟା ଛାଡି ବୁଲୁଥିବା ବେଳେ ଶେଷରେ ନିରାଶ ହୋଇ ଛୋଟନାଗପୁର ମାଳ ଅଂଚଳରେ ବସତି ସ୍ଥାପନ କରିଥିଲେ । ପର୍ଯ୍ୟାୟକ୍ରମେ ସେମାନେ



ମୟୂରଭଞ୍ଜ ରାଜ୍ୟକୁ ଆସିଥିଲେ, ରାଜା ଚନ୍ଦ୍ରସେନଙ୍କୁ ପରାସ୍ତ କରି ଶିମିଳିପାଳର ବାରଟି ଉପତ୍ୟକା (ବାରଥାଳି)ରେ  ବସତି ସ୍ଥାପନ କରିଥିଲେ । ଷଷ୍ଠ, ସପ୍ତମ ଶତାବ୍ଦୀ ସମୟରେ ବାଥୁଡି ରାଜା ଗଡ଼ ଶିମିଳିପାଳ ନାଁରେ ଏକ ରାଜ୍ୟ ପ୍ରତିଷ୍ଠା କରି ନିଜର ଶାସନ କରିଥିଲେ । ବାଥୁଡିମାନଙ୍କର ଜନସଂଖ୍ୟା ବଢିବାରୁ ଚାଷବାସ ପାଇଁ ସେମାନଙ୍କର ଅଧିକ ଭୂମି ଦରକାର ପଡିଲା । ପରବର୍ତ୍ତୀ ସମୟରେ ସେମାନେ କରଞ୍ଜିଆ ଓ ଯଶିପୁର ଅଂଚଳକୁ ସଂପ୍ରସାରିତ ହୋଇଥିଲେ । ବେଶିଦିନ ସେମାନଙ୍କର ପରାକ୍ରମ ରହିଲା ନାହିଁ । ଶେଷରେ ମୟୂରଭଞ୍ଜ ରାଜ୍ୟର ଭଞ୍ଜରାଜାଙ୍କ ନିୟନ୍ତ୍ରଣକୁ ସେମାନେ ଚାଲି ଆସିଲେ । ଭଞ୍ଜରାଜାମାନଙ୍କର ଶାସନ ସୁପରିଚାଳନା ପାଇଁ ବାଇଶ ଜଣ ଜମିଦାର ଥିଲେ । ସେଥିମଧ୍ୟରୁ ଶିମିଳିପାଳ ଅଂଚଳ ପରିଚାଳନା ପାଇଁ ଚାରି ଜଣ ବାଥୁଡି ଜମିଦାର ଥିବା ଜଣାଯାଏ । ସେମାନଙ୍କୁ ମହାପାତ୍ର ଉପାଧି ଭଞ୍ଜ ରାଜା ପ୍ରଦାନ କରିଥିଲେ । ସେମାନଙ୍କ ଆଭିଜାତ୍ୟର ପ୍ରତୀକ ସ୍ୱରୂପ ସେମାନଙ୍କୁ ରାଜା ଗୋଟିଏ ଲେଖା ପତାକା, ରୂପା ଛତା ଓ ଚାମର ପ୍ରଦାନ କରିଥିଲେ । କୌଣସି ପର୍ବପର୍ବାଣୀ ହେଲେ ନିଜର ମର୍ଯ୍ୟାଦାର ସନ୍ତକ ଭାବରେ ସେମାନେ ସଗର୍ବେ ଏହାକୁ ସର୍ବସାଧାରଣ ସ୍ଥଳୀରେ ପ୍ରଦର୍ଶନ କରୁଥିଲେ । ଇତିହାସ କଲେ ଭଞ୍ଜରାଜା ଯଦୁନାଥ ଭଞ୍ଜଙ୍କ ରାଜତ୍ୱକାଳରେ ବାଥୁଡି ମାନଙ୍କ ମୁଖିଆ ତାଙ୍କ ବିରୋଧରେ ବିଦ୍ରୋହ କରିଥିଲେ । ଟେଂଟାପୋଷି ଯୁଦ୍ଧରେ ରାଜା ବାଥୁଡି ମୁଖିଆଙ୍କୁ ପରାସ୍ତ କରିଥିଲେ ଓ ରାଜ୍ୟରୁ ବିତାଡିତ କରିଥିଲେ ।

ସଂପ୍ରତି ବାଥୁଡିମାନେ ପାହାଡିଆ ଅଂଚଳ ଛାଡି ଅନ୍ୟ ଜନଜାତି ସହ ସମତଳରେ ବସବାସ କରୁଛନ୍ତି । ଏମାନେ ମୟୂରଭଞ୍ଜର ପ୍ରମୁଖ ଜନଜାତି । ଅତୀତରେ ବାଥୁଡିମାନେ ରାଜା, ମନ୍ତ୍ରୀ, ସେନାପତି ଆଦି ପଦରେ କାର୍ଯ୍ୟ କରୁଥିଲେ । ସେମାନେ ପ୍ରକୃତ ଯୋଦ୍ଧା ଭାବରେ ଖ୍ରୀଷ୍ଟପୂର୍ବ ୨୬୨ରେ ସଂଗଠିତ କଳିଙ୍ଗ ଯୁଦ୍ଧରେ ଅଂଶଗହଣ କରିଥିଲେ । ସାଧାରଣତଃ ବାଥୁଡି ଜନଜାତି ସେନାପତି, ଦଣ୍ଡସେନା, ବିଶ୍ୱାଳ, ଖଣ୍ଡେଇ, ବେବର୍ତ୍ତା ଆଦି ସାଙ୍ଗିଆରେ ପରିଗଣିତ ହୋଇଥାନ୍ତି । ଆର୍ଯ୍ୟମାନଙ୍କ ରକ୍ତ ସେମାନଙ୍କ ନାଡିରେ ପ୍ରବାହିତ ହେଉଥିବାରୁ ସେମାନେ ସାଂସ୍କୃତିକ ଦୃଷ୍ଟିରୁ ହିନ୍ଦୁ ହୋଇଥିବା ଜଣାଯାଏ । ସେମାନେ ନିଜକୁ  ହିନ୍ଦୁ ସମାଜର ଅନ୍ୟତମ ଶ୍ରେଷ୍ଠ ଜାତି ଭାବରେ ପ୍ରତିପାଦିତ କରିଥାନ୍ତି । ପର୍ବପର୍ବାଣୀରେ ବ୍ରାହ୍ମଣ ଓ ବୈଷ୍ଣବମାନେ ବାଥୁଡିମାନଙ୍କ ଘରେ ଖାଦ୍ୟ ଗ୍ରହଣ କରିଥାନ୍ତି । ବାଥୁଡିମାନେ ଶିମିଳିପାଳକୁ ନିଜର ଜନ୍ମଭୂମି ମାନିଥାନ୍ତି । ରାଜ୍ୟର ଯୁଆଡେ ସ୍ଥାନାନ୍ତରିତ ହୋଇଥିଲେ ବି ଶିମିଳିପାଳ ଉପତ୍ୟକା ସେମାନଙ୍କ ପାଇଁ ପବିତ୍ରଭୂମି ।

ସମାଜତତ୍ତ୍ୱବିଦ୍‌ଙ୍କ ପାଇଁ ବାଥୁଡିମାନଙ୍କ ସାମାଜିକ ଜୀବନ ସବୁବେଳେ ଏକ ଆକର୍ଷଣୀୟ ଅଧ୍ୟୟନର ବିଷୟ ହୋଇଛି । ସେମାନଙ୍କ ମଧ୍ୟରେ ଅନେକ ଉପଜାତି ବ୍ୟବସ୍ଥା । ହିନ୍ଦୁମାନଙ୍କ ଜାତି ବିଭାଜନ ପରି ସେମାନଙ୍କର ବ୍ୟବସ୍ଥା । କାଗ, ଦାହୁକଚରାଇ, କୁରଗୋତ୍ର, ଖଣ୍ଡନ, ପାନିପୋକ, ହସ୍ତୀ,ଲାଲସାଲୁକ ଓ ନାଗ ଆଦି ସେମାନଙ୍କ ଉପଜାତି । ହିନ୍ଦୁମାନଙ୍କ ଭଳି ସେମାନଙ୍କର ମଧ୍ୟ ଗୋତ୍ର ବ୍ୟବସ୍ଥା । ଋଷି,ପକ୍ଷୀ,ପଶୁ,ବୃକ୍ଷ ଓ ଅନ୍ୟାନ୍ୟ



ପ୍ରାକୃତିକ ବିଷୟକୁ ନେଇ ସେମାନଙ୍କର ଗୋତ୍ର । ସେମାନଙ୍କର ଗୋତ୍ର ପରାଶର, ନାଗେଶ୍ୱର ,ଗଣେଶ୍ୱର,କାଶ୍ୟପ,ଶୈଳ, ଭରଦ୍ୱାଜ, ଧାନଫୁଲ, ହସ୍ତୀ ଇତ୍ୟାଦି । ଜନସଂଖ୍ୟା ବୃଦ୍ଧି ସହ ବାଥୁଡି ମାନେ ଅନେକ ପରିବାରରେ ବିଭାଜିତ ହୋଇଛନ୍ତି । ସେମାନଙ୍କ ସାଙ୍ଗିଆ ସଂଖ୍ୟାରେ ମଧ୍ୟ ବୃଦ୍ଧି ଘଟିଛି । ବାଗଜାଡିଆ, ବିଶ୍ୱାଳ, ଦାସ, ଧଳ, ଜାମୁଡିଆ, କୁଅଁର,ଖଟୁଆ, ମଢେଇ, ପାତ୍ର, ସୁଲିଆ ଓ ସେନାପତି ନାଁରେ ବାଥୁଡିମାନଙ୍କ ସାଙ୍ଗିଆ ଦେଖିବାକୁ ମିଳେ ।  ସେମାନଙ୍କ ଜାତି ମୁଖ୍ୟତଃ ଚାରି ପ୍ରକାର, ଯଥା: ମହାପାତ୍ର, ନାୟକ, ପାଇକ ଓ ମୂଳିଆ । ମୟୂରଭଞ୍ଜର ବାଥୁଡିଙ୍କ ମଧ୍ୟରେ ପ୍ରାୟ ୫୬ଟି ସାଙ୍ଗିଆ ଦେଖିବାକୁ ମିଳେ । ଏହି ସାଙ୍ଗିଆ ଗୁଡିକ ସେମାନଙ୍କ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ  ଉପାଧି ସ୍ୱରୂପ ରାଜାଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଜଣାଯାଏ ।

## ବାଥୁଡି : ପରିବାର ପରିଚାଳନା

ବାଥୁଡି ପରିବାର ଗୁଡ଼ିକ ମୂଳତଃ ଅଣୁ ପରିବାରରେ ବିଭାଜିତ । ପୁଅ ବାହା ହେଲା ପରେ ସଙ୍ଗେ ସଙ୍ଗେ ସେ ନିଜର ସ୍ୱତନ୍ତ୍ର ଘର ବସେଇଥାଏ । ବାପର ମୃତ୍ୟୁ ପରେ ପୁଅମାନଙ୍କ ଭିତରେ ସମ୍ପତ୍ତି ଭାଗବାଂଟ ହୋଇଥାଏ । ବଡ଼ପୁଅକୁ ସମ୍ପତ୍ତିର ସିଂହଭାଗ ମିଳିଥାଏ । ପୋଷ୍ୟ ସନ୍ତାନ ଗ୍ରହଣ କ୍ଷେତ୍ରରେ ବାଥୁଡ଼ି ସମାଜରେ ସେମତି କଡାକଡି ନିୟମ ନଥାଏ । ମାତ୍ର ସମାଜ ଠାରୁ ଏଥିପାଇଁ ବିଧିବଦ୍ଧ ସ୍ୱୀକୃତି ଆଣିବାକୁ ପଡିଥାଏ । ପୋଷ୍ୟ ସନ୍ତାନ ଗ୍ରହଣକାରୀ ଜାତିଭାଇଙ୍କୁ ଏଥିପାଇଁ ଗୋଟିଏ ଭୋଜି ଦେବାକୁ ପଡେ । ସମସ୍ତେ ଭୋଜି ଖାଇ ଛୁଆକୁ ଆଶୀର୍ବାଦ କରନ୍ତି । ବାଥୁଡି ପରିବାରରେ ସବୁଠୁ ବୟସ୍କ ବ୍ୟକ୍ତିକୁ ଘରର ମୁରବି ଭାବେ ବିବେଚନା କରାଯାଇଥାଏ । ବାଥୁଡି ସମାଜରେ ସ୍ୱାମୀସ୍ତ୍ରୀ ପରସ୍ପର ପ୍ରତି ଉଦାର ହୋଇଥାନ୍ତି । ପାରସ୍ପରିକ ସହଯୋଗ ଯୋଗୁଁ ସେମାନେ ଏକ ସୁଖମୟ ପାରିବାରିକ ଜୀବନ ଜିଇଁଥାନ୍ତି । ପୁଅଝିଅମାନେ ବାପାମାଙ୍କୁ ଘରକାମରେ ଓ ବିଲବାଡି କାମରେ ସାହାଯ୍ୟ କରିଥାଆନ୍ତି । ବାଥୁଡିମାନେ କେବଳ ନିଜ ସଂପ୍ରଦାୟରେ ନୁହେଁ ନିଜ ଚାରିପଟେ ରହୁଥିବା ଅନ୍ୟ ସଂପ୍ରଦାୟର ଲୋକଙ୍କ ପ୍ରତି ସମଭାବାପନ୍ନ ଭାବ ଦେଖାଇଥାନ୍ତି । ବାଥୁଡି ସମାଜରେ ନିଜ ରକ୍ତସଂପର୍କୀୟଙ୍କ ସହ ବାହାଘର ଉପରେ କଡା କଟକଣା ରହିଛି । ସେହିପରି ଅନ୍ୟ ଜନଜାତି ବା ଆନ୍ତଃଜାତି ବିବାହର ସେମାନେ ଘୋର ବିରୋଧୀ । ଗୋଟିଏ ଗାଁରେ ଅନ୍ୟ ଜନଜାତିଙ୍କ ସହ ସେମାନେ ବାସ କରୁଥିଲେ ହେଁ ସେମାନେ ନିଜ ଜାତିର ପରିଚୟକୁ ବଜାୟ ରଖିଥାନ୍ତି । ଗାଁ ଗୁଡିକରେ ସେମାନେ ନିଜର ସ୍ୱତନ୍ତ୍ର ପଡା ବସେଇଥାନ୍ତି ଯାହା ବାଥୁଡି ସାହି ଭାବରେ

ପରିଚିତ । ମଝିରେ ରାସ୍ତା ଦୁଇପଟେ ଘର ବାଥୁଡି ପଡା ଗୁଡିକର ବିଶେଷତ୍ୱ । ପ୍ରତି ଘରର ଗୋଟିଏ ଅଗଣାଥାଏ । ଘର ଗୁଡିକ ମାଟିକାନ୍ଥ ଓ ଚାଳ ଛପର । ଘରେ ସେମାନେ ଝରକା ନରଖି ବାୟୁ ଓ ଆଲୋକ ପ୍ରବାହିତ ହେବା ପାଇଁ ବଡ ବଡ଼ କଣା ରଖିଥାନ୍ତି । ଶୋଇବା ଘର ବ୍ୟତୀତ ଭଣ୍ଡାର ଘର, ରୋଷେଇ ଘର ଓ ଗୁହାଳ ସେମାନଙ୍କର ଅଲଗା ଥାଏ । ରୋଷେଇ ଘରକୁ ସେମାନେ ପବିତ୍ରସ୍ଥଳ ମାନିଥାନ୍ତି, ଏହା ଇଶାଣ ଘର ଭାବେ କଥିତ । ଘରର ସାମ୍ନାରେ ଅଗ୍ନିମାତାଙ୍କୁ ସ୍ଥାପନା କରିଥାନ୍ତି । ସେମାନଙ୍କର ବିଶ୍ୱାସ ଅଗ୍ନିମାତା ସେମାନଙ୍କୁ ଆଗ୍ନିକ ବିପଦରୁ ରକ୍ଷା କରିବେ । ସେମାନେ ନିଜର ଘରର କାନ୍ଥକୁ ବିଭିନ୍ନ ରଙ୍ଗର ମାଟିରେ ପ୍ରଲେପ ଦେଇଥାନ୍ତି । ଆଜିକାଲି ଆର୍ଥିକ ସ୍ୱଚ୍ଛଳତା କ୍ରମେ ସେମାନେ ପକ୍କାଘରେ ରହିଲେଣି ହେଲେ ଅନେକ ବାଥୁଡି ସାହିରେ ଏହି ପ୍ରକାରର ଘର ଦେଖିବାକୁ ମିଳିଥାଏ ।



ମୟୂରଭଞ୍ଜର ବାଥୁଡିମାନଙ୍କର ଖାଦ୍ୟପେୟ ବେଶ୍ ସରଳ । ସେମାନେ ଉଭୟ ଆମିଷାଷୀ ଓ ଶାକାହାରୀ । ଭାତ ସେମାନଙ୍କର ମୂଳଖାଦ୍ୟ । ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟ ସେମାନଙ୍କ ପ୍ରିୟ ଖାଦ୍ୟ । ପର୍ବପର୍ବାଣୀରେ ସେମାନେ ଖାସି ଓ କୁକୁଡା ମାଂସ ଖାଇଥାନ୍ତି । କଲେଇ ପୋକ ଓ କୁରକୁଟି (କାଇଜନ୍ଦା) ଚଟଣି ସେମାନେ ଖାଇଥାନ୍ତି । ସାନ୍ତାଳଙ୍କ ପରି ସେମାନେ ହାଣ୍ଡିଆ ସେବନ କରନ୍ତି ।

## ବାଥୁଡି : ବେଶପୋଷାକ

ସାନ୍ତାଳଙ୍କ ପରି ବାଥୁଡିମାନଙ୍କର ସ୍ୱତନ୍ତ୍ର ବେଶପୋଷାକ ନଥାଏ । ପୁରୁଷମାନେ ଧୋତି, ଗଞ୍ଜି, ଗାମୁଛା ଓ ମହିଳାମାନେ ଶାଢି ପିନ୍ଧିଥାନ୍ତି । ଅଠରଦେଉଳରେ ବଡାମ ଦେବୀଙ୍କୁ ପୂଜାର୍ଚ୍ଚନା କରିବାକୁ ଗଲାବେଳେ ସେମାନେ ଶୁଦ୍ଧ ବସ୍ତ୍ର ପିନ୍ଧି ଯାଇଥାନ୍ତି । ପୂର୍ବରୁ ଉଭୟ ପୁରୁଷ ଓ ମହିଳାମାନେ ବିଭିନ୍ନ ପ୍ରକାର ସୂତା, ମାଳି ଓ ରୂପାରେ ତିଆରି ଗହଣା ପିନ୍ଧୁଥିଲେ । ଆଜିକାଲି ପୁରୁଷମାନେ ଏହି ପାରମ୍ପରିକ ଗହଣା ପିନ୍ଧିବା କ୍ୱଚିତ ଦେଖା ଯାଇଥାଏ ।



ପୁରୁଷମାନେ ବ୍ରାହ୍ମଣ ଓ କ୍ଷତ୍ରୀୟଙ୍କ ପରି ଦେହରେ ପଇତା ଧାରଣ କରିଥାନ୍ତି । ବାହ୍ୟ ସମାଜ ସଂସ୍ପର୍ଶରେ ଆସି ସେମାନେ ଆଜିକାଲି ଆଧୁନିକ ପୋଷାକ ପିନ୍ଧୁଛନ୍ତି ।

ଚିତା କୁଟେଇବା ବାଥୁଡି ମହିଳାମାନଙ୍କର ପସନ୍ଦ । ଏହାକୁ ସେମାନେ 'ଖଡ଼ା' କହିଥାନ୍ତି । ପରମ୍ପରା ଅନୁଯାୟୀ ବିବାହ ପୂର୍ବରୁ ଝିଅମାନେ କପାଳରେ ଓ ବାହୁରେ ଗୋଟିଏ ଦୁଇଟି ଚିତା କୁଟେଇବାରେ ସେମାନେ ବିଶ୍ୱାସ ରଖନ୍ତି ।

ପ୍ରତ୍ୟେକ ବାଥୁଡି ଗାଁରେ ଯୁବକମାନଙ୍କର ଗୋଟିଏ ଗୋଟିଏ ଆଖଡା ଘର ଥାଏ, ଏହାକୁ ସେମାନେ ଭେଣ୍ଡାପିଆ ବା ଧାଙ୍ଗୁଲି ବସା କହିଥାନ୍ତି । ଏହି ଘରେ ମଧ୍ୟ ଗାଁର ଗୁରୁତ୍ୱପୂର୍ଣ୍ଣ ବୈଠକ ବସେ । ବରିଷ୍ଠମାନେ ଏହିଠାରେ ବସି ସମ୍ପ୍ରଦାୟ ସଂପର୍କିତ ନ୍ୟାୟନିଶାପ କରିଥାନ୍ତି । ଚାଙ୍ଗୁ ନୃତ୍ୟର ଅଭ୍ୟାସ ବା ରିହର୍ସାଲ୍ ଏହି ଘରେ ହେଇଥାଏ । ନିଜ ସଂପ୍ରଦାୟର ସାମାଜିକ,ସାଂସ୍କୃତିକ ବିକାଶର ନିଷ୍ପତି ଏହିଠାରେ ବସି ନିଆଯାଏ । ବାଥୁଡିମାନେ ପୁଅ ଜନ୍ମ ହେଉ ବା ଝିଅ ଉଭୟକୁ ସାଦରେ ଗ୍ରହଣ କରିଥାନ୍ତି । ଝିଅର ଲାଳନ ପାଳନରେ ସେମାନେ କୌଣସି ଭେଦଭାବ ରଖନ୍ତି ନାହିଁ । ପିଲାଜନ୍ମ ହେଲେ ସେମାନେ ନଅଦିନ ଧରି ସମସ୍ତ ରୀତିନୀତି ପାଳନ କରିଥାନ୍ତି । ଏହି ସମୟରେ ପୂଜାର୍ଚ୍ଚନା କରିବା ଓ ଖିଅର ହେବା ନିଷେଧ । ଏହି ନଅଦିନର ରୀତିରିୱାଜ୍‌କୁ ସେମାନେ ନଲିତା ବା ନବେଦା କହିଥାନ୍ତି । ଡାକ୍ତରଖାନା ନଯାଇ ଘର ଭିତରେ ଏବେବି ସେମାନେ ପିଲାଜନ୍ମ କରିଥାନ୍ତି । ପିଲାଜନ୍ମରେ ତାଙ୍କ ସମ୍ପ୍ରଦାୟର ଜଣେ ଅଭିଜ୍ଞ ବୟସ୍କ ମହିଳା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାନ୍ତି । ତାଙ୍କୁ ସେମାନେ କୁସୁରୁଣି ବୁଢୀ କହିଥାନ୍ତି । ପିଲାଜନ୍ମ ହେଲେ ନାମକରଣ ଦିନ ଅନ୍ୟମାନଙ୍କ ଭଳି ଏମାନେ ମଧ୍ୟ ବନ୍ଧୁବାନ୍ଧବ,ସାହିଭାଇଙ୍କୁ ଭୋଜି ଦେଇଥାନ୍ତି । ବାଥୁଡି ସମାଜରେ ଯେତେବେଳେ କାହାର ମୃତ୍ୟୁ ହୁଏ ସେମାନେ ନିଜସ୍ୱ ରୀତିନୀତିରେ ଶବସଂସ୍କାର କରିଥାନ୍ତି । ଅନ୍ୟମାନଙ୍କ ପରି ଦଶଦିନ ଧରି ସେମାନଙ୍କର ଶୁଦ୍ଧିକ୍ରିୟା ହୋଇଥାଏ । ଅକାଳମୃତ୍ୟୁକୁ ସେମାନେ ଦୁର୍ଭାଗ୍ୟ ବିବେଚନା କରିଥାନ୍ତି ଓ ଏହା ଦୁଷ୍ଟଶକ୍ତିର ପ୍ରଭାବରୁ ଘଟିଥାଏ ବୋଲି ବିଶ୍ୱାସ କରନ୍ତି ।

## ବାଥୁଡି : ବିବାହ ବ୍ୟବସ୍ଥା

ମୟୂରଭଞ୍ଜର ବାଥୁଡି ସମ୍ପଦାୟରେ ୭ ପ୍ରକାର ବିବାହ ବ୍ୟବସ୍ଥା ପ୍ରଚଳିତ ହୋଇଥାଏ । ଯଥା: ୧.ଦେଖାଶୁଣା ବାହା (ଯେଉଁଥିରେ ବରପକ୍ଷ କନ୍ୟା ପକ୍ଷ ପକ୍ଷରୁ ଆନୁଷ୍ଠାନିକ ଦେଖାଦେଖି ହୋଇ ଆପୋଷ ଆଲୋଚନା ପରେ ବାହାଘର ହୋଇଥାଏ), ୨.ସଙ୍ଘା ବାହା(ସ୍ୱାମୀ ଠାରୁ ଛାଡ଼ପତ୍ର ପାଇଥିବା ନାରୀ ସହ ବାହାଘର), ୩. ଘିନପଳା ବାହା (ପ୍ରେମ ବିବାହ), ୪. ଘରଧୁକା ବାହା (ଏଥିରେ କନ୍ୟାପିତାକୁ ପ୍ରାପ୍ୟ ଦେଇ ବାହାଘର ହୋଇଥାଏ), ୫. ବଡି ବାହା (ସଙ୍ଗା ବଳରେ ବାହାଘର), ୬.କାମକରା ବାହା (ମଙ୍ଗୁଳା କନ୍ୟାକୁ ସାହାଯ୍ୟ କରିବାକୁ ଯାଇ ବାହାଘର), ୭.ଘରଜମାଇ (ଘର ଜ୍ୱାଇଁ ରହିବାକୁ ଚୁକ୍ତି କରି ବାହାହେବା)



ବାଥୁଡି ସମାଜରେ ବାହାଘର ଗୁଡିକ ବୈଦିକ ରୀତିନୀତି ଅନୁଯାୟୀ ସମାପନ ହୋଇଥାଏ । ବାଥୁଡି ସମ୍ପ୍ରଦାୟର ମଢେଇ ଓ ପଥୁରିଆ ଉପଜାତିର ଲୋକେ ବାହାଘର କର୍ମକାଣ୍ଡରେ ପୁରୋହିତର କାମ କରିଥାନ୍ତି । ବୈବାହିକ ଜୀବନରେ କୌଣସି କାରଣରୁ କନ୍ଦଳ ଲାଗି କେହି ଛାଡ଼ପତ୍ର ଚାହିଁଲେ ବାଥୁଡି ସମ୍ପ୍ରଦାୟର ପ୍ରଧାନଙ୍କ ଅଧ୍ୟକ୍ଷତାରେ ବୟସ୍କ ଲୋକମାନଙ୍କର ଏକ ପରିଷଦ ସଭା ବସେ । ସେହିଠାରେ ଉଭୟ ପକ୍ଷର ମତାମତ ନିଆଯାଇ ଛାଡ଼ପତ୍ର ପାଇଁ ଅନୁମତି ନିଆଯାଏ । ଏହାକୁ ସେମାନେ 'ମୁକ୍ତି' କହିଥାନ୍ତି ।

## ବାଥୁଡି : ସାମାଜିକ ନ୍ୟାୟ ନିୟାମକ

ପ୍ରତ୍ୟେକ ଜନଜାତିର ନିଜ ସମ୍ପ୍ରଦାୟର ଲୋକଙ୍କୁ ନିୟନ୍ତ୍ରିତ କରିବାକୁ ନିର୍ଦ୍ଦିଷ୍ଟ ନିୟାମକ ଥାଏ । ସେହିପରି ବାଥୁଡି ମାନଙ୍କର ସାମାଜିକ-ସାଂସ୍କୃତିକ ଜୀବନରେ ଶାନ୍ତି ଓ ଉତ୍ତମ ସହାବସ୍ଥାନ ପାଇଁ ପାରମ୍ପରିକ ନୀତି ନିୟମ ରହିଛି । ସେମାନଙ୍କର ମଧ୍ୟ ଏକ ରାଜନୈତିକ ବ୍ୟବସ୍ଥା ଓ ପ୍ରକରଣ ରହିଛି । ପରିବାର, ପଡା, ଗାଁ, ପ୍ରଗଣା ଓ ରାଜ୍ୟକୁ ନେଇ ସେମାନଙ୍କର ରାଜନୈତିକ ବ୍ୟବସ୍ଥା । ଗାଁ ମୁଖିଆ ହିଁ ସାମାଜିକ ନୀତି ନିୟମର ପୁରୋଧା । ଗାଁ ମୁଖିଆଙ୍କ ନିର୍ଦ୍ଦେଶ ଅନୁଯାୟୀ ସବୁକିଛି ବ୍ୟବସ୍ଥା ଚାଲିଥାଏ । ସମସ୍ତ ପାରମ୍ପରିକ ନିୟମର ଉଚିତ ପାଳନ ଓ ଉଲ୍ଲଙ୍ଘନର ତଦାରଖ ମୁଖିଆ କରିଥାନ୍ତି । କେହି ପରମ୍ପରା ଓ ନୀତି ନିୟମକୁ ଉଲ୍ଲଘଂନ କଲେ ବାଥୁଡି ସମାଜରେ ତାକୁ ଗୁରୁତ୍ୱର ସହ ଦେଖା ଯାଇଥାଏ । ବାଥୁଡି ପରିଷଦରେ ତାହାର ବିଚାର କରାଯାଏ । କୌଣସି ବ୍ୟକ୍ତି ପାରମ୍ପରିକ ନିୟମକୁ ନମାନିବା ଭଳି କିଛି କାର୍ଯ୍ୟ କଲେ ତାକୁ ସମ୍ପ୍ରଦାୟରୁ ବାସନ୍ଦ କରାଯାଏ । ସେ ପରିବାର ସହ ସମସ୍ତେ ସମ୍ପର୍କ ଛିନ୍ନ କରିଥାନ୍ତି ।

ବାଥୁଡିମାନେ ସ୍ୱାଭାବିକ ଭାବେ କର୍ମଠ । ସେମାନେ ଜୀବିକାର୍ଜନ ପାଇଁ ସକାଳରୁ ରାତି ପର୍ଯ୍ୟନ୍ତ ଖଟିବାରେ ସାମର୍ଥ୍ୟ ରଖନ୍ତି । ଚାଷବାସ, ମାଛଧରା, ପଶୁପାଳନ, ଶିକାର କରିବା ଓ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ବିକ୍ରି କରିବା ମାଧ୍ୟମରେ ନିଜର ଗୁଜୁରାଣ ମେଣ୍ଟାନ୍ତି । ପ୍ରତ୍ୟୁଷରୁ ବିଛଣା ଛାଡିବା ପରେ ଗୁହାଳକୁ ଯାଇ ପୁରୁଷମାନେ ଗୋରୁଗାଈଙ୍କୁ ଖାଇବାକୁ ଦିଅନ୍ତି ଓ ନିଜେ ଗଣ୍ଡେ ଖାଇ ଚାଷକ୍ଷେତକୁ ଯାଆନ୍ତି । ମହିଳାମାନେ ଘରପାଇଟି ସାରି ଚାଷକ୍ଷେତକୁ ପୁରୁଷଙ୍କୁ ସାହାଯ୍ୟ କରିବାକୁ ଯାଆନ୍ତି । ହଳ କରିବା, ବିହନ ବୁଣିବା,ବେଉଷଣ କରିବା, ଫସଲ ଜଗାରଖା କରିବା, ଫସଲ ଅମଳ କରିବା ଓ ଗଛିତ ରଖିବା ଆଦି ବିଭିନ୍ନ କାର୍ଯ୍ୟରେ ପୁରୁଷମାନଙ୍କୁ ସ୍ତ୍ରୀ ଓ ଛୁଆମାନେ ସାହାଯ୍ୟ କରିଥାନ୍ତି । ଚାଷକାର୍ଯ୍ୟରୁ ଘରକୁ ଫେରିବାବେଳେ ସେମାନେ ସାଙ୍ଗରେ ଜାଳେଣି କାଠ,ଶାଗ,ବଣୁଆ ଛତୁ ନିଜ ବ୍ୟବହାର ପାଇଁ ଧରି ଆସନ୍ତି । ଯେତେବେଳେ ଚାଷକାର୍ଯ୍ୟ ନଥାଏ ସେମାନେ ବଣକୁ ଯାଇ ବନ୍ୟଜାତ ବିଭିନ୍ନ ଦ୍ରବ୍ୟ ସଂଗ୍ରହ କରନ୍ତି ନହେଲେ ଶିକାର କରନ୍ତି । ବାଥୁଡି ମାନଙ୍କର ଚାଷଜମି ମୁଖ୍ୟତଃ ୪ ପ୍ରକାର । ୧.ଡାହି (ନିକୃଷ୍ଟ ଜମି), ୨. ଆସୁ (ଉଠାଣିଆ ଜମି), ୩.କଲା (ଘରପାଖର ଜମି), ୪. ପାଳ (ନଇ କୂଳିଆ ଉର୍ବର ଜମି), ୫. ଜାଲ (ଧାନଚାଷ ଜମି) । ବାଥୁଡିମାନେ ପାରମ୍ପରିକ ପଦ୍ଧତିରେ ଚାଷ କରନ୍ତି । ଆଧୁନିକ ପଦ୍ଧତି ଚାଷରେ ସେମାନଙ୍କର ଆଗ୍ରହ ନଥାଏ ।

## ବାଥୁଡି : ଧର୍ମୀୟ ବିଚାରବୋଧ


ବାଥୁଡି ମାନଙ୍କର ଧର୍ମୀୟ ବିଚାରବୋଧ ଅନ୍ୟ ଜନଜାତିଙ୍କ ଭଳି ହେଲେ ମଧ୍ୟ ଏଥିରେ ସ୍ୱତନ୍ତ୍ରତା ପରିଲକ୍ଷିତ ହୋଇଥାଏ । ସେମାନେ ପ୍ରକୃତିର ଓ ପୂର୍ବ ପୁରୁଷଙ୍କ ଉପାସକ ଓ ତନ୍ତ୍ରମନ୍ତ୍ରରେ ବିଶ୍ୱାସୀ । ପରିବାରର ସୁରକ୍ଷା,ସୁଖ ସ୍ୱାଚ୍ଛନ୍ଦ୍ୟ ସହ ନିଜ ସମ୍ପ୍ରଦାୟର ଶୁଭ ମନାସି ସେମାନେ ବିଭିନ୍ନ ପୂଜା ଅର୍ଚ୍ଚନା କରିଥାନ୍ତି । ସେମାନଙ୍କ ପୂଜା ପଦ୍ଧତି ଓ ପରମ୍ପରା ହିନ୍ଦୁ ଧର୍ମ ଅନୁଯାୟୀ ହୋଇଥାଏ । ସେମାନେ ପାହାଡ଼,ଜଙ୍ଗଲ ଓ ପଥରକୁ ପୂଜା କରନ୍ତି । 'ବଡାମ' ସେମାନଙ୍କର ଆରାଧ୍ୟ ଦେବତା । 'ବଡାମ' ସେମାନଙ୍କ ପାଇଁ ଭଗବାନ ବଳରାମ । ସେମାନଙ୍କ ବିଶ୍ୱାସରେ ସେ ସୃଷ୍ଟିକର୍ତା । 'ବଡାମ' ଦେବତାଙ୍କର କିଛି ରୂପ ନଥାଏ । 'ଅଠର ଦେଉଳ' ବଡାମଙ୍କ ଆସ୍ଥାନ ସ୍ଥଳି । ଅଠର ଦେଉଳ ଶିମିଳିପାଳର ବାକୁଆ ନିକଟ ଲେମ୍ବୁଗଡ଼ରେ ଅବସ୍ଥିତ । ବାଥୁଡ଼ିମାନଙ୍କ ବିଶ୍ୱାସ ଏ ଦେଉଳ ମଣିଷ ନୁହେଁ ଭଗବାନ ନିଜେ ଗଢିଛନ୍ତି । ଶିମିଳିପାଳ ପାହାଡରେ ପ୍ରକୃତରେ ଏହା ଅଠରଟି ଗୁମ୍ଫା । ବାଥୁଡ଼ି ମାନଙ୍କ ପାଇଁ ଅଠର ଦେଉଳ ମୁସଲିମ ମାନଙ୍କ ମକାମଦିନା ପରି । ଜୀବନରେ ଥରେ ଅଠର ଦେଉଳ ଦର୍ଶନ ନକରିଥିଲେ ବାଥୁଡିଙ୍କ ଜୀବନ ମୂଲ୍ୟହୀନ ବୋଲି ସେମାନେ ବିଶ୍ୱାସ କରନ୍ତି । ଅଠର ଦେଉଳରେ ମାଘୁଣି ପୂଜା ହେବା ପରେ ସେମାନେ ଜଙ୍ଗଲକୁ ପ୍ରବେଶ କରିଥାନ୍ତି । ଅଠର ଦେଉଳର ପୂଜକ ଦେବରଜା ବା ଠାକୁର ରଜା ଭାବେ କଥିତ । ଚୈତ୍ର ମାସର ଦଶମ ଦିନରେ ପୂଜାର୍ଚ୍ଚନା ପରେ ଠାକୁର ରଜା ବାଥୁଡି ମାନଙ୍କୁ ସନ୍ଦେଶ ଦିଅନ୍ତି ଓ ଏହା ପରେ ସେମାନେ ଅଠର ଦେଉଳ ଦର୍ଶନରେ ଯାଇଥାନ୍ତି । ଠାକୁର ରଜାଙ୍କ ନିର୍ଦ୍ଦେଶ ମତେ ଗାଁରେ ପ୍ରସ୍ତୁତି ବୈଠକ ବସେ ଓ ଅଠରଦେଉଳ ଦର୍ଶନ ପାଇଁ ପୁରୁଷମହିଳା ମାନେ ପ୍ରସ୍ତୁତ ହୁଅନ୍ତି । ଆଧୁନିକ ପୋଷାକରେ ଭକ୍ତମାନଙ୍କୁ ବଡାମ ଦେବତାଙ୍କ ପୂଜାର୍ଚ୍ଚନା ମନା । ପୁରୁଷମାନେ ଧଳା ଧୋତି,ଗଞ୍ଜି,ଗାମୁଛା ଓ ମହିଳାମାନେ ନାଲି ଗାର ପଡିଥିବା ଧଳା ଶାଢି ପିନ୍ଧି ଅଠର ଦେଉଳକୁ ଯାଇଥାନ୍ତି । ଭୋଗ ସ୍ୱରୂପ ଫଳମୂଳ, ଗଞ୍ଜେଇ,କ୍ଷୀର,ମହୁ ସେମାନେ ବଡାମ ଦେବତାଙ୍କୁ ଅର୍ପଣ କରିବାର ନିୟମ ରହିଛି ।

ପ୍ରତ୍ୟେକ ଜନଜାତିଙ୍କର ନିଜର ସ୍ୱତନ୍ତ୍ର ଖାଦ୍ୟ, ପୋଷାକ



ଶୈଳୀ,ଗୃହନିର୍ମାଣ, ଧର୍ମୀୟ ପରମ୍ପରା,ବିବାହ ପରମ୍ପରା, ସାମାଜିକ ଜୀବନ ଶୈଳୀ ଥାଏ । ଏସବୁ ସେମାନଙ୍କୁ କେବଳ ଆତ୍ମସନ୍ତୋଷ ଦେଇନଥାଏ ବରଂ ସମସ୍ତଙ୍କଠାରୁ ଭିନ୍ନ କରି ଗଢି ତୋଳିଥାଏ । ବସ୍ତୁବାଦୀ ପରିବର୍ତ୍ତନ ସତ୍ତ୍ୱେ ସେମାନଙ୍କ ଚଳଣି, ଭାବନା, ମୂଲ୍ୟବୋଧ, ବିଶ୍ୱାସ ଓ ବ୍ୟବହାରରେ ପରିବର୍ତ୍ତନ ଏତେ ସହଜ ନୁହେଁ । ବାଥୁଡି ସମ୍ପ୍ରଦାୟରେ ଶିକ୍ଷାର ବିକାଶ ଘଟିଲାଣି,ସମାଜିକ ବିକାଶ ଘଟିଲାଣି ହେଲେ ସେମାନେ ସମୟ ସ୍ରୋତରେ ହଜି ନଯାଇ ନିଜ ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିଛନ୍ତି । ତାହା ହିଁ ସେମାନଙ୍କର ବିଶେଷତ୍ୱ ।

# ବିଦ୍ରୋହୀ ବିର୍ସା



**ଅଭୟ ଦ୍ୱିବେଦୀ**
ଭଦ୍ରାଣୀ, ସାଳନ୍ଦୀ ନଗର,
ଭଦ୍ରକ-୭୫୬୧୦୦
ଫୋନ: ୯୪୩୭୧୯୧୩୫୦

ଫଟୋ ସୌଜନ୍ୟ : ଲେଖକ ଓ ଗୁଗୁଲ୍

**ବିର୍ସା ମୁଣ୍ଡା : ମାତ୍ର ପଚିଶ ବର୍ଷର ଜୀବନ। ଏହି ସ୍ୱଳ୍ପ ଅବଧି ମଧ୍ୟରେ ତାଙ୍କ ଅବଦାନକୁ ସମ୍ମାନର ସହିତ ସ୍ମରଣ କରି ତାହାର ସନ୍ତକ ସ୍ୱରୂପ ସଂସଦ ଭବନ ପରିସରରେ ତାଙ୍କର ୧୪ ଫୁଟ୍‌ର ପ୍ରତିମୂର୍ତ୍ତି ଏବଂ ପାର୍ଲାମେଣ୍ଟ ହଲ୍‌ରେ ତାଙ୍କ ଫଟୋଚିତ୍ର ଶୋଭା ପାଉଛି। ଜନଜାତି ସଂପ୍ରଦାୟର ସେ ହେଉଛନ୍ତି ଏକମାତ୍ର ବ୍ୟକ୍ତି, ଯିଏ ଏହି ବିରଳ ସମ୍ମାନର ଅଧିକାରୀ। ଜନଜାତି ସମାଜରେ ସଂସ୍କାର ଆଣିବା ପାଇଁ ସେ ଏକ ନୂତନ ସଂପ୍ରଦାୟ ପ୍ରତିଷ୍ଠା କରିଥିଲେ। ସେଥିପାଇଁ ସେ ଶ୍ରଦ୍ଧାର ସହିତ ଭଗବାନ ବିର୍ସା ମୁଣ୍ଡା ନାମରେ ଅଭିହିତ।**



◄ ଲେଖକ ଅଭୟ ଦ୍ୱିବେଦୀ

# ଅମର ଶହୀଦ ବିର୍ସା ମୁଣ୍ଡା


ବିର୍ସା ମୁଣ୍ଡା : ମାତ୍ର ପଚିଶ ବର୍ଷର ଜୀବନ। ବାଲ୍ୟ ଓ କୈଶୋରାବସ୍ଥାକୁ ବାଦ୍ ଦେଲେ,କର୍ମମୟ ଜୀବନ କେତେ ଅବା! କିନ୍ତୁ ଏହି ସ୍ୱଳ୍ପ ଅବଧି ମଧ୍ୟରେ ତାଙ୍କ ଅବଦାନକୁ ସମ୍ମାନର ସହିତ ସ୍ମରଣ କରି ତାହାର ସନ୍ତକ ସ୍ୱରୂପ ସଂସଦ ଭବନ ପରିସରରେ ତାଙ୍କର ୧୪ ଫୁଟ୍‌ର ପ୍ରତିମୂର୍ତ୍ତି ଏବଂ ପାର୍ଲାମେଣ୍ଟ ହଲ୍‌ରେ ତାଙ୍କ ଫଟୋଚିତ୍ର ଶୋଭା ପାଉଛି। ୨୦୦୦ ମସିହା ନଭେମ୍ବର ୧୫ ତାରିଖରେ, ଅମର ଶହୀଦ ବିର୍ସା ମୁଣ୍ଡାଙ୍କ ପୁଣ୍ୟତିଥିର ଶତାବ୍ଦୀ ପୂର୍ତ୍ତି ଅଥଚ ଜନ୍ମ ତାରିଖରେ ତାଙ୍କ ସମ୍ମାନାର୍ଥେ ଝାଡଖଣ୍ଡ ରାଜ୍ୟ ପ୍ରତିଷ୍ଠା ହୋଇଥିଲା। ସେଥି ନିମନ୍ତେ ସେ ଶ୍ରୀଝାଡଖଣ୍ଡ ନାମରେ ପରିଚିତ। ଜନଜାତି ସଂପ୍ରଦାୟର ସେ ହେଉଛନ୍ତି ଏକମାତ୍ର ବ୍ୟକ୍ତି, ଯିଏ ଏହି ବିରଳ ସମ୍ମାନର ଅଧିକାରୀ। ଜନଜାତି ସମାଜରେ ସଂସ୍କାର ଆଣିବା ପାଇଁ ସେ ଏକ ନୂତନ ସଂପ୍ରଦାୟ ପ୍ରତିଷ୍ଠା କରିଥିଲେ। ସେଥିପାଇଁ ସେ ଶ୍ରଦ୍ଧାର ସହିତ ଭଗବାନ ବିର୍ସା ମୁଣ୍ଡା ନାମରେ ଅଭିହିତ।

ବର୍ତ୍ତମାନ ଝାଡଖଣ୍ଡ ରାଜ୍ୟ ଖୁଣ୍ଟି ଜିଲାରେ ଶହୀଦ ବିର୍ସା ମୁଣ୍ଡା ୧୮୭୫ ମସିହା ନଭେମ୍ବର ୧୫ ତାରିଖରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କ ପୈତୃକ ଗ୍ରାମ ଉଲିହାଟୁ। ପିତା ସୁଗନ ମୁଣ୍ଡା ଏବଂ ମା କର୍ମୀ ଦେଈ ଥିଲେ ଦିନ ମଜୁରିଆ। ସେଥିନିମନ୍ତେ ସେମାନେ କୌଣସି ସ୍ଥାନରେ ନିର୍ଦ୍ଦିଷ୍ଟ ଭାବେ ବସବାସ କରି ପାରୁ ନ ଥିଲେ। ମଜୁରୀ ଆଶାରେ ଗାଁକୁ ଗାଁ ଘୁରି ବୁଲୁଥିଲେ। ବିର୍ସାଙ୍କ ବାପା, ମା ଏବଂ ଦାଦା ପସ୍ନା ମଜୁରୀ ଆଶାରେ ଉଲିହାଟୁ ଗ୍ରାମ ତ୍ୟାଗ କରି କୁରୁମ୍ବଦା ଗ୍ରାମକୁ ଆସିଥିଲେ। ସେଠାରେ ବିର୍ସାଙ୍କ ବଡ ଭାଇ କୋମତା ଓ ଭଉଣୀ ଦସ୍କିର ଜନ୍ମ ଗ୍ରହଣ କରିଥିଲେ। ସେଠାରୁ ସେମାନେ ବମ୍ବା ଗ୍ରାମକୁ ଆସିଥିଲେ, ଯେଉଁଠି ବିର୍ସା ଜନ୍ମ ନେଇଥିଲେ। କିନ୍ତୁ ମାଲିକଙ୍କ ସହିତ କୌଣସି କାରଣରୁ ଗଣ୍ଡଗୋଳ ହେବାରୁ ତୁରନ୍ତ ସେମାନେ ଗ୍ରାମ ଛାଡି ଚଲକଦ୍‌କୁ ଆସିଗଲେ। ସେହିଠାରେ ତାଙ୍କ ଜନ୍ମ ଉତ୍ସବ ପାଳିତ ହୋଇଥିଲା। ବିର୍ସାଙ୍କର ଦୁଇ ଭାଇ ଥିଲେ - ବଡ ଭାଇ କୋଓ୍ୱା ମୁଣ୍ଡା ଏବଂ ସାନ ଭାଇ ଭାନୁ ମୁଣ୍ଡା, ଦୁଇ ଦାଦା : ବଡ - ବାରା କାନ୍ ପାଲସ୍ ଏବଂ ସାନ - ପସ୍ନା ମୁଣ୍ଡା। ବଡ ଦାଦା ବିର୍ସାଙ୍କ ଜନ୍ମ ପୂର୍ବରୁ ଖ୍ରୀଷ୍ଟିୟାନ ଧର୍ମ ଗ୍ରହଣ କରି ସାରିଥିଲେ। ପରେ ବାପା ସୁଗନ ଏବଂ ସାନ ଦାଦା ପସ୍ନା ଖ୍ରୀଷ୍ଟିୟାନ ହୋଇଥିଲେ। ସେହି ସମୟରେ ଇଂଲଣ୍ଡର ପ୍ରଧାନମନ୍ତ୍ରୀ ଲର୍ଡ ପାମେରଷ୍ଟନ୍ ଘୋଷଣା କରିଥିଲେ -"It is not only our duty, but in our own interest to promote the diffusion of Christianity as far as possible throughout the length and breadth of India." ଆଦିବାସୀମାନେ ହିଁ ଏହି ଷଡ଼ଯନ୍ତ୍ରର ଶୀକାର ହୋଇଥିଲେ।

ବିର୍ସାଙ୍କ ବାଲ୍ୟ ଜୀବନ ଦରିଦ୍ର ମୁଣ୍ଡା ସଂପ୍ରଦାୟର ଅନ୍ୟ କୌଣସି ବାଳକଙ୍କ ଠାରୁ ଭିନ୍ନ ନ ଥିଲା। ଧୂଳି ମାଟିରେ ଖେଳି କୁଦି ସେ ବଡ ହୋଇଥିଲେ। ସାମାନ୍ୟ ବଡ ହେବା ପରେ ବୋହୋଣ୍ଡା ଜଙ୍ଗଲରେ ମେଣ୍ଢା ଚରାଇବାକୁ ଯାଉଥିଲେ। ଏହି ସମୟରେ ସେ ବଂଶୀ ବଜେଇବା ଆରମ୍ଭ କଲେ। ତାଙ୍କ ବଂଶୀ ସ୍ୱନରେ ସମସ୍ତେ ମୁଗ୍ଧ ଚକିତ ହୋଇ ଯାଉଥିଲେ। ଏଥି ସହିତ ଏକତାରା ବାଦନରେ ସେ ଥିଲେ ସିଦ୍ଧହସ୍ତ। ଗାଁ ଆଖଡାରେ ଯୋଗ ଦେବା ପରେ ଶରୀରରେ ଅମାପ ଶକ୍ତି ଭରପୂର ହୋଇଗଲା।

କିନ୍ତୁ ଅନାହାର ଓ ଦାରିଦ୍ର୍ୟରେ ଜର୍ଜରିତ ପରିବାର ବାଧ୍ୟ ହୋଇ ଶିକ୍ଷା ନିମନ୍ତେ ବିର୍ସାଙ୍କୁ ମାମୁଘର ଗାଁ ଆୟୁଭାଟୁକୁ ପଠାଇଦେଲେ। ମାଉସୀ ଜୋନିଙ୍କ ସ୍ନେହରେ ବିର୍ସା ବାନ୍ଧି ହୋଇ ଯାଇଥିଲେ। ଏହା ପରେ ଜୟପାଲ ନାଗ୍‌ଙ୍କ ପ୍ରତିଷ୍ଠିତ ବିଦ୍ୟାଳୟରେ ବିଦ୍ୟାରମ୍ଭ କରିଥିଲେ। ଶିକ୍ଷା ପ୍ରତି ବିର୍ସାଙ୍କ ଆଗ୍ରହ ଅନୁଧ୍ୟାନ କରି ଜୟପାଲ ନାଗ୍ ତାଙ୍କୁ ନିକଟସ୍ଥ ଜର୍ମାନ ମିଶନ୍ ସ୍କୁଲରେ ଅଧ୍ୟୟନ ପାଇଁ ପରାମର୍ଶ ଦେଲେ। ସେଥି ନିମନ୍ତେ ଖ୍ରୀଷ୍ଟିୟାନ ଧର୍ମ ଗ୍ରହଣ କରିବା ବାଧ୍ୟତାମୂଳକ ଥିଲା। ଖ୍ରୀଷ୍ଟିୟାନ ହେବା ଫଳରେ ସେ ବିର୍ସା ଡାଭିଡ୍ ନାମରେ ପରିଚିତ ହେଲେ। କିନ୍ତୁ ନିମ୍ନ ପ୍ରାଥମିକ ଶିକ୍ଷା ସମାପ୍ତ ପରେ ୧୮୮୬ ମସିହା ମଇ ୭ ତାରିଖରେ ଚାଇବାସା ଆସିଗଲେ। ସେତେବେଳେ ସମ୍ଭବତଃ ବିର୍ସାଙ୍କ ବୟସ ଥିଲା ମାତ୍ର ୧୧ ବର୍ଷ। ସେ ୧୮୮୬ରୁ ୧୮୯୦ ମସିହା ପର୍ଯ୍ୟନ୍ତ ଚାଇବାସାରେ ଅବସ୍ଥିତ Gossner Evangelical Lutheran Mission schoolରେ ଅଧ୍ୟୟନ କରିଥିଲେ। ସେହି ସମୟରେ ତାଙ୍କ ସଂଗ୍ରାମୀ ଜୀବନର ମୂଳଦୂଆ ପଡିଥିଲା। ଖ୍ରୀଷ୍ଟିୟାନ ମିଶନାରୀମାନଙ୍କୁ ସେ ଖୁବ୍ ପାଖରୁ ଦେଖିଥିଲେ। ଆଦିବାସୀମାନଙ୍କୁ ପ୍ରଲୋଭିତ କରି କିପରି ଧର୍ମାନ୍ତରୀକରଣ ଚଳାଇଛନ୍ତି, ତାହାର ଅସଲ ସ୍ୱରୂପ ତାଙ୍କ ନଜରକୁ ଆସିଥିଲା।

ଦିନେ ବିର୍ସା ମୁଣ୍ଡାଙ୍କ ଶ୍ରେଣୀ ଗୃହରେ ଡଃ ନଟ୍ରୋଟ୍ (Dr Nottrott) ନାମକ ଜଣେ ଶିକ୍ଷକ ଆଦିବାସୀ ଜନଜାତି, ବିଶେଷକରି ମୁଣ୍ଡାଙ୍କ ସଂପର୍କରେ ଅଶାଳୀନ ମନ୍ତବ୍ୟ ପ୍ରଦାନ କରିଥିଲେ। ବିର୍ସା



କଠୋର ଶବ୍ଦରେ ଏହାର ପ୍ରତିବାଦ କରିଥିଲେ । ଶିକ୍ଷକଙ୍କୁ ଅବମାନନା ଅପରାଧରେ ତାଙ୍କୁ ବିଦ୍ୟାଳୟରୁ ବହିଷ୍କାର କରାଗଲା । ସେ ସମୟରେ ଜର୍ମାନ ଓ ରୋମାନ୍ କାଥୋଲିକ୍ ଗୋଷ୍ଠୀ କନ୍ଦଳ ଏବଂ ସର୍ଦ୍ଦାର ଆନ୍ଦୋଳନ ତେଜୀୟାନ ହେଉଥାଏ । ଏହି ପ୍ରତିକୂଳ ସ୍ଥିତିରେ ବିର୍ସା ମୁଣ୍ଡାଙ୍କ ଶିକ୍ଷା ସମାପ୍ତ ହେଲା । ସେତେବେଳେ ତାଙ୍କ ବୟସ ମାତ୍ର ୧୫ ବର୍ଷ । କିନ୍ତୁ ସେହି ବୟସରେ ନିର୍ଯାତନା ଓ ଅତ୍ୟାଚାର ବିରୋଧରେ ପ୍ରତିବାଦ କରିବା ପାଇଁ ସେ ସମର୍ଥ ହୋଇ ସାରିଥିଲେ । ସେହି ସମୟରେ ତାଙ୍କର ଉଦ୍‌ଘୋଷଣା ଥିଲା– 'ସାହେବ ସାହେବ ଏକ୍ ଟୋପି ହୈ' – ଯାହାର ଅର୍ଥ ଥିଲା : ବ୍ରିଟିଶ ସରକାର ଓ ମିଶନାରୀମାନେ ସମସ୍ତେ ସମାନ । ଏହାପରେ ସେ ଖ୍ରୀଷ୍ଟିୟାନ ଧର୍ମ ପରିତ୍ୟାଗ କରି ନିଜସ୍ୱ ଧର୍ମକୁ ପ୍ରତ୍ୟାବର୍ତ୍ତନ କରିବା ସହିତ ବ୍ରିଟିଶ ବିରୋଧି ରଣକ୍ଷେତ୍ରରେ ଅବତୀର୍ଣ୍ଣ ହୋଇଥିଲେ ।

ବିର୍ସା ମୁଣ୍ଡା ରଣକ୍ଷେତ୍ରକୁ ପ୍ରବେଶ କରିବା ପୂର୍ବରୁ ଆଦିବାସୀ ସଂପ୍ରଦାୟ ବିଭିନ୍ନ ସମସ୍ୟାରେ ଛନ୍ଦି ହୋଇ ରହିଥିଲେ । ବିର୍ସା ମୁଣ୍ଡାଙ୍କ କ୍ଷେତ୍ର ଥିଲା ଛୋଟନାଗପୁର ପାର୍ବତ୍ୟ ଅଞ୍ଚଳ, ଯାହା ବର୍ତ୍ତମାନର ଝାଡଖଣ୍ଡ, ବିହାର, ପଶ୍ଚିମବଙ୍ଗ, ଓଡିଶା ଓ ଛତିଶଗଡ ରାଜ୍ୟ ଅନ୍ତର୍ଭୁକ୍ତ । ଏହି ଅଞ୍ଚଳରେ ପୂର୍ବରୁ ଆଦିବାସୀମାନେ ଜମି, ଜଙ୍ଗଲ ଏବଂ ଜୀବିକା ପାଇଁ ବିଦ୍ରୋହ କରିଥିଲେ । ଏହାର ଆଦ୍ୟ ବାର୍ତ୍ତାବାହ ଥିଲେ ତୀଲ୍‌କା ମାଝୀ (ଖ୍ରୀ.୧୭୫୦–୧୭୮୫) ଯିଏ ଅଷ୍ଟାଦଶ ଶତାବ୍ଦୀର ମଧ୍ୟ ଭାଗରେ ବ୍ରିଟିଶ ବିରୋଧୀ ସଂଗ୍ରାମ ଆରମ୍ଭ କରିଥିଲେ । ସମ୍ଭବତଃ ସେ ହେଉଛନ୍ତି ଆଦିବାସୀ ସଂପ୍ରଦାୟ ତଥା ବ୍ରିଟିଶ ବିରୋଧୀ ସଂଗ୍ରାମର ପ୍ରଥମ ଶହୀଦ । ଏହାପରେ ୧୮୩୦–୧୮୩୩ କଲେ ବିଦ୍ରୋହ ଏବଂ ୧୮୫୫ ମସିହା ସାନ୍ତାଳ ବିଦ୍ରୋହ ସଂଗଠିତ ହୋଇଥିଲା । ଏହାର ମୁଖ୍ୟ କାରଣ ଥିଲା – ୧୭୯୩ ମସିହା ସ୍ଥାୟୀ ବନ୍ଦୋବସ୍ତ, ଯାହା ଫଳରେ ଆଦିବାସୀମାନେ ନିଜସ୍ୱ ଜମିରୁ ବଞ୍ଚିତ ହୋଇଥିଲେ । ଏଥି ସହିତ ଜମିଦାରୀ ବ୍ୟବସ୍ଥା ପ୍ରଚଳନ ହେବା ଫଳରେ ଆଦିବାସୀମାନଙ୍କ ଉପରେ ବେଠି ଓ ଟ୍ୟାକ୍ସ ଲାଗୁହେଲା । ଜମିଦାରୀ ବ୍ୟବସ୍ଥା ଫଳରେ ବାହାର ଅଞ୍ଚଳର ମହାଜନ ଏବଂ ଠିକାଦାରମାନେ ଆଦିବାସୀ ଅଞ୍ଚଳରେ ପ୍ରଭୁତ୍ୱ ଜାହିର କରିବାକୁ ଲାଗିଲେ । ଏହି ଗୋଷ୍ଠୀ ଥିଲେ ମୁଖ୍ୟତଃ ଉଚ୍ଚ ବର୍ଣ୍ଣର । ଆଦିବାସୀମାନେ ଏମାନଙ୍କୁ 'ଡିକୁ' ନାମରେ ଅଭିହିତ କରିଥିଲେ । ହୁଏତ ଡକାୟତ ଶବ୍ଦର ଅପଭ୍ରଂଶ ଭାବେ ଏହା ଗ୍ରହଣ କରାଯାଇପାରେ । ତେଣୁ ଆଦିବାସୀ ସଂପ୍ରଦାୟର ସମସ୍ତ ଆନ୍ଦୋଳନ ତିନୋଟି କ୍ଷେତ୍ରକୁ କେନ୍ଦ୍ର କରି ସଂଗଠିତ ହୋଇଥିଲା – ପ୍ରଥମତଃ ଜମି ଓ ଜଙ୍ଗଲ ଉପରେ ଅଧିକାର ସାବ୍ୟସ୍ତ, ଦ୍ୱିତୀୟତଃ ଧର୍ମାନ୍ତରୀକରଣ ବିରୋଧରେ ପ୍ରତିବାଦ ଏବଂ ତୃତୀୟରେ ଜମିଦାରୀ ବ୍ୟବସ୍ଥାର ଅନ୍ତ । ବିର୍ସା ମୁଣ୍ଡା ଏଥି ସହିତ ଆଉ ଗୋଟିଏ କ୍ଷେତ୍ର ଯୋଡିଦେଲେ – ବ୍ରିଟିଶ ସାମ୍ରାଜ୍ୟବାଦର ଲୋପ । ସେ ଜାଣିଥିଲେ, ବ୍ରିଟିଶ ପ୍ରରୋଚନାରେ ହିଁ ଜମିଦାର, ମହାଜନ ଏବଂ ଠିକାଦାରମାନେ ପ୍ରତିପାଳିତ ହେଉଛନ୍ତି । ଏ ସମସ୍ତଙ୍କୁ ସେ 'ଡିକୁ' ନାମରେ ସଂବୋଧନ କରିବାକୁ ଲାଗିଲେ ।

ଜମି ଉପରେ ଅଧିକାର ସାବ୍ୟସ୍ତ କରିବା ପାଇଁ କ୍ରମାଗତ ଭାବେ ୧୮୫୮ ମସିହାରୁ ସର୍ଦ୍ଦାରମାନେ ସରକାରଙ୍କୁ ଗୁହାରୀ କରି ଆସୁଥିଲେ । ଭାଇସରୟ ଏବଂ ସେକ୍ରେଟାରୀ ଅଫ୍ ଷ୍ଟେଟସ୍‌ଙ୍କୁ ଆବେଦନପତ୍ର ପଠାଉଥିଲେ । ଆଦିବାସୀ ସଂପ୍ରଦାୟର ଅନୁକଂପା ହାସଲ କରି ଧର୍ମାନ୍ତରୀକରଣ ବେଗକୁ ତ୍ୱରାନ୍ୱିତ କରିବା ପାଇଁ ପାଇଁ ଖ୍ରୀଷ୍ଟିୟାନ ମିଶନାରୀମାନେ ଏଥି ନିମନ୍ତେ ସହାୟତା ପ୍ରଦାନ କରୁଥିଲେ । କ୍ରମାଗତ ଭାବେ ଚାରି ଦଶନ୍ଧି ବ୍ୟାପୀ ଏହି ଦାବୀ, ଆନ୍ଦୋଳନ ଚାଲିଥିଲେ ମଧ୍ୟ ସରକାରଙ୍କ ଉପରେ ଏହାର କିଛି ପ୍ରଭାବ ନ ଥିଲା । ତେଣୁ ସର୍ଦ୍ଦାରମାନେ ଖ୍ରୀଷ୍ଟିୟାନ ମିଶନାରୀଙ୍କୁ ବ୍ରିଟିଶ ସରକାରଙ୍କର ଅଂଶ ଭାବେ ବିବେଚନା କରି ସେମାନଙ୍କୁ ଏଥି ନିମନ୍ତେ ଦାୟୀ କଲେ । ୧୮୯୫ ମସିହା ବେଳକୁ ଆନ୍ଦୋଳନ କ୍ରମଶଃ ଧିମେଇ ଆସିଲା । ଏହି ସମୟରେ ରଣକ୍ଷେତ୍ରରେ ବିର୍ସା ମୁଣ୍ଡା ଉପନୀତ ହେଲେ ।

୧୮୯୪ ମସିହା ସମୟରେ ସିଂହଭୂମର ଶଙ୍କର ଗ୍ରାମରେ ଜଣେ ମହିଳାଙ୍କ ଉପରେ ବିର୍ସା ମୁଣ୍ଡାଙ୍କ ଆଖି ଲାଖି ରହିଲା । ସେତେବେଳକୁ ବିର୍ସା ଜଣେ ଶିକ୍ଷିତ, ସୁନ୍ଦର, ସ୍ୱାସ୍ଥ୍ୟବାନ ଯୁବକ । ରଙ୍ଗ ବେଶ୍ ଫରଚା । ସେହି ମହିଳାଙ୍କ ନାମ କେଉଁ ସ୍ଥାନରେ ଉଲ୍ଲେଖ ନାହିଁ । ଏଥି ନିମନ୍ତେ ହୁଏତ ଅଧିକ ଗବେଷଣାର ଆବଶ୍ୟକତା ରହିଛି । ପରଂପରା ଅନୁଯାୟୀ ବିର୍ସା ସେହି ମହିଳାଙ୍କ ବାପାଙ୍କୁ ଗହଣା ଉପହାର ଦେଇ ବିବାହ ପାଇଁ ପ୍ରସ୍ତାବ ଦେଇଥିଲେ । କିନ୍ତୁ ପରବର୍ତ୍ତୀ ସମୟରେ ଜେଲରୁ ଫେରିବା ବେଳକୁ ସେ ମହିଳା ଅନ୍ୟ ଜଣଙ୍କ ସହ ସଂପର୍କ ଯୋଡି ସାରିଥିଲେ । ଅନ୍ୟ ଦୁଇ ଜଣ ବିବାହିତା ମହିଳା ବିର୍ସାଙ୍କୁ ବିବାହ କରିବା ପାଇଁ ଆଗେଇ ଆସିଥିଲେ । କିନ୍ତୁ ସେ ଏକ ପତ୍ନୀ ଧର୍ମ ଗ୍ରହଣ କରିବା ପାଇଁ ସଂକଳ୍ପ ନେଇ ଥିବାରୁ ସମସ୍ତେ ନିରାଶ ହୋଇଥିଲେ । କେବଳ ଶାଲୀ ନାମକ ଜଣେ ମହିଳା ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ବିର୍ସାଙ୍କର ଅନୁଗାମୀ ହୋଇ ରହିଥିଲେ ।

ବିର୍ସା ମୁଣ୍ଡା ପ୍ରଥମେ ଜନଜାତିର ସଂପ୍ରଦାୟର ସମସ୍ତ ଗୋଷ୍ଠୀଙ୍କୁ ଏକତ୍ରିତ କରିବା ପାଇଁ ଯୋଜନା କଲେ ଏବଂ ସେଥିପାଇଁ ଧର୍ମର ସାହାରା ନେଇଥିଲେ । ବିଶିଷ୍ଟ ବିପ୍ଳବୀ ଫ୍ରେଡ୍‌ରିକ୍ ଏଞ୍ଜେଲସ୍ ଜର୍ମାନ କୃଷକ ଆନ୍ଦୋଳନ(୧୫୨୪–୨୫)ର ପୃଷ୍ଠଭୂମି ଅନୁଶୀଳନ କରି ମତ ଦେଇଥିଲେ – 'ଗୋଟିଏ ନିର୍ଯାତିତ ଜାତିର ପ୍ରାଣରେ ବିପ୍ଳବର ବହ୍ନି ଜାଗରୁକ କରିବା ନିମନ୍ତେ ଧର୍ମ ଏକ ଅମୋଘ ଅସ୍ତ୍ର ।' ୧୮୯୦ ମସିହାରେ ବିର୍ସା ମୁଣ୍ଡା ବନ୍ଦଗାଓଁ ଆସିଗଲେ । ସେଠାରେ ଆନନ୍ଦ ପାନରେ ନାମକ ଜଣେ ବୈଷ୍ଣବ ସାଧୁଙ୍କ ସଂସ୍ପର୍ଶରେ ଆସିଲେ । ସେ ଥିଲେ ବନ୍ଦଗାଓଁ ଜମିଦାର ଜଗମୋହନ ସିଂହଙ୍କ ମୁନଶୀ ଏବଂ ହିନ୍ଦୁ ଧର୍ମର ଜଣେ ପ୍ରଭାବଶାଳୀ ପ୍ରବକ୍ତା । ତାଙ୍କରି ଆମନ୍ତ୍ରଣରେ ବହୁ ବୈଷ୍ଣବ ସାଧୁମାନେ ବନ୍ଦଗାଓଁ ଆସି ହିନ୍ଦୁ ଧର୍ମ ଉପରେ ପ୍ରବଚନ ଦେଉଥିଲେ । ସେମାନଙ୍କ ପ୍ରଭାବରେ ବିର୍ସା ମୁଣ୍ଡା ରାମାୟଣ, ମହାଭାରତ, ଶ୍ରୀମଦ୍ ଭଗବତ୍‌ଗୀତା ଆଦି ମୂଳ ଗ୍ରନ୍ଥ ଅଧ୍ୟୟନ କରି ହିନ୍ଦୁ ଧର୍ମର ଗୂଢ଼ ତତ୍ତ୍ୱ ଉପରେ ଜ୍ଞାନ ଆହରଣ କଲେ । ଜଣେ ନୈଷ୍ଠିକ ବୈଷ୍ଣବ ଭାବେ ଆମିଷ ଖାଦ୍ୟ ପରିତ୍ୟାଗ ପୂର୍ବକ ଯଜ୍ଞୋପବୀତ ଧାରଣ କରି ଗେରୁଆ ଧୋତି ପିନ୍ଧିବା ଆରମ୍ଭ କଲେ । ଏହାର ମୁଖ୍ୟ କାରଣ ହେଉଛି ବୈଷ୍ଣବ ମତ ସହିତ ଆଦିବାସୀ ଜୀବନଶୈଳୀର ଗୂଢ଼ ସଂପର୍କ ରହିଥିଲା ।

ଷୋଡ଼ଶ ଶତାବ୍ଦୀରେ ପ୍ରସାରିତ ଶ୍ରୀଚୈତନ୍ୟଙ୍କ ବୈଷ୍ଣବ ମତ – ଜାତି ପ୍ରଥା ଏବଂ ସମାଜରେ ପ୍ରଚଳିତ ଉଚ୍ଚ ନୀଚ ଭେଦଭାବ ବିରୋଧରେ ଶାଣିତ


SMILE GOLD
Agarbati
JHPPL
SMILE+
AN ISO 9001:2008 Certified
Since : 20years
Our Product
Jayadurga Homecare Products Pvt. Ltd.
Mancheswar, Bhubaneswar
Customer Care : 9861049796, 9238349796

ଆହ୍ୱାନ ଥିଲା । ଏହି ମତ ଆଦିବାସୀ ସଂପ୍ରଦାୟର ଜୀବଚର୍ଯ୍ୟାର ଅଂଶ ପାଲଟି ଯାଇଥିଲା । ଏହା ସତ୍ତ୍ୱେ ଆଦିବାସୀ ସଂପ୍ରଦାୟ ନିଜସ୍ୱ ବିଶ୍ୱାସ ଉପରେ ଅଟଳ ରହିଥିଲା । ବିର୍ସା ମୁଣ୍ଡା ଏଇଥି ପାଇଁ ବୈଷ୍ଣବ ମତ ସାହାରା ନେଇଥିଲେ, କାରଣ ଖ୍ରୀଷ୍ଟିୟାନ ମିଶନାରୀ ଏବଂ ବ୍ରିଟିଶ ସାମ୍ରାଜ୍ୟବାଦର ବହୁ ପୂର୍ବରୁ ଆଦିବାସୀମାନେ ଏହି ମତ ସହିତ ପରିଚିତ ଥିଲେ ।




୧୮୯୩-୯୪ ମସିହାରେ ବ୍ରିଟିଶ୍ ସରକାର ଗ୍ରାମ ସମୀପବର୍ତ୍ତୀ ସମସ୍ତ ଖାଲି ଜମିକୁ ଜଙ୍ଗଲ ଆଇନ ଆଧାରରେ ନିଜ ଅକ୍ତିଆରକୁ ନେଇଗଲେ । ଏହା ବିରୋଧରେ ବିର୍ସା ମୁଣ୍ଡା ପ୍ରଥମେ ଆନ୍ଦୋଳନ ଆରମ୍ଭ କଲେ । ୧୮୯୫ ମସିହାରେ ବିର୍ସା ମୁଣ୍ଡା ନିଜକୁ ଭଗବାନଙ୍କର ଅବତାର ବୋଲି ଘୋଷଣା କରି 'ବିରସେତ୍' ନାମକ ଏକ ନୂଆ ଧର୍ମ ଘୋଷଣା କଲେ । ଲୋକକଥା ଅନୁଯାୟୀ, ଦିନେ ବିର୍ସା ମୁଣ୍ଡା ଆଦିବାସୀଙ୍କ ମଙ୍ଗଳ ନିମନ୍ତେ ଶୁଦ୍ଧ ଚିତ୍ତରେ ଚିନ୍ତା କରୁଥିବାବେଳେ, ତାଙ୍କ ମୁଣ୍ଡ ଉପରେ ବିଜୁଳିର ଚମକ ଖେଳିଗଲା । ହଠାତ୍ ତାଙ୍କ ମୁହଁ ରକ୍ତିମ ଆଭାରେ ଉଦ୍ଭାସିତ ହୋଇ ଉଠିଲା । ସେହି ମୁହୂର୍ତ୍ତରେ ସେ ଦିବ୍ୟ ଶକ୍ତିର ଅଧିକାରୀ ପାଲଟି ଗଲେ । ଏହି ନୂତନ ଧର୍ମରେ ଖ୍ରୀଷ୍ଟିୟାନ ଧର୍ମର ଏକେଶ୍ୱରବାଦ, ହିନ୍ଦୁ ଧର୍ମର ସହନଶୀଳତା ଓ ସରଳ ଜୀବନଚର୍ଯ୍ୟା ଏବଂ ଆଦିବାସୀ ସଂପ୍ରଦାୟର ମୂଳ ବିଶ୍ୱାସ - ଏ ତିନୋଟି ତତ୍ତ୍ୱର ସମନ୍ୱୟ ଘଟିଥିଲା । ତାଙ୍କ ଆହ୍ୱାନରେ ସମସ୍ତେ ମନ୍ତ୍ରମୁଗ୍ଧ ହୋଇଯାଇଥିଲେ । ସମସ୍ତଙ୍କର ବିଶ୍ୱାସ ଆସିଗଲା, ବିର୍ସା ମୁଣ୍ଡା ହେଉଛନ୍ତି ଭଗବାନ ଏବଂ ସେ ସ୍ପର୍ଶ କରିଦେଲେ କଠିନ ରୋଗ ଭଲ ହୋଇଯିବ । ମୁଣ୍ଡା, ଓରାଓଁ ଏବଂ ଖରିଆ ସଂପ୍ରଦାୟ ସମସ୍ତେ ବିର୍ସା ମୁଣ୍ଡାଙ୍କୁ 'ଭଗବାନ' ନାମରେ ସମ୍ବୋଧନ କରିବାକୁ ଲାଗିଲେ । ସମସ୍ତଙ୍କ ମୁହଁରେ ଗୋଟିଏ ନାମ - ଧରତୀ ଆବା । ସେମାନେ ସମସ୍ତେ ସୂର୍ଯ୍ୟ ଦେବତାଙ୍କୁ ପୂଜା କରୁଥିଲେ । ଉପରେ ସୂର୍ଯ୍ୟ ଏବଂ ଧରତୀରେ ବିର୍ସା - ଏହି ପଂକ୍ତି ଅନେକ ଲୋକଗୀତରେ ସ୍ଥାନ ପାଇଲା । ଛୋଟନାଗପୁର ପାର୍ବତ୍ୟମାଳାର ପ୍ରତି କୋଣ ଅନୁକୋଣରେ ବିର୍ସା ମୁଣ୍ଡା ଭଗବାନ ଏବଂ ଧରତୀ ଆବା ଏହି ନାମରେ ପୂଜା ପାଇବାକୁ ଲାଗିଲେ । ବିର୍ସା ମୁଣ୍ଡା ଘୋଷଣା କଲେ - 'ଆବୁଆ ରାଜ୍ ଏତେ ଜାନା,ମହାରାଣୀ ରାଜ୍ ଟୁଣ୍ଡୁ ଜାନା' 'ରାଣୀଙ୍କ ଶାସନର ଅନ୍ତ ଘଟିବ ଏବଂ ମୁଣ୍ଡା ଶାସନ ଆରମ୍ଭ ହେବ ।' ଏ ଉଦ୍‌ଘୋଷଣା ସମଗ୍ର ସଂପ୍ରଦାୟରେ କୁହୁକ ବାଣୀ ସଦୃଶ ଚମକ ଖେଳାଇ ଦେଇଥିଲା । ହଜାର ହଜାର ସଂଖ୍ୟାର ଲୋକ ବିର୍ସା ମୁଣ୍ଡାଙ୍କୁ 'ଭଗବାନ' ଏବଂ 'ଧରତୀ ଆବା' ବୋଲି ଆଦର କରି ତାଙ୍କ ଅନୁଗାମୀ ପାଲଟି ଗଲେ । ସେମାନଙ୍କୁ ସେ ପୁରାତନ ଅନ୍ଧବିଶ୍ୱାସ ପରିତ୍ୟାଗ କରିବା ସହିତ, ପଶୁବଳି, ଖାଦ୍ୟ ପେୟରେ ସଂଯମତା, ସ୍ୱଚ୍ଛତା, ଗୋ-ସେବା, ପ୍ରାର୍ଥନା ଆଦି ନୂତନ ଜୀବନଶୈଳୀ ସଂପର୍କରେ ବୁଝାଇଥିଲେ ।



ନୂତନ ଧର୍ମ ପ୍ରଚାର କରିବା ପରେ ବହୁ ସଂଖ୍ୟକ ଅନୁଗାମୀଙ୍କର ସମର୍ଥନ ମିଳିବାରୁ, ବିର୍ସା ମୁଣ୍ଡା ସାମାଜିକ କ୍ଷେତ୍ରକୁ ଅବତୀର୍ଣ୍ଣ ହେଲେ । ୧୮୫୬ ମସିହାରେ ଜଣେ ଆଦିବାସୀ ସର୍ଦ୍ଦାର ଅଧୀନରେ ପ୍ରାୟ ୧୫୦ଟି ପର୍ଯ୍ୟନ୍ତ ଗ୍ରାମ ରହିଥିଲା । କିନ୍ତୁ ଦୁଇ ଦଶନ୍ଧି ମଧ୍ୟରେ ୧୮୭୪ ମସିହାକୁ ସେହି ସର୍ଦ୍ଦାରମାନେ ଦିନ ମଜୁରିଆରେ ପରିଣତ ହୋଇ ଯାଇଥିଲେ । ଜମିଦାର ଓ ଠିକାଦାରମାନେ ସେମାନଙ୍କ ସଂପତ୍ତି କୌଶଳକ୍ରମେ ଛଡେଇ ନେଇଥିଲେ । ବିର୍ସା ମୁଣ୍ଡାଙ୍କର ପ୍ରଥମ ଆହ୍ୱାନ ଥିଲା - 'ରାଣୀଙ୍କ ଶାସନର ଅନ୍ତ ଘଟିବ ଏବଂ ମୁଣ୍ଡା ଶାସନ ଆରମ୍ଭ ହେବ ।' ଏଥି ସହିତ ସରକାରଙ୍କୁ ଖଜଣା ଏବଂ ଟ୍ୟାକ୍ସ ନ ଦେବା ପାଇଁ ଆହ୍ୱାନ ଦେଲେ । ବ୍ରିଟିଶ ସରକାର, ଖ୍ରୀଷ୍ଟିୟାନ ମିଶନାରୀ, ଜମିଦାର ଏବଂ ଠିକାଦାର - ସମସ୍ତଙ୍କୁ ସେ 'ଡିକୁ' ନାମରେ ଅଭିହିତ କରି ସେମାନଙ୍କ କବଳରୁ ଆଦିବାସୀ ସଂପ୍ରଦାୟକୁ ମୁକ୍ତ କରିବା ପାଇଁ ଆହ୍ୱାନ ଦେଲେ । ଏହା ପୂର୍ବରୁ ସର୍ଦ୍ଦାର ଆନ୍ଦୋଳନର ନେତାମାନେ ଖ୍ରୀଷ୍ଟିୟାନ ମିଶନାରୀ ଏବଂ ଛୋଟନାଗପୁର ରାଜାଙ୍କର ସହାୟତା ନେଇ ଆଇନ ସମ୍ମତ ପନ୍ଥାରେ ଆନ୍ଦୋଳନର ନେତୃତ୍ୱ ନେଉଥିଲେ । ବିର୍ସା ମୁଣ୍ଡାଙ୍କର ଯୁକ୍ତି ଥିଲା - ଯଦି ଶାସକବର୍ଗ (ଏଥିରେ ସେ ସମସ୍ତଙ୍କୁ ଅନ୍ତର୍ଭୁକ୍ତ କରିଥିଲେ)ଅନ୍ୟାୟ ମାର୍ଗରେ ଆଦିବାସୀଙ୍କୁ ଶୋଷଣ କରୁଛନ୍ତି, ସଶସ୍ତ୍ର ସଂଗ୍ରାମ ମାଧ୍ୟମରେ ହିଁ ଏହାର ପ୍ରତିବାଦ କରାଯିବ ।

ବ୍ରିଟିଶ ଶାସନକାଳରେ ସରଳ ଆଦିବାସୀଙ୍କର ଜମି ହଡପ ଯୋଜନା ଆରମ୍ଭ ହେଲା । ଆଦିବାସୀମାନେ ମୁଖ୍ୟତଃ ପାରଂପରିକ ଶୈଳୀରେ କୃଷିରେ ଲିପ୍ତ ଥିବାରୁ ଉତ୍ପାଦନ କମ୍ ଥିଲା । ତେଣୁ ଉତ୍ପାଦନ ବୃଦ୍ଧି ନିମନ୍ତେ ବ୍ରିଟିଶ ଶାସନକାଳରେ ଅଣଆଦିବାସୀ ଠିକାଦାରମାନଙ୍କୁ ଆଦିବାସୀଙ୍କ ଜମି ହସ୍ତାନ୍ତର ପ୍ରକ୍ରିୟା ଆରମ୍ଭ ହେଲା । ଏହି ଠିକାଦାରମାନେ ଆଦିବାସୀଙ୍କ ଉପରେ ଅତ୍ୟାଚାର ଆରମ୍ଭ କଲେ । ଛୋଟନାଗପୁରର ରାଜାଙ୍କ ଠାରୁ ଆରମ୍ଭ କରି ଉପରିସ୍ଥ ବ୍ରିଟିଶ ଅଧିକାରୀମାନେ ଏହାର ସମର୍ଥନ କରିଥିଲେ । ପ୍ରାଥମିକ ସ୍ତରରେ ବିର୍ସା ମୁଣ୍ଡାଙ୍କ ସଂଗ୍ରାମ ଏହିମାନଙ୍କ ବିରୋଧରେ ସଂଗଠିତ ହୋଇଥିଲା ।

ବିର୍ସା ମୁଣ୍ଡାଙ୍କ ଲୋକପ୍ରିୟତା ଓ ସଂଗ୍ରାମର ପଦଧ୍ୱନିରେ ବ୍ରିଟିଶ ସରକାର ଆତଙ୍କିତ ହୋଇ ତାଙ୍କ ନାମରେ ଗୁଜବ ସୃଷ୍ଟି କଲେ - ଯେଉଁମାନେ ବିର୍ସାଙ୍କ ପ୍ରଚାରିତ ଧର୍ମ 'ବିରସେତ୍' ଗ୍ରହଣ ନ କରିବେ, ବିର୍ସାଙ୍କ ଅନୁଗତମାନେ ସେମାନଙ୍କୁ ହତ୍ୟା କରିବେ । ଗଣହତ୍ୟା ଅପରାଧ ଆଳରେ ବ୍ରିଟିଶ ସରକାର ବିର୍ସା ମୁଣ୍ଡାଙ୍କୁ ୧୮୯୫ ମସିହା ଅଗଷ୍ଟ ୨୪ ତାରିଖରେ ଆରେଷ୍ଟ କଲେ । ବିହାରର ହଜାରୀବାଗ୍ ଜେଲ୍‌ରେ ଦୁଇ ବର୍ଷ ସଶ୍ରମ କାରାଦଣ୍ଡ ଦେଇଥିଲେ । ସେତେବେଳେ ତାଙ୍କୁ ମାତ୍ର ୨୦ ବର୍ଷ । ତାଙ୍କ ଅନୁପସ୍ଥିତିରେ ଆନ୍ଦୋଳନ ଆହୁରି ତେଜୀୟାନ ହୋଇଥିଲା । ୧୮୯୮ ମସିହା




ଜାନୁୟାରୀ ୨୮ ତାରିଖରେ ସେ ଜେଲ୍‌ରୁ ମୁକ୍ତ ହେଲେ ।

ଏହାପରେ ବିର୍ସା ମୁଣ୍ଡାଙ୍କ ସଂପୂର୍ଣ୍ଣ କ୍ରାନ୍ତି 'ଉଲ୍‌ଗୁଲାନ୍' ଆରମ୍ଭ ହେଲା । ସର୍ଦ୍ଦାର ଆନ୍ଦୋଳନ ପରିପ୍ରେକ୍ଷୀରେ ସେ ଜାଣିଥିଲେ , ବ୍ରିଟିଶ ସରକାର କେବଳ ହିଂସାତ୍ମକ ଭାଷାରେ ବୁଝିବା ପାଇଁ ସମର୍ଥ । ତେଣୁ ସେ ଅନୁଗତମାନଙ୍କୁ ଏକତ୍ରିତ ହେବା ପାଇଁ ଯୋଜନା କଲେ । ଏହି ସମୟରେ ସେ ପ୍ରଥମେ ମନ୍ଦିର ସହିତ ଆଦିବାସୀଙ୍କର ସଂପର୍କ ସ୍ଥାନ ପାଇଁ 'ଚୁଟିଆ ମନ୍ଦିର' ପ୍ରବେଶ କରିଥିଲେ ଏବଂ ସେହିଠାରେ ଘୋଷଣା କରିଥିଲେ – ଏ ମନ୍ଦିର 'କୋଲ' ଆଦିବାସୀ ସଂପ୍ରଦାୟର । ଏହାପରେ ରାଞ୍ଚି ଜଗନ୍ନାଥ ମନ୍ଦିର ପ୍ରବେଶ କରି ଆଦିବାସୀ ସଂପ୍ରଦାୟ ଓ ଜଗନ୍ନାଥଙ୍କ ସଂପର୍କର ରହସ୍ୟ ବଖାଣି ଥିଲେ । ଏହାର ମୁଖ୍ୟ କାରଣ ଥିଲା – ଭାରତୀୟ ଧର୍ମ ଓ ସଂସ୍କୃତି ସହିତ ଆଦିବାସୀ ସଂପ୍ରଦାୟର ସଂପର୍କ ବିର୍ସା ମୁଣ୍ଡା ନିଜ ଅନୁଗତମାନଙ୍କୁ ଜଣାଇ ଦେବାକୁ ଚାହୁଁଥିଲେ । ଏହା ଫଳରେ ଖ୍ରୀଷ୍ଟିୟାନ ମିଶନାରୀଙ୍କର ଦୋକାନ ପୂରା ବନ୍ଦ ହୋଇଗଲା । ବିର୍ସା ମୁଣ୍ଡା ସେମାନଙ୍କୁ ଡିକୁ ନାମରେ ଅଭିହିତ କରିଥିବାରୁ ସେମାନଙ୍କ ପକ୍ଷେ ଆଉ ସରଳ ଆଦିବାସୀଙ୍କୁ ପ୍ରଲୋଭିତ କରିବା ସମ୍ଭବ ହେଲା ନାହିଁ । ସେମାନେ ପୁନଶ୍ଚ ବିର୍ସା ମୁଣ୍ଡାଙ୍କ ଗିରଫ ପାଇଁ ସରକାରଙ୍କୁ ନିବେଦନ କଲେ । ଜେଲରୁ ମୁକ୍ତ ହେବା ପରେ ସେ ବ୍ରିଟିଶ ପେଣ୍ଠ ସ୍ଥଳୀ ଚର୍ଚ୍ଚ ଏବଂ ଅଫିସ ଉପରେ ବାରମ୍ବାର ଆକ୍ରମଣ କରି ଆନ୍ଦୋଳନକୁ ତୀବ୍ର ବେଗରେ ତ୍ୱରାନ୍ୱିତ କରିଥିଲେ। ୧୮୯୯ ଖ୍ରୀଷ୍ଟମାସ ପର୍ବ ପୂର୍ବରୁ ବିର୍ସାଙ୍କ ଆହ୍ୱାନରେ ୭୦୦୦ରୁ ଅଧିକ ଆଦିବାସୀ ପୁରୁଷ ଓ ମହିଳା ଏକତ୍ର ହୋଇ 'ଉଲୁଗାନ' ସପକ୍ଷରେ ଶପଥ ନେଇଥିଲେ । ବିର୍ସା ମୁଣ୍ଡାଙ୍କ ପୁରାତନ ବାନ୍ଧବୀ ଶାଲୀ ମହିଳାଙ୍କର ନେତୃତ୍ୱ ନେଇଥିଲେ । ସେହି ମୁହୂର୍ତ୍ତରେ ଆଙ୍ଗ୍‌ଲିକାନ୍ ମିଶନ ଏବଂ କାଥୋଲିକ୍ ମିଶନ ଉଭୟ ଥିଲା ତାଙ୍କର ମୁଖ୍ୟ ଟାର୍ଗେଟ୍ । ବିର୍ସା ମୁଣ୍ଡା ପ୍ରକାଶ୍ୟରେ ଘୋଷଣା କଲେ – ବ୍ରିଟିଶ ଓ ମିଶନାରୀ ଏହିମାନେ ହେଉଛନ୍ତି ଆଦିବାସୀଙ୍କର ଅସଲ ଶତ୍ରୁ ।

୧୯୦୦ ମସିହା ଜାନୁୟାରୀ ୫ ତାରିଖରେ ବିର୍ସାଙ୍କର କିଛି ଅନୁଗତ ଏତକେଡିହ୍ ଅଞ୍ଚଳରେ ଦୁଇ ଜଣ ବ୍ରିଟିଶ କନେଷ୍ଟବଲ୍‌ଙ୍କୁ ହତ୍ୟା କରି ଖୁଣ୍ଟି ଥାନା ଆକ୍ରମଣ କରିଥିଲେ । ଏହା ପରେ ବ୍ରିଟିଶ ଅନୁଗତ କିଛି ବ୍ୟବସାୟୀଙ୍କ ଦୋକାନ ମଧ୍ୟ ଭାଙ୍ଗିରୁଜି ନାରଖାର କରିଦେଲେ । ଏ ଖବର ପାଇବା ମାତ୍ରେ କମିଶନର ଫୋବସ୍ ଏବଂ ଡେପୁଟୀ କମିଶନର ଷ୍ଟ୍ରୀଟ୍‌ଫିଲଡ୍ ୧୫୦ ଜଣ ଫୋର୍ସ ସାଙ୍ଗରେ ଧରି ଘଟଣା ସ୍ଥଳରେ ପହଞ୍ଚିଗଲେ । ପୋଲିସ ଏବଂ ବିର୍ସା ମୁଣ୍ଡାଙ୍କ ଫଉଜ୍ ମଧ୍ୟରେ ଘମାଘୋଟ ଲଢ଼େଇ ଚାଲିଲା । ପୋଲିସର ଅତ୍ୟାଧୁନିକ ମାରଣାସ୍ତ୍ର ତୁଳନାରେ ଆଦିବାସୀଙ୍କ ଧନୁ ତୀର ଫିକା ପଡିଗଲା । ବିର୍ସା ମୁଣ୍ଡା ସିଂହଭୂମି ପର୍ବତମାଳାକୁ ପଳାୟନ କରିବା ପରେ ତାଙ୍କ ନାମରେ ୫୦୦ ଟଙ୍କା ପୁରସ୍କାର ରାଶି ଘୋଷଣା କରାଗଲା ।

ବେଶ୍ କିଛି ଦିନ ଗରିଲା ଯୁଦ୍ଧ ପରେ ୧୯୦୦ ମସିହା ଫେବୃୟାରୀ ୩ ତାରିଖରେ ବିର୍ସା ମୁଣ୍ଡା ଜାମକୋପାଇ ଜଙ୍ଗଲରେ ରାତିରେ ଶୋଇଥିବା ବେଳେ କେହି ଜଣେ ଅର୍ଥଲୋଭୀ ବିଶ୍ୱାସଘାତକର ପ୍ରବଞ୍ଚନା ଫଳରେ ସେ ପୋଲିସ ହାତରେ ଧରା ପଡିଲେ । ଏହି ମାମଲାରେ ସମୁଦାୟ ୪୬୦ ଜଣ ଆଦିବାସୀଙ୍କୁ ୧୫ଟି ମାମଲାରେ ଗିରଫ କରାଯାଇଥିଲା । ଏମାନଙ୍କ ମଧ୍ୟରୁ ୬୩ ଜଣ ଦୋଷୀ ସାବ୍ୟସ୍ତ ହୋଇଥିଲେ । ଜଣଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇଥିଲା । ୩୯ ଜଣ କଳାପାଣି ନିର୍ବାସିତ ହୋଇଥିଲେ । ୨୩ ଜଣ ଆଜୀବନ କାରାଦଣ୍ଡ ଭୋଗିଥିଲେ । ୧୯୦୦ ମସିହା ଜୁନ୍ ୯ ତାରିଖରେ ବିର୍ସା ମୁଣ୍ଡା କାରାଗାରରେ ପ୍ରାଣ ହରାଇଲେ । ଆଉ ପାଞ୍ଚ ଜଣ ମଧ୍ୟ ବନ୍ଦୀ ଅବସ୍ଥାରେ ମୃତ୍ୟୁବରଣ କରିଥିଲେ । ସରକାରଙ୍କ ତରଫରୁ ବିର୍ସା ମୁଣ୍ଡାଙ୍କ ମୃତ୍ୟୁର କାରଣ ଡିସେଣ୍ଟ୍ରି ଏବଂ କଲେରା ବୋଲି ଉଲ୍ଲେଖ କରାଗଲା । କିନ୍ତୁ ଏହାକୁ ନେଇ ଜନମାନସରେ ସନ୍ଦେହ ଆସିଲା । ୨୫ ବର୍ଷର ହୃଷ୍ଟପୁଷ୍ଟ ଯୁବକ ଏମିତି ମୃତ୍ୟୁବରଣ କରିବେ, ହଠାତ କେହି ଏହାକୁ ସହଜରେ ଗ୍ରହଣ କରିପାରିଲେ ନାହିଁ । ସମସ୍ତଙ୍କର ସନ୍ଦେହ ହେଲା, କାରାଗାରରେ ତାଙ୍କୁ ବିଷ ଦେଇ ହତ୍ୟା କରାଯାଇଛି । କାରଣ ପ୍ରବଳ ଜନ ପ୍ରତିବାଦରେ ତାଙ୍କୁ ଫାଶୀ ଦେବା ସମ୍ଭବ ହୋଇ ନ ଥାନ୍ତା । ଛୋଟନାଗପୁରର ଇଭାଞ୍ଜେଲିକାଲ ମିସନ୍, ମୃତ୍ୟୁର କାରଣକୁ ନେଇ ଅଦାଲତରେ ଆପତ୍ତି ଜାହିର କରିଥିଲେ । କିନ୍ତୁ ଅଦାଲତ ତାହା ଅଗ୍ରାହ୍ୟ କରି ଦେଇଥିଲେ । ରାଞ୍ଚି ଡିଷ୍ଟିଲାରୀ ବ୍ରିଜ୍ ନିକଟରେ ବିର୍ସା ମୁଣ୍ଡାଙ୍କ ଅନ୍ତିମ କ୍ରିୟା ପାଳିତ ହୋଇଥିଲା ।

ସେହି ବର୍ଷ ମାର୍ଚ୍ଚ ୨୫ ତାରିଖ 'ଦି ଷ୍ଟେଟସ୍‌ମ୍ୟାନ୍'






ଖବର କାଗଜରେ ବ୍ରିଟିଶ ନର ସଂହାର ବିସ୍ତୃତ ଭାବେ ପ୍ରକାଶ ପାଇଥିଲା । ଡୋମ୍ବାରି ପାହାଡ ଉପରେ ବ୍ରିଟିଶ ସେନା ଆଖିବୁଜା ଗୁଳି ବର୍ଷଣ କରିଥିଲେ । ସାରା ପର୍ବତ ଶବରେ ଛାଇ ହୋଇଯାଇଥିଲା । ଏବେ ମଧ୍ୟ ଡୋମ୍ବାରି ପାହାଡ 'ଟପଡ୍ ବୁରୁ' (ମୃତ ପାହାଡ) ନାମରେ ଅଭିହିତ । ଖବରକାଗଜ ରିପୋର୍ଟ ଅନୁଯାୟୀ ୪୦୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ପ୍ରାଣ ହରାଇଥିବାବେଳେ ସରକାରଙ୍କ ପକ୍ଷରୁ ମୃତକଙ୍କ ସଂଖ୍ୟା ମାତ୍ର ଏଗାର ବୋଲି ଘୋଷଣା କରା ଯାଇଥିଲା । ମୃତ ଶରୀରକୁ ଏବଂ ଆହତ ବ୍ୟକ୍ତିଙ୍କୁ ପାହାଡ ଘାଟିରେ ଫିଙ୍ଗି ଦିଆ ଯାଇଥିଲା । ଖବର କାଗଜ ଆଉ ଏକ ଅଭିଯୋଗ ଆଣିଥିଲେ – ଆଦିବାସୀମାନଙ୍କୁ ଅଦାଲତରେ ଉଚିତ ନ୍ୟାୟ ମିଳି ନ ଥିଲା ।

ଭଗବାନ ବିର୍ସା ମୁଣ୍ଡାଙ୍କ ମହାପ୍ରୟାଣ ପରେ ତାଙ୍କ ନେତୃତ୍ୱରେ ଗଢ଼ି ଉଠିଥିବା ଆନ୍ଦୋଳନର ଅନ୍ତ ଘଟିଲା । କିନ୍ତୁ ତାହାର ପ୍ରଭାବ ଥିଲା ସୁଦୂର ପ୍ରସାରୀ । ବିର୍ସା ମୁଣ୍ଡା 'ଡିକୁ'ମାନଙ୍କ ବିରୋଧରେ ସଂଗ୍ରାମ କରୁଥିଲେ, ଯେଉଁମାନେ ଆଦିବାସୀଙ୍କ ଜମି ହଡପ କରୁଥିଲେ । ୧୯୦୮ ମସିହାରେ ବ୍ରିଟିଶ ସରକାର Chotanagpur Tenancy Act (CNT)ପ୍ରଣୟନ କଲେ, ଯାହା ଫଳରେ ଅଣ ଆଦିବାସୀମାନେ ଆଦିବାସୀଙ୍କ ଜମି ଖରିଦ କରି ପାରିବେ ନାହିଁ । ଏଥି ସହିତ ଜମିଦାରୀ ବ୍ୟବସ୍ଥାରେ ପ୍ରଚଳିତ ବେଠି ପ୍ରଥା ମଧ୍ୟ ଲୋପ ପାଇଲା । ଆଜି ମଧ୍ୟ ଏହି ନିୟମ ବଳବତ୍ତର ରହିଛି । ଏହାକୁ ଆମେ ବିର୍ସା ମୁଣ୍ଡାଙ୍କ ଅବଦାନ ଭାବେ ଗ୍ରହଣ କରିବା ।



୧୯୮୯ ମସିହାରେ ଲୋକସଭା ବାଚସ୍ପତି ବଳରାମ ଝାକର ପାର୍ଲାମେଣ୍ଟ ସଦନରେ ବିର୍ସା ମୁଣ୍ଡାଙ୍କ ଫଟୋଚିତ୍ର ଅନାବରଣ ଅବସରରେ ଯେଉଁ ଶବ୍ଦରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ, ତାହା ଦେଶବାସୀଙ୍କ ତରଫରୁ ଶହୀଦଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧା ସୁମନ ଭାବେ ଗ୍ରହଣ କରାଯିବ- Birsa Munda occupies a distinguished position as a peerless protagonist of tribal rights, a great patriot and a martyr in the long succession of heroes of the Chota Nagpur plateau. A constructive genius, he made the Munda people unite for their political emancipation and infused in them the spirit of nationalism. His followers formed themselves into a sect, worshipping him as a symbol of the aspirations of the people.

ଶହୀଦ ବିର୍ସା ମୁଣ୍ଡାଙ୍କ ଜୀବନୀ ଆଧାରରେ ଦୁଇଟି ହିନ୍ଦି ଚଳଚ୍ଚିତ୍ର ୨୦୦୪ ମସିହାରେ 'ଉଲଗୁଲାନ – ଏକ କ୍ରାନ୍ତି' ଏବଂ ୨୦୦୮ ମସିହାରେ 'ଗାନ୍ଧି ସେ ପହଲେ ଗାନ୍ଧି' ନିର୍ମିତ ହୋଇଛି । ରମନ୍ ମାଗାସେସେ ପୁରସ୍କୃତ ଉପନ୍ୟାସିକା ମହାଶ୍ୱେତା ଦେବୀଙ୍କ ବିଖ୍ୟାତ ଉପନ୍ୟାସ 'ଅରଣ୍ୟେର୍ ଅଧିକାର' ଯେଉଁଥି ପାଇଁ ସେ କେନ୍ଦ୍ର ସାହିତ୍ୟ ଆକାଦେମୀ ପୁରସ୍କାର ଲାଭ କରିଥିଲେ, ତାହା ବିର୍ସା ମୁଣ୍ଡାଙ୍କ ଜୀବନ ଉପରେ ଆଧାରିତ। ଭାରତୀୟ ସେନା ବିହାର ରେଜିମେଣ୍ଟର ରଣ ହୁଙ୍କାର ହେଉଛି- ବିର୍ସା ମୁଣ୍ଡା କି ଜୟ ।

୧୯୫୭ ମସିହାରେ ବିହାର ସରକାରଙ୍କ ତରଫରୁ ୬୪୦ ପୃଷ୍ଠା ସମ୍ବଳିତ History of the Freedom Movement in Bihar ପୁସ୍ତକ ପ୍ରକାଶ ପାଇଥିଲା । ଐତିହାସିକ କାଳୀକିଙ୍କର ଦତ୍ତ ଏହି ପୁସ୍ତକର ଏକ ସ୍ୱତନ୍ତ୍ର ଅଧ୍ୟାୟରେ ବିର୍ସା ମୁଣ୍ଡାଙ୍କ ଅବଦାନ ସଂପର୍କରେ ମାତ୍ର ୧୦ ପୃଷ୍ଠାର ଏକ ନିବନ୍ଧ ଲେଖିଥିଲେ । ଶହୀଦଙ୍କ ଉପରେ ସମ୍ଭବତଃ ଏହା ଥିଲା ପ୍ରଥମ ଗବେଷଣାପ୍ରସୂତ ନିବନ୍ଧ । ଏହା ପରେ Bihar Tribal Research Institute ଆନୁକୂଲ୍ୟରେ ୧୯୬୪ ମସିହାରେ ସୁରେନ୍ଦ୍ର ପ୍ରସାଦ ସିହ୍ନାଙ୍କ ରଚିତ ଜୀବନୀ Life and Times of Birsa Bhagwan ପ୍ରକାଶ ପାଇଲା । ୧୯୭୦ ମସିହାରେ ବିହାରର କୁମାର ସୁରେଶ ସିଂହ(କେ.ଏସ୍.ସିଂହ) ନାମକ ଜଣେ ଆଇ.ଏ.ଏସ୍ ଅଧିକାରୀ ଖୁଣ୍ଟିରେ ସବ୍ ଡିଭିଜନାଲ ଅଫିସର ଭାବେ ଯୋଗ ଦେଲେ ଏବଂ ଖୁଣ୍ଟି ଥିଲା ଶହୀଦ ବିର୍ସା ମୁଣ୍ଡାଙ୍କ ଆନ୍ଦୋଳନ କ୍ଷେତ୍ର । ସେହି ଅଫିସର ବିର୍ସା ମୁଣ୍ଡାଙ୍କ ତ୍ୟାଗ ଏବଂ ତିତିକ୍ଷା ସଂପର୍କରେ ଧିରେ ଧିରେ ଅବଗତ ହେବା ପରେ ତାଙ୍କ ପ୍ରତି ଆକୃଷ୍ଟ ହୋଇ ପାଟନା ବିଶ୍ୱବିଦ୍ୟାଳୟରେ 'A study of Birsa Munda and his movement in Chotanagpur 1874-1901' ଶୀର୍ଷକରେ ପିଏଚ.ଡି ପାଇଁ ପଞ୍ଜିକରଣ କଲେ । ଏହା ପରେ ଶହୀଦ ବିର୍ସା ମୁଣ୍ଡାଙ୍କ ଉପରେ ଶତାଧିକ ନିବନ୍ଧ ଓ ପୁସ୍ତକ ପ୍ରକାଶ ପାଇଛି । ବିଦେଶର ବହୁ ଖ୍ୟାତନାମା ବିଶ୍ୱବିଦ୍ୟାଳୟରେ ତାଙ୍କ ଉପରେ ଗବେଷଣା ଚାଲିଛି । ଜନଜାତି ଆଧାରିତ ବହୁ ଗବେଷଣାଧର୍ମୀ ପତ୍ରିକାରେ ତାଙ୍କ ଉପରେ ଅନେକ ମୂଲ୍ୟବାନ ନିବନ୍ଧ ପ୍ରକାଶ ପାଇଛି । ପାର୍ଲାମେଣ୍ଟ ସଦନରେ ତାଙ୍କ ଫଟୋଚିତ୍ର, ପାର୍ଲାମେଣ୍ଟ ପରିସରରେ ପ୍ରତିମୂର୍ତ୍ତି ଏବଂ ରାଞ୍ଚିର ମୁଖ୍ୟ ବିମାନ ବନ୍ଦର ସମେତ ଝାଡଖଣ୍ଡର ଅନେକ ଖ୍ୟାତନାମା ଅନୁଷ୍ଠାନ ତାଙ୍କ ନାମରେ ନାମିତ ହୋଇଛି । ବିହାର ଏବଂ ଝାଡଖଣ୍ଡର ପାଠ୍ୟପୁସ୍ତକରେ ବିର୍ସା ମୁଣ୍ଡା କେବେଠାରୁ ସ୍ଥାନ ପାଇ ସାରିଛନ୍ତି । ଏହାର ମୁଖ୍ୟ କାରଣ ହେଉଛି – ଅତି ଚମତ୍କାର ଥିଲା ସେ ଜୀବନ । ମାତ୍ର ୨୫ ବର୍ଷ ଜୀବନକାଳ ମଧ୍ୟରେ ସେ ଯାହା କରିପାରିଛନ୍ତି, ତାହାର ତୁଳନା ନାହିଁ । ସେଇ ଅମର ଶହୀଦଙ୍କୁ ପ୍ରଣାମ ।



# ଜୁଆଙ୍ଗ ବାହାଘର

**ଡକ୍ଟର ରଞ୍ଜନ ପ୍ରଧାନ**
ଜନଜାତି ଗବେଷକ
ଜିଲ୍ଲା ପ୍ରତିନିଧି, ସମ୍ବାଦ, କନ୍ଧମାଳ (ଫୁଲବାଣୀ)
ଫୋନ୍: ୯୪୩୭୨୧୩୮୫୪

ଫଟୋ ସୌଜନ୍ୟ : ଲେଖକ

ଓଡ଼ିଶାରେ ବସବାସ କରୁଥିବା ଜନଜାତି ଗୋଷ୍ଠୀଙ୍କ ମଧ୍ୟରେ ଜୁଆଙ୍ଗମାନେ ହେଉଛନ୍ତି ଏକ ପ୍ରମୁଖ ପୁରାତନ ଅନୁସୂଚୀତ ଜନଜାତି ଗୋଷ୍ଠୀ (Particularly Vulnerable Tribal Group) । କେନ୍ଦ୍ର ସରକାରଙ୍କ ପକ୍ଷରୁ ଓଡ଼ିଶାର ମୋଟ ୬୨ ପ୍ରକାର ଜନଜାତି ଗୋଷ୍ଠୀଙ୍କୁ ଆଦିବାସୀର ମାନ୍ୟତା ପ୍ରଦାନ କରାଯାଇଛି । ଅନ୍ୟ ସାଧାରଣ ଜନଜାତି ଗୋଷ୍ଠୀଙ୍କ ତୁଳନାରେ ଆର୍ଥିକ କ୍ଷେତ୍ରରେ ଦୁର୍ବଳ, ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ ଦୃଷ୍ଟିରୁ ଅପହଞ୍ଚ ଜଙ୍ଗଲ ଓ ପାର୍ବତ୍ୟ ଅଞ୍ଚଳରେ ବସବାସ କରୁଥିବା କିଛି ସ୍ୱତନ୍ତ୍ର ବର୍ଗର ଆଦିବାସୀଙ୍କୁ କେନ୍ଦ୍ର ସରକାର 'ପୁରାତନ ଜନଜାତି ଗୋଷ୍ଠୀ'(PVTG) ଭାବେ ଘୋଷଣା କରିଛନ୍ତି । ସମଗ୍ର ଦେଶରେ ମୋଟ ୭୫ଟି ସ୍ୱତନ୍ତ୍ର ଅନଗ୍ରସର ଜନଜାତି ଗୋଷ୍ଠୀଙ୍କୁ 'ପୁରାତନ ଜନଜାତି ଗୋଷ୍ଠୀ' ଭାବେ ଘୋଷଣା କରାଯାଇଛି । ଏହା ମଧ୍ୟରେ ଓଡ଼ିଶାରେ ୧୩ଟି ପିଭିଟିଜି ଶ୍ରେଣୀର ଜନଜାତି ଗୋଷ୍ଠୀ ବସବାସ କରୁଛନ୍ତି । ସେମାନେ ହେଉଛନ୍ତି- ୧. ବିର୍‌ହର୍, ୨. ବଣ୍ଡା, ୩. ଚକୋଟିଆ ଭୁଞ୍ଜିଆ, ୪. ଡିଡ଼ାୟୀ, ୫. ଡଙ୍ଗରିଆ କନ୍ଧ, ୬. ଜୁଆଙ୍ଗ, ୭. ଖଡ଼ିଆ, ୮. କୁଟିଆକନ୍ଧ, ୯. ଲାଞ୍ଜିଆ ସଉରା, ୧୦. ଲୋଧା, ୧୧. ମାଙ୍କିଡ଼ିଆ, ୧୨. ପାଉଡ଼ି ଭୁୟାଁ, ୧୩. ସଉରା ।

ବିର୍‌ହର୍ ପୁରାତନ ଜନଜାତି ବିଶେଷକରି ସମ୍ବଲପୁର ଜିଲ୍ଲାରେ ବସବାସ କରୁଥିବାବେଳେ ବଣ୍ଡା ଓ ଡିଡ଼ାୟୀ ପୁରାତନ ଜନଜାତି ମାଲକାନଗିରି ଜିଲ୍ଲାରେ ଦେଖା ଯାଆନ୍ତି । ସେହିଭଳି ଲୋଧା ଓ ମାଙ୍କିଡ଼ିଆମାନେ ମୟୂରଭଞ୍ଜ ଜିଲ୍ଲାରେ ବସବାସ କରୁଥିବା ବେଳେ ଡଙ୍ଗରିଆ କନ୍ଧ ରାୟଗଡ଼ା ଓ କଳାହାଣ୍ଡି ଜିଲ୍ଲାରେ ଦେଖା ଯାଆନ୍ତି । ଚକୋଟିଆ ଭୁଞ୍ଜିଆ ନୂଆପଡ଼ା ଜିଲ୍ଲାରେ ଏବଂ ପାଉଡ଼ି ଭୂୟାଁ ଦେବଗଡ଼ ଓ କେନ୍ଦୁଝର ଜିଲ୍ଲାରେ ବସବାସ କରୁଥିବାର ଦେଖାଯାଏ । ଜୁଆଙ୍ଗମାନେ କେନ୍ଦୁଝର ଓ ଢେଙ୍କାନାଳ ଜିଲ୍ଲାରେ ବସବାସ କରନ୍ତି ।

ଜୁଆଙ୍ଗମାନେ କେନ୍ଦୁଝର ଜିଲ୍ଲାର ବାଂଶପାଳ, ହରିଚନ୍ଦନପୁର, ତେଲକୋଇ ଓ ଘଟଗାଁ ବ୍ଲକର



▶ଲେଖକ ଡ. ରଞ୍ଜନ ପ୍ରଧାନ

ପାର୍ବତ୍ୟାଞ୍ଚଳରେ ବସବାସ କରନ୍ତି । କେନ୍ଦୁଝରର ଗୋନାସିକା ଅଞ୍ଚଳରେ ବାସ କରୁଥିବା ମୂଳ ଜୁଆଙ୍ଗମାନେ କିଛି ସଂଖ୍ୟାରେ ଢେଙ୍କାନାଳ ଓ ଅନୁଗୁଳର ପାଲଲହଡ଼ା ଅଞ୍ଚଳକୁ ଚାଲିଯାଇ ସେଠାରେ ବସବାସ କରୁଛନ୍ତି । କେନ୍ଦୁଝର ଜିଲ୍ଲାର ଗୋନାସିକା ପାର୍ବତ୍ୟାଞ୍ଚଳକୁ ଜୁଆଙ୍ଗମାନଙ୍କର ମୂଳ ବାସସ୍ଥଳୀ ଭାବେ ଧରାଯାଏ । ଜୁଆଙ୍ଗମାନେ ଅତି ନମ୍ର ଓ ଲାଜକୁଳା ସ୍ୱଭାବର ଅଟନ୍ତି । ସେମାନେ ଖୁବ୍ ସରଳ ଓ ଅତିଥି ପରାୟଣ ।

'ଜୁଆଙ୍ଗ' ଶବ୍ଦଟିର ଅର୍ଥ ହେଉଛି ମଣିଷ । ଲିପି ନଥିଲେ ମଧ୍ୟ ଜୁଆଙ୍ଗମାନଙ୍କର ଏକ ନିଜସ୍ୱ ଭାଷା ରହିଛି । ଜୁଆଙ୍ଗମାନଙ୍କର ଭାଷା 'ଆଷ୍ଟ୍ରୋ ଏସିଆଟିକ୍ ଭାଷା' ଅନ୍ତର୍ଗତ ଉତ୍ତର ମୁଣ୍ଡାରି ଭାଷାଗୋଷ୍ଠୀ ଅନ୍ତର୍ଭୁକ୍ତ । ଭୌଗୋଳିକ ଅବସ୍ଥିତିକୁ ଭିତ୍ତିକରି ଜୁଆଙ୍ଗମାନଙ୍କୁ ସାଧାରଣତଃ ଦୁଇଟି ଶ୍ରେଣୀଭୁକ୍ତ କରାଯାଇଥାଏ । ତାହା ହେଲା- ୧. ଥାନିଆ, ୨. ଭାଗୁଡ଼ିଆ ।

କେନ୍ଦୁଝର ଜିଲ୍ଲାର ଗୋନାସିକା ପାର୍ବତ୍ୟାଞ୍ଚଳରେ ବସବାସ କରୁଥିବା ମୂଳ ଜୁଆଙ୍ଗମାନଙ୍କୁ 'ଥାନିଆ' କୁହାଯାଉଥିବା ବେଳେ କେନ୍ଦୁଝରର ଚାଲିଯାଇ ଢେଙ୍କାନାଳ ଓ ଅନୁଗୁଳ ଜିଲ୍ଲାରେ ବସବାସ କରୁଥିବା ଜୁଆଙ୍ଗମାନଙ୍କୁ 'ଭାଗୁଡ଼ିଆ' କୁହାଯାଏ ।

ଜୁଆଙ୍ଗମାନେ ନିଜକୁ 'ଋଷିପୁତ୍ର' ବୋଲି ମନେ କରିଥାନ୍ତି । ଏ ପୃଥିବୀ ପୃଷ୍ଠରେ ପ୍ରଥମେ ଜୁଆଙ୍ଗମାନଙ୍କର ଆବିର୍ଭାବ ଘଟିଥିଲା ବୋଲି ସେମାନେ ବିଶ୍ୱାସ କରନ୍ତି । ଋଷିପୁତ୍ର ହୋଇଥିବାରୁ ଜୁଆଙ୍ଗମାନେ ନିଜକୁ ଶୁଦ୍ଧ ପବିତ୍ର ମନେ କରିଥାନ୍ତି ।

ଜୁଆଙ୍ଗମାନଙ୍କ ସାମାଜିକ ଏବଂ ଗ୍ରାମ୍ୟ ପ୍ରଶାସନିକ ବ୍ୟବସ୍ଥା ଖୁବ୍ ଉଚ୍ଚକୋଟୀର । ଗାଁ ମଝିରେ ଏକ ସାଧାରଣ ଗୃହ ଥାଏ, ଯାହାକୁ 'ମଜାଙ୍ଗ' (ମଣ୍ଡଘର) କୁହାଯାଏ । ଏହି ମଜାଙ୍ଗ ହେଉଛି ଜୁଆଙ୍ଗମାନଙ୍କ ସାମାଜିକ ଓ ସାଂସ୍କୃତିକ ଜୀବନର ପ୍ରାଣକେନ୍ଦ୍ର । ମଜାଙ୍ଗ୍ ଏକାଧାରାରେ ଗାଁ ନ୍ୟାୟାଳୟ, ସୂଚନା କେନ୍ଦ୍ର, ଅତିଥି ଭବନ, କୋଠଘର, ସାଂସ୍କୃତିକ କେନ୍ଦ୍ର, ଯୁବକ ସଂଘ ଗୃହ, ଅବସର ବିନୋଦନ କେନ୍ଦ୍ର ଓ ଧାର୍ମିକ କେନ୍ଦ୍ର ଭାବେ କାର୍ଯ୍ୟ କରିଥାଏ । ମଜାଙ୍ଗଟି କୌଣସି ଜୁଆଙ୍ଗର ବ୍ୟକ୍ତିଗତ ମାଲିକାନାରେ ନଥାଏ । ଏହା ଉପରେ ଗ୍ରାମବାସୀଙ୍କର ମିଳିତ ଅଧିକାର ଥାଏ ।

ଜୁଆଙ୍ଗମାନଙ୍କ ଗ୍ରାମ୍ୟ ପ୍ରଶାସନିକ ବ୍ୟବସ୍ଥା ମଧ୍ୟ ଉଚ୍ଚକୋଟୀର ଓ ଶୃଙ୍ଖଳିତ । ଗାଁରେ ଜଣେ ପ୍ରଶାସନିକ ମୁଖିଆ ଥା'ନ୍ତି ଯାହାକୁ 'ପଧାନ' କହନ୍ତି । ସେହିଭଳି ଗାଁରେ ଜଣେ ଧାର୍ମିକ ମୁଖିଆ ଥା'ନ୍ତି, ତାଙ୍କୁ 'ନାଗମ୍' (ପୂଜକ) କହନ୍ତି । ନାଗମ୍ ଓ ପଧାନଙ୍କୁ ସହାୟତା କରିବା ପାଇଁ ଗାଁରେ ବାରଭାଇ, ଡାଙ୍ଗୁଆ, କାର୍ଜି, ଅଧିକାରୀ, ରାଉଳିଆ, ପାଞ୍ଜିଆମାନେ ଥା'ନ୍ତି । ଆଜିକାଲି 'ପଧାନ' ସ୍ଥାନରେ ପଞ୍ଚାୟତିରାଜ ବ୍ୟବସ୍ଥାରେ ନିର୍ବାଚିତ ୱାର୍ଡମେମ୍ବର ଗାଁର ମୁଖିଆ ଭାବେ ଦାୟିତ୍ୱ ତୁଲାଉଥିବାର ଦେଖିବାକୁ ମିଳୁଛି । ତଥାପି ଗାଁର ସାଂସ୍କୃତିକ ଓ ଧାର୍ମିକ କାର୍ଯ୍ୟକ୍ରମରେ 'ପଧାନ' ଓ 'ନାଗମ୍'ଙ୍କର ଏକ ସର୍ବକାଳୀନ ଭୂମିକା ରହିଛି ।

## ଜୁଆଙ୍ଗ ସମାଜରେ ବିବାହ ବ୍ୟବସ୍ଥା

ପୁରୁଷ ଓ ନାରୀ ମଧ୍ୟରେ ବିବାହ ହେବା ଏବଂ ବଂଶବୃଦ୍ଧି କରିବା ମଣିଷର ଏକ ସହଜାତ ପ୍ରବୃତ୍ତି । ଜୁଆଙ୍ଗ ସମାଜରେ ବିବାହକୁ ଏକ ପବିତ୍ର କାର୍ଯ୍ୟ ରୂପେ ବିବେଚନା କରାଯାଇଥାଏ । ବିବାହ ସମୟରେ କିଛି ବିଶେଷ ଦିଗ ପ୍ରତି ଧ୍ୟାନ ଦିଆଯାଇଥାଏ । ଜୁଆଙ୍ଗମାନଙ୍କ କ୍ଷେତ୍ରରେ ସମଗୋତ୍ରୀ (କୁଟୁମ୍ବ)ଙ୍କ ମଧ୍ୟରେ ବିବାହ ସମ୍ଭବପର ହୋଇ ନଥାଏ । ସମାନ ଗୋତ୍ର ବା ପରିବାରର ସଦସ୍ୟମାନେ ଗୋଟିଏ କୁଟୁମ୍ବର ଅନ୍ତର୍ଭୁକ୍ତ ହୋଇଥାନ୍ତି । ଏଣୁ ସମଗୋତ୍ରୀଙ୍କ ମଧ୍ୟରେ ବୈବାହିକ ସମ୍ବନ୍ଧ ସ୍ଥାପନ ହୋଇ ନଥାଏ । ଭିନ୍ନ କୁଟୁମ୍ବଙ୍କ ମଧ୍ୟରେ ବୈବାହିକ ସମ୍ବନ୍ଧ ସ୍ଥାପନ ହେବା ପରେ ସେମାନଙ୍କ ମଧ୍ୟରେ ବନ୍ଧୁ ସମ୍ପର୍କ ଗଢ଼ି ଉଠେ । ନିଜ ମା'ଙ୍କ ଭାଇର ଝିଅ ଏବଂ ବାପାଙ୍କ ଭଉଣୀର ପୁଅ ଏବଂ କୁଟୁମ୍ବ ଅନ୍ତର୍ଗତ ସମ୍ପର୍କୀୟଙ୍କ ମଧ୍ୟରେ ବିବାହ ହୋଇ ନଥାଏ ।

ସାଧାରଣତଃ ଜୁଆଙ୍ଗମାନେ ଏକପତ୍ନୀ ଗ୍ରହଣ କରିଥାନ୍ତି । ମାତ୍ର ପତ୍ନୀ ଯଦି ବନ୍ଧ୍ୟା ହୁଏ, ତେବେ ଦ୍ୱିତୀୟ ପତ୍ନୀ ଗ୍ରହଣ କରିବାରେ କୌଣସି ପ୍ରତିବନ୍ଧକ ନଥାଏ । ବର୍ଷର ପ୍ରାୟ ସବୁ ସମୟରେ ବିବାହ ଅନୁଷ୍ଠିତ ହୋଇଥାଏ । ଜୁଆଙ୍ଗ ସମାଜରେ ସ୍ଥିରୀକୃତ ବିବାହ ସଂଖ୍ୟା କମ୍ ଦେଖାଯାଏ । ମକର, ରଜ କିମ୍ବା ଅନ୍ୟାନ୍ୟ ପର୍ବପର୍ବାଣିମାନଙ୍କରେ ପୁଅ ଝିଅଙ୍କ ମଧ୍ୟରେ ପ୍ରେମ ଓ ଭାବ ଦିଆନିଆ ହୁଏ । ଶେଷରେ ପୁଅ ଝିଅମାନେ ମନ ରାଜିରେ ବିବାହ ବନ୍ଧନରେ ଆବଦ୍ଧ ହୁଅନ୍ତି । ଅନେକ ସମୟରେ ପ୍ରେମ କରୁଥିବା ଯୁବକ-ଯୁବତୀଙ୍କ ପ୍ରେମ ବିବାହ ପାଇଁ ନିଜ ସମାଜ କିମ୍ବା ଗାଁ ପ୍ରତିବନ୍ଧକ ସାଜିଥାଏ । ଏ କ୍ଷେତ୍ରରେ ସମ୍ପୃକ୍ତ ଯୁବକ-ଯୁବତୀ ସାଥୀ ହୋଇ ଗାଁରୁ କେଉଁଆଡ଼େ ପଳାୟନ କରିଥାନ୍ତି । ସମ୍ପୃକ୍ତ ଯୁବକ ତା'ର ପ୍ରେମିକାକୁ ଅପହରଣ କରି ନିଜ ଗାଁଠାରୁ ବହୁ ଦୂରକୁ ଚାଲିଯାଏ । ଏଭଳି ଅପହରଣ ବିବାହ ଜୁଆଙ୍ଗ ସମାଜରେ ବହୁ ମାତ୍ରାରେ ଦେଖିବାକୁ ମିଳିଥାଏ ।

ସ୍ଥିରିକୃତ ବିବାହ ପାଇଁ ବର ପକ୍ଷଙ୍କୁ ବହୁତ ଅର୍ଥ ଖର୍ଚ୍ଚ କରିବାକୁ ପଡ଼ିଥାଏ । ଏଣୁ ଅପହରଣ ବିବାହ କିମ୍ବା ପ୍ରେମ ବିବାହ ଜୁଆଙ୍ଗ ସମାଜରେ ଏକ ସହଜ ଏବଂ ଗ୍ରହଣୀୟ ବିବାହ ଭାବେ ପ୍ରଚଳିତ । ଏହି ଅପହରଣ ବିବାହ ବା 'ଡିଗର କନିଆ ବିଭା' ଜୁଆଙ୍ଗ ସମାଜରେ ବେଶି ମାତ୍ରାରେ ଦେଖିବାକୁ ମିଳିଥାଏ ।

ବିବାହ ପୂର୍ବରୁ ପୁତ୍ର ଓ କନ୍ୟାଙ୍କ ବୈବାହିକ ଜୀବନ ନେଇ 'ରାଉଳିଆ' (ଜ୍ୟୋତିଷ) ଭବିଷ୍ୟବାଣୀ କରିଥାନ୍ତି । ରାଉଳିଆଙ୍କ ଭବିଷ୍ୟବାଣୀ କରିବାର ପ୍ରକ୍ରିୟାଟି ମଧ୍ୟ ଅଦ୍ଭୁତ । ରାଉଳିଆ ପ୍ରଥମେ ଭୂମି ଉପରେ ଚାରିଗୋଟି ଅକ୍ଷତ ଅରୁଆ ଚାଉଳକୁ ଥାକ ଥାକ କରି ରଖି ତା' ଉପରେ ଗୋଟିଏ ଟୋକେଇ ଘୋଡ଼େଇ ଦିଅନ୍ତି । ଟୋକେଇଟିକୁ ଚାଉଳ ଉପରେ ଏଭଳି ଘୋଡ଼ାଇ ଦିଆଯାଏ, ଯେମିତି ଏହା ମଧ୍ୟକୁ ପିମ୍ପୁଡ଼ି କି ଜନ୍ତ ପ୍ରବେଶ କରିପାରିବେ ନାହିଁ । ଏଥିପ୍ରତି ବିଶେଷ ଧ୍ୟାନ ଦିଆଯାଇଥାଏ । ଏହି ଚାରିଗୋଟି ଚାଉଳ ବରର ସ୍ୱାସ୍ଥ୍ୟ, କନ୍ୟାର ସ୍ୱାସ୍ଥ୍ୟ, ସେମାନଙ୍କ ବୈବାହିକ ଜୀବନ ଓ ଭବିଷ୍ୟତରେ ସେମାନଙ୍କଠାରୁ ଜନ୍ମ ହେବାକୁ ଥିବା ସନ୍ତାନମାନଙ୍କର ଭବିଷ୍ୟତ ସମ୍ପର୍କରେ ଭବିଷ୍ୟବାଣୀ କରିଥାଏ । ମାଟି ଉପରେ ଥାକ କରି ରଖାଯାଇଥିବା ଏହି ଚାଉଳ ଉପରେ ୮ରୁ ୧୦ ଘଣ୍ଟା କାଳ ଟୋକେଇ ଘୋଡ଼େଇ ରଖିବା ପରେ ସମସ୍ତଙ୍କ ଉପସ୍ଥିତିରେ ଏହାକୁ ବାହାର କରାଯାଏ । ଯଦି ଚାଉଳ ପୂର୍ବ ଭଳି ନିଜ ସ୍ଥିତିରେ ଅପରିବର୍ତ୍ତିତ ରହିଥାଏ, ତେବେ ବିବାହ ଶୁଭ ବୋଲି ଧରାଯାଏ । ଯଦି ଚାଉଳ ଉଭାନ ହୋଇ ଯାଇଥାଏ କିମ୍ବା ବିଛେଇ ହୋଇ ଏଣେତେଣେ ପଡ଼ିଥାଏ, ତେବେ ବିବାହ ଶୁଭଙ୍କର ନୁହେଁ ବୋଲି ରାଉଳିଆ ମତବ୍ୟକ୍ତ କରିଥାଏ । ସଙ୍ଗେ ସଙ୍ଗେ ପ୍ରସ୍ତାବ ପଡ଼ିଥିବା ବିବାହକୁ ବାତିଲ କରି ଦିଆଯାଏ ।

ଜୁଆଙ୍ଗ ସମାଜରେ ପୂର୍ବେ 'କନ୍ୟା ସୁନା' (Bride Price) ପ୍ରଥା ପ୍ରଚଳିତ ଥିଲା । ଏବେ ବି ଏହା ବଳବତ୍ତର ରହିଛି । ବରପକ୍ଷ କନ୍ୟା ପକ୍ଷଙ୍କୁ କିଛି ଟଙ୍କା, ମଦ, କୁକୁଡ଼ା, ଧୂଆଁପତ୍ର ଆଦି ପ୍ରଦାନ କରିଥାନ୍ତି । ଧନୀ ପରିବାରର ଜୁଆଙ୍ଗ ବରମାନେ କନ୍ୟା ପକ୍ଷଙ୍କୁ ଛେଳି, ମେଣ୍ଢା କିମ୍ବା ଘୁଷୁରି ଆଦି ପ୍ରଦାନ କରିଥାନ୍ତି । ସାଧାରଣ ଗରିବ ଜୁଆଙ୍ଗ ବରପକ୍ଷ ଅତି କମ୍‌ରେ କିଛି ମଦ, ଧୂଆଁପତ୍ର ଓ କୁକୁଡ଼ା ଦେଇ ପାରିଲେ ବିବାହ ଅନୁଷ୍ଠିତ ହୋଇଥାଏ । ବରପକ୍ଷ ପ୍ରଦାନ କରିଥିବା କୁକୁଡ଼ା, ଛେଳି, ମେଣ୍ଢା ମାଂସରେ ଏକ ସମୂହ ଭୋଜିର ଆୟୋଜନ ହୋଇଥାଏ ।

ଜୁଆଙ୍ଗ ସମାଜରେ ବିଭିନ୍ନ ପ୍ରକାରର ବିବାହ ଦେଖିବାକୁ ମିଳିଥାଏ । ବିବାହ କରିବାକୁ ଥିବା କନ୍ୟାର ଗୁଣ, ପ୍ରକାର ଓ ଚରିତ୍ର ଅନୁସାରେ ଜୁଆଙ୍ଗ ସମାଜରେ ବିଭିନ୍ନ ପ୍ରକାର ବିବାହ ଦେଖିବାକୁ ମିଳିଥାଏ । ସେଗୁଡ଼ିକ ହେଲା-

୧. କମାଣ୍ଡରିଆ କନିଆ ବିଭା (Arranged Marriage)

୨. ଟାଙ୍କେଇ ଓଟି ବିଭା (Arranged Marriage)



୩. ଡିଗର କନିଆ ବିଭା (Marriage by Capture)

୪. ମନମାନି ବିଭା (Love Marriage)

୫.ସୁରୁମ୍ କନିଆ ବିଭା (ଗବଵଵସବଶର ଭଚ ରକ୍ଷକ୍କୁରଙ୍କରଭଶ୍ର)

୬. ଉଡୁଙ୍ଗ୍ କନିଆ ବିଭା (Marriage after the girl gets pregnant)

୭. ଓ୍ୱାଡ଼ି କନିଆ ବିଭା (Child Marriage)

୮. ବୁର୍ହା କନିଆ ବିଭା (Widow Re-Marriage)

୯.ଡାକି କନିଆ ବିଭା (Re-Marriage of the Divorced Women)

୧୦. ଘରଜୋଇଁଆ (Son-in-law in house)

୧୧. ହାଟୁଆ କନିଆ ବିଭା (Hindu type of Marriage)

## କମାଣ୍ଡରିଆ ବିଭା (Arranged Marriage)

ଏହି ପ୍ରକାର ବିବାହ ଉଭୟ ବର ଓ କନ୍ୟା ପରିବାରର ସଦସ୍ୟମାନଙ୍କ ଦ୍ୱାରା ପାରମ୍ପରିକ ଭାବେ ସ୍ଥିର କରାଯାଇଥାଏ । ଏଥିରେ ମଧ୍ୟସ୍ଥି (କମାଣ୍ଡରିଆ)ର ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇଥାଏ । ଏହି ବିବାହ ବେଳେ ପ୍ରଥମେ ବରପିତା ଓ ବୟସ୍କ ଜ୍ଞାତି କୁଟୁମ୍ବ କମାଣ୍ଡରିଆ (ମଧ୍ୟସ୍ଥି) ଜରିଆରେ କନ୍ୟା ଘରକୁ ଯାଇ କନ୍ୟା ପିତାମାତାଙ୍କୁ ବିବାହ ପ୍ରସ୍ତାବ ଦେଇଥାନ୍ତି । ବିବାହରେ ପ୍ରମୁଖ ଭୂମିକା ତୁଲାଉଥିବା ମଧ୍ୟସ୍ଥିକୁ କମାଣ୍ଡରିଆ କୁହାଯାଏ । କମାଣ୍ଡରିଆ ମହାଶୟ ଉଭୟ ବର ଓ କନ୍ୟା ଘର ମଧ୍ୟରେ ଯୋଗସୂତ୍ର ରକ୍ଷା କରୁଥିବାରୁ ଏହି ବିବାହକୁ କମାଣ୍ଡରିଆ କନିଆ ବିଭା କୁହାଯାଏ ।

କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକର ଜୁଆଙ୍ଗବହୁଳ ତଳଚମ୍ପେଇ ଗ୍ରାମରେ ହୋଇଥିବା ଏକ କମାଣ୍ଡରିଆ ବିଭାର ବିବରଣୀ ଏଠାରେ ପ୍ରଦାନ କରାଯାଉଛି । ତଳଚମ୍ପେଇ ଗ୍ରାମର ଘାସିଆ ଜୁଆଙ୍ଗଙ୍କ କନିଷ୍ଠ କନ୍ୟା ପ୍ରମିଳା ଜୁଆଙ୍ଗ ଏବଂ ଉପରରାଇଡିହା ଗ୍ରାମର କାଶିଆ ଜୁଆଙ୍ଗଙ୍କ ଜ୍ୟେଷ୍ଠ ପୁତ୍ର ସନାତନ ଜୁଆଙ୍ଗଙ୍କ ମଧ୍ୟରେ ବିବାହ ଅନୁଷ୍ଠିତ ହୋଇଥିଲା । ଏହି ବିବାହରେ ଏହି ଲେଖକ ଉପସ୍ଥିତ ରହି ଜୁଆଙ୍ଗ ବିବାହ କେମିତି ହୁଏ ତାହା ଅନୁଧ୍ୟାନ କରିଥିଲା ।

ସନ୍ଧ୍ୟା ପୂର୍ବରୁ ଉପରରାଇଡିହା ଗ୍ରାମର ଆର୍ଥାତ୍ ବରପକ୍ଷ ଲୋକେ କନିଆକୁ ନେବା ପାଇଁ ତଳଚମ୍ପେଇ ଗ୍ରାମରେ ପହଞ୍ଚିଥିଲେ । ବର ପକ୍ଷରୁ 'କନ୍ୟାମୂଲ' ବାବଦକୁ ଚାରିଗୋଟି କୁକୁଡ଼ା, ଦୁଇ ଡବା ମଦ (ହାଣ୍ଡିଆ), ଛଅ ବୋତଲ ମହୁଲି ମଦ, ତିନି କାଣ୍ଡି ଚାଉଳ, ଧାନ, ପନିପରିବା ଧରି କନ୍ୟା ଗ୍ରାମରେ ପହଞ୍ଚିବା ପରେ ସନ୍ଧ୍ୟାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଭୋଜିଭାତର ଆୟୋଜନ ହୋଇଥିଲା । ଏହି ଲେଖକ ସେହି ବିବାହ ଭୋଜିରେ ସାମିଲ ହୋଇଥିଲା । ଭୋଜି ଶେଷ ହେବା ପରେ ସେହି ରାତିରେ ହିଁ ବରପକ୍ଷ କନ୍ୟାକୁ ଧରି ବରର ଗ୍ରାମ ଉପର ରାଇଡିହାକୁ ଫେରି ଆସିଥିଲେ । ଉପରରାଇଡିହାରେ ପରଦିନ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଥିଲା । ସକାଳ ୮ଟାରେ ବିବାହ କାର୍ଯ୍ୟ ଆରମ୍ଭ ହୋଇ ଦିନ ଦୁଇଟା ବେଳକୁ ଶେଷ ହୋଇଥିଲା । ବିବାହ କାର୍ଯ୍ୟ ପରେ ବରଘର ପକ୍ଷରୁ ଏକ ସମୂହ ଭୋଜିର ବ୍ୟବସ୍ଥା ହୋଇଥିଲା । ବର ଗ୍ରାମବାସୀ ଓ କନ୍ୟା ସାଥିରେ ଆସିଥିବା କୁଣିଆମାନେ ପଙ୍କ୍ତି ଭୋଜନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ସହ ଟିକେ ଟିକେ ମଦପାଣି ନେଇଥିଲେ । ଏହାପରେ ସଞ୍ଜ ବୁଡ଼ିବାରୁ ଗ୍ରାମରେ ସେଲାନ୍ (ଯୁବତୀ) ଓ କଙ୍ଗେର (ଯୁବକ)ମାନେ ଚାଙ୍ଗୁନାଚ ଓ ଗୀତର ଆସର ଜମେଇଥିଲେ ।

ବିବାହର ଷଷ୍ଠ ଦିନରେ 'କାଦଘାଟି' ପର୍ବ ପାଳିତ ହୋଇଥିଲା ।

## ବିବାହ ବର୍ଣ୍ଣନା

ରୀତି ଅନୁସାରେ ପ୍ରଥମେ ପୁଅ ଘର ପକ୍ଷରୁ ପୁଅର ପିତା, ଜ୍ଞାତିକୁଟୁମ୍ବ ଏବଂ ମଧ୍ୟସ୍ଥି (କମାଣ୍ଡରିଆ) ଝିଅ ଘରକୁ ପ୍ରସ୍ତାବ ନେଇ ଯାଆନ୍ତି । କମାଣ୍ଡରିଆଙ୍କ ମୁଖ୍ୟ ଭୂମିକା ହେଉଛି, ସେ ବରଘର ପକ୍ଷରୁ କନିଆ ଘରକୁ ପ୍ରସ୍ତାବ ନେଇ ଯାଆନ୍ତି । ବରପକ୍ଷ କନିଆ ଗ୍ରାମର ମଜାଙ୍ଗ (ମଣ୍ଡଘର)ରେ ଅତିଥି ହୋଇଥାନ୍ତି । କନିଆ ଗ୍ରାମବାସୀ ଓ ବରପକ୍ଷଙ୍କ ମଧ୍ୟରେ ମଣ୍ଡଘରେ ଆପୋଷ ଆଲୋଚନା ହୋଇଥାଏ । ବରଘରର ସାମାଜିକ ପ୍ରତିଷ୍ଠା, ବରର ରୂପ, ଗୁଣ ସମ୍ପର୍କରେ କମାଣ୍ଡରିଆ କନିଆ ଘର ପକ୍ଷଙ୍କୁ ବର୍ଣ୍ଣନା କରନ୍ତି ଏବଂ ବିଭାଘରର ଘଟସୂତ୍ର ଭାବେ କାର୍ଯ୍ୟ କରନ୍ତି । ଯଦି କନ୍ୟା ଘର ପକ୍ଷରୁ ଉକ୍ତ ପ୍ରସ୍ତାବରେ ସମ୍ମତି ପ୍ରକାଶ କରାଯାଏ, ତେବେ ଏହି ବିଭାଘର ଗୃହୀତ ହେଲା ବୋଲି ଧରି ନିଆଯାଏ । ପ୍ରଥମ ଥର କନ୍ୟା ଦେଖା କାମ ସରିଗଲା ପରେ ପୁନର୍ବାର ବରଘର ପକ୍ଷରୁ କନ୍ୟା ଗ୍ରାମକୁ ଯାଇଥାନ୍ତି । କମାଣ୍ଡରିଆ ସହିତ ବର ଘରର ଲୋକେ କନ୍ୟା ଘରକୁ ସାଥୀରେ ନଡ଼ିଆ, କଦଳୀ, ଚାଉଳ, ମଦ, କୁକୁଡ଼ା, ଛେଳି, ମେଣ୍ଢା ଓ ଟଙ୍କା ଧରି ଆସନ୍ତି । ଏହାକୁ 'କନ୍ୟାମୂଲ' କୁହାଯାଏ । କନ୍ୟା ଘରେ ବିବାହର ଦିନ ଧାର୍ଯ୍ୟ କରାଯାଏ । ଏହାପରେ ବରଘର ପକ୍ଷରୁ ଆସିଥିବା ଏହି କନ୍ୟାମୂଲକୁ କନ୍ୟା ଘର ପକ୍ଷରୁ ଗ୍ରହଣ କରାଯାଏ । ବିବାହ ପ୍ରସ୍ତାବ ସ୍ଥିର ହେଲା ପରେ ବିବାହର ଦିନ ଧାର୍ଯ୍ୟ କରାଯାଏ । ବିଭାଘର ପୂର୍ବଦିନ ବର ସହିତ ବରଘର ପକ୍ଷରୁ ବରଯାତ୍ରୀମାନେ କନ୍ୟା ଘରକୁ ଆସନ୍ତି । କନ୍ୟାଘର ଗାଁର ମଜାଙ୍ଗ୍ (ମଣ୍ଡଘର) ନିକଟରେ ଏକ ଅସ୍ଥାୟୀ ବେଦୀ ନିର୍ମାଣ କରାଯାଇଥାଏ । ଆମ୍ବ ଡାଳ, କଦଳୀ ଗଛ, ବିଭିନ୍ନ ପ୍ରକାର ଡାଳପତ୍ର ଓ ଫୁଲରେ ବେଦୀ ସଜା ଯାଇଥାଏ । ଏଠାରେ ବରଘର ପକ୍ଷରୁ ଆସିଥିବା ଚାଉଳ, ପନିପରିବା, କୁକୁଡ଼ା କିମ୍ବା ଛେଳି ରୋଷେଇ ହୁଏ । ବରପକ୍ଷ ଓ କନ୍ୟାଗ୍ରାମର ଲୋକେ ମିଳିତ ଭାବେ ଭୋଜିଭାତ ଖାଇ ବରଘରୁ ଆସିଥିବା ମଦ ପିଇ ନାଚଗୀତର ଆସର ଜମେଇଥାନ୍ତି । ଏ ସମସ୍ତ କାର୍ଯ୍ୟକ୍ରମ ଶେଷ ହେବାପରେ ବରପକ୍ଷ କନ୍ୟାକୁ ସାଥୀରେ ଧରି ବର ଗାଁକୁ ଫେରନ୍ତି । ପରଦିନ ବରଗାଁରେ ବିବାହ କାର୍ଯ୍ୟ ଯଥା ବିଧି ପ୍ରକାରେ ଅନୁଷ୍ଠିତ ହୋଇଥାଏ ।

ଗ୍ରାମର ବୟସ୍କ ବ୍ୟକ୍ତିମାନେ ବିବାହ କାର୍ଯ୍ୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତି । ବରପକ୍ଷର ବୟସ୍କ ବ୍ୟକ୍ତିମାନେ ପ୍ରସ୍ତାବ ନେଇ କନ୍ୟା ଗ୍ରାମକୁ ଯାଆନ୍ତି । ଏମାନେ କନ୍ୟା ଗୃହର ଦ୍ୱାରଦେଶରେ ଗୋଟିଏ ବାଡ଼ି ରଖିଦେଇ ଆସନ୍ତି । ସମ୍ପର୍କ ସ୍ଥିର ହେଲା ପରେ କୌଣସି ଦିନ ବର ପକ୍ଷରୁ ଦୁଇ ତିନି ଜଣ ବୟସ୍କ ବ୍ୟକ୍ତି କନ୍ୟାର ଗ୍ରାମକୁ ଯାଇ ଗ୍ରାମଶିରୀ (ଗାଁ ଠାକୁରାଣୀ)ଙ୍କ ନିକଟରେ ଭୋଗ ଲାଗି କରନ୍ତି । ଏହା ପରେ କନ୍ୟା ଗ୍ରାମର ବୟସ୍କ ଲୋକମାନଙ୍କ ସହ ବସି ବିବାହର ଦିନ ଧାର୍ଯ୍ୟ କରାଯାଏ । ନିର୍ଦ୍ଧାରିତ ଦିନ ଧାନ, ଲୁଗା, ମଦ, କୁକୁଡ଼ା, ଛେଳି, ଚାଉଳ ଧରି କମାଣ୍ଡରିଆ ସହିତ ବୟସ୍କ ଲୋକମାନେ ପୁନର୍ବାର କନ୍ୟା ଗ୍ରାମକୁ ଯାଇ କନ୍ୟାକୁ ବର ଗ୍ରାମକୁ ନେଇ ଆସନ୍ତି । ବିବାହ ବର

ଗ୍ରାମରେ ଅନୁଷ୍ଠିତ ହୋଇଥାଏ ।

ସାଧାରଣତଃ କନ୍ୟାକୁ ବିଦାୟ ଦେବା ପାଇଁ କନ୍ୟା ଗ୍ରାମରୁ ବୁଢ଼ା, ବୁଢ଼ୀ, ସେଲାନ୍, କଙ୍ଗେର ସମେତ ଶତାଧିକ ଲୋକେ ଆସିଥାନ୍ତି । ବରପକ୍ଷରୁ ସେମାନଙ୍କୁ ଗାଁ ମୁଣ୍ଡରେ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଏ । କନ୍ୟା ବରଘର ନିକଟରେ ପହଞ୍ଚିଲା ପରେ ଦ୍ୱାର ଦେଶରେ କନ୍ୟାକୁ ବନ୍ଦାପନା କରାଯାଏ । ବରଘରୁ ଯାଇଥିବା ଚାଉଳରେ କନ୍ୟା ଘରେ ପ୍ରସ୍ତୁତ ହୋଇଥିବା ପିଠାକୁ ଛୋଟ ଛୋଟ କରି କଟାଯାଏ । ଗୋଟିଏ କୁକୁଡ଼ାର ମାଂସକୁ ଭାଜି ଛୋଟ ଛୋଟ ଖଣ୍ଡ କରାଯାଏ । କୁକୁଡ଼ା ମାଂସ, ପିଠା ସହିତ ମହୁଲି ମଦ ପ୍ରଦାନ କରି ଗ୍ରାମଶିରୀଙ୍କୁ ସନ୍ତୁଷ୍ଟ କରାଯାଏ । ଗ୍ରାମଶିରୀଙ୍କ ନିକଟରେ ଭୋଗ ଲାଗି ହେବା ପରେ ଏହି ମହୁଲି ମଦକୁ ଉପସ୍ଥିତ ସମସ୍ତ ଲୋକଙ୍କୁ ବଣ୍ଟାଯାଏ । ଏହି ସାମୂହିକ ମଦ୍ୟପାନକୁ 'ଜୁରିପକା' କୁହାଯାଏ । ଏହି ଅବସରରେ ଗାଁର ସେଲାନ, କଙ୍ଗେରମାନେ ମଦ ପିଇ ଚାଙ୍ଗୁ ଧରି ନାଚଗୀତରେ ମସଗୁଲ ହୁଅନ୍ତି ।

ବିବାହ ଉତ୍ସବ ସମୟରେ ଜୁଆଙ୍ଗ ଗ୍ରାମରେ ଚାଙ୍ଗୁ ନାଚର ବିଶେଷ ଆସର ଜମେ । ଏହି ସମୟରେ ବର ଗ୍ରାମରେ ସାତ ଦିନ ସାତ ରାତି ଧରି ଚାଙ୍ଗୁ ନାଚ ଚାଲେ । ଗାଁର ପୂଜକ (ନାଗମ୍) ଚାଙ୍ଗୁନାଚର ଘୋଷଣା କରିଥାନ୍ତି । ଉଭୟ କନ୍ୟା ଓ ବରଗ୍ରାମର ଯୁବକ, ଯୁବତୀମାନେ ଏକତ୍ର ରାତି ସାରା ଉଜାଗର ରହି ଚାଙ୍ଗୁନାଚ କରିଥାନ୍ତି । କୁକୁଡ଼ା କିମ୍ବା ଛେଳି ମାଂସ, ମହୁଲି, ହାଣ୍ଡିଆ ପିଇ କଙ୍ଗେର, ସେଲାନମାନେ ନାଚଗୀତରେ ମାତି ରହନ୍ତି । ଏହାପରେ କନ୍ୟା ଗ୍ରାମରୁ ଆସିଥିବା ଯୁବକ, ଯୁବତୀମାନେ ନିଜ ଗ୍ରାମକୁ ଫେରି ଯାଆନ୍ତି ।

ବିବାହର ଦ୍ୱିତୀୟ ଦିନରେ ବରକନ୍ୟାଙ୍କ ପାଇଁ ଗୋଟିଏ ହାଣ୍ଡିରେ ଗରମ ପାଣି କରାଯାଏ । ଉଭୟ ବର ଓ କନ୍ୟାଙ୍କୁ ଏହି ଗରମ ପାଣିରେ ସ୍ନାନ କରାଯାଏ । ସ୍ନାନ କରାଯିବା ସମୟରେ କନ୍ୟାଟିକୁ ଉଲଗ୍ନ କରାଯାଇ ତା'ର ସତୀତ୍ୱ ପରୀକ୍ଷା କରାଯାଏ । ଏହି କାମ ବରର ସମ୍ପର୍କୀୟ ମହିଳାମାନେ କରନ୍ତି । ଏହା ପରେ ଉଭୟ ବର ଓ କନ୍ୟାଙ୍କୁ ନୂତନ ବସ୍ତ୍ର ପରିଧାନ କରାଯାଏ । ବିବାହ କାଳରେ ବରକନ୍ୟା ଆମିଷ ଭୋଜନ କରନ୍ତି ନାହିଁ ।

ତୃତୀୟ ଦିନ କାଦଘାଟି ପର୍ବ ଆୟୋଜନ ହୋଇଥାଏ । ଅନେକ ବିବାହରେ କାଦଘାଟି ପର୍ବ ପଞ୍ଚମ କିମ୍ବା ଷଷ୍ଠ ଦିନରେ ପାଳିତ ହୋଇଥାଏ । କାଦଘାଟି ପର୍ବ ପାଳିବା ପାଇଁ କୌଣସି ନିର୍ଦ୍ଦିଷ୍ଟ ଦିନ ଧାର୍ଯ୍ୟ ହୋଇ ନଥାଏ । ହାଣ୍ଡିଆ ମଦ ପାଚିବା ଉପରେ କାଦଘାଟି ପର୍ବ ପାଳନର ଦିନ ନିର୍ଦ୍ଧାରଣ କରାଯାଇଥାଏ । ଉପରରାଇଡିହା ଗ୍ରାମର କାଶିଆ ଜୁଆଙ୍ଗଙ୍କ ପୁତ୍ର ସନାତନ ଜୁଆଙ୍ଗଙ୍କ ବିବାହରେ ଷଷ୍ଠ ଦିନରେ କାଦଘାଟି ଖେଳ କରାଯାଇଥିଲା । କାରଣ ଉପରରାଇଡିହା ଗ୍ରାମରେ ପ୍ରସ୍ତୁତ କରାଯାଇଥିବା ହାଣ୍ଡିଆ ପଚିବାକୁ ଛଅ ଦିନ ସମୟ ଲାଗିଥିଲା । ସବୁଠୁ ବଡ଼ କଥା ହେଉଛି, କାଦଘାଟି ପର୍ବ ପାଳନ ହେବା ପର୍ଯ୍ୟନ୍ତ ଚତୁର୍ଥୀ ପିଣ୍ଡ ପଡ଼ି ନଥାଏ । ଏହି ସମୟ ମଧ୍ୟରେ ବରକନ୍ୟା ଅଲଗା ହୋଇ ରହନ୍ତି ।

କାଦଘାଟି ପର୍ବ ପାଳନ ଅବସରରେ ଗ୍ରାମର ଯୁବତୀମାନେ କନ୍ୟାକୁ ନେଇ ନିକଟସ୍ଥ ନଦୀକୁ ଯାଆନ୍ତି । ସେହି ସମୟରେ କନ୍ୟାଟି ନିଜ ମୁଣ୍ଡରେ ଗୋଟିଏ ଡାଳ ମଧ୍ୟରେ କେତୋଟି ବାସଙ୍ଗ ଫୁଲ ବହନ କରିଥାଏ । ନଦୀ କୂଳରେ ପୂଜା ଶେଷ ପରେ କନ୍ୟା ଓ ସାଥୀରେ ଯାଇଥିବା ଯୁବତୀମାନେ ସ୍ନାନ ସାରି ଗାଁକୁ ଫେରନ୍ତି । ଫେରିବା ରାସ୍ତାରେ ବରର ଜେଜେବାପା କିମ୍ବା ବଡ଼ଭାଇ ବାବାଜୀ ବେଶ ଧାରଣ କରି କୌଣସି ସ୍ଥାନରେ ବାଟ ଓଗାଳି ଶୋଇଥାନ୍ତି । ବାଟ ଛାଡ଼ିବା ପାଇଁ ସେହି ବାବାଜୀ ବେଶଧାରୀ ବଡ଼ଭାଇ କିମ୍ବା ଜେଜେବାପା କନ୍ୟାଠାରୁ କିଛି ଚାଉଳ ଓ ପଇସା ଗ୍ରହଣ କରିଥାନ୍ତି । ନଦୀରୁ ସ୍ନାନ ସାରି କନ୍ୟା ଗୃହରେ ପହଞ୍ଚିବା ପରେ ବରର ସମ୍ପର୍କୀୟ କେତେଜଣ ଯୁବକ କନ୍ୟା ଉପରକୁ କଞ୍ଚା ହଳଦୀ ଫିଙ୍ଗନ୍ତି । ଏତିକି ବେଳେ କନ୍ୟା ସାଥୀରେ ଥିବା ଅନ୍ୟ ଯୁବତୀ ଓ ସ୍ତ୍ରୀଲୋକମାନେ ଏହି ହଳଦୀ ଯେଭଳି କନ୍ୟା ଉପରେ ନ ପଡ଼ି ପାରିବ ତାକୁ ରୋକିବାକୁ ଆପ୍ରାଣ ଉଦ୍ୟମ କରିଥାନ୍ତି । ଏହାପରେ ବରକନ୍ୟାଙ୍କ ସମେତ ଗ୍ରାମର ସମସ୍ତ ଯୁବକ, ଯୁବତୀ, ବୃଦ୍ଧବୃଦ୍ଧାମାନେ କାଦୁଅରେ ଲଟରପଟର ହୋଇ ଖେଳନ୍ତି । ବରଘର ନିକଟରେ ପ୍ରସ୍ତୁତ ହୋଇଥିବା କାଦୁଅକୁ ପରସ୍ପର ପରସ୍ପରର ଦେହରେ ବୋଳି ହୋଇ ଜୁଆଙ୍ଗମାନେ ବେଶ ମଜା ଉଠାଇଥାନ୍ତି । ଏହି ଖେଳ କିଛି ସମୟ ଧରି ଚାଲେ । ଏହାପରେ ବରକନ୍ୟା ଓ କାଦୁଅ ଖେଳିଥିବା ଯୁବକ ଯୁବତୀମାନେ ନିକଟସ୍ଥ ଝରଣାରେ ଗାଧୋଇ ଗାଁକୁ ଫେରନ୍ତି ।

କାଦଘାଟି ଖେଳ ଶେଷ ହୋଇଯିବା ପରେ ସମସ୍ତେ ଏକତ୍ର ଭୋଜନ କରନ୍ତି । ଅପରାହ୍ନରେ ପ୍ରଥମେ ବରର କକା, ବଡ଼ୁ ଆଦି ପୁରୁଷମାନେ ଚାଙ୍ଗୁନାଚ କରନ୍ତି । ଖୁଡ଼ୀ ଓ ବଡ଼ମା'ଙ୍କ ସମେତ ଅନ୍ୟାନ୍ୟ ସ୍ତ୍ରୀଲୋକମାନେ ନୃତ୍ୟ ପରିବେଷଣ କରନ୍ତି । ସେମାନେ ବରକନ୍ୟାଙ୍କୁ କାଖ କରି ନାଚନ୍ତି । ଏହି ସ୍ତ୍ରୀଲୋକମାନେ ନିଜନିଜର ପାଉଣା ଦାବି କରନ୍ତି । ବରପକ୍ଷରୁ ସେମାନଙ୍କୁ ଉଚିତ୍ ପାଉଣା ପ୍ରଦାନ କରାଯାଇଥାଏ । ଏହାପରେ ଗାଁର ଯୁବକ, ଯୁବତୀମାନେ ଚାଙ୍ଗୁନାଚ କରନ୍ତି । ଏହି ସମୟରେ ଯୁବକ ଯୁବତୀମାନେ ହାଣ୍ଡିର କଳା, ପାଉଁଶ, କାଦୁଅ ଆଦି ବୋଳାବୋଳି ହୁଅନ୍ତି ।


ଚତୁର୍ଥ ଦିନ ଗ୍ରାମର ଲୋକମାନେ ସ୍ନାନ ସାରି ବର ପକ୍ଷରୁ ପ୍ରଦାନ କରା ଯାଇଥିବା ଭୋଜନ ଗ୍ରହଣ କରନ୍ତି । ଏହାପରେ ବର ଓ କନ୍ୟା ମିଳିତ ଭାବେ କନ୍ୟାର ଗାଁକୁ ବୁଲି ଯାଇଥାନ୍ତି । କନ୍ୟା ଘରେ ହିଁ ଚତୁର୍ଥୀ ପିଣ୍ଡ ପଡ଼ିଥାଏ । ଏଠାରେ ସ୍ମରଣଯୋଗ୍ୟ, ବରଘରେ କାଦଘାଟି ପର୍ବ ପାଳନ ହେବା ପରେ ହିଁ କନ୍ୟା ଘରେ ଚତୁର୍ଥୀ ପିଣ୍ଡ ପଡ଼ିଥାଏ ।

କନ୍ୟା ଗୃହରେ ଉଭୟ ଗ୍ରାମର ଲୋକମାନେ ବସିଥିବା ସମୟରେ କନ୍ୟାମୂଲ ଦାନ କରାଯାଏ । କନ୍ୟାପକ୍ଷ ବରପକ୍ଷର ଲୋକମାନଙ୍କୁ ଭୋଜନ ଦ୍ୱାରା ଆପ୍ୟାୟିତ କରିଥାନ୍ତି ଏବଂ ରାତିରେ ଚାଙ୍ଗୁନାଚ ହୋଇଥାଏ । ପରଦିନ ବର ଓ କନ୍ୟା ବରଗ୍ରାମକୁ ଫେରି ଆସନ୍ତି ।

ବିବାହ ପରେ ବରଟି ନିଜ ଗାଁର ମଜାଙ୍ଗ (ମଣ୍ଡଘର)ରୁ ସଙ୍ଗଛଡ଼ା ହୋଇଥାଏ । ଏହି ଅବସରରେ ବରଟି ଅନ୍ୟ ଅବିବାହିତ ଯୁବକ, ଯୁବତୀଙ୍କୁ ପିଠା, ଧୂଆଁପତ୍ର, ମଦ, କୁକୁଡ଼ା ଦେଇ ସଙ୍ଗଛଡ଼ା ହେବାର ଘୋଷଣା କରିଥାଏ । ସୂଚନାଯୋଗ୍ୟ, ବାହା ହେବା ପର୍ଯ୍ୟନ୍ତ ଅବିବାହିତ ଯୁବକଟି ମଜାଙ୍ଗ (ମଣ୍ଡଘର)ରେ ଅନ୍ୟ ସାଥୀମାନଙ୍କ ସହିତ ରହିଥାଏ । ବାହା ହେଲା ପରେ ସେ ଆଉ ମଜାଙ୍ଗରେ ନ ରହି ନିଜ ଘରେ ନିଜ ନବ ବିବାହିତ ସ୍ତ୍ରୀ ସହିତ ରହେ ।

ସଙ୍ଗଛଡ଼ା ଅବସରରେ ଅନେକ ବିଧି ପାଳିତ ହୋଇଥାଏ । ଗାଁର ନାଗମ୍ ମଣ୍ଡଘରେ ରୀତି ମୁତାବକ ପୂଜାର୍ଚ୍ଚନା କରି ସମ୍ପୃକ୍ତ ବିବାହିତ ଯୁବକଙ୍କୁ ମଣ୍ଡଘରୁ ବିଦାୟ ଦିଅନ୍ତି । ଏହା ପରଠାରୁ ଯୁବକଟି ମଣ୍ଡଘର ଯୁବ ସଂଗଠନର ସଦସ୍ୟତା ହରାଇଥାଏ ।




HIGHLAND
A Highland Group Entity
A one stop solution for Aquaculture
Vannamei Seeds
Shrimp Feed
Health Care Process (Probiotics)
Quality Control Checks
Consultancy Services
Aquaculture Equipments
Buy & Sell Shrimp
HIGHLAND MARINE
Alupur, O.T Road, Balasore, Odisha, India - 756001
Contact no : +91 - 9990251362, Email: info@highlandgroups.com
www.highlandgroups.com



ବିବାହ କାର୍ଯ୍ୟ ଶେଷ ହୋଇଯିବା ପରେ ଉଭୟ ବର ଓ କନ୍ୟାଙ୍କ ପକ୍ଷରୁ କମାଣ୍ଡରିଆ(ମଧ୍ୟସ୍ଥି)କୁ କିଛି ପାଉଣା ପ୍ରଦାନ କରାଯାଇଥାଏ । ଏହାକୁ 'କମାଣ୍ଡରିଆ ମୂଲ' କୁହାଯାଏ । ବର କନ୍ୟାର ଗାଁକୁ ବୁଲି ଯାଇଥିବା ବେଳେ ବରଘର ପକ୍ଷରୁ କନ୍ୟା ଗାଁର ବାରଭାଇ (ବୟସ୍କ ନାଗରିକ)ଙ୍କୁ ଶାଢୀ ପ୍ରଦାନ କରାଯାଇଥାଏ । ଏହାବ୍ୟତୀତ କନ୍ୟାର ବାପ, ମା', ଭାଇ, ଭଉଣୀ ଓ ଅନ୍ୟାନ୍ୟ ସମ୍ପର୍କୀୟ ସଦସ୍ୟମାନଙ୍କୁ ଶାଢୀ ଓ କପଡ଼ା ପ୍ରଦାନ କରାଯାଇଥାଏ । ଏହାକୁ 'ଗାଁ ଶାଢୀ' କୁହାଯାଏ ।

ଚତୁର୍ଥୀ ପିଣ୍ଡ କାର୍ଯ୍ୟକ୍ରମ କନ୍ୟା ଘରେ ଅନୁଷ୍ଠିତ ହୋଇଥାଏ । ବର ଗାଁରେ ବିବାହ କାର୍ଯ୍ୟ ଓ କାଦଘାଟି ପର୍ବ ଶେଷ ହେବା ପରେ ବର, କନ୍ୟା ଓ ବରଗ୍ରାମର କିଛି ମୁରବୀ ଶ୍ରେଣୀର ବ୍ୟକ୍ତିବିଶେଷ କନ୍ୟା ଗାଁକୁ ବୁଲି ଯାଆନ୍ତି । କନ୍ୟା ଗାଁରେ ଚତୁର୍ଥୀ ପିଣ୍ଡ କାର୍ଯ୍ୟକ୍ରମ ହେବା ପରେ ବର କନ୍ୟାଙ୍କର ମିଳନ ହୋଇଥାଏ । ଏହି ଚତୁର୍ଥୀ ପର୍ବ ବିବାହର ଠିକ୍ ଚତୁର୍ଥ ଦିନ ହେବ ବୋଲି ସେମିତି ଧରାବନ୍ଧା ନିୟମ ନଥାଏ । କାଦଘାଟି ପର୍ବ ପାଳନ ହେବା ପରେ ସାଧାରଣତଃ ଏହା ଅନୁଷ୍ଠିତ ହୋଇଥାଏ । ଯଦି ବିବାହର ପଞ୍ଚମ ଦିନ କାଦଘାଟି ପର୍ବ ପାଳନ ହୋଇଥାଏ, ତେବେ ଏହାର ପରଦିନ କନ୍ୟା ଗ୍ରାମରେ ଚତୁର୍ଥୀ ପର୍ବ ପାଳନ ହୋଇଥାଏ । ଯଦି କାଦଘାଟି ପର୍ବ ଷଷ୍ଠ ଦିନରେ ହୋଇଥାଏ, ତେବେ ସପ୍ତମ ଦିନରେ କନ୍ୟା ଗ୍ରାମରେ ଚତୁର୍ଥୀ ପିଣ୍ଡ ପାଳନ କରାଯାଇଥାଏ । ସୌଭାଗ୍ୟବଶତଃ, ଯଦି ତୃତୀୟ ଦିନ କାଦଘାଟି ଖେଳ ପାଳିତ ହୋଇଯାଏ, ତେବେ ଠିକ୍ ଚତୁର୍ଥ ଦିନ କନ୍ୟା ଗ୍ରାମରେ ଚତୁର୍ଥୀ ପର୍ବ ପାଳିତ ହୋଇଥାଏ । ଏହା ବ୍ୟତୀତ ଯଦି କନ୍ୟାର ଋତୁସ୍ରାବ ସମସ୍ୟା ଦେଖାଯାଏ ତେବେ କାଦଘାଟି ପର୍ବ, ଚତୁର୍ଥୀ ଓ ବିବାଘର କାର୍ଯ୍ୟକ୍ରମରେ ପରିବର୍ତ୍ତନ କରାଯାଇଥାଏ ।

**ବିବାହ ଗୀତ:** ବିବାହ ସମୟରେ ପ୍ରଥମେ ଯୁବକମାନେ ଟାଙ୍ଗୁ ବଜେଇ ଗୀତ ବୋଲିବା ଆରମ୍ଭ କରନ୍ତି । ଗୀତ ଛଳରେ ଯୁବକମାନେ ଯୁବତୀମାନଙ୍କୁ ପ୍ରଶ୍ନ କରନ୍ତି ଏବଂ ଯୁବତୀମାନେ ଯୁବକମାନଙ୍କ ପ୍ରଶ୍ନର ଉତ୍ତର ଗୀତ ଛଳରେ ପ୍ରଦାନ କରିଥାନ୍ତି । ବିବାହ ଦିନ ବରଘର ଗାଁର ଯୁବକ, ଯୁବତୀମାନେ ଯେଉଁ ଗୀତସବୁ ବୋଲିଥାନ୍ତି, ସେଥିମଧ୍ୟରୁ ଗୋଟିଏ ଗୀତ ନିମ୍ନରେ ପ୍ରଦାନ କରାଗଲା ।

**ଗୀତ-୧**

**କଙ୍ଗେର (ଯୁବକ):** କୁକୁଲ ସେଣେଲାନ୍ (ସେଲାନ୍) ସେଙ୍ଗାତାରକୁ
ଦୋବାଗୁଡ଼ିଆ ଲବଣ ସୁର୍ତେ ରାସିଙ୍ଗିତେ ବାଆନାରକୁ
ବାର୍ ଦିନ୍‌ତେ ବାର୍ ପୁଟୁଳା କିମାତାରକୁ
ବାରା ଭାଇ କାକାମ୍ କିତେ ଜିଙ୍ଗା ତାରଡେ

**ସେଲାନ୍ (ଯୁବତୀ):** କୁକୁଲ କମ୍‌ଙ୍ଗେର (କଙ୍ଗେର) ବାଡୁଙ୍ଗେକୁ
ଉଆ ବାଟୁରିଲୋ ଯିବା ଡାଣ୍ଡକୁ
ଟାଙ୍ଗୁନାଟ ଯଜ ବାଆନାରକୁ

**କଙ୍ଗେର (ଯୁବକ):** କୁକୁଲ ସେଣେଲାନ୍ (ସେଲାନ) କେଜେତାରକୁ
ରାସିଂ ତେ କେଜେ ଇଞ୍ଜ୍ୟାମ୍ ବାଡୁଙ୍ଗେକୁ

**ସେଲାନ୍ (ଯୁବତୀ):** କୁକୁଲ କମ୍‌ଙ୍ଗେର (କଙ୍ଗେର) ଜିଙ୍ଗାନ୍‌ସୁକୁ
ବାର୍ ଦିନ୍‌ତେ ତେର ପୁଟୁଳ ସବ୍‌ତେସୁଙ୍କୁ

**ଭାବାର୍ଥ:** ଯୁବକଟି ତା' ପ୍ରେମିକାକୁ କହୁଛି, ଚାଲ ଫୁଲ ତୋଳିବାକୁ ବଣକୁ ଯିବା । ଭୋକ ହେବ ବୋଲି ସାଥୀରେ ଚାରି ଦିନର ଖାଦ୍ୟ ନେଇକରି ଯିବା । ତୁ ମୋ' ସାଥୀରେ ଫୁଲ ତୋଳି ଯିବା ପୂର୍ବରୁ ତୋ' ଭାଇମାନଙ୍କୁ ଟିକେ ପଚାରି ଆ । ଯୁବତୀଟି ଯୁବକର ଏହି ଆହ୍ୱାନକୁ ଗ୍ରହଣ କରିବା ସହିତ ଫୁଲ ତୋଳିବାକୁ ଜଙ୍ଗଲକୁ ଯିବାକୁ ଇଚ୍ଛା ପ୍ରକାଶ କରେ । ଶେଷରେ ଦୁହେଁ ଫୁଲ ତୋଳି ଘରକୁ ଫେରନ୍ତି । ଏଠାରେ 'ଫୁଲ ତୋଳିବା' କାର୍ଯ୍ୟକୁ ପ୍ରତୀକାତ୍ମକ ଭାବେ ପ୍ରୟୋଗ କରାଯାଇଛି । ଅର୍ଥାତ୍ ଯୁବତୀଟି ନିଜକୁ ଫୁଲ ମନେକରି ତାକୁ ତୋଳି ନେବାକୁ ତା'ର ପ୍ରେମିକ ପୁରୁଷକୁ ଆହ୍ୱାନ କରୁଛି ।

**ଗୀତ-୨**

କନ୍ୟା ଘରୁ ବର ଫେରିବା ସମୟରେ ଯୁବକ ଯୁବତୀମାନେ ଏହି ଗୀତ ବୋଲି ନାଚଗୀତର ଆସର ଜମେଇଥାନ୍ତି ।

କାଙ୍କେଁ ଲାଗ୍ ଟେଲେଜ ଟେଜାନ୍ କାଙ୍କେଁ ଲାଗ୍ ଟେଲେଜ ଟେଜାନ୍
ଆଜିରତେ ଡ଼ିଞ୍ଜାଡ଼ିଞ୍ଜି ଦେନା ମିଚରେ କଲେଜ ଲେଜାନ
ସୁକୁଡାଗ ପାଉଗାମ୍, ସୁକୁଡାଗ ପାଉଗାମ୍
ଆଜିରତେ ଡ଼ିଞ୍ଜାଡ଼ିଞ୍ଜି ଦେନା ମିଚରେ ପାଉଗାମ୍
ଗିମାରେ କଜେବ କେ ଜେବକେ, ଗିମାରେ କଜେବ କେ ଜେବକେ
ଆଉ କିନାଟିତା ଅନଜ ସେଲାନ୍‌ଡାଏରେ ଜେକେ
ଅଜାଙ୍ଗ୍ ଲେରାବ ସେକେ, ଅଜାଙ୍ଗ୍ ଲେରାବ ସେକେ
କାନିଆଁ ତଣ ଉରୁକ୍ ଆଲୁଗାଁ ଲିରାବ ସେକେ

**ଭାବାର୍ଥ:** ଟିକି ଚଢ଼େଇଟି କିଚିରି ମିଚିରି କରି ବୋବାଉଛି । ଝିଅଟି ତା' ନାନୀ ସହିତ କଳି କରୁଛି । ଭାଡ଼ି ଉପରୁ ଲାଉ ତୁମ୍ୱାଟି ଖସି ପଡ଼ିଲା । ଝିଅଟି ତା' ନାନୀ ସାଥୀରେ କଳି କରୁଛି । ବର୍ଷା ଝିପିରି ଝିପିରି ବର୍ଷୁଛି । ଘର ପଛପଟେ ଝିଅଟି କାନ୍ଦୁଛି । ବଣ ଆଳୁ ଗଦା ହୋଇଛି । ଝିଅଟି ବାହାଘରିଆ ଭୋଜିଭାତ ଖାଇ ଘର ଭିତରେ ଶୋଇ ରହିଛି ।

## ଟାଙ୍କେଇ ଓଟି ବିଭା (Arranged Marriage)

ଏହା ମଧ୍ୟ ଏକ ପ୍ରକାର ସ୍ଥିରୀକୃତ ବିବାହ । ମାତ୍ର ଏହା ତୋଳାକନ୍ୟା ବିବାହ ଭଳି । ଗରିବ ଜୁଆଙ୍ଗମାନେ ଏ ଧରଣର ବିବାହକୁ ପସନ୍ଦ କରିଥାନ୍ତି । ଏଥିରେ ବରଘର ପକ୍ଷରୁ ବରଯାତ୍ରୀ କନ୍ୟା ଘରକୁ ଆସି ନଥାନ୍ତି । ବରଘର ଗାଁର ରାଉଳିଆ (ଜ୍ୟୋତିଷ) ଏବଂ ନାଗମ୍ (ପୂଜକ)ଙ୍କ ଦ୍ୱାରା ବିବାହ ଲଗ୍ନ ସ୍ଥିର ହୋଇଯିବା ପରେ କନ୍ୟାକୁ ସିଧାସଳଖ ବରଘରକୁ ଅଣାଯାଇ ବରଘରେ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଥାଏ । ଏଥିରେ ଉଭୟ କନ୍ୟା ଓ ବରଘର ପକ୍ଷରୁ ଭୋଜିଭାତ, କୁକୁଡ଼ା, ଛେଳି, ମଦର ବ୍ୟବସ୍ଥା ହୋଇ ନଥାଏ । କାରଣ ଗରିବ ଜୁଆଙ୍ଗ ଯୁବକ 'କନ୍ୟାମୂଲ' ଦେବାକୁ ସମର୍ଥ ହୋଇ ନଥାଏ । ଏଣୁ ଏ ଧରଣର ବିବାହରେ ବରଘର ପକ୍ଷରୁ କନ୍ୟାଘରକୁ 'କନ୍ୟାମୂଲ' ଦିଆଯାଇ ନଥାଏ । ଏହି ବିବାହ ଖୁବ୍ ନିରାଡ଼ମ୍ବର ସହକାରେ ପାଳିତ ହୋଇଥାଏ । ବିବାହ ସମୟରେ ଟାଙ୍ଗୁ ନାଚ ଓ ଗୀତର ଆସର ଜମି ନଥାଏ । ଯଥା ସମ୍ଭବ କମ୍ ଖର୍ଚ୍ଚରେ ଏହି ବିବାହ ଅନୁଷ୍ଠିତ ହୋଇଥାଏ ।

## ଡିଗର କନିଆ ବିଭା (Marriage by Capture)

ଏହି ଧରଣର ବିବାହରେ ବରପକ୍ଷ କନ୍ୟାକୁ ଅପହରଣ କର ନେଇଥାନ୍ତି ।

କନ୍ୟାକୁ କୌଣସି ହାଟରୁ କିମ୍ବା ମେଳାରୁ ଅପହରଣ କରି ନେଇଯିବା ପରେ ବିବାହ କାର୍ଯ୍ୟ ବରଘର ଗାଁରେ ଅନୁଷ୍ଠିତ ହୋଇଥାଏ । ପୁଅ ପକ୍ଷ ସୁଯୋଗ ଉଣ୍ଡି କନ୍ୟାକୁ ଜୋର ଜବରଦସ୍ତ ଉଠାଇ ନେଇ ଆସନ୍ତି । ବିଶେଷକରି ଜୁଆଙ୍ଗ ଯୁବତୀମାନେ ରଜ କିମ୍ବା ମକର ମେଳା ସମୟରେ ହାଟ ବଜାରରେ ବୁଲାବୁଲି କରୁଥିବାବେଳେ କିମ୍ବା ପର୍ବପର୍ବାଣି ସମୟରେ ନାଚଗୀତରେ ବୁଡ଼ି ରହିଥିବା ବେଳେ କିମ୍ବା ଜଙ୍ଗଲକୁ ଫଳମୂଳ ସଂଗ୍ରହ କରିବାକୁ ଯାଇଥିବାବେଳେ କିମ୍ବା ନଦୀ ଝରଣାକୁ ଗାଧୋଇ ଯାଇଥିବାବେଳେ ଯୁବକ ଓ ତାର କେତେଜଣ ସହଯୋଗୀ ଝିଅକୁ ବଳପୂର୍ବକ ଉଠାଇ ନେଇ ଯାଆନ୍ତି । ଏପରି ଏକ ଦୁଃସାହସିକ କାର୍ଯ୍ୟ ପାଇଁ ଅନେକ ସମୟରେ (ସବୁ ସମୟରେ ନୁହେଁ) ଝିଅ ପକ୍ଷ ପୁଅ ପକ୍ଷକୁ ମାଡ଼ ମାରନ୍ତି, ଗାଳି କରନ୍ତି ଏବଂ ନ୍ୟାୟ ନିଶାପ ପର୍ଯ୍ୟନ୍ତ କଥା ଯାଏ । ମାତ୍ର ପୁଅ ଘର ଲୋକେ ଝିଅ ଘର ଲୋକଙ୍କ ପ୍ରତି ହାତ ଉଠାନ୍ତି ନାହିଁ କି ପ୍ରତିବାଦ କରନ୍ତି ନାହିଁ । ଝିଅଟିକୁ ଉଠାଇ ଆଣିବା ପରେ ପୁଅ ଘରେ ଏକ ସ୍ୱତନ୍ତ୍ର କୋଠରୀରେ ଝିଅକୁ ରଖାଯାଏ । ଏହାର ତିନି ଚାରି ଦିନ ପରେ ଝିଅର ବାପା ମାଆ ଝିଅକୁ ଖୋଜି ଖୋଜି ଆସି ପୁଅ ଘରେ ପହଞ୍ଚନ୍ତି । ପୁଅ ପକ୍ଷ ଝିଅ ଘର ଲୋକମାନଙ୍କୁ ଉପଯୁକ୍ତ ସମ୍ମାନ ପ୍ରଦର୍ଶନ କରନ୍ତି । ଏହା ପରେ ଉଭୟ ପକ୍ଷଙ୍କ ମଧ୍ୟରେ ଆଲୋଚନା କଥାବାର୍ତ୍ତା ହୁଏ । ପରେ ବିବାହ ଯଥା ବିଧିରେ ସମ୍ପନ୍ନ କରାଯାଏ । ବିବାହ କାର୍ଯ୍ୟ ଶେଷ ହୋଇଯିବା ପରେ ଉଭୟ ବର, କନ୍ୟା ଓ ବରର ପିତା, ଗୁରୁଜନମାନେ କନ୍ୟାର ଗାଁକୁ ବୁଲି ଯାଆନ୍ତି । ସାଥୀରେ ପୁଅ ଘର ପକ୍ଷରୁ ଝିଅର ପରିବାର ପାଇଁ କିଛି ଉପହାର ନେଇ ଯାଇଥା'ନ୍ତି । ଏହା ଦ୍ୱାରା ଉଭୟ ପରିବାର ମଧ୍ୟରେ ବନ୍ଧୁତା ସୁଦୃଢ ହୋଇଥାଏ । ପୂର୍ବ କଥାକୁ ଭୁଲିଯାଇ ଉଭୟ ପକ୍ଷ ଉତ୍ସବ ମନେଇଥାନ୍ତି । ଅତୀତରେ ଏଭଳି କନ୍ୟାଝିଙ୍କା ବିବାହ ଦ୍ୱାରା କେନ୍ଦୁଝର ଜୁଆଙ୍ଗ ଅଞ୍ଚଳରେ କେବେ ଦଙ୍ଗା କି ଗଣ୍ଡଗୋଳର ସୂତ୍ରପାତ ହୋଇ ନଥିଲା । ତେବେ ଆଜିକାଲି କେତେକ ସ୍ଥଳେ ଗଣ୍ଡଗୋଳର ସୂତ୍ରପାତ ହୋଇ ମାମଲା ଥାନା କଚେରୀ ପର୍ଯ୍ୟନ୍ତ ଯିବାର ଦେଖାଗଲାଣି ।

## ମନମାନି ବିଭା (Love Marriage)

ଏହି ଧରଣର ବିବାହ ପ୍ରେମଜନିତ । ଗୋଟିଏ ଗାଁର ଜୁଆଙ୍ଗ ଯୁବକ ଅନ୍ୟ ଏକ ଗାଁର ଏବଂ ଭିନ୍ନ ଗୋତ୍ରୀ ଯୁବକ ଯୁବତୀ ପ୍ରେମରେ ପଡ଼ିଲେ, ସେମାନେ ପରସ୍ପର ବିବାହ ବନ୍ଧନରେ ଆବଦ୍ଧ ହୋଇଥାନ୍ତି । କେତେକ କ୍ଷେତ୍ରରେ ଝିଅ, ପୁଅଙ୍କ ପିତାମାତା ଅରାଜି ଥା'ନ୍ତି । କିନ୍ତୁ ଗାଁ ମୁଖିଆ, ବାରଭାଇଙ୍କ ହସ୍ତକ୍ଷେପ ପରେ ଏହାର ସମାଧାନ କରାଯାଇ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଥାଏ । ମେଳା, ମହୋତ୍ସବ, ଯାନିଯାତ୍ରା ସମୟରେ କିମ୍ବା ହାଟ ବଜାରରେ ଯୁବକ ଯୁବତୀମାନେ ପରସ୍ପର ସହ ଦେଖା ଚାହାଁ ହେବା ପରେ ସେମାନଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥାଏ । ଏହା ପରେ ମନ ଦିଆନିଆ ହୋଇଯାଏ । ମନ ଦିଆନିଆରୁ ଉଭୟଙ୍କ ମଧ୍ୟରେ ପ୍ରେମ ହୋଇଥାଏ । କଙ୍ଗେରଟି ସେଲାନ୍‌କୁ ନାନା ପ୍ରକାର ଉପହାର ଯଥା- କ୍ରିମ୍, ପାଉଡର, ଟ୍ୟାସିଲ, ଟିକିଲି, କଜ୍ୱଳ, ବାସ୍ନା ତେଲ ଆଦି ଦେଇ ପ୍ରଲୋଭିତ କରିଥାଏ । ଯୁବକ ଯୁବତୀଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଅତି ନିବିଡ଼ ହୋଇଗଲା ପରେ ଉଭୟ ପୁଅ ଓ ଝିଅ ଘର ପକ୍ଷରୁ ବିବାହ ପାଇଁ ପ୍ରସ୍ତାବ ପଡ଼ିଥାଏ । ପ୍ରଥମେ ଯୁବକଟି ନିଜ ପ୍ରେମିକାକୁ ବାହା ହେବା ପାଇଁ ନିଜ ଘରେ ପ୍ରସ୍ତାବ ରଖିଥାଏ । ଯଦି ଯୁବକର ବାପା କିମ୍ବା ଯୁବତୀର ବାପା ଏହି ପ୍ରସ୍ତାବରେ ରାଜି ହୋଇଯାଆନ୍ତି, ସେ କ୍ଷେତ୍ରରେ ବିବାହ ସ୍ଥିରୀକୃତ ହୋଇଯାଏ । ଯଦି ବରଘର କିମ୍ବା କନ୍ୟାଘର ଏ ପ୍ରସ୍ତାବରେ ରାଜି ନ ହୁଅନ୍ତି ତେବେ ଯୁବକଟି ବାଧ୍ୟ ହୋଇ କନ୍ୟାକୁ ଉଠାଇ ନେଇ ଆସେ ।

## ସୁରୁମ୍ କନିଆ ବିଭା (**Marriage by Elopement**)

ଏହା ମଧ୍ୟ ଏକ ପ୍ରକାର ପ୍ରେମ ବିବାହ । ବିବାହ ପୂର୍ବରୁ ଯୁବକଟି ପ୍ରେମ କରୁଥିବା ତା' ପ୍ରେୟସୀକୁ ନେଇ କେଉଁ ଆଡ଼େ ଫେରାର ହୋଇଯାଏ । କିଛି ଦିନ ଧରି ବିଦେଶ (ନିଜ ଗାଁଠାରୁ ଦୂର)ରେ ରହିବା ପରେ ସମ୍ପୃକ୍ତ ପ୍ରେମୀ ଯୁଗଳ ପୁନର୍ବାର ନିଜ ଗାଁକୁ ଫେରନ୍ତି ଏବଂ ଗାଁରେ ସେମାନଙ୍କ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଥାଏ । ପ୍ରଥମେ ପୁଅ ଝିଅ ମଧ୍ୟରେ ପାଣିଘାଟ, ନଈତୁଠ, ଜଙ୍ଗଲ, ମେଳା, ମହୋତ୍ସବ, ମକର ମେଳା, ରଥଯାତ୍ରା, ଦଶହରା ଯାତ୍ରାରେ ଦେଖା ସାକ୍ଷାତ ହୋଇଥାଏ । ଏହା ପରେ ଉଭୟ ଉଭୟଙ୍କ ପ୍ରତି ଆକର୍ଷିତ ହୋଇଥାନ୍ତି । ବନ୍ଧୁ ଓ ବାନ୍ଧବୀଙ୍କ ସାହାଯ୍ୟରେ ସେମାନଙ୍କର ମିଳନ ଅତି ନିବିଡ଼ ହୋଇଥାଏ । ପୁଅ ଓ ଝିଅ ଲୁଚିଛପି ପରସ୍ପରକୁ ପ୍ରେମ କରନ୍ତି । ଗୀତ ଓ ନାଚରେ ସେମାନେ ପରସ୍ପରର ନିକଟତର ହୋଇଥାନ୍ତି । ଯଦି ସେମାନେ ମନେ କରନ୍ତି, ଏ ପ୍ରେମରେ ସେମାନଙ୍କ ପରିବାର ସହମତ ନୁହଁନ୍ତି, ସେ କ୍ଷେତ୍ରରେ ପୁଅ ଝିଅକୁ ତା' ସହ କେଉଁଅଡ଼େ ଚାଲିଯିବାକୁ ପ୍ରସ୍ତାବ ଦିଏ । ଝିଅଟି ପୁଅ କଥାରେ ରାଜି ହୋଇ ପୁଅ ସହ ତା' ଗାଁରୁ ରାତି ଅଧରେ ଫେରାର ହୋଇଯାଏ । ଏଠାରେ ଉଭୟ ପରିବାରର ପିତାମାତାଙ୍କ ଅନୁମତି ଲୋଡ଼ାଯାଇ ନଥାଏ । ପୁଅଝିଅ ଦୁହେଁ ନିଜ ଘର ଛାଡ଼ି ନିଜର କୌଣସି ନିକଟ ସମ୍ପର୍କୀୟଙ୍କ ଘରେ ଆଶ୍ରୟ ନିଅନ୍ତି । ପରେ ଉଭୟ ପକ୍ଷର ପିତାମାତା ଓ କମାଣ୍ଡରିଆ ଯାଇ ବିବାହର ଆୟୋଜନ ନେଇ



କଥାବାର୍ତ୍ତା କରନ୍ତି । ପରେ ସେମାନଙ୍କର ବିବାହ ହୁଏ ।

## ଉଡୁଙ୍ଗ୍ କନିଆ ବିଭା (Marriage after the girl gets pregnant)

ଏହା ମଧ୍ୟ ଏକ ପ୍ରେମ ଜନିତ ବିବାହ । ବିବାହ ପୂର୍ବରୁ ଯୁବକ ଯୁବତୀଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଅଧିକ ନିବିଡ଼ ହୋଇଗଲେ ସେମାନେ ଦୈହିକ ସମ୍ପର୍କ ରକ୍ଷା କରିଥାନ୍ତି । ଦୈହିକ ସମ୍ପର୍କ ରକ୍ଷା କରିବା ଦ୍ୱାରା ବେଳେବେଳେ ଯୁବତୀଟି ଗର୍ଭବତୀ ହୋଇଯାଏ । ଏହା ଫଳରେ ଝିଅ ଘରର ଚିନ୍ତା ବଢ଼ିଯାଏ । ଉଭୟ ପୁଅ ଓ ଝିଅ ଘର ପକ୍ଷରୁ ଆଲୋଚନା ମାଧ୍ୟମରେ ବିବାହ ସ୍ଥିର ହୋଇଥାଏ । ଏହା ପୂର୍ବରୁ ଗାଁର ପଧାନ, ନାଗମ ଓ ଗ୍ରାମର ବାରଭାଇଙ୍କ ଉପସ୍ଥିତିରେ ମଣ୍ଡଘରେ ନ୍ୟାୟ ନିଶାପ ହୁଏ । ମଣ୍ଡଘରେ ଗ୍ରାମର ଜୁଆଙ୍ଗମାନେ ଆଲୋଚନା ବିଚାର ବିମର୍ଷ କରି ଉଭୟ ପୁଅ ଓ ଝିଅର ପରିବାର ଉପରେ କିଛି ମାତ୍ରାରେ ଅର୍ଥ ଦଣ୍ଡ ଲାଗୁ କରିଥାନ୍ତି । ବରପିତା ଓ କନ୍ୟାପିତା ଗ୍ରାମବାସୀଙ୍କୁ ଜୋରିମାନା ବାବଦରେ ମଦ, କୁକୁଡ଼ା ଓ ଟଙ୍କା ପ୍ରଦାନ କରନ୍ତି । ଏହି ଅର୍ଥରେ ଗ୍ରାମରେ ଏକ ସାମୂହିକ ଭୋଜିର ଆୟୋଜନ ହୋଇଥାଏ । ସମସ୍ତେ ମିଳିମିଶି ଏହି ଭୋଜିରେ ଅଂଶଗ୍ରହଣ କରି ଉତ୍ସବ ମନେଇଥାନ୍ତି । ସମ୍ପର୍କ ଦୃଢ କରିବାକୁ ଯାଇ ବରପିତା କନ୍ୟାପିତାକୁ କିଛି ଉପହାର (କନ୍ୟାମୂଲ) ପ୍ରଦାନ କରିଥାନ୍ତି ।

## ଓ୍ୱାଡ଼ି କନିଆ ବିଭା (Child Marriage)

ଅତୀତରେ ଜୁଆଙ୍ଗ ସମାଜରେ ଏ ଧରଣର ବିବାହ ପ୍ରଚଳିତ ଥିଲା । କିନ୍ତୁ

ଆଜିର ଦିନରେ ସରକାରଙ୍କ ପକ୍ଷରୁ ବାଲ୍ୟ ବିବାହ ରୋକିବା ନେଇ ବ୍ୟାପକ ସଚେତନତା କାର୍ଯ୍ୟକ୍ରମର ପ୍ରଚାର ଓ ପ୍ରସାର ଫଳରେ ଜୁଆଙ୍ଗମାନେ ମଧ୍ୟ ସଚେତନ ହେଲେଣି । ଆଜିକାଲି ଏ ଧରଣର ବିବାହ ଖୁବ୍ କ୍ୱଚିତ ଦେଖିବାକୁ ମିଳିଥାଏ । ଯଦି ଯୁବକଟି ଏକ ନାବାଳିକା କନ୍ୟାକୁ ଭଲ ପାଇ ବାହା ହୋଇଯାଏ, ତେବେ ଏ ଧରଣର ବିବାହକୁ ଓ୍ୱାଡ଼ି କନିଆ ବିଭା କୁହାଯାଏ । କେତେକ କ୍ଷେତ୍ରରେ ନାବାଳିକା କନ୍ୟାଟି ଯୁବକ ଦ୍ୱାରା ଗର୍ଭବତୀ ହୋଇଯିବା ପରେ ବିବାହ ଏକ ପ୍ରକାର ବାଧ୍ୟତାମୂଳକ ହୋଇଯାଏ । ଏ ନେଇ ଗାଁ ମଣ୍ଡଘରେ ଗାଁ ମୁଖିଆ ପଧାନ, ନାଗମ୍ ଓ ବାରଭାଇ ବସି ନ୍ୟାୟ ନିଶାପ କରି ଉଚିତ୍ ପଦକ୍ଷେପ ଗ୍ରହଣ କରିଥାନ୍ତି । ଏ କ୍ଷେତ୍ରରେ ବର ଓ ବର ପିତାଙ୍କୁ ବହୁ ପରିମାଣରେ ଅର୍ଥଦଣ୍ଡ କରାଯାଇଥାଏ । ଏହି ଅର୍ଥରେ ଗ୍ରାମରେ ଭୋଜିଭାତ ହୋଇଥାଏ । ପରେ ଗ୍ରାମବାସୀଙ୍କ ସହମତି କ୍ରମେ ଉଭୟଙ୍କ ମଧ୍ୟରେ ବିବାହ ହୋଇଥାଏ ।

### ବୁର୍ହା କନିଆ ବିଭା (Widow Re-Marriage)

ଜୁଆଙ୍ଗ ସମାଜରେ ବିଧବା ବିବାହ ପ୍ରଥା ମଧ୍ୟ ପ୍ରଚଳନ ଅଛି । ବିଧବାମାନେ ଏବଂ ବିପତ୍ନୀକମାନେ ମଧ୍ୟ ପୁନର୍ବିବାହ କରିପାରନ୍ତି । ଅଳ୍ପ ବୟସ୍କ ବିପତ୍ନୀକ ଜୁଆଙ୍ଗ ଇଚ୍ଛା କଲେ ଜଣେ ଯୁବତୀକୁ ବିବାହ କରିଥାଏ । ସେହିଭଳି ଜଣେ ବିଧବା ମଧ୍ୟ ଜଣେ ବିପତ୍ନୀକ ପୁରୁଷଙ୍କୁ ବିବାହ କରିଥାଏ । ବେଳେବେଳେ ମୃତ ବଡ଼ଭାଇର ପତ୍ନୀଙ୍କୁ ମଧ୍ୟ ସାନ ଭାଇ (ଦିଅର-ଭାଉଜ) ବିବାହ କରିବା ଘଟଣା ଦେଖିବାକୁ ମିଳିଥାଏ । ଏ କ୍ଷେତ୍ରରେ ବିଧବା ବଡ଼ ଭାଉଜର ମତାମତ ନିଆଯାଇଥାଏ । ଯଦି ଦିଅରକୁ ବିବାହ କରିବାରେ ଭାଉଜର କୌଣସି ଆପତ୍ତି ନଥାଏ, ତେବେ ବିବାହ ସମ୍ପନ୍ନ ହୋଇଥାଏ । ଯଦି ବିଧବା ଭାଉଜ ଦିଅରକୁ ବିବାହ କରିବାକୁ ଇଚ୍ଛା ନକରେ, ତେବେ ସେ ଇଚ୍ଛା କଲେ ଗ୍ରାମର ଅନ୍ୟ ବିପତ୍ନୀକ ପୁରୁଷଙ୍କୁ ମଧ୍ୟ ବିବାହ କରିପାରନ୍ତି । ଏହା ଗ୍ରାମବାସୀଙ୍କ ମିଳିତ ମତ ଅନୁସାରେ ହୋଇଥାଏ । ବିପତ୍ନୀକମାନେ ବିବାହ କରିବାକୁ ଇଚ୍ଛା କଲେ ସେମାନଙ୍କୁ ବହୁ ପରିମାଣର 'କନ୍ୟାମୂଲ' ଏବଂ ଗ୍ରାମବାସୀଙ୍କୁ ବଡ଼ ଧରଣର ଭୋଜି ଦେବାକୁ ପଡ଼ିଥାଏ । ବିଧବା ବିବାହ ଖୁବ୍ ସରଳ ଓ ନିରାଡ଼ମ୍ବର ସହକାରେ ହୋଇଥାଏ । ଏଥିରେ କୌଣସି ପ୍ରକାର ଉତ୍ସବ ମନାଯାଇ ନଥାଏ । ବରପକ୍ଷରୁ କେବଳ ପୁରୋହିତଙ୍କୁ ନୂତନ ବସ୍ତ୍ର ଓ ଗ୍ରାମବାସୀଙ୍କୁ ଭୋଜି ଓ ମଦ ଦିଆଯାଇଥାଏ ।

### ଡାକି କନିଆ ବିଭା (Re-Marriage of the Divorced Women)

ଜୁଆଙ୍ଗ ଦମ୍ପତିଙ୍କ ମଧ୍ୟରେ ଯଦି ମତ ପାର୍ଥକ୍ୟ ଦେଖାଦିଏ ଏବଂ ପତି-ପତ୍ନୀଙ୍କ ମଧ୍ୟରେ ଅଶାନ୍ତି ଲାଗିରହେ, ସେମାନେ ପରସ୍ପରକୁ ଛାଡ଼ପତ୍ର ଦେବାର ବ୍ୟବସ୍ଥା ମଧ୍ୟ ରହିଛି । ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଛାଡ଼ପତ୍ର ଗାଁର ମଜାଙ୍ଗ ଓ ବାରଭାଇଙ୍କ ଦ୍ୱାରା ସ୍ୱୀକୃତିଲାଭ କରିଥାଏ । ସ୍ୱାମୀ ଓ ସ୍ତ୍ରୀର ଗ୍ରାମବାସୀ ଉପସ୍ଥିତ ରହି ଏହାକୁ ଅନୁମୋଦନ କରିଥାନ୍ତି । ଏହାପରେ ଯଦି ସ୍ୱାମୀ ଇଚ୍ଛା କରେ, ତେବେ ଅନ୍ୟ ଜଣେ ଯୁବତୀକୁ ପୁନର୍ବିବାହ କରିପାରେ କିମ୍ବା ସ୍ୱାମୀକୁ ଛାଡ଼ି ଚାଲି ଆସିଥିବା ସ୍ତ୍ରୀଜଣକ ଇଚ୍ଛା କଲେ ଅନ୍ୟ ଜଣେ ପୁରୁଷକୁ ବିବାହ କରିଥାଏ । ଯଦି ସ୍ତ୍ରୀ ପ୍ରଥମେ ତା'ର ସ୍ୱାମୀକୁ ଛାଡ଼ି ଚାଲିଆସେ, ତେବେ କନ୍ୟାମୂଲ ବାବଦକୁ ନେଇଥିବା ସମସ୍ତ ଟଙ୍କା ଓ ମଦ ବାବଦ ଅର୍ଥ ଫେରାଇବାକୁ ପଡ଼ିଥାଏ । ତେବେ ଏଭଳି ବିବାହ ଜୁଆଙ୍ଗ ସମାଜରେ ବେଶି ଦେଖାଯାଏ ନାହିଁ ।

### ଘର ଜୋଇଁଆ (Son-in-law in house)

ଜୁଆଙ୍ଗ ସମାଜରେ ଏଭଳି ବ୍ୟବସ୍ଥା ଖୁବ୍ କମ୍ ଦେଖିବାକୁ ମିଳିଥାଏ । ପୁତ୍ର ନଥିବା ଜୁଆଙ୍ଗ ନିଜ କନ୍ୟାକୁ ଜଣେ ଯୁବକକୁ ବିବାହ ଦେଲା ପରେ ଝିଅ ଜ୍ୱାଇଁଙ୍କୁ ନିଜ ଘରେ ପୁତ୍ରକନ୍ୟା ଭଳି ରଖିଥାନ୍ତି । ଏହାକୁ ଘର ଜୋଇଁଆ ବୋଲି କୁହାଯାଏ । ଏ କ୍ଷେତ୍ରରେ ବରକୁ ନିଜ ପୈତୃକ ଘର ପରିତ୍ୟାଗ କରି ଶ୍ୱଶୁର ଘରେ ରହିବାକୁ ପଡ଼ିଥାଏ ।

### ହାଟୁଆ କନିଆ ବିଭା (Hindu type of Marriage)

ଏହା ଏକ ସ୍ଥିରୀକୃତ ବିବାହ । ହିନ୍ଦୁ ବିବାହ ଭଳି ପୁତ୍ର କନ୍ୟା ଦେଖାଚାହାଁ ପରେ ଉଭୟ ପରିବାର ପକ୍ଷରୁ ବିବାହ ଦିନ ଧାର୍ଯ୍ୟ କରାଯାଏ । ହିନ୍ଦୁ ବିବାହ ଭଳି ବୈଦିକ ରୀତିରେ ଏ ବିବାହ ଅନୁଷ୍ଠିତ ହୋଇଥାଏ । ମାତ୍ର ଜୁଆଙ୍ଗ ସମାଜରେ ଏଭଳି ବିବାହ ଖୁବ୍ କମ୍ ଦେଖିବାକୁ ମିଳେ ।

ଆଧୁନିକତାର ଦ୍ୱାହି ଦେଇ ଜୁଆଙ୍ଗ ସମାଜରେ ଅନେକ ପରିବର୍ତ୍ତନ ଦେଖା ଦେଲାଣି । ଆଜି ଜୁଆଙ୍ଗ ଗାଁରେ ଅବିବାହିତ ଯୁବତୀଙ୍କ ରାତ୍ରୀରହଣୀ ପାଇଁ ଉଦ୍ଦିଷ୍ଟ ସାଧାରଣ ଗୃହ 'ମେଲାଇଁଙ୍ଗ୍ୟାନ' ଦେଖିବାକୁ ମିଳେନାହିଁ । ଯଦି ବା କିଛି କିଛି ଜୁଆଙ୍ଗ ଗାଁରେ ଅବିବାହିତ ଯୁବକଙ୍କ ପାଇଁ ଉଦ୍ଦିଷ୍ଟ ସାଧାରଣ ଗୃହ 'ମଜାଙ୍ଗ' (ମଣ୍ଡଘର) ଅଛି, କିନ୍ତୁ ତାହା ତାହାର ମୂଳ ଉଦ୍ଦେଶ୍ୟଠାରୁ ଦୂରେଇ ଗଲାଣି । ଆଜି ଜୁଆଙ୍ଗମାନଙ୍କ ସାମାଜିକ ଓ ସାଂସ୍କୃତିକ ଜୀବନରେ ଅନେକ ପରିବର୍ତ୍ତନ ଦେଖାଦେଲାଣି । ତଥାକଥିତ ଆଧୁନିକ ଶିକ୍ଷା ଜୁଆଙ୍ଗ ଯୁବକ, ଯୁବତୀମାନଙ୍କୁ ନିଜ ସଂସ୍କୃତି ଓ ପ୍ରାଚୀନ ପରମ୍ପରାଠାରୁ ଦୂରେଇ ନେଇଛି । ଆଜି ଜଣେ ଶିକ୍ଷିତ ଜୁଆଙ୍ଗ ଯୁବକ ଚାଙ୍ଗୁ ବଜେଇ ନାଚଗୀତ କରିବାକୁ ଆଗ୍ରହ ପ୍ରକାଶ କରୁନାହିଁ । ଜୁଆଙ୍ଗ ବିବାହରେ ମଧ୍ୟ ଅନେକ ପରିବର୍ତ୍ତନ ଦେଖାଦେଇଛି । ତଥାପି ଅନେକ ପର୍ବପର୍ବାଣି, ଉତ୍ସବ, ଯାନିଯାତ୍ରାରେ ସେମାନଙ୍କ ପ୍ରଥା, ପରମ୍ପରା ଓ ରୀତିନୀତି ଆଜି ବି ପ୍ରତିଫଳିତ ହୋଇଥାଏ । ଗୋଷ୍ଠୀ ଜୀବନ ଜୁଆଙ୍ଗମାନଙ୍କ ଜୀବନ ବଞ୍ଚିବାର ଶ୍ରେଷ୍ଠ ପୁଞ୍ଜି । ଜୁଆଙ୍ଗମାନେ ସବୁକିଛି ଗୋଷ୍ଠୀଗତ ଭାବେ କରିବାକୁ ଭଲ ପାଇଥାନ୍ତି । ଜୁଆଙ୍ଗ ସମାଜରେ ଏକାକୀତ୍ୱର ସ୍ଥାନ ନାହିଁ କହିଲେ ଚଳେ । ଜୁଆଙ୍ଗମାନେ ମିଳିମିଶି ପର୍ବପର୍ବାଣି, ବିଭାଘର, ଭୋଜିଭାତରେ ଏକାଠି ହୋଇ ଜୀବନକୁ ଉପଭୋଗ କରନ୍ତି । କିନ୍ତୁ ଆଧୁନିକ ଶିକ୍ଷା ସେମାନଙ୍କୁ ଏକୁଟିଆ ଓ ଦୁଃଖୀ କରି ଦେଉଛି । ଏହା ଚିନ୍ତାର କାରଣ ।

**ସହାୟକ ଗ୍ରନ୍ଥ ସୂଚୀ**


୧. ପ୍ରଧାନ ଡ. ରଞ୍ଜନ, 'ଜୁଆଙ୍ଗ ପର୍ବପର୍ବାଣି', ପ୍ରକାଶକ: କ୍ରିଏଟିଭ ଓଡ଼ିଶା, କେନ୍ଦ୍ରାପଡ଼ା, ୨୦୧୪

୨. ପ୍ରଧାନ ଡ. ରଞ୍ଜନ, 'ଐତିହ୍ୟ, ସଂସ୍କୃତି ଓ ପର୍ଯ୍ୟଟନ: କେନ୍ଦୁଝର', ପ୍ରକାଶକ: କ୍ରିଏଟିଭ ଓଡ଼ିଶା, କେନ୍ଦ୍ରାପଡ଼ା, ୨୦୧୨

୩. ପାଢ଼ୀ ଜଗବନ୍ଧୁ, 'ଜୁଆଙ୍ଗ ଜୀବନ ସଙ୍ଗୀତ', ପ୍ରକାଶକ: ମନୋରମା ପବ୍ଲିଶର୍ସ, କଟକ, ୧୯୮୬

୪. Elwin Verrier, Notes on the Juang-Man in India, Vol. XXVIII No. 1 and 2, ୧୯୪୮

୫. Rout SP, Hand Book on Juang, Adibasi, Vol. XI No. 1 and 2, ୧୯୬୯

୬. Nayak Sarita, Mortuary Practices of the Paudi Bhuiyans and the Juangs of Odisha: An anthropological study (PhD Thesis), ୨୦୦୬


**କ୍ଷେତ୍ର ଅଧ୍ୟୟନ**

ଗ୍ରାମ: ଉପରରାଇଡିହା, ଗ୍ରାମ ପଞ୍ଚାୟତ: ଗୋନାସିକା, ବ୍ଲକ: ବାଂଶପାଳ, ଜିଲ୍ଲା: କେନ୍ଦୁଝର

ଗ୍ରାମ: ତଳଚମ୍ପେଇ, ଗ୍ରାମ ପଞ୍ଚାୟତ: ତଳଚମ୍ପେଇ, ବ୍ଲକ: ବାଂଶପାଳ, ଜିଲ୍ଲା: କେନ୍ଦୁଝର

**ତଥ୍ୟ ପ୍ରଦାନକାରୀ:** ଉପରରାଇଡିହା ଗ୍ରାମର କାଶିଆ ଜୁଆଙ୍ଗ (ପଧାନ ଓ ବରପିତା), ଅନ୍ଧାରୁ ଜୁଆଙ୍ଗ(ନାଗମ୍), କ୍ଷେତ୍ରବାସୀ ଜୁଆଙ୍ଗ, ଚନ୍ଦ୍ରମଣୀ ଜୁଆଙ୍ଗ, ଦାସ ଜୁଆଙ୍ଗ, ରମେଶ ଜୁଆଙ୍ଗ (କମାଣ୍ଡରିଆ), ବିନୋଦ ଜୁଆଙ୍ଗ ।

ଗୋନାସିକା ଗ୍ରାମର ବନମାଳୀ ଜୁଆଙ୍ଗ ଏବଂ ବୀରବର ନାଏକ

ବର: ସନାତନ ଜୁଆଙ୍ଗ, କନ୍ୟା: ପ୍ରମିଳା ଜୁଆଙ୍ଗ

ତଳଚମ୍ପେଇ ଗ୍ରାମର ଘାସିଆ ଜୁଆଙ୍ଗ (କନ୍ୟାପିତା)

Ohm
PVC HDPE Pipes & Fittings

# OHM PIPES PVT. LTD.




"An ISO 9001-2015 Certified Company"

**OHM PIPES, Symbol of Trust**

A leading manufacturer of
PVC & HDPE Pipes & Fittings

Works: D - 7, 8, 49 & 50, Somnathpur, IID Centre, Odisha 756019
Sales Enquiry Odisha: +91 - 7008869992, 8280956445
West Bengal: +91- 9433094332
info@ohmpipes.com
www.ohmpipes.com



# ଝୁମରର ଝଙ୍କାର

ଏଇ ନିକଟରେ ବେଶ୍ ଧୁମ୍‌ଧାମ୍‌ରେ ପାଳିତ ହୋଇଗଲା ମକର ପର୍ବ । ଆଉ ଖେଳିଗଲା ଆନନ୍ଦର ଫୁଆରା ଆଦିବାସୀ ମହଲରେ । ଘରେ ଘରେ ନାଚଗୀତର ଆସର । ଆଉ ସଭିଙ୍କୁ ଝୁମେଇ ଦେଲା 'ଝୁମର' । ଆମ ଓଡ଼ିଶାର ଜନଜାତିଙ୍କର ଲୋକଗୀତ କହିଲେ ମୁଖ୍ୟତଃ 'ଝୁମର'କୁ ହିଁ ବୁଝାଏ । କାରଣ: ଯେଉଁସବୁ ଲୋକଗୀତ ବା ପଲ୍ଲୀଗୀତ ଲୋକମୁଖରେ ଶୁଣାଯାଏ ସେସବୁ ପ୍ରାୟତଃ ଝୁମରର ପୂର୍ବରୂପ ବା ବିକଶିତ ରୂପ ବୋଲି ଧରାଯାଏ । ଏଇ ଝୁମର୍ କେବଳ ମୟୂରଭଞ୍ଜ ଜିଲ୍ଲା ଭିତରେ ସୀମାବଦ୍ଧ ନୁହେଁ । ଓଡ଼ିଶାର ଆଉ ଦୁଇଟି ଆଦିବାସୀ ବହୁଳ ଜିଲ୍ଲା କେନ୍ଦୁଝର ଓ ସୁନ୍ଦରଗଡ଼ରେ ମଧ୍ୟ ଏହି ପ୍ରାଣସ୍ପର୍ଶୀ ଗୀତ ଜନଜୀବନକୁ ପ୍ରଭାବିତ କରେ । ଏମିତି ଦେଖିବାକୁ ଗଲେ ଝୁମରର ବ୍ୟାପ୍ତି ସମଗ୍ର ପୂର୍ବ ଭାରତୀୟ ପାର୍ବତ୍ୟାଞ୍ଚଳରେ । ଏଠି ବସତି ସ୍ଥାପନ କରିଥିବା ଜନଜାତିଙ୍କ ଜୀବନର ଛନ୍ଦ ଓ ପ୍ରାଣର ସ୍ପନ୍ଦନ ହିଁ ଝୁମର । ଏହା ସେମାନଙ୍କୁ ଝୁମେଇ ଦିଏ, ମଜେଇ ଦିଏ, ନଚେଇ ଦିଏ ଏବଂ ସୁଖଦୁଃଖ, ଝଡ଼ଝଂଜା, ମିଳନ-ବିଦାୟ ତଥା ପର୍ବପର୍ବାଣି ଅବସରରେ ସାଥିରେ ଥାଏ ।

## ଶିମିଳିପାଳର ତଳେ ତଳେ... ଦାମୋଦରର ତୀରେ ତୀରେ...

ସଭିଏଁ କୁହନ୍ତି ଶିମଳିପାଳର ତଳେ ତଳେ...ଦାମୋଦରର ତୀରେ ତୀରେ... ଝୁମର ଖେଳେ । ବାସ୍ତବିକ୍ ମୟୂରଭଞ୍ଜ ନୁହେଁ କି ଉତ୍ତର ଓଡ଼ିଶା ନୁହେଁ, ଝାଡ଼ଖଣ୍ଡ ନୁହେଁ କି ପଶ୍ଚିମବଙ୍ଗ ନୁହେଁ । ମୟୂରଭଞ୍ଜର ଶିମିଳିପାଳରୁ ଛୋଟନାଗପୁର ଯାଏଁ, ଉତ୍ତରରେ ଦାମୋଦର ନଦୀ ଠାରୁ ଦକ୍ଷିଣରେ ବୈତରଣୀ ନଦୀ ଯାଏଁ ଏବଂ ପୂର୍ବରେ ମେଦିନିପୁର ଠାରୁ ପଶ୍ଚିମରେ ଛତିଶଗଡ଼ ପର୍ଯ୍ୟନ୍ତ ପରିବ୍ୟାପ୍ତ ଅଞ୍ଚଳରେ ଝୁମର ସଂସ୍କୃତି ବସା ବାନ୍ଧି ରହିଛି । ଏହାକୁ ଝୁମର ବିଶାରଦ ସ୍ୱର୍ଗତ ଗିରୀଶ ଚନ୍ଦ୍ର ମହାନ୍ତ 'ଝୁମର ଦେଶ' ନାମରେ ନାମିତ କରିଛନ୍ତି । ପୂର୍ବଭାରତର ମୁଖ୍ୟତଃ ତିନୋଟି ରାଜ୍ୟ, ଯଥା: ଓଡ଼ିଶା, ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡରେ ଏହା ବିଶେଷ ଭାବରେ ଦେଖିବାକୁ ମିଳେ । ଓଡ଼ିଶାର ମୟୂରଭଞ୍ଜ, କେନ୍ଦୁଝର ଓ ସୁନ୍ଦରଗଡ଼, ପଶ୍ଚିମବଙ୍ଗର ମେଦିନୀପୁର, ପୁରୁଲିଆ, ବାଙ୍କୁଡ଼ା ଓ ବୀରଭୂମି ଏବଂ ଝାଡ଼ଖଣ୍ଡର ସିଂହଭୂମ୍, ରାଞ୍ଚି, ହଜାରୀବାଗ, ସାନ୍ତାଳ ପ୍ରଗଣା ଓ ଧାନବାଦ ପ୍ରଭୃତି ଅଞ୍ଚଳକୁ ନେଇ 'ଝୁମର ଦେଶ' ଗଠିତ



# ଝୁମେଇଦିଏ 'ଝୁମର'

**ସମରେନ୍ଦ୍ରନାଥ ମହାପାତ୍ର**
ସହଦେବଖୁଣ୍ଟା, ବାଲେଶ୍ୱର-୭୫୬୦୦୧,
ଫୋନ: ୭୦୦୮୩୩୦୭୪୫

ଫଟୋ ସୌଜନ୍ୟ : ଲେଖକ



▲ ଲେଖକ ସମରେନ୍ଦ୍ରନାଥ ମହାପାତ୍ର

ବୋଲି ଶ୍ରୀ ମହାନ୍ତ ମତବ୍ୟକ୍ତ କରିଛନ୍ତି । 'ଝୁମର ଦେଶ'ର ଆବାଳ ବୃଦ୍ଧ ବନିତା ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଝୁମର ପ୍ରେମୀ । ଏହି ଅଞ୍ଚଳର ପ୍ରମୁଖ ଅଧିବାସୀ କୁଡୁମୀ, ସାନ୍ତାଳ, ମୁଣ୍ଡା, ପୁରାଣ, ହୋ, ବାଥୁଡ଼ି ଆଦି କୃଷିଜୀବୀ ଜାତି ନିଜ କୃଷି କର୍ମ ସହ ଜଡ଼ିତ ଝୁମର ଗାନ କରନ୍ତି ।

ଲୋକମତ ଓ କିମ୍ବଦନ୍ତୀ ଅନୁଯାୟୀ, ଦ୍ୱାପର ଯୁଗରେ ରାସ ନୃତ୍ୟ ସମୟରେ ଶ୍ରୀକୃଷ୍ଣ ଝୁମରର ରାଗିଣୀରେ ବଂଶୀବାଦନ କରୁଥିଲେ ଏବଂ ଗୋପୀମାନେ ମଣ୍ଡଳାକାରରେ ରାସ ନୃତ୍ୟ କରୁଥିଲେ । ଏଣୁ ଝୁମରର ଉତ୍ପତ୍ତି ଶ୍ରୀକୃଷ୍ଣଙ୍କ ରାସ ସହିତ ଜଡ଼ିତ ବୋଲି ଝୁମର ବିଶାରଦମାନେ ମତବ୍ୟକ୍ତ କରନ୍ତି । ଝୁମର ଦେଶର ଲୋକମାନେ ଭାଦ୍ରବ ଶୁକ୍ଳ ଏକାଦଶୀ ଦିନ ସନ୍ତାନ, ଶସ୍ୟ ଓ ସୌଭାଗ୍ୟ ନିମନ୍ତେ କରମ ଦେବତାଙ୍କ ଉପାସନା କରି ନୃତ୍ୟ ଓ ଗୀତରେ ରାତ୍ରି ଅତିବାହିତ କରନ୍ତି । ଏହି ଗୀତକୁ କରମା ଗୀତ ବୋଲି ମଧ୍ୟ କୁହାଯାଏ । କରମା ଗୀତ ଉପରେ ଆଧାରିତ 'ଭାଦୁରିଆ ଝୁମର' । ଏହା ସବୁଠୁ ପ୍ରାଚୀନ ଝୁମର । କିନ୍ତୁ ପରବର୍ତ୍ତୀ ସମୟରେ ରାଜା ଓ ଜମିଦାରମାନଙ୍କର ପୃଷ୍ଠପୋଷକତାରେ ଯେଉଁ ଝୁମର ସୃଷ୍ଟି ହେଲା ତାହାକୁ 'ଦରବାରୀ ଝୁମର' କୁହାଗଲା । ଏହି ଝୁମର ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତର ବିଭିନ୍ନ ରାଗରାଗିଣୀ, କୀର୍ତ୍ତନ, ଭାଟିଆରି ଉପରେ ଆଧାରିତ ଏବଂ ନାଚୁଣୀମାନଙ୍କ ଦ୍ୱାରା ପରିବେଷିତ ହେଲା । ଉଭୟ ଭାଦୁରିଆ ଝୁମର ଓ ଦରବାରୀ ଝୁମର ମୟୂରଭଞ୍ଜ, କେନ୍ଦୁଝର ଓ ସୁନ୍ଦରଗଡ଼ର ଆଦିବାସୀ ଓ ଅଧିବାସୀମାନଙ୍କ ଜୀବନ-ସଂସ୍କୃତିର ଅଙ୍ଗ ପାଲଟି ଯାଇଛି । ଏହାର ସ୍ୱର, ଛନ୍ଦ ଓ ଲାଳିତ୍ୟ ସବୁରି ମନକୁ ଆନ୍ଦୋଳିତ କରୁଥିବା ବେଳେ ମୋ ଭଳି ଗବେଷକମାନେ ଏହି ଗୀତଗୁଡ଼ିକ ଭିତରେ ଥିବା ଜୀବନ ଦର୍ଶନ ଓ ସାହିତ୍ୟିକ ମୂଲ୍ୟବୋଧକୁ ଅନୁଶୀଳନ କରି ବେଶ୍ ଉତ୍ସାହିତ ହୁଅନ୍ତି ।

## ଝୁମରର ସଂଜ୍ଞା

'ଝୁମର'ର ଅର୍ଥ କ'ଣ ? ତନୁମନକୁ ଯାହା ଝୁମେଇଦିଏ ତାହା କ'ଣ 'ଝୁମର' ? ନା ଝୁମ୍ ଝୁମ୍ ନାଚୁଥିବା ପାଦର ଛନ୍ଦରେ ଯେଉଁ ଗୀତ ବୋଲାଯାଏ ତାକୁ କୁହାଯାଏ ଝୁମର ? ଓଡ଼ିଆ ଭାଷାର ସର୍ବବୃହତ୍ ଅଭିଧାନ 'ପୂର୍ଣ୍ଣଚନ୍ଦ୍ର ଭାଷାକୋଷ'ରେ ଝୁମରକୁ 'ଝୁମରି' ଭାବେ ଉଲ୍ଲେଖ କରାଯାଇଛି ଏବଂ ଏହାକୁ ସିଂହଭୂମ୍ ଓ ତତ୍ସଂଲଗ୍ନ ଅଞ୍ଚଳର ଏକ ଆଞ୍ଚଳିକ ସଙ୍ଗୀତ ଭାବେ ଦର୍ଶାଯାଇଛି । 'ଝୁମରି'ର ଅର୍ଥ ମଜ୍ଜିଯିବା

ବୋଲି କେହି କେହି କହିଥାନ୍ତି ଏବଂ ଯେଉଁ ସଙ୍ଗୀତ ମନକୁ ମଜାଇଦିଏ ତାହା ହିଁ ଝୁମର ବୋଲି ସ୍ୱତଃ ଧାରଣା ଜନ୍ମେ । ଶ୍ରୀ କାଳୀପ୍ରସାଦ ଓ ରାଜବଲ୍ଲଭ ଶାହାଙ୍କ ଦ୍ୱାରା ସଂକଳିତ 'ବୃହତ୍ ହିନ୍ଦୀକୋଷ'ରେ ଝୁମରକୁ ହୋଲି ଉତ୍ସବ ଅବସରରେ ଗାନ କରାଯାଉଥିବା ଏକ ଲୋକସଙ୍ଗୀତ ଭାବେ ଗ୍ରହଣ କରାଯାଇଛି । 'ସଙ୍ଗୀତ ଦାମୋଦର'ରେ ଝୁମରକୁ 'ଶୃଙ୍ଗାର ରସାତ୍ମକ ରାଗିଣୀ' ବୋଲି ବର୍ଣ୍ଣନା କରାଯାଇଛି । ବିଭିନ୍ନ ସଙ୍ଗୀତ ବିଶ୍ୱବିଦ୍ୟାଳୟର ପାଠ୍ୟକ୍ରମରେ ପ୍ରଚଳିତ ଶ୍ରୀ ଲକ୍ଷ୍ମୀନାରାୟଣ ଗର୍ଗଙ୍କ ସଂପାଦିତ 'ସଙ୍ଗୀତ ବିଶାରଦ' ପୁସ୍ତକରେ ଝୁମରକୁ ଭାରତୀୟ ସଙ୍ଗୀତର ଏକ ଅଙ୍ଗ ଭାବେ ଗ୍ରହଣ କରାଯାଇଛି ଏବଂ ଏହାକୁ ତିନୋଟି ବିଭାଗ ଯଥା: (୧) 'ବିର୍‌ହା କା ଝୁମର୍', (୨) 'କାଜ୍‌ରୀକା ଝୁମର୍' ଓ (୩) 'ତିସ୍‌ର ଝୁମର'ରେ ବିଭକ୍ତ କରାଯାଇଛି ।

ଝୁମର ଶବ୍ଦର ଅର୍ଥ ହେଲା: (୧) ଝୁମ୍ + ଅର୍ = ଝୁମର୍ ଅଥବା (୨) ଝୁରୟତି + ଅର୍ = ଝୁମର୍

ପ୍ରଥମେ 'ଝୁମ୍' ଶବ୍ଦର ଅର୍ଥ ହେଲା - ଝୁରିବା । 'ଅର୍' ଶବ୍ଦର ଅର୍ଥ - ଚକ୍ରାକାରରେ ଘୂରି ଘୂରି ନୃତ୍ୟ କରିବା । ଏହି ଦୃଷ୍ଟିରୁ 'ଝୁମର୍' ଶବ୍ଦର ସାମଗ୍ରିକ ଅର୍ଥ ହେଲା- ପ୍ରିୟ ବା ପ୍ରିୟତମାର ବିରହରେ ଝୁରି ହୋଇ ଘୂରି ଘୂରି ନୃତ୍ୟ କରିବା । ଦ୍ୱିତୀୟରେ 'ଝୁରୟତି' ଅର୍ଥ ଝୁରିବା ଓ 'ଅର୍' ଅର୍ଥ ଘୂରି ଘୂରି ନୃତ୍ୟ କରିବା । ଅର୍ଥାତ୍ ସେଇ ଏକା ଅର୍ଥ ପ୍ରତୀୟମାନ ହୁଏ ।

ତେବେ 'ଝୁମର'କୁ ଶାସ୍ତ୍ରୀୟ ଦୃଷ୍ଟିରୁ ବ୍ୟାଖ୍ୟା କରି କୁହାଯାଇଛି - 'ଝୁରୟତି ଇତି ଝୁମର୍' । ଅର୍ଥାତ୍, ସୁଖଦୁଃଖରେ ସ୍ଥିତପ୍ରଜ୍ଞ ରହି ଈଶ୍ୱରଙ୍କ ପ୍ରତି ଭକ୍ତିଭାବ ପ୍ରଦର୍ଶନ ନିମନ୍ତେ ଯେଉଁ ସଙ୍ଗୀତ ପ୍ରେରଣା ଦିଏ ଏବଂ ଈଶ୍ୱରଙ୍କୁ ଝୁରିହେବା ଭିତରେ ଯେଉଁ ସଙ୍ଗୀତ ଅମରତ୍ୱର ସନ୍ଧାନ ଦିଏ, ତାହା ହିଁ ଝୁମର । ଅର୍ଥାତ୍, ଯେଉଁ ସଙ୍ଗୀତରେ ଚିରନ୍ତନ ଆନନ୍ଦ ବା ଶାଶ୍ୱତ ଆନନ୍ଦ ଅନୁରଣିତ ହୁଏ, ତାହା ହିଁ ଝୁମର । ଝୁମର ଆମକୁ ଆନନ୍ଦ ଦିଏ, ମନରେ ମାଦକତା ଭରିଦିଏ । ଏହା କୌଣସି ଜାତି ବା ବର୍ଣ୍ଣର ସଂକୀର୍ଣ୍ଣତାରେ ଆବଦ୍ଧ ନୁହେଁ କି ନିର୍ଦ୍ଦିଷ୍ଟ ଭାଷା ମଧ୍ୟରେ ସୀମିତ ନୁହେଁ । ସେଥିପାଇଁ ଝୁମରରେ ପ୍ରାୟତଃ ମିଶ୍ର ଭାଷା ଦେଖିବାକୁ ମିଳେ । ତେବେ ଝୁମରର ଆଭିଧାନିକ ଅର୍ଥଠାରୁ ଏହାର ପରିସର ବେଶ୍ ବ୍ୟାପକ । ବିଶିଷ୍ଟ ଝୁମର ବିଶାରଦ ତଥା ଗବେଷକ ସ୍ୱର୍ଗତ ଗିରୀଶ ଚନ୍ଦ୍ର ମହାନ୍ତଙ୍କ ମତରେ ସାରା ଜଗତରେ ସୁନ୍ଦର ଚିଜ ଦୁଇଟି । ଗୋଟିଏ ରମଣୀ ଓ ଅନ୍ୟଟି ରାଗିଣୀ । ରମଣୀ ଓ ରାଗିଣୀର ସମାହାରକୁ ଆମେ 'ଝୁମର' କହିଥାଉ । ଯଥାର୍ଥରେ ପ୍ରେମ ଓ ଶୃଙ୍ଗାରର ଗୀତ ହେଲା ଝୁମର । ବିଶିଷ୍ଟ ଗବେଷକ ଡ. ଆଦିକନ୍ଦ ମହାନ୍ତ 'ଝୁମର'କୁ 'ଶିହରଣ ସୃଷ୍ଟିକାରୀ ସଙ୍ଗୀତ' ବୋଲି ବର୍ଣ୍ଣନା କରିଛନ୍ତି । ତେବେ ଝୁମରର ଅର୍ଥ ଏତେ ବ୍ୟାପକ ଯେ ଏହାକୁ ନିର୍ଦ୍ଦିଷ୍ଟ ବିଷୟବସ୍ତୁ ମଧ୍ୟରେ ସୀମିତ କରି ରଖା ଯାଇପାରେ ନାହିଁ । କାରଣ : ଝୁମରରେ ଅଛି ରାଧାକୃଷ୍ଣ ଭାବବିହ୍ୱଳ ସଙ୍ଗୀତ, ଅଛି 'ରାମାୟଣ', 'ମହାଭାରତ'ର ଗାଥା, ଅଛି ଆଧ୍ୟାତ୍ମିକ ଚିନ୍ତାଧାରା, ପୁଣି ପ୍ରକୃତି ବର୍ଣ୍ଣନା, ପ୍ରେମାନୁଭୂତି, ଜୀବନ ଦର୍ଶନ ଓ ସାମାଜିକ ଦୃଷ୍ଟିଭଙ୍ଗୀ । ତେଣୁ ଝୁମରକୁ ଏକ ଲାଳିତ୍ୟପୂର୍ଣ୍ଣ ମାନବତାର ସଙ୍ଗୀତ କହିଲେ ଠିକ୍ ହେବ ।

## କେବଳ ଗୀତ ନୁହେଁ, ସଙ୍ଗୀତ ଓ ନୃତ୍ୟ

ଝୁମର ଗୀତର ଆଲୋଚନା ବେଳେ ସଙ୍ଗୀତକୁ ଓ ସଙ୍ଗୀତର ଆଲୋଚନା ବେଳେ ନୃତ୍ୟକୁ ବାଦ୍ ଦେଇ ହେବନାହିଁ । କାରଣ 'ଝୁମର' ଲୋକଗୀତ ହୋଇଥିବାରୁ ଜନଜୀବନରେ ଏହା ପାରମ୍ପରିକ ଭାବେ ପ୍ରଚଳିତ । ଏହି ଗୀତରେ ବାଦ୍ୟର ବ୍ୟବହାର ହୋଇ ଏହା ସଙ୍ଗୀତ ପର୍ଯ୍ୟାୟକୁ ଉନ୍ନୀତ ହେବା ବେଳେ ଗୀତ ସହ ନୃତ୍ୟ ମଧ୍ୟ ପରିବେଷିତ ହୁଏ । ସାଧାରଣତଃ ଆନୁଷ୍ଠାନିକ ଭାବେ ଝୁମର ଗୀତ ନୃତ୍ୟ ସହିତ ପରିବେଷିତ ହୁଏ । ମଞ୍ଚ ଓ ଟେଲିଭିଜନରେ ଝୁମର ଗୀତ ନୃତ୍ୟ ସହ ପରିବେଷିତ ହେଉଥିବା ବେଳେ ଆକାଶବାଣୀରେ ସଙ୍ଗୀତ ସହ ପରିବେଷିତ ହୁଏ । ତେଣୁ ପ୍ରଥମେ ମନେ ରଖିବାକୁ ହେବ ଯେ ଝୁମର ଏକ ଗୀତ, କବିତା ନୁହେଁ । ଏହା ଗାନ କରାଯାଏ, ଆବୃତ୍ତି ନୁହେଁ । ତେଣୁ କବିତାର ମାନଦଣ୍ଡରେ ଏହାକୁ ମୂଲ୍ୟାୟନ କରା ଯାଇପାରିବ ନାହିଁ । ସମୀକ୍ଷା କଲା ବେଳେ ଗୀତର ଶବ୍ଦ ଓ ଭାବ କେବଳ ନୁହେଁ, ଛନ୍ଦକୁ ମଧ୍ୟ ଲକ୍ଷ୍ୟ କରିବାକୁ ପଡ଼ିବ । ଧ୍ୱନିକୁ ମଧ୍ୟ ଶୁଣି ମୂଲ୍ୟାୟନ କରିବାକୁ ପଡ଼ିବ ।

ଝୁମର ଗୀତ ଏକକ ଭାବେ ଓ ଗୋଷ୍ଠୀଗତ ଭାବେ ଗାନ କରାଯାଏ । ଏକକ ଗୀତରେ ନାଚୁଣୀ ନିଜେ ଗାଇ ନୃତ୍ୟ ପ୍ରଦର୍ଶନ କରୁଥିଲେ ହେଁ ତା' ସହିତ ବାଦ୍ୟ ଓ ସଂଗୀତର ଆବଶ୍ୟକତା ଥାଏ । ଗୋଷ୍ଠୀଗୀତରେ ଏହା ବେଳେ ବେଳେ ନୃତ୍ୟନାଟିକା ସ୍ତରକୁ ଉତ୍ତୀର୍ଣ୍ଣ ହୋଇଥାଏ । ତେଣୁ ଝୁମର ଗୀତର ମାଧୁର୍ଯ୍ୟ, ଝୁମର ସଙ୍ଗୀତର ଲାଳିତ୍ୟ ଓ ଝୁମର ନୃତ୍ୟର ଲାସ୍ୟ ଏକତ୍ର ବିଚାରକୁ ନେଲେ ଏହି ମହାନ ପରମ୍ପରାର ସ୍ରଷ୍ଟାଙ୍କ ପ୍ରତି ମଥା ଅବନମିତ ହୋଇଯାଏ ।







କିନ୍ତୁ ଆଦିବାସୀମାନଙ୍କ ଭିତରେ 'ଝୁମର' ନାମରେ କୌଣସି ସ୍ୱର ବା ଗୀତ ପ୍ରଚଳିତ ନାହିଁ । ପ୍ରକୃତରେ ଝୁମର ଡୋମ, ପାଣ, କୁମ୍ଭାର, କମାର, ଘାସି ଏବଂ କୁର୍ମି ମହାନ୍ତ, ପୁରାଣ, ବଗାଳ ଆଦି ଜାତିର ଲୋକଙ୍କ ଭିତରେ ପ୍ରାଣବନ୍ତ । ପରବର୍ତ୍ତୀ କାଳକୁ ହିନ୍ଦୁ ଭାବାପନ୍ନ ଭୂମିଜ ଓ ଖଡ଼ିଆମାନେ ମଧ୍ୟ ଝୁମରକୁ ଅନେକାଂଶରେ ନିଜର କରିନେଇ ଅଛନ୍ତି ।" ତେବେ ଏହି ବାଦ ବିବାଦ ତଥା ବିତର୍କ ମଧ୍ୟରେ ଗୋଟିଏ କଥା ସ୍ପଷ୍ଟ ହୁଏ ଯେ ଗବେଷକ ସ୍ୱର୍ଗତ ଗିରୀଶ ମହାନ୍ତଙ୍କ ଚିହ୍ନିତ 'ଝୁମର ଦେଶ'ର ବିଶାଳ ଭୂଖଣ୍ଡର ଆଦିବାସୀ ଓ ଅଧିବାସୀଙ୍କ ମଧ୍ୟରେ 'ଝୁମର'ର ଉତ୍ପତ୍ତି ଓ କ୍ରମବିକାଶ ଘଟିଛି ଏବଂ ପ୍ରାରମ୍ଭିକ ଭାବେ ଏହା ମିଶ୍ରିତ ଭାଷାରେ ଗାନ କରାଯାଉଥିବା ସ୍ଥଳେ ଆଧୁନିକ ସମୟରେ ଏହା ବିଭିନ୍ନ ଭାଷାରେ ସ୍ୱତନ୍ତ୍ର ଭାବେ ରଚିତ ହୋଇ ଗାନ କରାଯିବା ସଙ୍ଗେ ସଙ୍ଗେ ସଙ୍ଗୀତ ଓ ନୃତ୍ୟର ମାନ୍ୟତା ଲାଭ କରିଛି । ସେଥିପାଇଁ ଆଜି ସାନ୍ତାଳୀ ଝୁମର, କୁର୍ମାଲୀ (କୁଡୁମାଲୀ) ଝୁମର, ଏପରିକି ବଙ୍ଗଳା ଓ ଓଡ଼ିଆ ଝୁମର ମଧ୍ୟ ପରିବେଷିତ ହେଉଛି ।

ଝୁମରର ଉତ୍ପତ୍ତି ସଂପର୍କରେ ନୃତତ୍ତ୍ୱବିଦ୍‌ଙ୍କର ଏକ ଭିନ୍ନ ମତ ରହିଛି । ନୃତତ୍ତ୍ୱବିଦ୍‌ମାନେ ଏହି 'ଝୁମର ବଳୟ'ର ଅଧିବାସୀ, ଆଦିବାସୀ ବା ମୂଳବାସୀମାନଙ୍କୁ 'ଖେରଓ୍ୱାଲୀ ସଂସ୍କୃତି' ବା 'ହଲ୍-ମିତାନ୍ ସଂସ୍କୃତି'ର ଲୋକ ବୋଲି କହନ୍ତି । ଏଠାରେ ବସବାସ କରୁଥିବା ବିଭିନ୍ନ ଜାତିର ଲୋକଙ୍କୁ ନୃତତ୍ତ୍ୱବିଦ୍‌ମାନେ ମୁଖ୍ୟତଃ ଦୁଇ ଭାଗରେ ବିଭକ୍ତ କରନ୍ତି- (୧) ହଲ୍ ଜାତି ଓ (୨) ମିତାନ୍ ଜାତି । 'ହଲ୍' ଅର୍ଥ କୃଷିଜୀବୀ ବା ଚାଷୀ ଏବଂ 'ମିତାନ୍' ଅର୍ଥ ଏମାନଙ୍କର ମିତ୍ର, ମାନେ କୃଷି ସହାୟକ ଜାତି । 'ହଲ୍' ଜାତିର ଅନ୍ତର୍ଭୁକ୍ତ ହେଲେ- କୁଡୁମୀ ବା କୁର୍ମୀ, ସାନ୍ତାଳ, ମୁଣ୍ଡା, ହୋ, ବାଥୁଡ଼ି, ପୁରାଣ ପ୍ରଭୃତି ଯେଉଁମାନେ ମୁଖ୍ୟତଃ କୃଷି ଉପରେ ଭରସା କରି ଚଳନ୍ତି । ଆଉ 'ମିତାନ୍' ଜାତିର ଲୋକେ ହେଲେ- କମାର, କୁମ୍ଭାର, ତନ୍ତୀ, ବାରିକ, ଧୋବା, ଡୋମ, ମୋଚି ପ୍ରଭୃତି ଯେଉଁମାନେ ନିଜର କୌଳିକ ବୃତ୍ତି ବା କାରିଗରୀ ମାଧ୍ୟମରେ କୃଷିଜୀବୀମାନଙ୍କୁ ମିତ୍ର ଭାବରେ ସାହାଯ୍ୟ କରିଥାନ୍ତି । ଏହି ଦୃଷ୍ଟିରୁ ଦେଖିଲେ 'ହଲ୍' ଜାତି 'ମିତାନ୍'ମାନଙ୍କର ଖାଉନ୍ଦ ବା ପୃଷ୍ଠପୋଷକ । ମାତ୍ର ଏମାନଙ୍କ

## ଉତ୍ପତ୍ତି ଓ କ୍ରମବିକାଶ

ଝୁମର ଗୀତର ସୃଷ୍ଟି କେବେ, ଏକଥା କେହି ନିର୍ଦ୍ଦିଷ୍ଟ ଭାବେ କହିପାରିବେ ନାହିଁ । ଯେହେତୁ ଝୁମର ଗୀତର କୌଣସି ଲିଖିତ ରୂପ ନାହିଁ, ବିଭିନ୍ନ ପ୍ରୟୋଜନରୁ ଏ ଗୀତସବୁ ସୃଷ୍ଟି ହୋଇ ଲୋକମୁଖରେ ରହିଯାଇଛି ଏବଂ ଏହା କାଳକ୍ରମେ ବିଭିନ୍ନ ଆଞ୍ଚଳିକ ଭାଷାରେ ମିଶ୍ରିତ ହୋଇ ଭିନ୍ନ ଭିନ୍ନ ରୂପରେ ପ୍ରକାଶ ପାଇଛି । ଝାଡ଼ଖଣ୍ଡର ଝୁମର ଗବେଷିକା ଡ. ବୀଣାପାଣି ମହାନ୍ତଙ୍କ ମତରେ ଏ ଅଞ୍ଚଳର ଆଦିମ ଅଧିବାସୀମାନେ ବଣ ଜଙ୍ଗଲରେ ହିଂସ୍ରଜନ୍ତୁଙ୍କ କବଳରୁ ନିଜକୁ ରକ୍ଷା କରିବା ପାଇଁ ରାତ୍ରିର ଘନ ଅନ୍ଧକାର ମଧ୍ୟରେ ନିଆଁ ଜାଳି ଅନିଦ୍ରା ରହି ପହରା ଦେଉଥିଲେ । ଏହି ରାତ୍ରିର ଅନିଦ୍ରା ଜନିତ କଷ୍ଟକୁ ଲାଘବ କରିବା ପାଇଁ ସେମାନେ ସ୍ୱତଃପ୍ରବୃତ୍ତ ଭାବରେ ନୃତ୍ୟଗୀତର ତାଳେ ତାଳେ ନିଜକୁ ମତୁଆଲା ରଖୁଥିଲେ । କାଳକ୍ରମେ ସେହି ନୃତ୍ୟଗୀତ 'ଝୁମର' ନାମରେ ପରିଚିତ ହେଲା । ଗବେଷକ ଡ. ଆଦିକନ୍ଦ ମହାନ୍ତଙ୍କ ମତରେ ଝୁମର ପ୍ରାକ୍‌ବୈଦିକ ଯୁଗରୁ ଆସିଛି ଏବଂ କାଳକ୍ରମେ ଏହା ବିକଶିତ ହୋଇ ଭିନ୍ନ ଭିନ୍ନ ରୂପରେ ପ୍ରକାଶିତ ହୋଇଛି । ଇଂ. ମହେଶ୍ୱର ମହାନ୍ତଙ୍କ ମତରେ କୁର୍ମୀ ବା କୁଡୁମୀମାନେ 'ଝୁମର' ଗୀତର ଆଦ୍ୟ ସ୍ରଷ୍ଟା । କୁର୍ମାଲୀ ବା କୁଡୁମାଲୀ ଲୋକଗୀତରୁ ଝୁମରର ସୃଷ୍ଟି । କୁର୍ମାଲୀ ଭାଷାରେ ହିଁ ଆଜି ପର୍ଯ୍ୟନ୍ତ ସମସ୍ତ ଝୁମର ସଙ୍ଗୀତ ଉପଲବ୍‌ଧ ହେଉଅଛି । କୁର୍ମୀ ବା କୁଡୁମୀମାନେ କୃଷି ପ୍ରଧାନ ଜାତି ବା କୃଷିଜୀବୀ । ପ୍ରାଚୀନ କାଳରେ କୁର୍ମୀ ଗାଈଆଳମାନେ ଗାଈ ଚରାଇବା ବେଳେ ଯେଉଁ ଗୁଣୁଗୁଣୁ ଗୀତ ଗାଉଥିଲେ ତାହା କ୍ରମେ 'ବଗାଳିଆ' ପଥପ୍ରାନ୍ତ ସଙ୍ଗୀତ ଭାବେ ପରିଚିତ ହେଲା ଏବଂ ସେସବୁ ଝୁମରର ପୂର୍ବରୂପ ବୋଲି ଜଣାଯାଏ ।

'ମୟୂରଭଞ୍ଜର ଲୋକଗୀତ ଓ ଲୋକନୃତ୍ୟ' ସଂପର୍କରେ ଗବେଷଣା କରି ପିଏଚ୍.ଡି. ଲାଭ କରିଥିବା ଡ. ମୋହନଲାଲ୍ ସାହୁ କହନ୍ତି, "ଝୁମରର ନାମକରଣ ସମ୍ପର୍କରେ କେତେକ ଆଲୋଚକଙ୍କ ମତ ଯେ ଝୁମର ନୃତ୍ୟ ତଥା ନାଚୁଣୀ ନାଚ ସମୟରେ ପାଦର ନୂପୁର ବା ଘୁଙ୍ଗୁର ଝମ୍ ଝମ୍ ହୋଇ ଯେଉଁ ଶବ୍ଦ ସୃଷ୍ଟି କରେ ତାହା ହେଉଛି ଝୁମରର ଧ୍ୱନି । ଏହି ଧ୍ୱନି ସହିତ ତାଳରଖି ପରବର୍ତ୍ତୀ କାଳକୁ ଯେଉଁ ଗୀତ ସୃଷ୍ଟି ହେଲା, ତାହା ଝୁମର ନାମରେ ଖ୍ୟାତ । ଅନ୍ୟ କେତେକ ବଙ୍ଗୀୟ ଆଲୋଚକଙ୍କ ମତରେ- ଝୁମର ଗୀତ ସାନ୍ତାଳ ତଥା ମୁଣ୍ଡା ଭାଷାଭାଷୀ ଆଦିବାସୀମାନଙ୍କର ନିଜସ୍ୱ ସମ୍ପତ୍ତି ।



ମଧ୍ୟରେ ଉଚ୍ଚ ନୀଚ ଭେଦଭାବ ନ ଥାଏ । ବରଂ ଏମାନେ ପରସ୍ପରର ମିତ୍ର ଭାବେ ଚଳିଥାନ୍ତି ଓ ବିଭିନ୍ନ ସାମାଜିକ ଅନୁଷ୍ଠାନରେ ଏକାଠି ଭାଗ ନେଇଥାନ୍ତି । ଏମାନଙ୍କ ମଧ୍ୟରେ ମୁଖ୍ୟ ସାଂସ୍କୃତିକ ବିନିମୟର ମାଧ୍ୟମ ହେଲା ଝୁମର । ହଲ୍ ଗୋଷ୍ଠୀ ବିବାହ ସମୟରେ ମିତାନ୍ ଗୋଷ୍ଠୀକୁ ଗୁଆ ଦେଇ ସ୍ୱତନ୍ତ୍ର ଭାବେ ନିମନ୍ତ୍ରଣ କରିଥାନ୍ତି । ବିବାହ ସମୟରେ ଗୋତ୍ର ପୂଜା ବା ଗୋଷ୍ଠୀ ପୂଜା ତାହା ମାଡୁଆ ପୂଜା ହେଉ ବା ମାରାଂବୁରୁ ପୂଜା ହେଉ ସେଥିରେ ମିତାନ୍ ଗୋଷ୍ଠୀର ଢୋଲ ପୂଜା ହେବା ପରେ ହିଁ ବଜା ହୁଏ । ହଲ୍ ଓ ମିତାନ୍ ଗୋଷ୍ଠୀ ମଧ୍ୟରେ କୌଣସି ଭେଦଭାବ ନ ଥିବାର ପ୍ରମାଣ ହେଲା– ବୈବାହିକ ଝୁମର ଗୀତରେ କନ୍ୟା ବିଦାୟ ବେଳେ ବାଜାବାଲାଙ୍କୁ କନ୍ୟା କିପରି ନିଜର ଅତି ଆତ୍ମୀୟଭାବେ ସମ୍ବୋଧନ କରେ–



"ବାବା କାଁଦେନ୍ ମାଝାଘାରେ ମାଁ ଗୋ
ଫଁପାୟେଁ ଫଁପାୟେଁ
ଦାଁଡାନରେ ବାଜନ୍ ଦାଇରା ଭାଇରା
ବାବାକେ ମୋର ବୋଧ ଦିଏଁ ରାଖି ।"

ବାପା ମଝି ଘରେ ଅନବରତ କାନ୍ଦୁଛନ୍ତି । ମୋର ବାଜାବାଲା ଭାଇ ! ତୁମେ ଦଣ୍ଡେ ଠିଆ ହୁଅ । ମୁଁ ତାଙ୍କୁ ଟିକିଏ ବୁଝେଇ ଦେଇ ଆସେଁ । ଏଭଳି ସଦ୍‌ଭାବନାର ମନ୍ତ୍ର ଝୁମର ଠାରୁ ବା ଅଧିକ କେଉଁଠୁ ମିଳି ପାରିବ ? ତେବେ ପ୍ରସଙ୍ଗ ହେଲା, ନୃତତ୍ତ୍ୱବିଦ୍‌ମାନେ ଏହା ଦ୍ୱାରା ଜଣାଇ ଦେଇଛନ୍ତି ଯେ ଅତି ଆଦିମ କାଳରୁ ଝୁମର ଥିଲା ଏବଂ ଏହାର ଉତ୍ପତ୍ତି ବହୁ ପ୍ରାଚୀନ ।

## ଐତିହାସିକ ପୃଷ୍ଠଭୂମି

ଡ. ଭକ୍ତହରି ମହାନ୍ତଙ୍କ ସମେତ କେତେକ ଝୁମର ବିଶାରଦ ଝୁମର କାବ୍ୟ ପରମ୍ପରାର ଆରମ୍ଭ ରୀତିଯୁଗରେ ହୋଇଥିବାର ମତପୋଷଣ କରନ୍ତି । ସେମାନେ ଖ୍ରୀଷ୍ଟାବ୍ଦ ୧୭୫୦ ମସିହା ପର୍ଯ୍ୟନ୍ତ ସମୟକୁ ଝୁମରର ଆଦିଯୁଗ, ୧୭୫୧ରୁ ୧୮୫୦ ମସିହା ପର୍ଯ୍ୟନ୍ତ ସମୟକୁ ମଧ୍ୟଯୁଗ, ୧୮୫୧ ରୁ ୧୯୫୦ ପର୍ଯ୍ୟନ୍ତ ସମୟକୁ ରୀତିଯୁଗ ବା କାବ୍ୟଯୁଗ ବୋଲି ଅଭିହିତ କରିଥାନ୍ତି । ୧୯୫୧ ରୁ ୨୦୦୦କୁ ଆଧୁନିକ ଯୁଗ ବା ସବୁଜ ଯୁଗ ଓ ୨୦୦୦ ପରବର୍ତ୍ତୀ ସମୟକୁ ଅତ୍ୟାଧୁନିକ ବା ରଙ୍ଗୀନ ଯୁଗ ଭାବରେ ନାମିତ କରିଛନ୍ତି । ରୀତିଯୁଗ ତଥା ଏହାର ଉତ୍ତରାର୍ଦ୍ଧରେ ଝୁମରର ଯେଉଁ ରଚୟିତା ଯଥା- ସାନ୍ତାଳ ପ୍ରଗଣାର ଭବପ୍ରୀତାନନ୍ଦ ଓଝା, ସିଂହଭୂମର ଦୀନନାଥ ଅନନ୍ତ ରାୟ ଓ ଶଙ୍କର ସଦୟାର, ଷଢ଼େଇକଳାର ବୃନ୍ଦାବନ ମୁଖୀ, ପୁରୁଲିଆର ପୀତାମ୍ବର ଦାସ, ଧାନବାଦର କମଳା ତିରିଆ, ଓଡ଼ିଶାର ବାଉଲ ଦାସ, ତୁଳସୀ ଦାସ, ଶରତ ଚନ୍ଦ୍ର ଭଂଜଦେଓ ଓ ଗିରୀଶ ଚନ୍ଦ୍ର ମହାନ୍ତ ଏମାନେ ସମସ୍ତେ ଝୁମର ଲେଖିଲା ବେଳେ କୃଷ୍ଣଲୀଳାକୁ ସ୍ଥାନ ଦେଇଛନ୍ତି । ତେଣୁ ତାହା ଝୁମରକୁ ଏକ ପ୍ରଣୟଗୀତିକା ଭାବରେ ଭ୍ରମ ସୃଷ୍ଟି କରିଛି ।

## ଝୁମରର ଭାଷା

ଝୁମର ଏକ ନିର୍ଦ୍ଦିଷ୍ଟ ଭାଷାରେ ସୀମିତ ନୁହେଁ । ପ୍ରତ୍ୟେକ ଜାତି ନିଜ ନିଜ ମାତୃଭାଷାରେ ନିଜସ୍ୱ ଶୈଳୀରେ ଝୁମର ସୃଷ୍ଟି କରିଛନ୍ତି । ପୂର୍ବରୁ ପ୍ରଚଳିତ ଅନେକ ଝୁମରର ଭାଷା ଥିଲା ମୈଥିଳୀ । କାରଣ ମୈଥିଳୀ ଭାଷା ସେତେବେଳେ ଓଡ଼ିଶା, ବଙ୍ଗଳା ଓ ବିହାରରେ ପ୍ରସାର ଲାଭ କରିଥିଲା । ମୟୂରଭଞ୍ଜରେ ଏହି ଝୁମର ଏକ ପ୍ରକାର ମିଶ୍ର ଓଡ଼ିଆ ଭାଷାରେ ପ୍ରକାଶ ପାଇଥିଲା । ଝୁମର ଗବେଷକ ସ୍ୱର୍ଗତଃ ଗିରୀଶ ଚନ୍ଦ୍ର ମହାନ୍ତଙ୍କ 'ଝୁମର ଓ ଝୁମରଦେଶ' ପୁସ୍ତକରେ କୁଡ଼ମାଲୀ, ସାନ୍ତାଳୀ, ମୁଣ୍ଡାରୀ, ଭୂମ୍‌କାଲି, ଓରାଂ, ଖଡ଼ିଆ, ଖୋରଠା ଆଦି ଆଦିବାସୀ ଓ ମୂଳବାସୀଙ୍କ ଭାଷା ସହିତ ଓଡ଼ିଆ, ବଙ୍ଗଳା, ହିନ୍ଦୀ, ଭୋଜପୁରୀ, ନାଗପୁରୀ, ମୈଥିଳୀ, ବ୍ରଜବୋଲି ଆଦି ତିରିଶଟି ଭାଷାର ଝୁମରର ଉଦାହରଣ ଦିଆ ଯାଇଛି । ଏହି ସମସ୍ତ ଭାଷା ଝୁମର ସୃଷ୍ଟିର ଅନ୍ୟତମ ଉତ୍ସ । ମାତ୍ର ହଲ୍-ମିତାନ୍ ଜାତି ଗୋଷ୍ଠୀର ଭାଷାରେ ଥିବା ଝୁମରରେ କୁଡ଼ମାଲୀ ବା କୁର୍ମାଲୀ ଭାଷାର ପ୍ରାଧାନ୍ୟ ରହିଛି ।



ଝୁମର ଗୀତର ତାଳେ ନୃତ୍ୟରତା ମୟୂରଭଂଜର ଛଉ ନର୍ତ୍ତକୀମାନେ

କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ଲେଖିକା ତଥା ଗବେଷିକା ଡ. ଦମୟନ୍ତୀ ବେଶ୍ରାଙ୍କ ମତରେ ଝୁମରରେ ପ୍ରଚଳିତ ମିଶ୍ର ଭାଷାର ପ୍ରୟୋଗ ଆଉ ଏକ ସନ୍ଦେହକୁ ଘନୀଭୂତ କରେ । ସାନ୍ତାଳ ସଂସ୍କୃତିରେ କଥିତ ଅଛି ଯେ, ସେମାନଙ୍କର ଏକ ବୃହତ୍ ଆଦିବାସୀ ଗୋଷ୍ଠୀ ଚମ୍ପାଗଡ଼କୁ ଆସିବା ପୂର୍ବରୁ ଥିଲା । ସେତେବେଳେ ତାହା 'ଖେରଓ୍ୱାଲ୍' ନାମରେ ନାମିତ ଥିଲା । କୁର୍ମାଲୀ, ମାହାଲୀ, ମୁଣ୍ଡାରୀ, ଭୂମିଜ, ବୀରହଲ, କଡ଼ା, ହୋ, ତୁରୀ, ଆସୁରି ଓ କୋରଓ୍ୱା ଭାଷା ଗୋଷ୍ଠୀକୁ ତାହା ଏକତା ସୂତ୍ରରେ ବାନ୍ଧି

ରଖିଥିଲା । ବୋଧହୁଏ ସେ କାଳରେ ବି ଝୁମର ଥିବାରୁ ଏହା କେବଳ ମୈଥିଳୀ, ଭୋଜପୁରୀ, ବଙ୍ଗଳା, ଓଡ଼ିଆ ଭିନ୍ନ ଆଦିବାସୀ ଶବ୍ଦ ମଣ୍ଡିତ ମଧ–

କୁହ୍ଲି କୁହ୍ଲି ଯାତେ ଛିଲ, ବନ୍ଧୁ କରେ ଭାଲାଭାଲି
ଆଖି ଠାରନା ବନ୍ଧୁ
ନବୀନ ବୟସେ ଆମାର ପ୍ରେମ ସାଜେନା ।



(ଅର୍ଥାତ୍, ଗାଁଦାଣ୍ଡରେ ଗଲା ବେଳେ ମୋତେ ନିରେଖି ଋହଁନାହିଁ । ହେ ବନ୍ଧୁ ! ମୋତେ ଆଖିଠାର ମାରନା । ମୋର ଏବେ କୋମଳ ବୟସ । ଏ ବୟସରେ ପ୍ରେମ କରିବାଟା ମୋତେ ସାଜିବ ନାହିଁ ।)

ଉପରୋକ୍ତ ଗୀତରେ 'କୁହ୍ଲି' ଶବ୍ଦ ଆଦିବାସୀ ଶବ୍ଦ ଅଟେ । ଝୁମର ଗୀତରେ ଏହିପରି ଅନେକ ଆଦିବାସୀ ଶବ୍ଦ ଦେଖିବାକୁ ମିଳେ । ଯଥା– 'ନିମଡ଼ାର' (ନିମ୍ବଡାଳ), 'କାଶୀଫୁଲ୍' (କାଶତଣ୍ଡୀ ଫୁଲ), 'ଝିଙ୍ଗା' (ଜହ୍ନ), 'ଛଲା' (ବୁଟ), 'ଆକାଲ' (ମରୁଡ଼ି), 'ଫୁଲି' (ନାକଫୁଲି) ଇତ୍ୟାଦି । ସାନ୍ତାଳୀ ଭାଷାରେ ମଧ ଅନେକ ଝୁମର ଗୀତ ଅଛି । ଏଠାରେ ଉଦାହରଣ ସ୍ୱରୂପ ଗୋଟିଏ ଗୀତ ଦିଆଗଲା–

"ଶାଳୀ ଦିଲ ଶଙ୍ଖା ଦିଲ / ନାଇ ସାଜିଲ
ଲୁତୁର ଜାପାଃ ଫିର ଫିରଆ / ବଡ଼ ସାଜିଲ ।"

ଝୁମରର ଗାନ ଧର୍ମିତା କେତେକ ପରିମାଣରେ କରମ୍, ବାନ୍ଦନା, ଦାସାଁୟ, ଶଣ୍ଢା, ପାନ୍ତା, ଧଙ୍ଗେଳ, କାଠିନାଚ, ଛଉନାଚ, ବା' ପରବ, ସଖୀନାଚ ପରି ଥିଲେ ମଧ ଭାଷା ଦୃଷ୍ଟିରେ ଏହା ଅତି ମାତ୍ରାରେ କୁର୍ମାଲୀ । ବିଶେଷ କରି ଏହା ମାହତୋ ଗୋଷ୍ଠୀ ସହିତ ଅସ୍ଥିମଜ୍ଜାଗତ ହୋଇଥିବାର ଲକ୍ଷ୍ୟ କରାଯାଏ । ତାଙ୍କ ଜୀବନର ମୁଖ୍ୟ ସଂସ୍କାର ଯଥା– ଜନ୍ମ, ବିବାହ ଓ ମୃତ୍ୟୁ କ୍ଷେତ୍ରରେ ଯେଉଁ ଲୋକଗୀତ ରହିଛି ସେ ସବୁ ଝୁମର ଧର୍ମୀ ।

## ଝୁମରର ବିଭାଗୀ କରଣ

ଝୁମରକୁ ମୁଖ୍ୟତଃ ସାଧାରଣ ଝୁମର, ନାଚୁଣୀ ନାଚର ଝୁମର ଓ ରଂଝୁମର ଏପରି ତିନି ଶ୍ରେଣୀରେ ବିଭକ୍ତ କଲାବେଳେ ଭାଷାତତ୍ତ୍ୱ ଦିଗଟି ବେଶ୍ ସମୁଜ୍ଜଳ ହୋଇଉଠେ । ସାଧାରଣ ଝୁମରଗୁଡ଼ିକ ସ୍ୱଳ୍ପାୟତନ ବିଶିଷ୍ଟ ହୋଇ ଦୁଇ ବା ଋରି ପଙ୍କ୍ତି ଭିତରେ ସୀମାବଦ୍ଧ । କେତେକ ପାରଂପାରିକ ପର୍ବପର୍ବାଣୀ ଓ ନାଚ ଭିତରେ ବିଶେଷ କରି ମକର, ବାନ୍ଦନା, ଉଡ଼ା ଆଦି ପର୍ବ ଓ କରମା, କାଠି, ରଙ୍ଗୁ, ଦୋଳ ଆଦି ନାଚ ଭିତରେ ଏଗୁଡ଼ିକ ବିଦ୍ୟମାନ । ଶୁଦ୍ଧ ଓଡ଼ିଆ, ବଙ୍ଗଳା, ହିନ୍ଦୀ କିମ୍ବା ମୈଥିଳୀ ଭାଷାର ଶବ୍ଦ ଏ ଝୁମରଗୁଡ଼ିକରେ ନାହିଁ, ଅଛି କେବଳ କେତେକ ସାଧାରଣ ଚଳନୀୟ ଭାଷା ଯାହାକି ଏଗୁଡ଼ିକୁ ଆଦିମ ସ୍ତରର ଦେଶଜ ଲୌକିକ ଭାଷା ମଧ କୁହାଯାଇପାରେ । ମୟୂରଭଂଜ ଓ ଝାଡ଼ଖଣ୍ଡ ଅଞ୍ଚଳର ଝୁମରଗୁଡ଼ିକ ଏହି ପର୍ଯ୍ୟାୟଭୁକ୍ତ । ପରବର୍ତ୍ତୀ କାଳକୁ ମୁଣ୍ଡାରୀ ଭାଷାର କେତେକ ଶବ୍ଦ ଓ ସ୍ୱର ଏ ଗୁଡ଼ିକରେ ମିଶି ଅପୂର୍ବ ସମନ୍ୱୟୀକରଣ ହୋଇ ପାରିଛି । ଉଦାହରଣ ସ୍ୱରୂପ, ମୟୂରଭଞ୍ଜ ଠାରୁ ସିଂହଭୂମ୍ ଓ ମାନଭୂମ୍ ଅଞ୍ଚଳ ଦେଇ ଛୋଟନାଗପୁର ମାଳଭୂମି ପର୍ଯ୍ୟନ୍ତ ବିଶାଳ ଅରଣ୍ୟ ପ୍ରକୃତିକୁ ଲକ୍ଷ୍ୟ କରି ଏ ଅଞ୍ଚଳର ଜନୈକ ସ୍ତ୍ରୀଲୋକ କଣ୍ଠରୁ ସାଧାରଣ ଝୁମରଟିଏ ଝରିପଡ଼ିଛି :

"ବାଘ୍ ମୁଣ୍ଡିର ପାହାଡ଼େ ନାନା ରଙ୍ଗେର ଫୁଲ୍ ଫୁଟେ / ଦିଦି ଗୋ ! ଡାଣ୍ଡାୟ ତୁଲିତେ ମନ କରେ / ବାଘ୍ କମୁଣ୍ଡିର ପାହାଡ଼େ ହିଦିଡ଼ ଦିପିଡ୍ ବାଜ୍‌ନା ଓ / ନଦୀର ଝର୍‌ନା ହିଲେ ଖାଁସା କୁଁଝେ ଧର୍‌ନା ।"

ଅର୍ଥାତ୍ ଦୁଇ ହଜାର ଫୁଟ ବାଘମୁଣ୍ଡି ବା ଅଯୋଧ୍ୟା ପାହାଡ଼ ପ୍ରକୃତିର ବେଶ୍ ଏକ ରମ୍ୟ ଗନ୍ତାଘର । ବିଭିନ୍ନ ରଙ୍ଗର ଫୁଲକୁ ଦେଖିବା ଅପେକ୍ଷା ଛିଡ଼ା ହୋଇ ତୋଳିବାକୁ ଆଶା କରିଥିବା ସ୍ତ୍ରୀଟି ପାହାଡ଼ର ଉପତ୍ୟକାରୁ ମାଦଳର ଧିତାଂ–ତୁମ୍ ଧ୍ୱନି ଶୁଣି ଝରଣାର କୁଳୁକୁଳୁ ନାଦ ଶୁଣି ବିମୋହିତ ହୋଇ ଖୋଷାରେ ଫୁଲ ଖୋଷିବା ପାଇଁ ଆଶାୟୀ ହୋଇ ଉଠିଛି ।

ବଣରେ ସବୁ ରକମର ଫୁଲ ଫୁଟେ । ଭ୍ରମର ଆସେ । ଫୁଲର ମନ ଉତ୍‌ଫୁଲ୍ଲିତ ହୋଇଯାଏ । କିନ୍ତୁ ଦଗାଦିଆ ଭ୍ରମର କିଆଫୁଲ ପାଖକୁ ଯାଏନା । କାରଣ କିଆର ଗନ୍ଧ ଉତ୍କଟ ଓ କଣ୍ଟାଛୁରୀ ପରି ତୀକ୍ଷ୍ଣ । ଏହି କଥାକ ଉପଲବ୍ଧି କରି ଝୁମରଟି ସେହି ଦରଦୀ ସ୍ତ୍ରୀ କଣ୍ଠରୁ ଝରି ପଡ଼ିଛି :

"ସକଲ ଫୁଲେ ବସ୍‌ବେ ଭ୍ରମର
କିଆ ଫୁଲେ ବସ୍‌ବେନା
କିଆ ଫୁଲର୍ ବାଙ୍କଡ଼ି କାଣ୍ଟା
ଲାଖଲେ କଭୁ ଛାଡ଼୍‌ବେନା ।"

ସାଧାରଣ ଝୁମରକୁ କେତେକ ଆଲୋଚକ ଭାଦୁରିଆ ଝୁମର କହନ୍ତି ।




ଝୁମର ଗୀତିକାର/ଗବେଷକ ଡ. ଆଦିକନ୍ଦ ମହାନ୍ତ


ଝୁମର ଗୀତିକାର / ଗବେଷକ ଡ. ଭକ୍ତହରି ମହାନ୍ତ


ଝୁମର ଗାୟିକା /ଗବେଷିକା ଡ. ସ୍ନେହଲତା ବେହେରା

କିନ୍ତୁ ଭାଦୁରିଆ ଏକ ସ୍ୱର ଅଟେ । ସେହିପରି ନାଚୁଣୀ ନାଚର ଝୁମରକୁ ଦରବାରୀ ଝୁମର ରୂପେ ଆଖ୍ୟାୟିତ କରନ୍ତି । ଦରବାରୀ ବିଭାଗୀକରଣ ଯଥାର୍ଥ, କିନ୍ତୁ ବର୍ଣ୍ଣନା ଓ ସାହିତ୍ୟିକ ଦୃଷ୍ଟିକୋଣରୁ ଏହା ରାଗରାଗିଣୀ ଓ ଶାସ୍ତ୍ରୀୟତାରେ ଭରପୂର ।

ରଙ୍ଗ୍ ଝୁମର ଗୁଡ଼ିକର ଅସଲ ଉଦ୍ଦେଶ୍ୟ ହେଉଛି ରଙ୍ଗ ରସ ସୃଷ୍ଟି କରିବା । ଏହା ବିଷୟବସ୍ତୁ ସାଧାରଣତଃ ଲଘୁ କାହାଣୀ ସମ୍ବଳିତ ଓ ବଚନିକାରେ ଭରପୁର । ସ୍ୱାମୀ ସ୍ତ୍ରୀର କଳହ ଓ ଦାମ୍ପତ୍ୟ ଜୀବନର ବିଭିନ୍ନ ସମସ୍ୟା ନେଇ ଏଗୁଡ଼ିକ ଉଣା ଅଧିକେ ମୁଖରିତ । ଏଇ ଯେମିତି –

"ମୁଇଁ ନାଇଁ ପାର୍‌ବି ଗୋ, ଆର୍ ତାର୍ ସଙ୍ଗେ ଘର୍ କରି,
ଦିନରାତି ଖାଲି କେଚ୍ କେଚ୍ କରି ଜୀବନଟା ଦେଲା ସାରି ।"

ଦିଅର-ଭାଉଜ ରଙ୍ଗରସକୁ ନେଇ ଝୁମରର ଅଭାବ ନାହିଁ । ଏଇ ରଙ୍ଗୀନ୍ ଝୁମରଟିକୁ ଦେଖନ୍ତୁ ତ:

"ରିମି ଝିମି, ରିମି ଝିମି ବରଷା ଝରିଲା ହୋ,
ଛତା ଧର ହୋ ଛୋଟ ଦିଅରା,
ପାନ ପତରୀ ଶାଢ଼ି ମୋର ଭିଜି ଗେଲା ।"

ତେବେ 'ଝୁମର' କେବଳ ଏକ ଗୀତ ନୁହେଁ, ଏହାକୁ ନେଇ ଏକ ସଙ୍ଗୀତର ପରମ୍ପରା ରହିଛି ଏବଂ ଏଥିସହିତ ନୃତ୍ୟର ଧାରା ମଧ୍ୟ ସଂଯୋଜିତ । ତେଣୁ ଝୁମରର ବିଭାଗୀକରଣ କିଏ ନୃତ୍ୟକୁ ନେଇ କରେ ତ କିଏ ଛନ୍ଦ ବା ରାଗିଣୀକୁ ନେଇ କରେ, କିଏ ବା କାଳ ଦୃଷ୍ଟିରୁ କରେ ତ କିଏ ରୂପ ଦୃଷ୍ଟିରୁ କରେ । ଝୁମର ନୃତ୍ୟ ଅର୍ଥାତ୍ ଝୁମର ଗୀତ ଗାଇ ଯେଉଁ ନୃତ୍ୟ କରାଯାଏ ତାହା ମୁଖ୍ୟତଃ ଦୁଇ ପ୍ରକାର । ଯଥା:ଏକକ ଝୁମର ଓ ପଂକ୍ତି ଝୁମର । ଏକକ ଝୁମରରେ ଜଣେ ନାରୀ ନୃତ୍ୟଶିଳ୍ପୀ ବା ନର୍ତ୍ତକୀ ଝୁମର ଗୀତ ଗାଇ ବାଦ୍ୟଯନ୍ତ୍ରର ତାଳେ ତାଳେ ନାଚେ । ଏହାକୁ 'ନାଚୁଣୀ ନାଚ' ବୋଲି ମଧ୍ୟ କୁହାଯାଏ । ମୟୂରଭଞ୍ଜର ବିଭିନ୍ନ ସାମାଜିକ ଅନୁଷ୍ଠାନ ଯଥା ବିବାହ, ଅନ୍ନପ୍ରାଶନ ଆଦି ଉତ୍ସବଗୁଡ଼ିକରେ ଏହା ପରିବେଷିତ ହୋଇଥାଏ । ଜମିଦାର, ଗ୍ରାମ ମୁଖିଆ ଆଦିଙ୍କ ଦରବାରରେ ମଧ୍ୟ ଏ ଧରଣର ଝୁମର ପରିବେଷିତ ହୋଇଥିବାରୁ ଏହାକୁ କେହି କେହି 'ଦରବାରୀ ଝୁମର' ବୋଲି କହିଥାନ୍ତି ।

## ଛଉରେ ଝୁମର

ଆଦିବାସୀ ସମାଜରେ ଗୋଟିଏ ପ୍ରବାଦ ଅଛି, 'ସେନ୍ ଗେ ଶୁଶୁନ୍, କାଜି ଗେ ଦୁରାନ୍ ।' ଅର୍ଥାତ୍ , ଛନ୍ଦାୟିତ ପାଦ ପାତ ହିଁ ନୃତ୍ୟ ଏବଂ ଲାଳିତ୍ୟପୂର୍ଣ୍ଣ କଥା ହିଁ ଗୀତ । ତେଣୁ ନୃତ୍ୟ ସହ ଗୀତର ଘନିଷ୍ଠ ସଂପର୍କ ରହିଛି । ଛଉ ନୃତ୍ୟରେ ବୋଲାଯାଉଥିବା ଗୀତଗୁଡ଼ିକ ସାଧାରଣତଃ ଝୁମର ବୋଲି କୁହାଯାଏ । ଛଉ ନୃତ୍ୟକୁ ଝୁମରର ନାଟ୍ୟ ରୂପ ଓ ଝୁମରକୁ ଛଉର ସାଙ୍ଗୀତିକ ରୂପ ଭାବେ ବର୍ଣ୍ଣନା କରାଯାଏ । ବିକଶିତ ଲୋକ ସଙ୍ଗୀତ ବା ଝୁମର ସଙ୍ଗୀତରୁ ଛଉ ସଙ୍ଗୀତର ସୃଷ୍ଟି । ଗବେଷକ ଡ. ନଗେନ୍ଦ୍ର ନାଥ ମହାପାତ୍ରଙ୍କ ମତରେ ସାଧାରଣତଃ ଛଉରେ ଦୁଇ ପ୍ରକାର ରସ ବା ଭାବ ଥାଏ । ଗୋଟିଏ 'ବୀର' ଭାବ ତ ଅନ୍ୟଟି 'ଲାସ୍ୟ' ଭାବ । ଏହି 'ଲାସ୍ୟ' ଭାବର ଛଉରେ ପରିବେଷିତ ଗୀତଗୁଡ଼ିକ ହିଁ ଝୁମର ।

## ଆକାଶବାଣୀ ଓ ରେକର୍ଡ଼ରେ ଝୁମର

ଝୁମରକୁ ପ୍ରଥମେ ଜାତୀୟ ସ୍ତରରେ ପରିଚିତ କରିବାର ଅବଦାନ ହେଉଛି ପ୍ରଫୁଲ୍ଲ ସିଂହଦେଓଙ୍କର । ସେ ପ୍ରଥମେ ଆକାଶବାଣୀରେ ଝୁମର ଗୀତ ଗାଇଥିଲେ । ତାଙ୍କର ଏକ ଲୋକପ୍ରିୟ ଝୁମର ଥିଲା- 'ଏଇ କଥାକୁ, ନା ପେଲିଦେଲି କଲିକତାକୁ ।' ପରେ ରାଧାକୃଷ୍ଣ ଭଞ୍ଜ ଝୁମର କଣ୍ଠଶିଳ୍ପୀ ଭାବେ ଆକାଶବାଣୀରେ ଅନେକ ଝୁମର ଗୀତ ଗାଇ ସୁନାମ ଅର୍ଜନ କରିଥିଲେ । ତାଙ୍କର ଅନେକ ଗୀତ ମଧ୍ୟରୁ ଗୋଟିଏ ହେଲା- 'ବଗୁଲା ବଗୁଲୀ ଗଛ୍ ଛାଡ଼ି, ଉଡ଼ିଗଲେ ଡାଳଗଲା ଦୋହଲି ।'

ଏହାପରେ ଓଡ଼ିଆ ରେକର୍ଡ଼ସରେ ମଧ୍ୟ ଝୁମରର ଝଙ୍କାର ଦେଖିବାକୁ ମିଳିଥିଲା । ସଙ୍ଗୀତ ନିର୍ଦ୍ଦେଶକ ଶାନ୍ତନୁ ମହାପାତ୍ର ପ୍ରଥମେ ଏଚ୍.ଏମ୍.ଭି. କମ୍ପାନୀର ରେକର୍ଡ଼ସ୍‌ରେ ଝୁମର ଗୀତଟିଏ ସଂଯୋଜନା କରିଥିଲେ । ତାହା ଥିଲା ଝୁମର କବି ଗିରୀଶ ଚନ୍ଦ୍ର ମହାନ୍ତଙ୍କ ରଚନାରେ 'କଦମ ଫୁଲ୍, ତୋର୍ ଲାଗି ମୋର୍ ଗେଲା ଜାତି କୁଲ୍ ।' ଗାଇଥିଲେ ସ୍ୱନାମଧନ୍ୟ କଣ୍ଠଶିଳ୍ପୀ ସ୍ୱରୂପା ଚକ୍ରବର୍ତ୍ତୀ । ଗୀତିକାର ତଥା ସଙ୍ଗୀତ ନିର୍ଦ୍ଦେଶକ ଉଦୟନାଥ ସାହୁ ଇନରିକୋ ରେକର୍ଡ଼ସରେ ପ୍ରସ୍ତୁତ କରିଥିଲେ ଏକ ଝୁମର ଗୀତ 'ଫୁଲ ଫୁଟି ମହକିଲା ହୋ/ ଭଅଁର ପାଗଲ ହେଲା ।' ସେ ସମୟରେ ବିଶିଷ୍ଟ କଣ୍ଠଶିଳ୍ପୀ ନିର୍ମଳା ମିଶ୍ର ଏଥିରେ କଣ୍ଠଦାନ କରିଥିଲେ ।

ସଙ୍ଗୀତ ନିର୍ଦ୍ଦେଶକ ରାଧାକୃଷ୍ଣ ଭଞ୍ଜ, ଶାନ୍ତନୁ ମହାପାତ୍ର, ସରୋଜ ପଟ୍ଟନାୟକ, ଗୀତିକାର ଗୁରୁକୃଷ୍ଣ ଗୋସ୍ୱାମୀ, ଜୀବନ ପାଣି, ଜିତେନ୍ଦ୍ର ପଟ୍ଟନାୟକ, ନିମାଇଁ ମହାନ୍ତି, ସଂଗ୍ରାମ ମହାନ୍ତି ପ୍ରମୁଖ ବହୁ ବ୍ୟକ୍ତି ଆଧୁନିକ ଝୁମର ବା 'ରଙ୍ଗ ଝୁମର'ର ବିକାଶରେ ସହାୟକ ହୋଇଛନ୍ତି । ସେମାନେ ରେଡିଓ, ଟେଲିଭିଜନ୍, ଗ୍ରାମୋଫୋନ୍ ରେକର୍ଡ଼ସ୍, କ୍ୟାସେଟ୍, ସିଡି, ଆଲବମ୍ ପ୍ରଭୃତି ବିଭିନ୍ନ ମାଧ୍ୟମରେ ଝୁମର ଗୀତକୁ ପ୍ରବେଶ କରାଇ ସାର୍ବଜନୀନ କରାଇଛନ୍ତି ।

## ଓଡ଼ିଆ ସିନେମାରେ ଝୁମର

ଓଡ଼ିଆ ସିନେମା ଇତିହାସରେ ଚତୁର୍ଥ ଓଡ଼ିଆ ଚଳଚ୍ଚିତ୍ର 'ରୋଲ୍‌ସ ଟୁ –

## ■ ଝୁମରର ଭଙ୍ଗୀ, ମୁଦ୍ରା ଓ ବାଦ୍ୟ ■

ଝୁମରରେ ୧୦୮ ଭଙ୍ଗୀ ଓ ୬୪ ମୁଦ୍ରା ରହିଛି । ଏହି ଭଙ୍ଗୀଗୁଡ଼ିକ ମଧ୍ୟରେ ପ୍ରଧାନ ଭଙ୍ଗୀ ଗୁଡ଼ିକ ହେଲା- ଭୁଲୁକ୍ ଗଲା, ଟାଲାଦିଆ, ହୁଲ୍‌କା-ଲଗା, ସୁନାମି, ଅଙ୍ଗୀରୀ, ମୀନ, ସଂଳୁଲା, ବିଶ, ଛଲକା, ଭାବିକ. ନିଶିଦା, ପାଟାଲି, ଦୀପିକା ଆଦି । ସେହିପରି ମୁଦ୍ରାଗୁଡ଼ିକ ମଧ୍ୟରେ ସାମ୍ୟ, ପୁଷ୍ପ ଭରି, ପଦ୍ମ, ମୀନ, ଶଙ୍ଖ, ଖାମ୍, ଖୁଣ୍ଟା, ତିନ୍ ପଦକା, ଜଳ, ପାତୁଲ, କୋର, କେଲି, କହଡ଼ି ଆଦି ପ୍ରଧାନ । ସାଧାରଣତଃ ଢୋଲ, ମର୍ଦ୍ଦଳ, ବଂଶୀ, ନାଗରା ଆଦି ଝୁମରର ପ୍ରଧାନ ବାଦ୍ୟ । କିନ୍ତୁ ଆଧୁନିକତା ସ୍ପର୍ଶରେ କେସିଓ, ହାରମୋନିୟମ୍ ଓ ଅନ୍ୟାନ୍ୟ ଆଧୁନିକ ବାଦ୍ୟ ଯନ୍ତ୍ର ସାମିଲ ହେଲାଣି ।

ଏଇଟ୍' (୧୯୫୧)ରେ ଗୋଟିଏ ଝୁମର ଗୀତ ସଂଯୋଜିତ ହୋଇଥିଲା । ଗୌର ଗୋସ୍ୱାମୀ ଓ ନୃପେନ୍ଦ୍ର ପାଲ୍‌ଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ ଗୀତଟି ଗାଇଥିଲେ ସେ ସମୟର ପୋଖତ ଝୁମର ଗାୟକ ପ୍ରଫୁଲ୍ଲ ସିଂହଦେଓ । ଏହା ପରେ ୧୯୬୭ ମସିହାରେ ସଙ୍ଗୀତ ନିର୍ଦ୍ଦେଶକ ଶାନ୍ତନୁ ମହାପାତ୍ର 'ଅରୁନ୍ଧତୀ' ଚଳଚ୍ଚିତ୍ରରେ 'ଶ୍ୟାମ ଗଲେ ମଧୁପୁରେ' ଝୁମର ଗୀତଟିଏ ରଖିଥିଲେ । ଏହାକୁ ଗୁରୁକୃଷ୍ଣ ଗୋସ୍ୱାମୀ ଲେଖିଥିଲେ ଏବଂ ଅତିସ କୁମାର ମଜୁମଦାର ଓ ଆରତୀ ଗୋସ୍ୱାମୀ ପ୍ରମୁଖ ଗାଇଥିଲେ । ୧୯୭୭ ମସିହାରେ 'ଅଭିମାନ' ଚଳଚ୍ଚିତ୍ରରେ ବାରିପଦାର ସ୍ୱନାମଧନ୍ୟ ସଙ୍ଗୀତ ନିର୍ଦ୍ଦେଶକ ଯୋଡ଼ି ରାଧାକୃଷ୍ଣ ଭଞ୍ଜ ଓ ସରୋଜ ପଟ୍ଟନାୟକ ପଦେ ଝୁମର ଗୀତ ରଖିଥିଲେ । ଆଧୁନିକ ଗୀତ 'ଭସାମେଘ ମୁଁ ଯେ ଭାସିଯାଏ ଦୂରେ'ର ମଧ୍ୟଭାଗରେ ସୁଲଳିତ ନାରୀ କଣ୍ଠରେ ଏକ କୋରସ୍ ଥିଲା- 'ଦେଲା ବନ୍‌ସେନ୍ ନା ଲେ ମାତ୍‌କମ୍ ବୁଟା ଠେନ୍' । ଏହା ଥିଲା ସାନ୍ତାଳୀ ଭାଷାର ଏକ ଲୋକପ୍ରିୟ ଝୁମର୍ । ସେହି ଚଳଚ୍ଚିତ୍ରରେ ଗାୟିକା ଉଷା ମଙ୍ଗେସ୍‌କର୍‌ଙ୍କ କଣ୍ଠରେ ଥିବା ଗୀତ 'ଚୁପି ଚୁପି ଗୋରୀ କାନେ କହିଯାଏ ମହୁରୀ' ମଧ୍ୟଭାଗରେ ପଦେ ସୁଲଳିତ ଝୁମର୍ ଥିଲା । ତାହା ହେଲା- 'ଯା'ଲୋ ସଜନୀ ଘେନ ମେଲାଣି ବାସିହେଲା ବାପଘର/ ଆପଣା ହେଲା ଯେ ପର..' । ୧୯୭୭ରେ ମୁକ୍ତିଲାଭ କରିଥିବା 'ରକ୍ତ ଗୋଲାପ' ଚଳଚ୍ଚିତ୍ରରେ ସଂଗୀତ ନିର୍ଦ୍ଦେଶକ ଧନଂଜୟ ଶତପଥୀ 'ମନ ରସିଆରେ' ଗୀତରେ ଏକ ଝୁମର ରଖିଥିଲେ । ତାହା ହେଲା-

"ଲୋରେ ଲୋରେ ଲୋଲା/ଲୋରେ ଲୋରେ ଲିଆ
ମୁଢ଼େ ମାଖି ଜଡ଼ା ତେଲ/ ନନି ମୋର ଠିଆ..."

୧୯୮୫ ମସିହାରେ ସଙ୍ଗୀତ ନିର୍ଦ୍ଦେଶକ ସରୋଜ ପଟ୍ଟନାୟକ ପୁଣି 'ହାକିମ ବାବୁ' ଚଳଚ୍ଚିତ୍ରରେ ଝୁମର ଶୈଳୀରେ ଗୀତଟିଏ କରିଥିଲେ- 'ହାଏ ହାଏ ବନ୍ଧୁରେ/ କିମ୍ପା ଦେଲୁ ମତେ ପର କରିରେ ।' ମାତ୍ର ତାହା ଆଦୌ ଆଦୃତ ହୋଇପାରି ନ ଥିଲା । ୧୯୯୪ରେ 'ସାଗର ଗଙ୍ଗା' ଚଳଚ୍ଚିତ୍ରରେ ରାଧାକୃଷ୍ଣ ଭଞ୍ଜ ଗୀତିକାର ନିମାଇ ମହାନ୍ତିଙ୍କ ରଚନାରେ ଏକ ସମ୍ପୂର୍ଣ୍ଣ ଝୁମର୍ ଗୀତ ରଖିଥିଲେ । ତାହା ଥିଲା-

ପୁଅ: ଆମ୍ ଫଲେ ଝଙ୍କା ଝଙ୍କା ତେନ୍ତୁଲ ଫଲେ ବାଙ୍କା
ବାରିପଦାର ହାଟେ ତକେ କିଣିଦେମି ଶଙ୍ଖା ।
ଝିଅ: ତୁଇ କିସ୍‌ରେ କିଣିଦେବୁ ଶଙ୍ଖା
ଅଣ୍ଟିରେ ତ ନାଇଁ ଗୁଟେ ଟଙ୍କା ।


ଏହା ପରେ ୧୯୯୯ରେ ଚଳଚ୍ଚିତ୍ର 'କଥା ରହିଗଲା କାଳ କାଳକୁ'ରେ ସଙ୍ଗୀତ ନିର୍ଦ୍ଦେଶକ ବାଚୁ ମୁଖାର୍ଜୀ ରେଲ୍‌ଗାଡ଼ି ଗୀତ ମଝିରେ ପଦେ ଝୁମର୍ ରଖିଥିଲେ-

"ଫୁଟେ ଫୁଲ୍ ନାନା ଜାତି
ଦୁଲୁକି ଉଠୁଚି ଛାତି
ରିଙ୍ଗିଟିଙ୍ଗି ତାଲେ ଢୋଲ୍ ବାଜେରେ
ଝୁମୁରି ସୁର୍‌ରେ ମନ୍ ନାଚେରେ ।"

୨୦୦୯ ମସିହାରେ ସୁଧାଂଶୁ ସାହୁ ନିର୍ଦ୍ଦେଶିତ 'ଶତ୍ରୁ ସଂହାର' ଚଳଚ୍ଚିତ୍ରରେ ସଂଗୀତ ନିର୍ଦ୍ଦେଶକ ଶରତ ନାୟକ ଗୀତିକାର ନିମାଇଁ ମହାନ୍ତିଙ୍କୁ ନେଇ ବେଶ୍ ସୁନ୍ଦର ଆଧୁନିକ ଝୁମର୍ (ରଙ୍ଗ୍ ଝୁମର୍) ପ୍ରସ୍ତୁତ କରିଥିଲେ-

"ମୋର ରେଶ୍‌ମି ରୁମାଲ୍‌ଟା ହଜିଗେଲାରେ
କିଏ ତାକୁ ଖୁଜିଦବ
କିଏ ତାକୁ ଆନିଦବ
ମୋର ଯଉବନ୍‌ଟା ରହିଗେଲା ତାର୍ ଭିତରେ ।"

କି ଚମତ୍କାର ଏଇ ଗୀତଟି, ଶ୍ରୋତାଙ୍କ ଦ୍ୱାରା ଖୁବ୍ ଆଦୃତ ହୋଇଥିଲା । କହି କେହି କୁହନ୍ତି, ରାଧାକୃଷ୍ଣ ଭଂଜ 'ମାନିନୀ' ଚଳଚ୍ଚିତ୍ରରେ ଯେଉଁ 'ମନ ମୋର ଏକ କାଗଜର ନାଆ' ଗୀତଟି ରଖିଥିଲେ ତାହାର ସ୍ୱର ପୂରପୂରି ଝୁମର୍ । ତେବେ ଏହା ତର୍କ ସାପେକ୍ଷ ।


ବିଶିଷ୍ଟ ଗାୟକ ଉଦିତ ନାରାୟଣଙ୍କ ସହିତ ଝୁମର୍ ଗାୟକ ରାଧାକୃଷ୍ଣ ଭଞ୍ଜ






ପ୍ରଚ୍ଛଦ କଳ୍ପନା : **କୃଷ୍ଣ କୁମାର ମହାନ୍ତି**
ପ୍ରଚ୍ଛଦ ମଡେଲ୍ : **ମନୀଷା ସାହୁ**,ବାରିପଦା
ଉଚ୍ଚତା : **୫ ଫୁଟ୍ ୧ ଇଞ୍ଚ୍**
ବୃତ୍ତି : **ମଡେଲ୍**
ଶିକ୍ଷା : **ବାଣିଜ୍ୟରେ ସ୍ନାତକୋତ୍ତର, ଆଇନରେ ସ୍ନାତକ**
ରୁଚି : **କଳା ଓ ହସ୍ତଶିଳ୍ପ**
ପ୍ରଚ୍ଛଦ ଫଟୋଗ୍ରାଫି : **ଆଶିଷ ଗିରି**,ଆଶିଷ ଫଟୋଗ୍ରାଫି, ବାରିପଦା
ପ୍ରଚ୍ଛଦ ଡିଜାଇନ୍ : **ଶିବରାଜ କର୍ମ**, ସୋନପୁର
ମେକ୍ଅପ୍/ କଷ୍ଟ୍ୟୁମ: **ସ୍ମିତା ବାରିକ**
ସ୍ଥାନ : **ବାରିପଦା**

ଲେଣ୍ଡର

# ୨୦୨୪ / ଫେବୃଆରୀ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | ୧ | ୨ | ୩ |
| ୪ | ୫ | ୬ | ୭ | ୮ | ୯ | ୧୦ |
| ୧୧ | ୧୨ | ୧୩ | ୧୪ | ୧୫ | ୧୬ | ୧୭ |
| ୧୮ | ୧୯ | ୨୦ | ୨୧ | ୨୨ | ୨୩ | ୨୪ |
| ୨୫ | ୨୬ | ୨୭ | ୨୮ | ୨୯ | | |

**ଦ୍ରଷ୍ଟବ୍ୟ**

୧୪/୦୨/୨୦୨୪ : ସରସ୍ୱତୀ ପୂଜା
୨୩/୦୨/୨୦୨୪ : ଅଗ୍ନ୍ୟୁତ୍ସବ ଓ ଯୋରନ୍ଦା ମେଳା

### ୨୦୨୪ / ଜାନୁଆରୀ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | ୧ | ୨ | ୩ | ୪ | ୫ | ୬ |
| ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| ୧୪ | ୧୫ | ୧୬ | ୧୭ | ୧୮ | ୧୯ | ୨୦ |
| ୨୧ | ୨୨ | ୨୩ | ୨୪ | ୨୫ | ୨୬ | ୨୭ |
| ୨୮ | ୨୯ | ୩୦ | ୩୧ | | | |

### ୨୦୨୪ / ଫେବୃଆରୀ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | ୧ | ୨ | ୩ |
| ୪ | ୫ | ୬ | ୭ | ୮ | ୯ | ୧୦ |
| ୧୧ | ୧୨ | ୧୩ | ୧୪ | ୧୫ | ୧୬ | ୧୭ |
| ୧୮ | ୧୯ | ୨୦ | ୨୧ | ୨୨ | ୨୩ | ୨୪ |
| ୨୫ | ୨୬ | ୨୭ | ୨୮ | ୨୯ | | |

### ୨୦୨୪ / ମାର୍ଚ୍ଚ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | ୧ | ୨ |
| ୩ | ୪ | ୫ | ୬ | ୭ | ୮ | ୯ |
| ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ |
| ୧୭ | ୧୮ | ୧୯ | ୨୦ | ୨୧ | ୨୨ | ୨୩ |
| ୨୪ | ୨୫ | ୨୬ | ୨୭ | ୨୮ | ୨୯ | ୩୦ |
| ୩୧ | | | | | | |

### ୨୦୨୪ / ଅପ୍ରେଲ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | ୧ | ୨ | ୩ | ୪ | ୫ | ୬ |
| ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| ୧୪ | ୧୫ | ୧୬ | ୧୭ | ୧୮ | ୧୯ | ୨୦ |
| ୨୧ | ୨୨ | ୨୩ | ୨୪ | ୨୫ | ୨୬ | ୨୭ |
| ୨୮ | ୨୯ | ୩୦ | | | | |

### ୨୦୨୪ / ମଇ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | ୧ | ୨ | ୩ | ୪ |
| ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ |
| ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୨୫ |
| ୨୬ | ୨୭ | ୨୮ | ୨୯ | ୩୦ | ୩୧ | |

### ୨୦୨୪ / ଜୁନ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | | ୧ |
| ୨ | ୩ | ୪ | ୫ | ୬ | ୭ | ୮ |
| ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ |
| ୧୬ | ୧୭ | ୧୮ | ୧୯ | ୨୦ | ୨୧ | ୨୨ |
| ୨୩ | ୨୪ | ୨୫ | ୨୬ | ୨୭ | ୨୮ | ୨୯ |
| ୩୦ | | | | | | |

### ୨୦୨୪ / ଜୁଲାଇ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | ୧ | ୨ | ୩ | ୪ | ୫ | ୬ |
| ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| ୧୪ | ୧୫ | ୧୬ | ୧୭ | ୧୮ | ୧୯ | ୨୦ |
| ୨୧ | ୨୨ | ୨୩ | ୨୪ | ୨୫ | ୨୬ | ୨୭ |
| ୨୮ | ୨୯ | ୩୦ | ୩୧ | | | |

### ୨୦୨୪ / ଅଗଷ୍ଟ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | ୧ | ୨ | ୩ |
| ୪ | ୫ | ୬ | ୭ | ୮ | ୯ | ୧୦ |
| ୧୧ | ୧୨ | ୧୩ | ୧୪ | ୧୫ | ୧୬ | ୧୭ |
| ୧୮ | ୧୯ | ୨୦ | ୨୧ | ୨୨ | ୨୩ | ୨୪ |
| ୨୫ | ୨୬ | ୨୭ | ୨୮ | ୨୯ | ୩୦ | ୩୧ |

### ୨୦୨୪ / ସେପ୍ଟେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ |
| ୧୫ | ୧୬ | ୧୭ | ୧୮ | ୧୯ | ୨୦ | ୨୧ |
| ୨୨ | ୨୩ | ୨୪ | ୨୫ | ୨୬ | ୨୭ | ୨୮ |
| ୨୯ | ୩୦ | | | | | |

### ୨୦୨୪ / ଅକ୍ଟୋବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | ୧ | ୨ | ୩ | ୪ | ୫ |
| ୬ | ୭ | ୮ | ୯ | ୧୦ | ୧୧ | ୧୨ |
| ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ |
| ୨୦ | ୨୧ | ୨୨ | ୨୩ | ୨୪ | ୨୫ | ୨୬ |
| ୨୭ | ୨୮ | ୨୯ | ୩୦ | ୩୧ | | |

### ୨୦୨୪ / ନଭେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | ୧ | ୨ |
| ୩ | ୪ | ୫ | ୬ | ୭ | ୮ | ୯ |
| ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ |
| ୧୭ | ୧୮ | ୧୯ | ୨୦ | ୨୧ | ୨୨ | ୨୩ |
| ୨୪ | ୨୫ | ୨୬ | ୨୭ | ୨୮ | ୨୯ | ୩୦ |

### ୨୦୨୪ / ଡିସେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ |
| ୧୫ | ୧୬ | ୧୭ | ୧୮ | ୧୯ | ୨୦ | ୨୧ |
| ୨୨ | ୨୩ | ୨୪ | ୨୫ | ୨୬ | ୨୮ | ୨୮ |
| ୨୯ | ୩୦ | ୩୧ | | | | |

# ଦ୍ରୌପଦୀ-୩୬

**ପ୍ରଫୁଲ୍ଲ କୁମାର ମହାନ୍ତି**

**(ଯଜ୍ଞ ଘୋଡ଼ା ଫେରି ଆସିଲା)**

ସମୟର ଚାହାଣୀରେ କାହାଣୀ ପାଲଟେ
ମଣିଷର ଜତୁଗୃହ ଦିଗ୍‌ବିଜୟର ଆଡ଼ମ୍ବର
ଲେଖାହୁଏ କାହାଣୀ ସମୟର ଅଛୁଆଁ ଦେହରେ
ସମୟର ଗତି ଅଟକେ ନାହିଁ ଦେଖିବାକୁ
ଶୋକ କିମ୍ବା ବିଜୟର ଉଦାସୀ ଲହର
ଯେମିତି ସୂର୍ଯ୍ୟଚନ୍ଦ୍ର ଗ୍ରହତାରା ମାନେ
ଛିଟିକି ପଡ଼ିବେ ନାହିଁ ନିଜ ଇଚ୍ଛା ଆଗ୍ରହରେ

ସେମିତି ସମୟ ମଧ୍ୟ ଅମାନ୍ୟ କରିବ ନାହିଁ
ବିଶ୍ୱ ବ୍ୟବସ୍ଥାର ବ୍ରହ୍ମ ପରିଧିକୁ
ଧାର୍ଯ୍ୟ ନିୟମର ସୀମା ଅତିକ୍ରମି ଯିବ ନାହିଁ
ମଣିଷର ଦିନଚର୍ଯ୍ୟା ଚାଲିଥିବ
ବାଲିଘର ଭାଙ୍ଗୁଥିବ ମହଲ ଉଠୁଥିବ
ସମୟ ଚାଲିଥିବ ନିଜର ଗତିରେ
ଧିମା ହେବ ନାହିଁ ଥକିଯିବ ନାହିଁ
ଦୋଷଗୁଣ ଲାଗିବନି ଅମପା ଦେହରେ ।

ସମୟର ଋତୁ ନାହିଁ ଉଦୟ ଅସ୍ତ ନାହିଁ
ନିଦାଘର ଶ୍ରମଝାଳ ବସନ୍ତ କାକଳୀ ନାହିଁ
ସମୟ ଯାଏ କି ରହେ କେହି ଜାଣେ ନାହିଁ
କାଳ ମହାକାଳ ଘୁରିଆସେ ନିଜ ମନ ନେଇ
ଅଜଣାର ସୀମାରେଖା ଅସୀମ ଅଦେଖା
ଦେଖେ ନାହିଁ ପଞ୍ଚଭୂତ ମଞ୍ଚ ଅଭିନୟ
ମଣିଷର ରଙ୍ଗବୋଳା ହୁଂକାର ଚିତ୍କାର
ଉକୁଟା ମଉଳା ସ୍ୱର ବର୍ଣ୍ଣ ବିବର୍ଣ୍ଣର

ପୂର୍ବରାଗ ଉଷା ସ୍ନାନ ପରେ
ଉଦ୍ୟାନରେ ବସିଲା ଦ୍ରୌପଦୀ
ଶୁଣି ଶୁଣି ଦିଗ ଦିଗନ୍ତରେ ଘୋଡ଼ାଟାପୁ ଶବ୍ଦ
ଦେଖି ଦେଖି ଆଗାମୀ ବିଜୟ ସ୍ୱପ୍ନ
ଖୋଲା ଆଖି ସୂର୍ଯ୍ୟ ଲାଲିମାରେ
ଯଜ୍ଞ ଅଶ୍ୱର ଲୀଳାୟିତ ଚାଲି
ପରମ୍ପରା ଆବେଗର ଉଛୁଳା ଛନ୍ଦରେ ।

ସ୍ୱାମୀ ମାନଙ୍କର ଝାଳୁଆ ମୁହଁରେ
ଉଠନ୍ତା ସୂର୍ଯ୍ୟର ଥିଲା ଉପହାସ
ରାଜାଙ୍କ ଗହଣରେ ମୁକୁଟ ମେଳାରେ
ସାହସ ବିଜୟର ଝଟକା ଜ୍ୟୋତିରେ
ଦ୍ରୌପଦୀ ପ୍ରଣାମ କଲା ସୂର୍ଯ୍ୟ ଦେବତାଙ୍କୁ
ଆହେ ବିଶ୍ୱଚାଳକ ଆଲୋକ ଗୋଲକ
ଟେକ ରଖ ଇନ୍ଦ୍ରପ୍ରସ୍ଥ ଗୌରବର
ଆଲୋକ ସମ୍ରାଟ ପୂଜ୍ୟ ଦିବାକର ।

ଜନଶୂନ୍ୟ ହେଲା ଇନ୍ଦ୍ରପ୍ରସ୍ଥ
ଆଖିମାନେ ନିରେଖିଲେ ପାଛୋଟିବା ପାଇଁ
ଫୁଲମାଳ ସୁଶୋଭିତ ବିଜୟୀ ଅଶ୍ୱର
କମ୍ପିଲା ସହର ଦାଣ୍ଡ କରତାଳି ମାଡ଼େ
ଜୟ ଯୁଧିଷ୍ଠିର ଜୟ ମିଳିତ ନାଦରେ ।
ଜନତାର ଜୟଧ୍ୱନି କରି ଉପଭୋଗ
ଉଭା ହେଲେ ଯୁଧିଷ୍ଠିର ନମ୍ର ଉଦାର ଧୀର
ଜୟନାଦ ଗହଳିରେ ଦେଖାରୁ ଉବୁରି ଗଲା
ଅଦେଖାର କଳ୍ପିତ ସମାରୋହ
ଚେତନାର ପଞ୍ଚମ ତାନରେ

ରାଜାର ବାମାଙ୍ଗୀ ହୋଇ ଠିଆହେଲି ମୁଁ
ରାଜବିଧି ବଧୂବିଧି ପାଳନ ଗର୍ବରେ
ହାତେ ଧରି ଆରତୀର ପାତ୍ର
ଖୋଜୁଥିଲା ଆଖି ମୋର ବିଜେତା ପତିଙ୍କୁ
ମୁଖ୍ୟତଃ ଅର୍ଜ୍ଜୁନଙ୍କୁ ଯାହାଙ୍କର ଯଶକୀର୍ତ୍ତି
ପବନ ବାହକ ଆସି ତାର ଚାତୁରୀରେ
କହିଥିଲା ଦିଗ୍‌ବିଜୟ କଥା ଅମୃତ ଛୁଆଁରେ ।
ହଠାତ୍ ଦିଶିଗଲେ ପଟୁଆର ଶେଷରେ
ଉଲ୍ଲାସ ମୁଖରିତ ସେନା ଧ୍ୱଜ ଧରି
ଚାରି ଭାଇ ବିଜୟର ସ୍ମିତ ସନ୍ତୋଷରେ ।

ଫିଙ୍ଗିଲି ମୁଁ ଚୁନା ଫୁଲ ସେନାଙ୍କ ମଥାରେ
ଆରତୀ କଲି ଭୀମ, ଅର୍ଜ୍ଜୁନ, ନକୁଳ, ସହଦେବ
ସିନ୍ଦୂର ଚନ୍ଦନ ଟିକା ଦେଲି କପାଳରେ
ଦୀପର କର୍ପୁର ଶିଖା ଉଡ଼ାଇଲି ପତ୍ନୀ ସୋହାଗରେ ।


ପଚାରିଲି ମୋ ପାଇଁ କଣ ଆଣିଚି ଉପହାର
ପ୍ରିୟତମା ପତ୍ନୀ ପାଇଁ ହୃଦୟ ସିଙ୍ଗାର
ମୁହଁ ଚହାଁଚହିଁ ହେଲେ ଚାରି ବୀର
ଭୀମ କହିଲେ ପ୍ରିୟା ଆଣିଚୁ ବିଜୟ
ତମ ମୁକୁଟ ପାଇଁ ଗୌରବର ହୀରା-
ଓଃ ! ସେ ତ ମାମୁଲି କଥା
ଇନ୍ଦ୍ରପ୍ରସ୍ଥ ସାମ୍ରାଜ୍ୟର ମୁକୁଟ ସମ୍ଭାର
କୁହ କଣ ଆଣିଚ ତୁମ ପତ୍ନୀ ପାଇଁ
ଯିଏ ଅପେକ୍ଷା କରିଥିଲା ଉପାସ ପ୍ରାର୍ଥନାରେ
ତୁମର ବିଜୟ ପାଇଁ ଉଜାଗର ରହି ?

ପୁଣି କହିଲେ ଭୀମ କୁହ କଣ ଚାହଁ
କ୍ଷମକରେ ଆଣିଦେବି ହେଉ ପଛେ ଦୁର୍ଲଭ
ଉର୍ବଶୀ ନୂପୁର ପରି- କହିଲେ ଅର୍ଜ୍ଜୁନ
ଏମିତି କଣ କିଛି ଅଛି ଯାହା ଲାଗି
ମହାରାଣୀ ଦ୍ରୌପଦୀ ଦ୍ରୁପଦ ଦୁହିତା
ଶୂନ୍ୟ ମଣନ୍ତି ତାଙ୍କ ଜୀବନ ବିଶ୍ୱକୁ ?

ଅଶ୍ୱିନୀ ଦୁଇଭାଇ ଦେଖାଇଲେ ଯଜ୍ଞ ଘୋଡ଼ା
ଏଇ ଦେଖ ତୁମ ପାଇଁ ଆଣିଛୁ ଆମେ
ଭାରତ ବିଜୟର ପୁଷ୍ପିତ ନିଶାଣ
ଦୀର୍ଘଶ୍ୱାସ ଛାଡ଼ି କହିଲା ଦ୍ରୌପଦୀ
କୁଟିଳ ହସ ହସି ହଉ ଆସ ଭିତରକୁ
ଚଞ୍ଚଳ ଗାଧୁଆ ସାରି ଆସ
ଖୁଆଇବି ଯାହା ମୁଁ ରାନ୍ଧିଛି ।
କୋଟି କୋଶ ଦଉଡ଼ିଲେ ଯାହା ମିଳିବନି
ବର୍ଷକର ଅନୁରାଗ ସିଞ୍ଚିତ ଭୋଜନ
ଆଚ୍ଛା ! କଣ ସେଇଟା ପଚାରିଲେ ଭୀମ
ଅନ୍ୟମାନେ ଯୋଡ଼ିଦେଲେ କୁତୁହଳ ଆଖି-

ତୁମ ପାଇଁ ରାନ୍ଧିଛି ମୁଁ
ଗଙ୍ଗା କାଦୁଅରେ ଯମୁନା ପଦ୍ମନାଡ଼
ସରସ୍ୱତୀ ବାଲିରେ ଗାନ୍ଧାର ବରଫ
ସବୁ ବାଢ଼ିଦେବି ଡିମିରି ପତ୍ରରେ
ରଖିଛି ମୁଁ ଝୀନବସ୍ତ୍ର ମିଠା ବଦନରେ
ପୋଛିବାକୁ ଲାଜ ମୁହଁ
ଖାଲି ହାତେ ଆସିଥିବା ଲାଗି ଦୀର୍ଘବର୍ଷ ପରେ ।

‘ଚିତ୍ରକାବ୍ୟ’, ଶିଶୁ ବିହାର
ଭୁବନେଶ୍ୱର-୭୫୧୦୨୪
ଫୋନ:୯୪୩୮୮୦୩୬୨୩


ଡଃ ପ୍ରଫୁଲ୍ଲ କୁମାର ମହାନ୍ତି

## ଆଭିମୁଖ୍ୟ

ବିଶ୍ୱସାହିତ୍ୟର ଇତିହାସରେ ଦ୍ରୌପଦୀ ପରି ଏକ ନାରୀ ଚରିତ୍ର ନାହିଁ, ଯାହାଲାଗି ପ୍ରମାଣର ଆବଶ୍ୟକତା ନାହିଁ । ନାରୀର ଦୁଇଟି ମୁଖ୍ୟରୂପ : ପ୍ରେମିକା ଓ ପତ୍ନୀ । ପରେ ନାରୀ ଜନନୀର ମହାନତା ପାଏ । ପ୍ରେମିକା ହିସାବରେ ବୋଧହୁଏ କ୍ଲିଓପାଟ୍ରା ଠାରୁ ଅଧିକ ଲାସ୍ୟମୟୀ, ବିଦୂଷୀ, ମେଧାଶକ୍ତି ସଂପନ୍ନା ଓ ବିବିଧ ଭାବାବେଗର ବିସ୍ମୟିନୀ ସାହିତ୍ୟ ( ଓ ଇତିହାସ)ରେ ନାହିଁ । ସେହିପରି ପତ୍ନୀପ୍ରିୟା ଭାବେ ଦ୍ରୌପଦୀ ପରି ବିଦୂଷୀ, ରାଜଶ୍ରୀ ସଂପନ୍ନା, ବିବିଧତାର ପାବକିନୀ ନାହିଁ । ଏକା ସଙ୍ଗେ ପାଣ୍ଡବ ପାଞ୍ଚଭାଇଙ୍କ ପରି ବିବିଧ ମାନସିକତାର ବିରାଟ ବ୍ୟକ୍ତିତ୍ୱ ସହିତ ପତ୍ନୀଧର୍ମ ପାଳନ କରିଥିବା ନାରୀ ମିଥ୍ ଓ ଇତିହାସରେ ଦେଖାଯାଏ ନାହିଁ । ତେଣୁ ଭାରତୀୟ ନାରୀ ମାନସିକତାରେ ବ୍ୟାପ୍ତି, ଦ୍ୟୁତି, ଦ୍ୱନ୍ଦ୍ୱ, ସହନଶୀଳତା, ଭଦ୍ରତା, ରାଜକୀୟତା ଏବଂ ସମାଜସଂସ୍କୃତିର ତତ୍କାଳୀନ ସ୍ଥିତିରେ ତାପିତା, ଲାଂଛିତା ନାରୀଶ୍ରେଷ୍ଠ ଦ୍ରୌପଦୀ ଉପରେ ଏହି କାବ୍ୟ ରଚିତ: ଏହା ଉଭୟ ଇଂରାଜୀ ଓ ମାତୃଭାଷା ଓଡ଼ିଆରେ ଲେଖା ଯାଉଛି । ପାଠକପାଠିକାଙ୍କ ସହୃଦୟତା କାମନା କରି ପରଷି ଦେଉଛି ଦ୍ରୌପଦୀର ମହାବ୍ୟାପ୍ତିର କାବ୍ୟ ।

**ପ୍ରଫୁଲ୍ଲ କୁମାର ମହାନ୍ତି**

# ଚର୍ଯ୍ୟାପଦ

## ଦିଲୀପ କୁମାର ସ୍ୱାଇଁ



▶ ଚିତ୍ର : ଶ୍ରୀ ଅଧ୍ୟା ମହାପାତ୍ର

ଉଚ୍ଚା ପାହାଡ଼ ଚୂଳରେ ନୁହେଁ
ଓଦା ଓଦା ସମୁଦ୍ର ବାଲିରେ
ବାଳ ମୁକୁଳେଇ ତୁମେ ଶୋଇଥିଲ ଶବରୀବାଳୀ ।

ଅସ୍ତସୂର୍ଯ୍ୟର ଅବିରରେ
ତୁମ ଦେହ ଜଳୁଥିବା ବେଳେ
ଲହରୀଙ୍କ ଉନ୍ମତ୍ତ ହାତ ଲମ୍ବି ଆସୁଥିଲା
ତୁମ ନାଭି କମଳ ଯାଏଁ ।
ତୁମ ନାଭି, ଓଠ ଓ ଆଖିପତାକୁ ଅଇଁଠା କରି
ସେମାନେ ଫେରି ଯାଉଥିଲେ ଅନ୍ଧାରକୁ
ମହା ସୁଖର ମୁଦ୍ରାରେ ।

ତୁମେ ମୋତେ ମୋହିତ କଲ ଶବରୀବାଳୀ
ତୁମ ଓଦା ଦେହର ଆତିଥ୍ୟରେ
ମୁଁ ଉନ୍ମତ୍ତ ଶବର ମତ୍ତ ହେଲି ସୁଆଙ୍ଗ ସୁଖରେ ।
ତୁମ କାଣି ଆଙ୍ଗୁଠିର ନଖମୂଳୁ
ବାଲିଗରଡ଼ା ଖଣ୍ଡେ ଜିଭରେ ଉଠେଇ ନେଇ
ଚାଲିଲି ଯେ ଚାଲିଲି ଲଲାଟ ଚକ୍ର ଯାଏଁ,
ତୁମ ନିବିଡ଼ ନୀବିବନ୍ଧ
କମ୍ପିତ ଅଥଳ ସମୁଦ୍ରକୁ ପଛ କରି
ମୋହଗ୍ରସ୍ତ ସାଧକ ମୁଁ
ଶିଖରମୁଖୀ ହେଲି ।

ହେଇ ଦେଖ ତୁମ ବକ୍ଷାଙ୍ଗନର ସୀମା ଟପି
ମୁଁ ପହଁଚି ଗଲିଣି ଗ୍ରୀବାତଳ ତିଳଚିହ୍ନ ମୂଳେ
ମୋ ଓଠର ସବୁ ଉତ୍ତେଜନାକୁ ମୟୂରଚନ୍ଦ୍ରିକା କରି
ଖୋସିଦେଲି ତୁମ ଓଦା ବାଳରେ



▶ ଫଟୋ ଉତ୍ପଳ ସ୍ୱାଇଁ

ହେ ମୋହିନୀ, ମାତଙ୍ଗୀ, କାମରୂପା
ମୁଁ ଯିବି ତୁମ ଆଖିର ଏରୁଣ୍ଡି ଡେଇଁ
ତୁମ ଓଠ ତଳ କଳାଜାଇର ନୀଳରେଖା ଛୁଇଁ
ତୁମ ଲୀଳାୟିତ ଭ୍ରୁଲତାରେ ବନ୍ଦୀ ହେବା ପୂର୍ବରୁ
ମୁଁ ଡାକିବି, ହେ ସହଜ ସୁନ୍ଦରୀ
ମୋତେ ମୁକ୍ତି ଦେ ତୋ' ଦେହ ଦେଉଳରୁ ।

ତଳକୁ ଚାହିଁବା ମାତ୍ରେ
ଲୁହବୁନ୍ଦା ହୋଇ ଖସିପଡ଼େ ମୁଁ ପାହାଡ଼ଚୂଳରୁ
ମୋତେ ତୁ ବଧ କର ହେ' ମୋହିନୀ
ନେଲ୍‌ପଲିସ୍ ମଖା ନଖକୁ ତୋ ବର୍ଚ୍ଛା କରି
ବିଦ୍ଧକର ମୋର ନଷ୍ଟ ଉପତ୍ୟକା
ତୋ' ଘୁଙ୍ଗୁରର ଘର୍ଘର ନାଦରେ
ବାସର ଖଟ ମୋର ଜଳୁ ଯୁଇକାଠ ପରି
ସେ ଯୁଇ ନିଆଁର ଭସ୍ମକୁ ଦେହରେ ବୋଳି
ମୁଁ ନାଚୁଥାଏ ନାଗା ସନ୍ୟାସୀଟି ପରି
ଇହକାଳରୁ ପରକାଳ ଯାଏଁ ।

କାହିଁକି ତୁମେ ଓଦାବାଲିରେ
ବାଳ ମୁକୁଳେଇ ଶୋଇଥିଲ ଶବରୀବାଳୀ
ଏମିତି କ'ଣ କିଏ ଶୁଏ
ଜହ୍ନରାତିକୁ ଦେହରେ ବୋଳି ।

♥ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ, ପୁରୀ
ଫୋନ:୭୦୦୮୩୮୭୪୦୮



▲ ଚିତ୍ର : ଶିଳ୍ପୀ ଦିଶିତା ପାତ୍ର

॥ ଜୀବନ ସଙ୍ଗୀତ ॥

ଜଟିଳ ଜୀବନେ ଫୁଟାଉଛି ସରଳତାର ଫୁଲ
ସଙ୍କୋଚତା ଯାର ପକ୍ଷୀଗୀତ କରନା ତା' ମୂଲ ।
ଶୂନ୍ୟନଦୀ ତୀରେ କରୁଛି ଅବିରତ ଗତି
ଦେବାରେ ଆନନ୍ଦ ବ୍ରତେ ଯାଉ ଜୀବନ ବିତି ।

ସବୁଥିରେ ପୂର୍ଣ୍ଣତାର ଅଟେ ଉପାସକ
ଶୂନ୍ୟସର୍ବସ୍ୱ ହୃଦେ ଭର୍ତ୍ତି ଚଢ଼େଇର ଡାକ ।
ଚଳମାନ ଗଛ ମୁଁ ପ୍ରାର୍ଥନାରେ ମଥାନତ
ଯେତେ ହାଣ-କାଟ ହେବିନାରେ ଲକ୍ଷ୍ୟଚ୍ୟୁତ ।

ଜୀବନ ମୋ ସାଦାପୃଷ୍ଠା ସବୁକିଛି ଖୋଲା
ସର୍ବରଙ୍ଗ ସମଷ୍ଟିରେ ଅଟେ ମୁଁ ଯେ ଧଳା ।
ମୃତ୍ୟୁପଥ ଅମୃତମୟ ନିୟତିରେ ଅଛି ଲେଖା
ମଧୁ ପ୍ରଦୀପେ ଶୁଦ୍ଧସୁବର୍ଣ୍ଣୀୟ ମୋ ଜୀବନଶିଖା ।

ଘଟ-ଘଟାନ୍ତରେ ସମୟହୀନତାର ମୁଁ ସତ୍ୟନିଷ୍ଠ ସାକ୍ଷୀ
ନିଖିଳ ବ୍ରହ୍ମାଣ୍ଡେ ଉଡ଼େ ସ୍ୱଚ୍ଛନ୍ଦେ ବନି ଶାଶ୍ୱତ ପକ୍ଷୀ ।

♥ 'ସମାଜ' ଅଫିସ, ଗୋପବନ୍ଧୁ ଭବନ, ବକ୍ସିବଜାର, କଟକ-୭୫୩୦୦୧
ଫୋନ : ୯୮୫୩୩୪୪୬୮୮

# ସନେଟ୍

## ମନୋଜ କୁମାର ମେହେର

॥ ପିମ୍ପୁଡ଼ି ॥

ବିନାଗୁରୁରେ ବହୁକଳାରେ ନିପୁଣ
ଦୁଇପାଖିଆ ଖଣ୍ଡାଧାରରେ ଚାଲୁ ନିର୍ବିକାର
ନିଜଠୁ ଅଧିକ ଓଜନର ସାମଗ୍ରୀ ବୋହି
ବନୁ ପରିସ୍ଥିତିର ମାଲିକ ନିଜସ୍ୱ ନିୟମର ।

ନୀରବତାର ଯାତ୍ରା ତୋର ତପସ୍ୟାଠୁ ବଳି
ସିଂହର ଗର୍ଜନ ମାନେ ରଖେନି ତୋ' ପୃଥିବୀରେ
କେଉଁଠି ଦେଖାଉ ଅଫୁରନ୍ତ ଯୋଗାଯୋଗ ସଂହତି
ଛୁଟି ନନେଇ ବାନା ଉଡ଼ାଉ ଏକନିଷ୍ଠତାରେ ।

ଗିରିଶିଖରକୁ ନ ଚାହିଁ ଜାରିରଖୁ ଦୁର୍ବାର ଯାତ୍ରା
ହାରଜିତ ଊର୍ଦ୍ଧ୍ୱରେ ଦେଖାଉ ଦୁଃସାହସିକତା,
ଭବିଷ୍ୟତ ନିର୍ମାଣ ଓ ଐକ୍ୟତାନର ମନ୍ତ୍ରଦାତା ତୁ
ନୁଆଁଣିଆ ଦୁଃଖରେ ଗରୀୟାନ ତୋ ନିରୀହତା ।

ତୋଠୁ ପାଇଛି ଜୀବନର ଅମୂଲମୂଲତାକୁ ବୁଝିବାର ସୂତ୍ର
ତୋତେ ଦେଖିଲେ ବଦଳିଯାଏ ଆକାର ଓ ଉଡ଼ାଣର ଅର୍ଥ ।



▲ ଫଟୋ ମନୋଜ କୁମାର ମେହେର

# ବାପା

## ସୁକୁମାର ଦାସ



ଖଣ୍ଡେ ଧଳାଧୋତି ଓ ହାଫ୍ ସାର୍ଟର
ବୋତାମ ନଥିବା ହାତ ସିଲେଇ
ବସ୍ତ୍ର ଭିତରେ କରୁଣା ଓ କର୍ତ୍ତବ୍ୟର
ମହାସମୁଦ୍ର କିପରି ଲୁଚି ଛପି ରହିଥାଏ ।

ଯାହାର ରକ୍ତ ଓ ସ୍ୱେଦ ଭିତରୁ
ଝରି ପଡୁଥାଏ ସମସ୍ତଙ୍କ ସୁଖ ପାଇଁ
ମହୁ ପରି ମିଠା ଅଥଚ ନିଜ ଦୁଃଖକୁ
ଚାପି ରଖି ଯନ୍ତ୍ରଣା ଓ ଯାତନାକୁ
ପକେଟ୍‌ରେ ପୁରାଇ ସହଜରେ ଚାଲି ପାରୁଥିବା
ନିର୍ଭୀକ ମଣିଷର ନାମ ହିଁ 'ବାପା' !

ବାପା ! ସବୁ ସହି ପାରୁଥିବା ଓ
ଲୁହ ଲହୁକୁ ନିଜ ଭିତରେ
ଝରଣା ପରି ଝରି ଯାଉଥିବା
ସଫଳ ନିଷ୍ଠାବାନ ମଣିଷ ହିଁ 'ବାପା' ।

ବାପା ! ଦୁଇଟି ଅକ୍ଷର ଆକାଶ ଓ ପାତାଳ ମଝିରେ
ସମ୍ପର୍କର ଆତ୍ମୀୟ ନିବାସ
ପରିବାରର ସବୁଜ ସୁଖର ବିଶ୍ୱକର୍ମା
ଆକାଶ ଓ ପାତାଳକୁ ନିଜ ଭିତରେ ଚାପିରଖି
କଷ୍ଟ ଓ ଯନ୍ତ୍ରଣାକୁ ପାଶୋରି ଦେଇ
ଅନ୍ୟର ସୁଖକୁ ବାଟ କଢ଼େଇ ନିଅନ୍ତି



ସେହି ବାପା !

ଗାଁ ହାଟରୁ ଅଳ୍ପ ପଇସାରେ
ଝୁଲା ଭର୍ତ୍ତି ହାଟ ସୌଦା କରିପାରୁଥିବା ବାପା ହିଁ
ସବୁ ପନିପରିବା ବୋଝ କରି ଆଣି
ଘରେ ସମସ୍ତଙ୍କ ପାଇଁ ସୁଖ ବାଣ୍ଟୁଥିଲେ
ସେ ଥିଲେ ବାପା !

ସମସ୍ତଙ୍କ ପେଟ ଭର୍ତ୍ତି ଥିଲେ ବାପା ହିଁ ଖୁସି ।
କିଏ କିପରି ଖାଇବ, କିଏ କିପରି ପାଠ ପଢ଼ିବ
କିଏ ବନ୍ଧୁ ଘରକୁ ଯିବ
ଆଉ କିଏ ଡାକ୍ତରଖାନା ଯାଇ ଔଷଧ ଆଣିବ
ସବୁଥିରେ ସମସ୍ତଙ୍କୁ ସମ୍ଭାଳୁଥିଲେ
ସେ ହିଁ ବାପା !

ବାପା ଥିଲେ ଚଳନ୍ତି ବିଗ୍ରହ ।
ବାପାଙ୍କ କଷ୍ଟ ସହିଷ୍ଣୁ ଶରୀର ବୁଢ଼ା ବୟସରେ
ଶକ୍ତ ହାଡ଼ ଓ ଛାତିର କଳାପଟାରେ ଲେଖାଅଛି
ସମ୍ପତ୍ତିବାଡ଼ି ଓ ହାନିଲାଭର ସବୁତକ ହିସାବ,
ବାପା ଥିଲେ କର୍ତ୍ତବ୍ୟ ଓ ଆଦର୍ଶର ସେତୁବନ୍ଧ ।

ବାପା ! ବଟବୃକ୍ଷ ଓ ଅଶ୍ୱତ୍ଥ ବୃକ୍ଷର ମିଶ୍ରିତ କରୁଣାର
ଛାଇ ଠାରୁ ମଳୟ ପବନର ମୁଗ୍ଧ ଆଲିଙ୍ଗନ-
ସେ ତ ମହା ମିଳନର ସେତୁବନ୍ଧ
ସେ ତ ଆମ ଜୀବନର ସୁଖ ପାଇଁ ବୁକୁ ଫଟା ସ୍ୱର
ସେଇ ଆବେଗ ଓ ସବୁଜ ସ୍ୱପ୍ନର ଦୁର୍ବାର
ସୂର୍ଯ୍ୟର ଶିଖା ଭିତରୁ ଝରି ପଡୁଛି
ଜନ୍ମ ଜନ୍ମାନ୍ତରର କରୁଣାର ସାଗର ।

ବାପା ହିଁ ଲକ୍ଷ ଲକ୍ଷ ଈଶ୍ୱରଙ୍କର ଅମାପ ଶକ୍ତି
ବାପାଙ୍କୁ ଚିରକାଳ ଅଜସ୍ର କୋଟି ବିନମ୍ର ପ୍ରଣାମ ।

♥ କବି ସଂସାର, ଆରୁହାବୃତ୍ତି, ଭୋଗରାଇ, ବାଲେଶ୍ୱର-
୭୫୬୦୭୯,ଫୋନ: ୭୯୭୮୨୬୨୮୭୪

# ମାତା କୁନ୍ତିଙ୍କୁ କର୍ଣ୍ଣଙ୍କର ପ୍ରଶ୍ନ...

ମନସ୍ୱିନୀ ଦେବୀ

ମାତା ଗୋ ତୁମେ କାହିଁକି କୁହ
ଗଭୀର ନଦୀରେ କଳଙ୍କକୁ ତୁମ
କେଉଁ ଅପରାଧେ ଭସାଇ ଦିଅ
ମାତା ଗୋ ତୁମେ କାହିଁକି କୁହ ?

କୁଆଁରୀ ପ୍ରାଣର ଗୋପନ ପ୍ରେମ
କଳଙ୍କ ଥିଲା କି ତାହରି ନାମ
କଲ୍‌କୀ ବେଶରେ ନିଜକୁ ସଜାଇ
ତେଜ ଦୀପ୍ତିରେ ନିଜକୁ ଛୁଟାଇ
ଆସିଥିଲି ଯେବେ ତୁମରି କୋଳକୁ
ହେଇ ଯେ ତୁମର ପ୍ରଥମ ପୁଅ
ମାତା ଗୋ ତୁମେ କାହିଁକି କୁହ ?

ଭସାଇ ତ ଦେଲ ଗଭୀର ନଦୀରେ
ଉଛୁଳା ସ୍ନେହର ଆଞ୍ଜୁଳା ଧରି
ବୁକୁ ପରେ ମୋର ଚୁମ୍ବନ ଦେଇ
ଅଶ୍ରୁ ଲୋତକେ ମୋ ମୁଖ ଭିଜାଇ
ଜାକି ଧରି ମୋତେ ବକ୍ଷେ ତୁମର
କାନ୍ଦୁଥିଲ ତୁମେ ହତାଶ ହୋଇ
ଅତି ଆକୁଳରେ ଚାହିଁ ମୋ ମୁହଁ
ମାତା ଗୋ ତୁମେ କାହିଁକି କୁହ ?

କେଉଁ ଅପରାଧେ ଦଣ୍ଡିତ କଲ ମୋତେ
ନିଜ କୋଲୁ ନେଇ ନଦୀର ଛାତିରେ
ଶୁଆଇ ତ ଦେଇ କେଉଁ ବିବେକରେ ସତେ
ମାତା ହୋଇ ତୁମେ ମୃତ୍ୟୁକୁ ଦିଅ
ସନ୍ତାନେ ଉପହାର
ନିଜ କାଳିମାକୁ ଲିଭାଇବା ପାଇଁ
ଏହା ତୁମ ଉପଚାର
ମୃତ୍ୟୁର ସେହି କରାଳ ଛାୟାରେ
ହଜିଲାନି ଏହି ଦେହ
ମାତା ଗୋ ତୁମେ କାହିଁକି କୁହ ?

ରାଜପଥେ ତୁମ କୀର୍ତ୍ତିର ବାନା
ଉଡୁଅଛି ଦେଖ ଦେଖ
ମହିୟସୀ ନାରୀ ହୋଇଅଛ ଆଜି
ସାରା ଦୁନିଆଁଟା ଯାକ
କୁମାରୀ ହୃଦୟ ସ୍ୱର୍ଣ୍ଣ ସପନ
ଜଳୁଥିଲା ଯେବେ କାମନା ଜଳେ
କୁଆଁ କୁଆଁ ହୋଇ ଜନମିଲି ସେବେ
ଶୋଇ ଯାଇଥିଲି ତୁମରି କୋଳେ

କରିଥିଲ ତୁମେ ଛାତିକୁ ପଥର
ଚକ୍ଷୁ ଭିଜାଇ ବହି ଯାଇଥିଲା ଲୋତକ ସୁଅ
ମାତା ଗୋ ତୁମେ କାହିଁକି କୁହ ?

ତୁମ ବକ୍ଷରୁ ଅମୃତ ଧାରା
ଜାକିଧରି ମୋତେ ନଦେଲ କିଆଁ
କେଉଁ ଅପରାଧେ ଜନ୍ମ ଶେଯରେ
ଶୁଭିଲାନି ଜମା
ବାଳୁତ ଶିଶୁର ଦରୋଟି ରାହା
ମୃତ୍ୟୁକୁ ତୁମେ ଉପହାର ଦେଇ
ଭସାଇ ଦେଲ ତ ନଦୀରେ ଆହା
ସେତେବେଳେ ମୁଁ ଯେ
କଅଁଳ ହାତରେ ଭିଡ଼ି ଧରିଥିଲି
ପଣତ ତୁମ
ପୁଣି ମୁକୁଳା ବକ୍ଷେ
ଜାକି ଦେଇଥିଲି ମୋହିର ମୁହଁ
ମାତା ଗୋ ତୁମେ କାହିଁକି କୁହ ?


ଡ଼ଃ ମନସ୍ୱିନୀ ଦେବୀ

ରାତ୍ରି ପାହିଲେ ତୁମରି କୋଳରେ
ସୂର୍ଯ୍ୟସୂତ ମୁଁ ହୋଇ
ଶିର ଶିରିପାରେ ଆଭୂଷିତ ହୋଇ
କୀର୍ତ୍ତି ଗାରିମା ନେଇ
ଦୁନିଆଁ ଛାତିରେ ସୂତପୁତ୍ର ମୁଁ
ହୋଇ ନଥାନ୍ତି ଆଜି
ପ୍ରାଣର ପରାଶେ ଭିଜି
ଭ୍ରାତୃ ରକତେ ବୁହାଇ ନଥାନ୍ତି
ନାଲି ରକ୍ତର ସୁଅ
ମାତା ଗୋ ତୁମେ କାହିଁକି କୁହ ?

କଳଙ୍କ ନୁହେଁ ଗୋ କୀର୍ତ୍ତି ତ ସିଏ
ବୁଝି ପାରିଲ ତ ନାହିଁ
କାମନା ତ ନୁହେଁ, ଜଳି ଉଠିଥିଲା
ନୀଳ ଆଲୋକର ଶିଖା
ସବୁଜ ସକାଳ ପାଇଁ

ସ୍ୱର୍ଣ୍ଣ ସପନ ପ୍ରେମ ସମ୍ପଦ
ଦୁନିଆଁ ବକ୍ଷ ପରେ
ଗୋଟିଏ ହାତରେ ଶାନ୍ତି କପୋତ
ସଂଗ୍ରାମ ଲାଗି ଶାଣିତ ଖଡ୍‌ଗ
ଅନ୍ୟ ହାତେ ମୁଁ ଧରେ ।

ଭୁଲ୍ କରିଛ କି ଠିକ୍ କରିଅଛ
କହି ତ ପାରିବି ନାହିଁ
ମାତାର କୋଳରୁ ବିଚ୍ୟୁତ କରି
ସନ୍ତାନେ କଂସ ପାଇଁ
ହାତର ପରଶ ମସ୍ତକେ ମୋର
ନରହି ପଡ଼ିଲା ଖସି
ସେଇଥିପାଇଁ ତ ଯୋଦ୍ଧା ହୋଇ ବି
ଭୂଇଁରେ ଲୋଟିଲା ଆସି

ବିନା ଆଶିଷରେ କେମିତି ବଞ୍ଚନ୍ତି
କୁହ ଆଗୋ ମାତା ?
ଭାଇର ତୀରରେ ଭାଇର ବକ୍ଷୁ
ବହିଲା ରକ୍ତ ସୁଅ
ମାତା ଗୋ ତୁମେ କାହିଁକି କୁହ
ଗଭୀର ନଦୀରେ କଳଙ୍କକୁ ତୁମ
ଅନ୍ଧରାତିରେ କେଉଁ ଅପରାଧେ
ଭସାଇ ଦିଅ ।
ଜନନୀ ଗୋ ତୁମେ କୁହ ?

♥ ସୁନହଟ, ବାଲେଶ୍ୱର-୭୫୬୦୦୨,
ଫୋନ: ୯୪୩୯୦୯୫୫୫୬



ଚିତ୍ର : Dhanunjay Prasad

# ମୁଁ ନଥିବା ଦିନ...

## ଶ୍ରଦ୍ଧାଞ୍ଜଳି କାନୁନଗୋ

ଏମାନେ ଏମିତି ଥିବେ,
ମୋତେ ଫେରିବାକୁ ହେବ...
ସବୁଜ ବୃକ୍ଷମାନେ ଠିଆ ହୋଇଥିବେ ଧାଡ଼ି ଧାଡ଼ି...
ସ୍ୱପ୍ନରୁ ଗଜୁରି ଉଠୁଥିବା ଜୀବନ ପରିକା
ତାଳପତ୍ର ମେଲି ଯାଇଥିବ... ।

ଦୁଃଖ ଭିତରୁ ବି ଝଲସି ଉଠେ ଯେମିତି
ଫିକା ହସ- ପତ୍ର ଗହଳିରୁ ସେମିତି
ଦିଶୁଥିବ କୁନି କୁନି ଚଢ଼େଇଙ୍କ ଅଣ୍ଡା !
ହଜିଲା ଦିନମାନଙ୍କ ସହିତ ସାଲିସ୍ କରି
ଚାଲିଥିବା ଏ ପୃଥିବୀ ଲାଗୁଥିବ ତଥାପି ସୁନ୍ଦର !

ଦିନ ଗଡ଼ିଗଲାଣି...
ଗଲା ଅଇଲା ଲୋକେ କେହି ଏଯାଏଁ ପଚାରି ନାହାନ୍ତି,
କେମିତି ଲାଗିଲା ଏ ସଂସାର ?
କହିଥାନ୍ତି- ମନ୍ଦ ନୁହେଁ ।
ଏଠି ଚିତ୍ ହୋଇ ଶୋଇ ପଡ଼ିଲେ ବାଲିରେ
ତାରାମାନେ ଖସି ପଡ଼ନ୍ତି ଆକାଶରୁ
ପବନକୁ ହାତ ଠାରି ଦେଲେ
ତାଳୁରୁ ତଳିପା ଯାଏଁ ଦୋହଲେଇ ଦିଏ
ତାର ଅଥୟପଣରେ !

ହୁଏତ ଶହ ଶହ ବର୍ଷ ତଳୁ, ମାଟି ତଳେ ତଳେ
ବୋହି ଚାଲିଥିବା ଗୋଟେ ନଈ...
ଯାହାକୁ ମୁଁ ଆଜି ବି ଜହ୍ନରାତିରେ ଖୋଜୁଥିଲା ବେଳେ
'ଚିତ୍ତ'ରୁ ଚୈତନ୍ୟ ଯାଏଁ ଗୋଟିସୁଦ୍ଧା
ଜୁଡୁବୁଡୁ ହୋଇଯାଏ ପାଣିରେ !

ସମୁଦ୍ରର ଢେଉ ଠାରୁ ଢେର୍ ବଡ଼ବଡ଼
'ସ୍ମୃତି' ଆଉ 'ସ୍ୱପ୍ନ'ର ଲହଡ଼ିମାନ
ପିଟି ହୋଇଯାନ୍ତି ଅକସ୍ମାତ୍ ଆସି ଦେହରେ, ମନରେ !

ମୁଁ ନଥିବା ଦିନ
ତୃଷିତ ମାଟିର ଶ୍ୟାମଳିମାରେ
ଓଦା ହେଉଥିବ ପୃଥିବୀ ସବୁଦିନ ପରି...
ଆକାଶ ମୌନ ଥିବ-
ଜୀବନର ଗତିଶୀଳତାକୁ ମୋ ପରି
ବୁଝି ପାରୁ ନଥିବେ ବି ଆଉ କେହି,
ରାତ୍ରିର ନିଃଶବ୍ଦତାରେ ହୁଏତ
କୋରି ହୋଇ ଯାଉଥିବ କିଛି ମଣିଷଙ୍କ ଛାତି... !

ମୋର ଖୁବ୍ ପ୍ରିୟ
ଏଇ ବହିମାନଙ୍କରେ ଧୂଳି ଜମିଯିବ...
ମୁଁ ନଥିବା ଦିନ
ଯାହାଙ୍କ ସହିତ ବିତିଛି ମୋର କେତେକେତେ
ରାତିଅଧ...ଖରାବେଳ...

ମୋର ଲୁହର ଭାଷାକୁ ଯିଏ ବୁଝିପାରୁଥିଲେ
ନିଭୃତରେ...
ମୁଁ ନଥିବା ଦିନ, ସେମାନେ ମୋର
ଅନୁପସ୍ଥିତିକୁ ପଢିନେବେ ନିରବରେ !
ଗଲାବେଳେ ସବୁତକ ଏଇଠି ରଖି ଦେଇଯିବି
ଯାହା ଯାହା ମାଗିଥିଲି,
ଜହ୍ନ, ତାରା, ନଦୀ, ସମୁଦ୍ରଠୁ...
ଆଉ ଯାହା ମାଗି ନଥିଲି, ତାକୁ ବି... !

ନଥିବି ଦେଖିବାକୁ-
ଗ୍ରୀଷ୍ମ, ବର୍ଷା, ଶୀତ କି ହେମନ୍ତ,
ମୋର ବାଟ ଓଗାଳି ଠିଆ ହେଲେ କି ନାହିଁ...
ଅଥବା
ତମେ ମୋତେ ଦେଖିବାକୁ ଶେଷଥର ପାଇଁ
ମୋର ଶବାଧାର ପାଖକୁ
ଆସିଲ କି ନାହିଁ !

କୃପାସିନ୍ଧୁ ମଣ୍ଡପ, ନିଆଳି, କଟକ-୭୫୪୦୦୪
ଫୋନ: ୯୪୩୭୩୦୦୪୩୬



ଫଟୋ ଶ୍ରଦ୍ଧାଞ୍ଜଳି କାନୁନଗୋ

# ଜୀବନ

## ସରସ୍ୱତୀ ମିଶ୍ର

ଜୀବନକୁ ଆଦରିବାକୁ
ଶିଖ 'ବନ୍ଧୁ'
ହସିବାକୁ ଶିଖ ।

ଜନ୍ମ ଆଉ ମୃତ୍ୟୁର
ଦୋଛକିରେ ଛିଡ଼ା
ଏହି ଜୀବନର ରଙ୍ଗମଞ୍ଚ ପରେ
ଠିକ୍ ଯେମିତି,
ଟହ ଟହ ହସୁଥାଏ
ରକ୍ତ ଗୋଲାପଟିଏ
ଡହ ଡହ କଣ୍ଟାର ଶେଯରେ ।

ବହିବାକୁ ଶିଖ
ଏକ ଖରସ୍ରୋତା ତଟିନୀ ପରି
ବହି ଯାଉଥାଏ ଯିଏ
ସବୁ ବାଧାବିଘ୍ନକୁ ଦଳି ମକଚି
ତାର ଗୋଡ଼ରେ
ମିଶିଯିବା ପାଇଁ ମହୋଦଧି ପରେ ।

ଠିଆ ହେବାକୁ ଶିଖ
ଦୃଢ଼ ହୋଇ
ଏକ 'ଓସ୍ତବୃକ୍ଷ'ର ସମ
ଛିଡ଼ା ହୋଇଥାଏ ଯିଏ
ସବୁଖରା, ସବୁବର୍ଷା, ଶୀତକୁ
ଖାତିର୍ ନକରି
ଯୁଗ ଯୁଗ ଧରି ।

ଦେଖ କହୁଛି କଣପତ୍ର,
ଝଡ଼ିଗଲେ ବି
ଅବଶୋଷ ନାହିଁ ମୋର
ପୁଣି କଅଁଳିବ
ଶ୍ୟାମଳିମାର କୋମଳ ଆଭାରେ



▲ ଚିତ୍ର : ଶିଳ୍ପୀ ମାନମୟୀ ରଥ

ଦେଖ କହୁଛି କଣ ପକ୍ଷୀ,
'କ୍ଷୁଦ୍ରତାରେ ନୁହେଁ
ଆବୋରେ ମୁହିଁ
ଚିରନ୍ତନ ଅସୀମତାରେ
ଚିରନ୍ତନ ଅନନ୍ତତାରେ ।'

ଦୂବଘାସ ପରି
ଉଠିଯିବାକୁ ଶିଖ 'ବନ୍ଧୁ'
ବୁନ୍ଦାଏ ନୀରରେ
ସୂର୍ଯ୍ୟ ସମ ଉଇଁବାକୁ ଶିଖ
ପ୍ରକାଶ ଦେବାକୁ ଶିଖ
ଏହି ଧରଣୀର,
ଘୋର ଅନ୍ଧକାରେ ।

ବିଫଳତାର ପାହାଚରୁ
ଚଢ଼ିବାକୁ ଶିଖ
ସଫଳତାର ପାହାଚକୁ
ବଞ୍ଚିବାକୁ ହେଲେ
ନୀଳକଣ୍ଠ ପରି
ଜହର ପିଇବାକୁ ଶିଖ 'ବନ୍ଧୁ'
କିନ୍ତୁ,
ଜୀବନର ଗୀତ ଗାଅ
'ମୃତ୍ୟୁ'ର ନୁହେଁ
କାରଣ ଏ ଜୀବନ ତୁମର ନୁହେଁ
ଏ ବଞ୍ଚିବା ହିଁ ତୁମର
ଏ ଜିଇଁବା ହିଁ
ତୁମର ।

♥ ମାର୍ଫତ: କୃଷ୍ଣଚନ୍ଦ୍ର ମିଶ୍ର, ରାଧାକୃଷ୍ଣ ନିବାସ,
ଆନନ୍ଦନଗର, ବଲାଙ୍ଗୀର-୭୬୭୦୦୨



▲ ଫଟୋ ସରସ୍ୱତୀ ମିଶ୍ର

# ବାପା ହେବା ପରେ

## ବିଶ୍ୱଜିତ ନାୟକ

ବାପା ହେବା ପରେ
ମୁଁ ଆପେ ଆପେ ବୁଝି ଯାଇଛି
ନିଜର ସବୁ ଆଶାକୁ ମାରି
କିପରି ପିଲାର ପ୍ରତିଟି ସ୍ୱପ୍ନ
ପୂରଣ କରିବାକୁ ହୁଏ,
ନିଜେ ପୁରୁଣା ଲୁଗା ପିନ୍ଧି
କିପରି ପିଲାକୁ ନୂଆ ନୂଆ ଲୁଗା
ପିନ୍ଧେଇବାକୁ ହୁଏ !

ବାପା ହେଲା ପରେ
ମୁଁ ଆପେ ଆପେ ଜାଣିଗଲି
କିପରି ନିଜର ଦିନରାତି ସମାନ କରି
ପିଲାକୁ ଆଗକୁ ବଢ଼ାଇବାକୁ ହୁଏ ,
ଅସୁବିଧା ସମୟରେ
ନିଜ ପିଲାଟିକୁ ସାଙ୍ଗ ପରି
ବୁଝାଇବାକୁ ହୁଏ !

ବାପା ହେବା ପରେ
ମୁଁ ଜାଣି ଯାଇଛି
କିପରି ନିଜ ଦେହର
ଛୋଟ ଛୋଟ ରୋଗକୁ
ନିଜ ଦେହରେ ଚାପି
ପଇସା ବଞ୍ଚାଇବାକୁ ହୁଏ ,
ପିଲାର ଦେହ ପ୍ରତି ପ୍ରତିଟି ମୁହୂର୍ତ୍ତରେ
କିପରି ଯତ୍ନବାନ ହେବାକୁ ହୁଏ !

ବାପା ହେଲା ପରେ
ମୁଁ ଆପେ ଆପେ ବୁଝିଗଲି
ପିଲାଟିର ଭବିଷ୍ୟତ ପ୍ରତି
କିପରି ଧ୍ୟାନ ଦେବାକୁ ହୁଏ ,
ନିଜ ମନର ଦୁଃଖ ନିଜ ଛାତିରେ ଚାପି
କିପରି ଓଠ ଉପରେ
ହସ ଫୁଟାଇବାକୁ ହୁଏ !

♥ ତୁଣ୍ଡପଡ଼ା, କେଦାରପୁର, ସୋରୋ,ବାଲେଶ୍ୱର
ଫୋନ : ୭୯୭୮୨୫୬୩୮୬



▲ ଫଟୋ ବିଶ୍ୱଜିତ ନାୟକ




▲ ଚିତ୍ର : ଶିଳ୍ପୀ ଦିଶିତା ପାତ୍ର

# ଗୋଟେ ଖୁସି ଲୋଡା

**ଅନସୂୟା ପଣ୍ଡା**

ଖୁସିକି ହାତେଇବାର ଚେଷ୍ଟାରେ
ଯେତେ ଯେତେ ଜୀବନ ଆଗୋଉ ଥାଏ
ସଂସାର ସ୍ରୋତରେ
ସେତେ ସେତେ ଦୂରକୁ ଦୂରକୁ
ଯାଉଥିଲା ଖୁସି ପଦ୍ମ ଘୁଞ୍ଚିବା ପରି
ଗତିଶୀଳ ଜୀବନର ତୃଷ୍ଣା ତଟ ପରେ ।

ପ୍ରତି ସୋପାନରେ ମୁଁ ଖୁସିକି
ହାତେଇ ନେଲି ବୋଲି ଭାବୁଥିଲି
ହେଲେ ଖୁସି ହଜି ଯାଉଥିଲା
କଡ ଲେଉଟାଉ ଲେଉଟାଉ
ଜୀବନର ବନ୍ଧୁର ପଥରେ ।

ନୂଆ ଶୋଷ ଦେଇ ଖୁସି ମରି ଯାଉଥିଲା
ଆଞ୍ଜୁଳାରୁ କହୁଣୀ ଛୁଇଁ ଛଳନା ହେଇ
ମନ ପୁଣି ଝାଉଁଳୁ ଥିଲା
ଆଖିଏ ଉଦାସ ନେଇ
ଖୁସି ବିନା ପ୍ରତିପାଦ ଘୁଷୁରୁଥିଲା ଶକ୍ତିହୀନ ହେଇ ।

ଖୁସି ତ ଖୁବ୍ ଲୋଡା
ଜିଇଁ ଜିଏଇଁବାର ଅଭିଳାଷାରେ
ଖୁସି ଖୁବ୍ ଲୋଡା ଜୀବନର
ଉଠାଣି ଗଡାଣିରେ
ସୂକ୍ଷ୍ମ ଜୀବନ ତନ୍ତ୍ରୀର
ରତିଏ ଚିନ୍ତା ଚେତନାରେ ।

ହୁ ହୁ ଜଳୁଥିବା ଜୀବନ
ଜଞ୍ଜାଳର ରଡନିଆଁରେ
ଖୁସି ନିରୁପାଖ୍ୟ ଆନନ୍ଦ ହେଇ
ସମାଚ୍ଛନ୍ନ ହୁଅନ୍ତା କି
କ୍ଳାନ୍ତ ମନର ଚଟାଣରେ ।

ଆଭାମୟ କରନ୍ତା କି
ଲମ୍ବିଥିବା ଅସମାପ୍ତ ରାସ୍ତା
ଅଜସ୍ର ଅନିର୍ବଚନୀୟ ଦୁଃଖକୁ
ଦାହ କରି କେଉଁ ଏକ ଶ୍ମଶାନରେ ।

ପ୍ରାଚୁର୍ଯ୍ୟର ଖୁସି ତଳେ ମୋହାବିଷ୍ଟ ମରୁଭୂମି
କ୍ଷତାକ୍ତ କାକ୍‌ଟସ୍‌ର ଛାଉଣି
ବିଳାସର ଖୁସି ଘୁଷୁରୁଥାଏ କିଛି ମୁହୂର୍ତ୍ତ ପାଇଁ
ଅଧିଶ୍ରାନ୍ତ ଅନୃତ ଜୀବନ ଦେହଳିରେ
ମରୀଚିକା ହୋଇ ।

ଗୋଟେ ଖୁସି ଲୋଡା ଯାହା
ଅନୁଭବରେ ଅହରହ ଭିଜୋଉଥିବ
ଜୀବନର ପ୍ରତି ପ୍ରାନ୍ତ
ଠିକ୍ ତୋତେ ଦେଖିବାର ।

ଖୁସିରେ ଯେମିତି ଭୁଲିଯାଏ ମାଗିବାର କଥା
କେବଳ ତୁ ହିଁ ତୁ ଦିଶୁ
ଆଉ ସବୁ ଲାଗେ ବୃଥା
ସେମିତି ଚିନ୍ମୟ ଖୁସିରୁ ପାପୁଲିଏ ଲୋଡା ।

♥ କ୍ୱାର୍ଟର ନଂ ୫ଆର୍/୧, ଭିଏସ୍‌ଏସ୍‌ୟୁଟି କଲୋନୀ, ପୋଷ୍ଟ- ଇଞ୍ଜିନିୟରିଂ
କଲେଜ, ବୁର୍ଲା, ସମ୍ବଲପୁର-୭୬୮୦୧୮
ଫୋନ: ୯୪୩୯୨୧୧୯୭୧



▲ ଅନସୂୟା ପଣ୍ଡା

# ବରଜୁର ଆତ୍ମନେପଦୀ

## ବାବୁଲୁ ପଧାନ

ମଗ୍ନ ମାଟିର ମଲାଟ ଉପରେ
ଆମ ଗାଁ ପଧାନ ପଡ଼ାର ଚାଖଣ୍ଡେ ଜମିରେ,
ହସ ଓ ଲୁହର ନିହ ପକେଇ,
ସ୍ୱପ୍ନ ବିଭୋର ମାଟିର କାନ୍ଥରେ
ସାଲିସହୀନ, ପାଲିସ୍ ରକ୍ତର ପୁଟଦେଇ
ବରଜୁ ଗଢ଼ିଛି ତାରକସି ଘର ।

ଶିଖିନି ଅକ୍ଷର, ଧରିନି ତ ପେନ୍‌ସିଲ୍
ତଥାପି ସେ ଅକ୍ଳେଶରେ ଆଙ୍କିପାରେ
ଉକୁଡ଼ା ମାଟିର ସିଲଟ ଉପରେ
ତାରାଫୁଲ, ହୀରା ଫୁଲ, ସୁନାର ଫୁଲ,
ମାଟିର ମହକକୁ ମନଭରି ମାଖିପାରେ
ଫୁଲେଇ ଜହ୍ନକୁ ଦେଖି, ଓଠ ଚିରି ହସିପାରେ
ଆକାଶ ଛାତିରେ ନିଧଡ଼କ୍ ନାଚିପାରେ
ଖାଇଦେଇ ମହୁଲ ଫୁଲ ।

କେବେ ଖାଏ ବିଧାତାର ଶକ୍ତ ଚାପୁଡ଼ାକୁ
ଅକାଳେ ଲିଭିଯାଏ ଦରଫଟା ଭୋକିଲା ଚୁଲି
ଢକ୍ ଢକ୍ କରି ପିଇବାକୁ ପଡ଼େ, ଅଟ୍ଟହାସ୍ୟକୁ
ଧୂଳିମିଶା, ପାଣିଚିଆ ତୋରାଣିରେ ଗୋଳି ।

ରାଜଧାନୀର ମୋଟର ଗାଡ଼ି ପରି
ଧାଡ଼ି ବାନ୍ଧି ଆସନ୍ତି ଜଣେ ପରେ ଜଣେ
କେତେ ବନ୍ୟା, ବାତ୍ୟା ଅକାଳ କୁଷ୍ମାଣ୍ଡ- ମରୁଡ଼ି



▲ ଚିତ୍ର : ଶିଳ୍ପୀ ସୌମ୍ୟରଂଜନ ପଟ୍ଟନାୟକ

ମେଲାଇ ଦିଅନ୍ତି ଅଭାବର ପସରାକୁ;
ଚୂର୍ଣ୍ଣ ହୁଏ କିଛି ଆୟୁ ମେରୁଦଣ୍ଡ ଛାଡ଼େ ରଡ଼ି ।

ଡଙ୍ଗର ଛାତିରେ ବସେ, କାନ୍ଦୁରା ମୁହଁରେ ହସେ
ଗାଏ, ଠାଏ ଦୁର୍ଭାଗ୍ୟର ଗୀତକୁ,
ମନ ଭୁଲାଣିଆ କାହାଣୀ ଶୁଣାଏ ପାତିମାଙ୍କଡ଼କୁ
ନିଜେ ନିଜକୁ ବୁଝାଇ ସାରି,
ବୁଝାଏ ମାଟି, ପାଣି, ପବନ ଓ ବାଦଲକୁ
କହେ- "ଏ ସନ ନ ଆସିଲ କ'ଣ ହେଲା ମ !
କଥା ଦିଅ- ଆସିବ ସମସ୍ତେ ଆର ସନକୁ ।"

ଛାତିରେ ପଡ଼ିଲେ ବି ଦଧିଚିଙ୍କ ହାଡ଼ର ବଜ୍ର
ସବୁକୁ ସହିବାର ତାକତ୍ ରଖିଛି ବରଜୁ
ମାଟିକୁ ହାଣି, ସ୍ୱପ୍ନକୁ ବୁଣି ଗଢ଼ିପାରେ କୋଣାର୍କ
କରେନି ଆତ୍ମଶ୍ଳାଘା କନ୍ତୁ ଜାଣିଛି ବିଦ୍ରୋହ
ଫୁଙ୍ଗୁଳା ଦେହରେ ରହି, ପେଟର ଭୋକକୁ ଫିଙ୍ଗି
କିଛି ଆତ୍ମୀୟଙ୍କ ପାଇଁ ବଞ୍ଚିଛି ସେ ମହାନାୟକ ।

କାହା ପାଖେ ନିଲାମ୍ ହବାର, ରଖେନି ସଉକ
ଆପଣା ହାତରେ ଝିଣ୍ଟେଇ ପାଣିପାରେ
ଈଶ୍ୱରଙ୍କ ମାୟା ବଗିଚାରୁ ନିଜ ଭାଗ୍ୟକୁ
ଫଟେଇବାର ଦମ୍ ରଖେ ବାରପାହାଡ଼କୁ
ଗିଳିବାରେ ସାହସ ରଖେ ଅକାତ ସମୁଦ୍ରକୁ ।

ମାଟିର ମଣିଷ ସିଏ, ମାଟି ପାଇଁ ମାଟି ହୁଏ
ଜାଣେନି ତା'ର ଆୟୁଷର ମିଆଦ କେତେ ?
କିନ୍ତୁ ଭୁଲେନି ତା'ର ବଂଶ, ବୁନିଆଦି
ବର୍ଷାରେ, ନିଆଁରେ, ଛାତିଥରା ଶୀତରେ
ଝାଟି, ମାଟିର କୁଡ଼ିଆ ଘରେ, ଜହ୍ନ ଆଲୁଅରେ
ଲେଖି ଚାଲେ ଆପଣା ଆତ୍ମନେପଦୀ ।



▲ କବି ବାବୁଲୁ ପ୍ରଧାନ

♥ ଗବେଷକ, ଭାଷା ଓ ସାହିତ୍ୟ ବିଭାଗ
ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର
ଫୋନ: ୬୩୭୧୩୨୭୭୫୯

# ବାୟା

## ସୁଶାନ୍ତ ଜେନା



ଚିତ୍ର : ଶ୍ରୀ ସମରେନ୍ଦ୍ର ବେହେରା

ତୁମକୁ ଆକାଶ ଭାବି
ତମ ତମାମ୍ ନିଃଶ୍ୱାସକୁ
ସମର୍ପି ଦେବାର ପ୍ରତିଶ୍ରୁତି ଦେଇ
ତୁମ ପ୍ରସାରିତ ଆଲିଙ୍ଗନ ଭିତରେ, ନିଷ୍ପାପ ଶିଶୁଟେ ପରି
ନିଜକୁ ଜାକିଜକୁି, ଏକ ନିରାପଦ ସୁଖକୁ ଭୋଗଲି ।

ଏକ ନିଛାଟିଆ ଖରାରେ
ମୋର ଶେଷ କଳଦାନ୍ତ ଉଠି
ବିନ୍ଧା ଦରଜରେ ଛଟପଟ ହେଉଥିଲା ବେଳେ
ମତେ ତମ ଛାତିରେ ଆଉଜେଇ
ମୋ ଜ୍ଞାନଦାନ୍ତ ଉଠୁଛି ବୋଲି
ଅମୁକ ଅମୁକ କେତେକଥା କହି, ମୋ ମୁଣ୍ଡ
ଥାପୁଡ଼ାଉ ଥିଲା ବେଳେ ମୁଁ ନିଦେଇଗଲି ।

ମୁଁ ନିଦରୁ ଉଠିଲି
ତୁମକୁ ନପାଇ ବହୁତ କାନ୍ଦିଲି
ଟୋପା ଟୋପା ଲୁହରେ ବତୁରି
ଚାରିଆଡ଼େ ମିଳେଇ ଗଲି,
ହେଲେ ତୁମକୁ କୋଉଠି ନ ପାଇଲି ।
ପୁଣି ନିଜକୁ ନିଜେ ଟୋଳି ଆଣି
ଠିଆ ହେଲି, ଆହୁରି ଉଚାକୁ ଉଠିଲି,
ଦେଖିଲି କାହିଁ କେତେ ଦୂରେ
ଏକ ବିରାଟ ସବୁଜ ପଡ଼ିଆ ଉପରେ
ନିସ୍ତେଜ ହୋଇ ପଡ଼ିଛି ମୋ ପ୍ରେମିକା ଆକାଶୀ ।

ତୁମର ଆଲିଙ୍ଗନ ପାଇଁ
ତୁମ ପାଖକୁ ଧାଇଁଗଲି
କେଇ କୋଶ ଧାଇଁଗଲା ପରେ
ଏକ ବିରାଟ ଅନ୍ଧାର ଭିତରେ ଲୁଚିଗଲ ତୁମେ
ଆଉ ମୁଁ ଥକିଗଲି ।
ଏମିତି କେତେ କାଳ ବିତିଗଲା
ମୁଁ ଧାଇଁବା ତମେ ଲୁଚିବା
ମୋ ଥକା ମେଣ୍ଟିବା, ତମେ ଦୂରେ ଦିଶିବାରେ ।

ମୋ ଦୃଷ୍ଟିଶକ୍ତି କମିକମି ଆସିଲା
ଏହା ବୋଧେ ଭାଗବାନଙ୍କ ଆଶୀର୍ବାଦ ଥିଲା ।
ଦୃଷ୍ଟିଶକ୍ତି ଯେତେ ଯେତେ କମିଲା
ତମେ ସେତେ ପାଖେଇ ପାଖେଇ ଆସିଲ
ମୋ ଲୁହ ଝରା ଆଖିରେ ହସ ଫୁଟାଇଲ ।

ହଠାତ୍ ଦିନେ ଦେଖିଲି
ତୁମେ ମୋ ସାମ୍ନାରେ ଛିଡ଼ାହେଇ ହସୁଛ
ହେଲେ ମତେ କୋଳେଇ ନେଉନ...
ମୁଁ ବି ଅଭିମାନ କରି ମନେମନେ ସ୍ଥିରନେଲି
ହେଲେ ମତେ କୋଳେଇ ନେଉ ନ..
ମୁଁ ବି ଅଭିମାନ କରି ମନେମନେ ସ୍ଥିରିନେଲି
ଯେପର୍ଯ୍ୟନ୍ତ ତୁମେ ମୋତେ କୋଳେଇ ନେଇନ.
ସେ ପର୍ଯ୍ୟନ୍ତ ମୁଁ ତୁମକୁ ସ୍ପର୍ଶ କରିବିନି ।


ଅଭିମାନରେ ବି କିଛି ଦିନ ମୋ ସହ ଲୁଚକାଳି ଖେଳିଲ
ମୁଁ ରାଗିଯାଇ କହୁକହୁ କହିଦେଲି, ଯଦି ମତେ
କୋଳେଇ ନନେବ, ତେବେ ମୁଁ ମରିବି ଏଇଠି ।
ମରିବାର ବାହାନା କରି, ହଳେ ପ୍ରେମପକ୍ଷୀ ବସିଥିବା
ଗଛମୂଳେ ଆଖି ବୁଜି ତଳେ ପଡ଼ିଗଲି, ଆଉ
ତାଙ୍କ କଥା ଗୋଟିଗୋଟି କରି ଶୁଣିଲି,
ପ୍ରେମୀ ପକ୍ଷୀ ତା ପ୍ରେମିକୁ କହୁଥିଲା-
ଆକାଶକୁ ବି ପ୍ରେମ କରିବା ବୃଥା, କାରଣ
ଆକାଶ ବୋଲି କୌଣସି ଏକ ନିର୍ଦ୍ଦିଷ୍ଟ ବସ୍ତୁ ନାହିଁ ।



ଫଟୋ ସୁଶାନ୍ତ ଜେନା

ଅଧ୍ୟାପକ: ଓଡ଼ିଆ ବିଭାଗ,
ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ,
ନିମାପଡ଼ା, ପୁରୀ-୭୫୨୧୦୬, ଫୋନ:୯୫୮୩୧୦୪୬୪୬

# ମାୟାପୁରୁଷ



# ମାୟାପୁରୁଷ


## ରଜନୀକାନ୍ତ ମହାନ୍ତି

ବିଜୁ ପଟ୍ଟନାୟକ ନଗର
ମହତାବ ଛକ ନିକଟ, ପ୍ରାଚୀ ନଗର,
ଭଦ୍ରକ-୭୫୬୧୮୧
ଫୋନ: ୯୮୬୧୩୨୧୨୩୭


ଚିତ୍ର : ସୁସ୍ମିତା ମିଶ୍ର

ସେ ଯାଏ, ଚାଲି ଚାଲି ଯାଏ । ସକାଳୁ ବାହାରି ଆସେ । ସହରର ଗୋଟେ ମୁଣ୍ଡକୁ ଯାଏ । ସେଠି ଦୀର୍ଘଶ୍ୱାସ ନିଏ । ଛୋଟ ବିଶ୍ରାମ ନିଏ । ପୁଣି ଚାଲିବା ଆରମ୍ଭ କରେ । ବାଁ ପାଖ ମାଡ଼ି ଚାଲେ । ରାସ୍ତାରେ କିଏ ଗଲା, କିଏ ଆଇଲା, ସେ ସବୁକୁ ନଜର ଦିଏନି । ନିଜକୁ ନିଜେ କହି ହୁଏ, ମୁଁ ଚାଲୁଚି, ମୁଁ । ବେଳେ ବେଳେ ରାସ୍ତାମଝିକୁ ଆସେ । ହର୍ଣ୍ଣଟେ ଶୁଣିଲେ ତରତରରେ ବାଁକୁ ପଳେଇ ଆସେ ।

କିଛି ଲୋକ କହନ୍ତି : ପାଗଳାଟା !

କିଛି ଲୋକ କହନ୍ତି : କବି ଲୋକ । ରାସ୍ତାରୁ କବିତା ସାଉଁଟୁଛି ।

ରାସ୍ତାକଡ଼ରେ ଥିବା ଘାସକୁ ସାଉଁଳେ । ନଇଁପଡ଼ି ସେମାନଙ୍କୁ ନିଜ ମୁହଁରେ ଘସିହୁଏ । ବୁଲୁଥାଏ, ଦି'ଟା, ତିନି'ଟା, ଚାରିଟା' ଯାଏଁ! ଯାଏ ଆସେ ନାହିଁ କିଛି !

ଢ଼ହ ଢ଼ହ ଖରାରେ ସେ ଚାଲେ ।

ଗୁଦୁ ଗୁଦୁ ବର୍ଷାରେ ସେ ନାଚେ ।

ଥୁରୁ ଥୁରୁ ଶୀତରେ ସେ ଧାଏଁ ।

ରାସ୍ତା ମଝିରେ ସେ କେବେ କେବେ ଚିଲାଏ: ଯାହାକୁ ତୁମେ କବିତା ବୋଲି କହୁଚ, ସେଇଟା ତୁମକୁ ଭୁଲେଇ ଦଉଚି । ଅସଲ କବିତା ଆଉ କିଛି ! ସେ 'କିଛି'ଟା ମୁଁ ଜାଣିନି । ନିଜକୁ ପଚାର, ନିଜକୁ !

ବେଳେ ବେଳେ ରାସ୍ତକଡ଼ରେ ସେ ଶୋଇପଡ଼େ । ଦେଖଣାହାରୀ ପଚରିଲେ କହେ : ଯେଉଁମାନେ କବିତାରେ ମାତାଲ ସେମାନେ ମାଟିରେ ଶୋଇବେନି ତ କ'ଣ ଫାଇଭ୍‌ଷ୍ଟାର୍ ହୋଟେଲ୍‌ର ବେଡ୍ ଉପରେ ପଡ଼ିବେ ! ଏବଂ ସମସ୍ତଙ୍କୁ ଧନ୍ୟବାଦ ଦିଏ ।

ସେ ନିୟମିତ ସାହିତ୍ୟ ସଭାକୁ ଯାଏ । ଚେୟାର୍‌ରେ ବସି ଗୋଡ଼ ହଲାଏ । କେବେ କେବେ ସେ ସେଠି ନିଦରେ ଶୋଇପଡ଼େ । ସଭା ଭାଙ୍ଗେ । ଆୟୋଜକ ତାକୁ ଉଠାନ୍ତି । "ଚମତ୍କାର ସଭାଟିଏ ! ମୋତେ ନିଦ ଦେଇଦେଲା !" ଏମିତି କହେ । ଏବଂ ହସିଦିଏ । ଲୋକଟିର ଘର ଅଛି । ପରିବାର ଅଛି । ସ୍ତ୍ରୀ, ପୁଅ, ବୋହୂ, ନାତିନାତୁଣୀ ସମସ୍ତେ ଅଛନ୍ତି । ସେ ପ୍ରାର୍ଥନା କରେ – ମୋତେ ନିଦ ଦିଅ ନାହିଁ । ମୁଁ ଏମିତି ବୁଲୁଥାଏ । କିନ୍ତୁ ତା ପ୍ରାର୍ଥନା କେହି ଶୁଣନ୍ତି ନାହିଁ । ସେ ରାତିରେ ଘରକୁ ଫେରେ । ସେତେବେଳେ ସେ ଆଉ ଏକ ଜୀବରେ ରୂପାନ୍ତରିତ ହେଇଯାଏ । ସମସ୍ତଙ୍କ ଆଖି ତା ଉପରେ ପଡ଼େ । ସେ ଏକ ଲୁଚି ପଡୁଥିବା ଜୀବର ଅବସ୍ଥା ଧାରଣ କରିନିଏ । ଯେମିତି ସେ ଲୋଚାକୋଚା ହେଇ ଯାଇଛି ।

ସ୍ତ୍ରୀ ଯାହା କହେ, ସେ କହେ ହଁ ହଁ ।

ପୁଅ ଯାହା କହେ,ସେ କହେ ହଁ ହଁ ।

ବୋହୂ ଯଦି କହେ, ସେ କହେ ହଁ, ଠିକ୍ କଥା ।

ନାତି ଯଦି କୁହେ, ସେ କହେ ହଁ, ପୁରା ଠିକ୍ ।

ପୋଷା ବିଲେଇ ତାକୁ ଅନେଇଲେ,ତାକୁ କହେ– ତୁ ସବୁବେଳେ ଠିକ୍‌ରେ ଅଛୁ, ହେଲା !

ସେ ଲୋକଟା ବାରକଥା ଭାବେ । ଭାବି ହେଇଯାଏ ମନକୁ ମନ । ପୃଥିବୀକୁ କେବେ ନିଦ ହବ ? ଘରେ ପହଂଚିଲା ପରେ ସମସ୍ତେ ଆଶ୍ୱସ୍ତ ହୁଅନ୍ତି । ଯା'ହେଉ ବଞ୍ଚିଛି ! ତାପରେ ସମସ୍ତେ ମୁହଁ ଫେରେଇ ନିଅନ୍ତି, ଯେମିତି ସେ ଥିବା ନଥିବା ସମାନ । ସେ ସବୁ ବୁଝେ । ନିଜକୁ କହି ହୁଏ – ଭଲ, ଖୁବ୍ ଭଲ !

କେତେବେଳେ ସେ କବିତା ଲେଖେ କେହି ଜାଣନ୍ତି ନାହିଁ । ତାକୁ ପଚାରିଲେ କୁହେ : ଅହରହ ବୁଲୁଥିବା ପବନ, ଦିନରେ ସବୁ ଆଡ଼କୁ କ୍ଷେପି ଯାଉଥିବା ସୂର୍ଯ୍ୟ, ରାତିରେ ପହଁରି ଆସୁଥିବା ଜହ୍ନ କିମ୍ବା ପୃଥିବୀରେ ରାଜତ୍ୱ କରୁଥିବା ଅନ୍ଧାର ମୋତେ ତା' ପୋଡ଼ା ନ ମାରିଲା ଯାଏ କବିତା ମୋଠି

### କାହାଣୀ ପଛର କାହାଣୀ

ଗଳ୍ପଟି କେଉଁ ଭୂଇଁରୁ ଉଦ୍‌ଗମ ସେକଥା କହିବା ଅର୍ଥ ମୂଳଧନକୁ ବାଂଟିବା । ଏ ଗପର ମୂଳଧନ ବି ଉଧାରରେ ଆସିଚି । ଭଦ୍ରକ, ବାଂଗାଲୋର, ବାଲେଶ୍ୱର, ବ୍ରହ୍ମପୁର, ସମ୍ବଲପୁର, ଭୁବନେଶ୍ୱରର ରାସ୍ତାଗୁଡ଼ିକୁ ପଚାରିଲେ ସେମାନେ ଠିକ୍ ଠିକ୍ କହିଦେବେ ଏ ଲୋକଟା ଅର୍ଥାତ୍ ମାୟାପୁରୁଷ କେଉଁଠି ଡ଼େଙ୍ଗା ହୁଏ, ଆଉ କେଉଁଠି ବାଙ୍ଗରା ହୁଏ । ଦେଖିଚି କବିଙ୍କୁ ସହରର ଏ ମୁଣ୍ଡରୁ ସେ ମୁଣ୍ଡଯାଏ ଉଦ୍ଦେଶ୍ୟହୀନ ଭାବରେ ବୁଲିବା ଏବଂ କେବେ କେଉଁଠୁ ଅନୁଭବର ମୁକ୍ତା ହାତେଇବାରେ । ସମୟର ସଦୁପୋଯୋଗ ପରିଭାଷାଟି ଏଠି ସଂଜ୍ଞାହୀନ ହେଇଯାଏ ଅର୍ଥାତ୍ ସମୟ ହାର ମାନିଯାଏ । ଏ ଗଳ୍ପ – ଅବବୋଧର ଅଗ୍ରୀମ ଟିକେଟ୍ ହେଉଛି ସମୟକୁ ଫୁଃ ....କରିଦେବା, କବିର ଆନମନା ଯାତ୍ରାରେ.........! ଏ କବି କ'ଣ ଜଣେ ? ହଁ ବୋଲି ମୁଁ କହିପାରିବି ନାହିଁ ।

ମାୟାପୁରୁଷ କୁଆଡ଼ୁକୁ ନା କୁଆଡ଼କୁ ଯାଉଛି, ଗୋଟେ ଚାରଣ ହୃଦୟବତ୍ତା, ଗୋଟେ ଅବଶୋଷ, ଗୋଟେ ସ୍ଥିତାବସ୍ଥା ବିରୁଦ୍ଧରେ ବିଦ୍ରୋହ କରି ସେ ଚାଲୁଛି ଏବଂ ଚାଲୁଛି...

ଏଇ ଚଳମାନତା ହିଁ ଗଳ୍ପ-ସର୍ତ୍ତ ! ଆପଣ ସେ ଲୋକଟିକୁ ଚିହ୍ନନ୍ତି ?



▲ ଗାଳ୍ପିକ ରଜନୀକାନ୍ତ ମହାନ୍ତି

ଗଢୁରେନି ! କିନ୍ତୁ କବିତା ପାଠୋତ୍ସବରେ ତା କବିତା ପାଠକୁ ଶ୍ରୋତା ଉତ୍‌କଣ୍ଠାର ସହ ଅପେକ୍ଷା କରିଥାଏ । ବହୁ ସମୟରେ ସେ ଉତ୍‌କଣ୍ଠାଟି ଉତ୍‌କଣ୍ଠାରେ ରହିଯାଏ ।

ତାକୁ ଜଣେ ତରୁଣ ପ୍ରଶ୍ନ କଲା- ଆପଣଙ୍କ ଜୀବନର ସ୍ୱପ୍ନ କ'ଣ ?

: ଅଛି । ମୁଁ ଯାହା ଅଛି, ଯେମିତି ଅଛି, ସେମିତି ରହେ ! ଏଇଟା ମୋର ସ୍ୱପ୍ନ ।

: ଆପଣଙ୍କ ବୟସ ବଢ଼ିବନି ?

: ସେ ବଢୁଥାଉ । କିନ୍ତୁ ମୋ ସ୍ୱପ୍ନ ସେମିତି ଥାଉ ! ଋତୁ ବଦଳୁ, ପେଣ୍ଟ ଶାର୍ଟ ବଦଳୁ, ଚୂଳ ନିଶ ଦାଢ଼ୀ ବଦଳୁ, କିନ୍ତୁ ମୋ ସ୍ୱପ୍ନ ସେମିତି ଥାଉ । ଏଇଟା ମୁଁ ଜଗିଛି !

ଆଗକୁ ବଢେ ଲୋକଟି ।

ବସଷ୍ଟପ / ମୁତୁରା କାନ୍ଥ :

ଝାଳୁଆ ଦ୍ୱିପହରକୁ ସେ କ୍ଷେପିଗଲା ବସ୍‌ଷ୍ଟପ୍‌କୁ । ଖାଲି ଥିବା ବେଞ୍ଚରେ ବସିଗଲା । ଆରାମ୍‌ରେ ନିଶ୍ୱାସ ନେଲା । ଗଣତନ୍ତ୍ରକୁ ଧନ୍ୟବାଦ ଦେଲା । ଜଣେ ବୟସ୍କା ମହିଳା ଆସିଗଲାରୁ ଚଟାପଟ ଉଠିପଡ଼ିଲା । ବସନ୍ତୁ ଆଜ୍ଞା ବୋଲି କହିଲା । ସେଠୁ ଆଗକୁ ଆଗକୁ ଚାଲିଲା । ଦେଖିଲା ବାଁ ପାଖ କାନ୍ଥରେ ଗୋଟେ ଜାଗାରେ 'ଏଠି ମୂତନ୍ତୁ ନାହିଁ' ଲେଖାଅଛି ଏବଂ 'ନାହିଁ' ଉପରେ ଛକି ଚିହ୍ନ ଅଛି । ମୂତ ପରେ ମୂତ, ମୂତ ପରେ ମୂତ ପଡ଼ି କାନ୍ଥରୁ ପ୍ଲାଷ୍ଟର୍ ଓ ଇଟା କିଛି ଖସି ଯାଇଛି । ସେ ଫିକ୍‌କିନା ହସିଦେଲା । ପକେଟ୍‌ରୁ ମୋବାଇଲ୍ ବାହାର କଲା ଏବଂ ସେ ଦୃଶ୍ୟର ଫଟୋ ଉଠେଇ ନେଲା । ତାକୁ ମୂତ ମାଡ଼ିଲା, ସେ ପ୍ୟାଣ୍ଟର ଜିପର୍ ଖୋଲୁଚି, ଗୋଟେ କୁକୁର ତା ସାମ୍ନାକୁ ଆସି ଗଲାରୁ ସେ ଜିପର ବନ୍ଦ୍ କଲା । ଟିକେ ଆଗକୁ ଯାଇ ଭଲ କାନ୍ଥରେ ମୂତିଲା । ଗୋଟେ ମାନଚିତ୍ର ତିଆରି କରିବାକୁ ଚେଷ୍ଟା କଲା ।


କେବେକେବେ ରାତି ସାଢେ ଦଶ ଏଗାର ବେଳକୁ ସେ ବସ୍‌ଷ୍ଟପ୍ ଯାଏ । ଫାଙ୍କା ଥିଲେ ବେଞ୍ଚ ଉପରେ ଶୋଇଯାଏ । ସେ ଦିନ ଶାର୍ଟ ଖୋଲି ଚିତ୍‌ମାତ୍ ଶୋଇଚି, କାର୍‌ଟେ ଆସି ଛିଡ଼ାହେଲା । ଲୋକର କୌଣସି ପ୍ରତିକ୍ରିୟା ନଥିଲା । ସେ କଣେଇ ଚାହିଁନଥିଲା କାର୍‌କୁ । ଧିରେ ଧିରେ କାର୍‌ର ଆଗ ଦର୍ଜା, ପଛ ଦର୍ଜା ଖୋଲିଗଲା । ପରେ ପରେ ସେ ଲୋକର ଫୁଗୁଲା ଦେହରେ ସଲ ସଲ କୁତୁକୁତୁ ଲାଗିଲା । ସେ ହି ହି ହେଇ ହସିଲା । ଦେଖିଲା ଛଅଟି ଯାକ ଋତୁ ତାକୁ ସାଉଁଳୋଉଛନ୍ତି । ସେ ସେମିତି ହସୁଥାଏ । ଋତୁମାନେ ସେ ଲୋକଟିକୁ ଅଲଗଛ ଟେକିନେଲେ । କାର୍‌ରେ ବସେଇ ଦେଲେ । ସେ ସେମିତି ହସୁଥାଏ । କାରଟି ଷ୍ଟାର୍ଟ ହେଲା ।

ଛେଳି/ହରିଣ ପ୍ରସଙ୍ଗ:

ସେ ଲୋକଟିର ସାଙ୍ଗମାନଙ୍କ ମଧ୍ୟରୁ ଜଣେ ଡାକ୍ତର ଅଛି । ସେ କେବେ କେବେ ତା କ୍ଲିନିକ୍‌କୁ ଯାଏ । ସେ ଦିନ ଗଲା । ଦୁଆର ମୁହଁରୁ ଡ଼ାକ ଛାଡ଼ିଲା, ମୁଁ ଆସିଗଲି । ହେ ବଂଧୁ ! ତୋର ସବୁ ରୋଗୀମାନଙ୍କୁ ମୋର ନମସ୍କାର । ଯିଏ ରୋଗୀ, ସିଏ ଯୁଝୁଚି ! ସେ ଜୀବନ୍ତ ! ହା ...ହା...ହା...

ଡାକ୍ତର କହିଲା – କବିତାର ଲାଇନଟେ କହିଲୁ ! ଭଲ ଲାଗିଲା । 'ଚା' ପିଇବୁ ?

– ନା, ମଣିଷ ପ୍ରତି ମୁହୂର୍ତ୍ତରେ କିଛି ନା କିଛି ପିଉଚି । ପାଟିରେ ହେଉ ବା ଆଖିରେ ହେଉ ବା କାନରେ ହେଉ ବା ନାକରେ ହେଉ ବା ଚମରେ ! ତୁ ମୋତେ ଏକାଥରକେ ପାଂଚଟା ପ୍ରେସ୍‌କ୍ରିପସନ କରିଦେ ! ଏକରେ ଛାତି ଧଡ଼ପଡ଼ ବନ୍ଦ ପାଇଁ, ଦୁଇରେ ପେଟ ଫମ୍ପା ବନ୍ଦ ପାଇଁ, ତିନିରେ ମୁଣ୍ଡ



ବୁଲେଇବାରୁ ମୁକ୍ତି ପାଇଁ, ଚାରିରେ ଆଖିକୁ ଜାଳଜାଳିଆ ନ ଦିଶିବା ପାଇଁ, ପାଞ୍ଚରେ ରାତି ସ୍ୱପ୍ନରେ ଘୋଡ଼ା ଦୌଡ଼ ନଦେଖିବା ପାଇଁ, ବାସ୍, ଏତିକି ।

ସାଙ୍ଗ ଡାକ୍ତର ହୋ ହୋ ହେଇ ହସିଉଠିଲା । କହିଲା – ଏସବୁ ପାଇଁ ତ ଗୋଟେ ପ୍ରେସ୍‌କ୍ରିପ୍‌ସନ୍ ! ପାଞ୍ଚଟା ପ୍ରେସ୍‌କ୍ରିପ୍‌ସନ୍ କ'ଣ କରିବୁ ।

– ଯେତେବେଳେ ଯୋଉଟା ଦର୍କାର ସେତେବେଳେ ସେଇଟା ବ୍ୟବହାର କରିବି । ଗୋଟେ ପ୍ରେସ୍‌କ୍ରିପ୍‌ସନ୍ ହେଲେ ଔଷଧ କିଣିବି କେମିତି ? କେଉଁଟା କାହାପାଇଁ ଜାଣିବି କିପରି ? କହିଲା ଲୋକଟି ।

ମୁଣ୍ଡ ହଲେଇଲା ସାଙ୍ଗ ଡାକ୍ତର । ପରେ ପରେ ଚିନ୍ତା କଲା ଭଳି ଦିଶିଲା ।

କ'ଣ ହେଲା ? ପ୍ରଶ୍ନ କଲା ଲୋକଟି ।

: ଦେଖ୍, ପଞ୍ଚମ ରୋଗ ପାଇଁ ପ୍ରେସ୍‌କ୍ରିପ୍‌ସନ୍ ଲେଖି ହବନି । ମୁହଁରେ କହି ଦଉଚି ।

: କହିଦେ । କହିଲା ଲୋକଟି ଓ ଉତ୍‌କଣ୍ଠାର ସହ ଅନେଇଲା ସାଂଗକୁ ।

: ତୁ ଯଦି ଦାଢି ଓ ନିଶ କାଟିଦବୁ, ତା'ହେଲେ ଘୋଡ଼ା ଦୌଡ଼ ବଦଳରେ ଛେଳି ସ୍ୱପ୍ନ ଦେଖିବାର ସମ୍ଭାବନା ଅଛି । ହେଲା !

ଫି କିନା ହସିଦେଲା ଲୋକଟି । କହିଲା ସେ ସ୍ୱପ୍ନଟି ଆହୁରି ମାରାତ୍ମକରେ ! ଛେଳି ହଉଚି ସେକ୍‌ସ୍‌ର ପ୍ରତୀକ ! ନିଦ ଭାଙ୍ଗିଲେ କ'ଣ କରିବି ? ତିନି ବର୍ଷ ହେଲାଣି ସ୍ତ୍ରୀ ସନ୍ୟାସିନୀ ଯେ ...

ଡାକ୍ତର ସାଙ୍ଗ ସେ ଲୋକର ମୁହଁକୁ ପଢିଲା । କହିଲା – ନାରୀ କଳ୍ପନାରେ ଆସି ପାରିବ !

– ନା, ତୁ ବରଂ ଆଉ କିଛି ସଲ୍ୟୁସନ୍ ଦେ, ଯେମିତି ସ୍ୱପ୍ନରେ ହରିଣ ଆସିବ ! କହିଲା ଲୋକଟି ଏବଂ ଉଦ୍‌ଗ୍ରୀବ ହେଲା ।

– ପାରିବୁ ? ଗୋଟେ ମାସରେ ହରିଣକୁ ନେଇ ଚାରିଟି କବିତା ଲେଖି ପାରିବୁ ? ପ୍ରଶ୍ନ କଲା ଡାକ୍ତର ।

– ସମ୍ଭବ ହେଇ ନ ପାରେ !

– ଦୁଇଟି ଲେଖିବୁ ତ ହରିଣ ତୋ ପଛରେ ଧାଇଁବ ! ଦୁଇ ସାଙ୍ଗ ହୋ ହୋ ହେଇ ହସିଲେ ।

ମାଛ ହାଟ / ଗଗୁଆ :

ସେ ଲୋକଟି ରବିବାର, ବୁଧବାର ଓ ଶୁକ୍ରବାର ଦିନ ଆଠଟା ବେଳକୁ ମାଛ ହାଟକୁ ଯାଏ । ଏ ତିନିଦିନ ଆଇଁଷବାରି । ହାଟର ଡ଼ାହାଣପଟ ଇଲେକ୍‌ଟ୍ରି ଖୁଂଟ ତଳେ ବସିଥିବା ବୁଢ଼ୀ ମାଉସୀ ଠୁଁ ସେ ଗଗୁଆ ମାଛ କିଣେ । ସେଇଟା ତା'ର ପ୍ରିୟ । କିନ୍ତୁ ପରିବାରର ଅନ୍ୟମାନେ ସେ ମାଛ ଖାଆନ୍ତିନି । ତେନ୍ତୁଳି ଖଟାରେ ସେ ମାଛ ରନ୍ଧାଯାଏ । ଦି ଓଳି, ଦି ବକତରେ ସେ ଖାଇଦିଏ । ମାତ୍ର ଶହେ ଗ୍ରାମ ମାଛ କିଣୁଥିବାରୁ କେବେ କେବେ ବୁଢ଼ୀ ମାଉସୀ ତା ଉପରେ ଚିଡ଼େ । ଚିଡ଼େ ସିନା, କିନ୍ତୁ ଦିଏ ।

ସେଦିନ ରବିବାର ଥିଲା । ଲୋକଟି ମାଛ ହାଟକୁ ପଶିଲା । କେଉଁ ଦୃଶ୍ୟ ତାକୁ ଆକର୍ଷିଲା କେଜାଣି ସେ ବୁଢ଼ୀମାଉସୀ ପାଖକୁ ନ ଯାଇ ପଞ୍ଚିଗଲା ମାଛ କେଳାଳୀମାନଙ୍କ ପାଖରେ । ପାଞ୍ଚଜଣ ସ୍ତ୍ରୀଲୋକ ପନିକି ଧରି ମାଛ କେଳଉଛନ୍ତି । ମାଛର ଗାଲ, ଲାଂଜ, କଣ୍ଟା, କାତି ଛଡ଼େଇବା ସହ ବିହନ, ପେଟ, ଅନ୍ତି କାଢ଼ିବା ଓ ବାରମ୍ବାର ହାତରେ ପାଉଁଶ ବୋଳି ହବାକୁ ସେ ନିରୀକ୍ଷଣ କଲା ।

ଏତେସବୁ ପର୍ଯ୍ୟବେକ୍ଷଣ ଭିତରେ ସେ ଉପଲବ୍ଧି କରୁଥିଲା ଗୋଟେ କବିତାର ମଂଜ ତାକୁ ଆଚ୍ଛାଦନ କରି ଆସୁଛି । ସେ ତା ମୁଣ୍ଡକୁ ବାରମ୍ବାର ହଲେଇଲା ଏବଂ ଦାନ୍ତ ମେଲେଇ ହସିଲା । ନିଟୋଳ ହସ । ମାଛ ହାଟରେ ଆଇଁଷିଣିଆ ଗନ୍ଧ ନୁହେଁ, କାମିନୀ ଫୁଲର ବାସ୍ନା ଯେମିତି ଚହଟି ଆସିଲା ତା ନାକ ଭିତରକୁ ।

ସେ ପ୍ରକୃତିସ୍ଥ ହେଲା । ଜଣକୁ କହିଲା – ମା',

ମୋତେ ଗୋଟେ ଜରିରେ ଏଇ କାତିମାତି କିଛି ଦବ !

ସ୍ତ୍ରୀଲୋକ ଜଣକ ଲୋକଟିକୁ ଗହୀରେଇକି ଅନେଇଲା । ହସିଦେଇ କହିଲା – ନଉନ ! ଯା କହି ସେ ପୁଟୁଳେ କାତିମାତି ଜରିରେ ଭରିକରି ଲୋକଟିକୁ ଦେଲା । ପୁଣି କହିଲା – ଏସବୁ ଭଲ ସାର ହବ । ତମେ କୋଉ ଗଛରେ ଦବ ନା ମଂଜି ପୋତିବ ?

: ଯା ଭିତରେ ଗୋଟେ ସ୍ମୃତି ପୋତା ହେଲା । କହିଲା ଲୋକଟି ।

ପାଞ୍ଚଜଣଯାକ ମାଛ କେଳାଳୀ ଲୋକଟିକୁ ଅନେଇ ରହିଲେ । ବଲବଲ ଚାହିଁଲେ ।

: ମାନେ, ଏଇଠି ଗୋଟେ ଇମିତି କଥା ମୋ ଠଣାକୁ ପଶି ଯାଇଚି ଯେ ତାକୁ ହୃଷ୍ଟପୁଷ୍ଟ କରିବା ପାଇଁ ଏ ସାର ଜରୁରୀ । ବୁଝିଲ ! ଏତକ କହି ଲୋକଟି ସେ ମାଛ କାତି ଧରି ଗଗୁଆ ମାଛ ବିକାଳୀ ଆଡ଼କୁ ଅଗ୍ରସର ହେଲା ।

ଛକ / ଇଉଟୋପିଆର ଘର :

ଯେତେବେଳେ ବି ସେ ଲୋକ ଘରୁ ବାହାରେ ଆଗରେ ଗୋଟେ ଛକ ପଡ଼େ । ସେଠି ପହଞ୍ଚିଲା ମାତ୍ରେ ହିଁ ତା ଛାତି କରିକିରେଇ ଉଠେ । ତା ଆଖି ବଙ୍କେଇ ଯାଏ । ପହଞ୍ଚେ ବାଁ ପାଖ ଚାରି ତାଲିଆ ଅତ୍ୟାଧୁନିକ ସୁଦୃଶ୍ୟ କୋଠା ଉପରେ । ସେତେବେଳେ ସେ ଗୁଣୁଗୁଣେଇ ହୁଏ : ଅରା ! କୁଆଡ଼େ ଗଲୁ ?

ସ୍କୁଲ୍ ଦିନ । ସେ ଓ ଅରା ସାଂଗ ହେଇ ଗୋଟେ ହାଇସ୍କୁଲରେ ପଢୁଥିଲେ । ବର୍ଷା ଦିନ । ସ୍କୁଲ୍‌ର ଖେଳପଡ଼ିଆ ଶେଷରେ ଥିବା ଜାମୁଗଛରେ ଜାମୁକୋଳି ପାଚି ଯାଇଥାଏ । ଖେଳ ଛୁଟୀରେ ଦଳ ଦଳ ପିଲା ଜାମୁକୋଳି ତୋଳିବା, ଖାଇବାର ମଜା ନେଉଥିଲେ । ଆଠଦଶ ଜଣ ଝିଅପିଲା ସାଙ୍ଗହେଇ ପହଞ୍ଚିଥିଲେ ସେଠି । ସେମାନଙ୍କ ଭିତରେ ଅରା ବି ଥିଲା । କୋଳି ଖାଉଥିଲା ।

କ’ଣ ହେଲା ଯେ ହଠାତ୍ ଝିଅମାନେ ଅରାର ଚାରିପାଖେ ଗୋଲହେଇ ଘେରେଇ ଛିଡ଼ା ହେଇଗଲେ । ସେଇ ଘେରା ଅବସ୍ଥାରେ ପଡ଼ିଆ ପାର ହେଇ ସ୍କୁଲ୍ ଆଡ଼କୁ ଆସିଲେ । ସେ ପିଲା ଅରାର ଏଭଳି ସ୍ଥିତି ଦେଖି ସେଇଠୁ ଧାଇଁଲା ଅରାର ଘରକୁ । ଅରାର ମାଆ ପିଲାଠୁଁ ଶୁଣି ରିକ୍‌ସା ଧରି ସ୍କୁଲ୍‌କୁ ଆସିଲା । ଅରାକୁ ନେଇଗଲା ।

ସେ ପିଲା କିଛି ବୁଝି ପାରିଲାନି । ପ୍ରାୟ ଦି’ ମାସ ପରେ ଘର ପାଖ ଛକଠି ଅରା ସେ ପିଲାକୁ କାଗଜ ଖଣ୍ଡେ ବଢ଼େଇଲା । କହିଲା- ଘରେ ଦେଖିବୁ ।

ସେ ପିଲା ତରବର ହେଇ ଘରକୁ ଗଲା । କେମିତି ଶୀଘ୍ର ଘରେ ପହଞ୍ଚିବ ! ଘରେ ପହଞ୍ଚି ଚଉତା କାଗଜକୁ ଖୋଲି ଦେଖିଲା । ସେଥିରେ କିଛି ନାହିଁ । ସାଦା କାଗଜ । ସେ ଚିଡ଼ି ଉଠିଲା । ମନେ ମନେ ଭାବିଲା ଅରା ତାକୁ ଠକିଛି !

ତା’ ପରଦିନ ସେ ଅରାକୁ ସେଇ ସାଦା କାଗଜଟିକୁ ଫେରାଇ ଦେଲା । ଅରା ହସିଥିଲା । କିଛିଦିନ ପରେ ଅରା ସେମିତି ଏକ କାଗଜ ସେ ପିଲାକୁ ବଢ଼ାଇଥିଲା । ଏଥର ନିଶ୍ଚୟ କିଛି ଲେଖା ଥିବ ଭାବିଲା ପିଲାଟି । ଖୋଲି ଦେଖେ ତ ସାଦା । ସେ ପୁଣି ଚିଡ଼ିଲା । ଏବଂ ରଖିଲା ।

ସାଦା କାଗଜ ଭିତରେ ଦୁହେଁ ଲୁଚିଗଲେ । ଏବେ ଫେସ୍‌ବୁକ୍, ଇଣ୍ଟେରନେଟ୍‌ରେ ଅରାକୁ ସେ ଖୋଜିଲା ଯେ ମିଳିଲାନି । ଛକର ଚା’ କ୍ୟାବିନରୁ ଖବର ପ୍ରସାରିତ ହେଲା ଯେ ଅରା ଏବେ ମୁମ୍ବାଇରେ ଅଛି । ବାରମ୍ବାର ସେ ପ୍ଲାଷ୍ଟିକ୍ ସର୍ଜରୀ, କସ୍‌ମେଟିକ୍ ସର୍ଜରୀ କରି ନିଜ ରୂପ ବଦଳାଉଛି । ଭାରି ମଜା ନଉଚି, ବାଃ ! ପ୍ରତି ତିନିବର୍ଷରେ ସେ ଅଚିହ୍ନା ହେଇ ଯାଉଚି ।

ଛକରେ ପହଞ୍ଚିଲେ ସେ ଲୋକର ଆଖି ଅରାର ଅଟ୍ଟାଳିକା ଆଡ଼କୁ ବଙ୍କେଇ ଯିବନି ତ ଆଉ କ’ଣ....

ସମୁଦ୍ର / ସୂର୍ଯ୍ୟାସ୍ତ :

ପୁରୀ ସମୁଦ୍ର କୂଳ ?

ନା ।

ବଳରାମଗଡ଼ି ସମୁଦ୍ର କୂଳ ?

ନା ।

ଗୋପାଳପୁର ସମୁଦ୍ର କୂଳ ?

ନା ।

ସେ ଲୋକଟା ବସ୍ ଧରିଲା । ପଢୁଆଁ ହାଟରେ ଓହ୍ଲେଇଲା । ହଁ, ସେଇ ପଢୁଆଁ, ଇରମ୍ ଗୁଳିକାଣ୍ଡରେ ସବୁଠୁଁ ବେଶି ସହୀଦ ହେଇଥିବା ଲୋକଙ୍କ ଗାଁ !

ପଢୁଆଁ ହାଟରୁ ଟିକେ ଆଗକୁ ବାଁ ହାତି ରାସ୍ତାରେ ଚାଲିଲା । କାନ୍ଧରେ ଗୋଟେ ବ୍ୟାଗ୍ । ବ୍ୟାଗରେ ପାଣିବୋତଲ, ଛତା, ଟର୍ଚ୍ଚ, ବିସ୍କୁଟ୍ ପ୍ୟାକେଟ୍, ଗାମୁଛା । ଚାଲିଲା ଆଗକୁ ଆଗକୁ । ଏଇତ ସମୁଦ୍ର ! ସାମ୍ନାରେ ପଶ୍ଚିମ ମୁହାଁ ସୂର୍ଯ୍ୟ । ଲହଡ଼ି କୂଳ ପିଟୁଚି । ବେଳାଭୂମିରେ କେହି ନାହିଁ । ଏକାଏକ୍ ସେ । ତାକୁ ଡ଼ର ଲାଗିବା କଥା । କିନ୍ତୁ ସେ ଡ଼ରିଲାନି । ସେ ତ ମିଶି ଯିବାକୁ ଆସିଛି । ମିଶେଇ ଦବାକୁ ଆସିଚି ।

ସମୁଦ୍ର କୂଳରେ ବସି ପଡ଼ିଲା ସେ । ବ୍ୟାଗ୍‌ଟିକୁ କାନ୍ଧରୁ ଓହ୍ଲେଇ କୋଳରେ ରଖିଲା । ଢେଉ ତା ସାମ୍ନାରୁ ଆସି ଫେରି ଯାଉଥାଏ । ଛାଡ଼ି ଯାଉଥାଏ କିଛି ଫେଣ । ସେ ସୂର୍ଯ୍ୟାସ୍ତକୁ ଅନେଇ ରହିଲା । ସେଇମିତି ଅନେଇ ରହିଲା । ତା ମୋବାଇଲ୍ ରିଂଗ୍ ହେଲା । ସେ କିନ୍ତୁ ସେଇମିତି ଅନେଇ ରହିଲା ସୂର୍ଯ୍ୟାସ୍ତକୁ । ସେମିତି ଅନେଇ ରହିଲା ।

ପରେ ପରେ ସେ ଅନୁଭବ କଲା କେହି ଜଣେ ତାକୁ କୁଣ୍ଢେଇ ଧରିଛି । ସେ ଅନ୍ତରଙ୍ଗ ହେଇ ଉଠିଲା । ଆହା, ଏ ଅନୁଭବର ଐଶ୍ୱର୍ଯ୍ୟ ଅନନ୍ୟ ! ସେ ଦେଖିଲା ସାମ୍ନାରେ ସୂର୍ଯ୍ୟାସ୍ତ ନାହିଁ । ସମୁଦ୍ର ପାଣି ତାକୁ ଓଦା କରି ସାରିଲାଣି । ସେ ଉଠିଲା । ମାଡ଼ି ଆସିଲାଣି ଅନ୍ଧାର । ଘୋ ଘୋ ସମୁଦ୍ର । ସେ ସମୁଦ୍ରକୁ ଜୁହାର କଲା । ବଂଧୁ ! ମୁଁ ନିଜକୁ ଆବିଷ୍କାର କଲି । ନିର୍ଘାତ ଏକାକୀତ୍ୱରୁ ମୋତେ ମୁକ୍ତି ଦେଲୁ ।

ପୁଣି ଥରେ ତରଙ୍ଗ ମାଡ଼ିଆସିଲା କୂଳକୁ । ତା ନାକରେ ବାଜିଲା ବାରୁଦର ଗନ୍ଧ ! ସେ ବିସ୍ମିତ

**ଫେରିବି, ନିଶ୍ଚୟ । କିଂତୁ କେତେବେଳେ ଫେରିବି ମୁଁ କହି ପାରିବନି । ସମୟ କହିବ ! ଆଜି କବିତା ପାଠୋତ୍ସବ ଅଛି । ଅପରାହ୍ନର ମିଲ୍ ବି ସେଠି । ବ୍ୟସ୍ତ ହୁଅନି । ମୁଁ ସମୁଦ୍ରକୂଳକୁ ଯାଉନାହିଁ । ସମୁଦ୍ରକୁ ଘିନି ଆସିଛି । ଏତକ କହି ସେ ସାଇକେଲ ଧରି ଆଗେଇଲା । ରାସ୍ତାର ବାଁ ପାଖ ଗୋଟେ ଗଛମୂଳେ ଜମାହୋଇଥାଏ ନାନାଦି ଆବର୍ଜନା । ସେଇ ଆବର୍ଜନାକୁ ଦି ହାତରେ ଖେଳଉଥାଏ ଗୋଟେ କଂକାଳ ସାର ଶିଶୁ । ଦୃଶ୍ୟଟିକୁ ସେ ଦେଖୁ ଦେଖୁ ସାଇକେଲ୍‌ରେ ପାର୍ ହେଇଗଲା । ଅଳ୍ପବାଟ ଯାଇଛି ତା ମୁଣ୍ଡକୁ ପଶିଲା ସେ ଶିଶୁକଥା । ଅଳିଆ ଆବର୍ଜନା ଭିତରେ କ’ଣ ଖୋଜୁଚି ଶିଶୁ ? ସ୍ୱପ୍ନ ? ୟେ ମଣିଷ ଶିଶୁ ନା ଏଲିଏନ ? ସାଇକେଲ ବୁଲାଇ ପୁଣି ଫେରିଲା ସେ । ଦେଖିଲା ଆବର୍ଜନାର ସ୍ତୁପରେ ଶିଶୁନାହିଁ । ଆଶ୍ଚର୍ଯ୍ୟ ହେଲା ସେ । ସାଂଗେ ସାଂଗେ କୁଆଡ଼େ ଗଲା ? ସାଇକେଲ ଚଢ଼ି ସାରା ସହରର ଗଳି, ଉପଗଳି ସବୁ ଖୋଜିଲା ସେ । ପାଇଲାନି । କବିତା ପାଠୋତ୍ସବକୁ ଗଲା । କବିତା ପାଠ ସରିଗଲାଣି । ଏବେ ଖାଇବା ସମୟ । ଜଣେ କବି ବନ୍ଧୁ ତାକୁ ବ୍ୟଂଗ କଲା – ଠିକ୍ ଖାଇବାବେଳକୁ ପହଂଚିଗଲ କବି !**

ହେଲା । ଚମକି ଉଠିଲା । ଆଞ୍ଜୁଳେ ପାଣି ହାତରେ ଧରିଲା । ସମଦ୍ରକୁ ଅନେଇ ପ୍ରଶ୍ନ କଲା – ମଣିଷକୁ ତୁ ଆଉ କେତେ ସହ୍ୟ କରିବୁ ?

ଏଲିଏନ୍ / ସତ ?

ସେଦିନ ରବିବାର । ଲୋକଟି ସକାଳୁ ଗାଧୋଇ ପାଧୋଇ ପେଣ୍ଟ୍ ଶାର୍ଟ ପିନ୍ଧି ଚା' କପେ ପିଇଲା । ସ୍ତ୍ରୀ ପଚାରିଲା – କେତେବେଳେ ଫେରିବ ?

: ଫେରିବି, ନିଶ୍ଚୟ । କିନ୍ତୁ କେତେବେଳେ ଫେରିବି ମୁଁ କହି ପାରିବନି । ସମୟ କହିବ ! ଆଜି କବିତା ପାଠୋତ୍ସବ ଅଛି । ଅପରାହ୍ନର ମିଲ୍ ବି ସେଠି । ବ୍ୟସ୍ତ ହୁଅନି । ମୁଁ ସମୁଦ୍ରକୂଳକୁ ଯାଉ ନାହିଁ । ସମୁଦ୍ରକୁ ଘିନି ଆସିଛି । ଏତକ କହି ସେ ସାଇକେଲ୍ ଧରି ଆଗେଇଲା । ରାସ୍ତାର ବାଁ ପାଖ ଗୋଟେ ଗଛମୂଳେ ଜମା ହୋଇଥାଏ ନାନାଦି ଆବର୍ଜନା । ସେଇ ଆବର୍ଜନାକୁ ଦି'ହାତରେ ଖେଳଉଥାଏ ଗୋଟେ କଙ୍କାଳ ସାର ଶିଶୁ । ଦୃଶ୍ୟଟିକୁ ସେ ଦେଖୁ ଦେଖୁ ସାଇକେଲ୍‌ରେ ପାର୍ ହେଇଗଲା । ଅଦ୍ଧବାଟ ଯାଇଛି ତା ମୁଣ୍ଡକୁ ପଶିଲା ସେ ଶିଶୁକଥା । ଅଳିଆ ଆବର୍ଜନା ଭିତରେ କ'ଣ ଖୋଜୁଚି ଶିଶୁ ? ସ୍ୱପ୍ନ ? ଯେ ମଣିଷ ଶିଶୁ ନା ଏଲିଏନ ? ସାଇକେଲ୍ ବୁଲାଇ ପୁଣି ଫେରିଲା ସେ । ଦେଖିଲା ଆବର୍ଜନାର ସ୍ତୁପରେ ଶିଶୁନାହିଁ । ଆଶ୍ଚର୍ଯ୍ୟ ହେଲା ସେ । ସାଙ୍ଗେ ସାଙ୍ଗେ କୁଆଡ଼େ ଗଲା ? ସାଇକେଲ୍ ଚଢ଼ି ସାରା ସହରର ଗଳି, ଉପଗଳି ସବୁ ଖୋଜିଲା ସେ । ପାଇଲାନି । କବିତା ପାଠୋତ୍ସବକୁ ଗଲା । କବିତା ପାଠ ସରି ଗଲାଣି । ଏବେ ଖାଇବା ସମୟ । ଜଣେ କବି ବନ୍ଧୁ ତାକୁ ବ୍ୟଙ୍ଗ କଲା – ଠିକ୍ ଖାଇବା ବେଳକୁ ପହଞ୍ଚିଗଲ କବି !

ସେ ନିଜକୁ ଅପମାନିତ ମନେକଲା । ଫେରି ଆସିଲା । ଘରେ ପଖାଳ ଖାଇଲା । ଏଲିଏନ ତା କବିତାରେ ଛାପି ହେଇ ରହିଲା । ଏଲିଏନ ଯଦି ମଣିଷ ଶିଶୁରେ ରୂପାନ୍ତରିତ ହେଇଯାଏ ସେ କ'ଣ କରିବ ?

ଆଖି ନାଇଁ / କାନ ନାଇଁ :

ସେଦିନ ସେ ଲୋକର ମିଜାଜ୍ ଟିକେ ଚଢ଼ାଥିଲା । ପରୱା ନାହିଁ – ନିଜକୁ କହିଲା । ରାସ୍ତାରେ ଚାଲିଲା ...ଚାଲୁଛି ....ଚାଲୁଛି ତ... ପୁଣି କହିଲା – ପୃଥିବୀ ! ହାଃ, କେତେ ଛୋଟ ! ଛୋଟ ହେଇଥିବା ଯୋଗୁଁ ହିଁ କଳ୍ପନା ଶକ୍ତି ବଡ଼ ହେଇ ଯାଉଛି । ଆମେ ପୃଥିବୀଟାକୁ ବଡ଼ କରିପାରିବାନି ?

ରାସ୍ତାର ଡ଼ାହାଣ ପାଖରେ ଗୋଟେ ଲୁଗା ଦୋକାନ ଦେଖିଲା । ମନକୁ ମନ କହିଲା – ଲୁଗାଗୁଡ଼ାକ ଏତେ ଛୋଟ !

ଆଗକୁ ଗୋଟେ ଖେଳପଡ଼ିଆ ଥିଲା । ତାକୁ ଦେଖୁ ଦେଖୁ ତା ମନକୁ ଆସିଲା – ଖେଳ ପଡ଼ିଆର ଲମ୍ବ ଓସାର ଏତେ ଛୋଟ !

ଯିବା ଆସିବା କରୁଥିବା ମଣିଷମାନଙ୍କୁ ଦେଖିଲା । ଏଁ, ଏମାନେ ସବୁ ବାମନ ହେଇଗଲେ କେମିତି ! ସେ ନିଜକୁ ଅନେଇଲା । ଆରେ, ସେ ବି ବାମନ ହେଇଯାଇଚି । ସେ ସେଇଠି ବସି ପଡ଼ିଲା । ତାକୁ ସବୁ ଅନ୍ଧା ଅନ୍ଧା ଦିଶିଲା । କାନ୍ଦ କାନ୍ଦ ଲାଗିଲା । ତା ପାଖ ଦେଇ କାର, ମୋଟର ସାଇକେଲ, ଟ୍ରକ୍ ଇତ୍ୟାଦି ଯାଉଥିଲା । ସେଗୁଡ଼ିକ ବି ତାକୁ ଛୋଟ ଦିଶୁଥିଲା । କାହାର ଡ଼ାକରେ ସେ ମୁହଁ ଉପରକୁ ଉଠାଇଲା । ଦେଖିଲା ବାମନଟିଏ ଠିଆ ହେଇଛି । ତାର ଡ଼ାହାଣ ହାତ କଚିଠୁଁ ନାହିଁ । ବାମନ ତାକୁ ପଚାରିଲା – ରାସ୍ତା କଡ଼ରେ ବସି କାନ୍ଦିଲା କାନ୍ଦିଲା ହେଉଚ, କ'ଣ ହେଲା ?

: ସବୁ କିଛି ବାମନ ହେଇଯାଇଚି । ମୁଁ ବାମନ, ତୁମେ ବାମନ ! ସେଥିପାଇଁ କାନ୍ଦ ଲାଗୁଛି ।

ଆଗନ୍ତୁକ ତା ପାଖରେ ବସିପଡ଼ିଲା । ନିଜ ହାତକୁ ଦେଖେଇ କହିଲା– ଦେଖ ! ମୋ ହାତ କଟି ଯାଇଚି । ଦାଦନ ଖଟିବାକୁ ଯାଇଥିଲି । ମାଲିକ ଆମକୁ ଖଟେଇଲା, ଖଟେଇଲା, ଦିନ ନାଇଁ ରାତି ନାଇଁ । ଖାଇବାକୁ ଦି ଓଳି ଦବ । ସେତିକି । ମୂଲ ଦେଲାନି । କହିଲା – ତୁମ ସମସ୍ତଙ୍କ ନାଁରେ ପାଶବହି କରି ବେଙ୍କ୍‌ରେ ଟଙ୍କା ରଖିଦେଇଚି । ପାଶ୍‌ବହି ମାଗିଲାରୁ ଯାତୁ ସ୍ୟାତୁ ଭୁଟେଇଲା । ମୁଁ ଜିଦ୍ ଧରିବାରୁ ଲୋକ ଲଗେଇ ମୋ ଡ଼ାହାଣ ହାତ କଚିଠୁଁ କାଟି ଦେଲା । ମୁଁ ବହୁ କଷ୍ଟରେ ସେଠୁ ଡାକ୍ତରଖାନାରେ ଭଲ ହେଲି । ଘରକୁ ଫେରିଲି ନାହିଁ । କେମିତି ହେଲେନା ଗୋଟେ ବୋମା ଯୋଗାଡ଼ କଲି । ଆମକୁ ଶୋଷି ଯେଉଁ ରାଜମହଲ ସେ ତିଆରି କରୁଥିଲା ତାକୁ ବୋମା ଫିଂଗି ଉଡ଼େଇଦେଲି । ପୁରା ସାବାଡ଼୍ ହେଇଗଲା, ବାଂଚତ୍ ! ଲୋକଟା ତାକୁ ହାଁ କରି ଅନେଇଥାଏ । ସତ କହୁଚି ନା ମିଛ କହୁଚି ତଉଲୁଥାଏ । ତା ଆଖିର ତେଜ କହୁଥାଏ ସେ ସତ କହୁଚି । ସେ ପକେଟରୁ ଗୋଟେ ସାଦା କାଗଜ ବାହାର କଲା । ଆଗନ୍ତୁକକୁ ଦେଖେଇ କହିଲା – ଭାଇ ! ତୁମେ ଏମିତି କାମକଲ, କରିପାରିଲ ! କିଂତୁ ମୁଁ ଏଇ ସାଦା କାଗଜଟାକୁ ଚିରି ଫିଂଗି ପାରୁନି । ଷାଠିଏ ବର୍ଷ ହେଲାଣି ଚେଷ୍ଟା କରୁଚି, ପାରୁନି ।

ଆଗନ୍ତୁକ ଲୋକଟିକୁ ଗିରେଇକି ଅନେଇଲା । ଗୋଟେ ସାଦା କାଗଜକୁ ଷାଠିଏ ବର୍ଷ ହେଲାଣି ସେ ରଖିଚି ! ତାକୁ ଚିରି ପାରୁନି କି ଫିଂଗି ପାରୁନି । କି ଆଶ୍ଚର୍ଯ୍ୟ ! ମୋତେ ଦିଅ, ମୁଁ ଚିରି ଫିଂଗି ଦେବି । କହିଲା ଆଗନ୍ତୁକ ।

: ତୁମେ ପାରିବ ମୁଁ ଜାଣେ ! କିନ୍ତୁ ମୁଁ କାହିଁକି ପାରୁନି ? ଲୋକଟି ଆଗନ୍ତୁକର ମୁହଁକୁ ଲକ୍ଷ୍ୟକଲା ।

ଆଗନ୍ତୁକ ଲୋକଟିର ମୁହଁକୁ ଅନେଇଲା, ଅନେଇଲା । କ'ଣ ଭାବିଲା କେଜାଣି ଲୋକଟିର ଦି ହାତକୁ ତା ବାଁ ହାତରେ ମୁଠାଇ ନିଜ ମୁଣ୍ଡରେ ଲଗାଇଲା ଏବଂ ନିଜ ବାଟରେ ଆଗେଇଲା । ପଛକୁ ଅନେଇ କହିଲା – ମୁଁ ପାରିଲିନି ଭାଇ ମୁଁ ପାରିଲିନି !

ଲୋକଟି ସାଦା କାଗଜକୁ ପକେଟରେ ରଖିଲା । ନିଜକୁ ନିରେଖିଲା । ନା, ସେ ବାମନ ଅବସ୍ଥାରୁ ମୁକୁଳି ନାହିଁ । ଏଥର ନିଜ ଉପରକୁ ତାର ରାଗହେଲା । ରାଗୁରାଗୁ କାନ୍ଦ ଆସିଗଲା । କାନ୍ଦ ଓ ରାଗର କୋଲାଜରେ ସେ ଠିଆହେଲା । ଆଗକୁ ଆଗକୁ ଚାଲିଲା । ନିଜ ଘରପାଖ ଛକଠି ପହଁଚିଲା । ଅରାର ଚାରିତାଲିଆ କୋଠା ଗେଟ୍ ସାମ୍ନାରେ ଠିଆ ହେଲା । ଗେଟ୍ ପାଖରେ ଜଣେ ଦରୁଆନ ଠିଆ ହେଇଥିଲା । ଲୋକଟି ତାକୁ ପଚାରିଲା – ଅରା ମାଡ଼ାମ୍ ଅଛନ୍ତି ?

– ନା, ସେ ଏବେ ଲଣ୍ଡନରେ ଅଛନ୍ତି । କେବେ ଫେରିବେ ଜଣାନାହିଁ । କଣ ଗୋଟେ ସର୍ଜରୀ ହବ ! କହିଲା ଦରୁଆନ ।


ଲୋକଟି ପକେଟ୍‌ରୁ କାଗଜଟି ବାହରକଲା । ଦରୁଆନକୁ ବଢ଼ାଇ କହିଲା – ଏ ଚିଠିଟା ତାଙ୍କର । ସେ ଆସିଲେ ତାଙ୍କୁ ଦେଇଦେବ !

ଦରୁଆନ କାଗଜଟିକୁ ଏପାଖ ସେପାଖ ଲେଉଟାଇ ଦେଖିଲା । ଆଶ୍ଚର୍ଯ୍ୟ ହେଲା । ଏଇଟା ତ ସାଦା କାଗଜ, କିଛି ଲେଖା ନାହିଁ ! କହିଲା ସେ ।

: ଏଥିରେ ଯାହା ଲେଖାଅଛି, କେବଳ ସେ ହିଁ ପଢ଼ିପାରିବେ ! କହିଲା ଲୋକଟି ।

ଏମିତି ହେଇପାରେ ? ଦରୁଆନ ସ୍ତମ୍ଭିତ ହେଲା । ତୁମ ନାଁ କ'ଣ କୁହ ! ନହେଲେ ତାଙ୍କୁ ଦେବି କେମିତି ? ସେ ପଚାରିଲେ କ'ଣ କହିବି ? ଦରୁଆନ କହିଲା ।

: କାଗଜଟା ପାଇଲେ ସେ ଆପେ ଜାଣିଯିବେ, କିଏ ଦେଇଚି ! ଲୋକଟି ଏତକ କହିଲା । ଏବଂ ଘର ଅଭିମୁଖୀ ହେଲା । ନିଜକୁ ନିରେଖିଲା । ରାସ୍ତାରେ ନାଚିଲା ଭଳି ହେଲା । ନାଚୁ ନାଚୁ ତା ପାଦ ପୁଣି ଥିର ହେଇଗଲା । ତାକୁ ଅନୁଭବ ହେଲା ଦୀର୍ଘ ଷାଠିଏ ବର୍ଷର ସାଇତା ଐଶ୍ୱର୍ଯ୍ୟଟିକୁ ସେ ହରାଇ ନିସ୍ୱ ହେଇଯାଇଛି । ସାଦା କାଗଜଟା ଯନ୍ତ୍ରଣା ଦେଉଥିଲା ସତ, କିଂତୁ ଥିଲା ଏକ ଅସ୍ତିତ୍ୱ, ଥିଲା ଏକ ସଂବଳ, ପୂର୍ଣ୍ଣ କରୁଥିଲା ହୃଦୟକୁ । ଏବେ ସେ କାଙ୍ଗାଳ । ସେ ଆଉ ସହି ପାରିଲାନି । ଦହି ହେଇ ଯାଉଥାଏ ତା ଛାତିର ଅଭ୍ୟନ୍ତର । ପଛକୁ ଫେରିଲା ସେ, ଧାଇଁଲା ଭଳି । ଚାରିତାଲିଆ କୋଠାର ଦରୁଆନ୍‌କୁ ଭେଟି କହିଲା – "ଦେଇଦିଅ, ସେ କାଗଜଟା ମୋତେ ଦେଇଦିଅ । ମୁଁ ତାଙ୍କୁ ନିଜେ ଦେବି !" ଦରୁଆନ ବେପରୁଆ ଭାବରେ କହିଲା – "ତାକୁ ଟିକିଟିକି ଚିରି ଫିଙ୍ଗିଦେଲି । ଯା ପଳା । ଭାଗ୍ ଏଠୁ । ମେଜିକ୍ ଶିଖୋଉଚି ମୋତେ ! !"



# ବାପାଙ୍କ ଶେଷ ଚିଠି

**ଡକ୍ଟର ମନୋରଞ୍ଜନ ପ୍ରଧାନ**
ସହକାରୀ ପ୍ରାଧ୍ୟାପକ, ବିକ୍ରମଦେବ ସ୍ୱୟଂଶାସିତ
ମହାବିଦ୍ୟାଳୟ, ଜୟପୁର, କୋରାପୁଟ,
ଫୋନ: ୯୪୩୭୯୧୪୮୧୮

ଚିତ୍ର : ଅନନ୍ୟା ମଙ୍ଗରାଜ



▲ଗାଳ୍ପିକ ଡ. ମନୋରଂଜନ ପ୍ରଧାନ

ପୂର୍ବତନ ସ୍ଥଳ ସେନା ଅଧିକାରୀ ଚରଣ ସିଂ ବାହାଦୁରଙ୍କ ପୈତୃକ ଘର ଆଗରେ ଶହ ଶହ ଲୋକଙ୍କ ଭିଡ଼ । 'ଭାରତ ମାତାକୀ ଜୟ'ରେ ଫାଟି ପଡୁଛି ସମଗ୍ର ଭୂଖଣ୍ଡ । ଅନେକ ଲୋକଙ୍କ କାନ୍ଦରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି । ସମବେତ ଜନତାଙ୍କ ଭିତରେ ବିଭିନ୍ନ କଥାବାର୍ତ୍ତା । ଅନେକ ସେନା ଅଧିକାରୀଙ୍କ ବୀରତ୍ୱର ଗାଥା ଓ ମାତୃଭୂମି ପ୍ରତି ତାଙ୍କ ସମର୍ପଣର ବିଜୟ ଗାଥା ମନେ ପକେଇ ପ୍ରଶଂସାରେ ଶତମୁଖ ହେବାରେ ଲାଗିଛନ୍ତି । ଆଉ କେହି ଉଭୟ ପତିପତ୍ନୀଙ୍କ ମୃତ୍ୟୁକୁ ନେଇ କଥାବାର୍ତ୍ତା । କେହି କେହି କହୁଛନ୍ତି- ଛଅ ପୁଅ ନଅ ନାତି, ମରିଲା ବେଳକୁ କେହି ନାହାନ୍ତି । ବାଟ ଆଡେଇ ଧସେଇ ପଶିଲେ ବାଲ୍ୟବନ୍ଧୁ ଦୀନବନ୍ଧୁ ପଶାୟତ । ଜଣେ ବ୍ୟବସାୟୀ ଭାବରେ ଅଂଚଳରେ ଭାରି ସମ୍ମାନ । ପିଲାମାନେ ଉଚ୍ଚଶିକ୍ଷିତ ହେଲେ ମଧ୍ୟ ବାପାଙ୍କ ବ୍ୟବସାୟରେ ସଂପୃକ୍ତ । ପିଲାଙ୍କ ଭଦ୍ର ଆଚରଣ, ମାର୍ଜିତ ବ୍ୟବହାର ଓ ବିପଦ ଆପଦରେ ଲୋକଙ୍କ ପାଖରେ ପହଞ୍ଚି ସହଯୋଗର ହାତ ବଢ଼େଇବାରେ ପରିବାରର ପ୍ରତ୍ୟେକ ସଦସ୍ୟ ସର୍ବଦା ଆଗଭର । ହେଲେ ସିଂ ବାହାଦୁରଙ୍କ ପିଲାଙ୍କ ଭଳି ବିଦେଶରେ ବଡ଼ ଚାକିରୀଆ ନୁହନ୍ତି । ସେଥିପାଇଁ ବେଳେବେଳେ ସିଂ ବାହାଦୁର ସାହେବ ପଶାୟତ ବାବୁଙ୍କୁ ସାମାନ୍ୟ ପରିହାସ ମଧ୍ୟ କରନ୍ତି । ତାଙ୍କ ପିତାଙ୍କ ଦରମା ଓ ବଡ଼ ପଦପଦବୀର ଉଦାହରଣ ବହୁ ସମୟରେ ବର୍ଣ୍ଣନା କରିଥାନ୍ତି । ପଶାୟତ ବାବୁ କିନ୍ତୁ ନିଜ ପିଲାମାନଙ୍କର କାର୍ଯ୍ୟକଳାପରେ ଭାରି ଖୁସି । ଚାକିରି ନକଲେ କ'ଣ ହେଲା ଭଲ ରୋଜଗାରିଆ ସାଙ୍ଗକୁ ପିତାମାତାଙ୍କ ବୋଲକରା । ଏତେ ସେବା ଯତ୍ନ କରନ୍ତି ଯେ ପଶାୟତ ବାବୁ ସବୁବେଳେ କହନ୍ତି ଭଗବାନ ଜନ୍ମ ଜନ୍ମ ଧରି ଏଭଳି ପିଲାଙ୍କ ବାପା ହେବାର ସୁଯୋଗ ଦିଅନ୍ତୁ । ଅବଶ୍ୟ ଏଭଳି କଥା ଶୁଣିଲେ ସିଂ ବାହାଦୁର ସାହେବଙ୍କ ମନ ମରିଯାଏ । ସୈନିକ ହେଲେ ମଧ୍ୟ ଆଖି କୋଣରୁ ଅମାନିଆ ଲୁହ ଝରି ଆସେ । ପିଲାମାନେ ପଦପଦବୀ ପାଇ ଖୁବ୍ ରୋଜଗାର କଲେ ସିନା ବାପାମାଆଙ୍କର ହୋଇପାରିଲେ ନାହିଁ । କେମିତି ହେବେ ବିଦେଶରେ ରହୁଛନ୍ତି । ଗତ ଦଶ ବର୍ଷ ହେବ ବାପାମାଆଙ୍କୁ ଦେଖିବାକୁ ମଧ୍ୟ ଆସି ନାହାନ୍ତି । ମାସେ ଦି'ମାସରେ ଦିନେ ଅଧେ ଫୋନ୍ । ଦୁଇ ପୁଅ ଆମେରିକାରେ ବାହା ହୋଇଗଲେ ବିଦେଶିନୀ ଦୁହିଁଙ୍କୁ । ଅବଶ୍ୟ ବାପାମାଆ ଯାଇଥିଲେ ଆମେରିକା । ବଡ଼ ଧୁମ୍‌ଧାମ୍‌ରେ କୁଆଡେ ଭୋଜିଭାତର ଆୟୋଜନ ହୋଇଥିଲା । କିନ୍ତୁ

## କାହାଣୀ ପଛର କାହାଣୀ

‘ବାପାଙ୍କ ଶେଷ ଚିଠି’ ଗଳ୍ପଟି ଅଧୁନା ସମାଜରେ ଘଟୁଥିବା ହୃଦୟ ବିଦାରକ ଘଟଣା ସମୂହର ଏକ ପ୍ରତିଫଳନ ମାତ୍ର । ଶ୍ରୀରାମ, ଶ୍ରବଣ କୁମାର ଓ ପିତାମହ ଭୀଷ୍ମଙ୍କ ଦେଶରେ ପିତାମାତା ମାନେ ଆଜି ଅବହେଳିତ ଓ ଉପେକ୍ଷିତ । ଏଥିପାଇଁ ବାପାମାଆଙ୍କ ଉଚ୍ଚ ଆକାଂକ୍ଷା ମଧ୍ୟ ଦାୟୀ । ପିଲାଙ୍କୁ ମୂଲ୍ୟବୋଧ ଶିକ୍ଷା ଦେବା ପରିବର୍ତ୍ତେ ସେମାନଙ୍କୁ ଟଙ୍କା ରୋଜଗାରର ଯନ୍ତ୍ର କରିବାର ଦୁର୍ବାର ଲାଳସା ହିଁ ସେମାନଙ୍କ ଅବହେଳା ଓ ନିଃସଙ୍ଗ ଜୀବନଯାପନର କୁପରିଣତି । ସତ କହିଲେ ଏହା ବାସ୍ତବ ଘଟଣାର ଏକ କରୁଣ ଛବି । କିନ୍ତୁ ଏଭଳି ଗଳ୍ପ ରଚନାରେ ସାମାଜିକ ଗଣମାଧ୍ୟମର ଭୂମିକା ମଧ୍ୟ ଗାଳ୍ପିକଙ୍କୁ ସହଯୋଗ ପ୍ରଦାନ କରିଛି । କିନ୍ତୁ ପିଲାଙ୍କୁ ତଥ୍ୟ ରଖା ସୁଖ ଓ ଅର୍ଥ ଉପାର୍ଜନର ମାଧ୍ୟମ ଭାବିବା ପରିବର୍ତ୍ତେ ଭଲ ମଣିଷ କରି ଗଢି ତୋଳିବା ସମୟର ଆହ୍ୱାନ । ନଚେତ୍ ପଶ୍ଚିମ ଦେଶମାନଙ୍କ ଭଳି ବୃଦ୍ଧାଶ୍ରମ ବା ଜରାଶ୍ରମ ବୃଦ୍ଧ ପିତାମାତାଙ୍କ ଶେଷ ଠିକଣା ହେବା ନିଶ୍ଚିତ ।

ମନୋରଞ୍ଜନ ପ୍ରଧାନ

ପିଲାଙ୍କ ବିଦେଶିନୀ ବାହାଘର ପର ଠାରୁ ସିଂ ବାହାଦୁର ବାବୁ ଟିକିଏ ଦୁର୍ବଳ ହୋଇଗଲେ । ତଥାପି ସେ ଆତ୍ମ ବିଶ୍ୱାସ ହରେଇ ନଥିଲେ । ସେନା ଅଧିକାରୀ ଭାବରେ କେତେ ଆହ୍ୱାନର ମୁକାବିଲା କରି ସଫଳ ହୋଇଛନ୍ତି । ଏଭଳି ଘଟଣା ତାଙ୍କ ପାଇଁ କିଛି ନାହିଁ ।

ଲୋକଙ୍କୁ ଆଡେଇ ଆଗକୁ ମାଡିଗଲେ ପଶାୟତ ବାବୁ । ମଥାଘୁରି ଗଲା ଭଳି ଲାଗିଲା । ଆରେ ସିଂ ବାହାଦୁର ବାବୁ ଆଉ ତାଙ୍କ ଧର୍ମପତ୍ନୀ ଏମିତି ବାରଣ୍ଡାରେ ଶୋଇଛନ୍ତି କାହିଁକି ! ଆରେ ଚିଂଟୁ ତୁ କେବେ ଆମେରିକାରୁ ଆସିଲୁ । ସିଂ ବାବୁ କହୁଥିଲେ ମାଆଙ୍କ ଦେହ ବାବଦରେ ତୁମମାନଙ୍କୁ ଜଣେଇ ଥିଲେ । ତୁମେମାନେ ଅଫିସ୍ କାମରେ ଫୁର୍‌ସତ୍ ନାହିଁ କହୁଥିଲ କୁଆଡ଼େ । ଦଶ ଦିନ ହେବ ମୁଁ ପାରିବାରିକ କାମରେ ବନ୍ଧୁ ଘରକୁ ମଧ୍ୟପ୍ରଦେଶ ପଳେଇଥିଲି । ହେଲେ ସିଂ ବାବୁ ଆଉ ତାଙ୍କ ଧର୍ମପତ୍ନୀଙ୍କ କ’ଣ ହେଲା ?

ପଶାୟତ ବାବୁ ପାଗଳଙ୍କ ଭଳି ବାରମ୍ବାର ପଚାରିବା ପରେ ବାପାମାଆଙ୍କ ମଲା ଶରୀର ମୁଣ୍ଡରେ ବସି ଥିବା ଚିଂଟୁ କହିଲା– “ମାମାର ମୃତ୍ୟୁ ପରେ ଡାଡି ଆତ୍ମହତ୍ୟା କରିଦେଲେ ।”

“କ’ଣ କହୁଛୁ ! ଚିଂଟୁ ସିଂ ବାହାଦୁର ବାବୁ ପୁଣି ଆତ୍ମହତ୍ୟା ! ଆଦୌ ନୁହେଁ । ସତ କଥାଟା କହ କ’ଣ ହୋଇଛି !”

“ସତ କହୁଛି ଅଙ୍କଲ୍ ଡାଡି ନିଜ ବନ୍ଧୁକରୁ ଗୁଳି ଚଳାଇ ଆତ୍ମହତ୍ୟା କରିଛନ୍ତି ମୋ ଉପସ୍ଥିତିରେ ।” କହିଲା ସାନ ପୁଅ ଚିଂଟୁ ।

“ମାନେ ?” ଅବାକ୍ ହୋଇ ପଚାରିଲେ ପଶାୟତ ବାବୁ ।

ଚାରି ଦିନ ତଳେ ଡାଡି ଫୋନ୍ କରି ମାମାଙ୍କ ମୃତ୍ୟୁ କଥା ଜଣେଇଲେ । ମାମା କୁଆଡେ ଆମ ଦୁଇ ଭାଇଙ୍କୁ ଦେଖିବାକୁ ଭାରି ଇଚ୍ଛା କରିଥିଲା । ହେଲେ ଅଙ୍କଲ୍ ଆମେ ଏତେ ବଡ଼ ବଡ କମ୍ପାନୀରେ ଏତେ ବଡ଼ ପଦପଦବୀରେ ଅଛୁ ଯେ ପରିବାରକୁ ବି ସମୟ ଦେଇପାରୁ ନାହୁଁ । ବୋହୂ ଦୁହେଁ ମଧ୍ୟ କମ୍ପାନୀ ଚାକିରୀଆ । ଦୁଇ ଦୁଇଟି ପିଲା କେୟାର୍ ଟେକର୍‌ଙ୍କ ଦ୍ୱାରା ଲାଳିତ ପାଳିତ ହେଉଛନ୍ତି । ଜାଣିଛ ଅଙ୍କଲ୍ ବଡ଼ ଭାଇ ସହ ତିନି ବର୍ଷ ହେବ ମୋର ଦେଖା ହୋଇନାହିଁ । କମ୍ପାନୀ ଛୁଟି ଦେବାକୁ ମନା କରୁଥିଲା । ମାମାଙ୍କ ମୃତ୍ୟୁ କଥା ଶୁଣି ବହୁ କଷ୍ଟରେ ମୁଁ ଆସି ପହଁଚିଲି । ହେଲେ ଡାଡିଙ୍କ ଏକ ମାତ୍ର ଜିଦ୍ କି ବଡ଼ଭାଇ (ମଂଟୁ) ନ ଆସିଲେ ମାମାର ଶେଷ କୃତ୍ୟ କରିବେ ନାହିଁ । ମୁଁ ଡାଡିଙ୍କୁ ଯେତେ ବୁଝେଇଲି କିନ୍ତୁ ସେ ବୁଝିଲେ ନାହିଁ । ଶେଷରେ ସତକଥାଟା କହିଦେଲି । ଶୁଣିବା ପରେ ଡାଡି ଘର ଭିତରକୁ ଯାଇ ଏଇ ଶେଷ ଚିଠି ଲେଖି ନିଜ ବନ୍ଧୁକରେ ଗୁଳି ଚଳାଇ ଆତ୍ମହତ୍ୟା କରିଦେଲେ ।” ସବୁକଥା ବର୍ଣ୍ଣନା କଲା ଚିଂଟୁ ।


“କେଉଁ ଚିଠି, କ’ଣ ଲେଖିଛି ମୋ ବାଲ୍ୟବନ୍ଧୁ”– ବ୍ୟସ୍ତ ହୋଇ ପଚାରିଲେ ପଶାୟତ ବାବୁ । ବିନମ୍ର ଭାବରେ ଡାଡିଙ୍କ ହାତଲେଖା ଶେଷ ଚିଠିଟା ବଢେଇ ଦେଲା ଚିଂଟୁ ।

ବନ୍ଧୁଙ୍କ ହାତ ଲେଖା ଦେଖି ଚମକି ପଡିଲେ ପଶାୟତ ବାବୁ । ଚିଠିର ଶୀର୍ଷକ ଥିଲା: ‘ବାପାଙ୍କ ଶେଷଚିଠି ।’

ପ୍ରିୟ ପୁତ୍ର,

ମୁଁ ଖବର ଦେଇଥିଲି କି ତୁମ ମାଆ ଆଉ ଏ ଦୁନିଆଁରେ ନାହିଁ । ସମ୍ବାଦଟି ଜଣାଇବା ପରେ ମୃତ ପତ୍ନୀଙ୍କ ଶବ ପାଖରେ ତୁମେ ଦୁଇ ପୁଅଙ୍କ ପହଞ୍ଚିବାକୁ ଅପେକ୍ଷା କରି ପଥର ସଦୃଶ ଚାହିଁ ବସିଥିଲି । ହେଲେ ଚିଂଟୁ ଏକୁଟିଆ ଆସି ପହଞ୍ଚିଲା । କିନ୍ତୁ ତୁ ଆସିଲୁ ନାହିଁ । ଶାସ୍ତ୍ରାନୁସାରେ ଏଭଳି କର୍ମରେ ଜ୍ୟେଷ୍ଠପୁତ୍ରର ଆବଶ୍ୟକତା ରହିଥାଏ । ସେଥିପାଇଁ ତୋତେ ପ୍ରଥମେ ଫୋନ୍ କରିଥିଲି । କିନ୍ତୁ ତୋର ନ ଆସିବାର କାରଣ ଜାଣିବା ପରେ ମୁଁ ତୋ ମାଆ ସହ ଯିବାକୁ ଉପଯୁକ୍ତ ମନେ କରୁଛି ।

ହଁ ତୁମ ମାଆ ଆଉ ମୁଁ, ଆମେ ଦୁଇଜଣ ଅନେକ ଆଶା ନେଇ ତୁମ ଦୁଇଜଣଙ୍କୁ ଶ୍ରଦ୍ଧାରେ ଛୋଟରୁ ବଡ଼ କରିଥିଲୁ । ଦୁନିଆଁର ସମସ୍ତ ସୁଖ ତୁମ ପାଖରେ ଅଜାଡ଼ି ଦେଇଥିଲୁ । ଦେଶର ଶ୍ରେଷ୍ଠତମ ଶିକ୍ଷାନୁଷ୍ଠାନରେ ତୁମମାନଙ୍କୁ ଶିକ୍ଷିତ କରାଇଥିଲୁ । ତୁମମାନଙ୍କ ମାଆ ଯେତେବେଳେ ଅନ୍ତିମ ନିଶ୍ୱାସ ଗଣୁଥିଲା, ମୁଁ ପାଖରେ ଥାଇ ଦେଖିଛି ସେ ତୁମ ଦୁଇଜଣଙ୍କୁ ଏକାସାଙ୍ଗରେ ଶେଷଥର ପାଇଁ ଦେଖିବାକୁ ଚାହୁଁଥିଲା । ତୁମ ଦୁଇଜଣଙ୍କ କପାଳରେ ଚୁମ୍ବନ ଆଙ୍କିବାକୁ ଚାହୁଁଥିଲା । ଶେଷ ପର୍ଯ୍ୟନ୍ତ ତା’ ଆଖିରେ ତୁମେ ଦୁହେଁ ସେଇ ମଂଟୁ ଆଉ ଚିଂଟୁ ନାମକ ଦୁଇଟି ଶିଶୁ ହିଁ ତ ଥିଲ । ମୃତ୍ୟୁ ପରେ ତା’ ପାଖରେ ରହି ତୁମମାନଙ୍କ ପାଇଁ ଅପେକ୍ଷା କରିବାକୁ ଏଥର ମୁଁ ଥିଲି । ମୋର ଏତିକି ଇଚ୍ଛା ଥିଲା ତୁମେମାନେ ଆସି କେବଳ ମୋ ଦୁଇ କାନ୍ଧ ପାଖରେ ଛିଡ଼ା ହୋଇଥିଲେ ମୁଁ ଟିକେ ମନ ଭରି ଅନ୍ତତଃ କାନ୍ଦି ପାରିଥାନ୍ତି । ସେତିକି ବି ହେଲାନାହିଁ । ହଁ... ଏହାପରେ ମୁଁ ମଲାବେଳକୁ, ମୋ ଶବ ପାଖରେ ତୁମମାନଙ୍କ ପାଇଁ ଅପେକ୍ଷା କରିବାକୁ ଆଉ କେହି ନ’ଥିବେ । ଏହା ମଧ୍ୟ ହୃଦୟରୁ ଚାହୁଁଛି କି ମୁଁ ମଲାବେଳକୁ ତୋତେ ଆଉ ଆସିବାକୁ ବି ନ’ପଡୁ । ତୋ ମାଆ ସହିତ ମୋ କାମ ମଧ୍ୟ ଏକାସାଙ୍ଗରେ ସମ୍ପନ୍ନ ହୋଇ ପାରିଲେ ଖୁବ୍



ଭଲହୁଅନ୍ତା । ମୋର ବଞ୍ଚିବାର କୌଣସି ଅଧିକାର ନାହିଁ । କାରଣ ଯେଉଁ ଦେଶ ଯେଉଁ ସମାଜ ସ୍ୱଚ୍ଛନ୍ଦ ଜୀବନଧାରଣ ପାଇଁ ମୋତେ ଅଯାଚିତ ଅର୍ଥ ଓ ସମ୍ମାନ ଦେଇଛି, ପ୍ରତିବଦଳରେ ମୁଁ ସେହି ସମାଜକୁ କେବଳ ଅସଭ୍ୟ ନାଗରିକ ବାଣ୍ଟିଛି । ଭଲ ହେଲା ଆମେ ଦୁହେଁ ତୁମମାନଙ୍କ ସହ ଆମେରିକାରେ ରହିନାହୁଁ ନଚେତ ଏହି ନିଛକ ସତ୍ୟ କଥାଟି ଆଢୁଆଳରେ ଲୁଚି ଯାଇଥାଆନ୍ତା ।

ମୋର ଅନ୍ତିମ ଇଚ୍ଛା ମୋ ସମସ୍ତ ଫୋଟୋ ଓ ମେଡାଲ୍ ବାଟାଲିୟନକୁ ଫେରାଇ ଦିଆଯାଉ ତଥା ଘରେ ଥିବା ଟଙ୍କା ପଇସା ଚାକରଙ୍କ ମଧ୍ୟରେ ବାଣ୍ଟି ଦିଆଯାଉ ଏବଂ ଜମା ସମ୍ପତ୍ତିର ଅଧା ବୃଦ୍ଧ ସେବାକେନ୍ଦ୍ର ଓ ବାକି ସମସ୍ତ ସୈନିକ କଲ୍ୟାଣରେ ଖର୍ଚ୍ଚ କରାଯାଉ । ଅବଶ୍ୟ ଏଥିପାଇଁ ଆମେ ବାପାମାଆ ଦାୟୀ । କାରଣ ଆମେ ତୁମକୁ ନାମୀଦାମୀ ସ୍କୁଲ୍‌ରେ ପଢେଇ ସାହେବ ତ କରିଦେଲୁ କିନ୍ତୁ ନିଜ ଦେଶର ଐତିହ୍ୟ, ପରମ୍ପରା, ସଂସ୍କାର, ସଂସ୍କୃତି ଓ ଆଧ୍ୟାତ୍ମିକ ଚେତନା ସମ୍ବନ୍ଧରେ ତୁମକୁ ଶିଖେଇବାର ସୁଯୋଗ ଦେଇଛୁ କି ନାହିଁ କେବେ ଆତ୍ମ ସମୀକ୍ଷା କଲୁନାହୁଁ । ସକାଳୁ ସକାଳୁ ଗୁଡ ମର୍ଣ୍ଣିଙ୍ଗ୍ ଡାଡ୍, ମମ୍ ଡାକରେ ଛାତି କୁଣ୍ଢେମୋଟ ହୋଇ ଯାଉଥିଲା କିନ୍ତୁ ଆମ ସଂସ୍କୃତିର ଭୂମିଷ୍ଠ ପ୍ରଣିପାତ କରିବା ଶିଖିଇଲୁ ନାହିଁ । ଦିନେ ହେଲେ ଆମ ଇତିହାସ, ପୁରାଣ, ଶାସ୍ତ୍ର ତୁମକୁ ଶୁଣେଇବାକୁ, ଜଣେଇବାକୁ ଚେଷ୍ଟା କରିନାହୁଁ । ଆଜି ଭାବୁଛି ତୁମେମାନେ ଯଦି ପିତୃମାତୃ ଭକ୍ତ ଶ୍ରୀରାମ, ଶ୍ରବଣ କୁମାର,ପିତାମହ ଭିଷ୍ମ, ଗୁରୁ ପର୍ଶୁରାମ, ନଚିକେତା ଆଦିଙ୍କ କଥା ପାଠ ସହ ପଢା ଯାଇଥାନ୍ତା ଆଜି ଏଭଳି ସ୍ଥିତି ବୋଧହୁଏ ହୋଇ ନଥାନ୍ତା । ଭଗବତ ଗୀତାର ସାତ ଶହ ଶ୍ଲୋକ ଯଦି ପଢେଇବାର ସୁଯୋଗ ସୃଷ୍ଟି କରିଥାନ୍ତି, ତୁମେ ବୁଝି ପାରିଥାନ୍ତ ତୁମର ଅସଲ କର୍ତ୍ତବ୍ୟ ଓ ଦାୟିତ୍ୱ ସମ୍ବନ୍ଧରେ । ସତ କହିବାକୁ ଗଲେ ତୁମେ ଦୁହିଁଙ୍କୁ ପାଠୁଆ ତ କରିଦେଲୁ ହେଲେ ଶିକ୍ଷିତ କରିପାରିଲୁ ନାହିଁ । ତୁମେମାନେ ବଡ଼ ମଣିଷ ତ ହୋଇଗଲ, ହେଲେ ଭଲ ମଣିଷ ହୋଇପାରିଲ ନାହିଁ । ପରୀକ୍ଷାରେ ସଫଳ ହୋଇଗଲ ମାତ୍ର ଜୀବନରେ ବିଫଳ ହୋଇଗଲ । ତୁମେ ବୋଲକରା ଚାକିରିଆ ହୋଇଗଲ ମାତ୍ର ପିତୃମାତୃ ଭକ୍ତ ହୋଇ ପାରିଲ ନାହିଁ । ଟଙ୍କାର ମୂଲ୍ୟ ତ ବୁଝିଗଲ ହେଲେ ବାପାମାଆଙ୍କ ସେବା ଯତ୍ନର ମୂଲ୍ୟବୋଧ ଭୁଲିଗଲ । ଚିଂଟୁ ଠାରୁ ମଧ୍ୟ ଶୁଣିଲି ତୁମେ ତୁମ ପରିବାରର ମଧ୍ୟ ହୋଇପାରି ନାହଁ । ତୁମ ଭବିଷ୍ୟତ ତଥା ପିଲାମାନେ ଅନ୍ୟ ଚାକର ଚାକରାଣୀ ମାନଙ୍କ ଦୟାରେ ବଞ୍ଚିଛନ୍ତି । ନୀତିଶିକ୍ଷା ପାଇଁ ଜେଜେବାପା ମାଆଙ୍କ କୋଳ ଆଜି ଭିଡିଓ ଗେମ୍, ଟିଭି ଆଦିର କାର୍ଟୁନ୍ ଚ୍ୟାନେଲ ମାନେ ଅଧିଗ୍ରହଣ କରିଛନ୍ତି । ସତ କହିବାକୁ ଗଲେ ଆମେ ତୁମ ମାନଙ୍କୁ କେବଳ ଟଙ୍କା ଛପା ମେସିନ୍ କରିଦେଇଛୁ । ମୋ ଭୁଲ୍ ପାଇଁ ମୁଁ ଅନୁତପ୍ତ । ଆଜି ମୋର ସବୁ ମୋହ ଭଙ୍ଗ ହୋଇଛି । ସବୁ ଅହଙ୍କାର ଚୁରମାର ହୋଇ ଯାଇଛି । ଏବେ କେବଳ ପରମେଶ୍ୱରଙ୍କ କୋଳକୁ ଯିବାର ସମୟ ଉପନୀତ । ଭଗବାନ ତୁମ ଦୁହିଁଙ୍କୁ ଭଲରେ ରଖନ୍ତୁ । ସଦାବେଳେ ଖୁସିରେ ରୁହ ।

ଇତି,

ତୁମ ବାପା

ଅବାକ୍ ହୋଇଗଲେ ପଶାୟତ ବାବୁ । ଯେତେ ଚେଷ୍ଟା କଲେ ମଧ୍ୟ ଆଖିରୁ ଝରି ପଡୁଥିଲା ଅଶ୍ରୁଜଳ । ଗୋଟି ଗୋଟି କରି ମନେ ପଡି ଯାଉଥିଲା ବାଲ୍ୟ ଜୀବନର ସାଥୀ ହୋଇ ଖେଳିବା ପଢ଼ିବା କଥା । ଏ ବନ୍ଧୁତା ଭିତରେ କିଛି ବର୍ଷ ଭଟ୍ଟା ପଡ଼ିଥିଲା ସିଂ ବାହାଦୁରଙ୍କ ଚାକିରି କାଳ ସମୟରେ । କିନ୍ତୁ ଅବସର ପରେ ସେ ଭୁଲି ପାରି ନଥିଲେ ଜନ୍ମମାଟିର ସ୍ନେହ ଆଦର ଓ ବାଲ୍ୟବନ୍ଧୁମାନଙ୍କ ପିଲାବେଳର ଆତ୍ମିୟତା । ପିଲାମାନେ ଆମେରିକା ଚାଲିଯିବା ପରେ ଗାଁରେ ଖୁବ୍ ଖୁସିରେ ରହୁଥିଲୁ । ହେଲେ ଆଜି ମୋତେ ଏକୁଟିଆ କରି ଚାଲିଗଲ । ମନେ ମନେ ଭାଳୁଥାନ୍ତି ବାଲ୍ୟବନ୍ଧୁ ପଶାୟତ ବାବୁ । ହେଲେ ଚିଂଟୁ ଏଭଳି ଦୁର୍ଘଟଣା କିପରି ଘଟିଲା !

"ବୁଝିଲ ଅଙ୍କଲ୍ ମୁଁ ଯେତେବେଳେ ଭାଇର କଥା କହିଦେଲି, ଡାଡି ମାଆର ଶବ ଉପରୁ ହାତ କାଢ଼ି ଘର ଭିତରକୁ ଚାଲିଗଲେ । କିଛି ସମୟ ପରେ ଘର ଭିତରୁ ଗୁଳି ଫୁଟିବାର ଶବ୍ଦ ଶୁଭିଲା । ବୋଧହୁଏ ଚିଠି ଲେଖି ସାରିବା ପରେ ଡାଡି ନିଜକୁ ଗୁଳି ମାରି ସାରିଥିଲେ । ମୁଁ ତୁରନ୍ତ ଘର ଭିତରକୁ ଦୌଡି ଗଲି । ହେଲେ ସବୁ ଶେଷ ହୋଇ ଯାଇଥିଲା । ଡାଡିଙ୍କ ପ୍ରାଣବାୟୁ ଉଡି ଯାଇଥିଲା । ଡାଡିଙ୍କ ମୁଣ୍ଡରୁ ରକ୍ତସ୍ରାବ ଘର ଚଟାଣକୁ ଲାଲ ରଙ୍ଗରେ ରଞ୍ଜିତ କରି ସାରିଥିଲା" – ସବୁ କଥା ପ୍ରାଞ୍ଜଳ ଭାବରେ କହିଲା ଚିଂଟୁ ।

ଚକିତ ହୋଇ ପଚାରିଲେ ପଶାୟତ ବାବୁ – "ହେଲେ ମଂଟୁ କ'ଣ କହିଥିଲା ଯେ ସିଂ ବାହାଦୁର ବାବୁ ଏଭଳି କଠିନ ଓ କଠୋର ନିଷ୍ପତ୍ତି ନେବାକୁ ବାଧ୍ୟ ହୋଇଗଲେ ?"

"ଅଙ୍କଲ୍ ଡାଡିଙ୍କ ଫୋନ୍ କଲ୍ ପାଇବା ପରେ ମୁଁ ଭାଇଙ୍କୁ ଯୋଗାଯୋଗ କରି ଗାଁକୁ ଯିବା ପାଇଁ ଅନୁରୋଧ କରିଥିଲି । କିନ୍ତୁ କମ୍ପାନୀର ହେବି ସିଡ୍ୟୁଲ୍ ନାଁରେ ଭାଇ କହିଲେ ତୁ ଏଥର ଯାଇ ସବୁ କାମ ସାରି ଦେ, ବାପା ମଲାବେଳକୁ ମୁଁ ଯିବି । ଏକଥା ଶୁଣି ବୋଧେ ବାପା ନିଜକୁ ସମ୍ଭାଳି ପାରିଲେ ନାହିଁ । ମୁଁ କ'ଣ କରିଥାନ୍ତି ଅଙ୍କଲ୍ ବାପାଙ୍କ ଏକା ଜିଦ୍ ଥିଲା କି ବଡ଼ ଭାଇ ନ ଆସିବା ପର୍ଯ୍ୟନ୍ତ ମାମାଙ୍କ ଶବ ଦାହ କରିବେ ନାହିଁ । ମୁଁ ବାଧ୍ୟ ହୋଇ ଭାଇ କହିଥିବା କଥା କହିଦେଲି ।"

ମୁଣ୍ଡରେ ହାତ ଦେଇ ଖପ୍ ହୋଇ ବସି ପଡିଲେ ପଶାୟତ ବାବୁ । ବିଶ୍ୱାସ କରିପାରିଲେ ନାହିଁ ମଂଟୁର ଏଭଳି ନିର୍ଦ୍ଦୟ ଶବ୍ଦକୁ । ଯେଉଁ ପିଲାକୁ ନିଜ ହାତରେ ମଣିଷ କରିଥିଲେ ଏବଂ ଯାହାର ପାଠପଢ଼ା ଓ ବଡ଼ ଚାକିରୀ ପାଇଁ ସିଂ ବାହାଦୁର ବାବୁ ନିଶ ଫୁଲେଇ ଗର୍ବରେ କହୁଥିଲେ ପାଠ ପଢ଼ିବ ତ ମୋ ମଂଟୁ ଚିଂଟୁ ପରି । ସବୁ ସ୍ତରରେ ଟପର୍ । ଏବେ ଆମେରିକାର ନାମୀ ବହୁ ରାଷ୍ଟ୍ରୀୟ କମ୍ପାନୀରେ ବଡ଼ ବଡ଼ ପଦବୀରେ । ବାର୍ଷିକ ପେକେଜ୍ କୋଟିଏରୁ ଊର୍ଦ୍ଧ୍ୱ । ସେ ପୁଅ ଆଜି ବାପାର ସ୍ନେହ, ଶ୍ରଦ୍ଧା ଓ ମମତାର ମୂଲ୍ୟ ବୁଝି ପାରିଲା ନାହିଁ । ଅନ୍ତତଃ ମାଆର ମୁହଁରେ ନିଆଁ ଦେବାକୁ ତ ଆସି ପାରିଲା ନାହିଁ, ଶେଷରେ ଭାଇ ଭାଗ କରିଦେଲା । ମାର୍ବଲ ଚଟାଣ ଉପରେ ଏକତ୍ର ଶୋଇଥିବା ବାଲ୍ୟବନ୍ଧୁ ସିଂ ବାହାଦୁର ବାବୁ ଓ ବନ୍ଧୁ ପତ୍ନୀଙ୍କ ପାଦ ପାଖରେ ସାଷ୍ଟାଙ୍ଗ ଦଣ୍ଡବତ କରି କହିଲେ– "ଭାଇ ଭଉଣୀମାନେ ସିଂ ବାହାଦୁର ବାବୁ ଜୀବନବ୍ୟାପୀ ସେନା ବାହିନୀରେ କାମ କରି କେବଳ ଆମ ଦେଶର ଟେକ ରଖି ନାହାନ୍ତି, ଆମ ଜନ୍ମମାଟି ଏ ଗ୍ରାମର ବରପୁତ୍ର ଭାବରେ ଆମକୁ ଗର୍ବିତ କରିଛନ୍ତି । ଚାଲ ଆମେ ସମସ୍ତେ ମିଶି ତାଙ୍କ ଶବ ସତ୍କାର କରି ନିଜକୁ ଧନ୍ୟ ମନେ କରିବା । ବଡ଼ ପାଠୁଆ ପୁଅ ସିନା ବାପାମାଆଙ୍କ ଶେଷ ବେଳରେ ମୁହଁରେ ନିଆଁ ଦେବାକୁ ଆସି ପାରିଲା ନାହିଁ, ଆମେ ଗ୍ରାମବାସୀ ତାଙ୍କୁ ଉପଯୁକ୍ତ ସମ୍ମାନ ଦେଇ ତାଙ୍କ ଋଣ ପରିଶୋଧ କରିବା ।"

କ୍ଷଣିକ ଭିତରେ ବୀରପୁତ୍ରଙ୍କ ଶେଷ ଯାତ୍ରାରେ ହଜାର ହଜାର ଲୋକଙ୍କ ଜୟଧ୍ୱନିରେ ପ୍ରକମ୍ପିତ ହୋଇ ଉଠିଲା ବୀରମିତ୍ରପୁର ଶାସନର ଗଗନ ପବନ । ସିଂ ବାହାଦୁର ସାହେବ ଅମର ରହେ, ଭାରତ ମାତା କି ଜୟ, ବନ୍ଦେ ମାତରଂ ଆଦି ଜୟ ଘୋଷରେ ଦମ୍ପତିଙ୍କ ଶେଷକୃତ୍ୟ ପାରମ୍ପରିକ ରୀତିରେ ସମ୍ପନ୍ନ କରାଗଲା । କିନ୍ତୁ ସବୁ ସତ୍ତ୍ୱେ ଲୋକଙ୍କ ଭିତରେ ଗୋଟିଏ କଥା ଗୁଣୁଗୁଣୁ ହୋଇ ଶୁଣା ଯାଉଥିଲା: ଏମିତି ପୁଅ କାହାକୁ ନ ମିଳୁ । ଆମ ପିଲା ବେଶୀ ପଢ଼ି ନାହାନ୍ତି କି କୋଟି କୋଟି ରୋଜଗାର କଲା ଭଳି ଚାକିରି କରି ନାହାନ୍ତି । ମାତ୍ର ଏଭଳି ସ୍ୱାର୍ଥପର ନୁହନ୍ତି । ତେଣୁ ବଡ଼ ଲୋକ ହେବାରେ ଅସୁବିଧା ନାହିଁ । ହେଲେ ଭଲ ସଂସ୍କାରୀ ମଣିଷ ହୋଇ ପିତାମାତା, ବନ୍ଧୁ ପରିଜନଙ୍କ ଆଜ୍ଞାକାରୀ ଯୋଗ୍ୟ ସନ୍ତାନ ହେବା ନିହାତି ପ୍ରାଥମିକତା । ସମସ୍ତଙ୍କ କାନରେ ଗୁଞ୍ଜରିତ ହେଉଥିଲା ସିଂ ବାହାଦୁର ସାହେବଙ୍କ ଶେଷ ଚିଠିର ଗୋଟିଏ ଗୋଟିଏ ଶବ୍ଦ ।



# ଇଷ୍ଟଙ୍କୁ ଉତ୍ସର୍ଗ 'ଇଡିତାଲ୍'

"ହେ ଆକାଶର ଦେବତା, ହେ ମାଟି ଦେବତା, ହେ ପୂର୍ବ ପୁରୁଷ ପଦାର୍ପଣ କର ଆମ କାର୍ଯ୍ୟରେ, ଆମ ଭୋଗରେ ସନ୍ତୁଷ୍ଟ ହୁଅ, ଆମକୁ ଆଶୀର୍ବାଦ କର, ଆମେ ତମ ଦାୟାଦ, ଆମେ ଯଦି ନରହିବୁ ତମକୁ ପୂଜିବ କିଏ ।" ଶ୍ଳୋକରେ ଶ୍ଳୋକରେ ହାତଅଙ୍କା ଚିତ୍ର ଉପରେ ମାନଅଭିମାନ, ଅଭିଯୋଗ, କାକୁତିମିନତି ବାଢ଼ି ଆଶୀର୍ବାଦ, ଅନୁମତି ମାଗି ଜୀବନ ଜିଇଁବାରେ ଅଖଣ୍ଡ ବିଶ୍ୱାସ ରଖୁଥିବା ସରଳ ମଣିଷମାନେ ଯେ ଏ ଯନ୍ତ୍ରବତ୍ ଯୁଗରେ ଅଛନ୍ତି ଏ ଧାରଣା ନିଶ୍ଚିତ ଦୃଢୀଭୂତ ହେବ, ଯେତେବେଳେ ଆମେ ନଜର ପକେଇବା ମଣିଷ ସଭ୍ୟତା ଆରମ୍ଭର ମୂକ ସାକ୍ଷୀ ଆଦିମ ସଉରା ଜନଜାତିର ଜୀବନଯାପନ ଶୈଳୀ ଉପରେ । ସଭ୍ୟତାର କ୍ରମ ବିକାଶର ଯାତ୍ରୀ ହୋଇ ଇତିହାସର ଅନ୍ଧାରୀ ମୂଳକରୁ ଏ ଜାତି ସୂର୍ଯ୍ୟାଲୋକ ଦେଖିଲା ସିନା ଏଯାବତ୍ ବଞ୍ଚିଛି ମାଟିମନସ୍କ ହେଇ ନିଜ ପରମ୍ପରା ଓ ସଂସ୍କୃତିକୁ ଜାବୁଡ଼ି ଧରି । ଅନନ୍ୟ ଏ ଜାତି ଅନନ୍ୟ ତା ସାଂସ୍କୃତିକ ସମୃଦ୍ଧି । ଏ ଜାତିର ପରମ୍ପରା ଯେତିକି ଆକର୍ଷଣୀୟ ସେତିକି ରହସ୍ୟମୟ । ମାଟି, ବୃକ୍ଷ, ପବନ, ଅଗ୍ନି, ଜଳ, ଜଙ୍ଗଲ ସଭିଙ୍କୁ ଈଶ୍ୱରଙ୍କ ଅଂଶ, ଦେବତା ମାନୁଥିବା ଏ ଜାତିର ଆଉ ଏକ ସାଂସ୍କୃତିକ ଅନନ୍ୟତା ହେଲା କାନ୍ଥ ଅଙ୍କା ଚିତ୍ରରେ ଈଶ୍ୱର ଉପାସନା । କେଜାଣି କେବେ ଏ ଜାତିର ପୂର୍ବପୁରୁଷ କେହି ଖିଆଲି ମନରେ ଆଙ୍କିଥିବ ଗୁମ୍ଫାରେ ଚିତ୍ର, ନିଜ ମନର ଭାବକୁ ପଥରରେ ଆଙ୍କି ବୁଝେଇଥିବ ଅନ୍ୟକୁ, ତା ଯେ ଦିନେ ପରମ୍ପରା ପାଲଟିଯିବ ଏହା ନିଶ୍ଚେ ଧାରଣା ବାହାରେ, କିନ୍ତୁ କଥାଟି ସତ । ଅଦ୍ଭୁତ ଧର୍ମ ଧାରଣା ଥିବା ଏ ଜାତି କାନ୍ଥରେ ଚିତ୍ର ଆଙ୍କି ଈଶ୍ୱରଙ୍କୁ ସ୍ମରଣ କରେ, ରୋଗ ହେଲେ ଗୁହାରି ପଡେ, ଚାଷ ଆରମ୍ଭ କରିବାକୁ ଅନୁମତି ମାଗେ, ନୂଆ ଶସ୍ୟ ଚିତ୍ର ପାଖେ ଅର୍ପଣ କରେ । ଚିତ୍ର ଆଙ୍କି ଘରେ ଇଷ୍ଟଙ୍କୁ ପୂଜା କରିବାର ବିଧି ବ୍ୟବସ୍ଥା ଏ ଜାତିର ସ୍ୱତନ୍ତ୍ରତା । ଉକ୍ତ ଚିତ୍ର ବା ଚିତ୍ର ଶୈଳୀକୁ 'ଇଡିତାଲ' କୁହାଯାଏ । କେବଳ ଏତିକି ନୁହେଁ ବରଂ ପ୍ରତ୍ୟେକ କାର୍ଯ୍ୟ ପାଇଁ ସ୍ୱତନ୍ତ୍ର ଚିତ୍ର ଆଙ୍କିବା ଏବଂ ଦେବତାଙ୍କୁ ସ୍ମରଣ କରିବା, ପୂର୍ବ ପୁରୁଷଙ୍କୁ ଚିତ୍ରରେ ସ୍ମରଣ କରିବା ଇତ୍ୟାଦି ଯେତିକି ରୋଚକ ସେତିକି ଗଭୀର ଆଲୋଚନାର ବିଷୟ । ଆଜିର ପ୍ରସଙ୍ଗ ସେଇ ଚିତ୍ରମୟ ଶବର ସାମ୍ରାଜ୍ୟର ରହସ୍ୟମୟ ଚିତ୍ର 'ଇଡିତାଲ' ବିଷୟରେ ।

## ଲାଞ୍ଜିଆ ସଉରାଙ୍କ ଧର୍ମ ଧାରଣା ଓ ସାମାଜିକ ସଂସ୍କୃତି

ପୁରାଣ ତଥା ଇତିହାସ, କିମ୍ବଦନ୍ତୀ ଏବଂ ଜଗନ୍ନାଥଙ୍କ ବହୁ ପ୍ରାଚୀନ





# ମାଟି,ମଣିଷ ଓ ଦେବତା : ସମ୍ପର୍କର ରହସ୍ୟମୟ ଚିତ୍ରକଳା ଇଡିତାଲ୍

**ରୂପେଶ ସାହୁ**
ରାଧାକୃଷ୍ଣ ନଗର, ପଦ୍ମପୁର, ରାୟଗଡ଼ା,
ଫୋନ୍: ୯୩୩୭୨୨୩୫୪୭

ରୀତିନୀତି, ପରମ୍ପରାକୁ ଅବଲୋକନ କଲେ ଜଣାଯାଏ ଶବର ସଂସ୍କୃତି ସୂକ୍ଷ୍ମ ଭାବେ ଜଗନ୍ନାଥ ସଂସ୍କୃତି ସହ ଜଡ଼ିତ । ସଉରା ମାନଙ୍କ ସମାଜରେ ବହୁ ପ୍ରକାର ଧାର୍ମିକ ରୀତିନୀତି, ପର୍ବପର୍ବାଣି ଓ ପୂଜା ବିଧାନ ପ୍ରଚଳିତ । ଏମାନେ ବିଭିନ୍ନ ଦେବାଦେବୀଙ୍କୁ ପୂଜା କରନ୍ତି ଓ ସନ୍ତୁଷ୍ଟ କରିବାକୁ ବଳି ଯାଚନ୍ତି । ଜ୍ୱର ବ୍ୟାଧିରୁ ମୁକ୍ତି ପାଇବା ପାଇଁ 'ସମନ୍' (ଗୁଣିଆ) ମାନଙ୍କ ସାହାଯ୍ୟରେ ମଦ, ବଳି ଉତ୍ସର୍ଗ କରି ଦେବତାଙ୍କୁ ସନ୍ତୁଷ୍ଟ କରିଥାନ୍ତି । ସାମାଜିକ ଜୀବନରେ ଏମାନଙ୍କ ପର୍ବଗୁଡ଼ିକ ବିଶେଷ ଭାବେ ସାମୁହିକ । ପ୍ରତ୍ୟେକ କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ନିର୍ଦ୍ଦିଷ୍ଟ ଦେବାଦେବୀଙ୍କୁ ପୂଜା କରି ସନ୍ତୁଷ୍ଟ କରନ୍ତି ଯଥା ଜଙ୍ଗଲ ସଫା କରିବା ସମୟରେ 'ଆତୁଙ୍ଗସୁମ୍', ଜଙ୍ଗଲରୁ ନିରାପଦ ଭାବେ କାଠ କାଟିବା ପାଇଁ 'ଏଡ଼ଙ୍ଗ ସୁମ୍', ଭଲ ଫସଲ ହେବା ପାଇଁ 'ଇବୋ ସୁମ୍', ଇତ୍ୟାଦି ଦେବତାଙ୍କୁ ପୂଜା କରିବା ସଂଗେସଂଗେ ପରିବାରର ହସ ଖୁସି ଓ ନିରାପଦ ଜୀବନ ଯାପନ ପାଇଁ 'ମାପୁ ସୁମ୍'ଙ୍କୁ ପୂଜା କରନ୍ତି । ଏହି ମାପୁ ସୁମ୍ ହିଁ ସର୍ବଧର୍ମର ଦେବତା ଶ୍ରୀ ଜଗନ୍ନାଥ ବୋଲି ଧାରଣା କରାଯାଏ । ସଉରା ସମାଜରେ ପିତୃପୁରୁଷଙ୍କୁ ସନ୍ତୁଷ୍ଟ କଲେ ଭଲ ଫସଲ ଆମଦାନୀ ହୁଏ ବୋଲି ସେମାନଙ୍କ ବିଶ୍ୱାସ । ପରଲୋକରେ ଥାଇ ମଧ୍ୟ ପରିବାରର ଭଲ ମନ୍ଦ କର୍ମ ପ୍ରତି ପିତୃ ପୁରୁଷମାନେ ଦୃଷ୍ଟି ରଖିଥାନ୍ତି ଏହି ବିଶ୍ୱାସ ବ୍ୟତୀତ 'କିତୁଙ୍ଗ' ହେଉଛନ୍ତି ସେମାନଙ୍କ ପ୍ରଧାନ ଦେବତା । ସେମାନଙ୍କୁ ଏହି କିତୁଂ ଦେବତା ସୃଷ୍ଟି କରିଛନ୍ତି ବୋଲି ବିଶ୍ୱାସ ଥିବା ବେଳେ ସେମାନେ ସୂର୍ଯ୍ୟ ଓ ଅଗ୍ନି ଦେବତାଙ୍କୁ ମଧ୍ୟ ମାନନ୍ତି । ଦେବତାଙ୍କୁ 'ସୋମ୍' କୁହନ୍ତି । ଏମାନଙ୍କ ଧର୍ମ ଧାରଣା ସୁଦୃଢ଼ ପରମ୍ପରା ଉପରେ ପ୍ରତିଷ୍ଠିତ । ଗ୍ରାମର ରକ୍ଷଣାବେକ୍ଷଣ ନିମନ୍ତେ ଗାଁ ମଝିରେ ଠାକୁରାଣୀଙ୍କ ପାଇଁ ଯେଉଁ ଆସ୍ଥାନଟିଏ ତିଆରି କରିଥାନ୍ତି ତାହାକୁ ମାଣ୍ଡୁଆ କହନ୍ତି । ପୂଜାର୍ଚ୍ଚନା ପରେ ଦେବୀ ଉକ୍ତ ପୀଠରେ ବିଜେ କରନ୍ତି । ଏହି ଘରଟି କାଠ ଖମ୍ବକୁ କେନ୍ଦ୍ର କରି ତିଆରି ହୋଇଥାଏ ଯାହାର ଶୀର୍ଷ ଦେଶରେ କାଠରେ ତିଆରି ଏକ ମୟୂରର ସଂକେତ ଥାଏ । ଉକ୍ତ ମଝି ଖୁଣ୍ଟଟି ଉପରେ ଚାଳ ଛପର କରାଯାଇଥାଏ । ଏତଦ୍ ବ୍ୟତୀତ ଆମ୍ବ, ଧାନ, ମକା, ମହୁଲ ଓ ଅନ୍ୟାନ୍ୟ ଫସଲ ଓ ପରିବା ନୂଆ କରି ଅମଳ ସମୟରେ ବିଭିନ୍ନ ପ୍ରକାର ଉତ୍ସବ ପାଳନ କରାଯାଏ ଓ ଦେବାଦେବୀଙ୍କୁ ପ୍ରଥମେ ଉକ୍ତ ନୂତନ ଫସଲ ଅର୍ପଣ କରାଯାଏ ।

ସଉରା ମାନଙ୍କ କଳାପ୍ରୀତି ସେମାନଙ୍କ ବାସଗୃହ ପରିଚ୍ଛନ୍ନତାରୁ ଜଣା ପଡ଼ିଥାଏ । ଘରର କାନ୍ଥ, ବାରଣ୍ଡା, ଦୁଆର, ଚଟାଣ ରଙ୍ଗ ମାଟି ଓ ଗୋବର ଦ୍ୱାରା ଲିପା ହୋଇ

ଖୁବ୍ ସୁନ୍ଦର ଦିଶୁଥାଏ । କିନ୍ତୁ ଅନ୍ୟ ଜନଜାତି ପରି ବାହାର କାନ୍ଥ ବା ଦୁଆରରେ କୌଣସି ଚିତ୍ର ଅଙ୍କା ହୋଇନଥାଏ । ଚିତ୍ର ପରମ୍ପରା ଏମାନଙ୍କର ସମ୍ପୂର୍ଣ୍ଣ ଭିନ୍ନ ଓ ଏହାର ରକ୍ଷଣଶୀଳତା ଏଯାବତ୍ ରହସ୍ୟମୟ । ଏହି ଜନଜାତିର ସ୍ୱତନ୍ତ୍ରତା ଏଇୟା ଯେ ରୋଗ ନିବାରଣ ପାଇଁ, ଜମି ଉର୍ବରତା ବଢ଼ାଇବା ପାଇଁ, ମୃତ ବ୍ୟକ୍ତିଙ୍କ ପାଇଁ, ଦେବତା ସନ୍ତୁଷ୍ଟ ପାଇଁ ପରିବାର ଭିତରେ ଚିତ୍ରକଳାକୁ ସେମାନେ ବିଧି ମୁତାବକ ଅଙ୍କାଇ ବହୁ ବର୍ଷ ପର୍ଯ୍ୟନ୍ତ ରଖିଥାନ୍ତି ଓ ପରବର୍ତ୍ତୀ ସମୟରେ ଘରଦ୍ୱାର ଲିପାପୋଛା କଲେ ମଧ୍ୟ ତାକୁ ଲିଭାନ୍ତି ନାହିଁ । ଏହି ରହସ୍ୟମୟ କାନ୍ଥ ଚିତ୍ରକୁ ସଉରାମାନେ 'ଇଡିତାଲ୍' କହନ୍ତି । ସଉରା ଭାଷାରେ 'ଇଡି'ର ଅର୍ଥ ଚିତ୍ର ଓ 'ତାଲ୍'ର ଅର୍ଥ କାନ୍ଥ । କାନ୍ଥ ଉପରେ ଚିତ୍ର ଆଙ୍କୁଥିବାରୁ ଏହାର ନାମ ଇଡିତାଲ । ଚନ୍ଦ୍ରଗିରି ଅଞ୍ଚଳରେ ଏହି ଚିତ୍ରକୁ ଆନିତାଲ ବୋଲି ମଧ୍ୟ କୁହନ୍ତି ।

## ଚିତ୍ରର ଆବଶ୍ୟକତା

ସଉରାମାନେ ଅତି ଧାର୍ମିକ ଓ ପରମ୍ପରାପନ୍ଥୀ । ତେଣୁ ପୂଜାର ପ୍ରଭାବ ଉପରେ ଏମାନଙ୍କର ବିଶ୍ୱାସ ଅତି ଦୃଢ଼ । ପୂଜା ବ୍ୟତିରେକ ଅନୁକୂଳ ଅବସ୍ଥା ନହେଲେ ଏଥିପାଇଁ ସେମାନେ ପୂଜା ବିଧିରେ କୌଣସି ଅବ୍ୟବସ୍ଥାକୁ ହିଁ ଦାୟୀ କରିଥାନ୍ତି । ପୂଜା ପ୍ରାର୍ଥନା ଓ ବଳିଦାନ କରି ଅଦୃଶ୍ୟ ଶକ୍ତିଗୁଡ଼ିକ ଠାରୁ ଏମାନେ ଆଶୀର୍ବାଦ ଭିକ୍ଷା କରିଥାନ୍ତି । ଏମାନଙ୍କର ମୁଖ୍ୟ ପୁରୋଧା ହେଉଛନ୍ତି 'କୁଡ଼ାମ୍ବଲ୍ ଓ କୁଡ଼ାମ୍ବୋଇ' । ସମଗ୍ର ବିଶ୍ୱ ଏକ ଅଦୃଶ୍ୟ ଶକ୍ତି ଦ୍ୱାରା ପରିଚାଳିତ ବୋଲି ବିଶ୍ୱାସ ଥିଲେ ହେଁ ସଉରା ସମାଜରେ ଶତାଧିକ ଦେବାଦେବୀ ଆରାଧ୍ୟ ଅଟନ୍ତି । ସେମାନଙ୍କ ମଧ୍ୟରୁ ପ୍ରାୟ କୋଡିଏଟି ମୁଖ୍ୟ ଦେବାଦେବୀ ପୂଜିତ ହେଉଥିବାର ଜଣାଯାଏ । ଅଲୌକିକ ଶକ୍ତିର ପରିଚାଳନାରେ ତାଙ୍କରି ସମାଜ ତିଷ୍ଠି ରହିଛି ଏବଂ ଭଲମନ୍ଦ ଏହି ଶକ୍ତି ଦ୍ୱାରା ନିୟନ୍ତ୍ରିତ ବୋଲି ବିଶ୍ୱାସ ରହିଛି । ସେମାନେ ଯେତେବେଳେ ଦୁଃଖ, ଦୁର୍ବିପାକର ସମ୍ମୁଖୀନ ହୁଅନ୍ତି ସେତେବେଳେ ସେହି ଶକ୍ତିର କୁପ୍ରଭାବରୁ ମୁକ୍ତି ପାଇବା ପାଇଁ ବଳି ଯାଚିଥାନ୍ତି । ସେମାନଙ୍କର ଧାରଣା ପୃଥିବୀରେ ଯେତେ ଦେବାଦେବୀ ଅଛନ୍ତି ସେମାନେ ଅଦୃଶ୍ୟ, କେବଳ ପ୍ରାର୍ଥନା ଦ୍ୱାରା ପାଖକୁ ଆସନ୍ତି । ପିତୃ ପୁରୁଷଙ୍କ ସହିତ ଉକ୍ତ ଅଲୌକିକ ଶକ୍ତିମାନେ ଏଣେତେଣେ ବିଚରଣ କରୁଥାନ୍ତି । ସେମାନଙ୍କୁ ସ୍ମରଣ କରି ପ୍ରତ୍ୟହ ସେବା ଅର୍ଥରେ ଗୁହାରୀ କରିବା ପାଇଁ ସେମାନଙ୍କର ପ୍ରତ୍ୟକ୍ଷ ଅବସ୍ଥିତିର ଭାବ ନେଇ ଚିତ୍ରରେ ସ୍ଥାନ ଦିଅନ୍ତି । ଗୁରୁତ୍ୱପୂର୍ଣ୍ଣ ବିଷୟ ଏଇୟା ଯେ ସୌରାମାନଙ୍କ ଘରେ କୌଣସି ମୂର୍ତ୍ତି ସ୍ଥାନ ପାଏ ନାହିଁ ବରଂ ଏହି ଇଡିତାଲ ଚିତ୍ରକୁ ସେମାନେ ଘରର ଇଷ୍ଟ ମନେ କରନ୍ତି ଓ ତା'ରି ଭିତରେ ଅନ୍ୟାନ୍ୟ ପୂଜିତ ଦେବଦେବୀ, ପିତୃପୁରୁଷଙ୍କୁ ସ୍ଥାନ ଦେଇଥାନ୍ତି । ଗ୍ରାମର ମୁଖ୍ୟ ପୂଜକ 'କୁଡ଼ାଙ୍ଗ' ଦ୍ୱାରା କାନ୍ଥ ଚିତ୍ର ବିଧି ମୁତାବକ ଅଙ୍କାଇଥାନ୍ତି । ସେମାନଙ୍କ ପୂର୍ବପୁରୁଷମାନେ ଅତ୍ୟନ୍ତ ଶିକାର ପ୍ରିୟ ଥିଲେ, କୃଷି କରୁଥିଲେ, ବନ୍ୟ ଜନ୍ତୁଙ୍କ ସାମ୍ନା କରୁଥିଲେ । ସେମାନଙ୍କର ପ୍ରତି ଦିନର କାର୍ଯ୍ୟକଳାପ ବଂଶାନୁକ୍ରମିକ ପରମ୍ପରା ଭାବେ ଅନୁସୃତ ହେବା ଇଡିତାଲରେ ଦେଖିବାକୁ ମିଳେ ।

ଏହି ଚିତ୍ର ପ୍ରସ୍ତୁତ କରିବାର ବି ନିର୍ଦ୍ଦିଷ୍ଟ ନିୟମ ଓ ସମୟ ରହିଛି । ସାଧାରଣତଃ ଗୃହକର୍ତ୍ତା ନୂତନ ଘର ଆରମ୍ଭ କରିଥିଲେ ଫାଲ୍‌ଗୁନ ମାସ ଠାରୁ ବୈଶାଖ ମାସ ମଧ୍ୟରେ ଘର ତିଆରି ସମ୍ପୂର୍ଣ୍ଣ କରେ । ନୂଆ ଘର କଲେ ଇଡ଼ିତାଲ କରିବା ବିଧି ସଂଗତ । ପୁରୁଣା ଘର ହୋଇଥିଲେ ଲିପାପୋଛା କରି ଇଡିତାଲ ଅଙ୍କାଯାଏ । କେଉଁ କେଉଁ ଗ୍ରାମରେ ଦଶହରା କିମ୍ବା ଧାନ ନୂଆଖିଆ ମାର୍ଗଶିର ମାସରେ ଏପରି କରିବା ସଉରା ବିଧି ପ୍ରଚଳିତ । କୁଡାଙ୍ଗ ବ୍ୟତୀତ ଅନ୍ୟକେହି ଏ ଚିତ୍ର ଆଙ୍କନ୍ତି ନାହିଁ । ବଂଶାନୁକ୍ରମିକ ଭାବେ କୁଡାଙ୍ଗମାନେ ଏ ଚିତ୍ର ଆଙ୍କିବା ବିଧିକୁ ପରମ୍ପରା ରୁପେ ଗ୍ରହଣ କରି ଆସୁଛନ୍ତି । ଘର ତିଆରି ସରିଗଲେ ଗୃହକର୍ତ୍ତା, କୁଡାଙ୍ଗ ଘରକୁ ଯାଇ ନିମନ୍ତ୍ରଣ କରି ଆଣନ୍ତି । ସେ ଆସିଲେ ସନ୍ଧ୍ୟା ସମୟରେ ଗୃହକର୍ତ୍ତା ତାଙ୍କୁ ଗୋଟିଏ ଡାଲାରେ କିଛି ଚାଉଳ ଓ ଗୋଟିଏ ପାତ୍ରରେ ମଦ ଦିଏ । ତା'ପରେ କୁଡାଙ୍ଗ କହିବା ଅନୁସାରେ ଚିତ୍ର ଆଙ୍କିବାକୁ ସ୍ଥାନ ନିରୂପଣ ହୁଏ । ନିରୁପିତ କାନ୍ଥକୁ ସୁନ୍ଦର ଭାବେ ଲିପାଯାଏ । କୁଡାଙ୍ଗ ଚାଉଳ ଓ ମଦ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଅର୍ପଣ କରି ରାତିରେ ସେଇଠି ଶୁଏ । ତାକୁ ସ୍ୱପ୍ନରେ ଯାହା ନିର୍ଦ୍ଦେଶ ହୁଏ ସକାଳେ ଉଠି ବିଧି ମୁତାବକ ସେ ଚିତ୍ର କାର୍ଯ୍ୟ ଆରମ୍ଭ କରେ । ସ୍ଥୁଳତଃ କାନ୍ଥ ଉପରେ ସେ ଏକ କୋଠିର ଚିତ୍ର ପ୍ରଥମେ ଆଙ୍କେ । ସେ କୋଠିର ଆକାର କେଉଁଠି ବର୍ଗାକାର, ଗୋଲାକାର କିମ୍ବା ଆୟତାକାର ହୋଇଥାଏ । ତା ମଧ୍ୟରେ ତାହାକୁ ସମାନ ଭାଗରେ ବିଭକ୍ତ କରି ସେଥିରେ ମନୁଷ୍ୟ ଜୀବଜନ୍ତୁଙ୍କର ଚିତ୍ର ଧାଡ଼ି ଧାଡ଼ି କରି ଅଙ୍କାଯାଏ । କୋଠି ଭିତରେ ଓ ବାହାରେ ଗଛଲତା, ଝିଟିପିଟି, ସାପ, ବେଙ୍ଗ, ହରିଣ, ଘୋଡ଼ା, ମନୁଷ୍ୟ ଇତ୍ୟାଦି ଚିତ୍ର ଅଙ୍କାଯାଇଥାଏ । ଏସବୁ ଚିତ୍ର ଅଙ୍କନରେ ପୂର୍ବ ନିର୍ଦ୍ଦେଶିତ ଚରିତ୍ରମାନ ସ୍ଥାନ ପାଏ । ଏହାଛଡ଼ା ହାତୀ ଓ ଘୋଡ଼ା ପିଠିରେ ବସି ଯିବାର ଚିତ୍ର ଏପରିକି ଆଧୁନିକ ବସ, ରେଳ ଓ ସାଇକେଲ, ଉଡାଯାହାଜ ଚିତ୍ର ମଧ୍ୟ ଅଙ୍କାଯାଇଥିବାର ଦେଖାଯାଏ । ଧଳା ପିଠଉରେ ଅଙ୍କାଯାଇଥିବାରୁ ଚିତ୍ର ହେଲାପରେ ନିର୍ଦ୍ଦିଷ୍ଟ କାନ୍ଥଟିରେ ଚିତ୍ରଟି ଖୁବ୍ ସ୍ପଷ୍ଟ ଦେଖାଯାଏ ।

## ଚିତ୍ର ପ୍ରତିଷ୍ଠା

ସଉରାମାନଙ୍କ ଦୃଢ଼ ବିଶ୍ୱାସ ଯେ, ଚିତ୍ରଟି ଘରର ମଙ୍ଗଳ କାରକ । ଗୃହର କର୍ତ୍ତା ପ୍ରଥମେ ନିଜ ପରିବାରର ମଙ୍ଗଳ କାମନା କରି ଚିତ୍ରଟି ପାଖରେ ଗୁହାରି ପଡେ । ପ୍ରତିଷ୍ଠା ସମୟରେ ଚିତ୍ର ପାଖରେ କୁକୁଡ଼ା ବଳି ପଡେ । ସମସ୍ତେ ମଦ ପିଇ ଆନନ୍ଦରେ ଗୀତ ଗାଆନ୍ତି । ଘରର ମାଲିକାଣିଙ୍କୁ ତାଙ୍କ ଜଣେ ସମ୍ପର୍କୀୟା ଥୋପାଏ ଥୋପାଏ ମଦ ପିଆଇ ଦେଉଥାଏ ଏବଂ ସେ ଧୀରେ ଧୀରେ ଗୀତ ଗାଇ ଚାଲିଥାଏ । ସେ ସମୟରେ ନୂଆ ଫଳ କିମ୍ବା ପରିବା ଚିତ୍ର ପାଖେ ଅର୍ପଣ କରାଯାଏ । ଚିତ୍ର ପ୍ରତିଷ୍ଠା ସମୟରେ ପରିବାରର ସମସ୍ତ ସଦସ୍ୟ ଉପସ୍ଥିତ ରୁହନ୍ତି । ବଳି ପଡିଥିବା କୁକୁଡ଼ା ମାଂସକୁ ହାତୁଡିରେ ଛେଚି ଛେଚି ଚଟଣି ବା କ୍ଷୀରି ପରି ରାନ୍ଧନ୍ତି ଓ ପତ୍ର ଠୋଲାରେ ମାଂସ ଭାତ ରଖି



ସମସ୍ତେ ମଉଜ କରି ପ୍ରସାଦ ରୂପେ ପାଆନ୍ତି । ଚିତ୍ର ପ୍ରତିଷ୍ଠା ପର୍ବ ଏହିପରି ସମାପ୍ତ ହୁଏ । ବିସ୍ମୟର ବିଷୟ ଏଇୟା ଯେ, ଚିତ୍ରକର ବା କୁଡାଙ୍ଗ ସମୁଦାୟ ଚିତ୍ର ଆଙ୍କିସାରିବା ପରେ ଚିତ୍ରଟି ଠିକ ହେଲା କି ନାହିଁ ସମନ ଦ୍ୱାରା ଚାଉଳ ଓ ମଦ ପ୍ରେତଙ୍କୁ ଯାଚି ଆବାହନ କରେ । ସମନ ବା ଗୁଣିଆ ପ୍ରେତକୁ ଆବାହନ କରି ପ୍ରେତର ମତାମତକୁ ଅପେକ୍ଷା କରେ । ତା'ପରେ ପ୍ରେତର ନିର୍ଦ୍ଦେଶରେ ଏକ ଆଲୁଅ ଧରି ସମୁଦାୟ ଚିତ୍ରକୁ ନିରୀକ୍ଷଣ କରେ । ତା'ପରେ ପ୍ରେତର ନିର୍ଦ୍ଦେଶରେ ଭଲ ମନ୍ଦ କହିଚାଲେ । ଯଥା : ମୋ ଦୁଆର ମୁହଁରେ ଚପରାଶି ମାନେ କାହାନ୍ତି, ଏଠି ଦୁଇ ତିନୋଟି ଚପରାଶି ରଖ, ମୁଁ ଥରେ ସାଇକେଲରେ ବସିଥିଲି ସେଇଟା ରଖ । ଚିତ୍ର ଭିତରେ ଖାଲି ଜାଗା ରଖ

ନାହିଁ ଇତ୍ୟାଦି । ତା'ପରେ ପ୍ରେତର ନିର୍ଦ୍ଦେଶରେ କୁଡାଙ୍ଗ ପୁଣି ଅଭାବ ଥିବା ଚିତ୍ରଗୁଡିକୁ ଆଙ୍କି ଚିତ୍ର ପୂରଣ କରେ । ଚିତ୍ର ହୋଇଥିବା କାନ୍ଥକୁ ଲାଗି ଓରାରେ ଶିକା ଝୁଲେଇ ତା ସାହାଯ୍ୟରେ ହାଣ୍ଡି, ମାଠିଆ ଟାଙ୍ଗି ସେଥିରେ ଚାଉଳ, ପରିବା ଇତ୍ୟାଦି ରଖନ୍ତି । ବର୍ଷର ବିଭିନ୍ନ ସମୟରେ ଅମଳ କରୁଥିବା ଫଳ ଓ ନୂଆ ପରିବା ଘରକୁ ଆସିଲେ ପ୍ରଥମେ ଚିତ୍ର ପାଖରେ ଅର୍ପଣ କଲା ପରେ ଅନ୍ୟ ସମସ୍ତେ ଖାଆନ୍ତି । ଏହା ଇଡିତାଲ ପ୍ରତି ସେମାନଙ୍କ ଶ୍ରଦ୍ଧା ଓ ସମ୍ମାନ । ବିଭିନ୍ନ ପର୍ବପର୍ବାଣି ମଧ୍ୟରେ ବୈଶାଖ ମାସର 'ଆବାବାନ ଆଜୁର' ପର୍ବରେ ମହୁଲ ଫୁଲ ଓ ମଦ, 'ଏନଲାଜନ ଆଜୁର' ପର୍ବରେ ନୂଆ କାକୁଡି ଅର୍ପଣ କରାଯାଏ । ଆଷାଢ଼ ମାସର 'ଗନୁ ଗୟାନ ଆଜୁର', ଭାଦ୍ରବରେ 'କଣ୍ଡେମାନ ଆଜୁର' ପର୍ବ ପାଳନ ଅବସରରେ ନୂଆ ମୋଟା ଧାନକେଣ୍ଡା ଅମଳ ପରେ ଚିତ୍ର ପାଖେ ଅର୍ପଣ କରାଯାଏ । 'ଉଦନ ଆଜୁର' ପର୍ବ ପାଳନ କରି ଚିତ୍ର ଅର୍ପଣ କଲାପରେ ନୂଆ ପାଚିଲା ଆମ୍ବ ଖିଆଯାଏ । ଇଡିତାଲ ପ୍ରତି ସୌରା ମାନଙ୍କର ଭକ୍ତି ଓ ବିଶ୍ୱାସ ଅତୁଟ ଅଟେ । ଏହି ଚିତ୍ରର ଆଉ ଏକ ବିଶେଷତ୍ୱ ହେଲା ସମସ୍ତଙ୍କ ଘରେ ଏହା ଏକାଭଳି ହେଇନଥାଏ କି ଏକା ଜାଗାରେ ନଥାଏ ।ଆବଶ୍ୟକତା ଓ ପୂର୍ବ ପୁରୁଷଙ୍କ ନିର୍ଦ୍ଦେଶକ୍ରମେ କାହାର ଚିତ୍ର ଘରେ ଖୁବ୍ ଅନ୍ଧାରୁଆ ସ୍ଥାନରେ ହେଇଥାଏ ତ କାହାର ହାଣ୍ଡି ଶାଳ ପାଖେ କିମ୍ବା ଏକ ନିର୍ଦ୍ଦିଷ୍ଟ କାନ୍ଥରେ ହେଇଥାଏ । କେତେକ ସ୍ଥାନରେ ଚିତ୍ର ପାଖରେ ଟଙ୍ଗା ଯାଇଥିବା ହାଣ୍ଡି ମାଠିଆରେ ଗୋଟିଏ କୁକୁଡାର ପର ଖୋସା ଯାଇଥାଏ । ଉକ୍ତ ପରଟି ବଳି ଦିଆଯାଇଥିବା କୁକୁଡ଼ାର ହୋଇଥାଏ ।

ଇଡିତାଲ ଗୁଡିକର ବିଷୟବସ୍ତୁ ଭିନ୍ନ ଭିନ୍ନ ଆବଶ୍ୟକତାକୁ ନେଇ ଅଙ୍କା ଯାଇଥାଏ । ପ୍ରତ୍ୟେକ କାର୍ଯ୍ୟ ପାଇଁ ସ୍ୱତନ୍ତ୍ର ଧରଣର ଚିତ୍ର ଅଙ୍କନ ଏହି ପରମ୍ପରାର ବୈଚିତ୍ରତା । କୃଷିର ଉନ୍ନତି ପାଇଁ ଯେଉଁ ଚିତ୍ର ଅଙ୍କାଯାଇଥାଏ ରୋଗ ନିରାମୟ ପାଇଁ ଅଙ୍କା ଚିତ୍ର ତା'ଠୁ ଭିନ୍ନ ହୋଇଥାଏ, ମୃତ ବ୍ୟକ୍ତିଙ୍କ ପାଇଁ ପୁଣି ଅନ୍ୟ ପ୍ରକାରର ହୋଇଥାଏ । ଏହିପରି ଚିତ୍ର ସବୁକୁ ସମୀକ୍ଷା କରାଯାଇ ତାହାକୁ ସାତୋଟି ବିଭାଗରେ ବିଭକ୍ତ କରାଯାଇଅଛି । ଯଥା – ୧) କୃଷିର ଉନ୍ନତି ପାଇଁ ଚିତ୍ର, ୨) ଜନ୍ମିତ ଶିଶୁଙ୍କ ରକ୍ଷଣାବେକ୍ଷଣ ନିମନ୍ତେ ନିବେଦିତ ଚିତ୍ର, ୩) ରୋଗ ନିରାମୟ ନିମନ୍ତେ ଚିତ୍ର, ୪) ପୋଡୁଚାଷ ରକ୍ଷା ନିମନ୍ତେ ଚିତ୍ର, ୫) ବିପଦ ଆପଦ ପାଇଁ ରକ୍ଷାକର୍ତ୍ତାଙ୍କ ଉଦ୍ଦେଶ୍ୟରେ ଚିତ୍ର, ୬) ମୃତ ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ଚିତ୍ର ୭) ସର୍ବ ଶାନ୍ତି ପାଇଁ ନିବେଦିତ ଚିତ୍ର । ଇଡିତାଲ ଚିତ୍ରର ସ୍ୱତନ୍ତ୍ରତା ଏହା ଯେ ପ୍ରତ୍ୟେକ ଚିତ୍ର ଅଙ୍କିତ ହେବାର ଅବ୍ୟବହିତ ପୂର୍ବରୁ ସ୍ୱପ୍ନାଦେଶ ହୁଏ । କୁଡାଙ୍ଗ ଗୃହକର୍ତ୍ତାର ନିମନ୍ତ୍ରଣ କ୍ରମେ ପ୍ରେତାତ୍ମା କିମ୍ବା ଦେବତାଙ୍କ ଉଦ୍ଦେଶ୍ୟରେ ଯଥାବିଧି ପୂଜା ଅର୍ପଣ କରି ଚିତ୍ର କରିବାର ଉଦ୍ଦେଶ୍ୟ ଓ ଚରିତ୍ର ସଂଯୋଜନା ନିମନ୍ତେ ଗୁହାରିଆ ପଡେ । ସ୍ୱପ୍ନାଦେଶ ପରେ ଚିତ୍ର କାର୍ଯ୍ୟ ଆରମ୍ଭ କରେ । ପ୍ରତ୍ୟେକ ଚିତ୍ର ଅଙ୍କନ ପଛରେ ସୌରା ଲୋକକଥା ରହିଛି । ସେହି ଅନୁସାରେ ଚିତ୍ରର ଅଙ୍କନ ଓ ପରମ୍ପରା ପାଳିତ ହେଇ ଆସୁଛି । ନିର୍ଦ୍ଦିଷ୍ଟ କାର୍ଯ୍ୟ ପାଇଁ ନିର୍ଦ୍ଦିଷ୍ଟ ଦେବତାଙ୍କ ଉଦ୍ଦେଶ୍ୟରେ ଚିତ୍ର ଅଙ୍କାଯାଏ, ଚିତ୍ରରେ ଅଜାଣତରେ କିଛି ଭୁଲ ରହିଲେ ଭୟାନକ ସ୍ୱପ୍ନ ଗୃହକର୍ତ୍ତାଙ୍କୁ ହେଉଥିବାର ଅନେକ ଉଦାହରଣ ରହିଛି ।

## କୃଷିରେ ଉନ୍ନତି ନିମନ୍ତେ ଚିତ୍ର

ଏହି ଚିତ୍ରଟି ସୁବୁ ସୁମଙ୍କ ଉଦ୍ଦେଶ୍ୟରେ ଅଙ୍କା ଯାଇଥାଏ । ଏଥିରେ ସମ୍ପୃକ୍ତ ଲୋକକଥାଟି ଏହିଭଳି, ବିହନ ବୁଣା ପର୍ବ ପାଳନ ଅବସରରେ କୁକୁଡ଼ା ଯାଚି ସିଙ୍ଗରାଜୁ ଘରେ ଚିତ୍ର ଆଙ୍କିଥିଲା । ବିହନ ବୁଣି ଯିବା



ପୂର୍ବଦିନ ରାତିରେ ସେ ଗୋଟିଏ ସ୍ୱପ୍ନ ଦେଖିଲା । ସେଦିନ ଶୁକ୍ରବାର ହୋଇଥାଏ, ସେ ବିହନ ଧରି ବିଲକୁ ବୁଣିବାକୁ ଯାଇଥାଏ । ବାଟରେ ଗୋଟିଏ ବାଘ ଦେଖିଲା, ବାଘ ତାକୁ ମାରିବା ପାଇଁ ଆଗେଇ ଆସିଲା । ସିଙ୍ଗରାଜୁ ଭୟରେ ପଛ କରି ଦୌଡ଼ିଲା, ବାଟରେ ଦେଖିଲା ତାର ବାପା ମା ଏକାଠି ମରି ପଡିଛନ୍ତି । ସେ ଦୁଃଖ କଲା, ତା ପରଦିନ ସମନକୁ ସବୁକଥା ଜଣାଇଲା । ସମନ (ଗୁଣିଆ) ପିତୃପୁରୁଷଙ୍କୁ ଧ୍ୟାନ କରି ଜାଣିଲା ଯେ ସିଙ୍ଗରାଜୁର ଘରେ ଥିବା କାନ୍ଥ ଚିତ୍ରଟି ଭୁଲ ଅଛି । ତାକୁ ଲିଭାଇ ଠିକ କଲେ ଫସଲ ଦେବତା ଖୁସି ହେବେ ଏବଂ ଚାଷ ମଧ୍ୟ ଭଲ ହବ । ସିଙ୍ଗରାଜୁ ଆଉ ଏକ ସନ୍ଦେହରେ ପଡ଼ିଲା । କିପରି ଚିତ୍ର ଆଙ୍କିବ କିଛି ଠିକ୍ କରିପାରିଲା ନାହିଁ । ଏହିପରି ଭାବନାରେ ରହିବାରୁ ଦିନେ ରାତିରେ ସେ ସ୍ୱପ୍ନ ଦେଖିଲା । ତା'ର ପିତୃପୁରୁଷ ଦେଖାଦେଇ ଚିତ୍ର କେମିତି ଠିକ କରିହେବ ଜଣେଇ ଦେଲେ । ସେ ତା'ପର ଦିନ ଉଠି ତାକୁ ଲିଭାଇ ପୁଣି ଉପବାସ ରହି କାନ୍ଥରେ ଚିତ୍ର କଲା । ଏଥର ସବୁ ଠିକ ହେଇଗଲା । ପୁଣି ଗୋଟିଏ କୁକୁଡ଼ା ବଳି ଦେଇ ବିଲକୁ ବିହନ ବୁଣିବାକୁ ଗଲା । ସେ ଆଙ୍କିଥିବା ଚିତ୍ରଟି ଏହିପରି ଥିଲା – ସମଗ୍ର ଚିତ୍ରଟି ଚାରି କୋଣିଆ, ତା' ଚାରି ପାଖରେ ତାରା ମାନଙ୍କର ଚିତ୍ର, ମଝିରେ ଜଙ୍ଗଲ ସଫା କରାଯାଉଛି । ହଳ ବୁଲୁଥିବାର ଚିତ୍ର, କେନ୍ଦ୍ରରେ ଦୁଇଟି ସ୍ତ୍ରୀ ଲୋକ ମୁଣ୍ଡରେ ବିହନ ଧରି ଛିଡା ହୋଇଛନ୍ତି ଆଉ ଜଣେ ସେମାନଙ୍କ ପାଇଁ ଖାଦ୍ୟ ଆଣୁଥିବାର ଜଣା ପଡୁଛି ।

## ଜନ୍ମିତ ଶିଶୁଙ୍କ ରକ୍ଷଣାବେକ୍ଷଣ ନିମନ୍ତେ ଚିତ୍ର

ଜନ୍ମିତ ଶିଶୁ ଆଗରୁ ଅତ୍ୟଧିକ ମୃତ୍ୟୁ ବରଣ କରୁଥିଲେ ଏବଂ ଅସହ୍ୟ ପ୍ରସବ ଯନ୍ତ୍ରଣାରେ ସଉରା ନାରୀ ମାନେ ଛଟପଟ ହେଉଥିଲେ । ସେସବୁରୁ ମୁକ୍ତି ନିମନ୍ତେ ଚିତ୍ର ଆଙ୍କି ତା ଆଗରେ ଗୁହାରୀ ପଡିଲେ ସୁଖ ପ୍ରସବ ହୁଏ ବୋଲି ସଉରା ମାନଙ୍କ ବିଶ୍ୱାସ । ଏହାକୁ ନେଇ ମଧ୍ୟ ଏକ ଲୋକ କଥା ଅଛି । ସୁକି ବୁଇ ବୋଲି ଗୋଟିଏ ଗର୍ଭିଣୀ ସ୍ତ୍ରୀଲୋକ ଅସହ୍ୟ ଗର୍ଭ ଯନ୍ତ୍ରଣା ପାଇବାରୁ ସମନ ଦ୍ୱାରା ଧରମବୋଇ ଓ ଗଡ଼େଜାଙ୍ଗ ବୋଇଙ୍କୁ ବଳି ଯାଚିଥିଲା । ସେ ଉଦ୍ଦେଶ୍ୟରେ ତାଙ୍କ ଘରେ ଚିତ୍ର ଅଙ୍କିତ ହୋଇଥିଲା । ଚିତ୍ରଟି ଏହିପରି ଥିଲା, ଚିତ୍ର ପାଖରେ ଗୁହାରି କରିବା ଦ୍ୱାରା ନିଜେ ଧରମବୋଇ ସୁକି ବୋଇ ପେଟ ଉପରେ ହାତ ରଖି ସୁଖ ପ୍ରସବ କରାଉଛନ୍ତି । ଧରମବୋଇ ଠାକୁରାଣୀଙ୍କ ଦୁଇ ଝିଅ ମାଠିଆରେ ପାଣି ଆଣୁଛନ୍ତି । ପ୍ରସବ ପରେ ମା ଓ ସନ୍ତାନଙ୍କୁ ଧୋଇଦେବେ ।

## ରୋଗ ନିରାମୟ ପାଇଁ ନିବେଦିତ ଚିତ୍ର

ରୋଗ ଦାଉରୁ ରକ୍ଷା ପାଇବା ପାଇଁ ଦେବତା ମାନଙ୍କୁ ନିବେଦନ କରି ଚିତ୍ର ଅଙ୍କାନ୍ତି ସଉରା ମାନେ । ମୁଖ୍ୟତଃ ଘରର କୌଣସି ସଦସ୍ୟ ରୋଗାକ୍ରାନ୍ତ ହେଲେ ତା ଶରୀରରେ ଦେବତା ବା ପ୍ରେତାତ୍ମାଙ୍କ ଆଶ୍ରୟ ହୋଇଛି ବୋଲି ମନେ କରାଯାଏ । ସମନ ଦ୍ୱାରା ସୁମରଣା କରାଯାଇ କେଉଁ ଦେବତା ବା ପ୍ରେତର ଦୃଷ୍ଟି ପଡିଛି ଏବଂ କେଉଁ ଚିତ୍ର ଓ ଭୋଗ ଲଗେଇଲେ ସେ ନିଜ ସ୍ଥାନକୁ ଫେରିଯିବେ ବୁଝନ୍ତି । ପରବର୍ତ୍ତୀ ସମୟରେ

କୁକୁଡ଼ା, ଛେଳି ଇତ୍ୟାଦି ବଳି ଦେଇ ସନ୍ତୁଷ୍ଟ କରାଇଲେ ରୋଗୀ ଭଲ ହୁଏ ବୋଲି ବିଶ୍ୱାସ ରହିଛି । ଏହାକୁ ନେଇ ଲୋକକଥା ରହିଛି ।



### ପୋଡୁଚାଷ ରକ୍ଷା ଉଦ୍ଦେଶ୍ୟରେ ଚିତ୍ର

ସଉରା ମାନେ ପୋଡୁ ଚାଷ କରନ୍ତି, ପାହାଡ଼ ଉପର ଗଛ କାଟି ସମତଳ ପାହାଚ ପରି କ୍ଷେତ୍ର ପ୍ରସ୍ତୁତ କରି ଚାଷ କରନ୍ତି । ପାହାଡ଼ ଦେହରେ ଥିବା ଗଛଲତା କାଟି ଚାଷ ପାଇଁ ମାଟି ସ୍ତର ପ୍ରସ୍ତୁତ କରିବା ପୂର୍ବରୁ ସେମାନେ ଇବୋସୁମ ଦେବତାଙ୍କୁ ପୂଜା କରନ୍ତି । ଫଳରେ ଉକ୍ତ ଦେବତା ସେମାନଙ୍କ ଫସଲ ରକ୍ଷା କରନ୍ତି ବୋଲି ବିଶ୍ୱାସ ରହିଛି ।

### ବିପଦ ଆପଦ ପାଇଁ ରକ୍ଷାକର୍ତ୍ତାଙ୍କ ଉଦ୍ଦେଶ୍ୟରେ ଚିତ୍ର

ଗୁଣି ଗାରେଡିକୁ ଅଧିକ ବିଶ୍ୱାସ କରୁଥିବା ଏହି ଜନଜାତି ଏହି ସମ୍ପର୍କିତ ବିପଦ ଆପଦ ପାଇଁ ରକ୍ଷାକର୍ତ୍ତା ଦେବତାଙ୍କ ଉଦ୍ଦେଶ୍ୟରେ ଚିତ୍ର କରିଥାନ୍ତି । ନିର୍ଦ୍ଦିଷ୍ଟ ଏକ ଚିତ୍ର ଆଙ୍କିବା ଦ୍ୱାରା ଘରୁ ବା ଘରର ସଦସ୍ୟଙ୍କ ଉପରୁ ବିପଦ ଟଳିଥାଏ ବୋଲି ତାଙ୍କର ବିଶ୍ୱାସ । ଏହାକୁ ନେଇ ଏକ ଲମ୍ବା ଲୋକ ଗଳ୍ପ ରହିଛି ।

### ମୃତ ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ଚିତ୍ର

ସଉରା ମାନେ ମୂଳତଃ ନିଜ ପିତୃପୁରୁଷଙ୍କୁ ଖୁବ୍ ମାନନ୍ତି । ମରିଗଲା ପରେ ମୃତ ଆତ୍ମା ବାଟରେ ଅଟକି ରହିଥାଏ ବୋଲି ତାଙ୍କର ବିଶ୍ୱାସ । ମୃତ୍ୟୁର ଠିକ ବର୍ଷେ ପରେ ସେମାନେ ମୃତ ଆତ୍ମାଙ୍କ ଉଦ୍ଦେଶ୍ୟରେ ଇଡିତାଲ ଚିତ୍ର କାଟି ମୃତ ଆତ୍ମା, ପୂର୍ବ ପୁରୁଷ ଏବଂ ଦେବତାଙ୍କୁ ଡାକନ୍ତି । ଏହିଦିନ ଶ୍ରାଦ୍ଧ ଖାଇ ମୃତ ଆତ୍ମା ଦେବ ଲୋକ କିମ୍ବା ପୂର୍ବ ପୁରୁଷଙ୍କ ଲୋକକୁ ଯାଏ ବୋଲି ବିଶ୍ୱାସ ରହିଛି । ଏହି ପରମ୍ପରାଟି ଶବର ଜାତିର ଏକ ଆକର୍ଷଣୀୟ ପରମ୍ପରା ।


### ସର୍ବଶାନ୍ତି ପାଇଁ ଚିତ୍ର

ସାମାଜିକ ଜୀବନରେ ସର୍ବଦା ଶାନ୍ତିର ବାର୍ତ୍ତାବହ ଶବର ଆଦିବାସୀ ସମାଜ ନିଜ ଚିତ୍ରକଳାରେ ଯେ ସ୍ଥାନ ଦେଇନଥିବ ବା କେମିତି । ପାହାଡ଼କୁ ନିଜର ଦେଶ ଭାବି ଏବଂ ନିଜ ଜାତିଭାଇ ବାଦ ଗଛଲତା, ଜଙ୍ଗଲର ଜୀବଜନ୍ତୁ ସଭିଙ୍କ ଶାନ୍ତି ଓ ସମୃଦ୍ଧି ପାଇଁ ଦେବତାଙ୍କ ନିକଟରେ ଗୁହାରି ହୋଇ ଇଡିତାଲ ଚିତ୍ର ଅଙ୍କାନ୍ତି । ଏହାଦ୍ୱାରା ସେମାନଙ୍କ ଦେଶ ନିରୋଗ ନିରାପଦ ରୁହେ ବୋଲି ବିଶ୍ୱାସ ।

### ଚୈତ୍ରିକ ବିଶ୍ଳେଷଣ

ଇଡିତାଲ ଚିତ୍ରର ଅନ୍ୟ ଆଦିବାସୀ ଚିତ୍ର ସହିତ ଅଳ୍ପ ସାମଞ୍ଜସ୍ୟ ରହିଛି ଯଦିଓ ନିରିଖେଇ ଦେଖିଲେ ଜଣାପଡେ ଏହା ସମ୍ପୂର୍ଣ୍ଣ ଭିନ୍ନ ଓ ଗାଠନିକ ଦୃଷ୍ଟି କୋଣରୁ ବେଶ ରୋଚକ । ଇଡିତାଲ ଚିତ୍ରଣ ପଦ୍ଧତିର ପ୍ରଧାନ ଗୁଣ ହେଉଛି ଜ୍ୟାମିତିକ ନକ୍ସା ସହିତ ଭୌତିକ ଜୀବଜନ୍ତୁଙ୍କ ରୈଖିକ ଅଙ୍କନ ତଥା ସହଜତମ ଗଠନ ଓ ମୌଳିକ ବର୍ଣ୍ଣର ସମନ୍ୱୟ । ସ୍ଥୁଳତଃ ଏହି ଚିତ୍ର ଚାଉଳ ଚୁନା ବା ପିଠଉରେ ପ୍ରସ୍ତୁତ ହେଉଥିବାରୁ ଏହା ପବିତ୍ର ଓ ଶୁଦ୍ଧତାର ପ୍ରତୀକ । ସହଜତମ ଢଙ୍ଗରେ ରେଖାଙ୍କନ ଓ ସାବଲୀଳ ଗତି ଚିତ୍ରର ବୈଶିଷ୍ଟ୍ୟ ପ୍ରତିପାଦନ କରେ । ଅନେକ କଳା ସମୀକ୍ଷକଙ୍କ ମତରେ ଏହି ଚିତ୍ରକଳାଟି ଶିଶୁ ଚିତ୍ରକଳାର ଅନୁରୂପ । ଶୈଶବ ଅବସ୍ଥାରେ ଶିଶୁର ଯେଉଁ କଳାଜ୍ଞାନ ପ୍ରଚ୍ଛନ୍ନ ଭାବେ ରହିଥାଏ ତାହା ଉପଯୁକ୍ତ ପରିବେଶ ଓ ସୁଯୋଗ ନେଇ ଆତ୍ମ ପ୍ରକାଶ କରେ । ସେତେବେଳେ ସେ ଚିତ୍ର କଣ ଜାଣିନଥାଏ ଓ ବସ୍ତୁକୁ ଦେଖି ଅବିକଳ ଆଙ୍କିବାକୁ ଚେଷ୍ଟା କରିବା ଦ୍ୱାରା ଯେଉଁ ଚିତ୍ରାଙ୍କନର ସହଜତମ ଢଙ୍ଗ ପରିସ୍ଫୁଟ ହୁଏ ତାହା ଏକ ଶୈଳୀରେ ରୂପାନ୍ତର ହୁଏ । ଆଦିମାନବର ପ୍ରାଥମିକ ଚିତ୍ରାଙ୍କନ ଜ୍ଞାନ ମଧ୍ୟ ଠିକ ସେହିପରି ଥିଲା । ଚିତ୍ରର ଭାବ ଠିକ ବୁଝାଉଥିଲେ ମଧ୍ୟ ବସ୍ତୁର ଅବିକଳ ନକଲ ଶିଶୁ ଚିତ୍ରରେ ଯେପରି ଅଭାବ ଆଦିମାନବର ଗୁମ୍ଫା ଚିତ୍ରର ଧାରା ଉକ୍ତ ଚିତ୍ରର ବିଚାର ଠିକ ସେଇଭଳି କରାଯାଇପାରିବ ।

ଯେଉଁ ଗୃହରେ ଉକ୍ତ ଚିତ୍ର ଦୃଷ୍ଟିଗୋଚର ହୁଏ, ସେ ପରିବାରର ପ୍ରତିଷ୍ଠା ଓ ଆଦର୍ଶର ପରିଚୟ ମିଳିଥାଏ । ଆଦିମ ସଂସ୍କୃତିର କ୍ରମ ବିକାଶ ଇଡିତାଲ ଚିତ୍ରରେ ସୁସ୍ପଷ୍ଟ । ଅନ୍ୟାନ୍ୟ ଆଦିବାସୀ ମାନଙ୍କର ଯେପରି ସାଦୃଶ୍ୟ ପୂଜାର ପ୍ରଚଳନ ଅଛି ସୌରା ଜନଜାତି ମଧ୍ୟ ଠିକ ସେହିପରି ନିଜ କାନ୍ଥ ଚିତ୍ରରେ ବହୁବିଧ ପ୍ରାଣୀଙ୍କୁ ଇଷ୍ଟ ରୂପେ ବିବେଚନା କରି ସ୍ଥାନ ଦେଇଛି । ମାତ୍ର ଗୋଟିଏ କୋଠି ଚିତ୍ରର ଆବେଷ୍ଟନୀ ମଧ୍ୟରେ ପୃଥିବୀର ସମସ୍ତ ଲୌକିକ, ଅଲୌକିକ, ଦୃଷ୍ଟ, ଅଦୃଷ୍ଟ ପ୍ରତୀକର ପରିକଳ୍ପନା ଯେତିକି ଆଶ୍ଚର୍ଯ୍ୟଜନକ ସେତିକି ରହସ୍ୟମୟ । ପ୍ରତ୍ୟେକ ଇଡିତାଲର ରୂପରେଖ ସାଧାରଣତଃ ସମାନ ଦେଖାଗଲେ ମଧ୍ୟ ଏହା ଭିତରର ଘଟଣା, ବର୍ଣ୍ଣନ ସମ୍ପୂର୍ଣ୍ଣ ଅଲଗା ଥାଏ । ଇଡିତାଲର ଆଉ ଏକ ସ୍ୱତନ୍ତ୍ରତା ହେଲା, ଏଥିରେ ଘନବାଦ ସୁସ୍ପଷ୍ଟ । ଚତୁର୍ଭୁଜ କ୍ଷେତ୍ର ମଧ୍ୟରେ ତ୍ରିଭୁଜ, ବୃତ୍ତ, ସମକୋଣ,ବିନ୍ଦୁ,ରେଖା ଇତ୍ୟାଦିର ସମ୍ମେଳନରେ ଚିତ୍ରର ଆକୃତି ବିସ୍ମୟଜନକ । ଶିକ୍ଷା ସହ ଆଦୌ ପରିଚିତ ନଥିବା ଏହି ଜନଜାତିର ପୂର୍ବ ପୁରୁଷମାନେ ଯେ ଘନବାଦର ଜ୍ଞାନ ରଖିଥିଲେ ଏହା ସ୍ପଷ୍ଟ । ଦୈନନ୍ଦିନ ସାମାଜିକ ଜୀବନ ଯାତ୍ରା ପ୍ରଣାଳୀ ଉକ୍ତ ଚିତ୍ରର ମୁଖ୍ୟ ବିଷୟ । ଏହା ସହ ଚିତ୍ରରେ ସାମାଜିକ ଶୃଙ୍ଖଳାବୋଧର ପରିଚୟ ମଧ୍ୟ ମିଳିଥାଏ । ସ୍ତ୍ରୀଲୋକମାନେ ଦଳବଦ୍ଧ ଭାବେ ପାଣି ଆଣିବାକୁ ଯାଉଥିବା ଦୃଶ୍ୟ, ପୁରୁଷମାନେ ସଂଘବଦ୍ଧ ଭାବେ ଶିକାର କରିବାକୁ ଯାଉଥିବା ଦୃଶ୍ୟ, ଏକତ୍ର ବାଦ୍ୟ ବଜାଇ ଯାଉ ଥିବାର ଦୃଶ୍ୟ ଏସବୁକୁ ଲକ୍ଷ୍ୟ କଲେ ଜଣାପଡେ ସାମାଜିକ ଜୀବନ ସେମାନଙ୍କର ଖୁବ୍ ସଂଯତ ଓ ଶୃଙ୍ଖଳିତ । ଇଡିତାଲକୁ ସମୀକ୍ଷା କଲେ ଜଣାଯାଏ ଆଜକୁ ପ୍ରାୟ ୨୦ ହଜାର ବର୍ଷ ତଳେ ଆଦିମ ଅଧିବାସୀ ପାହାଡ଼ର ଗୁମ୍ଫା ଦେହରେ ରେଖାଙ୍କନ ଦ୍ୱାରା ଯେପରି ତାର ଦୈନନ୍ଦିନ ଅନୁଭୂତିକୁ ଆଙ୍କି ଯାଇଥିଲା ଠିକ ସେହି ଭାବଧାରାର ପ୍ରକାଶ ଭଙ୍ଗୀ ଇଡିତାଲରେ ପ୍ରତିଫଳିତ । ଏହି ଆଦିମ ଚିତ୍ରର କ୍ରମ ବିକାଶ ଧାରା ଆର୍ଯ୍ୟ ସଂସ୍କୃତିର ଲୋକଚିତ୍ର ପର୍ଯ୍ୟନ୍ତ ସୀମିତ । ମାତ୍ର ଏହାର ମୌଳିକ ପରମ୍ପରା ସଉରା ଜନଜାତିଙ୍କ ଦ୍ୱାରା ଆଜି ପର୍ଯ୍ୟନ୍ତ ସୁରକ୍ଷିତ ହୋଇ ଆସୁଅଛି ।




ଇଡିତାଲ ଚିତ୍ରାଙ୍କନର ମୌଳିକ ନିୟମଗୁଡିକ ଖୁବ୍ ସହଜ ଓ ବୋଧଗମ୍ୟ । ସାମାନ୍ୟ ଚିତ୍ର ଜ୍ଞାନ ଥିବା ବ୍ୟକ୍ତି ବିଶେଷଙ୍କ ପକ୍ଷେ ଅଙ୍କନ କରିବା ସମ୍ଭବ ଯଦିଓ ଗତାନୁଗତିକ ଭାବେ ଏହି ଚିତ୍ରର ଅଳଙ୍କରଣ ଶୈଳୀ ଯେପରି କୁଡାଙ୍ଗ ଦ୍ୱାରା ସୁରକ୍ଷିତ ଓ ପ୍ରେତାତ୍ମା ଦ୍ୱାରା ନିର୍ଦ୍ଦେଶିତ ଭାବଧାରା ସଂଯୋଜିତ

ତାହାର ଅନ୍ତର୍ନିହିତ ରହସ୍ୟ କଣ ଏ ପର୍ଯ୍ୟନ୍ତ ସାଧାରଣରେ ଅଜ୍ଞାତ । ଇଡିତାଲ ହେଉଛି ରେଖପ୍ରାଧାନ ଚିତ୍ର । ରେଖା ପ୍ରଧାନ ଚିତ୍ରକୁ ତନ୍ତ୍ରଚାରୀମାନେ ଯେପରି ଗୁରୁତ୍ୱ ଦେଇଥାନ୍ତି ସର୍ବ ସାଧରଣଙ୍କ ଦୃଷ୍ଟିରେ ସେ ରହସ୍ୟ ଭେଦ କଳ୍ପନାର ବାହାରେ । ସୌରା ମାନେ ଇଡିତାଲ ବ୍ୟତୀତ କାଠ ଖୋଦେଇ ଚିତ୍ର ମଧ୍ୟ ଅନୁଷ୍ଠାନିକ ପୂଜା ପାର୍ବଣରେ ବ୍ୟବହାର କରିଥାନ୍ତି । ଏହି ଖୋଦେଇ ମଧ୍ୟ ଖୁବ୍ ସହଜ ଓ ସରଳ ଢଙ୍ଗରେ ହୋଇଥାଏ । ସେମାନଙ୍କ ଦ୍ୱାରା ପୂଜିତ କିତୁଙ୍ଗ, ସାଇବୋସୁମ, ମାଣ୍ଡୁଆସୁମ, ଲାଇସୁମ ଇତ୍ୟାଦି ଦେବଦେବୀଙ୍କ ପ୍ରତିମୂର୍ତ୍ତିଗୁଡିକ ଏହି କାଠରେ ଖୋଦେଇର ଅନ୍ତର୍ଭୁକ୍ତ । ସୌରା ମାନେ ପୂର୍ବେ ପିତୃପୁରୁଷଙ୍କୁ ସମ୍ମାନ ଦେବା ଅର୍ଥରେ ପୂର୍ବେ ପଥର ଖୁଣ୍ଟି ପୋତି ପୂଜା କରୁଥିଲେ । ସ୍ଥାନେ ସ୍ଥାନେ ଏହି ପଥର ଖୁଣ୍ଟି ପରିବର୍ତ୍ତିତ ହୋଇ କାଠ ଖମ୍ଭରେ ଚିତ୍ର ଅଙ୍କନ ହୋଇ ବ୍ୟବହାର ହେଉଛି । କାଠ ଦେହର ବିଧି ପୂର୍ବକ ଚିତ୍ରବଳୀ ଖୁବ୍ ସହଜତମ ନକ୍ସାରେ ଖୋଦିତ ହୋଇଥାଏ । ଏହାର ସାମଞ୍ଜସ୍ୟ ସିନ୍ଧୁ ସଭ୍ୟତାର ନକ୍ସା ସହ ରହିଥିବାର ଲକ୍ଷ୍ୟ କରାଯାଏ । ମୃତ ବ୍ୟକ୍ତିଙ୍କ ପାଇଁ ମାଣ୍ଡୁଆସୁମ ବ୍ୟବହାର କରାଯାଏ । ଏହାର ଉପର ଭାଗରେ ଏକ ମୟୁର ରହିଥାଏ । ସଉରା ଜନଜାତି ନିରକ୍ଷର ଥିବାବେଳେ ଅଶରୀରିମାନଙ୍କ ସ୍ୱପ୍ନ ନିର୍ଦ୍ଦେଶିତ ଭାଷାର ସ୍ୱରୂପ ଏହି କାନ୍ଥରେ ଚିତ୍ର ମାଧ୍ୟମରେ ପ୍ରତିଫଳିତ ହେଉଥିଲା । ଏହାକୁ ହିଁ ତାଙ୍କର ସାହିତ୍ୟ ତଥା ଭାବ ବୋଧକ ଲିପି ଭାବେ ଧରି ନେବାକୁ ହବ । ସେ ଚିତ୍ର ଲିପି ସମସ୍ତ ସଂକେତର ପ୍ରକୃତ ଭାବ ପ୍ରକାଶର ମାଧ୍ୟମ । କହିବା ବାହୁଲ୍ୟ ଚିତ୍ର ଠାରୁ ଅଧିକ ସହଜ ସରଳ ଓ ସର୍ବୋପରି ବୋଧଗମ୍ୟ ଆଉ କଣ ଥାଇପାରେ !

'ଇଡିତାଲ' ଶବର ସଂସ୍କୃତିର ଏକ ଲୌକିକ ପରମ୍ପରା । ସେମାନେ ବିଶ୍ୱାସ କରନ୍ତି ଯେ ଦେବତା ଓ ପ୍ରେତମାନେ ଏହି ଚିତ୍ରକୋଠି ଭିତରେ ବାସ କଲେ ଶାନ୍ତି ପାଇବେ । ଏହା ସହ ଏକ ଲୋକଗଳ୍ପ ଜଡିତ, ଯେତେବେଳେ ଶବର ମାନଙ୍କ ମାନ୍ୟ ସର୍ବ ଶକ୍ତିମାନ ଦେବତା କିତୁଙ୍ଗ ପୃଥିବୀ ସୃଷ୍ଟି କଲେ ସେଠି ନିଜ ପାଇଁ ଗୋଟିଏ ଘର ତିଆରି କଲେ । ସେ ଘର କାନ୍ଥରେ ଗୋଟିଏ ସ୍ତ୍ରୀ ଓ ଗୋଟିଏ ପୁରୁଷର ଚିତ୍ର ପ୍ରଥମେ ଆଙ୍କିଲେ । ତା ପରେ ବୃକ୍ଷଲତାର ଚିତ୍ର ଆଙ୍କିବାକୁ ଚେଷ୍ଟା କଲେ କିନ୍ତୁ ପାରିଲେ ନାହିଁ । ତାପରେ ସେ ସୂର୍ଯ୍ୟ ଦେବତା 'ଉୟୁଙ୍ଗସୁମ'ଙ୍କ ପାଖକୁ ଗଲେ । ସେ କହିଲେ ଚିତ୍ର କୋଠିରେ ସ୍ତ୍ରୀ ପୁରୁଷଙ୍କ ଚିତ୍ର କରି ଭର୍ତ୍ତି କରିଦିଅ ଏବଂ ସାତ ଦିନ ପରେ ତୁମର ଆଙ୍ଗୁଠି କାଟି ପୁରୁଷ ଚିତ୍ର ଉପରେ ଦୁଇ ବୁନ୍ଦା ଓ ସ୍ତ୍ରୀ ଚିତ୍ର ଉପରେ ତିନି ବୁନ୍ଦା ରକ୍ତ ପକାଇଦେବ । କିତୁଙ୍ଗ ସେଇୟା କଲେ, ଆଠ ଦିନ ପରେ ସ୍ତ୍ରୀ ଚିତ୍ର ଉପରେ ପଡିଥିବା ରକ୍ତରୁ ଗୋଟିଏ ସୁନ୍ଦରୀ ଝିଅ ଜନ୍ମ ହେଲା ଏବଂ ସାଙ୍ଗେ ସାଙ୍ଗେ କାନ୍ଦିବାକୁ ଆରମ୍ଭ କଲା । ତା ପରଦିନ ପୁରୁଷ ଚିତ୍ରରୁ ଗୋଟିଏ ପୁଅ ଜନ୍ମ ହେଲା । କିତୁଙ୍ଗ ଆଶ୍ଚର୍ଯ୍ୟ ହୋଇ ଲକ୍ଷ୍ୟ କରୁଥାନ୍ତି । ସେ ଦୁଇଜଣ ସଂଗେ ସଙ୍ଗେ ବଡ଼ ହୋଇ ଯୁବକ ଯୁବତୀରେ ପରିଣତ





ହେଲେ । ଉଦୟସୁମ ସେ ଦୁଇ ଜଣଙ୍କୁ ବିବାହ କରିବାକୁ କହିଲେ । କିତୁଙ୍ଗ ସେ ଦୁଇ ଜଣଙ୍କ ବିବାହ କରାଇ ଦେଲେ । ଏହିପରି ସେମାନଙ୍କ ଠାରୁ ମାନବ ଜାତିର ସୃଷ୍ଟି ଆରମ୍ଭ ହେଲା । ଏହିପରି ଚିତ୍ର ଅଙ୍କନ ପଦ୍ଧତି ଶବର ସମାଜରେ ପରମ୍ପରା ହୋଇ ରହିଲା । ଏହି ପ୍ରାଚୀନ ଧର୍ମ ଧାରଣା ତଥା ବିଶ୍ୱାସ କାରଣରୁ ସଉରା ସମାଜ ଏହିପରି ଏକ ଚିତ୍ର ପ୍ରସ୍ତୁତ କରେ ଯେଉଁଥିରେ ସେ ସମସ୍ତ ଶକ୍ତିକୁ ଆବାହନ କରିପାରିବ ଏବଂ ଘରର ମଙ୍ଗଳ ନିମନ୍ତେ ପୂଜା କରିପାରିବ ଓ ବଳି ଉତ୍ସର୍ଗ କରିପାରିବ । ଚିତ୍ରର ମହାନତା ଉପଲବ୍ଧି କରି ତାହାକୁ ଘର ଭିତରେ ସାଇତି ରଖିବା ଏହି ଜାତିର ଏକ ସୁପ୍ରାଚୀନ ପରମ୍ପରା । ଘରର ଇଷ୍ଟ ରୂପେ ସେ ଚିତ୍ରର ରକ୍ଷଣଶୀଳତା ତାର ସାମାଜିକ ମୂଲ୍ୟବୋଧର ସ୍ତର ବହୁ ଉର୍ଦ୍ଧ୍ୱରେ ।

ଇଡିତାଲ ଏବେ ସରକାରୀ ଓ ବେସରକାରୀ ସ୍ତରରେ ଦେଶ ବିଦେଶରେ ଖୁବ୍ ପ୍ରସିଦ୍ଧି ଲାଭ କରିଛି, ସଦ୍ୟ ଭାରତ ସରକାରଙ୍କ ତରଫରୁ ଲାଞ୍ଜିଆ ସଉରାଙ୍କ ଏହି ଚିତ୍ରକଳାକୁ ଜି.ଆଇ. ଟ୍ୟାଗ୍ ମିଳିଛି ତଥାପି ଏହା ବିଷୟରେ ଅଧିକ ଅଧ୍ୟୟନ ଓ ଗବେଷଣାର ଯଥେଷ୍ଟ ଆବଶ୍ୟକତା ରହିଛି । ଚାହିଦା ଅନୁଯାୟୀ ଏବେ ଡ୍ରେସରେ, ଶାଢିରେ, ହସ୍ତଶିଳ୍ପରେ, ସହରର କାନ୍ଥ ମାନଙ୍କରେ ଇଡିତାଲ ଚିତ୍ର ନୂଆ ଫ୍ୟାସନ ହେଇପାରିଛି । ବଜାରରେ ମିଳୁଥିବା ଅନେକ ଇଡିତାଲ ଚିତ୍ର ବ୍ୟବସାୟିକ ଉଦ୍ଦେଶ୍ୟରେ ଏହି ଚିତ୍ର ସହ ସାମାନ୍ୟ ସମ୍ପର୍କ ଥିବା ମହାରାଷ୍ଟ୍ରର ୱର୍ଲୀ ଚିତ୍ରର ସମ୍ମିଶ୍ରଣ କରି ବିକ୍ରି କରାଯାଉଅଛି । ଅନେକ କଳାକାର ଏହାଦ୍ୱାରା ଆର୍ଥିକ ଓ ସାମାଜିକ କ୍ଷେତ୍ରରେ ଉପକୃତ ହେଉଛନ୍ତି ସତ କିନ୍ତୁ ବଜାରରେ ମିଳୁଥିବା ଏହି ଚିତ୍ର ସବୁକୁ ଇଡିତାଲର ଏକ ପ୍ରକାର କୁହାଯାଇପାରେ କେବଳ । ଯଦିଓ ଏହି ଚିତ୍ର ସବୁ ଇଡିତାଲ ସହ ସାମଞ୍ଜସ୍ୟ ରଖେ କିନ୍ତୁ ଲୌକିକ ପରମ୍ପରାରେ ଅଭିମନ୍ତ୍ରିତ ଇଡିତାଲ ସ୍ୱତନ୍ତ୍ର ଓ ଅଲୌକିକ ଶକ୍ତିର ଅଧିକାରୀ ନିଶ୍ଚିତ । 'ଇଡିତାଲ' କେବଳ ଏକ ଚିତ୍ରକଳା ନୁହଁ ଏକ ପରମ୍ପରା, ଅନନ୍ୟ ଆଦିମ ସଂସ୍କୃତିର ବାର୍ତ୍ତାବହ । ତେଣୁ କେବଳ ଆର୍ଥିକ ଦୃଷ୍ଟି କୋଣରୁ ନୁହଁ ପରମ୍ପରା ଦୃଷ୍ଟିକୋଣରୁ ମଧ୍ୟ ପାରମ୍ପରିକ ଇଡିତାଲ ଓ ଏହି ଅନନ୍ୟ ସଂସ୍କୃତିର ସୁରକ୍ଷା ପ୍ରତି ଶବର ଜନଜାତି ଏବଂ ସରକାର ଉଭୟ ମିଳିତ ଭାବେ ଅଧିକ ଯତ୍ନଶୀଳ ହେବାର ଆବଶ୍ୟକତା ରହିଛି ।

# କଥା କହେ 'କୋହ୍ଲ' ହଜିନି 'ହୋ'



# ବିଚ୍ଛିନ୍ନାଞ୍ଚଳ ଷଢ଼େଇକଳାର 'ହୋ' ଜନଜାତି


**ଆରତୀ ସାହୁ**

୨୬-ଏଲ୍, ସିପିଡ଼ବ୍ଲୁଡ଼ି କଲୋନୀ, ବସନ୍ତ ବିହାର, ନୂଆଦିଲ୍ଲୀ-୧୧୦୦୫୭

ଫୋନ : ୯୮୬୮୪୬୩୪୫୮


ଫଟୋ ସୌଜନ୍ୟ : ଲେଖିକା

ଖୁବ୍ ସାନଟିଏ ଥାଏ ମୁଁ, ଦାଣ୍ଡପିଣ୍ଡାରେ ଜଗି ବସିଥାଏ । କେତେବେଳେ ତୁନକା ଆସିବ ଆଉ ତାର ଝୁଲାମୁଣିଟାକୁ ଦୋହଲେଇ ଦେବ ମୋ ଆଗରେ । 'ଏ ଗା କୁନି, ଝିନକା ଆଣିଛେଇଁ ଗା । ଖାଇବୁ କେନେ ?' ଖଡ଼ଖଡ଼ କରି ପୋଶେ ଶାମୁକା ଅଜାଡ଼ି ଦିଏ ତାର ଚେପା କେଷ୍ଟା ଆଲୁମିନିୟମ କଂସାରେ । 'ଏ ଗା କୁନି, ମାଟିଧୂଳି ସାଁପ୍ ଆଣିଛେଇଁ ଗା । ଖାଇବୁ କେନେ ।' ଝୁଲାରୁ ମଲା ଚିତରା କାବରା ସାପଟିକୁ କାଢ଼ି ପକାଏ । ମୁଁ ଓ.... ଓ...ଇହି... କରି କରି ପଳାଏ ଭିତରକୁ । କିନ୍ତୁ ସେଇ ଚିତ୍ର ନିଇତି ଦୋହରା ହୁଏ । ନା ମୋର ଜଗି ବସିବାର ନାଗା ହୁଏ, ନା ତାର ଗେଣ୍ଡା, ଶାମୁକା, ସାପ , ବେଙ୍ଗ ଆଣିବା ବନ୍ଦ ହୁଏ । ମାଆ ତାର ଭିତରେ ବକର୍ ବକର୍ ହେଉଥାଏ, ବାପା କାନରେ ଜୁବା ପାଟିରେ ଜୁବା ଦେଇ ବସନ୍ତି ଚୁପ୍‌ଚାପ୍ । ଛେଉଣ୍ଡ କୋହ୍ଲ ପିଲାଟାକୁ ତାଙ୍କ ବାପା ଆଣି ରଖିଥିଲେ ଛୁଆଟି ବେଲ୍ଟୁ, ବିଲବାଡ଼ି କାମ ତଦାରଖ କରିବ ବୋଲି । ଆସି ବୁଢ଼ା ହେଲାଣି । ଆଉ ତାକୁ କଣ ତଡ଼ି ଦେବେ ? ବାଲ୍ୟୁତ କାଳୁ ଗାଁ ଛାଡ଼ିଲା, ଜାତି ଛାଡ଼ିଲା, ଭାଷା ଛାଡ଼ିଲା, ପୁନେଇଁ ପର୍ବ ଛାଡ଼ିଲା । କେବଳ ଛାଡ଼ି ପାରିନାହିଁ ତାର ଜିଭ ସୁଆଦ । ସେ ସାପ, ବେଙ୍ଗ, ଗେଣ୍ଡା ଶାମୁକା ସବୁ ଖାଏ । ଖାଉ । ଆମେ ତ ପୁଣି ଛେଳି, ମେଣ୍ଢା, କୁକୁଡ଼ା, ବତଖ ଖାଉଛୁ ।

ଏଇଠୁ ମୋର ସର୍ବ ପ୍ରଥମ କୋଲ୍‌ହ ବା ହୋ ମାନଙ୍କ ସହିତ ସମ୍ପର୍କ । ତାପରେ ଅବଶ୍ୟ ଆହୁରି ଆହୁରି କୋଲ୍‌ହମାନଙ୍କ ସହିତ ସମ୍ପର୍କ ହେଉଥିଲା । ଯେହେତୁ ବାପା ଆମର ସୁନା ଅଳଂକାର କାରିଗର ଥିଲେ ତେଣୁ କୋହ୍ଲ, ସାନ୍ତାଳ, ମାହାନ୍ତ, ଭୂୟାଁ ମାନଙ୍କର ଆମ ପିଣ୍ଡାରେ ନିତି ମେଳି । କୋଲ୍‌ହ ମାନଙ୍କର ଯେଣୁ ହୋ ଭାଷା, ତେଣୁ ଜାତିଟାକୁ ଆମେ ହୋ ବୋଲି ନାମିତ କରିଥାଉ ।

ଏମିତିରେ ଆମ ଷଢ଼େଇକଳା ଓଡ଼ିଶାର ଏକ ଅଂଶ, କାହିଁ କେଉଁ ମନୁକାଳରୁ । ଏହା ସ୍କନ୍ଦ ପୁରାଣରେ ମଧ୍ୟ ଲେଖା ହେଇଛି । ସେ ସମ୍ବନ୍ଧିତ ଶ୍ଳୋକଟିଏ ନିମ୍ନରେ:

**"ନାନା ଦ୍ରୁମଲତାକୀର୍ଣ୍ଣ ପର୍ବତୈଃ ସିନ୍ଧୁଭିର୍ଭୁତ**
ସେ ଏଷ ଦଏଶଃ ପ୍ରବର ଉତ୍କଳୈହୋ ଦ୍ୱିଜଓଉମଃ
ରଷିକୂଲ୍ୟା ସମସଦ୍ୟା ଦକ୍ଷୀଣୋଦଧ୍ୱିଗାମିନୀ
ସ୍ୱର୍ଣ୍ଣରେଖା ମହାନଦୋର୍ମଧ୍ୟେ ଦେଶଃ ପ୍ରତିଷ୍ଠିତ ।"

**(ଶ୍ଳୋକ - ୨୬, ୨୭ ସ୍କନ୍ଦ ପୁରାଣ )**

ତେଣୁ ଏଠାକାର ମୁଖ୍ୟ ଜାତି ଓଡ଼ିଆ ଓ ମୁଖ୍ୟ ଭାଷା ମଧ୍ୟ ଓଡ଼ିଆ । ଏସବୁ ତଥ୍ୟ ଇତିହାସରେ ଅନେକ ମହାମନିଷୀଙ୍କ ଦ୍ୱାରା ଲିପିବଦ୍ଧ ହୋଇ ରହିଛି । କିନ୍ତୁ ଓଡ଼ିଆ ଛଡ଼ା ଏଠାକାର ବନାଞ୍ଚଳ ମାନଙ୍କରେ ବସବାସ କରୁଥିବା କୋହ୍ଲ ବା ହୋ ସମ୍ପ୍ରଦାୟକୁ ମଧ୍ୟ ଆମେ ଏଡ଼ାଇ ଯାଇ ପାରିବା ନାହିଁ । ସୁତରାଂ ଷଢ଼େଇକଳା ଖରସୁଆଁ ସମେତ ସମସ୍ତ ସିଂହଭୂମିରେ ମୁଖ୍ୟ ଧାରା ସହିତ ବେଶ୍ ସମନ୍ୱୟ ରକ୍ଷା କରି କୋହ୍ଲ, ସାନ୍ତାଳ, କୁଡ଼ମୀ, ମାହାନ୍ତ, ଭୂୟାଁ , ଓରାମ ଇତ୍ୟାଦି ସମ୍ପ୍ରଦାୟ ମାନେ ବସବାସ କରୁଥିଲେ ଓ କରୁଛନ୍ତି ମଧ୍ୟ ।

'କୋହ୍ଲ' ବା 'ହୋ' ଏକା କଥା । ଏହା ଏକ ପ୍ରୋଟୋ-ଅଷ୍ଟ୍ରେଲିୟୋ ଜାତି । ଏମାନେ ସାଧାରଣତଃ ଛୋଟନାଗପୁରର କୋହ୍ଲାଣର ମୂଳ ଅଧିବାସୀ । ତେଣୁ ଏମାନଙ୍କୁ କୋହ୍ଲ କୁହାଯାଏ । କାଳକ୍ରମେ ଏମାନେ ଓଡ଼ିଶା ବେଙ୍ଗଲ ଇତ୍ୟାଦି ସ୍ଥାନକୁ ବିସ୍ଥାପିତ ହେଲେ । ଗେଡ଼ା, କଳା ତଥା ଅପେକ୍ଷାକୃତ ଚେପାନାକିଆ ହୋ ମାନଙ୍କର ସଂଖ୍ୟା ଷଢ଼େଇକଳାରେ ବହୁତ ବେଶି । 'ହୋ' ଭାଷାରେ 'ହୋ' ଅର୍ଥ ମଣିଷ । ଏହି ଭାଷା ମୁଣ୍ଡାଭାଷା ଅନ୍ତର୍ଗତ ଏଷ୍ଟ୍ରୋ-ଏସିଆଟିକ୍ ଗ୍ରୁପର ଏକ ଭାଷା । ସାନ୍ତାଳ ଓ ମଣ୍ଡାରିନ ଭାଷା ସହିତ ଏହାର ସାମଞ୍ଜସ୍ୟ ପରିଲକ୍ଷିତ ହୁଏ । ଷଢ଼େଇକଳାରେ ଦୁର୍ଗାପୂଜା ଭସାଣି ଦିନ ସକାଳ ପହରୁ ନେଇକି ଯେ ଭସାଣି ପର୍ଯ୍ୟନ୍ତ ଏମାନେ ହାଣ୍ଡିଆ ପିଇ ସମବେତ ନୃତ୍ୟ କରନ୍ତି । ବଡ଼ ଏକ ଛନ୍ଦ ଲୟରେ ଘୁମସା ଏବଂ ହୋ ସଂଗୀତର ତାଳେ ତାଳେ ତାଙ୍କର ପାଦ ଆଗ ପଛ ହେଉଥାଏ । ମକର ପର୍ବ ବାସି ଦିନ ମାହାନ୍ତ, ସାନ୍ତାଳ, ଭୂୟାଁ ଇତ୍ୟାଦିଙ୍କ ସହିତ ହୋ ସମ୍ପ୍ରଦାୟର ଲୋକେ ମଧ୍ୟ ଟୁସୁ ମୂର୍ତ୍ତି ନେଇ ବଙ୍ଗବଙ୍ଗା ଯାଆନ୍ତି, ଖଡ଼କେଇ କୂଳରେ ଥିବା ଏକ ରମଣୀୟ ସ୍ଥାନକୁ । ତେବେ ଏସବୁରେ ଗହୀରକୁ ନଯାଇ କେବଳ ହୋ ସମ୍ପ୍ରଦାୟ ଓ ତାଙ୍କର ପର୍ବପର୍ବାଣି ବିଷୟରେ ସମ୍ୟକ ସୂଚନା ଦେବା ଏହି ଆଲେଖ୍ୟର ଉଦ୍ଦେଶ୍ୟ ।

## ଅବସ୍ଥିତି

ହୋ ଜନ ଜାତିର ଆଦିବାସୀମାନେ ନଦୀ କୂଳରେ ଜଙ୍ଗଲର ସବୁଜିମା ଭିତରେ ପଶୁପକ୍ଷୀଙ୍କ ସାନ୍ନିଧ୍ୟରେ ନିଜ ଅଞ୍ଚଳର ଆଦିବାସୀମାନଙ୍କ ସାଙ୍ଗରେ ରହିବା ପାଇଁ ଭଲ ପାଆନ୍ତି । ଏହି ଜାତିର ଲୋକେ ଷଢ଼େଇକଳା, ଖରସୁଆଁ ବ୍ୟତୀତ ମୟୂରଭଞ୍ଜ, କେଉଁଝର, ସୁନ୍ଦରଗଡ଼, ପଶ୍ଚିମ ବଙ୍ଗର କିଛି ଅଂଶରେ ମଧ୍ୟ ବସବାସ କରନ୍ତି ।



▲ ଲେଖିକା ଆରତୀ ସାହୁ



## ଜାତି ଓ ଉପଜାତି

ହୋ ଜନଜାତିରେ ବିଭିନ୍ନ ପ୍ରକାର ଉପଜାତି ଅଛି, ଯଥା: ପୂର୍ତ୍ତି, ଗାଗରାଇ, ହେମ୍ବ୍ରମ, ସିଂକୁ, ବାଙ୍କିରା, ବଦରା, ସାମାଡ଼, ଗୋଇପାଇ, ସୋଏ ଇତ୍ୟାଦି । ହୋ ଜନଜାତିର ଆଦିବାସୀମାନଙ୍କର ଅଲଗା ଗୋତ୍ର ମଧ୍ୟ ଥାଏ, ଯଥା ଭେଙ୍ଗରା, ହଂସା, ବାଲମୁଚୁ, କଣ୍ଡରୁ ଓ ବୋଦରା, ସୁରିନ ଇତ୍ୟାଦି ।

## ଜୀବନ ଶୈଳୀ ଓ ପାରିବାରିକ ଜୀବନ

ଏମାନେ ମୁଖ୍ୟତଃ ନୃତ୍ୟ, ସଂଗୀତ, ମେଳା ମଉଛବରେ ଲଗାମଛଡ଼ା ଜୀବନ ଜିଇବାରେ ବିଶ୍ୱାସ କରନ୍ତି । କଳି ଝଗଡ଼ା, ବାକ୍ ବିତଣ୍ଡାରେ ସମୟ ବରବାଦ୍ କରିବା ଆଦୌ ଚାହାଁନ୍ତି ନାହିଁ । ଦୁଇ ଦିନର ଜୀବନଟିକୁ ମହୋତ୍ସବ ପରି ଜିଇଁବାର କଳା ତାଙ୍କ ଠାରୁ ଶିଖିବା କଥା । ସେମାନେ ସଂଯୁକ୍ତ ପରିବାରରେ ଯଥା ମା, ବାପା, ଭାଇ, ଭଉଣୀ, ଦାଦା, ଖୁଡ଼ୀଙ୍କ ସହ ମିଳିମିଶି ରହିବାକୁ ଭଲ ପାଆନ୍ତି । ହୋ ଜନଜାତିର ପୁରୁଷ ଓ ମହିଳା ଉଭୟେ କର୍ମଠ ଓ ପରିଶ୍ରମୀ । ମହିଳାମାନେ ଶୃଙ୍ଗାରପ୍ରିୟ । ଏମାନେ ନାନାପ୍ରକାର ଅଳଙ୍କାର ଓ ଫୁଲ ନାଇ, ବାହୁ ଓ ହାତରେ ସୁନ୍ଦର କମକୁଟ ସଦୃଶ୍ୟ ଉଲଖି (ଟାଟୁ) କରି ସଜେଇ ହୋଇ ରହିବାକୁ ଭଲ ପାଆନ୍ତି ।

## ବିବାହ ଶୈଳୀ

ହୋ' ମାନଙ୍କ ପାଇଁ ବିବାହ ହେଉଛି ଜୀବନର ଏକା ମୁଖ୍ୟ ଭାଗ ଓ ଏକ ମହୋତ୍ସବ । ହୋ' ମାନଙ୍କ ମତରେ ନିଜର ବଂଶରକ୍ଷା ତଥା ଆଦିବାସୀ ପ୍ରଥା ରଖିବା ପାଇଁ ବିବାହ ପ୍ରଥା ବହୁତ ଜରୁରୀ । ବିବାହ ପ୍ରଥା ହେଉଛି ଦୁଇ ଶରୀର ତଥା ଦୁଇ ଆତ୍ମାର ମିଳନ । ଏହା ଏକ ଗୁରୁ ଦାୟିତ୍ୱ ଆଗାମୀ ପିଢ଼ିକୁ ସମାଜକୁ ଆଣିବା ତଥା ତାଙ୍କର ଠିକ ଭାବେ ଲାଳନପାଳନ କରିବା । ଏମାନେ ସାଧାରଣତଃ ସମଗୋତ୍ରୀ ବିବାହର ବିରୋଧୀ ଓ ଏମିତି ବିବାହ ବର୍ଜନୀୟ ତଥା ଦଣ୍ଡନୀୟ । ଏହି ଜନଜାତିରେ ବିଭିନ୍ନ ପ୍ରକାରର ବିବାହ ପ୍ରଥା, ଯଥା: ତିପି ଆନ୍ଦି (ପ୍ରେମ ବିବାହ) ଏବଂ ଜିସୁକୁ ଆନ୍ଦି (ମଧ୍ୟସ୍ଥି ବିବାହ) ଆଦି ପ୍ରଚଳିତ ଅଛି । ତିପି ଆନ୍ଦିରେ ଯୁବକ ଯୁବତୀ ସାମୁହିକ ନାଚ ଗୀତ ବେଳେ ବିଶେଷକରି ମାଗେ ପରବରେ କିମ୍ବା ହାଟ, ବଜାରରେ ପରସ୍ପରକୁ ଦେଖି ପସନ୍ଦ କରିଥାନ୍ତି । ପରେ ସେମାନେ ବିବାହ କରିଥାନ୍ତି । ଏହି ବିବାହରେ କେବେ କେବେ ସେମାନେ ଘର ଲୋକଙ୍କ ବିରୋଧର ମଧ୍ୟ ସମ୍ମୁଖୀନ ହୋଇଥାନ୍ତି । ବେଳେ ବେଳେ ସେମାନଙ୍କୁ ସାମାଜିକ ବାସନ୍ଦ ମଧ୍ୟ କରାଯାଇଥାଏ । ଜିସୁକୁ ଆନ୍ଦି ଦୁଇ ପରିବାରର ବୁଝାମଣାରେ ହୋଇଥାଏ ଏଥିରେ ରାଏବାର (ମଧ୍ୟସ୍ଥି)ଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ବଡ଼ ମଜା କଥା ହେଲା ତିପି ଆନ୍ଦି ଅର୍ଥାତ୍ ପ୍ରେମ୍ ବିବାହରେ ପୁଅଟିଏ ଯେବେ ଝିଅଟିକୁ ଟାଣିନିଏ ଆଉ ଯଦି ସେମାନେ ଝିଅ ତରଫରୁ କାହା ନଜରରେ ପଡ଼ନ୍ତି ତେବେ ସଙ୍ଗେ ସଙ୍ଗେ ମାଦଳ କିମ୍ବା ଟିଣ ପିଟି ଏତଲା କରି ଦିଆଯାଏ । କନ୍ୟାପକ୍ଷର ବୁଢ଼ୀମାନ କାଠ ଫାଳିଆ ଆଣି ପୁଅଟିକୁ ପିଟି ଲାଗନ୍ତି । କିନ୍ତୁ ଯେତେ ମାଡ଼ଗାଳି ଖାଇଲେ ମଧ୍ୟ ଝିଅଟିର ହାତକୁ ସେ ଛାଡ଼େ ନାହିଁ ଯେ ପର୍ଯ୍ୟନ୍ତ ତାକୁ ନିଜ ଗାଁକୁ ନେଇ ସିନ୍ଦୂର ଦାନ ନ କରିଛି । ତାପରେ ତାଙ୍କର ବିବାହକୁ ମାନ୍ୟତା ମିଳିଯାଏ ।

କିନ୍ତୁ ଜିସୁକୁ ଆନ୍ଦିରେ ବରକନ୍ୟା ଉଭୟ ପକ୍ଷର ଲୋକେ ମିଳିମିଶି ବିବାହ ସମ୍ପନ୍ନ କରନ୍ତି । ବର ପକ୍ଷ ଯାଆନ୍ତି କନ୍ୟା ଘରକୁ । ବିବାହ ବେଳେ ଗାଁ ପଡ଼ିଆରେ ଅନେକ ଗୁଡ଼ିଏ ତାଳପତ୍ର ଛାମୁଣ୍ଡିଆ ବନ୍ଧାଯାଏ । ଯୋଉ ଜାତିଭାଇ ଆସନ୍ତି, ନିଜ ସହିତ ଚାଉଳ, ଡାଲି, ତେଲ, ମସଲା ଏପରିକି ହାଣ୍ଡିଆ ଓ ମାଂସ ପାଇଁ ଖାସି ମଧ୍ୟ ଧରି ଆସନ୍ତି । ଚାରି ପାଞ୍ଚଦିନ ନିଜ ନିଜର ଖନ୍ଦାରେ ରୋଷେଇ କରି ଖାଇ ପିଇ, ନାଚି ଗାଇ ବରକନ୍ୟାଙ୍କୁ ଆଶୀର୍ବାଦ ଦେଇ ଫେରି ଯାଆନ୍ତି । କିନ୍ତୁ ଯୋଉ 'ଦିକୁ' ଅର୍ଥାତ୍ ବ୍ରାହ୍ମଣ, କ୍ଷତ୍ରିୟ, କରଣ ଇତ୍ୟାଦିଙ୍କୁ ଡକା ଯାଏ ତାଙ୍କୁ ସର୍ଗି ପତ୍ରର ମୋଟା ଦୋନାରେ କଂସା ରଖି ତହିଁରେ ନାଲି ଚାହା ଓ ଭୁଜା ଦିଅନ୍ତି କାରଣ ସେମାନଙ୍କୁ ତ ଆଉ ହାଣ୍ଡିଆରେ ଆପ୍ୟାୟିତ କରିହେବ ନାହିଁ ।

ଆଉ ଗୋଟିଏ ଅଦ୍ଭୁତ ପରମ୍ପରା ବିଷୟରେ ନ ଲେଖିଲେ ଲେଖାଟି ଅସମ୍ପୂର୍ଣ୍ଣ ଲାଗିବ । ସେମାନଙ୍କ ମୃତକ କ୍ରିୟା ଟିକେ ଅଲଗା ପ୍ରକାରରେ ହୁଏ । ହୋ ମାନେ ମୃତ୍ୟୁ ପର ଜୀବନରେ ବିଶ୍ୱାସ ରଖନ୍ତି । ତାଙ୍କର ମୃତଦେହକୁ ବିଲ ଖାଲ କିମ୍ବା ବାଡ଼ି ପଛରେ ପୋତି ଦିଆଯାଏ । କବର ଉପରେ ଏକ ଚଟକା ଲମ୍ବାଳିଆ ପଥର ଟାଣି ଆଣି ସଜୋରେ ପୋତା ହୁଏ । ତାକୁ 'ଡୁରି ଓର୍ ଟେରି' କୁହାଯାଏ । ଆମର ପୁଷ୍କରା ପରି ବିଶ୍ୱାସଟେ ତହିଁ ପଛରେ ଥାଏ । ପଥରଟା ଯଦି 'ଶବ'ର ମୁଣ୍ଡ ପଟକୁ ଢଳିଲା ତେବେ ସେମାନଙ୍କ ବିଶ୍ୱାସ ଅନୁଯାୟୀ ଘରର କର୍ତ୍ତା ମାନଙ୍କ ଉପରେ ବିପଦ । ଯଦି ପାଦ ଆଡ଼କୁ ଢଳେ ତେବେ ସାନମାନଙ୍କ ଜୀବନ ବିପଦପୂର୍ଣ୍ଣ । ସେହିପରି ବାଁ ଓ ଡାହାଣକୁ ଢଳିଲେ କ୍ରମାନୁଯାୟୀ ସ୍ତ୍ରୀ ଓ ପୁରୁଷ ଲୋକଙ୍କ ଉପରେ ବିପଦ ଆସିବ ବୋଲି କୁହନ୍ତି ସେମାନେ ।



## ହୋ ମାନଙ୍କର ମୁଖ୍ୟ ଦେବତା

ସିଙ୍ଗ୍ ବୋଙ୍ଗା ଅର୍ଥାତ ସୃଷ୍ଟିର ଦେବତା ବା ବ୍ରହ୍ମ ଦେବତା । ତାଙ୍କର ସବୁଠାରୁ ବଡ଼ ଦେବତା ବା ଇଷ୍ଟଦେବତା ହେଉଛନ୍ତି ମାରାଙ୍ଗ୍ ବୋଙ୍ଗା । ତାଙ୍କୁ ଛାଡ଼ି ବୁରୁବୋଙ୍ଗା ଅର୍ଥାତ୍ ପର୍ବତ ଦେବତା , ବୁରାବୁରି ବା ବୁଢ଼ାବୁଢ଼ୀ ବା ପୂର୍ବପୁରୁଷଙ୍କ ଆବାହନୀ ଏବଂ ଗୋରାମ୍ ବା ଗ୍ରାମ ଦେବତା । ଦେଶୌଳି ବୋଙ୍ଗା ବା ଦେଶ ରକ୍ଷାକାରୀ ଦେବତା । ବାଗିଆ ବୋଙ୍ଗା ବା ବାଘ ଓ ଅନ୍ୟାନ୍ୟ ପଶୁ ଦେବତା । ନାଗା ବୋଙ୍ଗା ବା ନାଗ ଦେବତା । ଏମାନେ ରାହୁ, ସୁନି, ଚଣ୍ଡୀ, ଜୁଗନି ଇତ୍ୟାଦି ବୋଙ୍ଗାମାନଙ୍କୁ ମଧ୍ୟ ପୂଜା କରନ୍ତି ।

## ନୃତ୍ୟଗୀତ ଓ ପର୍ବପର୍ବାଣି

ଏହି ଜନଜାତିର ବିବାହ ସମୟରେ ନାଚଗୀତ ହୋଇଥାଏ । ନାଗରା, ଦୁମେଂ, ବାନାମ୍ ଆଦି ନାନା ପ୍ରକାରର ବାଦ୍ୟ ଯନ୍ତ୍ରର ବ୍ୟବହାର କରାଯାଇଥାଏ । ପୁରୁଷମାନେ ବାଦ୍ୟ ବଜାଇଲା ବେଳେ ପୁରୁଷ, ମହିଳା, ଯୁବକ, ଯୁବତୀ ହାତ ଧରାଧରି ହୋଇ ହାଣ୍ଡିଆ ପିଇ ସାରା ରାତି ନାଚଗୀତରେ ମସଗୁଲ ହୋଇଥାନ୍ତି । ଏମାନଙ୍କର ସବୁଠାରୁ ବଡ଼ ଦେବତା ହେଉଛନ୍ତି ମାରାଙ୍ଗ୍ ବୋଙ୍ଗା । ମାରାଙ୍ଗ୍ ଅର୍ଥ ସବୁଠାରୁ ବଡ଼ ଓ ବୋଙ୍ଗା ଅର୍ଥ ଦେବତା । ପର୍ବପର୍ବାଣି ଆଡ଼ରେ ଏମାନେ ମୁଖ୍ୟତଃ ପ୍ରକୃତି ପୂଜା ହିଁ କରିଥାନ୍ତି ।

ଦଶହରା, ମକର ପର୍ବ ଓ ଗଣେଶ ସରସ୍ୱତୀ ପୂଜା, ରଥଯାତ୍ରା, ମନସା ପୂଜା ଓ ଅନ୍ୟାନ୍ୟ ମୁଖ୍ୟଧାରାର ପର୍ବପର୍ବାଣି ବ୍ୟତୀତ ତାଙ୍କର ଅନେକ ପାରମ୍ପରିକ ପର୍ବ ମହା ନିଷ୍ଠାର ସହିତ ପାଳନ କରିଥାଆନ୍ତି । କିଛି ପର୍ବପର୍ବାଣି ନିମ୍ନରେ ପ୍ରଦତ୍ତ ।

ସେମାନଙ୍କର ମୁଖ୍ୟ ପର୍ବ ହେଲା ମାଗେ, ବା, ଗୋମା, ହେରୋଓ, ବାହାତୌଲି ଏବଂ ଜମନାମା । ମାଗେ ପର୍ବରେ ହୋ ଆଦିବାସି ଜନଜାତିର ସମସ୍ତ ପୁରୁଷ ଏବଂ ମହିଳାମାନେ ନୂତନ ଖାଦ୍ୟ ଶସ୍ୟ ଅନୁସନ୍ଧାନ କରି ଉତ୍ସାହ ସହ ନାଚ ଏବଂ ଗୀତରେ ଆନନ୍ଦ ଅନୁଭବ କରନ୍ତି । ମାର୍ଚ୍ଚ ଏବଂ ମେ ମାସ ମଧ୍ୟରେ 'ବା' ପର୍ବ ପାଳନ କରାଯାଏ ।

## ବାହାତୌଲି ପରବ୍

ଏହି ପର୍ବ ଜୁଲାଇ-ଅଗଷ୍ଟ ମାସ ମଧ୍ୟରେ ପାଳନ କରାଯାଏ । ଏହି ପର୍ବରେ ଦେଶୌଳି ବୋଙ୍ଗାଙ୍କୁ ପୂଜା କରାଯାଏ । କେନ୍ଦୁ ପତ୍ର ଦେବତାଙ୍କୁ ଅର୍ପଣ କରାଯାଏ ଏବଂ କୁକୁଡା ବଳି ଦିଆଯାଏ । ହୋ ଜନଜାତିର ବିଶ୍ୱାସ ଯେ ଏହି ପର୍ବ ପାଳନ ଦ୍ୱାରା ତାଙ୍କ ଫସଲ କୀଟ ଏବଂ ପୋକମାନଙ୍କ ଠାରୁ ସୁରକ୍ଷିତ ରହିବ ।

## ଜମନାମା ପରବ୍

ଧାନ କାଟା ସମୟରେ ଏହି ପର୍ବ ପାଳନ କରାଯାଏ । ଏହି ପର୍ବ ପାଳନ କଲା ପରେ ସମସ୍ତେ ନୂଆ ଧାନରୁ ହେଇଥିବା ନୂଆ ଚାଉଳ ଖାଆନ୍ତି । ପ୍ରଥମ ଧାନ କାଟା ହେଲା ପରେ ସେଥିରୁ ଚୁଡ଼ା ତିଆରି କରି ଗ୍ରାମ ଦେବତାଙ୍କୁ ଏବଂ ଅନ୍ୟ ଦେବିଦେବତାଙ୍କୁ ଅର୍ପଣ କରାଯାଏ ।

## ମାଗେ ପରବ୍

ମାଗେ ପର୍ବ ହୋ ଜନଜାତିର ସବୁଠାରୁ ବଡ଼ ପର୍ବ । ଏହି ପର୍ବ ପାଇଁ କୌଣସି ନିର୍ଦ୍ଦିଷ୍ଟ ତିଥି ନାହିଁ । ମକର ପର୍ବ ଓ ପଣା ସଂକ୍ରାନ୍ତି ମଝିରେ ଯେ କୌଣସି ସମୟରେ ସାତଦିନ ଧରି ଏହା ପାଳିତ ହୋଇଥାଏ । ଏହା ଏକ ସମନ୍ୱୟ ରକ୍ଷାକାରୀ ପର୍ବ । ଅନ୍ୟାନ୍ୟ ଜାତି ଉପଜାତି ତଥା ସମାନ ଭାବରେ ମହିଳା ମାନଙ୍କୁ ନେଇ ଏହି ପର୍ବ ପାଳନ କରାଯାଏ । ଆଦମ୍-ଇଭ୍ କିମ୍ବା ମନୁ-ଶତରୂପା ପରି ତାଙ୍କର ଲୁକୁ ଆଦମ୍- ଲୁକୁ ବୁଢ଼ିଙ୍କ ଉପାସନା କରାଯାଏ । ତାଙ୍କ ମତାନୁସାରେ ଏହି ଦୁଇଜଣ ମଣିଷଜାତିର ଆଦି ମାତାପିତା । ଦେହୁରୀ ଓ ଦେହୁରୀପତ୍ନୀର ଏହି ପୂଜାରେ ମୁଖ୍ୟ ଭୂମିକା । ଏମାନେ ବହୁ ପୂର୍ବରୁ ନିଜକୁ ଶୁଦ୍ଧପୂତ ରଖିବା ପାଇଁ ଏକବସ୍ତ୍ର ପରିଧାନ ପୂର୍ବକ ବ୍ରହ୍ମଚର୍ଯ୍ୟ (ତୁରୁପ)ଧାରଣ କରିଥାନ୍ତି । ଏଥିରେ ବ୍ୟବହୃତ ହେଉଥିବା ହାଣ୍ଡିକୁଣ୍ଡି ବନାଉଥିବା କୁମ୍ଭାର ମଧ୍ୟ 'କଟପ' ବା ଉପାସ ରଖେ । ଏହି ପର୍ବରେ ହୋ ଜନଜାତିର ବ୍ୟକ୍ତି ବିଶେଷମାନେ ଏକ ନିର୍ଧାରିତ ସ୍ଥାନରେ ଏକ ?ତ୍ର ହେଇଥାନ୍ତି । ସେଠାରେ ସେମାନେ ମାରାଙ୍ଗବୁରୁ, ଦେଶୌଳି ଏବଂ ଅନ୍ୟ ଦେବତାଙ୍କ ପୂଜା କରନ୍ତି ଏବଂ କୁକୁଡ଼ା ବଳି ଦିଅନ୍ତି । ପୂଜା ସମୟରେ କୁକୁଡ଼ାକୁ ନୂଆ ଅରୁଆ ଚାଉଳ ଖାଇବାକୁ ଦିଆଯାଏ । ସେହି ସମୟରେ ଲୋକମାନେ ଦେବତାଙ୍କ ଉଦ୍ଦେଶ୍ୟରେ ଗାଳି ଗୁଲଜ କରନ୍ତି ଓ ଖୁବ୍ ଖରାପ ଭାଷା ବ୍ୟବହାର କରନ୍ତି । ଏହାର ଉଦ୍ଦେଶ୍ୟ ସେହିଦିନ ଏମିତି ଉଭଟ ଓ ଉଦ୍ଦଣ୍ଡ ହୋଇ ନିଜର ପାପ ସବୁ ତ୍ୟାଗ କରନ୍ତି ପୁଣିଥରେ ଶୁଦ୍ଧ ସଂସ୍କାରୀ ହେବା ପାଇଁ । 'ମାଗେ' ପର୍ବର ପ୍ରଥମ ଦିନକୁ ଅତେଇଲି, ଦ୍ୱିତୀୟ ଦିନକୁ ଗାଉଅଲ୍, ତୃତୀୟ ଦିନକୁ ଗୁରିଃ ପରବ୍, ଚତୁର୍ଥ ଦିନକୁ ମାଗେ ମାରାଙ୍ଗ୍, ପଞ୍ଚମ ଦିନକୁ ମାଗେବାସୀ ଏବଂ ଶେଷଦିନକୁ ହାରବାଗେୟା କିମ୍ବା ହାରମାଗେ ପରବ୍ କୁହାଯାଏ ।





## ଅତେଇଲି ପରବ୍

ଅତେ ଅର୍ଥ ମାଟି ଏବଂ ଇଲି ଅର୍ଥ ହାଣ୍ଡିଆ । ସାଧାରଣତଃ ଏହି ମାଟି ଦେବତାଙ୍କ ଉଦ୍ଦେଶ୍ୟରେ ହାଣ୍ଡିଆକୁ ଭୋଗ ସଦୃଶ୍ୟରେ ଅର୍ପଣ କରାଯାଇଥାଏ । ନୂଆ ହାଣ୍ଡିରେ ପ୍ରସ୍ତୁତ ହାଣ୍ଡିଆକୁ ପ୍ରଥମେ ମାଟି ଦେବତାଙ୍କୁ ଅର୍ପଣ କରାଯାଏ । ଗ୍ରାମ ଦେହୁରିକୁ ତାଙ୍କ ସ୍ତ୍ରୀ ସହ ଏକ ସ୍ଥାନରେ ବସାଇ ହାଣ୍ଡିଆ ପିଇବାକୁ ଦିଆଯାଏ ।

## ଗାଉଅଲ୍ ପରବ୍

ଗାଉ ବା ବଗାଳମାନେ ଗାଁର ଗୋରୁ ଗାଈମାନଙ୍କୁ ଚରାଇଥାନ୍ତି । ଏହି ଦିନ ବଗାଳମାନଙ୍କ ପାଇଁ ଅନ୍ତିମ ବା ବିଦାୟ ଦିନ ବୋଲି ଧରାଯାଏ । ଏହି ଦିନ ପର୍ଯ୍ୟନ୍ତ ବଗାଳମାନେ ଗାଈ ଗୋରୁ ଚରାନ୍ତି ତା ପର ଦିନ ବଗାଳମାନଙ୍କୁ ହାଣ୍ଡିଆ ପିଆଇ ଛାଡି ଦିଅନ୍ତି । ଏହି ଦିନଟି ଗୃହ ପାଳିତ ପଶୁ ପକ୍ଷୀମାନଙ୍କ ସୁଖ ସମୃଦ୍ଧି ପାଇଁ ପୂଜା ଅର୍ଚ୍ଚନା କରାଯାଏ ।



## ଗୁରି ପରବ୍

ଗୁରି ଅର୍ଥ ଗୋବର । ଏହି ଦିନରେ ପ୍ରତ୍ୟେକ ଘରର ସ୍ତ୍ରୀଲୋକମାନେ ଘରକୁ ଗୋବରରେ ଲିପାପୋଛା କରିଥାନ୍ତି । ତାହା ପରେ ଠିକ୍ ସନ୍ଧ୍ୟା ବେଳକୁ ମାଦଳ ବାଜା ବଜାଇ ନାଚ ଗୀତ କରିଥାନ୍ତି ।

## ମାଗେ ମାରାଙ୍ଗ୍ ପରବ୍

ଏହିଦିନଟି ମାଗେ ପର୍ବର ସବୁଠାରୁ ବଡ଼ ଦିନ ବୋଲି ମାନିଥାନ୍ତି । ଏହି ଦିନ ଦେହୁରିମାନଙ୍କ ସହିତ ମାଦଳର ତଥା 'ସେନ ଗେ ସୁ ସୁନ୍ କାଜି ଗେ ଡୁରଙ୍ଗ୍' ଗୀତର ତାଳେ ତାଳେ ନାଚି ନାଚି ଗାଧେଇବା ପାଇଁ ଯାଆନ୍ତି । ଗାଧେଇ ସାରି ଫେରିବା ପରେ ଦେହୁରି ନୂଆ ଧୋତି ପିନ୍ଧି ଗ୍ରାମ ଦେବତାଙ୍କ ପୂଜା କରିଥାନ୍ତି । ମାଗେ ପର୍ବରେ ଦିନରାତି ନାଚଗୀତ ଚାଲିଥାଏ । ଏହି ଦିନ ବୋଙ୍ଗାମାନଙ୍କୁ ବିଦାୟ ଦିଅନ୍ତି । ରନ୍ଧା ଖାଦ୍ୟ ଏବଂ ହାଣ୍ଡିଆ ବୋଙ୍ଗାମାନଙ୍କୁ ଅର୍ପଣ କରାଯାଏ ।



## ହାରବାଗେୟା ପରବ୍

ହାରବାଗେୟା ମାଗେ ପର୍ବର ଅନ୍ତିମ ଦିବସକୁ କୁହାଯାଏ । ଏହି ଦିନଟି ଗୃହପାଳିତ ପଶୁ ପକ୍ଷୀମାନଙ୍କ ସୁଖ ସମୃଦ୍ଧି ପାଇଁ ପୂଜା ଅର୍ଚ୍ଚନା କରାଯାଏ । ଅନିଷ୍ଟକାରୀ ବୋଙ୍ଗାମାନଙ୍କୁ ତଡିବା ପାଇଁ ଗାଁର ଲୋକ ଏବଂ ପିଲାମାନେ ଗାଳିଗୁଲଜ କରି ବାଡି ଧରି ତଡିବାର ପ୍ରଥା ରହିଛି । ଏମିତି କି ଡାହାଣୀ ଚିର୍ଗୁଣୀ ତଡ଼ିବା ପାଇଁ ମଧ୍ୟ କିଛି ପ୍ରଥା ରହିଛି । କମି ଯାଇଥିଲେ ବି ସମୟ ସମୟରେ କିଛି ଏହିଭଳି ଘଟଣା ଲୋକଲୋଚନକୁ ଆସୁଛି ।



## ବା ପରବ୍


'ବା' ଅର୍ଥ ଫୁଲ । ଏହି ପର୍ବରେ ଫୁଲକୁ ପୂଜା କରାଯାଏ । ମୁଖ୍ୟତଃ ଏହି ପର୍ବରେ ଶାଳ ଫୁଲକୁ ପୂଜା କରାଯାଏ । ଏହି ପର୍ବଟି ପ୍ରତିବର୍ଷ ମାର୍ଚ୍ଚ ମାସରେ ଅନୁଷ୍ଠିତ ହୋଇଥାଏ । ଏହି ପର୍ବର ପ୍ରଥମ ଦିନକୁ ସାକାମ ଦିଆଙ୍ଗ୍ ବୋଲି କୁହାଯାଏ, ଦ୍ୱିତିୟ ଦିନକୁ ମାରାଙ୍ଗ୍ ମୁସିଂ, ତୃତୀୟ ଦିନକୁ ବାସି ମୁସିଂ ଏବଂ ଶେଷ ଦିନକୁ ବଣ ଭୁଜନୀ କୁହାଯାଏ । ପର୍ବର ପ୍ରଥମ ଦିନରେ ଲୋକମାନେ ଶାଳ ପତ୍ର, ଶାଳ ଫୁଲ ଏବଂ ଅନ୍ୟାନ୍ୟ ପତ୍ର ସଂଗ୍ରହ କରି ନିକଟସ୍ଥ ଜଙ୍ଗଲରୁ ଆଣନ୍ତି, ନିଜ ଘର ଗୋବର ପାଣିରେ ଲିପାପୋଛା କରି । ତୃତିୟ ଦିନରେ ଦେହୁରୀ ଦେଶୌଲି ପୂଜା, ଗ୍ରାମ ସିରି ପୂଜା ଏବଂ ସିଂ ବୋଙ୍ଗା ପୂଜା ପାଇଁ ମିମ୍ (କୁକୁଡ଼ା), ମେରମ୍ (ଛେଳି)କୁ ପୂଜା କରିଥାନ୍ତି । ଶେଷ ଦିନରେ ନାଚଗୀତ ଏବଂ ଭୋଜିର ଆୟୋଜନ କରାଯାଏ ।

## ରଜ ପରବ୍

ରଜ ପର୍ବ ଆନନ୍ଦ ଉତ୍ସବର ପର୍ବ । ଏହି ପର୍ବ ମେ-ଜୁନ୍ ମଧ୍ୟରେ ପାଳନ କରାଯାଏ । ଏହି ପର୍ବ ଦୁଇ ଦିନ ପାଳନ କରାଯାଏ । ଏହି ପର୍ବରେ କୌଣସି ବଳି ଦିଆଯାଏ ନାହିଁ । ଓଡ଼ିଶା ପରି ଏ ସମୟରେ କୌଣଷି ଚାଷ କାର୍ଯ୍ୟ ହୁଏ ନାହିଁ । କେବଳ ନାଚଗୀତ ଏବଂ ଭୋଜିରେ ସମସ୍ତେ ସମୟ ଅତିବାହିତ କରନ୍ତି ।

'ହୋ' ମାନଙ୍କ ପରି ଭାରତର ଅନ୍ୟାନ୍ୟ ଜନଜାତି ଦେଶର ଧରୋହର । ଏମାନଙ୍କର ଭାଷା ଓ ସଂସ୍କୃତି ଭାରତୀୟତାକୁ ବିବିଧ ରୂପ ଓ ରଙ୍ଗ ଦିଏ । ତେଣୁ ଏମିତି ଆଦିମ ଭାଷା ଓ ସଂସ୍କୃତିକୁ ବଞ୍ଚାଇବା ପ୍ରତ୍ୟେକ ନାଗରିକର କର୍ତ୍ତବ୍ୟ ।

# କନ୍ଧଙ୍କ କାନ୍ଥଚିତ୍ର



# ଡଙ୍ଗରିଆଙ୍କ ଚିତ୍ରକଳା : କୁଡି ଲିଙ୍ଗା

**ଡକ୍ଟର ଦ୍ୱିତୀଚନ୍ଦ୍ର ସାହୁ**
ଇନ୍ଦିରା ନଗର, ଚତୁର୍ଥ ଗଳି, ରାୟଗଡା-୭୬୫୦୦୧
ଫୋନ: ୯୪୩୭୯୦୯୬୭୧

ଫଟୋ ସୌଜନ୍ୟ : ଲେଖକ

ଚିତ୍ର ଆଙ୍କିବା ପାଇଁ ନିର୍ଦ୍ଦିଷ୍ଟ ପରମ୍ପରା ପାଳିବାକୁ ହୁଏ । ଦିଶାରୀ ଯୋଗ କହେ । ସଦର ଦାଣ୍ଡରେ ବାଜା ବାଜେ । ବଜେଉଣୀ ପୂଜା କରେ । ଜାନୀ ଚିତ୍ର ଅନୁକୂଳ କରେ । ନିଷ୍ଠାର ସହ ଚିତ୍ର ଅଙ୍କନ ହୋଇଗଲା ପରେ ତାହା ଡଙ୍ଗରିଆଙ୍କ ପାଇଁ ଦେବତା ପାଲଟିଯାଏ । ସେଇସ୍ଥାନ ପବିତ୍ରସ୍ଥଳରେ ପରିଣତ ହୋଇଯାଏ । ଡଙ୍ଗରିଆଙ୍କ ଚିତ୍ରକଳା କୁଡିଲିଙ୍ଗା କେବଳ ଚିତ୍ର ନୁହେଁ, ସେମାନଙ୍କ ପାଇଁ ଗୋଟେ ଆବେଗ ଓ ଅସ୍ମିତା । ଡଙ୍ଗରିଆ ଚିତ୍ରକଳାକୁ ନେଇ 'ରେବତୀ'ର ନିୟମିତ ଲେଖକ ଡକ୍ଟର ଦ୍ୱିତୀଚନ୍ଦ୍ର ସାହୁଙ୍କ ବିଶେଷ ଉପସ୍ଥାପନା ।



ଲେଖକ ଡ. ଦ୍ୱିତୀଚ ସାହୁ

ରାଉ ରାଉ ମେଘ ନଥିଲା । ନିର୍ମଳ ଆକାଶ ଛତା ପାରିଥିଲା । ପଣତ ପାରି ଆଲୁଅ ପଡିଥିଲା ଡଙ୍ଗର ମୂଳକରେ । ଖରା ଉତୁରି ପଡୁଛି ଢିପ ଆଡକୁ ବୋହି ଯାଉଛି ଖାଲ ଆଡକୁ । ଜିକ୍ ଜିକ୍ ଦିଶୁଛି ନିୟମଗିରି । ଗୁଣ୍ଡିଆ ଚିରି ଭିତରକୁ ପଶିଛି ରାସ୍ତା । ସେ ରାସ୍ତାରେ ଗଲାବେଳେ ଦି ପାଖ ଡଙ୍ଗର । ଡଙ୍ଗର ସବୁ ଦାନ୍ତ ନିକୁଟି ହସୁଛନ୍ତି । ଡଙ୍ଗରିଆ ସବୁ ଫସଲ କାଟି ଆଣିଲା ପରେ ଖାଲି ଖାଲି ତାର ଅଣ୍ଟା । ମୁଣ୍ଡରେ ଗଛ ସବୁ ଟାଆଁସିଆ ଦିଶୁଛନ୍ତି । ଡେବିରି ପଟେ କଳ କଳ ହୋଇ ବୋହି ଯାଉଛି ଝରଣା । ପଥର ସହ ତାର ସଂଗୀ । ହାତ ଧରାଧରି ହୋଇ ନାଚୁଛନ୍ତି ଓ ଗାଉଛନ୍ତି ଗୀତ । କୋଉ ଆଦିମ କାଳର ଗୀତ । ସେ ଗୀତକୁ ପ୍ରକୃତି ହିଁ ବୁଝିଛି । ମଣିଷ ଖାଲି ତାର ସୁରକୁ ଅନୁଭବ କରୁଛି । ଝରଣାର ତଡେ ପୁରୁଷ ଉଞ୍ଚର ଫୁଲଝାଡୁ । କାଟିବା କାଟିବା ଲେଖାରେ ଅଛନ୍ତି । ଡଙ୍ଗର ସାରା ଲାମ୍ବୁରି ଲାମ୍ବୁରି ହୋଇ ଚରି ଯାଇଛି ସପୁରୀ । ଗାଁ ଗାଁ ହୋଇ ଗାଡି ଚଢୁଛି । ସରୁ ନଥିବା ଡଙ୍ଗର । ହାତକୁ ହାତ ଛନ୍ଦି ଠିଆ ହୋଇଛନ୍ତି । ତାରି ଭିତରେ ପଥର ଥୋଇଲା ପରି ଡଙ୍ଗରିଆ କନ୍ଧ ଗାଁ । ଖୁବ୍ ସୁନ୍ଦର । ଭଗବାନଙ୍କ କଳ୍ପିତ ଇଲାକା । ଛୁଇଁ ହେଉଥିବା ଭୂସ୍ୱର୍ଗ ।

ଗୋଟିଏ ଡଙ୍ଗରିଆ ଗାଁକୁ ପ୍ରବେଶ କଲେ ଭେଟିବାକୁ ହୁଏ କ୍ରମାନ୍ୱୟରେ ଯାତ୍ରାକୁଡି, ଘଣ୍ଟକୁଡି, ମୁଦ୍ରାବାଲି, କୁଟେବାଲି ଏବଂ ଝାଙ୍କରୀ ପେନୁ । ଗାଁ ବାହାରେ ଯାତ୍ରାକୁଡି ଓ ଘଣ୍ଟକୁଡି ରହେ । ଗାଁ ଭିତରେ ଥିବ କୁଟେବାଲି ଏବଂ ତା ପାଖକୁ ଲାଗିଥିବା ଝାଙ୍କରୀ ପେନୁ । ସେଠି ପୂଜା କରେ ଡଙ୍ଗରିଆ । କୁଟେବାଲି ଡଙ୍ଗରିଆଙ୍କ ପୁରୁଷ ଦେବତା ଏବଂ ଝାଙ୍କିରୀ ହେଉଛି ଦେବୀ । ଧରଣୀ ପେନୁ ଅର୍ଥାତ ଧରିତ୍ରୀ ମାତା ।

ଦେବତା ଆଉ କଳା ଦିଟା ଡଙ୍ଗରିଆଙ୍କ ଜୀବନ ଯେମିତି । ଛତ୍ରେ ଛତ୍ରେ ଡଙ୍ଗରିଆ ଚିତ୍ରକଳା । କାନ୍ଥରେ, ଦେହରେ, କାଠରେ, ଲୁଗାରେ, କବାଟରେ ସବୁଥିରେ ଡଙ୍ଗରିଆ ନିଜ ସୃଜନର ଝଲକ ଫୁଟାଏ । ବିଭିନ୍ନ ଜନଜାତିର ଚିତ୍ରକଳା ସଂପର୍କରେ ବହୁତ ଆଲୋଚନା ହୋଇଛି ଭିନ୍ନ ଭିନ୍ନ ସମୟରେ । କିନ୍ତୁ ଡଙ୍ଗରିଆ ଚିତ୍ରକଳା ସଂପର୍କରେ ବିଶେଷ ଆଲୋକପାତ କରାଯାଇନି । ସବୁ ଜନଜାତି ପରି ଡଙ୍ଗରିଆ ପୁରୁଷ ଓ ମହିଳା ନିଜ ଦେହରେ ଚିତା କୁଟିଥାଏ । ଚିତ୍ର ଆଙ୍କି ଘରକୁ ସଜେଇ ଥାଏ । ନିଜ ଦେହରେ ପିନ୍ଧିଥିବା ଅଳଙ୍କାରରେ ଏବଂ ସ୍ୱତନ୍ତ୍ର ଚାଦର କାପଡାଗନ୍ଦାରେ ବି ପାରଂପରିକ ଚିତ୍ର ରହିଛି । ସେସବୁ ଚିତ୍ରରେ ପ୍ରକୃତିର ବିଭବଗୁଡିକ ସ୍ଥାନ ପାଇଛି । ଡଙ୍ଗର, ଫୁଲ, ଗଛ ଇତ୍ୟାଦି ନିଜ ଚିତ୍ରରେ ସାଇତି ରଖେ । ତାହା ବି ନିର୍ଦ୍ଦିଷ୍ଟ ସ୍ତରକ୍ରମରେ । କଳା ପ୍ରିୟ ଡଙ୍ଗରିଆ ସଉକରେ ଏସବୁ ଚିତ୍ର କରେନି । ବିଭିନ୍ନ କାରଣ, ପର୍ବପର୍ବାଣି ଓ ପରମ୍ପରା ପାଳନ ଆଧାରରେ ଏସବୁ ଚିତ୍ର ଅଙ୍କନ କରି ଆସିଛି । ଦୀର୍ଘ ବର୍ଷ ଧରି ଡଙ୍ଗରିଆ କନ୍ଧ ଜନଜାତିକୁ ପାଖରୁ ଦେଖି ଆସିଛି । ଚିତ୍ରକଳାରେ ବିଶେଷଜ୍ଞ ଭାବେ ପରିଚିତ ଫୁଲେ ଓାଡକା, ଜାମ୍ଭେ ଓାଡକା, ଲହରୀ କୁଣ୍ଡିକା, ରାଣି ଜାକେସିକା, ସୀତାରି ଓାଡକା ଓ ଜାନୀ କାଡ୍ରାକା ଦୈତ୍ୟାରୀ ଆଦି ଡଙ୍ଗରିଆଙ୍କ ସହ ଆଲୋଚନା କରିବାକ୍ରମରେ ଡଙ୍ଗରିଆ ଚିତ୍ରକଳାକୁ ପାଂଚ ଭାଗରେ ବିଭକ୍ତ କରିବାକୁ ଏଠି ଚାହିଁବି । କାନ୍ଥ ଚିତ୍ର, ବସ୍ତ୍ର ଚିତ୍ର, ଖୁନ୍ଦା ଚିତ୍ର, ଖୁଣ୍ଟା ଚିତ୍ର ଏବଂ ଅଳଙ୍କାର ଚିତ୍ର ଭାବରେ ବିଭକ୍ତ କରାଯାଇପାରେ । ଏସବୁ ଚିତ୍ର କଳା ପାଇଁ ଡଙ୍ଗରିଆ ବିଭିନ୍ନ ରଂଗ ବ୍ୟବହାର କରିଥାଏ ।


ବିଶେଷକରି ଚାରି ପ୍ରକାରର ରଙ୍ଗ ବ୍ୟବହାର କରାଯାଏ । ସେସବୁ ରଂଗ ହେଲା – ନାଲି, ମାଟିଆ, ସବୁଜ ଓ ହଳଦିଆ । ଏସବୁ ରଙ୍ଗ ବ୍ୟବହାର ପଛରେ ସେମାନଙ୍କ ଜୀବନଶୈଳୀ, ପ୍ରକୃତି, ପରମ୍ପରା ଓ ଆଧ୍ୟାତ୍ମିକ ଚେତନା ନିହିତ । ନାଲି ରଙ୍ଗ ପାରମ୍ପରିକ ବିଶ୍ୱାସ ସହ ଜଡିତ । ପୂଜା ପର୍ବରେ ସେମାନେ ପଶୁପକ୍ଷୀ ବଳି ଦେଇ ଠାକୁରଙ୍କୁ ଅର୍ଘ୍ୟ ଅର୍ପଣ କରୁଥିବାର ବିଧି ରହିଛି । ନାଲି ରଙ୍ଗ ରକ୍ତର ପ୍ରତୀକ । ଧର୍ମ ବିଶ୍ୱାସକୁ ପ୍ରତିନିଧିତ୍ୱ କରେ ନାଲି ରଙ୍ଗ । ସବୁଜ ହେଉଛି ଜୈବ ବିବିଧତା । ଚିର ସବୁଜ ପାହାଡ ହେଉଛି ସେମାନଙ୍କ ଭାତ ହାଣ୍ଡି । ଡଙ୍ଗର ପାହାଡର ଜଙ୍ଗଲ ଓ ପାହାଡରେ ଉତ୍ପାଦନ କରୁଥିବା ଫସଲ ସବୁଜ ରଙ୍ଗ । ସବୁଜ ରଙ୍ଗ ସବୁଜିମା ପ୍ରତୀକ । ହଳଦିଆ ରଙ୍ଗ ସେମାନଙ୍କ ପାରମ୍ପରିକ ଚାଷର ପ୍ରତୀକ । ଡଙ୍ଗରିଆମାନଙ୍କର ମୁଖ୍ୟ ଫସଲ ହେଉଛି ହଳଦୀ । ହଳଦିରୁ ହଳଦିଆ ରଙ୍ଗ ହୋଇଥିବାବେଳେ ଡଙ୍ଗରିଆମାନଙ୍କ ଭିତରେ ଥିବା ଶାନ୍ତି, ସଂହତି ଓ ପ୍ରୀତିର ପରିବେଶକୁ ଏହା ପ୍ରତିନିଧିତ୍ୱ କରୁଛି । ଆଉ ଏକ ବ୍ୟବହୃତ ରଙ୍ଗ ହେଲା ମାଟିଆ । ମାଟିଆ ରଙ୍ଗ ମାଟିକୁ ପ୍ରତିନିଧିତ୍ୱ କରୁଛି । ଡଙ୍ଗରିଆମାନେ ଧରଣୀ ପେନୁ ଉପରେ ଦୃଢ ବିଶ୍ୱାସ । ମାଟି ମାଆକୁ ପୂଜା କରନ୍ତି ସେମାନେ ବର୍ଷର ବିଭିନ୍ନ ସମୟରେ । ସେମାନଙ୍କ ଆରାଧ୍ୟ ଦେବତା ଧରଣୀ ପେନୁର ରଙ୍ଗ ମାଟିଆ

ହୋଇଥିବାରୁ ମାଟିଆ ରଙ୍ଗକୁ ସେଥିରେ ବ୍ୟବହୃତ କରନ୍ତି । ଏସବୁ ରଙ୍ଗକୁ ସେମାନେ ପ୍ରକୃତିରୁ ପ୍ରସ୍ତୁତ କରନ୍ତି । ନାଲି ରଙ୍ଗକୁ ବିଭିନ୍ନ ପ୍ରକାର ଫଳ, ଫୁଲ ଓ ଗେରୁଆ ରଙ୍ଗର ମାଟିକୁ ନେଇ ଜୈବିକ ନାଲି ରଙ୍ଗ ପ୍ରସ୍ତୁତ କରନ୍ତି । ହଳଦି ରଙ୍ଗ ହଳଦୀରୁ । ରଙ୍ଗର ସ୍ଥାୟିତ୍ୱ ଲାଗି ସେମାନେ କିଛି ହଳଦୀକୁ ଦୁଇ ତିନି ବର୍ଷ ଧରି ସଂଗ୍ରହ ନ କରି ସେମିତି ମାଟି ତଳେ ରଖି ଦିଅନ୍ତି । ତାକୁ ସେମାନେ ବୁଡି ହଳଦୀ କୁହନ୍ତି । ଏଇ ହଳଦୀର ରଂଗ ପୁରା ଗାଢ ଓ ସ୍ଥାୟୀ ହଳଦୀ ରଙ୍ଗ ଦେଇଥାଏ । ସେହିପରି ସବୁଜ ରଙ୍ଗ ବିଭିନ୍ନ ପ୍ରକାର ପତ୍ରର ହରିତ ଲବକରୁ ପ୍ରସ୍ତୁତ କରନ୍ତି । ବିଶେଷକରି କରଞ୍ଜ ପତ୍ରରୁ ଗାଢ ସବୁଜ ରଂଗ ପ୍ରସ୍ତୁତ କରନ୍ତି । ମାଟିଆ ରଙ୍ଗ ସୁରମା ନାମକ ଏକ ମାଟିରୁ ପ୍ରସ୍ତୁତ କରନ୍ତି । ଏସବୁ ରଙ୍ଗ ସହ ଜୈବିକ ଅଠା ମିଶାଇ ବ୍ୟବହାରକାରୀ ରଙ୍ଗ ପ୍ରସ୍ତୁତ କରାଯାଏ । ଏଇ ରଙ୍ଗ କାପଡା ଗନ୍ଦାରେ ସ୍ଥାୟୀ ରଙ୍ଗ ପ୍ରଦାନ କରେ । କାନ୍ଥ ଚିତ୍ର ଲାଗି ତିରିସା ଗୁଣ୍ଡା, ମାଂଜିଗୁଣ୍ଡା, ହିଂଗା ଗୁଣ୍ଡା ବ୍ୟବହାର କରେ । ଏଥିରେ କଳା ରଙ୍ଗ ମଧ୍ୟ ବ୍ୟବହାର କରେ । ସେଥିପାଇଁ ଅଂଗାର, ପୋଡା ପାଳର କଳା, ବ୍ୟାଟେରୀର କଳା ଏବଂ ଟାୟାରର କଳାକୁ ପର୍ଯ୍ୟାୟକ୍ରମେ ବ୍ୟବହାର କରୁଛି । କାଠ, ପାଳ, ଟାୟାର ପୋଡାଇ ଶେଷ ଅଂଶରୁ ପ୍ରାକୃତିକ କଳା ପ୍ରସ୍ତୁତ କରୁଛି । ଡଙ୍ଗରିଆ ଚିତ୍ରକଳା ସଂପର୍କରେ ନିମ୍ନକ୍ରମରେ ବିସ୍ତୃତ ଆଲୋଚନା କରିବା ।



### ଖୁଣ୍ଟା ଚିତ୍ର

ଡଂଗରିଆ ପୁରୁଷ ଓ ସ୍ତ୍ରୀ ନିଜ ଦେହରେ ଚିତ୍ରକୁ ଖୁଣ୍ଟି ଥାନ୍ତି । ଏହା ସ୍ଥାୟୀ ହୋଇ ରହିଥାଏ । ଆଜିର ଟାଟୁ ଚିତ୍ର ଭଳି ଏହି ଚିତ୍ର ଝଲସୁଥାଏ । ମୃତ୍ୟୁ ପର୍ଯ୍ୟନ୍ତ ଏହା ଶରୀରରେ ଥାଏ । ଡଙ୍ଗରିଆ ମହିଳାମାନେ ହାତ, ମୁହଁ, ଗୋଡରେ ଚିତ୍ର ଆଙ୍କିଥାନ୍ତି । ହାତ ପାପୁଲିର ଉପରି ଭାଗ, ବାହୁ, ବାହୁ ଓ ପାପୁଲି ମଝିରେ ହାତର ତଳ ଭାଗରେ, ମୁହଁର କପାଳ, ଆଖିର ଉଭୟ ପାର୍ଶ୍ୱରେ, ଥୋଡିର ନିମ୍ନ ଭାଗରେ ଏବଂ ସେହିପରି ଗୋଡର ପେଣ୍ଡାରେ, ପାଦର ଉପରି ଭାଗରେ ଓ ଗୋଡର ନିମ୍ନ ଭାଗରେ ଚିତା କୁଟିଥାନ୍ତି । ଏସବୁ ଚିତା ସ୍ୱତନ୍ତ୍ର । ମୁହଁରେ ମୁଖ୍ୟତଃ ବିନ୍ଦୁ ଓ ରେଖା ଚିତା ଥାଏ । ଭ୍ରୁଲତାର ମଝିରେ କୋସଲା ଗଛର ଚିତ୍ର ଅଙ୍କନ କରିଥାଏ । ଗୋଡରେ ଛନ୍ଦାୟିତ ଚିତ୍ରକଳା ଦେଖାଯାଏ । ହାତରେ ବିଭିନ୍ନ ପ୍ରକାର ଚିତ୍ରକଳା ରହିଥାଏ । ଏହା ସେମାନଙ୍କ ମୁଠା ଆଧାରରେ ହୋଇଥାଏ । ନିୟମଗିରି ଅଞ୍ଚଳରେ ମୁଖ୍ୟତଃ ୧୩ଟି ମୁଠାରେ ବସବାସ କରୁଛନ୍ତି । ଅର୍ଥାତ ୧୩ଟି ବଂଶର ଡଙ୍ଗରିଆ ନିୟମଗିରିର ସନ୍ତାନ ଭାବେ ପ୍ରତିପାଳିତ ହେଉଛନ୍ତି । ମୁଠା ବା ବସବାସ କରୁଥିବା ପଦର ଭିତ୍ତିରେ ସେମାନଙ୍କ ସାଙ୍ଗିଆ ନିର୍ଦ୍ଧାରଣ ହୋଇଛି । ସେଗୁଡିକ ହେଲା କାଡ୍ରାକା, ଓ୍ୱାଡାକା, ଜାକେସିକା, କୁଶିକା, ନିଶିକା, ନୁଣ୍ଡୁକା, ତୁଇକା, ପ୍ରାସ୍କା, ପାଲକା, ପିଡିକାକା, ଓ୍ୱାରଲିକା, ଓ୍ୱେନ୍ଦଲିକା, ଫୁସିକା ଆଦି ସାଙ୍ଗିଆରେ ଜଣାଶୁଣା । ପ୍ରାୟତଃ ସମସ୍ତ ଡଙ୍ଗରିଆ କନ୍ଧ ଏଇ ସବୁ ସାଙ୍ଗିଆକୁ ଧାରଣ କରି ନିଜ ନିଜର ଗୋଷ୍ଠୀ ପରିଚୟ ପ୍ରଦାନ କରିଥାନ୍ତି । ସେମାନଙ୍କ ମୁଠାର ପ୍ରତୀକ ସ୍ୱରୂପ ହାତରେ ଉଭୟ ମହିଳା ଓ ପୁରୁଷ ବିଛା, ମୟୂର, ସଲପ ଗଛ, ବାଘ, ମହୁଲ ଗଛ, କୋସଲା ଗଛ ଆଦି ଚିତ୍ର କୁଟିଥାନ୍ତି । ଏଥିରୁ ସେ କେଉଁ ମୁଠାର ତାହା ସହଜରେ ଜାଣି ହୁଏ । ପାପୁଲିର ଉପରିଭାଗରେ ଏବଂ ପାଦର ଉପରିଭାଗରେ ବିନ୍ଦୁ କିମ୍ବା ଫୁଲ ଚିତ୍ର ଅଙ୍କନ କରିଥାନ୍ତି । ଏସବୁ ଗାଁର ଅଭିଜ୍ଞ ମହିଳା ଛୁଞ୍ଚି ସାହାଯ୍ୟରେ ଫୋଡି ସେଥିରେ ଜଳୁଥିବା ଡିବିରିରୁ ସଂଗୃହୀତ ମସୃଣ କଳାକୁ ଲଗାଏ । ସେହି ସ୍ଥାନରେ ଘା ନହେବା ଲାଗି କଞ୍ଚା ହଳଦୀର ପ୍ରଲେପ ଦିଆଯାଏ । ତାହା ଶୁଖିଲା ପରେ ଖୁଂଟା ଯାଇଥିବା ଚିତ୍ର ଝଲସି ଉଠେ । ଆଉ ଲିଭେନି । ଏହି ଟାଟୁ ଚିତ୍ର କଳା ଶୀତ ଦିନରେ କରାଯାଏ । ମୁହଁରେ ବିଭିନ୍ନ ପ୍ରକାର ଚିତ୍ରକଳା କରିବା ପଛରେ ଜନଶ୍ରୁତି ରହିଛି । ଡଙ୍ଗରିଆ ଲୋକେ ମୁଖ୍ୟତଃ ପାହାଡ ଡଙ୍ଗରରେ ରହୁଥିଲେ । ସେତେବେଳେ ବାହାର ଲୋକଙ୍କ ଲୋଲୁପ ଦୃଷ୍ଟିରୁ ସେମାନଙ୍କର ସ୍ତ୍ରୀ ଓ ବଢିଲା ଝିଅଙ୍କୁ ଦୂରେଇ ରଖିବା ପାଇଁ ମୁହଁକୁ ଏଭଳି ଚିତାକୁଟି ବିକୃତ କରୁଥିଲେ । କୁଟିଆ କନ୍ଧ ସ୍ତ୍ରୀମାନଙ୍କ ମୁହଁରେ ବହୁଳ ଚିତା କୁଟାଯାଇଥିବା ଦେଖାଯାଏ । କିନ୍ତୁ ଏହି ଚିତ୍ର କଳା ଦ୍ୱାରା ସେମାନଙ୍କର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଥାଏ ।



### ଖୁନ୍ଦା ଚିତ୍ର

ଡଙ୍ଗରିଆ କବାଟରେ ମଧ୍ୟ ସୃଜନଶୀଳତରା ଝଲକ ଦେଖିବାକୁ ମିଳେ । ଡଙ୍ଗରିଆଙ୍କ ଝାଟିମାଟି ଘର ହେଲେ ବି ଘରର ସାମ୍ନାରେ ଦୁଆର ବନ୍ଧ ଓ କବାଟ ଲାଗି ଥାଏ । ଏଥିରେ



ଡଙ୍ଗରିଆ ନିଜର କଳାକୁ ଖୁଣ୍ଟି କବାଟ ତିଆରି କରିଥାନ୍ତି । ଦୁଆର ବନ୍ଧରେ ବି ଖୁନ୍ଦ କାମ ହୋଇଥାଏ । ଡଙ୍ଗରିଆର କାଠ କାରୀଗର ଏହାକୁ ନିର୍ମାଣ କରିଥାଏ । ଏହାଛଡା କୁଲୁମୁଣ୍ଡା ଓ ଜହ୍ନିମୁଣ୍ଡାରେ ବି ଡଙ୍ଗରିଆ ଖୁନ୍ଦି ସୁନ୍ଦର ଭାବେ ସଜେଇ ଥାଏ । ବର୍ଚ୍ଛା ଭଳି ଗୋଜିଆ ଆକାରର କାଠର ଅଗ୍ରଭାଗକୁ ଆକର୍ଷଣୀୟ ଢଙ୍ଗରେ କାଠ କାମ ହୋଇଥାଏ । କେହି କେହି ଏଥିରେ ସବୁଜ, ହଳଦିଆ ଓ ନାଲି ରଙ୍ଗରେ ଚିତ୍ରିତ କରି ଆହୁରି ଅଧିକ ଆକର୍ଷଣୀୟ କରିଥାନ୍ତି । କୁଲୁମୁଣ୍ଡା ଓ ଜହ୍ନିମୁଣ୍ଡାକୁ ଡଙ୍ଗରିଆ ଯୁବକମାନେ ହାତରେ ଓ କାନ୍ଧରେ ଧରି ମେରିଆ, ନୂଆଖିଆ ଭଳି ବିଭିନ୍ନ ପର୍ବରେ ନାଚିଥାନ୍ତି । ନାଚବେଳେ ଏହା ମୁଖ୍ୟତଃ ବ୍ୟବହାର କରାଯାଏ । ସେହିପରି ଘର ମଝିରେ ଥାଏ ପାଣିକି ମୁଣ୍ଡା । ଘରର କୋଠାରେ ପୋତା ଯାଇଥାଏ । ଏହି ପାଣିକିମୁଣ୍ଡାର ଅଗ୍ରଭାଗକୁ ଖୁନ୍ଦି ଆକର୍ଷଣୀୟ କରାଯାଇଥାଏ । ଏହି କାଠ ଉପରେ ଡଙ୍ଗରିଆ ଦମ୍ପତି ଚଢ଼ି ଘରର ଉପରେ ଥିବା ଆଟୁରେ ଜିନିଷପତ୍ର ରଖିଥାନ୍ତି । ଏସବୁବାଦେ ଗାଁର ମଝିରେ ଥିବା କଡ୍ଡୁମୁଣ୍ଡା, କୁଟେବାଲି (ପୁରୁଷ ଦେବତା), ଝାଙ୍କରୀଦେବୀ ସ୍ଥାପନ ପୂର୍ବରୁ ଅତି ସୁନ୍ଦର ଭାବେ ସ୍ତର ସ୍ତର ଦେଇ ଆକର୍ଷଣୀୟ ଖୁନ୍ଦା କାମ କରିଥାନ୍ତି । ଖୁନ୍ଦା କାମ ସହ ଚିକ୍କଣ କଲା ପରେ ଦେବତା ସ୍ଥାପନାର ବିଧି ରହିଛି ।

## ଅଳଙ୍କାର ଚିତ୍ର

ଡଙ୍ଗରିଆ ପୁରୁଷ ଓ ମହିଳା ବ୍ୟବହାର କରୁଥିବା ଅଳଙ୍କାରରେ ବି ସୃଜନ କଳାର ଛାପ ରହିଥାଏ । ଡଙ୍ଗରିଆ ମହିଳା ବ୍ୟବହାର କରୁଥିବା ପାରମ୍ପରିକ ମାଳିକୁ ବାଦ୍ ଦେଲେ ସେ ଅନେକ ପ୍ରକାର ଅଳଙ୍କାର ବେକ, ନାକ, କାନ, ହାତ, ଆଙ୍ଗୁଠି, ଗୋଡ ଏବଂ ମୁଣ୍ଡର ଖୋସାରେ ବ୍ୟବହାର କରିଥାଏ । ସେସବୁ ରସ କିମ୍ବା ପିତଳରେ ପ୍ରସ୍ତୁତ ହୋଇଥାଏ । ଏହି ଅଳଙ୍କାରଗୁଡିକ ଅବଶ୍ୟ ଡଂଗରିଆ ପ୍ରସ୍ତୁତ କରି ନଥାଏ ସତ । କିନ୍ତୁ ଡଙ୍ଗରିଆ ସଂସ୍କୃତି ଆଧାରିତ ଅଳଙ୍କାର ସବୁ ଅନୁସୂଚିତ ଜାତିର ଲୋକ ପ୍ରସ୍ତୁତ କରିଥାନ୍ତି । ଡଂଗରିଆ ମହିଳା ବ୍ୟବହାର କରୁଥିବା ପାଜା, ସରୁ ପାଜା, ମେକଡିକା, ଟେଡୁଆ ପାଜା ପ୍ରମୁଖ ଏକ ଭିନ୍ନ ଶୈଳୀରେ ପ୍ରସ୍ତୁତ ହୋଇଥାଏ । ସେହିପରି ଫୁଂଗା ମୁଦି, ଅଣ୍ଟା ସୂତା, ଆମଟା ମୁଦି, ସିରିଙ୍ଗି ସିପା ପ୍ରମୁଖରେ ଏକ ସ୍ୱତନ୍ତ୍ର ଧରଣର ଫୁଲ ପକା ହସ୍ତକର୍ମ ହୋଇଥାଏ । ଡଙ୍ଗରିଆ ପୁରୁଷ ଓ ମହିଳା ଖୋସାରେ ଏକ ସ୍ୱତନ୍ତ୍ର ଧରଣର କାତି କୁସା ପୁଙ୍ଗା ଓ ସିପଣା ଲଗେଇଥାନ୍ତି । ଏହାକୁ ପ୍ରସ୍ତୁତ କଲାବେଳେ ଏକ ଏହାର ବେଣ୍ଟକୁ ଏକ ସ୍ୱତନ୍ତ୍ର ଚିତ୍ରକଳା ନିହିତ ଶୈଳୀରେ ପ୍ରସ୍ତୁତ ହୋଇଥାଏ । ଏସବୁବାଦେ ଡଙ୍ଗରିଆ ଯୁବକର କାନ୍ଧରେ ସବୁବେଳେ ଓହଳିଥାଏ ଟାଙ୍ଗିଆ । ଏଇ ଟାଙ୍ଗିଆ ଓ କାତ୍ରିକୁ ବି ସ୍ୱତନ୍ତ୍ର ଶୈଳୀରେ ନିର୍ମାଣ ହୋଇଥାଏ । ଏସବୁ ନିର୍ମାଣ ପଛରେ ବି ଏକ ପରମ୍ପରା ରହିଛି । ଡଙ୍ଗରିଆଙ୍କ ମଧ୍ୟରୁ କେହି ମରିଗଲେ ସେ ବ୍ୟବହୃତ କରୁଥିବା ବସ୍ତ୍ର, ରସ ଓ ପିତଳର ବାସନକୁସନ ଇତ୍ୟାଦିକୁ ଶବ ସତ୍କାର ବେଳେ ମଶାଣିରେ ଛାଡି ଦିଆଯାଏ । ସେଇ ବାସନକୁସନକୁ ନେଇ ଝିଗିଡିର ଅନୁସୂଚିତ ଜାତିର ଲୋକେ ସେଥିରୁ ଏସବୁ ସ୍ୱତନ୍ତ୍ର ଅଳଙ୍କାର ପ୍ରସ୍ତୁତ କରି ଡଙ୍ଗରିଆଙ୍କୁ ବିକ୍ରି କରିଥାନ୍ତି । ଏଭଳି ଭିନ୍ନ କଳାରେ ପ୍ରସ୍ତୁତ ଅଳଙ୍କାର ଅନ୍ୟ କେଉଁଠି ମିଳିପାରେନି । ଏବେ ବି ଝିଗିଡର କାରିଗରମାନେ ଡଙ୍ଗରିଆଙ୍କୁ ଏଇ ଅଳଙ୍କାର ବିକ୍ରି କରିଥାନ୍ତି ।

## ବସ୍ତ୍ର ଚିତ୍ର / କାପଡାଗନ୍ଦା

ଡଙ୍ଗରିଆମାନେ ଏକ ସ୍ୱତନ୍ତ୍ର ଧରଣର ଚଦର ବ୍ୟବହାର କରନ୍ତି । ଡଙ୍ଗରିଆଙ୍କ ଭାଷାରେ ଏହାର ନାମ କାପଡାଗନ୍ଦା । ଏଇ ଚଦର ଡଙ୍ଗରିଆମାନଙ୍କ ଲାଗି ଅନୁସୂଚିତ ଜାତି ବର୍ଗର ଲୋକେ ନିଜେ ବୁଣି ପ୍ରଦାନ କରନ୍ତି । ବିକ୍ରି କରନ୍ତି ନାହିଁ । ଧଳା ତଥା ଈଷତ୍ ହଳଦିଆ ବା ଘିଅ ରଙ୍ଗର ସୂତାରେ ନିର୍ମିତ ଚଦର ଡଙ୍ଗରିଆଙ୍କୁ ଦେଇ ପ୍ରତିବଦଳରେ ସେମାନେ ଡଙ୍ଗରିଆଙ୍କ ଠାରୁ ଅଦଳବଦଳ ପ୍ରକ୍ରିୟାରେ ସେମାନଙ୍କ ଉତ୍ପାଦିତ ଦ୍ରବ୍ୟ ନେଇଥାନ୍ତି । ଏଇକ୍ରମରେ ଯୁଗ ଯୁଗ ଧରି ଦ୍ରବ୍ୟ ବିନିମୟ ପ୍ରଥା ଜରିଆରେ ଦୁଇ ଗୋଷ୍ଠୀ ମଧ୍ୟରେ ସୁସଂପର୍କ ଗଢି ଆସିଛି । ଚଦର ପାଇଲା ପରେ ଡଙ୍ଗରିଆ ରମଣୀ ଏଥିରେ ନିଜର ଚିତ୍ରକଳାକୁ ହାତରେ ବୁଣେ । କାପଡା ଗନ୍ଦାର ଦୁଇ ଶୀର୍ଷ ଭାଗରେ ବହୁଳାଂଶରେ ପାରମ୍ପରିକ ସ୍ୱତନ୍ତ୍ର ଚିତ୍ରକଳା ସ୍ଥାନିତ ଥାଏ । ମଝି ଭାଗ ଖାଲି ଥିବାବେଳେ ମଝି ଅଂଶର ଦୁଇ ପାର୍ଶ୍ୱରେ ପରସ୍ପର ସମାନ ବ୍ୟବଧାନରେ ଦୁଇ ଭାଗ କରି ସିଧା ଧଡି ରହିଥାଏ । ଡଙ୍ଗରିଆ ଚଦରରେ ସ୍ଥାନିତ ଚିତ୍ରକଳା ଭିତରେ ବି ରହିଛି ଅନେକ ତତ୍ତ୍ୱ । ସେମାନଙ୍କ ତତ୍ତ୍ୱ, ପାରଂପରିକ ଧର୍ମ ବିଶ୍ୱାସ, ଭାବଧାରା ସହ ଜଡିତ । ଚିତ୍ରକଳା ଭିତରେ ତ୍ରିଭୁଜାକାର, ଗୋଲାକାର, ଛୋଟ ଛୋଟ ଗାର, ଲମ୍ବା ଗାରକୁ ନେଇ ସନ୍ନିବେଶିତ । ମାଠିଆ ରଙ୍ଗରେ ନିର୍ମିତ ତ୍ରିଭୁଜାକାରର ସିଧା ଧଡି ରହିଛି । ତାରି ଭିତରେ ସବୁଜ ରଂଗର ଛୋଟ ଛୋଟ ସବୁଜ ଗାର ଭରି ରହିଥାଏ । କୁଇ ଭାଷାରେ ଏହାର ନାମ କୁଡିଲିଙ୍ଗା । ଏହାର ଅର୍ଥ ହେଲା କୁଡି ମାନେ ସଦର ଓ ଲିଙ୍ଗାମାନେ ଚିତ୍ର । ସଦର ଅର୍ଥ ଡଙ୍ଗରିଆମାନେ ସାମୁହିକ ଭାବେ ପୂଜା କରୁଥିବା ଘର । ସେହି ଘରେ ସ୍ଥାନିତ ଚିତ୍ର କଳାରେ ଏପରି ତ୍ରିଭୁଜାକାର





ଆକୃତି ସ୍ଥାନ ପାଇଥାଏ । ଡଙ୍ଗରିଆଙ୍କ ଦେବତାମାନେ ଏଠାରେ ବିଦ୍ୟମାନ ହୋଇଥାନ୍ତି ବୋଲି ବିଶ୍ୱାସ । ସେହିପରି ନାଲି ଛୋଟ ତ୍ରିଭୁଜାକାର ଆକୃତିର ଚିତ୍ର କଳାକୁ କ୍ରାଲି ହିପା ବୋଲି ଡଂଗରିଆମାନେ କହନ୍ତି । ଏହା ସେମାନଙ୍କ ବଳି ଲାଗି ବ୍ୟବହୃତ ଟାଙ୍ଗିଆକୁ ବୁଝାଏ । ସେଥିପାଇଁ ରକ୍ତର ରଂଗ ଆଧାରରେ ତ୍ରିଭୁଜର ରଂଗ ନାଲି କରାଯାଇଛି । ଚଦରର ନିମ୍ନ ଭାଗରେ ଏହାର ଏକ ଧଡି ରହିଥାଏ । ଗୋଲାକାର ଆକୃତିର ଚିତ୍ର ମଧ୍ୟ କାପଡା ଗନ୍ଦାରେ ସ୍ଥାନିତ ହୋଇଛି । ଏହାକୁ କୁଭି ଭାଷାରେ କାନକା ବୋଲି କୁହନ୍ତି । ଏହାର ଅର୍ଥ ହେଲା  ଆଖି । ଡଙ୍ଗରିଆଙ୍କ ମେରିଆ ଘରେ ନିୟମରାଜାଙ୍କ ଦୁଇଟି ଆଖି ରହିଥାଏ । ନିୟମରାଜାଙ୍କ ଆଖିକୁ ନିଜର ଚଦରରେ ସ୍ଥାନିତ କରି ଏହାର ଗୁରୁତ୍ୱକୁ ବଢାଇଛନ୍ତି ଡଙ୍ଗରିଆମାନେ । ଏହାବ୍ୟତୀତ ଚଦରରେ ଅନେକ ଧଡିରେ ଛୋଟ ଛୋଟ ଛାଟ ଷ୍ଟ୍ରୋକ୍ ଗୁଡିକ ରହିଛି । ତାକୁ କୁଭି ଭାଷାରେ କେରି ବୋଲି କୁହାଯାଏ । ସେସବୁ ଚାଷ ସମ୍ବନ୍ଧୀୟ ତଥା ସନ୍ଧିକୁ ସୂଚାଇଥାଏ । ସୀମା ପ୍ରଦର୍ଶନସ୍ୱରୂପ ଡଙ୍ଗରିଆମାନେ ବିନା ବିଭେଦରେ ଡଙ୍ଗର ଅଂଚଳକୁ ପରସ୍ପର ମଧ୍ୟରେ ବଣ୍ଟନ କରିଥାନ୍ତି । ଏଇକ୍ରମରେ ଡଙ୍ଗରର ନିଜର ସନ୍ଧି ବା ସୀମାକୁ ସୂଚାଇବାକୁ ଯାଇ କାପଡା ଗନ୍ଦାରେ ସବୁଜ ଓ ହଳଦିଆ ରଂଗର ଷ୍ଟ୍ରୋକମାନ ଧାଡି ଧାଡି ହୋଇ ରହିଥାଏ । ନିର୍ଦ୍ଦିଷ୍ଟ ଧାରାରେ ରହିଥିବା ଏଇ ଚିତ୍ରକଳା କାପଡା ଗନ୍ଦାର ଗୁରୁତ୍ୱ ବୃଦ୍ଧି କରି ଆସିଛି । ଚଦରରେ କୌଣସି ଚିତ୍ରକୁ ଲେପନ କରାଯାଇ ନଥାଏ । ବରଂ ସେସବୁ ରଙ୍ଗର ସୂତାକୁ ଛୁଞ୍ଚି ସାହାଯ୍ୟରେ ସେମାନେ ନିଜ ହାତରେ ବୁଣିଥାନ୍ତି । ବୁଣିବା କୌଶଳ ପୀଢି ପରେ ପିଢି ସେମାନଙ୍କ ନିକଟରେ ପହଞ୍ଚି ପାରିଛି । ମୁଖ୍ୟତଃ ବୁଣିବା ବା ସିଲେଇବା କାମ  ପରିବାରରେ ଥିବା ଅବିବାହିତ ପିଉସୀ ତଥା ଆଇ ବୁଢୀମାନେ ଘରର ଝିଅମାନଙ୍କୁ ଶିଖାଇଥାନ୍ତି । ବିଶେଷକରି ଡଙ୍ଗରିଆ ସଂପ୍ରଦାୟର ବିଶୁ ମାଝୀ କିମ୍ବା ଜାନୀ ପରିବାରର ବୟସ୍କ ମହିଳାମାନେ ସେମାନଙ୍କ ଅଭିଆଡି ଝିଅଙ୍କୁ ନିଜେ ବୁଣି ଶିଖାଇଥାନ୍ତି । ଝିଅମାନେ ନିଜ ଡଙ୍ଗର କାମରୁ ଫେରିଲେ ମାଟି ହାଣ୍ଡି ଭିତରେ ଚଉତା ହୋଇ ରହିଥିବା କପଡାକୁ ଆଣି ଚାରି ରଂଗର ସୂତାକୁ ନେଇ ଛୁଞ୍ଚି ସହାୟତାରେ ବୁଣିବା କାମ କରନ୍ତି । ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏଇ ଚଦରକୁ ବିଶେଷ କରି ଯୁବ ବୟସ୍କ ଧାଙ୍ଗଡା ଓ ଧାଙ୍ଗିଡିମାନେ ହିଁ ବ୍ୟବହାର କରନ୍ତି । ସେମାନଙ୍କ ପର୍ବପର୍ବାଣି, ନୃତ୍ୟଗୀତ, ଉତ୍ସବ ଲାଗି ଅନ୍ୟ ଗ୍ରାମକୁ ଗଲାବେଳେ ଡଙ୍ଗରିଆ ଯୁବକ ଯୁବତୀ ନିଜେ ଉପରେ ଘୋଡି ହୋଇ ଯାଇଥାନ୍ତି । ଯୁବକଯୁବତୀମାନେ ବ୍ୟବହାର ପଛରେ ଅନ୍ୟତମ କାରଣ ହେଲା ଜୀବନ ସାଥୀ ବାଛିବାରେ ଏହା ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥାଏ । ବିଭିନ୍ନ ପର୍ବ ପର୍ବାଣୀ, ଯାତ୍ରା, ମହୋତ୍ସବ, ହାଟ ବଜାର ଆଦିରେ ବିଭିନ୍ନ ଗ୍ରାମର ଡଙ୍ଗରିଆ ଯୁବକଯୁବତୀମାନଙ୍କ ସମାଗମ ହୋଇଥାଏ । ସେଠାରେ ମନ ପସନ୍ଦର ଯୁବତୀ ଦେଖିଲେ ଡଙ୍କରିଆ ଯୁବକ ନିଜ କାପଡା ଗନ୍ଦାକୁ ବାହାର କରି ଯୁବତୀର ବେକରେ ପକାଇ ଦିଏ । ଯୁବତୀ ଜଣକ ଚଦର ପକାଇଥିବା ଯୁବକକୁ ପସନ୍ଦ କଲେ ସେ ନିଜ ବେକରୁ ଗାମୁଛା ବାହାର କରି ତାକୁ ଫେରାଏ ନାହିଁ । ଏଥିରୁ ଯୁବକ ଜଣକ ବୁଝିଯାଏ ଯେ ମନ ପସନ୍ଦର ଯୁବତୀ ତାକୁ ବାହା ହେବାକୁ ନିଜର ସମ୍ମତି ପ୍ରକଟ କଲା । ଅନ୍ୟଥା ସେ ବେକର ଗାମୁଛାକୁ ବାହାର କରି ତୁରନ୍ତ ଫେରେଇ ଦିଏ । ଯୁବକ ଡଙ୍ଗରିଆ ଅନ୍ୟ ଏକ ଜୀବନ ସଂଗୀନୀ ଖୋଜିବାକୁ ପୁଣି ସେ କାପଡା ଗନ୍ଦାକୁ ବ୍ୟବହାର କରେ । ଏବେ ଏଇ କାପଡାଗନ୍ଦାକୁ ଜିଆଇ ଟ୍ୟାଗ୍ ମିଳିପାରିଛି ।

## କାନ୍ଥ ଚିତ୍ର

ଡଙ୍ଗରିଆଙ୍କ କାନ୍ଥଚିତ୍ରର ସ୍ୱତନ୍ତ୍ରତା ରହିଛି । ବିଭିନ୍ନ ତଥ୍ୟ ଓ ଆସ୍ଥାକୁ ଆଧାର କରି ଡଙ୍ଗରିଆ ରମଣୀ ଚିତ୍ର ଆଙ୍କେ କାନ୍ଥରେ । କେବଳ ପର୍ବପର୍ବାଣି ବେଳେ ଡଙ୍ଗରିଆ ମହିଳା ତା ଘର କିମ୍ବା ସଦରଘରେ ଚିତ୍ର ଅଙ୍କନ କରିଥାଏ । ଏଥିପାଇଁ ସେ ମାଂଜିଗୁଣ୍ଡା ବା ଟିକମଗୁଣ୍ଡାକୁ ବ୍ୟବହାର କରେ । ମାଂଜିମାନେ ଚାଉଳ ଗୁଣ୍ଡା ମାନେ ଗୁଣ୍ଡ । ଅର୍ଥାତ ଚାଉଳ ଗୁଣ୍ଡକୁ ନେଇ ଏଇ ଚିତ୍ର କଳା ପ୍ରସ୍ତୁତ ହୋଇଛି । ବିଶେଷ କରି କଢ୍ଡୁ ପର୍ବ (ମେରିଆ), ଘଣ୍ଟ ପର୍ବ, ସୀତାଗୁଡି, ଲକ୍ଷ୍ମୀ ପର୍ବରେ ଚିତ୍ର ଅଙ୍କନ କରିବାର ପରମ୍ପରା ରହିଛି । ଲକ୍ଷ୍ମୀ ପୂଜାବେଳେ ଲାହି ଲିଂଗା, ଘଣ୍ଟ ପର୍ବବେଳେ ଗଟ ଲିଙ୍ଗା ଓ ମେରିଆ ବେଳେ କୁଡି ଲିଙ୍ଗା ଚିତ୍ର ଅଙ୍କନ କରନ୍ତି । ମେରିଆବେଳେ ଧରିତୀ ରାଣୀ (ଟିକିରା ଘର) କାନ୍ଥରେ ଅବିବାହିତ ଝିଅମାନେ କୁଟଲିଂଗା, କେରୀ, ହିପା ଆଦି ଚିତ୍ର ଅଙ୍କନ କରିଥାନ୍ତି । ଘଣ୍ଟ ପର୍ବ ବ୍ୟକ୍ତିଗତ ପର୍ବ ହୋଇଥାଏ । ଏହି ସମୟରେ ଘରକୁ ନୂତନ ରୂପେ



ଧଉଳା କରିଥାଏ । ଗୋବର ସହ କଳାକୁ ମିଶାଇ କାନ୍ଥକୁ ବହୁବାର ଲେପନ କରି ମସୃଣ କରାଯାଏ । ଏହି କାନ୍ଥରେ ଶୁଭ ସମୟ ଦେଖି ଚିତ୍ର ଅଙ୍କନ କରାଯାଏ । ଏଥିପାଇଁ ବିଧି ରହିଛି । ଦିଶାରୀ ଦେଇଥିବା ଯୋଗ ସହ ବେଜୁ ବେଜୁଣୀ ଆଦିଙ୍କ ଉପସ୍ଥିତିରେ ଗୃହ କର୍ତ୍ତାଙ୍କ ଘରେ ଏଇ ଚିତ୍ର କଳା ଅଙ୍କନ କରାଯାଏ । ଦିଶାରୀଙ୍କ ଉପସ୍ଥିତିରେ ପ୍ରଥମେ ଜାନୀ ମାଣ୍ଡିଆ ଚୂନାରେ ଲଗାଲଗି ହୋଇଥିବା ଦୁଇଟି ଆୟତଚିତ୍ର ଇଷ୍ଟ ନିକଟ ଭୂମିରେ କାଟେ । ସେଇ ଆୟତଚିତ୍ର ମଧ୍ୟରେ ପରସ୍ପର ଛେଦ କଲା ଭଳି କର୍ଣ୍ଣ ଅଙ୍କନ କରେ । ତାପରେ ହଳଦୀମିଶା ଚାଉଳଚୂନାରେ ଏଇ ଦୁଇଟି ଆୟତଚିତ୍ରର ଚାରିପଟେ ଆଉ ଏକ ପରିସୀମାର ବଳୟ କାଟେ । ସେଇ ଆୟତଚିତ୍ରକୁ ଲାଗି ପାଞ୍ଚ ମୁଠା ଚାଉଳ ରଖେ । ତାପରେ ବେଲପତ୍ର, ଫୁଲ ଓ ମଦ ସାମାନ୍ୟ ଢାଳି ପାଦାର ପେନୁ (ସ୍ତ୍ରୀ ଦେବତା) ଓ କୁଟେଇବାଲି (ପୁରୁଷ ଦେବତା)କୁ ଆବାହନ କରେ । ମନ୍ତ୍ର ପାଠ କରେ ଜାନୀ । ଏହାପରେ ବେଜୁଣୀ ଚିତ୍ର ଅଙ୍କନ କରିବାକୁ ଆଦେଶ ଦିଏ । ଏହା ମୁଖ୍ୟତଃ ସୋମବାରର ଏକ ଶୁଭ ମୁହୂର୍ତ୍ତରେ ହୁଏ । ଯିଏ ଚିତ୍ର ଅଙ୍କନ କରିବ ସେ କିଛି ଖାଇ ନଥାଏ । ଦିନତମାମ ଉପବାସ ରହିବାକୁ ହୁଏ । ବାହାରେ ବାଜା ବାଜୁଥିବ । ଉପବାସରେ ଗାଁରେ ଥିବା ଚିତ୍ରକରାଳି ମହିଳା ସେ କାନ୍ଥରେ ଚିତ୍ର ଅଙ୍କନ କରେ । ସେହିପରି ଫସଲ ଅମଳ ହୋଇ ଘରକୁ ଆସିଲା ପରେ ଲକ୍ଷ୍ମୀ ପୂଜା ହୁଏ । ସେତେବେଳେ ବି ଚିତ୍ର ଅଙ୍କନ କରେ ଡଙ୍ଗରିଆ ପରିବାର । କାନ୍ଥରେ ଚାଉଳଚୂନାର ପିଠଉକୁ ନେଇ ଛେଚା ହୋଇଥିବା ଏକ କାଠି ସହାୟତାରେ ଚିତ୍ର ଅଙ୍କନ କରାଯାଏ । କିନ୍ତୁ ଚିତ୍ରର ସ୍ତର ଓ ବିଷୟ ଭିନ୍ନ ଭିନ୍ନ ହୋଇଥାଏ । ଲକ୍ଷ୍ମୀପୂଜା ପାଇଁ ଚିତ୍ର ଆଠ ସ୍ତର ବିଶିଷ୍ଟ ହୋଇଥାଏ । ତଳେ ଲଗାଲଗି ହୋଇ ଧାଡି ଧାଡି ଥିବା ତ୍ରିଭୁଜ ଭିତରେ ଠିକ ମଝିରେ ଗୋଟିଏ ଗୋଟିଏ ଗୋଲ ଥାଏ । ଏହା ତଳ ଭାଗରେ ରହେ । ଏହାକୁ ଦେବତାଙ୍କ ଗୋଡ ବୋଲି ସେମାନେ ମନେ କରନ୍ତି । ଏହାକୁ କୁଭି ଭାଷାରେ କଡାଙ୍ଗା କୁହନ୍ତି । ତାରି ଉପରେ ସ୍ତରରେ ଥାଏ କୁଡି ମୁଣ୍ଡା । ସରଳରେଖା ଉପରେ ଥିବା ଏକ ବୃତ୍ତ ଧାଡି ଧାଡି ହୋଇ ରହିଥାଏ । ପରବର୍ତ୍ତୀ ସ୍ତର କାନକା ପତା ବା ଆଖି ପତା । ଏଥିପାଇଁ ଅର୍ଦ୍ଧ ବୃତ୍ତାକାର ମଧ୍ୟରେ ଆଉ ଏକ ଅର୍ଦ୍ଧ ବୃତ୍ତାକାର ଗୋଲ ଧାଡି ଧାଡି ହୋଇ ଅଙ୍କନ କରାଯାଏ । ଚତୁର୍ଥସ୍ତରରେ ସାଲାବୁଡା ବା ବାଉଁଶବାଡ । ମେରିଆବେଳେ ବାଉଁଶ ପାତରେ ପରସ୍ପରକୁ ଛେଦ କଲା ଭଳି ଜାଫ୍ରିର ଘେର ଗାଁ ମୁଣ୍ଡରେ ହୋଇଥାଏ । ଏହା କୁଆଡେ ଅପଶକ୍ତି ଗୁଡିକୁ ଗାଁ ଭିତରକୁ ପ୍ରବେଶ କରିବାକୁ ଦେଇ ନଥାଏ । ତାର ଅବିକଳ ଚିତ୍ର କାନ୍ଥରେ ଅଙ୍କନ କରାଯାଏ । ପଞ୍ଚମ ସ୍ତରରେ ଲାହି ଲିଙ୍ଗା ବା ସୀତା ଲିଙ୍ଗାର ଚିହ୍ନ । ଲଗାଲଗି ହୋଇ ଧାଡିରେ ଥିବା ତ୍ରିଭୁଜ ଭିତରେ ଏକାଧିକ ବିନ୍ଦୁର ଛିଟା ରହିଥାଏ । ଷଷ୍ଠ ସ୍ତରରେ କେରିଂଗା ବା ଗନ୍ଦାକେରି ରହେ । ଡଙ୍ଗରିଆଙ୍କ ଚଦର କାପଡାଗନ୍ଦାରେ ଚିତ୍ରିତ ଧାଡିରେ ଏକତ୍ର ତୀରର ଅଗ୍ର ଭାଗ ସଦୃଶ୍ୟ ଲୁଗା ଧଡିକୁ ଅଙ୍କନ କରାଯାଏ । ସପ୍ତମ ସ୍ତରରେ ରହେ କୁଡି ଲିଂଗା । ଏହା ନାଲି ରଙ୍ଗର ଧାଡି ଧାଡି ହୋଇ ଥିବା ତ୍ରିଭୁଜ । ଶେଷରେ ଉପରିଭାଗରେ ଲକ୍ଷ୍ମୀ ଫୁଲ । ଲକ୍ଷ୍ମୀ ମାଆଙ୍କ ମସ୍ତକରେ ଚହଟୁଥିବା ଫୁଲ ପରି ଏଇ ଫୁଲ ମାଆଙ୍କ ଶୀର ବୋଲି ଗ୍ରହଣ କରିଥାନ୍ତି । ସିଧା ହୋଇଥିବା ଏକ ସରଳ ରେଖାର ଅଗ୍ର ଭାଗରେ ଗୋଲ ଥିବ ସେଇ ଭଳି ଅନୁରୂପ ଗୋଲସହ ସଂଯୁକ୍ତ ସରଳରେଖା ମଝିରେ ଦଣ୍ଡାୟମାନ



ସରଳରେଖାରୁ ଯେପରି ବାହାରୁଥିବା ଭଳି ପ୍ରତ୍ୟୟ ହେଉଥିବ । ସ୍ତର ସ୍ତର ମଧ୍ୟରେ ଏକ ସରଳରେଖା ଅଙ୍କନ ହୋଇଥାଏ ।

ଘଣ୍ଟ ପର୍ବ ବେଳେ ଅଙ୍କନ ହୋଇଥିବା ଚିତ୍ର ବାର ସ୍ତରର । ତଳେ କଡାଙ୍ଗା, ତାପରେ ସାଲାବାଡା, ତା ଉପରକୁ ଧାଡି ଧାଡି ଷ୍ଟ୍ରୋକ୍ ଯାହାକୁ କେରି କୁହାଯାଏ । ଚତୁର୍ଥ ସ୍ତରରେ କୁଡି ମୁଣ୍ଡା ।ପଞ୍ଚମ ସ୍ତରରେ କାଲିହିପା । କିନ୍ତୁ ତାରି ଭିତରେ କଳାରଙ୍ଗ ଭର୍ତ୍ତି ହୋଇଥାଏ । ଷଷ୍ଠ ସ୍ତରରେ କାନକା ବା ଆଖିପତା । ସପ୍ତମ ସ୍ତରରେ ଲାହିଲିଙ୍ଗା । ଅଷ୍ଟମ ସ୍ତରରେ କେରିଙ୍ଗା । ନବମ ସ୍ତରରେ କାଲିହିପା । ଦଶମ ସ୍ତରରେ ସାଲାବାଡା । ଏକାଦଶ ସ୍ତରରେ ନାଲିର କୁଡି ଲିଙ୍ଗା ଏବଂ ଶେଷ ଉପରି ଭାଗରେ ସାଲାବାଡା ଅଙ୍କନ ହୋଇଥାଏ । ଦଶମ ଓ ବାର ସ୍ତରର ସାଲାବାଡା ଭିତରେ ସାମାନ୍ୟ ଫରକ ଥାଏ । ଦଶମ ସ୍ତରରେ ଟିକେ ଫାଙ୍କାର ଜାଫ୍ରି ଥିଲାବେଳେ ସବା ଉପରେ ଅଧିକ ଗହଳ ଥାଇ ସାଲାବାଡା ଅଙ୍କନ ହୋଇଥାଏ । ଚିତ୍ରରେ ଥିବା ସମସ୍ତ ଉପାଦାନ ଦେବତାଙ୍କ ଅଂଶ ବିଶେଷ । ନିୟମରଜାର ଆଖି, ଧରତ୍ରୀ ମାତାର ଆଖିପତା, ପୁରୁଷ ଦେବତାର ଖୁଣ୍ଟ ଭଳି ବହୁ ତତ୍ୱକୁ ଏଇ ଚିତ୍ର ଭିତରେ ରହିଥାଏ । ସେହିପରି ଫସଲ, ଫୁଲ, ବାଉଁଶର ଘେର, ଟାଙ୍ଗିଆ, କୁଲୁମୁଣ୍ଡା, ଜହ୍ନିମୁଣ୍ଡାର ପ୍ରତୀକ ସ୍ୱରୂପ ତ୍ରିଭୁଜ ଆଦିକୁ ସ୍ଥାନ ଦେଇଥାଏ ଡଙ୍ଗରିଆ କନ୍ଧ ଜନଜାତି । ସାମଗ୍ରୀକ ଭାବେ ଦେଖିଲେ ଚିତ୍ରକଳାଗୁଡିକ ଖୁବ ସରଳ ଅଥଚ ତତ୍ୱ ଭିତ୍ତିକ । ରେଖା, ବିନ୍ଦୁ, ରଶ୍ମୀ, ତ୍ରିଭୁଜ ଅର୍ଦ୍ଧ ବୃତ୍ତ, ବୃତ୍ତକୁ ନେଇ ଗଠିତ । ଆଦିମ ଚିତ୍ରକଳାର ସ୍ୱରୂପ ଭଳି ମନେ ହୁଏ । ଚିତ୍ରରେ ସ୍ପଷ୍ଟ ବାର୍ତ୍ତା ରହିଥାଏ । ଚିତ୍ରଗୁଡିକ ବି ଉଭୟ ଅଙ୍କନ ଓ ବୋଧଗମ୍ୟତା ଦୃଷ୍ଟିରୁ ଦୁର୍ବୋଧ୍ୟ ନୁହେଁ । ଡଙ୍ଗରିଆ ପରମ୍ପରା ଅନୁସାରେ ଚିତ୍ରିତ ସ୍ଥାନ ପବିତ୍ରସ୍ଥଳ ବୋଲି ଧରାଯାଏ । ଯେଉଁଠାରେ ଚିତ୍ର ଅଙ୍କନ ହୁଏ ସେଠାରେ ଦେବତା ବିରାଜମାନ ହୋଇଥାନ୍ତି ଏବଂ ଦେବତାଙ୍କ ଆସ୍ଥାନ ବୋଲି ବିଶ୍ୱାସ କରନ୍ତି । ସେଥିପାଇଁ ଘରର ମଝିରେ ଏବଂ ଘର ଦୁଆରର ଦୁଇ ପାର୍ଶ୍ୱରେ ଡଙ୍ଗରିଆ ଚିତ୍ର ଅଙ୍କନ କରିଥାଏ । ଏହାଦ୍ୱାରା ଘର ଭିତରକୁ କୌଣସି ଅପଶକ୍ତି ଓ ଡୁମା ପ୍ରବେଶ କରି ନଥାଏ ବୋଲି ଡଙ୍ଗରିଆଙ୍କ ଦୃଢ ବିଶ୍ୱାସ । ଅବଶ୍ୟ ଆଜିକାଲି ଆଧୁନିକତାର ଛାପରେ ବଜାରର ରଙ୍ଗ ସହାୟତାରେ ଅଙ୍କିତ ଲକ୍ଷ୍ମୀ, ସରସ୍ୱତୀ, ଠାକୁରାଣୀଙ୍କ ଚିତ୍ର କେତେକ କାନ୍ଥରେ ଶୋଭା ପାଉଛି ।

ଏହାବାଦେ ମେରିଆ ବେଳେ କୁଟେଇ ବାଲି ବା ଗାଁ ମଝିରେ ଥିବା ସଦରଘରର କାନ୍ଥକୁ ଗାଁର ଡଙ୍ଗରିଆ ଝିଅମାନେ ଧାଡି ଧାଡି ହୋଇ ଚିତ୍ରିତ କରିଥାନ୍ତି । ଏଥିପାଇଁ ବି ନିର୍ଦ୍ଦିଷ୍ଟ ନିୟମ ରହିଛି । ମେରିଆ ପାଳନର ଦ୍ୱିତୀୟ ଦିବସରେ ଜାନୀ ଆସି ମନ୍ତ୍ର ପାଠ କରି କୁଟେଇବାଲିକୁ ପୂଜା କରେ । ଚିତ୍ର କାଟିବା ଅନୁକୂଳ କରେ । ତାପରେ ଝିଅମାନେ ନୂଆ ବସ୍ତ୍ର ପିନ୍ଧି ଚିତ୍ର ଅଂକନ କରନ୍ତି ।

ବର୍ଷ ପରେ ବର୍ଷ ଗଡି ଚାଲିଛି । ପିଢି ପରେ ପିଢି ଚାଲିଛି । କିନ୍ତୁ ନିୟମରଜାର ସନ୍ତାନମାନେ ସେମାନଙ୍କ ପରମ୍ପରା, କଳା, ସଂସ୍କୃତିକୁ ଭୁଲି ନାହାଁନ୍ତି । ଆଜି ବି ଶରୀରରେ ଚିତା କୁଟେ । ଡଙ୍ଗରିଆ ରମଣୀ ନିଜ ହାତରେ କାପଡାଗନ୍ଦା ବୁଣି ପ୍ରିୟର ମଣିଷକୁ ଉପହାର ଦିଏ ଏବଂ ବିଧିବଦ୍ଧ ଭାବେ କାନ୍ଥରେ ଚିତ୍ର ଅଙ୍କନ କରେ ।

ଜନଜାତି-୮



# ମାନଛୁଆଁ ଛେର୍‌ଛେରା

## ବନବାସୀଙ୍କ ଐକ୍ୟ ଓ ସଂହତିର ପର୍ବ: ଛେର୍‌ଛେରା


**ଡକ୍ଟର ପ୍ରଦୀପ କୁମାର ମିଶ୍ର**

ଗବେଷକ ଓ ସଭ୍ୟ: ଓଡ଼ିଶା ସାହିତ୍ୟ ଏକାଡ଼େମୀ, ଡି.ଏନ୍.କେ. ରୋଡ଼, ଉମରକୋଟ୍, ଜିଲ୍ଲା: ନବରଙ୍ଗପୁର

ଫୋନ: ୯୪୩୭୫୨୫୧୦୫




▶ଲେଖକ ଡ. ପ୍ରଦୀପ କୁମାର ମିଶ୍ର

ଅବିଭକ୍ତ କୋରାପୁଟ ନୈସର୍ଗିକ ସୌନ୍ଦର୍ଯ୍ୟର ନିଆରା ଭୂଖଣ୍ଡ । ଏହାର ମନୋରମ ଭୂ-ପ୍ରକୃତି,ସବୁଜିମ ଭରା ଅରଣ୍ୟ ସମ୍ପଦ, ବିପୁଳ ଖଣିଖାଦାନ, ଜଳସମ୍ପଦ ଓ ଲୋକ ସଂସ୍କୃତିର ବଳିଷ୍ଠ ପରମ୍ପରା ମାନବ ଜାତି ପାଇଁ ଅନନ୍ୟ ରଦାନ । ବନବାସୀମାନଙ୍କର ପ୍ରିୟ ଭୂମି କୋରାପୁଟରେ ନାନା ପ୍ରକାର ଜନଜାତି ବାସ କରନ୍ତି । ତନ୍ମଧ୍ୟରୁ କିଛି ଜନଜାତିଙ୍କର ପ୍ରାଚୀନ ଲୋକକଥାରୁ ବହୁ କୌତୁହଳପୂର୍ଣ୍ଣ କାର୍ଯ୍ୟକଳାପରେ ପରିଚୟ ମିଳେ । ବଣ୍ଡା, କୋୟା, ଡିଡାୟୀ, ଡଙ୍ଗରିଆ କନ୍ଧ, କୁଟିଆ, କନ୍ଧ, ସଉରା, ପରଜା, ଗଣ୍ହ, ଭତରା ଓ ଭୁଞ୍ଜିଆ ଆଦି ପ୍ରମୁଖ ଜନଜାତିର



ସଂସ୍କୃତିକୁ ନେଇ କୋରାପୁଟ ବେଶ୍ ସମୃଦ୍ଧ ।

୧୯୯୨ ଅକ୍ଟୋବର ୨, ପବିତ୍ର ଗାନ୍ଧୀ ଜୟନ୍ତୀରେ ଓଡ଼ିଶାର ସବୁଠୁ ବଡ଼ ଜିଲ୍ଲା କୋରାପୁଟ ବିଭାଜନ ପରେ ଚାରୋଟି ନୂତନ ରାଜସ୍ୱ ଜିଲ୍ଲା ଯଥା- ମାଲକାନାଗିରି, କୋରାପୁଟ, ରାୟଗଡ଼ା ଓ ନବରଙ୍ଗପୁର ଜିଲ୍ଲାର ସୃଷ୍ଟି ହେଲା । ତଥାପି ସାଂସ୍କୃତିକ ଐକ୍ୟ ଓ ସଂହତି ଏହି ଜିଲ୍ଲା ଗୁଡ଼ିକୁ ଏକତା ରଜ୍ଜୁରେ ବାନ୍ଧି ରଖିଛି ।

ନବରଙ୍ଗପୁର ଜିଲ୍ଲାର ମୁଖ୍ୟ ବନବାସୀ ସମ୍ପ୍ରଦାୟ ହେଲେ ଗଣ୍ଡ, ଭତରା, ବନ୍ଧ ଏବଂ ପରଜା । ଗଣ୍ଡମାନେ ଭତରାଙ୍କ ବଡ଼ଭାଇ ବୋଲି ବିଶ୍ୱାସ କରାଯାଏ । ଉଭୟ ଜନଜାତିର ପର୍ବପର୍ବାଣିରେ ବହୁ ସାମଞ୍ଜସ୍ୟ ଦେଖିବାକୁ ମିଳେ । ଭତରା ସମାଜ ଆଜି ବିକାଶଧାରାରେ ବେଶ୍ ଅଗ୍ରଣୀ ଥିଲା ବେଳେ, ଜିଲ୍ଲାର ଅନ୍ୟ ଜନଜାତି ବର୍ତ୍ତମାନ ଆପଣାର ବିକାଶ ପାଇଁ ଆଗ୍ରହ ପ୍ରକାଶ କଲେଣି । ନବରଙ୍ଗପୁର ଜିଲ୍ଲାର ବନବାସୀମାନେ ମୁଖ୍ୟତଃ ଯେଉଁ ପର୍ବପର୍ବାଣି ବର୍ଷର ବିଭିନ୍ନ ସମୟରେ ପାଳନ କରିଥାନ୍ତି, ତନ୍ମଧ୍ୟରୁ ଅଧିକାଂଶ କୃଷିଭିତ୍ତିକ । 'ମାଟି ପରବ' ବା ଡେଲ ଚୋପା, ବିହନ ପରବ, 'ଦିଆଲି', 'ନୂଆଖାଇ'ଏ ବଉଳାଣି, 'ଲାଠି ପରବ', ମଣ୍ଡେଇ, ବାଲିଯାତ୍ରା, ଛେରଛେରା ଓ ପୁନି ହାତ ତନ୍ମଧ୍ୟରୁ ଅନ୍ୟତମ । ଛେରାଛେରା ପୌଷ ପୂର୍ଣ୍ଣିମାର ଅବବିତ ପୂର୍ବରୁ ପାଳନ କରାଯାଏ ଯାହାକି କୃଷି ଭିତ୍ତିକ ସଂସ୍କୃତିର ଏକ ସୁନ୍ଦର ନମୁନା ।

ଭତରା ମାନେ ଖୁବ୍ ଭଲ ଚାଷୀ । ଜମିର ଯତ୍ନ ଓ ଖାଦ୍ୟ ଉତ୍ପାଦନରେ ସେମାନେ ଅନ୍ୟ ବନବାସୀ ଜନଜାତିଙ୍କ ଠାରୁ ବେଶ୍ ଆଗୁଆ । ଅବସର ସମୟରେ ମାଛ ଧରିବା ତାଙ୍କର ଅନ୍ୟତମ ସଉକ । ସ୍ୱ-ନିର୍ମିତ ମାଛଧରା ଉପକରଣ ସହ ବେଳେବେଳେ ତୀର ସାହାଯ୍ୟରେ ମଧ୍ୟ ମାଛ ଶିକାର କରିବା ସେମାନଙ୍କର ପାରମ୍ପରିକ ଅଭ୍ୟାସ ।

ଏସବୁ ସତ୍ତ୍ୱେ କୃଷି ସଂସ୍କୃତି ହିଁ ତାଙ୍କର ସାମାଜିକ ଓ ଅର୍ଥନୈତିକ ଜୀବନର ମାନଦଣ୍ଡ । ଏକଦା ପୋଡୁ ଚାଷକୁ ଭତରା ଜନଜାତି ଗୁରୁତ୍ୱ ଦେଉଥିଲେ । ବିସ୍ତୀର୍ଣ୍ଣ ଅଂଚଳରେ ଜଂଗଲ କାଟିବା ପରେ ଉର୍ବର ବନଭୂମିର ଉତ୍ପାଦନ ତାଙ୍କୁ ବେଶ୍ ଲାଭାନ୍ୱିତ କରୁଥିଲା । ସେମାନେ ଜଂଗଲ ସଫା କରିବା ବେଳେ କିଛି ଗଛ ଏବଂ ମୂଳ ଛାଡ଼ି ଦିଅନ୍ତି କାରଣ ସେ ଜମିର ଉତ୍ପାଦିକା ଶକ୍ତି ହ୍ରାସ ପାଇଲେ ସେମାନେ ଅନ୍ୟ ଜମିର ସନ୍ଧାନ କରନ୍ତି ଫଳରେ ଇତ୍ୟବସରରେ ସେଠାରେ ପୁନଶ୍ଚ ଜଙ୍ଗଲ ସୃଷ୍ଟି ହୁଏ ।

ଭତରା ଜନଜାତିର ପର୍ବପର୍ବାଣିରେ ନାଚଗୀତର ମହତ୍ତ୍ୱ ବେଶୀ ସେମାନଙ୍କର ଅଧିକାଂଶ ପର୍ବପର୍ବାଣି କୃଷି ଭିତ୍ତିକ ।

## କୃଷି ସଂସ୍କୃତିର ପ୍ରଥମ ପର୍ବ ଢେଲ ଚୋପନି

ଭତରା ମାନେ ଚୈତ୍ର ମାସରେ ୨ଟି ମୁଖ୍ୟ ପର୍ବ ପାଳନ କରିଥାନ୍ତି । ତନ୍ମଧ୍ୟରୁ ଢେଲ ଚୋପନି ବା ମାଟି ପରବ ଅନ୍ୟତମ । ଏହି ପର୍ବରେ ଉଭୟେ ସ୍ତ୍ରୀ-ପୁରୁଷ ନୂଆ ଲୁଗା ପିନ୍ଧି ଜମିକୁ ଯାଇ ପୃଥିବୀ ମାତାର ଉପାସନା କରିବା ପରେ ଜମିର ଢେଲା ଗୁଡ଼ିକୁ କାଠ ସାହାଯ୍ୟରେ ପିଟି ଗୁଣ୍ଡ କରି ଜମିକୁ ସମତଳ କରିଥାନ୍ତି । ଶ୍ରମ ସଂସ୍କୃତିର ଏହି ପ୍ରଥମ ସୋପାନ । ମଞ୍ଜି ବୁଣିବା ଲାଗି ଏହା ଜମିର ପ୍ରସ୍ତୁତି ପର୍ବ । ଏହି ସମୟରେ ସେମାନେ ବିଭିନ୍ନ ଲୋକଗୀତ ଗାଇଥାନ୍ତି । ଶ୍ରମ କ୍ଳାନ୍ତି ଦୂର କରିବା ପାଇଁ ଏହି ଗୀତ ଗୁଡ଼ିକ ବେଶ୍ ହୃଦୟସ୍ପର୍ଶୀ । ଯେମିତି-

"ମାଟି ମା ମାଟି ମା
ଜୋହାର ଲାଗସି ତୋକେ
ପରୁର କାଜେ ଶାଗ୍ ପେଜ୍ ଦେ
ନଇଲେ ମରିବୁ ଭୁକେ ।"

## ଚୈତ୍ରର ଦ୍ୱିତୀୟ କୃଷି ପର୍ବ ବିହନ ଯାତ୍ରା

ଭତରା ଜନଜାତି ଚୈତ୍ର ଅମାବାସ୍ୟାରେ ଏହି ପର୍ବକୁ ଭକ୍ତି ଓ ନିଷ୍ଠାର ସହ ପାଳନ କରିଥାନ୍ତି । ଗାଁର ଚାଷୀକୁଳ କିଛି କିଛି ବିହନ ନେଇ ଗାଁ ପୂଜାରୀ ପାଖକୁ ଯାଇଥାନ୍ତି । ପୂଜାରୀ ବିହନ ଗୁଡ଼ିକୁ ଚାଷୀମାନଙ୍କ ହାତରୁ ନେଇ ଡୁପି (ଶାଳ ପତ୍ର ତିଆରି ପାତ୍ର)ରେ ରଖି ଦେବତାକୁ ଉତ୍ସର୍ଗ କରି ଗ୍ରାମବାସୀଙ୍କ ଲାଗି ଉତ୍ତମ ଫସଲ କାମନା କରେ । ପରେ ଗ୍ରାମବାସୀ ସେହି ବିହନକୁ ନେଇ ଖୁସିରେ ଫେରି ଆସନ୍ତି ଓ ଚାଷ କାର୍ଯ୍ୟ ଆରମ୍ଭ ହୁଏ ।



## କୃତଜ୍ଞତାର ପର୍ବ ଦିଆଲି ପର୍ବ

ଭତରା ଜନଜାତିର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ପର୍ବ ପ୍ରାୟ କାର୍ତ୍ତିକ ଓ ମାର୍ଗଶୀର ମାସରେ ପାଳନ କରନ୍ତି । ଫସଲ ଉତ୍ପାଦନର ଶେଷ ଭାଗରେ ସେମାନେ ଗୋ-ମହିଷାଦିଙ୍କୁ କୃତଜ୍ଞତା ଜଣାଇବା ପାଇଁ ଏହି ପର୍ବ ପାଳନ କରିଥାନ୍ତି । ଏହି ପର୍ବ ଦିନ ଭତରା ମାନେ ବିଭିନ୍ନ ପ୍ରକାର ସ୍ୱତନ୍ତ୍ର ଖାଦ୍ୟ, ଗାଈ ଓ ବଳଦାନଙ୍କୁ ଖୁଆନ୍ତି । ସେମାନଙ୍କୁ ପୂର୍ଣ୍ଣ ବିଶ୍ରାମ ଦେଇ ଭତରା ଜନଜାତି ଏହି ପର୍ବରେ ସେମାନଙ୍କ ଋଣ ସ୍ୱୀକାର



କରିଥାନ୍ତି ।

## ମାନବୀୟ ସଂସ୍କୃତିର ଏକ ନିଆରା ପର୍ବ ଛେରଛେରା

ଭତରା ଓ ଗଣ୍ଡ ବନବାସୀଙ୍କର ଏହା ଏକ ସୁନ୍ଦର ସାମାଜିକ ପର୍ବ । କୃଷି ସଂସ୍କୃତିର ପୃଷ୍ଠଭୂମିରେ ଏହି ପର୍ବ ପାଳିତ ହୁଏ ଯାହାକି ଗାଁରେ ସୁଖ, ଶାନ୍ତି, ସଂପ୍ରୀତି ଆଣିବାରେ ବିଶେଷ ସହାୟକ ହୁଏ ।

## ଉଦ୍ଦେଶ୍ୟ

(କ) ନବରଙ୍ଗପୁର ଜିଲ୍ଲାର ଲୋକନୃତ୍ୟ ଓ ପୁନି ନାଚର ସଂର୍ପକରେ ଜାଣିବା ।

(ଖ) ଛେରଛେରା ଓ ପୁନି ନାଚର ସାମାଜିକ ଗୁରୁତ୍ୱକୁ ଉପଲବ୍ଧି କରିବା ।

(ଗ) ଏହି ପାରମ୍ପରିକ ବନବାସୀ ଲୋକନୃତ୍ୟ ଗୁଡ଼ିକର ସଂରକ୍ଷଣର ଆବଶ୍ୟକତା ବିଷୟରେ ଜାଣିବା ।

## ଅଧ୍ୟୟନର ଆବଶ୍ୟକତା

ନବରଙ୍ଗପୁର ସରଳ ବନବାସୀଙ୍କ ମଧ୍ୟରେ ବହୁ ପ୍ରାଚୀନ କାଳରୁ ଚଳି ଆସିଥିବା ବିଭିନ୍ନ ପାରମ୍ପରିକ ଲୋକନୃତ୍ୟ ଗୁଡ଼ିକ ମଧ୍ୟରୁ ଛେରଛେରା ଓ ପୁନି ନାଚ ଅନ୍ୟତମ । ଫସଲ ଉତ୍ପାଦନ ପରବର୍ତ୍ତୀ ସମୟରେ ଯେତେବେଳେ ବନବାସୀଗଣ ଆର୍ଥିକ ସ୍ୱଚ୍ଛଳତା ଭିତରେ ବିଶ୍ରାମ ପାଆନ୍ତି ଠିକ୍ ସେତିକି ବେଳେ ଅମୃତର ସନ୍ତାନଗଣ ସମାଜରେ ଶାନ୍ତି, ସଂହତି, ମୈତ୍ରୀ, ମମତାର ବାର୍ତ୍ତା ପ୍ରଚାର କରିବା ପାଇଁ ଚିତ୍ତବିନୋଦନ ସହ ସାମାଜିକ, କଳହ, ଈର୍ଷା ଓ ପରଶ୍ରୀକାତରତା ଭଳି ଦୁର୍ଗୁଣ ଦୁରାଚାରରୁ ମଣିଷକୁ ମୁକ୍ତି ଦେବା ପାଇଁ ଅବିବାହିତ ପୁଅଝିଅମାନେ ଗାଁ ଦାଣ୍ଡରେ ବୁଲିବୁଲି ବିଭିନ୍ନ ଦ୍ୱାରକୁ ଯାଇ ସାମୂହିକ ଭିକ୍ଷା କରି ଆପଣା ଭିତରେ ଆତ୍ମୀୟ ଭାବର ପ୍ରତିଷ୍ଠା କରିଥାନ୍ତି । ଆଜି ଯେତେବେଳେ ବନବାସୀ ସମାଜରେ ବାହ୍ୟ ସଭ୍ୟତାର ପ୍ରଭାବ ସେମାନଙ୍କ ଜୀବନଧାରାକୁ କଳୁଷିତ କରିଛି, ବଜାରୀ ନୃତ୍ୟ ଗୀତର ପ୍ରଭାବ ସେମାନଙ୍କ ପାରମ୍ପରିକ ଲୋକନୃତ୍ୟ ଉପରେ କୁଠାରଘାତ କରିଛି, ଠିକ୍ ସେତିକିବେଳେ ଏସବୁର ପୁନରୁଦ୍ଧାର ଆବଶ୍ୟକତା ଯେ କେତେ ଗୁରୁତ୍ୱପୂର୍ଣ୍ଣ ତାହା ଆମ ଉଣା ଅଧିକେ ଜାଣୁ । କେବଳ ନିଷ୍ଠାପର ଉଦ୍ୟମ ହିଁ ଏ ଦିଗରେ ଲୁପ୍ତ ହେବାକୁ ଯାଉଥିବା ଲୋକନୃତ୍ୟ ଛେରଛେରାକୁ ଉଦ୍ଧାର କରି ପାରିବା । ଅତଏବ ଏସବୁ ସମ୍ପର୍କରେ ବ୍ୟାପକ ଅଧ୍ୟୟନ, ଗବେଷଣା ଓ ସଂରକ୍ଷଣର ଯଥେଷ୍ଟ ପ୍ରାସଙ୍ଗିକତା ରହିଛି ।

## ସଂସ୍କୃତି ଓ ସଂହତିର ପର୍ବ ଛେରଛେରା

ବନବାସୀଙ୍କର ପର୍ବପର୍ବାଣିରେ ବିଭିନ୍ନ ପ୍ରକାର ନୃତ୍ୟ, ସଙ୍ଗୀତର ସମାବେଶ ଦେଖିବାକୁ ମିଳେ ଖାଦ୍ୟ, ପାନୀୟ ଭଳି ନୃତ୍ୟ, ଗୀତ ବନବାସୀ ଜୀବନର ଏକ ଅପରିହାର୍ଯ୍ୟ ଉପାଦାନ । ଜୀବନର କର୍ମକ୍ଳାନ୍ତି, ଦୁଃଖ ଓ ଯନ୍ତ୍ରଣାକୁ ଭୁଲିଯିବା ପାଇଁ ନୃତ୍ୟ ଓ ସଙ୍ଗୀତ ମଣିଷକୁ ସୁଯୋଗ ଦିଏ । ପ୍ରତ୍ୟେକ ବନବାସୀ ପଲ୍ଲୀରେ ପ୍ରାୟ ପ୍ରତିଦିନ ସନ୍ଧ୍ୟାରେ ମାଦଳ, ଟମକ ମହୁରୀର ଶବ୍ଦ ଶୁଣିବାକୁ ମିଳେ । ବିଶେଷତଃ ଜହ୍ନରାତି ବନବାସୀଙ୍କ ପାଇଁ ଏକ ପ୍ରଲୋଭନ । ସଞ୍ଜ ନଇଁଲେ ଆଦିବାସୀ ଧାଙ୍ଗଡ଼ା ଧାଙ୍ଗଡ଼ି ଗାଁ ମଝିରେ ଏକାଠି ହୋଇ ସ୍ୱତଃସ୍ଫୂର୍ତ୍ତ ଭାବରେ ନାଚିବାକୁ ଆରମ୍ଭ କରନ୍ତି । କ୍ରମେ ପୁରା ଗାଁର ସବୁ ବୟସର ସମସ୍ତେ ଏଥିଷର ଅଂଶ ଗ୍ରହଣ କରନ୍ତି । ବର୍ଷାଋତୁ ପରେ ପରେ ଗାଁ ଦାଣ୍ଡରେ ପ୍ରାୟ ନିୟମିତ ଏହି ନୃତ୍ୟଗୀତର ଆସର ଅନୁଷ୍ଠିତ ହୁଏ । କିନ୍ତୁ ବିଶେଷ ପର୍ବପର୍ବାଣିରେ ଏହାର ଆବେଦନ ସ୍ୱତନ୍ତ୍ର ।

ପୌଷ ପୂର୍ଣ୍ଣିମା କିଛିଦିନ ଆଗରୁ ବନବାସୀ ପଲ୍ଲୀରେ କେବଳ ପୁଅପିଲାମାନେ ଦଳଦଳ ହୋଇ ଛେରଛେରା ନୃତ୍ୟ ଆରମ୍ଭ କରନ୍ତି । ପ୍ରାୟ ୧୨ବର୍ଷରୁ କମ୍ ବୟସର ପୁଅ ପିଲାମାନଙ୍କର ଏହି ନୃତ୍ୟ ବେଶ୍ ଆମୋଦଦାୟକ । ସେମାନେ ନିଜ ଗାଁର ସାହି ଛଡ଼ା ପଡ଼ୋଶୀ ଗାଁକୁ ମଧ୍ୟ ଏହି ଛେର୍ ଛେରା ନୃତ୍ୟ କରିବା ପାଇଁ ଯାଇଥାନ୍ତି ।



ଗୋଟିଏ ଗାଁରେ ବିଭିନ୍ନ ପଡ଼ାରୁ ଦଳଦଳ ହୋଇ ପୁଅପିଲାମାନେ ଏଥିପାଇଁ ପାରମ୍ପରିକ ରୀତିରେ ପ୍ରସ୍ତୁତ ହୋଇ ବାହାରିଥାନ୍ତି । ସେମାନେ ମନ ମତାଣିଆ ଗୀତ ସହ ନାଚ କରି ବିଭିନ୍ନ ଘରୁ ଧାନ, ଚାଉଳ ମାଗିଥାନ୍ତି । ପ୍ରତଦିନ ଏଇଭଳି ସଂଗ୍ରହ କରି ରଖିଥିବା ଧାନ ଚାଉଳକୁ ନେଇ ପୂର୍ଣ୍ଣିମା ଦିନ ଏକ ଭୋଜିରେ ଆୟୋଜନ ହୋଇଥାଏ ଏବଂ ଏଥିରେ ସେହି ଦଳର ସମସ୍ତେ ମିଳିମିଶି ରୋଷେଇ କରି ଏକାଠି ପଙ୍କ୍ତି ଭୋଜନ କରିଥାନ୍ତି । ନବରଙ୍ଗପୁର ଜିଲ୍ଲାର ରାଇଘର ଅଂଚଳରେ ଗଣ୍ଡ ସମ୍ପ୍ରଦାୟର ଅବିବାହିତା ଝିଅପିଲାମାନେ

ଅନୁରୂପ ଢଙ୍ଗରେ ପୌଷ ପୂର୍ଣ୍ଣିମା ଆଗରୁ ଦଳଦଳ ବାହାରି ଗୀତ ଗାଇ ଗାଇ ଘର ଚାଉଳ ସଂଗ୍ରହ କରି ଶେଷ ଦିନ ଭୋଜିଭାତ କରି ଖାଇଥାନ୍ତି । ଏହାକୁ ପୁନି ନାଚ କୁହାଯାଏ ।



## ଛେର୍‌ଛେରାର ସାମାଜିକ ବିଶେଷତ୍ୱ

ନବରଙ୍ଗପୁର ଜିଲ୍ଲାର ସବୁ ଆଦିବାସୀ ଗାଁରେ ପୌଷ ପୂର୍ଣ୍ଣିମା ବେଳକୁ ଛେର୍ ଛେରା ନୃତ୍ୟର ଆସର ଦେଖିବାକୁ ମିଳେ । ଏହି ସମୟରେ ଯେଉଁ ରସାଳ ଗୀତ ପୁଅମାନେ ଏକା ସ୍ୱରରେ ଗାନ କରନ୍ତି ତାହା ଖୁବ୍ ହୃଦୟସ୍ପର୍ଶୀ । ଛେର୍‌ଛେରା ଦଳ ପ୍ରତ୍ୟେକ ଘର ଆଗରେ ପହଞ୍ଚି ହଠାତ୍ ଗୀତ ଆରମ୍ଭ କରି ଦିଅନ୍ତି । ପ୍ରାୟ ୧ରୁ ୫ ମିନିଟ୍ ମଧ୍ୟରେ ଗୋଟିଏ ପଂକ୍ତି ଓ ତା ସହ ଟିକିଏ ନାଚ କରି ଗୃହକର୍ତ୍ତାଙ୍କ ଠାରୁ କିଛି ଧାନ କିମ୍ବା ଚାଉଳ ସଂଗ୍ରହ କରି ପରବର୍ତ୍ତୀ ଘରେ ପହଞ୍ଚି ଯାଆନ୍ତି । ପୌଷ ମାସରେ ଶସ୍ୟ ଅମଳ ହୋଇଥିବାରୁ ସମସ୍ତେ ଆନନ୍ଦ ମନରେ ପିଲାମାନଙ୍କୁ କିଛି ଧାନ ଚାଉଳ ଦେଇ ଖୁସି କରିଥାନ୍ତି । ଏହି ସମୟରେ ଗାଁ ପିଲାମାନଙ୍କ ଭିତରେ ଥିବା ମନୋମାଳିନ୍ୟ କିମ୍ବା ଘର ଘର ଭିତରେ ଥିବା ପୂର୍ବ ଅସୂୟା ଓ ଶତ୍ରୁତା ପ୍ରଶ୍ରମିତ ହୁଏ ।

ସାହି ସାହି ମଧ୍ୟରେ ଗାଁ ଗାଁ ମଧ୍ୟରେ ସେମାନେ ବୁଲି ବୁଲି ସ୍ନେହ, ପ୍ରୀତି, ସଂହତି ଓ ଭ୍ରାତୃତ୍ୱ ଭାବର ବାର୍ତ୍ତା ପ୍ରଚାର କରିଥାନ୍ତି । ମାଗିବା ଦ୍ୱାରା ନିଜ ଭିତରେ ଥିବା ବଡ଼ପଣ ଓ ଅହଂକାରର ବିଲୋପ ଘଟେ ।

ଛେର୍ ଛେରା ପରସ୍ପର ମଧ୍ୟରେ ଶାନ୍ତି, ମୈତ୍ରୀ ସଂହତି ପ୍ରତିଷ୍ଠା କରେ । ଛେର୍‌ଛେରା ଗୀତରେ ଭାବ ଓ ଶବ୍ଦର ଅର୍ଥବୋଧ ଅପେକ୍ଷା ସାଂଗୀତିକତା ବେଶ୍ ହୃଦୟକୁ ଛୁଏଁ । ଗୀତ ଗୁଡ଼ିକରେ ଜୀବନର ସମସ୍ତ ପୁରୁଣା ଅଧ୍ୟାୟକୁ ବାଦ୍ ଦେଇ ଏକ ନୂଆ ଜୀବନର ଆରମ୍ଭ ପାଇଁ ସୂଚନା ଦିଆଯିବା କଥା ଦେଖିବାକୁ ମିଳେ ଯେମିତି–

"ଆଜି ପୁନି ପୁନି କାଲିକି ପୁନି
ଛିଡ଼ାପଟ ତୁନା ତୁନି
ଛେର୍‌ଛେରା ଛେରା ।"

ରାଇଘର ଅଞ୍ଚଳରେ ଗଣ୍ଡ ସମ୍ପ୍ରଦାୟ ଓ ଭତରା ସମ୍ପ୍ରଦାୟ ମଧ୍ୟରେ ନିମ୍ନୋକ୍ତ ଛେର୍‌ଛେରା ଗୀତ ଭାରି ଜନପ୍ରିୟ ଏବଂ ସମସ୍ତେ ମୁହେଁ ମୁହେଁ ଗାଇଥାନ୍ତି । ଯଥା–

ଜିର୍‌ଲିଟି ଝିର୍‌ଲିଟି ପଣ୍ଡକି ମାରା ଲିଟି ହୋ ପଣ୍ଡକା
ଆଓ ଲିଟି ଛିଣ୍ଡାଏଲା ତୋଲା ଦେହୁଁ ରୋଟି
ରୋଟି ପାଠଲା କାଏ କରିବେ ମହାଜନ୍ କେ ବେଟି ହୋ
ମହାଜନକେ ବେଟି
ଯାଅଁ ମାମଲାଟ୍ ଗନ୍ଧୁକ ଲାଟ୍ ଟିଙ୍ଗ ଟିଙ୍ଗ କରେ
ଓରା ଗଞ୍ଜା ଗାର ପଡ଼େ ଧଙ୍ଗତି କର କରହ
ଧଙ୍ଗତି କର କରେ
ଆଲଲେ ଆଏଲେ କକତା ଫାଏଲେ ଫାଏଲେ ଯାଏ
ବଡ଼େ ଭଏରା ରାଉତ ଲେକା ମାରୁନ୍ ମାରୁ ଖଏ ହ
ମାରୁନ୍ ମାରୁନ୍ ଖାଏ
ତଡ଼ ଗଡ଼ାତେ ତଡ଼ଗଡ଼ା ବାମନ୍ ତଡ଼ଗଡ଼ା
ଡେଙ୍ଗା ମାମା ଏତେ ରାଲ ପାଉଲି ଆଡ଼ଗେଟା ହ
ପାରଲି ଆତଗେଡ଼ା
ବାତେ ଧାନ୍ ଧାନ୍ ଧାନ ନାନି ଧାନ୍ ଧାନ୍
ବଡ଼େ ଘରତ ବାହାରିକେ କାନକେ ଧରି ଆନ ହ
କାନ୍‌କେ ଧରି ଆନ
ତୁପ୍ ତୁପ୍‌ସି ତୁପ୍ ତୁପ୍‌ସି ମାହାପାରିଆ ରାଜା
ରାଜା ଯାଉନ୍ ଏତେ ରାଲା ସୁଜଲ୍ ଭାଏଁସା ପାରା ହ
ପୂଜଲ ଭାଏଁସା ପରା
ଉସ୍‌ରି ବୁଟା କୁଝକୁଟା ଡକରି ମାରଲା ଝାଟି
ଝଟ୍‌କେ ବିଜା କରା ବାଇମନ୍ କୁଲାକେ ଚାବଲା ଚାଟି ହୋ
କୁଲାକେ ଚାବଲା ଚାଟି

ଉପରୋକ୍ତ ଗୀତରେ ପ୍ରକୃତି ବର୍ଣ୍ଣନା ସହିତ ମନର କୌତୂହଳ ବ୍ୟଙ୍ଗ ବିଦ୍ରୁପର ଛଟା ଗୀତକୁ ଖୁବ୍ ରସାଣିତ କରିଛି ।



ଛେର୍ ଛେରା ଗୀତ ସହ ଟିଣ ଡବା କିମ୍ବା ଫମ୍ପା କାଠରେ ଆବାଜ ସୃଷ୍ଟି କରି ପିଲାମାନେ ନାଚ କଲାବେଳେ ତାଙ୍କ ଚେହେରାରେ ମୁକ୍ତି, ଆନନ୍ଦ, ଶାନ୍ତି, ପ୍ରୀତି ଓ ସଂହତିର ଆଭା ଫୁଟି ଉଠେ । ଐକ୍ୟ ଓ ସଂହତିର ବାର୍ତ୍ତା ପ୍ରଚାର କରିବା ପାଇଁ ନବରଙ୍ଗପୁର ଆଦିବାସୀ ସମ୍ପ୍ରଦାୟ ମଧ୍ୟରେ ପ୍ରଚଳିତ ଏହି ଛେର୍‌ଛେରା ନୃତ୍ୟ ମାନବୀୟ ଚେତନାର ଏକ ମଧୁର ନିର୍ଯ୍ୟାସ ।

ଆଜିର ହିଂସା, ଦ୍ୱେଷ, ପରଶ୍ରୀକାତରତା ଓ ବର୍ବରତା ଗ୍ରସ୍ତ ସମାଜରେ ଯେତେବେଳେ ଶାନ୍ତି ପରାହତ, ସଂହତି ବିପନ୍ନ ଓ ଏକତା ଦିବାସ୍ୱପ୍ନ ପାଲଟଛି, ଠିକ୍ ସେତିକି ବେଳେ ଆଦିବାସୀ ସମ୍ପ୍ରଦାୟର ଛେର୍‌ଛେରାକୁ ଅନୁଶୀଳନ କରି ତା ମଧ୍ୟରେ ଲୁଚି ରହିଥିବା ମାନବୀୟ ଐକ୍ୟ ସଂହତିର ଉଚ୍ଚ ଆଦର୍ଶକୁ ଖୋଜି ଆପଣେଇ ନେବାର ପ୍ରକୃତ ସମୟ ଆସି ଯାଇଛି ।

# ଭୁଞ୍ଜିଆଙ୍କ ଭୂଗୋଳ



# ନୂଆପଡ଼ା ଜିଲ୍ଲାର ଚୁକ୍‌ଟିଆ-ଭୁଞ୍ଜିଆ ଜନଜାତି


## ମିୟୋଗ ରଞ୍ଜନ ପାତ୍ର

କୋମନା, ନୂଆପଡ଼ା-୭୬୬୧୦୬
ଫୋନ:୯୪୩୭୬୩୯୭୨୨


ଫଟୋ ସୌଜନ୍ୟ : ଅବିନାଶ ପ୍ରଧାନ/ ଲୋହିତାକ୍ଷ ଯୋଷୀ

ହଜାର ହଜାର ବର୍ଷ ପୂର୍ବରୁ ମଣିଷର ଜୀବନ ଶୈଳୀ କିପରି ଥିଲା, ତା ପରମ୍ପରା, ତା ସଂସ୍କୃତି କିପରି ଥିଲା, ତା ଆହାର କ'ଣ ଥିଲା, ସେ କିଭଳି ବାସ ଗୃହରେ ରହୁଥିଲା, ସେ କାହାକୁ ପୂଜା କରୁଥିଲା, ସାମୂହିକ ଭାବରେ ତା ସଭ୍ୟତା କିପରି ଥିଲା; ଏସବୁ ପ୍ରଶ୍ନର ସମସ୍ତ ଉତ୍ତର ଇତିହାସରେ ଲିପିବଦ୍ଧ ହୋଇ ନାହିଁ। ଅନେକ ଉତ୍ତର ରହିଯାଇଛି ଆଦିବାସୀମାନଙ୍କ ଜୀବନରେ, ତାଙ୍କର ଆଦିମତା ଭିତରେ। ତେଣୁ ଗବେଷଣା ଯେତେବେଳେ ତାଙ୍କ ଆଡ଼କୁ ଆଗେଇଲା ସେତେବେଳେ ଦୁନିଆଁକୁ ନୂତନ ଓ ରୋଚକ ତଥ୍ୟର ସାମ୍ନା କରିବାକୁ ପଡ଼ିଲା। ଜୀବନ ତଥାବିଶ୍ୱ ଦର୍ଶନର ନୂତନ ସଂଜ୍ଞା ମିଳିଲା। ଆଦିମ ଆଦିବାସୀ ସଭ୍ୟତାର ଆରମ୍ଭରେ ଜୀବନର ବିସ୍ତୀର୍ଣ୍ଣ ମାନସିକତାରୁ କ୍ରମଶଃ ଉତ୍ତର ଆଧୁନିକ ସଭ୍ୟତାର ସଂକୀର୍ଣ୍ଣତା ମଧ୍ୟରେ ମନୁଷ୍ୟର କେତେ ଉତ୍ଥାନ ଓ କେତେ ପତନ ହୋଇଛି; ସବୁଥିର ତଥ୍ୟ ଆଖିଆଗରେ ସେତେବେଳେ ଦେଖାଗଲା ଯେତେବେଳେ ଆଦିବାସୀମାନଙ୍କୁ ଉତ୍ତର ଆଧୁନିକ ମନୁଷ୍ୟ ସହ ଠିଆ କରି ଦିଆଗଲା। ଉତ୍ତର ଆଧୁନିକ ମନୁଷ୍ୟ ଯେତେବେଳେ ନିଜର ଅସ୍ତିତ୍ୱ ଓ ଭବିଷ୍ୟତକୁ ନେଇ ଅନିଶ୍ଚିତତା ଓ ସନ୍ଦେହ ମଧ୍ୟରେ ଘାଣ୍ଟି ଚକଟି ହେଲା ସେତେବେଳେ ଜୀବନ ଓ ସଂସ୍କୃତିରେ ଭରପୁର ଆଦିବାସୀଙ୍କ ଠୁ ଗ୍ରହଣ କରିବାକୁ ପଡ଼ିଲା ପ୍ରକୃତି ସହ ବଞ୍ଚି ରହିବାର କଳାକୁ, ଜୀବନ ଧାରଣର ସଂଘର୍ଷକୁ ତଥା ଅନେକ ଆଦିମ ଗୁଣମାନଙ୍କୁ।

ଏଇ ଆଦିମ ପଣିଆର ଏକ ଜନ୍ମସ୍ଥଳୀ ହେଉଛି ଭାରତ ଓ ତାର ତୀର୍ଥସ୍ଥାନ ହେଉଛି ଭାରତର ଐତିହାସିକ ଗୋଣ୍ଡୱାନା ଅଞ୍ଚଳ। ଭୂତତ୍ତ୍ୱବିତ୍ ମାନଙ୍କ ଦ୍ୱାରା ପ୍ରସ୍ଥାପିତ ସୁପର କଣ୍ଟିନେଣ୍ଟ୍ ଗୋଣ୍ଡୱାନା ଲ୍ୟାଣ୍ଡର ନାମକରଣ ଏଇ ଅଞ୍ଚଳକୁ ନେଇ। ଏହା ଆଦିବାସୀପ୍ରବଣ ଓ ବର୍ତ୍ତମାନ ଓଡ଼ିଶା, ଛତିଶଗଡ଼, ମଧ୍ୟପ୍ରଦେଶ, ମହାରାଷ୍ଟ୍ରର ବିଭିନ୍ନ ଅଞ୍ଚଳ ଏହାରି ଭିତରେ। ପ୍ରାକୃତିକ ସମ୍ବଳରେ ପରିପୂର୍ଣ୍ଣ ଏଇ ଅଞ୍ଚଳରେ ଓଡ଼ିଶାର ପଶ୍ଚିମ ଭାଗ ସମ୍ପୂର୍ଣ୍ଣ ରୂପରେ, ଦକ୍ଷିଣ ଓ ମଧ୍ୟଭାଗ ଅନେକ ଅଂଶ ଆସିଥାଏ।

୧୯୯୩ ମସିହାରେ ଯେତେବେଳେ ଓଡ଼ିଶାରେ ୧୩ ଜିଲ୍ଲାରୁ ୩୦ ଜିଲ୍ଲା ଗଠନ ହେଲା ସେଇ ସମୟରେ କଳାହାଣ୍ଡିରୁ ଭାଗ ହୋଇ ନୂଆପଡ଼ା ଜିଲ୍ଲା ସୃଷ୍ଟି ହେଲା। ସେତେବେଳେ ଏଇ ଜିଲ୍ଲାର ଲୋକେ ବ୍ୟଙ୍ଗରେ କହିଲେ କନ୍ଧ ଦେଶ କଳାହାଣ୍ଡି ଓ ଗଣ୍ଡ(ଗଣ୍)ଦେଶ ନୂଆପଡ଼ା ଅଲଗା ଅଲଗା ହେଲେ। ଏବେ ମଧ୍ୟ ସେଇ କଥାଟି ଗାଁମାନଙ୍କରେ ପ୍ରଚଳିତ। ତେବେ କଥାଟିର ଏକ ସାଂସ୍କୃତିକ ମହତ୍ତ୍ୱ ରହିଛି। ପ୍ରକୃତରେ ଦେଖିବାକୁ ଗଲେ କଳାହାଣ୍ଡି ଜିଲ୍ଲାର ସଂସ୍କୃତି ଓ ନୂଆପଡ଼ା ଜିଲ୍ଲାର ସଂସ୍କୃତି (ସାମାନ୍ୟ ଠାରୁ ଅନେକ ମାତ୍ରା ଯାଏଁ) ଯଥାକ୍ରମେ କନ୍ଧ ପ୍ରଭାବିତ ଓ ଗଣ୍ ପ୍ରଭାବିତ। ଏହି ପ୍ରଭାବ ଯେ କେବଳ ଅନ୍ୟ ସମ୍ପ୍ରଦାୟ ଉପରେ ନୁହଁ, ଖୋଦ୍ ଆଦିବାସୀମାନଙ୍କ ଉପରେ ମଧ୍ୟ ପଡ଼ିଛି। ଏହି ଦୁଇ ଜିଲ୍ଲାକୁ ନିରେଖି ଦେଖିଲେ ଏହା ସତ୍ୟ ମନେ ହେବ କିନ୍ତୁ ଏହାର ଏକ ଅନ୍ୟ ପକ୍ଷ ମଧ୍ୟ ରହିଛି। ଯେତେବେଳେ ନୂଆପଡ଼ା ଜିଲ୍ଲାର ଚୁକ୍‌ଟିଆ-ଭୁଞ୍ଜିଆମାନଙ୍କୁ ଆମେ ଲକ୍ଷ୍ୟ କରିବା ସେତେବେଳେ ପୂର୍ବୋକ୍ତ କିଛି କଥାର ଅନ୍ୟ ପକ୍ଷଟି ଜଳଜଳ ହୋଇ ସାମ୍ନାକୁ ଆସିଯିବ। ନୂଆପଡ଼ା ଜିଲ୍ଲାର ଆଦିବାସୀ ପରମ୍ପରାରେ ପ୍ରତ୍ୟେକ ଆଦିବାସୀ ଜନଜାତିଙ୍କ ଏକ ସ୍ୱାତନ୍ତ୍ର୍ୟ ରହିଛି ଏବଂ ଏହି ସ୍ୱାତନ୍ତ୍ର୍ୟମାନଙ୍କର ସମାହାରରେ ହିଁ ଏଠାକାର ତଥାକଥିତ ଗଣ୍ ଅଞ୍ଚଳର ପରମ୍ପରାର ସୃଷ୍ଟି।

### ଜନସମ୍ପଦ

ଓଡ଼ିଶାରେ ବସବାସ କରୁଥିବା ୬୨ ଜନଜାତି ମଧ୍ୟରୁ ପ୍ରାୟ ୧୦ ଗୋଟି ଜନଜାତିଙ୍କର ବସତି ନୂଆପଡ଼ା ଜିଲ୍ଲାରେ। ଜିଲ୍ଲାର ପ୍ରାୟ ଏକ ତୃତୀୟାଂଶ ଆଦିବାସୀ। ଏଠିକାର ୬୦୦ ବର୍ଗ କି.ମି ପରିବେଷ୍ଟିତ ଜଙ୍ଗଲ ଓ ବନ୍ୟ ଜୀବଜନ୍ତୁରେ ଭର୍ତ୍ତି ସୁନାବେଡ଼ା ଅଭୟାରଣ୍ୟର ଘଞ୍ଚ ଜଙ୍ଗଲ ମଝିରେ ଚୁକ୍‌ଟିଆ-ଭୁଞ୍ଜିଆମାନଙ୍କର ଏକ କ୍ଷୁଦ୍ର ପୃଥିବୀଟିଏ ରହିଛି ବୋଲି ଖୁବ୍ କମ ଲୋକଙ୍କୁ ଜଣା। ଏଇ ଜନଜାତି ଏକ ଆଦିମ ଜନଜାତି ଓ ବର୍ତ୍ତମାନ ବିପଦଶଙ୍କୁଳ ଅବସ୍ଥାରେ ତେଣୁ ଭାରତ ସରକାରର Particularly Vulnerable Tribal Groups (PVTG) ମଧ୍ୟରେ ଏହାକୁ ସ୍ଥାନିତ କରାଯାଇଛି। ଚୁକ୍‌ଟିଆ-ଭୁଞ୍ଜିଆମାନଙ୍କର ଜନସଂଖ୍ୟା ବର୍ତ୍ତମାନ ପାଖାପାଖି ତିନିହଜାର ଓ ନୂଆପଡ଼ା ଜିଲ୍ଲା କୋମନା ବ୍ଲକର ସୁନାବେଡ଼ା ଅଞ୍ଚଳ ଏମାନଙ୍କ ବାସସ୍ଥାନ। ସମ୍ପ୍ରଦାୟର କିଛି ଲୋକସଦର ବ୍ଲକ ତଥା ବୋଡ଼େନ ବ୍ଲକରେ ମଧ୍ୟ ବସବାସ କରନ୍ତି।

### ଚୁକ୍‌ଟିଆ

ଭୁଞ୍ଜିଆମାନେ ଭୁଞ୍ଜିଆ ସମ୍ପ୍ରଦାୟର ଏକ ବିଶେଷ ସମ୍ପ୍ରଦାୟ। ଭୁଞ୍ଜିଆମାନଙ୍କ ଅନ୍ୟ ଏକ ସମ୍ପ୍ରଦାୟ ଚିନ୍ଦାଭୁଞ୍ଜିଆମାନଙ୍କ ଆସ୍ଥାନ ମଧ୍ୟ ନୂଆପଡ଼ା ଜିଲ୍ଲା। ସମସ୍ତ ଭୁଞ୍ଜିଆମାନଙ୍କର (ଚୁକ୍‌ଟିଆ-ଭୁଞ୍ଜିଆ ଓ ଚିନ୍ଦା-ଭୁଞ୍ଜିଆ) ତିନି ଚତୁର୍ଥାଂଶ କେବଳ ନୂଆପଡ଼ା ଜିଲ୍ଲାରେ ହିଁ ଦେଖାଯାଆନ୍ତି।



▲ ଲେଖକ ମିୟୋଗ ରଞ୍ଜନ ପାତ୍ର



ଘର

ଚିନ୍ଦା-ଭୁଞ୍ଜିଆମାନେ ସମତଳ ଅଞ୍ଚଳରେ ରହି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବା ସହ ଜିଲ୍ଲାର ଅନେକ ଅଞ୍ଚଳରେ ସାଧାରଣ ଲୋକମାନଙ୍କ ସହ ବସବାସ କରି ସାରିଲେଣି କିନ୍ତୁ ଚୁକ୍‌ଟିଆ-ଭୁଞ୍ଜିଆମାନେ ପାର୍ବତ୍ୟାଞ୍ଚଳରେ ରହିବା ସହ ନିଜର ପରମ୍ପରା ଓ ସଂସ୍କୃତି ସହ ଏବେ ମଧ୍ୟ ଜଡ଼ିତ ଏବଂ କେତୋଟି ନିର୍ଦ୍ଦିଷ୍ଟ ଅଞ୍ଚଳରେ ହିଁ ସୀମିତ । ତେଣୁ ମୁଖ୍ୟସ୍ରୋତ ସହ ତାଙ୍କର ସମ୍ପର୍କ ଟିକିଏ କମ ରହିବା ସ୍ୱାଭାବିକ ।

'ଭୁଞ୍ଜିଆ' ଶବ୍ଦର ଉତ୍ପତ୍ତିକୁ ଅନୁଧ୍ୟାନ କଲେ ଜଣାପଡ଼େ ଯେ ଏହା ଭୂମି ବା ପୃଥିବୀ ସହ ସମ୍ପୃକ୍ତ । ଅର୍ଥାତ (ଭୁଞ୍ଜିଆ – ଭୂମିରୁ ଜାତ ବା ଭୂମିରୁ ଯାହାର ଉତ୍ପତ୍ତି ବା ଭୂମିସହ ଯାହାର ସମ୍ପୃକ୍ତି) ପ୍ରାୟତଃ ସମସ୍ତ ଭାରତୀୟ ଆଦିବାସୀ ଜୀବନର ଯେଉଁଭଳି ଭୂମି ବା ପୃଥିବୀ ବା ମାଟି ପ୍ରତି ପରମ୍ପରାଗତ ଓ ସାଂସ୍କୃତିକ ତଥା ଧାର୍ମିକ ସମ୍ପର୍କ ରହିଛି, ଏଇ ସମ୍ପ୍ରଦାୟ ମଧ୍ୟ ସେଥିରୁ ବାଦ୍ ଯାଇନାହିଁ । ଅନ୍ୟ ଶବ୍ଦରେ କହିବାକୁ ଗଲେ ଏମାନଙ୍କ ଜୀବନ ଦର୍ଶନ ପ୍ରକୃତିନେଇ ତିଆରି ହୋଇଛି । ଚୁକ୍‌ଟିଆ-ଭୁଞ୍ଜିଆମାନଙ୍କ ଭାଷା ପାଖାପାଖି ହଲ ବୀ ଭାଷା (ଓଡ଼ିଆ, ହିନ୍ଦୀ ଓ ମରାଠୀର ମଝାମଝି) ସହ ସମାନ ଭଳି ମନେହୁଏ । ଏହାକୁ କେହିକେହି ଭୁଞ୍ଜିଆ ଭାଷା ମଧ୍ୟ କୁହନ୍ତି । ଏମାନଙ୍କ ଭାଷା ମୌଖିକ ଏବଂ ଏହାର କୌଣସି ଲିପି ନାହିଁ । କୌଣସି ଲିପି ନଥାଇ ମଧ୍ୟ ଏଇ ଭାଷାରେ ଅନେକ ଲୋକକଥା, ଲୋକଗୀତ ଓ ଲୋକକାବ୍ୟ ଗୁଡ଼ିକ ରହିଛି । ଏଇ ସମ୍ପ୍ରଦାୟର 'ଗୁରୁମାଇ' (ପୂଜାରିଣୀ) ସୁନାଦେଇ ଯାତ୍ରା ସମୟରେ ଦୀର୍ଘ ପନ୍ଦର ଦିନ ଧରି ଏଇ ଲୋକକାହାଣୀ ସବୁକୁ ଗାଇ ଲୋକଙ୍କୁ ଶୁଣେଇଥାନ୍ତି ।

ଚୁକ୍‌ଟିଆ-ଭୁଞ୍ଜିଆମାନେ ସୁନାବେଡ଼ା ଅଞ୍ଚଳର ୨୪ଟି ଗ୍ରାମରେ ବସତି ସ୍ଥାପନ କରିଛନ୍ତି । ଏଇ ଚବିଶଟି ଗ୍ରାମକୁ ଚବିଶ ଟିକ୍ରି କୁହାଯାଏ । ପ୍ରତ୍ୟେକ ଟିକ୍ରିର ଗୋଟିଏ ଲେଖାଏଁ ଗ୍ରାମ ଓ ଏହାର ଧାର୍ମିକ ମହତ୍ତ୍ୱ ମଧ୍ୟ ରହିଛି । କୁହା ଯାଇପାରେ ଯେ ପ୍ରତିଟି ଟିକ୍ରି ଏକ ପ୍ରକାରର ଧର୍ମୀୟ ପ୍ରଶାସନ ବ୍ୟବସ୍ଥା । ଏକଦା ଏଇ ଚବିଶ ଟିକ୍ରିକୁ ନେଇ ଗୁଡ଼ାଗଡ଼ ଗଠିତ ହେଇଥିଲା ଯାହା ତତ୍କାଳୀନ ଖଡ଼ିଆଳ ଜମିଦାରୀର ଅଂଶ ବିଶେଷ ଥିଲା । ବିଭିନ୍ନ ଧାର୍ମିକ ପର୍ବମାନଙ୍କରେ ଏଇ ଚବିଶ ଟିକ୍ରିର ଲୋକେ ଏକତ୍ରିତ ହୋଇଥାଆନ୍ତି ।

## ସୁନାଦେଇ

ଚୁକ୍‌ଟିଆ-ଭୁଞ୍ଜିଆମାନଙ୍କ ପ୍ରାଣ କେନ୍ଦ୍ର ହେଉଛନ୍ତି ମାସୁନାଦି । କ୍ରମଶଃ ଏଇ 'ସୁନାଦି' ଶବ୍ଦ ଅପଭ୍ରଂଶ ହୋଇ 'ସୁନାଦେଇ' ହୋଇଛି । ଯଦିଓ ଚୁକ୍‌ଟିଆ-ଭୁଞ୍ଜିଆମାନଙ୍କ ଚବିଶ ଟିକ୍ରିରେ ଅନେକ ଦେବାଦେବୀ ରହିଛନ୍ତି କିନ୍ତୁ ସୁନାଦେଇ ସମସ୍ତଙ୍କ ମଧ୍ୟରେ ପ୍ରମୁଖ ଓ ସୁନାବେଡ଼ା ଅଞ୍ଚଳର ମଧ୍ୟ ଇଷ୍ଟଦେବୀ । ଏହି ଅଞ୍ଚଳର ପ୍ରତିଟି ଗ୍ରାମରେ ଯେତିକି ଦେବାଦେବୀ ଅଛନ୍ତି ସମସ୍ତେ ସୁନାଦେଇଙ୍କର ସମ୍ପର୍କୀୟ । ସୁନାଦେଇ ଯେ କେବଳ ମନୁଷ୍ୟମାନଙ୍କ ରକ୍ଷଣାବେକ୍ଷଣ ଦାୟିତ୍ୱ ନେଇଛନ୍ତି ତାହା ନୁହଁ ଏଠିକାର ଗଛ ଲତା, ନଈ, ପଶୁ, ପକ୍ଷୀ ସମସ୍ତଙ୍କ ଦାୟିତ୍ୱ ତାଙ୍କର ବୋଲି ଲୋକଙ୍କ ବିଶ୍ୱାସ ।

ଅନେକ ଅଣ ଆଦିବାସୀ ପରମ୍ପରାମାନଙ୍କରେ ଯେମିତି ଦେବାଦେବୀମାନଙ୍କର ମନୁଷ୍ୟ ସ୍ୱରୂପ ଓ ଆକାର ଥାଏ, ସେମିତି ସୁନାଦେଇଙ୍କ କୌଣସି ଆକାର ନାହିଁ, ଚିତ୍ର ନାହିଁ, ମନୁଷ୍ୟ ରୂପ ଥିବା କୌଣସି ମୂର୍ତ୍ତି କିମ୍ବା ପ୍ରତିମା ନାହିଁ । ତାଙ୍କ ଅସ୍ଥାନରେ ଏକ ଖଡ୍‌ଗ ଓ ଖୁଣ୍ଟ ପୋତା ହୋଇଛି । ଏଇ ଖଡ୍‌ଗକୁ ହିଁ ଏକ ପ୍ରକାରର ଦେବୀଙ୍କ ସ୍ୱରୂପ କୁହା ଯାଇପାରେ ।

ଲୋକକଥା ଅନୁଯାୟୀ ସୁନାଦେଇ ଏକଦା ଏକ ମନୁଷ୍ୟ ଥିଲେ, ଏବେ ମଧ୍ୟ ଏଠିକାର ଲୋକଙ୍କ ମଧ୍ୟରେ ବସବାସ କରୁଛନ୍ତି । ପରମ୍ପରା ଅନୁଯାଇ ସିଏ ଦିହାରୀ ଦେହରେ ପ୍ରବେଶ କରନ୍ତି ଓ ଲୋକଙ୍କ ନିକଟରେ ଆବିର୍ଭାବ ହୁଅନ୍ତି । ଲୋକେ ତାଙ୍କୁ ନିଜ ନିଜର ଆପତ୍ତି ତଥା ଅଭିଯୋଗ ଜଣାନ୍ତି ।

## କିମ୍ବଦନ୍ତୀ ଓ ଲୋକକଥା

ଚୁକ୍‌ଟିଆ-ଭୁଞ୍ଜିଆ ପରମ୍ପରାରେ ଅନେକଗୁଡ଼ିଏ କାହାଣୀ ରହିଛି କିନ୍ତୁ ସୁନାଦେଇ ଓ ତାଙ୍କ ପରିବାରର କାହାଣୀର ବିଶେଷ ମହତ୍ତ୍ୱ ରହିଛି । କାରଣ ଏଇ ପରିବାରର ସମସ୍ତେ ଚୁକ୍‌ଟିଆ-ଭୁଞ୍ଜିଆମାନଙ୍କ ଦ୍ୱାରା ପୂଜିତ ଓ ତାଙ୍କର ସାଂସ୍କୃତିର ଆରମ୍ଭ ଏଇ ପରିବାରକୁ ନେଇ । ଗୁରୁମାଇ ସୁନାଦେଇ ଯାତ୍ରା ସମୟରେ ଯେଉଁ ଗୀତଗୁଡ଼ିକ ଗାନ କରେ ସେଇଥିରେ କାହାଣୀଗୁଡ଼ିକ ଆଖି ସାମ୍ନାରେ ଝଲସି ଗଲା ପରି ମନେହୁଏ ।

ଏଇ ଅଞ୍ଚଳରେ ଏକଦା ବାରଭାଇ ଓ ଗୋଟିଏ ଭଉଣୀ ଦୁଶିଲା ବାସ

କରୁଥିଲେ । ତାଙ୍କ ଜୀବିକା ଥିଲା ଶୀକାର କରିବା । ପ୍ରତ୍ୟେକ ଦିନ ସେମାନେ ବିଭିନ୍ନ ଜନ୍ତୁର ମାଂସ ଆଣି ନିଜଘରେ ଅଲଗା ଅଲଗା କୋଠରୀରେ ରଖୁଥିଲେ ଏବଂ ଦୁଶିଲା ମାଂସ ରୋଷେଇ କରି ପରସୁଥିଲା । ହେଲେ ଦୁଶିଲାକୁ ଗୋଟିଏ କୋଠରୀ ବାରଣ ଥିଲା । କାରଣ ସେଇ କୋଠରୀରେ ବାର୍ହା ମାଂସ ଥିଲା ଏବଂ ତାକୁ ପୋଡ଼ିଲେ ତା ମୋଟା ଚର୍ବି ତରଳି ନିଆଁ ଲିଭି ଯିବାର ସମ୍ଭାବନା ଥିଲା । ସେଇ ସମୟରେ ନିଆଁଜାଳିବା ଅତି କଠିନ ଥିଲା ତେଣୁ ସବୁବେଳେ କାଠକୁ ଅଗ୍ନି ଭିତରକୁ ପକେଇ ଏକ ଅନନ୍ତ ଅଗ୍ନିର ବ୍ୟବସ୍ଥା ଭାଇମାନେ କରିଥିଲେ । ଦିନେ କୌତୁହଳବଶତଃ ଭାଇମାନଙ୍କ ଅନୁପସ୍ଥିତିରେ ଦୁଶିଲା ବାର୍ହାମାଂସ ପୋଡ଼ିବାକୁ ଚେଷ୍ଟାକଲା ଓ ନିଆଁ ଲିଭିଗଲା । ଦୁଶିଲା ନୂତନ ଅଗ୍ନି ସନ୍ଧାନରେ ଜଙ୍ଗଲ ସାରାବୁଲିଲା ଓ ଏକ ତପସ୍ୟା କରୁଥିବା ବ୍ରାହ୍ମଣ ନିକଟରେ ଅଗ୍ନିର ସନ୍ଧାନ ପାଇଲା ।

ଏପଟେ ଭାଇମାନେ ଦୁଶିଲାକୁ ଘରେ ନ ପାଇ ଜଙ୍ଗଲ ସାରା ଖୋଜିଲେ ଏବଂ ଖୋଜିଖୋଜି ବ୍ରାହ୍ମଣ ନିକଟରେ ପହଞ୍ଚିଲେ । ବ୍ରାହ୍ମଣ କିନ୍ତୁ ଦୁଶିଲା କଥା ପଚାରିବାରୁ ନ ଜାଣିଲା ଭଳି ଅଭିନୟ କଲା । ଭାଇମାନେ ସନ୍ଦେହକଲେ ଓ ବ୍ରାହ୍ମଣ ତପସ୍ୟା କରୁଥିବା ସ୍ଥାନ ନିକଟରେ ଥିବା ଗୁରୁ ଦ୍ୱାରରୁ ପଥର ହଟେଇ ଦେଖିଲେ ଯେ ଦୁଶିଲା ସେଠିବନ୍ଦୀ ହୋଇ ଅଛି । ପରେସେମାନେ ବ୍ରାହ୍ମଣକୁ ହତ୍ୟାକରି ସେଠି ତା କଙ୍କାଳକୁ ଝୁଲେଇ ଦେଲେ । ସେଇସ୍ଥାନ 'ଗିରିବ୍ରାହ୍ମଣ' ନାମରେ ପରିଚିତ ଯାହା ବର୍ତ୍ତମାନର 'ଗିରିବାମନ' ନାମ ଧାରଣ କରିଅଛି ।

ଘରେ ଆସି ଦୁଶିଲା ପହଁଞ୍ଚିଲା ପରେ ଜଣା ପଡ଼ିଲା ଯେ ସିଏବ୍ରାହ୍ମଣ ଦ୍ୱାରା ଗର୍ଭବତୀ । କିଛିମାସ ପରେ ତା ଔରସରୁ ଦୁଇ ଯମଜ ସନ୍ତାନ ଜନ୍ମନେଲେ;



ବୁଢ଼ାଦେଓ (ବୁଢ଼ାରଜା) ଓ ସୁନାଦି (ସୁନାଦେଇ) । ଦୁଇଭାଇ ଭଉଣୀ 'ବୁଢ଼ାରଜା ପାହାଡ଼'ରେ ରହି ବଡ଼ ହେଲେ ।

ସୁନାଦି ଥରେ ଖଲାରୀ ଦେବୀଙ୍କ (ବର୍ତ୍ତମାନ ଛତିଶଗଡ଼ରେ ପୂଜିତ) ଯାତ୍ରା ଦେଖିବାକୁ ଯାଇଥିଲେ ଓ ଯୁବକକୁ ମାରଦେଓଙ୍କ ପ୍ରେମରେ ପଡ଼ି ସେଇଠି ହିଁ ରହିଗଲେ । ଦୁହିଁଙ୍କର ଏକ ପୁତ୍ରସନ୍ତାନ ଜାତ ହେଲା ଓ ତାର ନାମ ଭୀମା ରଖାଗଲା । ହେଲେ ଖଲାରୀ ଦେବୀଙ୍କୁ ସୁନାଦିଙ୍କ କିଛି କାର୍ଯ୍ୟ ପସନ୍ଦ ଆସିଲା ନାହିଁ । ତେଣୁ ସେ ସୁନାଦିଙ୍କୁ ତାଙ୍କ ଅଞ୍ଚଳ ଛାଡ଼ିବାକୁ ଆଦେଶ ଦେଲେ । ସୁନାଦି ନିଜ ପୁଅ ଭୀମା ସହ ସୁନାବେଢ଼ା ଫେରିଲେ । ହେଲେ ଭାଇ ବୁଢ଼ାଦେଓଙ୍କ କ୍ରୋଧର ଶୀକାର ହେଲେ । ନିଜ ଅଞ୍ଚଳ ତ୍ୟାଗ କରି କୁମାର ଦେଓଙ୍କୁ ବିବାହ କରିଥିବାରୁ ବୁଢ଼ା ଦେଓ, ସୁନାଦିଙ୍କୁ ବିତାଡ଼ିତ କଲେ । କିନ୍ତୁ



ଏକ ସର୍ତ୍ତ ମଧ୍ୟ ରଖିଦେଲେ ଯେ ଯଦି ସୁନାଦି ମାଟିରୁ ସୁନା ଉତ୍ପାଦନ କରି ପାରିବେ ତାହେଲେ ଯାଇ ସିଏ ତାଙ୍କୁ ଭଗିନୀ ଭାବରେ ଗ୍ରହଣ କରିବେ । ସୁନାଦି ଭୀମାକୁ ବୁଢ଼ାଦେଓଙ୍କ ପାଖରେ ଛାଡ଼ିଦେଇ ନିଜେ ଧଳାଶାଢ଼ି ପିନ୍ଧି ଜଙ୍ଗଲ ମଧ୍ୟକୁ ତପସ୍ୟା କରିବାକୁ ଚାଲିଗଲେ ।

ଭୀମା ବଡ଼ ହେଲା ପରେ ବୁଢ଼ାଦେଓଙ୍କ ଝିଅକୁ ବିବାହ କଲେ (ଏହି ଜନଜାତିରେ ଥିବା ପିଉସି ଝିଅ ବା ମାମୁଁ ଝିଅ ସହ ବିବାହ ଚଳଣିର ଏହା ଏକ ଉଦାହରଣ) ଓ ବୁଢ଼ାଦେଓଙ୍କ ଠୁ ଉପହାର ପାଇଥିବା ୧୨ ଗୋଟି ଗ୍ରାମ ଜମିରେ ଚାଷ ଆରମ୍ଭ କଲେ । ଏକଦା ହଳ କଲାବେଳେ ସେ ନଙ୍ଗଳରେ ରକ୍ତ ଲାଗିଥିବା ଦେଖିଲେ । ପରେ ସେ ଜାଣି ପାରିଲେ ଯେ ମା ସୁନାଦି ମାଟି ଭିତରେ ତପସ୍ୟା କରୁଥିବା ସମୟରେ ନଙ୍ଗଳ ତାଙ୍କ ଦିହରେ ବାଜି ରକ୍ତ ବାହାରିଛି । ମାଟି ଖୋଳିଲା ପରେ ସେଇ ସ୍ଥାନରେ ଏକ ପଥର ବାହାରିଲା ଓ ତାକୁ ଏକ ବରଗଛ ନିକଟରେ ରଖି ସୁନାଦିଙ୍କୁ ପୂଜା କରାଗଲା । ଏବେ ମଧ୍ୟ ସେଇ ପଥର ରହିଛି ଓ ସୁନାଦିଙ୍କୁ ସେଇଠି ପୂଜା କରାଯାଏ ।

ଏକ କିମ୍ବଦନ୍ତୀକୁ ଅନୁଧ୍ୟାନ କଲେ ଜଣାଯାଏ ଯେ ଚୁକ୍‌ଟିଆ-ଭୁଞ୍ଜିଆମାନେ ଯେ ଗଣ୍ଡମାନଙ୍କର ଏକ ଶାଖା । କାହାଣୀ ଅନୁଯାଇ ଥରେ ସାତ ଜଣ ଗଣ୍ଡଭାଇ ଏଇ ଅଞ୍ଚଳକୁ ଏକ ସମ୍ବରର ଅନୁସରଣ କରି ଚାଲି ଆସିଲେ ଓ ଏଠିକାର ଗୁଡ଼ାଗଡ଼ିଆ ଧୁରୁଆର ସାତ ଝିଅଙ୍କୁ ବିବାହ କରି ଏଇଠି ରହିଗଲେ । ପରେ ସବୁଠାରୁ ସାନ ଭାଇ ଦେହରେ ସୁନାଦି ପ୍ରବେଶ କରି ଜଣେଇଲେ ଯେ ସମ୍ବରଟି ସେ ନିଜେ ଥିଲେ ଏବଂ ଏଇ ସାତଭାଇଙ୍କୁ ସେ ଡାକି ଆଣିଛନ୍ତି । ଏତଦ୍‌ବ୍ୟତୀତ ସେଇ ସାତଭାଇଙ୍କୁ ସୁନାଦି ଲାଲବଙ୍ଗଳା ତିଆରି ଓ ତା ନିୟମ ବିଷୟରେ ଅବଗତ କଲେ ଏବଂ ତାଙ୍କୁ ପୂଜା କରିବା ବିଧି ସହ ସମସ୍ତଙ୍କୁ ଗୋଟିଏ ଲେଖାଏଁ ଦାୟିତ୍ୱ ଦେଲେ । ଏଇ ସାତଭାଇ ଏକ 'ଚୋକ୍'ରେ ରହିଲେ । ତେଣୁ ସେମାନଙ୍କୁ ଚୋକ୍‌ଟିଆ-ଭୁଞ୍ଜିଆ ବା ଚୁକ୍‌ଟିଆ-ଭୁଞ୍ଜିଆ କୁହାଗଲା । ବୁଢ଼ାଦେଓ, ସୁନାଦି, ଭୀମା, ଭୀମାଙ୍କ ସ୍ତ୍ରୀ କନ୍ଧେନ, ବୁଢ଼ିମାଇ, ପାଟ୍‌ଗୁରୁ ଇତ୍ୟାଦି ଅନେକ ଦେବାଦେବୀଙ୍କୁ ଚୁକ୍‌ଟିଆ-ଭୁଞ୍ଜିଆମାନେ ପୂଜା କରନ୍ତି ।

ଗଣ୍ଡମାନଙ୍କ ମଧ୍ୟରେ ବିଶ୍ୱାସ ରହିଛି ଯେ ଭୁଞ୍ଜିଆମାନେ ତାଙ୍କର ପୂର୍ବଜ ଥିଲେ ଏବଂ ଭୁଞ୍ଜିଆମାନେ ମଧ୍ୟ ନିଜକୁ ଗଣ୍ଡମାନଙ୍କର ଶାଖା ବୋଲି ମାନନ୍ତି । ବୁଢ଼ାଦେଓ ସମେତ ଅନେକ ଦେବତାଙ୍କୁ ଗଣ୍ଡମାନେ ମଧ୍ୟ ନିଜ ଦେବତା

ମାନନ୍ତି ।

## ଲାଲବଙ୍ଗଲା


ସୁନାଦେଇଙ୍କ ପଥର

ଅନେକ ବର୍ଷ ଧରି ଗବେଷକମାନଙ୍କୁ ଚୁକ୍‌ଟିଆ-ଭୁଞ୍ଜିଆମାନଙ୍କ ଲାଲବଙ୍ଗଲା ଆକୃଷ୍ଟ କରି ରଖିଛି । ଯେକେହି ସୁନାବେଡ଼ା ଅଞ୍ଚଳ ପରିଦର୍ଶନ କରିବାକୁ ଯାଇଛି ଲାଲବଙ୍ଗଲା ନିକଟରେ କିଛି ସମୟ ପାଇଁ ନିଶ୍ଚିତ ଭାବରେ ଅଟକିଛି । ଲାଲବଙ୍ଗଲା ପରମ୍ପରା ପ୍ରମାଣିତ କରେ ଯେ ଚୁକ୍‌ଟିଆ-ଭୁଞ୍ଜିଆମାନେ ଅନ୍ୟ ଆଦିବାସୀଙ୍କ ଠୁ ସ୍ୱତନ୍ତ୍ର । ଲୋକଙ୍କ ବିଶ୍ୱାସ ଯେ ସୁନାଦେଇ ତଥା ଅନ୍ୟ ଦେବାଦେବୀଙ୍କର ପ୍ରକୃତ ନିବାସ ସ୍ଥାନ ଏଇ ଲାଲବଙ୍ଗଲା । ଚୁକ୍‌ଟିଆ-ଭୁଞ୍ଜିଆମାନଙ୍କ ରୋଷେଇ ସ୍ଥଳଘର ଠୁ ସାମାନ୍ୟ ଦୂରରେ ଅଲଗା ତିଆରି କରାଯାଇଥାଏ । ଏହା ମାଟିରେ ତିଆରି, ଲାଲ ରଙ୍ଗର ଓ ଏହାର ଛାତ ଏକ ବିଶେଷ ପ୍ରକାରର ଘାସରେ ପ୍ରସ୍ତୁତ । ରୋଷେଇ ଘର ଭିତରକୁ ଘରର ସଦସ୍ୟଙ୍କ (ସ୍ୱଗୋତ୍ରିୟ) ବ୍ୟତୀତ ଅନ୍ୟ କାହାରି ମଧ୍ୟ ପ୍ରବେଶ ନିଷେଧ । ନିଜ ପରିବାରରୁ ବିବାହିତ ହୋଇ ଯାଇଥିବା ଝିଅ ମଧ୍ୟ ଏହା ଭିତରକୁ ପ୍ରବେଶ କରିପାରନ୍ତି ନାହିଁ । ଯଦି କାହା ଦ୍ୱାରା ଅଜାଣତରେ ପ୍ରବେଶ ବା ସ୍ପର୍ଶ ସୁଦ୍ଧା ହୋଇଗଲେ ରୋଷେଇ ଘରକୁ ପୋଡ଼ି ନଷ୍ଟ କରି ଦିଆଯାଏ ଓ ନୂତନ ଘର ତିଆରି କରାଯାଏ । ଅନ୍ୟ ଲୋକଙ୍କ ପ୍ରବେଶ କିମ୍ବା ସ୍ପର୍ଶ ଏହାକୁ ଅପବିତ୍ର କରିଦିଏ ବୋଲି ଚୁକ୍‌ଟିଆ-ଭୁଞ୍ଜିଆମାନଙ୍କ ବିଶ୍ୱାସ । ଅନ୍ୟଲୋକଙ୍କ ଘରୁ ଅଣା ହୋଇଥିବା ଜାଳେଣି ବା କୋଇଲା ମଧ୍ୟ ଏହା ଭିତରେ ବ୍ୟବହାର କରାଯାଏ ନାହିଁ । ଯଦିଓ ଏହାରି ଭିତରେ ରୋଷେଇ ହୁଏ କିନ୍ତୁ ଭିତରେ ଖାଦ୍ୟ ଖିଆଯାଏ ନାହିଁ ।

## ପର୍ବପର୍ବାଣି

ଚୁକ୍‌ଟିଆ-ଭୁଞ୍ଜିଆମାନେ ଏକ କୃଷିଭିତ୍ତିକ ଜନଜାତି । ତେଣୁ ତାଙ୍କର ଅନେକ ପର୍ବ କୃଷି ସମ୍ପର୍କିତ । ମହୁଲ ଯାତ୍ରା, ବିହନ ଛିନା, ଆଷାଢ଼ଖେନା, ସୁନାଦେଇ ଯାତ୍ରା ଆଦି ତାହାର ଏକ ଉଦାହରଣ । ଏତଦ୍‌ବ୍ୟତୀତ ଏମାନଙ୍କ ବର୍ଷସାରା ଅନେକ ପର୍ବପର୍ବାଣି ରହିଛି ଓ ସବୁ ସୁନାଦେଇଙ୍କ ନିକଟରେ ହିଁ ପାଳନ କରାଯାଏ ।

## ସୁନାଦେଇ ଯାତ୍ରା

ପ୍ରତିବର୍ଷ ପନ୍ଦର ଦିନ ଯାଏଁ ସୁନାଦେଇଙ୍କ ଯାତ୍ରା ସୁନାବେଡ଼ା ଅଞ୍ଚଳରେ ପାଳନ କରାଯାଏ । ଏହି ପନ୍ଦର ଦିନ ଯାଏଁ ଦେବୀଙ୍କ ନିକଟରେ ଦୀପ ଜଳେ ଓ ଦେବୀଙ୍କର ବୁଏଲ ବା ଛତର ୨୪ ଗୋଟି ଟିକ୍ରି ଭ୍ରମଣ କରେ । ସୁନାଦେଇଙ୍କ ଛତର ସହିତ ତାଙ୍କର ଖଡ଼୍‌ଗ ଭ୍ରମଣ କରେ । ପୂର୍ବରୁ ବର୍ଣ୍ଣିତ କିମ୍ବଦନ୍ତୀ ଅନୁଯାୟୀ ଯେଉଁ ସାତଭାଇଙ୍କୁ ସୁନାଦେଇ ସାତଗୋଟି ଦାୟିତ୍ୱ ଦେଇଥିଲେ ସେଇ ଦାୟିତ୍ୱମାନଙ୍କୁ ବଂଶାନୁକ୍ରମିକ ଭାବରେ ପାଳନ କରାଯାଉଛି । ଝାଁକର ପୂଜା କରେ, ଛତ୍ରିଆ ଦେବୀଙ୍କ ଛତର ଧାରଣ କରେ, କର୍ତ୍ତରିଆ ବା କତ୍ରିଆ ଯିଏ ପଶୁ ବା ପକ୍ଷୀମାନଙ୍କୁ ଅସ୍ତ୍ର ସାହାଯ୍ୟରେ କର୍ତ୍ତନ କରେ ବା ବଳୀ ଦିଏ, ଚାନ୍ଦୁଆ ଦେବୀଙ୍କ ଛତର ଉପରେ ଚାନ୍ଦୁଆ ଧରେ, ବାରିକ ଦେବୀଙ୍କ ଲୁଗା ଓ ଅଳଙ୍କାର ଧରେ, ଭୋଇ ରୋଷେଇ କରେ । କେବଳ ଦିହାରୀ (ଯାହା ଦେହରେ ଦେବୀ ପ୍ରବେଶ କରନ୍ତି)ର ଦାୟିତ୍ୱ ବଂଶାନୁକ୍ରମିକ ନୁହେଁ ।

ସୁନାଦେଇ ଯାତ୍ରାରେ କେବଳ ଚୁକ୍‌ଟିଆ-ଭୁଞ୍ଜିଆମାନଙ୍କର ଭୂମିକା ରହିଛି ତାହା ନୁହେଁ । ତେଲି ଯାତ୍ରା ପାଇଁ ତେଲ ଯୋଗାଏ, ପହରିଆ ଜନଜାତି ବାଉଁଶ ତିଆରି ଆସବାବପତ୍ର, ପାଣ୍ଡେମାନେ ମୃତ୍ତିକା, ମାଳିମାନେ ପୁଷ୍ପ ତଥା ଗଣ୍ଡମାନେ ଅନ୍ୟାନ୍ୟ ସାମଗ୍ରୀ ଯୋଗାନ୍ତି । ଏତଦ୍‌ବ୍ୟତୀତ ଡମ (ହିନ୍ଦୁ ଜାତିପ୍ରଥାର ତଥାକଥିତ ଅସ୍ପୃଶ୍ୟ) ଜାତିର ଲୋକ ମଧ୍ୟ ଏଇ ଯାତ୍ରାର ଅଂଶବିଶେଷ । ସେମାନେ ବିଭିନ୍ନ ବାଦ୍ୟବାଦକର ଭୂମିକା ତୁଲାନ୍ତି । ଦେବୀଙ୍କ ନିକଟରେ ପଶୁ, ପକ୍ଷୀ ବଳୀ ଦେବାର ପରମ୍ପରା ଏବେ ମଧ୍ୟ ଏଇ ଅଞ୍ଚଳରେ ଜୀବନ୍ତ । କୁମାର ପୂର୍ଣ୍ଣିମା ଦିନ ସୁନାଦେଇ ଯାତ୍ରା ଶେଷ ହୁଏ । ଉତ୍ତମ ଫସଲ ସହିତ ଆବଶ୍ୟକ ପରିମାଣରେ ବର୍ଷା ଓ ବିବାହିତା ମାନଙ୍କୁ ସନ୍ତାନ ପ୍ରଦାନ ଏହି ଯାତ୍ରାର ମୁଖ୍ୟ ଉଦ୍ଦେଶ୍ୟ ।

ପ୍ରଥମେ ପ୍ରଥମେ ନିର୍ଦ୍ଦିଷ୍ଟ କିଛି ଗ୍ରାମର ଲୋକେ ସୁନାଦେଇ ଯାତ୍ରାରେ ଭାଗ ନେଉଥିଲେ କିନ୍ତୁ ବର୍ତ୍ତମାନ ଓଡ଼ିଶା ତଥା ଛତିଶଗଡ଼ରୁ ହଜାର ହଜାର ସଂଖ୍ୟାକ ଲୋକ ସୁନାଦେଇ ଯାତ୍ରା ଦେଖିବା ପାଇଁ ସୁନାବେଡ଼ା ଅଞ୍ଚଳକୁ ଆଗମନ କରିଥାଆନ୍ତି ।

## କୁଣାବେରା (ତୀର ସହିତ ବିବାହ)

ଚୁକ୍‌ଟିଆ-ଭୁଞ୍ଜିଆ ପରମ୍ପରାରେ ଝିଅମାନେ ଋତୁମତୀ ହେବା ପୂର୍ବରୁ ତାଙ୍କର କୁଣାବେରା କରାଯାଇଥାଏ । କୁଣାବେରା ପୂର୍ବରୁ ଝିଅଟିଏ ବିବାହ ଯୋଗ୍ୟ ହୋଇ ନଥାଏ । ତେଣୁ କୁଣାବେରା ପରେ ସମାଜରେ ସିଏ ଏକ ପରିପକ୍ୱ ଝିଅ ଭାବରେ ପରିଗଣିତ ହୁଏ ଓ ବିବାହଯୋଗ୍ୟ ହୋଇ ଯାଏ ବୋଲି ଲୋକଙ୍କ ବିଶ୍ୱାସ । ଝିଅ ଯେତେବେଳେ ନଅ ଦଶ ବର୍ଷର ହୋଇଯାଏ ସେତେବେଳେ ତାର କୁଣାବେରା ପାଇଁ ସମୟ ନିର୍ଦ୍ଧାରଣ କରାଯାଏ । ସାଧାରଣତଃ ଫସଲ ଅମଳ ପରେ ପରେ ହିଁ ଏଇ ଦିନ ନିର୍ଦ୍ଧାରିତ ହୁଏ । ଏହି ପର୍ବ ଦିନ ଅଞ୍ଚଳର ସମସ୍ତ ଚୁକ୍‌ଟିଆ-ଭୁଞ୍ଜିଆ ପରିବାରକୁ ନିମନ୍ତ୍ରଣ ଦିଆଯାଏ ।

ଏଇ ସଂସ୍କୃତିରେ ମହୁଲ ଗଛ ଏକ ପବିତ୍ର ବୃକ୍ଷ । ତେଣୁ ପର୍ବର ଦୁଇ ଦିନ ପୂର୍ବରୁ ଝିଅର ଭିଣୋଇ ଜଙ୍ଗଲ ଯାଇମହୁଲକାଠ କାଟି ନେଇକି ଆସେ । ଝିଅ


ସୁନାଦେଇଙ୍କ ମୁଖ୍ୟ ପୂଜାସ୍ଥଳ

ଘର ସମ୍ମୁଖରେ ଆମ୍ବ ଗଛ ଓ ଡାଳରେ ସୁସଜ୍ଜିତ ଏକ ଛୋଟ ଡେଲି (ଟେଷ୍ଟ ଭଳି ଆକୃତି) ତିଆରି କରାଯାଇଥାଏ ଓ ତା ଠିକ୍ ମଝିରେ ସେଇ କାଠଟିକୁ ରଖା ଯାଇଥାଏ ।


ରୋଷେଇ ଘର

କୁଣାବେରାର ପୂର୍ବଦିନ ଝିଅର ପିଉସୀ ବିଶେଷ ଭାବରେ ଡକା ହୋଇ ଆସେ । ପିଉସୀରଏହି ପର୍ବରେ ସ୍ୱତନ୍ତ୍ର ଦାୟିତ୍ୱ ରହିଥାଏ । ସେଦିନ ଝିଅର ପିଉସୀ ସେଇଡେଲି ନିକଟରେ ଦୀପ ଜାଳି ଓ ଲୋକଗୀତ ସବୁ ଗାନ କରି ଅଞ୍ଚଳର ସମସ୍ତ ଦେବାଦେବୀଙ୍କୁ ପ୍ରାର୍ଥନା କରେ । ଏଇ ଗୀତର ବିଶେଷ ମହତ୍ତ୍ୱ ରହିଛି । ଚୁକ୍‌ଟିଆ-ଭୁଞ୍ଜିଆମାନେ କେମିତି ସେଇସ୍ଥାନକୁ ଆସିଲେ, ତାଙ୍କର ଉତ୍ପତ୍ତି, କୁଣା ବେରାର ଇତିହାସ ଓ ମହତ୍ତ୍ୱ ଇତ୍ୟାଦି ଅନେକ କାହାଣୀ ସେଇ ଗୀତଗୁଡ଼ିକ ମଧ୍ୟରେ ଲୁଚି ରହିଛି ।

ତା ପରଦିନ ଝିଅକୁ ଗାଁର ଅନ୍ୟ ଝିଅମାନେ ପିଉସୀ ଆଣିଥିବା ହଳଦୀ ଲଗେଇ ପାଖରେ ଥିବା ଝରଣାକୁ ଗାଧୋଇବାକୁ ନେଇଥାନ୍ତି । ସେଠୁ ଫେରିଲା ପରେ ତାକୁ ଧଳା ରଙ୍ଗର ଶାଢ଼ି ପିନ୍ଧା ହୁଏ ଓ ଝିଅର ଭାଉଜମାନେ ଝିଅକୁ ପୋତା ହେଇଥିବା ଧଁରାକାଠ ଚାରିପଟେ ସିଧା ସାତ ଥର ଓ ଓଲଟାସାତ ଥର ପରିକ୍ରମା କରାନ୍ତି ।

ତହିଁ ଆର ଦିନ ଝିଅକୁ ଖଜୁରୀ ପତ୍ରରେ ତିଆରି ମୁକୁଟ ପିନ୍ଧା ହୁଏ ଓ ସେଇଭଳି ମୁକୁଟ ଏକ ତୀରକୁ ମଧ୍ୟ ପିନ୍ଧା ହୁଏ ।ଏହାପରେ ଗାଁର ଦିନଓ୍ୱାରୀ ବିଧି ଅନୁଯାଇ ତୀର ସହିତ ଝିଅର ବିବାହ କରାଇଥାଏ ।

କ୍ରମଶଃ ଭୋଜିଭାତ, ନାଚଗୀତ ଚାଲେ । କୁଣାବେରା ପରଠୁ ଝିଅ ଘର ବାହାରେ ଖାଇପାରେ ନାହିଁ ଓ ସବୁବେଳେ କେବଳ ଧଳାଶାଢ଼ି ପରିଧାନ କରେ (ବ୍ଲାଉଜ୍ କିମ୍ବା ଅନ୍ତଃବସ୍ତ୍ର ଚୁକ୍‌ଟିଆ-ଭୁଞ୍ଜିଆମାନେ ପରିଧାନ କରନ୍ତି ନାହିଁ । ଏହା ତାଙ୍କ ସଂସ୍କୃତିରେ ବାରଣ ।) । ଏହାକୁ ଛାଡ଼ି ଅନେକ ଗୁଡ଼ିଏ କଟକଣା ତାଙ୍କ ଜୀବନକୁ ଆସିଯାଏ । ଅନ୍ୟ ସମ୍ପ୍ରଦାୟ ଭଳି ଏହି ସମ୍ପ୍ରଦାୟର ମଧ୍ୟର କ୍ଷଣଶୀଳତା ରହିଛି । କୁଣାବେରା ତାର ଏକ ଉଦାହରଣ ମାତ୍ର ।

ଅନେକ ସମୟରେ ଗ୍ରାମରେ ସମବୟସ୍କ ସମସ୍ତ ଝିଅମାନଙ୍କର ଏକା ସାଙ୍ଗରେ କୁଣାବେରା ହୋଇଥାଏ । ଏକାଧିକ ପରିବାର ମିଶି ପାଳନ କରୁଥିବାରୁ ଆର୍ଥିକ ଦୃଷ୍ଟିରୁ ଏହା ସମ୍ଭବପର ହେବା ସହ ସାମ୍ପ୍ରଦାୟିକ ଏକତାକୁ ମଧ୍ୟ ବଜାୟ ରଖିଥାଏ ।

## ବିବାହ

ଚୁକ୍‌ଟିଆ-ଭୁଞ୍ଜିଆମାନଙ୍କର ବିବାହ ନିଜ ସମ୍ପ୍ରଦାୟ ଭିତରେ ହିଁ ହୁଏ । ବେଳେବେଳେ ଚୁକ୍‌ଟିଆ-ଭୁଞ୍ଜିଆମାନେ ଚିନ୍ଦା-ଭୁଞ୍ଜିଆମାନଙ୍କ ସହ ମଧ୍ୟ ବୈବାହିକ ସମ୍ପର୍କ ସ୍ଥାପନ କରିଥାଆନ୍ତି । ଏହା ଏକ ବ୍ୟତିକ୍ରମ ଓ ଏହି ବିବାହ ଦୁଧ-ପାନିବିଧି ଅନୁଯାୟୀ କରାଯାଏ । ପ୍ରତ୍ୟେକ ବିବାହ ଅତି ନିରାଡ଼ମ୍ବର ଭାବରେ ଦିନଓ୍ୱାରୀ ଦ୍ୱାରା ସମ୍ପାଦିତ ହୋଇଥାଏ । ଏହି ଜନଜାତିରେ ଯୌତୁକ ପ୍ରଥା ପ୍ରାୟ ନାହିଁ । ଛାଡ଼ପତ୍ର ବ୍ୟବସ୍ଥା ଏହି ସମ୍ପ୍ରଦାୟରେ ପ୍ରଚଳିତ ।

## ଚୁକ୍‌ଟିଆ-ଭୁଞ୍ଜିଆମାନଙ୍କର କିଛି ବିଶେଷ ଚଳଣି ଓ ବିଶ୍ୱାସ

- ଘର ତିଆରି ବେଳେ ଖପର ବ୍ୟବହାର କରାଯାଏ ନାହିଁ
- ଲୋକେ ଖଟ ଉପରେ ଶୁଅନ୍ତି ନାହିଁ
- ସମ୍ପ୍ରଦାୟରେ ଡିଙ୍କିର ପ୍ରଚଳନ ନାହିଁ
- ଚପଲ, ଜୋତା ଆଦିର ବ୍ୟବହାର କରାଯାଏ ନାହିଁ
- ସ୍ତ୍ରୀଲୋକମାନେ କୌଣସି ବ୍ଲାଉଜ କିମ୍ବା ଅନ୍ତଃବସ୍ତ୍ର ବ୍ୟବହାର କରନ୍ତି ନାହିଁ
- ମହିଳାମାନେ କେବଳ ଧଳା ରଙ୍ଗର ଶାଢ଼ି ପିନ୍ଧନ୍ତି
- ସ୍ତ୍ରୀଲୋକମାନେ ଉଷୁନା ଚାଉଳ, କୁକୁଡ଼ା ମାଂସ ଖାଆନ୍ତି ନାହିଁ
- ମାମୁଁ ଝିଅ କିମ୍ବା ପିଉସୀ ଝିଅ ସହ ବିବାହର ଚଳଣି ରହିଛି
- ପୁନର୍ଜନ୍ମରେ ଏମାନଙ୍କ ବିଶ୍ୱାସ ରହିଛି । ପୂର୍ବଜମାନେ ହିଁ ପରିବାରରେ ଆଉଥରେ ଜନ୍ମ ନିଅନ୍ତି ।
- ଏହି ସମ୍ପ୍ରଦାୟରେ ପଶୁ, ପକ୍ଷୀବଳୀ ପ୍ରଥା ରହିଛି

## ଜୀବିକା

ଏହି ଜନଜାତିର ଲୋକେ କୃଷି, ପଶୁପାଳନ, ମାଛ ଧରିବା ଇତ୍ୟାଦି ଉପରେ ନିର୍ଭରଶୀଳ । କିନ୍ତୁ ଅନେକ ସମୟରେ ଅଞ୍ଚଳ ବାହାରକୁ ଆସି ବିଭିନ୍ନ ଜୀବିକା କରିବାର ମଧ୍ୟ ଉଦାହରଣ ରହିଛି । କିଛିବର୍ଷ ହେଲା ଷ୍ଟ୍ରବେରୀ ଚାଷ ସୁନାବେଡ଼ା ଅଞ୍ଚଳରେ କରା ଯାଉଥିବାରୁ ଚୁକ୍‌ଟିଆ-ଭୁଞ୍ଜିଆରୁଣିମାନେ ନିଜ ଅଞ୍ଚଳରେ ରହି ମଧ୍ୟ ସ୍ୱାବଲମ୍ବୀ ହୋଇପାରିଛନ୍ତି । ପୂର୍ବରୁ ଏମାନଙ୍କ ସ୍ୱାକ୍ଷର ତାହାର ସ୍ୱଳ୍ପ ଥିଲା କିନ୍ତୁ ଧୀରେ ଧୀରେ ତାହା ବୃଦ୍ଧି ପାଇବାରେ ଲାଗିଛି । ଯୁବକ ଯୁବତୀ ଶିକ୍ଷାକ୍ଷେତ୍ରରେ ଆଗକୁ ବଢ଼ି ଅନ୍ୟ ଜୀବିକା ତଥା ଚାକିରୀ ମଧ୍ୟକୁ ପ୍ରବେଶ କରିବାର ମଧ୍ୟ ଉଦାହରଣ ଦେଖାଦେଲାଣି ।

ସମୟକ୍ରମେ ଚୁକ୍‌ଟିଆ-ଭୁଞ୍ଜିଆମାନେ ବିଭିନ୍ନ ଲୋକଙ୍କ ସଂସ୍ପର୍ଶରେ ଆସି ପରିବର୍ତ୍ତନର ସୁଅରେ ସାମିଲ ହେବା ଆରମ୍ଭ କଲେଣି । ତାଙ୍କ ୨୪ ଟିକ୍ରି ଏବେ ୮୪ ଗ୍ରାମକୁ ବିସ୍ତୃତ ହେଲାଣି । ବିଶେଷକରି ଏଇ ପରିବର୍ତ୍ତନ ସେତେବେଳେ ଆରମ୍ଭ ହୋଇଛି ଯେତେବେଳେ ଅନ୍ୟାନ୍ୟ ସମ୍ପ୍ରଦାୟର ଲୋକ ଆସି ସେମାନଙ୍କ ଗ୍ରାମରେ ରହିବାକୁ ଆସିଛନ୍ତି ଓ ତଦ୍ୱାରା ଚୁକ୍‌ଟିଆ-ଭୁଞ୍ଜିଆମାନେ ବାହାର ଲୋକ ସଂସ୍ପର୍ଶରେ ଆସିଛନ୍ତି । ଅନ୍ୟ ସଂସ୍କୃତି ଯେଉଁସବୁ ଉତ୍‌ଥାନ ପତନ ଦେଇ ଗତି କରେ ସେଇ ପରିବର୍ତ୍ତନ ଠୁ ଚୁକ୍‌ଟିଆ-ଭୁଞ୍ଜିଆମାନେ ବାଦ୍ ଯିବେ କେମିତି ! ଧୀରେ ଧୀରେ ତାଙ୍କ ପରମ୍ପରାର ଅନେକ ଅଂଶ ଲୋପ ପାଇବାରେ ଲାଗିଛି ଓ ତଥା ନୂତନ ପରମ୍ପରା ସୃଷ୍ଟି ହେଉଛି । ପୂର୍ବ ପ୍ରଚଳିତ ଅନେକ ରାକ୍ଷଣଶୀଳ ପରମ୍ପରା ମଧ୍ୟ କ୍ରମଶଃ ବିସ୍ତୀର୍ଣ୍ଣତା ଆଡ଼କୁ ମୁହାଁଇଲାଣି ଏବଂ ପରମ୍ପରାର କିଛିକିଛି ସ୍ୱତନ୍ତ୍ରତା ମଧ୍ୟ ବର୍ତ୍ତମାନ ବିଲୁପ୍ତ ହେବା ଅବସ୍ଥାରେ । ତେବେ ଚୁକ୍‌ଟିଆ-ଭୁଞ୍ଜିଆ ଜନଜାତି ପାଇଁ ଯେ ଏକବିଂଶ ଶତାବ୍ଦୀ ଏକ ଭିନ୍ନ ଧରଣର ସଂଘର୍ଷ, ଏଥିରେ କୌଣସି ସନ୍ଦେହ ନାହିଁ । ଏଇ କଠିନ ସମୟରେ କେତେଦିନ ଏଇ କ୍ଷୁଦ୍ର ଜୀବମଣ୍ଡଳ ନିଜର ଅସ୍ତିତ୍ୱ ବଞ୍ଚେଇ ରଖିପାରିବ ଓ ଉତ୍ତର ଆଧୁନିକ ସଭ୍ୟତାର ସଂସ୍ପର୍ଶରେ ଆସି ମଧ୍ୟ ନିଜକୁ ସ୍ୱତନ୍ତ୍ର ରଖିପାରିବ ସେକଥା କେବଳ ଭବିଷ୍ୟତ ହିଁ କହିପାରିବ ।

**ଉତ୍ସ ଓ ସହାୟକ ପୁସ୍ତିକା:**

**ସାମୁଏଲ ଦାନୀ, ଲୋହିତାକ୍ଷ ଯୋଷୀ, ସୁଶାନ୍ତ ବିଶି, ଉପସ୍ଥାପକ ୨୦୧୯, ୨୦୧୧ ମସିହାରେ ନେଇଥିବା କିଛି ସାକ୍ଷାତକାର, Essays on Culture by Lohitakshya Joshi, Oral Epics of Kalahandi by Mahendra Kumar Mishra.**

# ନୀଳ ରଶ୍ମୀର ବିଷ

**ଡକ୍ଟର ପ୍ରୀତିପଦ୍ମା ପଣ୍ଡା**
ବରିଷ୍ଠ ପ୍ରସାଧନ ଗବେଷଣା ବିଶେଷଜ୍ଞା,
ଆସ୍ଥେଟିକ୍ ଇନ୍‌ସାଇଟ୍, ହାଇଦ୍ରାବାଦ
ଫୋନ:୯୪୩୯୮୯୪୧୧୫

ଫଟୋ ସୌଜନ୍ୟ: ଲେଖିକା



**ଉଜ୍ଜ୍ୱଳ, କମନୀୟ ଓ କାନ୍ତିଯୁକ୍ତ ତ୍ୱଚା ଓ ଚର୍ମର ଅଧିକାରୀ ହେବାକୁ କିଏ ବା ନ ଚାହେଁ! ଯୁଗେ ଯୁଗେ ଉଜ୍ଜ୍ୱଳ ଓ ଆଭା ଯୁକ୍ତ ତ୍ୱଚାକୁ ସୌନ୍ଦର୍ଯ୍ୟର ପରିମାପକ ହିସାବରେ ଗଣନା କରାଯାଏ। ବିଶ୍ୱ ପ୍ରସାଧାନ ଓ ସୌନ୍ଦର୍ଯ୍ୟ ଜଗତରେ ଏସିଆ, ଆଫ୍ରିକା ଓ ମଧ୍ୟପ୍ରାଚ୍ୟ ଦେଶମାନଙ୍କର ବ୍ୟକ୍ତି ବିଶେଷଙ୍କ ଶରୀରର ରଙ୍ଗ ବହୁ ସମୟରେ ସମସ୍ୟା ବା ବିତର୍କ ଭାବରେ ଉଭା ହୋଇଛି।**



▶ ବିଶେଷଜ୍ଞା ପ୍ରୀତିପଦ୍ମା ପଣ୍ଡା

## ୧.ଉପକ୍ରମଣିକା

ଇଂରାଜୀରେ ଗୋଟିଏ କଥା ଅଛି: Pretty is an accident of nature where as beauty is a self created art. ଆଜି ଆମେ ସମସ୍ତେ ବସ୍ତୁକୈନ୍ଦ୍ରିକ ଜୀବନର ଘୋଡ଼ା ଦୌଡ଼ରେ ଅଣନିଃଶ୍ୱାସୀ ହୋଇ ଦୌଡ଼ୁ ଦୌଡ଼ୁ ନିଜର ସ୍ୱାସ୍ଥ୍ୟ ଓ ସୌନ୍ଦର୍ଯ୍ୟ ପ୍ରତି ଅବହେଳା କରୁଛେ। ସହରର ବ୍ୟସ୍ତବହୁଳ ଜୀବନ ଶୈଳୀ, ଅର୍ଥ, ପ୍ରାଚୁର୍ଯ୍ୟ ଓ ସମ୍ମାନ ପଛରେ ପଶ୍ଚାତ୍‌ଧାବନ କରିବାର ମୋହରେ ନିଜ ସ୍ୱାସ୍ଥ୍ୟ ଓ ସୌନ୍ଦର୍ଯ୍ୟ ପ୍ରତି ଯେତିକି ଯତ୍ନବାନ ହେବା କଥା ସେତିକି ହୋଇପାରୁନେ। ଯଦ୍ୱାରା ଆମେ ତ୍ୱଚା ଓ ଚର୍ମ ଜନିତ ବିଭିନ୍ନ ପ୍ରକାର ସମସ୍ୟା ଓ ରୋଗରେ ଆକ୍ରାନ୍ତ ହେଉଛେ। ଆଜିକାଲି ଛୋଟ ଛୋଟ ସହର ଠୁ ଆରମ୍ଭ କରି ମହାନଗରର ଯୁବପିଢ଼ିମାନେ ନିଜକୁ ସୋନ୍ଦର୍ଯ୍ୟ ସଚେତନଶୀଳ ଦେଖେଇ ହେବା ଉଦ୍ଦେଶ୍ୟରେ ଅତ୍ୟାଧୁନିକ ପ୍ରସାଧନ ସାମଗ୍ରୀର ବ୍ୟବହାର ଉପରେ ଅତ୍ୟଧିକ ନିର୍ଭରଶୀଳ ହୋଇପଡିଛନ୍ତି। କିନ୍ତୁ ପ୍ରକୃତରେ କହିବାକୁ ଗଲେ ନିଜର ତ୍ୱଚା ଓ ଚର୍ମର ସୌନ୍ଦର୍ଯ୍ୟର ସୁରକ୍ଷା ପାଇଁ ସାବଲୀଳ ଜୀବନ ଶୈଳୀ, ସ୍ୱାସ୍ଥ୍ୟକର ଖାଦ୍ୟପେୟ, ଶାରିରୀକ, ମାନସିକ, ବୌଦ୍ଧିକ ଏବଂ ଆଧାତ୍ମିକ ସ୍ତରରେ ଯତ୍ନବାନ ହେବା ଏବଂ ପ୍ରଦୂଷଣରୁ ନିଜକୁ ସୁରକ୍ଷା ଦେବା ଏକାନ୍ତ ଅପରିହାର୍ଯ୍ୟ।

## ୨. ପ୍ରଦୂଷଣର ପ୍ରକାର ଭେଦ

### କ. ବାହ୍ୟ ପ୍ରଦୂଷଣ/ପରିବେଶ ଜନିତ ପ୍ରଦୂଷଣ/ out door pollution :

ଏହା ମୁଖ୍ୟତଃ କଳକାରଖାନା, ଗାଡ଼ିମୋଟର, ସିଗାରେଟ୍‌ରୁ ନିର୍ଗତ ଧୂଆଁ, ପେଷ୍ଟିସାଇଡ୍, ରଙ୍ଗ ଓ ଏୟାର୍ କଣ୍ଡିସନର୍‌ରୁ ନିର୍ଗତ ହେଉଥିବା ଗ୍ୟାସ୍ ଏବଂ ଧୂଳିଧୂଆଁରୁ ସୃଷ୍ଟି ହୋଇଥାଏ।


### କ. ଅନ୍ତଃ ପ୍ରଦୂଷଣ/ ଡିଜିଟାଲ ରଶ୍ମୀ ଜନିତ ପ୍ରଦୂଷଣ/indoor pollution :

ଏହା ମୁଖ୍ୟତଃ ସୂର୍ଯ୍ୟଙ୍କ ଠାରୁ ନିର୍ଗତ ନୀଳ ରଶ୍ମି, ଅତି ବାଇଗଣୀ ରଶ୍ମି, ସେଲ୍‌ଫୋନ୍, କୃତ୍ରିମ ଏଲ୍‌ଇଡି ବଲ୍‌ବ୍, ଟେଲିଭିଜନ୍, କମ୍ପ୍ୟୁଟର୍, ମାଇକ୍ରୋୱେଭ୍, ସ୍ମାର୍ଟଫୋନ୍, ଲାପ୍‌ଟପ୍ ଆଦିରୁ ନିର୍ଗତ ତୀବ୍ର ଶକ୍ତିମାନ ରଶ୍ମି ଦ୍ୱାରା ହୋଇଥାଏ।

## ୩. ଡିଜିଟାଲ ପ୍ରଦୂଷଣ କଣ

ଆଜିକାଲି ଅତ୍ୟାଧୁନିକ ଯୁଗରେ ଆବାଳ ବୃଦ୍ଧ ବନିତା ସମସ୍ତେ ଇଣ୍ଟରନେଟ୍, ସାମାଜିକ ଗଣମାଧ୍ୟମ ଓ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଉପରେ ଶାରିରୀକ ଏବଂ ମାନସିକ ସ୍ତରରେ ନିର୍ଭରଶୀଳ ହୋଇପଡ଼ିଛନ୍ତି। ଆଜିର ସମାଜରେ ଏଇ ଡିଜିଟାଲ୍ ବିଶ୍ୱ ଶିଶୁଟିର ଭାତଡିଅଣର ବାଲିଘର, କିଶୋରମାନଙ୍କର ଫ୍ୟାସନ୍ ଷ୍ଟୋର, ଯୁବକମାନଙ୍କର ବୃତ୍ତିଗତ ଜୀବନର ଆବଶ୍ୟକତା, ପ୍ରୌଢ଼ମାନଙ୍କର ସମ୍ପର୍କର ଡୋର ଏବଂ ବୃଦ୍ଧବୃଦ୍ଧାମାନଙ୍କର ନିଃସଙ୍ଗତାର ପକ୍ଷୀବସା ପାଲଟିଛି। ସଂସ୍କୃତରେ ଏକ ଶ୍ଳୋକ ଅଛି: ‘ଅତି ସର୍ବତ୍ର ଗର୍ହିତମ୍’। ଏହି ଡିଜିଟାଲ୍ ସାମଗ୍ରୀର ବହୁଳ ବ୍ୟବହାର କଲେ ସେଥିରୁ ନିର୍ଗତ ହେଉଥିବା ତେଜୋଦୀପ୍ତ ରଶ୍ମି ଆମ ଶରୀରକୁ ଧୀରେ ଧୀରେ ଦୂଷିତ ବା ବିଷାକ୍ତ କରେ। ଏହାକୁ ନୀଳ ରଶ୍ମି ବା ବ୍ଲୁଲାଇଟ୍ କୁହାଯାଏ ଏବଂ ତଦ୍‌ଜନିତ ହେଉଥିବା ପ୍ରଦୂଷଣକୁ ଡିଜିଟାଲ ପ୍ରଦୂଷଣ କୁହାଯାଏ।

A high-energy visible (HEV) light that can penetrate skin deeper than both UVA and UVB rays.




## ୪. ବ୍ଲୁ ଲାଇଟ୍ ବା ନୀଳ ରଶ୍ମୀ କଣ

ବୈଜ୍ଞାନିକ ଗବେଷକଙ୍କ ମତ ଅନୁଯାୟୀ ନୀଳ ରଶ୍ମି ବା ବ୍ଲୁ ଲାଇଟ୍ ସୂର୍ଯ୍ୟଙ୍କର visible ସ୍ପେକ୍ଟ୍ରମ୍‌ରୁ ନିର୍ଗତ ହୁଏ । ଏହାର ପ୍ରଭାବରେ ଆକାଶର ରଙ୍ଗ ନୀଳ ହୋଇଥାଏ । ଏହା ଅତୀବ ଶକ୍ତିମୟ ରଶ୍ମି ଅଟେ ଏବଂ ସୂର୍ଯ୍ୟଙ୍କର ଅତି ବାଇଗଣୀ ରଶ୍ମି ନିକଟସ୍ଥ (୩୮୦-୫୦୦) nm wavelengthsରେ ଦେଖାଯାଏ । ଗବେଷଣା ସନ୍ଦର୍ଭ ଅନୁସାରେ ୨୫-୩୦ % ନୀଳ ରଶ୍ମି ସୂର୍ଯ୍ୟ କିରଣ ରୁ, ୩୫ % କୃତ୍ରିମ ଏଲ୍‌ଇଡି ବଲବ ରୁ ଏବଂ ଅବଶିଷ୍ଟ ୩୫ % ଡିଜିଟାଲ ଡିଭାଇସ୍‌ରୁ ଉତ୍ପନ୍ନ ହୁଏ ।

## ୫. ଶରୀରରେ ନୀଳ ରଶ୍ମୀ ବା ବ୍ଲୁ ଲାଇଟ୍‌ର କୁପ୍ରଭାବ

ଏହା ଶରୀରର ଚର୍ମର ବାହ୍ୟସ୍ତର ଦେଇ ଅନ୍ତଃସ୍ତରକୁ ପ୍ରବେଶ କରେ । Epidermal barrierକୁ ନଷ୍ଟ କରେ । ଅନ୍ତଃସ୍ତରରେ ଥିବା ଡିନ୍‌ଏ, କୋଲାଜେନ୍ ଏବଂ ଇଲାଷ୍ଟିନର ପ୍ରଭୂତ କ୍ଷତି କରେ । ଯଦ୍ୱାରା ଚର୍ମ ଓ ତ୍ୱଚାରେ କଳା ଦାଗ, ଇନ୍‌ଫ୍ଲାମେ ସନ୍ ବା ପ୍ରଦାହ, ତ୍ୱଚାରେ ଯୁବକ ବୟସରେ କୁଞ୍ଚିତ ବୟସ ଦାଗ ଏବଂ ଆଖି ତଳେ କଳା ଦାଗ ସୃଷ୍ଟି ହୁଏ ।

## ୬.ନୀଳ ରଶ୍ମି ବା ବ୍ଲୁ ଲାଇଟ୍‌ର ପ୍ରାଦୁର୍ଭାବରୁ ରକ୍ଷା ପାଇବାର ପ୍ରତିକାର/ ନିରାକରଣ:

କ. କମ୍ପ୍ୟୁଟର, ଲାପ୍‌ଟପ୍, ସ୍ମାର୍ଟ ଫୋନ୍ ଇତ୍ୟାଦି ସାମଗ୍ରୀକୁ ଆବଶ୍ୟକତା ଠାରୁ ଅଧିକ ବ୍ୟବହାର କରିବାରୁ ନିଜକୁ କ୍ଷାନ୍ତ ରଖନ୍ତୁ

ଖ. ଘରେ ବା ବାହାରେ ସଦାବେଳେ ଏକ ଅଧିକ SPFଯୁକ୍ତ ସନ୍‌ସ୍କ୍ରିନ ବ୍ୟବହାର କରିବାକୁ ଭୁଲନ୍ତୁ ନାହିଁ ।

ଗ. ଅତ୍ୟଧିକ ପରିମାଣର ଆଣ୍ଟିଅକ୍ସିଡାଣ୍ଟ ଯୁକ୍ତ ଫଳ ଓ ପନିପରିବା (citrus fruits) ଖାଆନ୍ତୁ ।

ଘ. କମ୍ପ୍ୟୁଟରକୁ ନାଇଟ୍ ମୋଡ୍‌ରେ ରଖି ବ୍ୟବହାର କରନ୍ତୁ ।

ଙ. ନିଜର ଲାପ୍‌ଟପ୍ ଓ ସ୍ମାର୍ଟ ଫୋନରେ blue light ସ୍କ୍ରିନ୍ ପ୍ରୋଟେକ୍ଟର ଲଗାନ୍ତୁ ।

ଚ. ଆପଣଙ୍କୁ ଯଦି ୬ ଘଣ୍ଟାରୁ ଅଧିକ କମ୍ପ୍ୟୁଟରରେ କାମ କରିବାର ଆବଶ୍ୟକତା ପଡୁଛି, ତେବେ ବ୍ଲୁଲାଇଟ୍ ପ୍ରୋଟେକ୍ସନ୍ ଲେନ୍ସ ଯୁକ୍ତ ଚଷମା ବ୍ୟବହାର କରନ୍ତୁ ।

ଛ. ରାତିରେ ଶୋଇବା ପୂର୍ବରୁ ଭଲ ଭାବରେ ମୁଁହ ଧୋଇ hyaluronic acid ଯୁକ୍ତ ସିରମ୍ ବା ନାଇଟ୍ କ୍ରିମ୍ ବ୍ୟବହାର କରନ୍ତୁ ଏବଂ ଦିନରେ ଭିଟାମିନ୍ C ଯୁକ୍ତ ସିରମ୍ ବା ବ୍ଲୁ ଲାଇଟ୍ ପ୍ରୋଟେକ୍ସନ୍ ସନ୍‌ସ୍କ୍ରିନ ବ୍ୟବହାର କରନ୍ତୁ ।

ଜ. ନିଜର ତ୍ୱଚା ବୟସ୍କ ଏବଂ ରୁକ୍ଷ ନଦିଶିବା ପାଇଁ ଯଥାସମ୍ଭବ ଚେଷ୍ଟା କରନ୍ତୁ ।

ଝ. ନୀଳରଶ୍ମୀର ପ୍ରାଦୁର୍ଭାବରୁ ନିଜକୁ ରକ୍ଷା କରନ୍ତୁ ଏବଂ ଏକ ସୁସ୍ଥ ଓ ନିରାମୟ ଜୀବନ ଅତିବାହିତ କରନ୍ତୁ ।


ବାର୍ଷିକ ଗ୍ରାହକ ହୁଅନ୍ତୁ
ଘରେ ବସି ରେବତୀ ପାଆନ୍ତୁ

ରିହାତି ୧୭%

ବାର୍ଷିକ ଗ୍ରାହକ ଯୋଜନା




- ଏକ ବର୍ଷ ପାଇଁ ଟ.୫୦୦.୦୦ (ପାଞ୍ଚଶହ ଟଙ୍କା), ଡାକଖର୍ଚ୍ଚ ୨୯୦.୦୦ ଟଙ୍କା ଅତିରିକ୍ତ । ସମୁଦାୟ ୭୯୦.୦୦ ଟଙ୍କା ପଠେଇବାକୁ ପଡ଼ିବ ।
- ପତ୍ରିକା ରେଜିଷ୍ଟାର୍ଡ ଡାକ (ନିରାପଦ ଡାକ ବ୍ୟବସ୍ଥା)ରେ ଆପଣଙ୍କ ଘରେ ପହଞ୍ଚିବ । ସାଧାରଣ ଡାକରେ ପତ୍ରିକା ପଠାଯାଏ ନାହିଁ ।
- ବାର୍ଷିକ ଦେୟ 'ରେବତୀ ମିଡିଆ ହାଉସ ପ୍ରା. ଲିଃ.' ନାମରେ ଥିବା ବ୍ୟାଙ୍କ ଖାତାକୁ ପଠାଇବେ ।
- ନିଜର ସମ୍ପୂର୍ଣ୍ଣ ଡାକ ଠିକଣା, ପିନ୍‌କୋଡ୍ ନମ୍ବର ଏବଂ ଟେଲିଫୋନ୍ ନମ୍ବର ନିମ୍ନରେ ପ୍ରଦତ୍ତ ଟେଲିଫୋନ୍ ନମ୍ବରର ହ୍ୱାଟ୍‌ସ୍‌ଆପ୍‌କୁ ପଠାଇବେ ।
- ଟଙ୍କା ପୈଠ ହୋଇଥିବାର ପ୍ରମାଣ ସ୍ୱରୂପ ବ୍ୟାଙ୍କ ରିସିପ୍ଟି ଆମକୁ ପଠାଇବେ ।

ଯୋଗାଯୋଗ : ରେବତୀ କାର୍ଯ୍ୟାଳୟ, ଲକ୍ଷ୍ମୀନାରାୟଣ ମନ୍ଦିର ପାଖ, ଓଟି ରୋଡ୍, ବାଲେଶ୍ୱର-୧, ଫୋନ : ୯୯୩୭୨୮୮୫୫୪

**Bank Details**
**Benificiary Name : Rebati Media House Pvt Ltd.**
**Bank Name : HDFC BANK (India), Balasore**
**Account No : 50200033907121**
**IFSC Code : HDFC0000366**

www.rebatee.in
୪୦/-
ରେବତୀ
ଆମ ମାଟିର ସ୍ୱର

# ହସଖୁସିର ପରିବାର - ୪୨

ହସଖୁସିରେ ଭରା ପରିବାରଟିଏ ଆମ ସମସ୍ତଙ୍କର ସ୍ୱପ୍ନ। ସମସ୍ତେ ଚାହାନ୍ତି, ପରିବାରରେ ସୁଖଶାନ୍ତି ଓ ସଫଳତା ବିରାଜୁ। କିନ୍ତୁ ହୁଏନା । କଳହ, ହିଂସା, ମତଭେଦ, ଗର୍ବ, ଅହଂକାର ଯୋଗୁଁ ଅନେକ ପରିବାର ଭାଙ୍ଗିଯାଏ ଅଥବା ଅଶାନ୍ତି ଓ ଦୁଃଖରେ ପେଷି ହେଉଥାଏ । ସେତେବେଳେ ପରିବାରର ସଦସ୍ୟମାନେ ସେସବୁ ସମସ୍ୟାର ସମାଧାନ ପାଇଁ ବାଟ ଖୋଜନ୍ତି । ସେପରି ନାନାଦି ପାରିବାରିକ ସମସ୍ୟାରେ ସଢୁଥିବା ପରିବାର ବା ପରିବାରର ଯେକୌଣସି ସଦସ୍ୟସଦସ୍ୟା ଏହି ବିଭାଗରେ ଆମକୁ ଜଣାଇ ପାରିବେ ସେମାନଙ୍କ ସମସ୍ୟା । ଆପଣମାନଙ୍କ ପାରିବାରିକ ତଥା ବ୍ୟକ୍ତିଗତ ସମସ୍ୟାର ସମାଧାନ ସୂତ୍ର ବତାଇବୁ ଆମେ ।

## ଆପଣଙ୍କ ସମସ୍ୟା : ସମାଧାନ ସୂତ୍ର ଆମର

### ସମସ୍ୟା: ୨

ଆମେ ତିନିଭାଇ । ସପରିବାରେ ଭୁବନେଶ୍ୱରରେ ଏକାଠି ରହୁଛୁ । ମାଆ ବହୁବର୍ଷ ତଳୁ ଆମକୁ ଛାଡି ଚାଲି ଯାଇଥିଲେ । ବାପା ଆମକୁ ମଣିଷ କରିଥିଲେ । ଏବେ ବାପା ମଧ୍ୟ ପ୍ରାୟ ଦେଢ ବର୍ଷ ହେବ ସଂସାର ଛାଡି ଚାଲିଗଲେଣି । ମୁଁ ଘରେ ସବୁଠାରୁ ସାନପୁଅ । ଘରେ ତିନିଭାଇ ଏକାଠି ରହିଲେ ବି ମଝିଆ ଭାଇର ଆମ ସହିତ ପଡୁନାହିଁ । ସେ ତାର ସ୍ତ୍ରୀ କଥାରେ ପରିଚାଳିତ । ସେ ଗୋଟିଏ ପ୍ରାଇଭେଟ୍ ଚାକିରି କରୁଛି । କିନ୍ତୁ ତାର ସ୍ତ୍ରୀ ସରକାରୀ ସ୍କୁଲ୍‌ରେ ଚାକିରି କରୁଛି । ସେମାନେ ଘରେ ରହି ମଧ୍ୟ ସବୁବେଳେ ତାଙ୍କର ବ୍ୟବହାର ହୋଟେଲ୍‌ରେ ରହିବା ପରି । ସେ କେତେବେଳେ କୁଆଡେ ଯାଆନ୍ତି କାହାକୁ କୁହନ୍ତି ନାହିଁ । ବଡଭାଇ ଓ ଭାଉଜ ଦୁଇଜଣଙ୍କର ବେସରକାରୀ ସଂସ୍ଥାରେ ଚାକିରି । ସେତେ ଭଲ ରୋଜଗାର ନୁହେଁ । ମୁଁ ସରକାରୀ ଚାକିରି କରିଛି । ତେଣୁ ପ୍ରାୟତଃ ମୋର ରୋଜଗାରରେ ହିଁ ଘର ଚଳୁଛି । ଅନ୍ୟମାନେ ଇଚ୍ଛାନୁସାରେ ଅଳ୍ପ କିଛି ଯୋଗଦାନ କରନ୍ତି । କେବେ କେବେ କିଛି କରନ୍ତି ନାହିଁ । ତେଣୁ ଏ ସବୁକୁ ନେଇ

▼ରଶ୍ମୀ ସାହୁଙ୍କ ହସଖୁସିର ପରିବାର





**ଡକ୍ଟର ହରପ୍ରସନ୍ନ ଦାସ**
ମୁଖ୍ୟ କୋଚ୍
ମ୍ୟାକ୍ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍
ଭୁବନେଶ୍ୱର

ପ୍ରବୀଣ ପରାମର୍ଶଦାତା ହିସାବରେ ଡକ୍ଟର ହରପ୍ରସନ୍ନ ଦାସଙ୍କର ମାନବ ସମ୍ବଳ ବିକାଶ କ୍ଷେତ୍ରରେ ରହିଛି ୪୩ ବର୍ଷର ଅଭିଜ୍ଞତା । ମନସ୍ତାତ୍ତ୍ୱିକ ପଦ୍ଧତିରେ ବ୍ୟକ୍ତିଗତ ତଥା ପାରିବାରିକ ସମସ୍ୟା ପାଇଁ ସମାଧାନର ସୂତ୍ର ଯୋଗାଇ ଦେବାରେ ସେ ଦେଶ ଭିତରେ ଓ ବାହାରେ ବେଶ୍ ପରିଚିତ । ଜଣେ ବକ୍ତା, ସୁଲେଖକ, ନାଟ୍ୟକାର, ଅଭିନେତା ତଥା ଟେଲିଭିଜନ୍ ଓ ରେଡିଓ କଳାକାର ହିସାବରେ ମଧ୍ୟ ସେ ବେଶ୍ ବିଖ୍ୟାତ । ଜୀବନ ଦକ୍ଷତାର ବିକାଶ ସମ୍ପର୍କୀୟ ତାଙ୍କର ଅନେକ ଇଂଲିଶ୍ ତଥା ଓଡିଆ ପୁସ୍ତକ ପ୍ରକାଶ ପାଇ ଆଦୃତ । ଏବେ ସେ ମ୍ୟାକ୍ ଗ୍ରୁପ୍‌ର ମୁଖ୍ୟ କୋଚ୍ । 'ରେବତୀ' ପୃଷ୍ଠାକୁ ଆମେ ତାଙ୍କୁ ନେଇ ଆସିଛୁ କେବଳ ଆପଣମାନଙ୍କ ପାଇଁ ।

www.drhpdas.com

**ସମସ୍ୟା ପଠାଇବାର ଠିକଣା**

ଡକ୍ଟର ହରପ୍ରସନ୍ନ ଦାସ
ମୁଖ୍ୟ କୋଚ୍, ମାନବ ଅଧ୍ୟୟନ କେନ୍ଦ୍ର
ପୋଖରୀପୁଟ, ଭୁବନେଶ୍ୱର
ଫୋନ : ୯୪୩୭୦୧୧୦୨୨
କିମ୍ବା
ସମ୍ପାଦକ
'ରେବତୀ ଆମ ମାଟିର ସ୍ୱର'
ଓ.ଟି. ରୋଡ୍
ଲକ୍ଷ୍ମୀନାରାୟଣ ମନ୍ଦିର ପାର୍ଶ୍ୱ, ଆଳୁପୁର
ବାଲେଶ୍ୱର-୭୫୬୦୦୧
ଫୋନ୍ : ୭୦୦୮୮୪୫୯୨୦

ମୋର ସ୍ତ୍ରୀ ସବୁବେଳେ ଅଶାନ୍ତି । ସେ କହୁଛି ସମସ୍ତଙ୍କ ଠାରୁ ଅଲଗା ହେଇ ରହିବାକୁ । ଆମର ଗୋଟିଏ ପୁଅ ଓ ଗୋଟିଏ ଝିଅ । ସମସ୍ତେ ମିଶି ରହିଛୁ ବୋଲି ପିଲାମାନେ ଭଲ ସଂସ୍କାର ଶିଖୁଛନ୍ତି ବୋଲି ମୋର ବିଶ୍ୱାସ । କିନ୍ତୁ ସ୍ତ୍ରୀ ଏଥିରେ ଏକମତ ନୁହେଁ । ପ୍ରାୟ ସବୁବେଳେ ସେ ଏ ସବୁକୁ ନେଇ ମୋ ସହିତ ଝଗଡା କରିବା ସହିତ ଅନେକ ସମୟରେ ତାଙ୍କ ବାପାଙ୍କ ଘରକୁ ପଳାଇବ ବୋଲି ଧମକ ଦେଉଛି । ଏହା ପିଲାଙ୍କ ଉପରେ ଖରାପ ପ୍ରଭାବ ପକାଇବ ବୋଲି ମତେ ଲାଗୁଛି । କିନ୍ତୁ ଏହାର ସମାଧାନର ବାଟ ମୁଁ ଖୋଜି ପାଉନି । ମୁଁ ଚାହେଁ ଏପରି ଅଲଗା ନ ରହି ସମସ୍ତେ ଏକାଠି ରୁହନ୍ତୁ । ଫଳରେ ପିଲାମାନେ ଭବିଷ୍ୟତରେ ଭଲ ମଣିଷ ହେଇପାରିବେ । ଦୟାକରି ରାସ୍ତା ବତାନ୍ତୁ ।

**ପ୍ରବୀର ସେନାପତି, ଖୋର୍ଦ୍ଧା**

### ସମାଧାନର ସୂତ୍ର

ଆପଣ ଯାହା ଲେଖିଛନ୍ତି ସେଥିରୁ ଜଣାପଡୁଛି ଯେ ଆପଣଙ୍କ ସ୍ତ୍ରୀ ହିଁ ଆପଣଙ୍କ ପାଇଁ ସବୁ ସମସ୍ୟା ସୃଷ୍ଟି କରୁଛନ୍ତି । ମଝିଆ ଭାଇ ତାଙ୍କ ସ୍ତ୍ରୀ କଥାରେ ପରିଚାଳିତ ହେଇ ଯେଭଳି ବ୍ୟବହାର କରୁଛନ୍ତି ତାହା ପରିବାରରେ ଅଶାନ୍ତି ସୃଷ୍ଟିକରୁଛି । ଏହାର ପ୍ରଭାବ ଆପଣଙ୍କ ସ୍ତ୍ରୀ ଉପରେ ପଡିବା ସ୍ୱାଭାବିକ । କିନ୍ତୁ ଏଥିରେ ଆଦୌ ବିଚଳିତ ହୁଅନ୍ତୁ ନାହିଁ କିମ୍ୱା ସ୍ତ୍ରୀଙ୍କ ସହିତ କୌଣସି ପରିସ୍ଥିତିରେ ବି ଯୁକ୍ତିତର୍କ କରି ଅଶାନ୍ତ ପରିବେଶ ସୃଷ୍ଟି କରନ୍ତୁନାହିଁ । ଆପଣ ସରକାରୀ ଚାକିରି କରିଛନ୍ତି । ଆପଣଙ୍କ ରୋଜଗାରରେ ଏତେବଡ ପରିବାର ଭଲରେ ଚାଲିଛି । ଘର ପ୍ରତି ଆପଣଙ୍କର ଅବଦାନର ତୁଳନା ନାହିଁ । ଆପଣଙ୍କର ସକାରାତ୍ମକ ଭାବନା ଓ ଭାଇମାନଙ୍କ ପ୍ରତି ଭଲପାଇବା ଯୋଗୁଁ ଏହା ସମ୍ଭବ ହେଇପାରିଛି । ଆପଣ ମଝିଆ ଭାଇଙ୍କ ପରି ସ୍ତ୍ରୀଙ୍କ କଥାରେ ପରିଚାଳିତ ହେବା ଆଦୌ ଠିକ ହେବନାହିଁ । ଆପଣ ଭଲମନରେ ସ୍ତ୍ରୀଙ୍କ ସହିତ ମନଖୋଲି କଥାହୁଅନ୍ତୁ । ତାଙ୍କର ଅବଦାନ ଯୋଗୁଁ ଆଜି ଆପଣଙ୍କର ପରିବାର ମିଳିମିଶି ରହିପାରିଛନ୍ତି ବୋଲି ତାଙ୍କୁ କୃତଜ୍ଞତା ଜଣାନ୍ତୁ ଓ ତାଙ୍କର ପ୍ରଶଂସା କରନ୍ତୁ । ସେ ବାପଘରକୁ ଚାଲିଯିବା ପାଇଁ ଯେତେ ଧମକ ଦେଲେ ବି ଆପଣ ବିରକ୍ତିଭାବ ପ୍ରକାଶ କରନ୍ତୁନାହିଁ । ଆପଣ ତାଙ୍କ ଅଭିମାନକୁ ବୁଝିବାକୁ ଚେଷ୍ଟା କରନ୍ତୁ । ଜୀବନସାଥି ହିସାବରେ ତାଙ୍କୁ ଯଥେଷ୍ଟ ସମ୍ମାନ ଦିଅନ୍ତୁ । ଆମେ ଯେପରି ଚାହିଁବା ସବୁ ସମସ୍ୟାର ସମାଧାନ ଯେ ସେପରି ହେଇଯିବ ତାହା ସମ୍ଭବନୁହେଁ । କିନ୍ତୁ ଜଟିଳ ପରିସ୍ଥିତିରେ ଧୈର୍ଯ୍ୟ ଧରି ଦୃଢମନରେ ତଥା ସତପଥରେ ଗଲେ ଅନ୍ଧାର ଭିତରେ ନିଶ୍ଚିତ ଆଲୁଅ ଦେଖାଯିବ । ଦୁଇଭାଇଙ୍କ ସହିତ ମିଳିମିଶି ଚଳିବାର ଗୁରୁଦାୟିତ୍ୱ ଆପଣଙ୍କ ଉପରେ । ଘରଭାଙ୍ଗିବାକୁ ଚାହିଁଲେ ବେଶି ସମୟ ଲାଗିବନି । ଏଣୁ ଆପଣ ମନଦୃଢ କରି ଏହାର ସମାଧାନ ପାଇଁ ସମସ୍ତଙ୍କ ସହିତ ସମନ୍ୱୟ ରକ୍ଷା କରନ୍ତୁ । ଏଥିପାଇଁ ବିଶେଷକରି ଆପଣଙ୍କ ସ୍ତ୍ରୀଙ୍କର ସହଯୋଗ ନିହାତି ଦରକାର । ଏଣୁ ଏପରି ପରିବେଶ ସୃଷ୍ଟିକରନ୍ତୁ ଯେପରି ଆପଣଙ୍କ ସ୍ତ୍ରୀ ଆପଣଙ୍କୁ ସବୁ ପ୍ରକାରର ସହଯୋଗ କରିବେ । ମଝିଆଭାଇ ଓ ତାଙ୍କ ସ୍ତ୍ରୀଙ୍କ ବ୍ୟବହାରରେ ବିଚଳିତ ହୁଅନ୍ତୁ ନାହିଁ । କିମ୍ୱା ତାଙ୍କ ବିଷୟରେ ଅନ୍ୟ କାହାକୁ କିଛି କୁହନ୍ତୁନାହିଁ । ଆପଣଙ୍କ ଘରକଥା ଘରେ ହିଁ ରହିବା ଦରକାର । ମଝିରେ ମଝିରେ ଆପଣ ତିନିଭାଇ ଏକାଠି ବସି ଘର ବିଷୟରେ ଆଲୋଚନା କରନ୍ତୁ । ସାନଭାଇ ହିସାବରେ ବଡଭାଇ ଦୁଇଜଣଙ୍କୁ ଭକ୍ତି ଓ ସମ୍ମାନ ଦେବାରେ କେବେ ବି ଅବହେଳା କରିବେ ନାହିଁ । କାହାର ଭୁଲ ବାହାର କରିବା ଠିକ ହେବନାହିଁ । ଘରର ସୁଖଶାନ୍ତି ଆପଣ ଓ ଆପଣଙ୍କ ସ୍ତ୍ରୀଙ୍କ ଉପରେ ନିର୍ଭରକରେ । ଏଣୁ ସ୍ତ୍ରୀଙ୍କ ମନ ପରିବର୍ତ୍ତନ ପାଇଁ ଆପଣଙ୍କୁ ହିଁ ଚେଷ୍ଟା କରିବାକୁ ପଡିବ । ବିଭିନ୍ନ ପ୍ରକାର ଅସୁବିଧା ସତ୍ୱେ ମଧ ଆପଣଙ୍କର ଉଦ୍ୟମ ଚାଲୁ ରହିବା ଦରକାର । କୌଣସି ପରିସ୍ଥିତରେ ଆପଣଙ୍କ ମନରେ ନକାରାତ୍ମକ ମନୋଭାବ ଆଣିବେ ନାହିଁ । ଧୀରେ ଧୀରେ ସବୁ ଠିକ୍ ହେଇଯିବ ।

ଅଧ୍ୟାପକ ରଶ୍ମୀରଞ୍ଜନ ମହାନ୍ତିଙ୍କ ହସଖୁସିର ପରିବାର



# ରତିଙ୍କ ରାନ୍ଧଣା

**ରତିକାନ୍ତ ପାତ୍ର**

ଫ୍ଲାଟ୍ ନଂ-୭, ତୃତୀୟ ମହଲା, ଡିଲାଇଟ୍ ଆପାର୍ଟମେଣ୍ଟ୍, ହ୍ୱାଇଟ୍ ଟାଉନ୍, ପୁଡୁଚେରୀ-୬୦୫୦୦୧, ଫୋନ:୯୯୦୨୭ ୭୪୩୯୧

ଫଟୋ ସୌଜନ୍ୟ: ଲେଖକ

**ପ୍ରେସର୍ କୁକର୍ ଚୁଲିରେ ବସେଇ ଗରମ କରି ତେଲ ପକାନ୍ତୁ । ସେଥିରେ ଅଳ୍ପ ଚିନି ପକାନ୍ତୁ । ଚିନି ଖଇରିଆ ରଙ୍ଗ ହେଲା ପରେ ସେଥିରେ ତେଜପତ୍ର ଓ ଗୋଟା ମସଲା ପକେଇ ହାଲ୍କା ଭାଜି ନିଅନ୍ତୁ । ଏଥର ବଟା ମସଲାକୁ ହାଣ୍ଡିରେ ପକେଇ ତେଲ ଛାଡ଼ିବା ପର୍ଯ୍ୟନ୍ତ କଷି ନିଅନ୍ତୁ । ଏବେ ହଳଦୀ, ଲୁଣ ଓ ଅନ୍ୟାନ ଗୁଣ୍ଡ ମସଲା ପକେଇ ଆଉ କିଛି ସମୟ କଷି ମେରିନେଟ୍ ହେଇଥିବା ଚିକେନ୍‌କୁ ପକେଇ ଦିଅନ୍ତୁ । ଏବେ ମଧ୍ୟମ ଆଞ୍ଚରେ ୧୦-୧୫ ମିନିଟ୍ ଚିକେନ୍‌କୁ କଷନ୍ତୁ ।**



## ପ୍ରେସର୍ କୁକର୍ ଚିକେନ୍ ତରକାରୀ



**ଆବଶ୍ୟକ ସାମଗ୍ରୀ :** ଚିକେନ୍ (୫୦୦ ଗ୍ରାମ); ପ୍ରେସର୍ କୁକର୍, ବଡ଼ ପିଆଜ (୨-୩ଟା); ଅଦା (୧ଛୋଟ ଖଣ୍ଡ); ରସୁଣ (୮-୧୦ କୋଳ); ଗୋଟା ଜିରା; ଗୋଟା ଧଣିଆ; ଶୁଖିଲା ଲଙ୍କା; ଡାଲଚିନି; ଅଳେଇଚ; ଗୁଜରାତି; ତେଜ ପତ୍ର; ଗୋଲ ମରିଚ, ଜିରା ଗୁଣ୍ଡ; ଧଣିଆ ଗୁଣ୍ଡ; କାଶ୍ମିରୀ ଲଙ୍କା ଗୁଣ୍ଡ; ଲଙ୍କା ଗୁଣ୍ଡ; ଗରମ ମସଲା ଗୁଣ୍ଡ; ହଳଦୀ ଗୁଣ୍ଡ, ସୋରିଷ ତେଲ; ଘିଅ; ଦହି; ଲୁଣ; ଚିନି, ସଜ ଧଣିଆ ପତ୍ର ।

**ପ୍ରସ୍ତୁତି ପ୍ରଣାଳୀ:** ଚିକେନ୍‌କୁ ପରିସ୍କାର କରି ପାଣି ବାହାର କରି ରଖନ୍ତୁ । ସେଥିରେ ଲୁଣ, ହଳଦୀ, ତେଲ, ଦହି ଓ ଅନ୍ୟାନ୍ୟ ଗୁଣ୍ଡ ମସଲା ମିଶାଇ ନିଅନ୍ତୁ । ତେଜପତ୍ର, ଡାଲଚିନି ଇତ୍ୟାଦି ମିଶାଇ ନିଅନ୍ତୁ । ସବୁ ସାମଗ୍ରୀ ଓ ଚିକେନ୍‌କୁ ଭଲ ଭାବରେ ଗୋଳାଇ, ଢାଙ୍କିକି, ୩୦ ମିନିଟ୍ ପାଇଁ ରଖି ଦିଅନ୍ତୁ । ଚିକେନ୍ ମେରିନେଟ୍ ହବା ଭିତରେ, ପିଆଜ, ଅଦା, ରସୁଣ ଓ ଅନ୍ୟାନ୍ୟ ଗୋଟା ମସଲା ଭଲ କରି ବାଟି ଦିଅନ୍ତୁ । ବଟା ହେଇ ଗଲା ପରେ ପ୍ରେସର୍ କୁକର୍ ଚୁଲିରେ ବସେଇ ଗରମ କରି ନିଅନ୍ତୁ । ଗରମ ପ୍ରେସର୍ କୁକର୍‌ରେ ତେଲ ପକାନ୍ତୁ । ସେଥିରେ ଅଳ୍ପ ଚିନି ପକାନ୍ତୁ । ଚିନି ଖଇରିଆ ରଙ୍ଗ ହେଲା ପରେ ସେଥିରେ ତେଜପତ୍ର ଓ ଗୋଟା ମସଲା ପକେଇ ହାଲକା ଭାଜି ନିଅନ୍ତୁ । ଏଥର ବଟା ମସଲାକୁ ହାଣ୍ଡିରେ ପକେଇ ତେଲ ଛାଡ଼ିବା ପର୍ଯ୍ୟନ୍ତ କଷି ନିଅନ୍ତୁ । ଏବେ ହଳଦୀ, ଲୁଣ ଓ ଅନ୍ୟାନ ଗୁଣ୍ଡ ମସଲା ପକେଇ ଆଉ କିଛି ସମୟ କଷି ନିଅନ୍ତୁ । ବର୍ତ୍ତମାନ ମେରିନେଟ୍ ହେଇଥିବା ଚିକେନ୍‌କୁ ପ୍ରେସର୍ କୁକର୍‌ରେ ପକେଇ ଦିଅନ୍ତୁ । ଏବେ ମଧ୍ୟମ ଆଞ୍ଚରେ ୧୦-୧୫ ମିନିଟ୍ ଚିକେନ୍‌କୁ କଷନ୍ତୁ । ମଝିରେ ମଝିରେ ଘାଣ୍ଟି ଦେବେ ଯେମିତି ଚିକେନ୍ ଲାଗି ନ ଯାଏ । ଏଥର ଅଧା କଷା ଚିକେନ୍‌ରେ (ଆବଶ୍ୟକ ଅନୁଯାୟୀ) ଗରମ ପାଣି ପକେଇ ୫ ମିନିଟ୍ ଫୁଟିବା ପାଇଁ ଛାଡ଼ି ଦିଅନ୍ତୁ । ବର୍ତ୍ତମାନ ପ୍ରେସର୍ କୁକର୍ ଢାଙ୍କୁଣୀ ବନ୍ଦ୍ କରି ସିଟି ଲଗେଇ ଦିଅନ୍ତୁ ଓ ଧୀରରୁ ମଧ୍ୟମ ଆଞ୍ଚରେ ରାନ୍ଧିବା ପାଇଁ ଛାଡ଼ି ଦିଅନ୍ତୁ । ଗୋଟିଏ ସିଟି ପାଇଁ ଅପେକ୍ଷା କରନ୍ତୁ ଏବଂ ଗୋଟେ ସିଟି ଉଠିଲା ପରେ ସଂଗେ ସଂଗେ ଚୁଲି ବନ୍ଦ କରି ଦିଅନ୍ତୁ । ଇତିମଧ୍ୟରେ ଅଳ୍ପ ଡାଲଚିନି ଓ ଅଳେଇଚ ଶୁଖିଲା ଭାଜି ତାକୁ ହେମଦସ୍ତାରେ ଗୁଣ୍ଡ କରି ନିଅନ୍ତୁ ଓ ପ୍ରେସର୍ କୁକର ଢାଙ୍କୁଣୀ ଖୋଲା ହେଲା ପରେ ସେଥିରେ ବିଞ୍ଚି ନିଅନ୍ତୁ । ବର୍ତ୍ତମାନ ସଜ ଧଣିଆ ପତ୍ରକୁ ଟିକ୍ ଟିକ୍ କରି କାଟି ତରକାରୀ ଉପରେ ବିଞ୍ଚି ନିଅନ୍ତୁ । ଅପଣଙ୍କ ପ୍ରେସର୍ କୁକର୍ ଚିକେନ୍ ତରକାରୀ ପ୍ରସ୍ତୁତ ହେଇ ଯାଇଛି । ଗରମ ଗରମ ପରଷି ଦିଅନ୍ତୁ ।

## ଦହି ବାଇଗଣ

**ଆବଶ୍ୟକ ସାମଗ୍ରୀ :** ଲମ୍ୱା ବାଇଗଣ - ୨/୩; ଦହି- ୧ ବଡ଼ କପ୍, ଗୋଟା ଜୀରା; ଗୋଟା ସୋରିଷ; ଶୁଖିଲା ଲଙ୍କା; କଞ୍ଚା ଲଙ୍କା, ଜିରା ଗୁଣ୍ଡ; ଲଙ୍କା ଗୁଣ୍ଡ; ହଳଦୀ ଗୁଣ୍ଡ; ଲୁଣ; କଳା ଲୁଣ, ସୋରିଷ ତେଲ; ଚିନି; ସଜ ଧଣିଆ ପତ୍ର; ଭୃସଙ୍ଗ ପତ୍ର; କଞ୍ଚା ଲଙ୍କା; ଅଦା ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ବାଇଗଣକୁ ଭଲ ଭାବରେ ଧୋଇ ରଖନ୍ତୁ । ଏଥର ବାଇଗଣକୁ ଆପଣଙ୍କ ପସନ୍ଦ ଅନୁଯାୟୀ ଆକାରରେ କାଟି ନିଅନ୍ତୁ । ଆପଣ ଚାହିଁଲେ ଲମ୍ୱା ସୋରୁ ସୋରୁ କରି କାଟି ପାରିବେ କିମ୍ବା ବଡ଼ ଖଣ୍ଡ କରି କାଟି ପାରିବେ । ବର୍ତ୍ତମାନ କଟା ବାଇଗଣରେ ଜିରା ଗୁଣ୍ଡ, ଲଙ୍କା ଗୁଣ୍ଡ, ହଳଦୀ ଗୁଣ୍ଡ ଓ ଲୁଣ ମିଶାଇ ଭଲ ଭାବେ ଗୋଳେଇ ନିଅନ୍ତୁ । ଏଥର ଏହାକୁ ଗରମ ସୋରିଷ ତେଲରେ ଛାଣି ଦିଅନ୍ତୁ । ଆପଣ ଚାହିଁଲେ ତାୱାରେ ବି ଭାଜି ପାରିବେ । ଏଥର ଦହିର ପ୍ରସ୍ତୁତି ଜାଣିବା । ୧-୨ କପ୍ ସଜ ଘନ ଦହି ନିଅନ୍ତୁ ଓ ଭଲ ଭାବରେ ଫେଣ୍ଟି ଦିଅନ୍ତୁ । ଏଥିରେ ଜିରା ଗୁଣ୍ଡ, ଲୁଣ, କଳା ଲୁଣ ଗୁଣ୍ଡ ଦେଇ ଭଲ ଭାବେ ଘାଣ୍ଟି ମିଶ୍ରଣ ତିଆରି କରନ୍ତୁ । ଏଥର ଛୁଙ୍କ ପ୍ରସ୍ତୁତି କରିବା । ସୋରିଷ ତେଲ ନେଇ ଗରମ କରନ୍ତୁ ଏବଂ ସେଥିରେ ଭୃସଙ୍ଗ ପତ୍ର; କଞ୍ଚା ଲଙ୍କା, ହେଇଥିବା ଅଦା, ଗୋଟା ଜୀରା, ଗୋଟା ସୋରିଷ, ଶୁଖିଲା ଲଙ୍କା ଇତ୍ୟାଦିର ଛୁଙ୍କ ଦିଅନ୍ତୁ । ବର୍ତ୍ତମାନ ଏହି ଛୁଙ୍କରେ ଛଣା ହେଇଥିବା ବାଇଗଣକୁ ମିଶାଇ ଦିଅନ୍ତୁ ଓ ଅଳ୍ପ ଭାଜି ନିଅନ୍ତୁ ଯେମିତି ଛୁଙ୍କ ଓ ବାଇଗଣ ଭଲ ଭାବେ ପରସ୍ପର ସହ ମିଶି ଯିବେ । ଏହାପରେ ଏହି ଛୁଙ୍କ ମିଶା ବାଇଗଣକୁ ଦହିରେ ପକାଇ ହାଲୁକା ଘାଣ୍ଟି ନେବେ ଯେମିତି ବାଇଗଣ ନ ଭାଙ୍ଗି ଯାଏ । କିଛି ସଜ ଧଣିଆ ପତ୍ରକୁ ଖଣ୍ଡ ଖଣ୍ଡ କରି ଉପରେ ପକେଇ ଦିଅନ୍ତୁ । ଆପଣଙ୍କ ଦହି ବାଇଗଣ ପ୍ରସ୍ତୁତ ହେଇ ଯାଇଛି । ପଲଉ ବା ବିରିୟାନୀ ସହ ପରଷି ଦିଅନ୍ତୁ । ଭାତ ଓ ପ୍ରେସର୍ କୁକର୍ ଚିକେନ୍ ତରକାରୀ ସହ ଦହି ବାଇଗଣ ଖାଇବାକୁ ସୁସ୍ୱାଦୁ ଲାଗେ ।

ବସା (ବିନା ପାଣିର), ଚିନି ଏବଂ ଲଙ୍କା ଏକ କଡାଇରେ କିଛି ଟିକ୍ ଟିକ୍ କଟା



# ଲେଖକର ଲୋକପ୍ରିୟତା

ଲୋକପ୍ରିୟତା ଅର୍ଜନ କରିବା ନିର୍ଭର କରିଥାଏ ଏଥିସହ ସଂପୃକ୍ତ ଜନସମୁଦାୟଙ୍କ ପସନ୍ଦ୍ ନାପସନ୍ଦ୍ ଉପରେ । ଲୋକଙ୍କ ଦ୍ୱାରା (ବା Mass) ପ୍ରିୟଭାଜନ ହେବା ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ପ୍ରଦର୍ଶନ କରୁଥିବା ପ୍ରତିଭାଧରଙ୍କ ଭାଗ୍ୟରେ ହିଁ ଜୁଟିଥାଏ । ଅର୍ଥାତ୍ ସାହିତ୍ୟ, କଳା, ସଂଗୀତ ବା ନୃତ୍ୟ ଇତ୍ୟାଦି କଳାତ୍ମକ କ୍ଷେତ୍ରରେ ନିଜକୁ ନିୟୋଜିତ କରିଥିବା ଯେକୌଣସି ପ୍ରତିଭାଧର 'ଲୋକପ୍ରିୟତା'ର ଶୀର୍ଷରେ କିମ୍ବା ପାଖାପାଖି ପହଞ୍ଚିଥାଏ । ସାହିତ୍ୟ କ୍ଷେତ୍ରରେ ଲେଖାଲେଖି କରୁଥିବା ଲେଖକର ଲୋକପ୍ରିୟତା ମଧ୍ୟ ପ୍ରଣିଧାନଯୋଗ୍ୟ । ଲେଖକଟି ଲୋକପ୍ରିୟ ହେଲେ ହିଁ ଲୋକଙ୍କର ସେ ପ୍ରିୟ ହୋଇ ଉଠେ । ତା'ର ପ୍ରସିଦ୍ଧି, ସୁଖ୍ୟାତି ଓ ସାହିତ୍ୟିକ ଯୋଗ୍ୟତା ଲୋକମୁଖରେ ପ୍ରଶଂସିତ ହୁଏ । ତା' ପଛରେ ସବୁବେଳେ ଏକ ବିଶାଳ ପାଠକ-ସମୁଦାୟର ସମର୍ଥନ ଓ ଭଲପାଇବା ଥାଏ । ତାହା ହିଁ ତାକୁ 'ଲୋକପ୍ରିୟତା'ର ଅଗ୍ରଭାଗକୁ ଘେନିଯାଏ ।

'ଲୋକପ୍ରିୟ ଲେଖକ' ଓ 'ଲେଖକୀୟ ଲୋକପ୍ରିୟତା' ଭିତରେ କିଛି କିଛି ପାର୍ଥକ୍ୟ ରହିଛି । ଲୋକପ୍ରିୟ ଲେଖକ ସାଧାରଣ ଲୋକଙ୍କ ପାଇଁ ଲେଖିଥାଏ ଏବଂ ସାଧାରଣ ଲୋକର ରୁଚି, ଅଭିରୁଚିକୁ ଲୋକପ୍ରିୟ ଲେଖକ ପ୍ରାଧାନ୍ୟ ଦେଇ ବରାବାର ନିଜର ଲେଖାଲେଖି ସାମ୍ରାଜ୍ୟକୁ ଦେଇଥାଏ ବିସ୍ତାର । କିନ୍ତୁ ଲେଖକର ଲୋକପ୍ରିୟତା କଥାଟି ଭିନ୍ନ ପ୍ରସଙ୍ଗ । ଏହା ସମ୍ପୂର୍ଣ୍ଣ ଭାବେ ଦୀକ୍ଷିତ ପାଠକ ସମାଜର ସ୍ୱୀକୃତି ଉପରେ ନିର୍ଭରଶୀଳ । ପାଠକୀୟତା ପାଖରେ ଜଣେ ଲେଖକର ଲେଖା ଉତ୍କୃଷ୍ଟ କି ଉତ୍କୃଷ୍ଟ ନୁହେଁ, ତାହା ନିରୂପିତ ହୁଏ । ତଦନୁସାରେ ଜଣେ ଲେଖକ ତା'ର ଲୋକପ୍ରିୟତା ବା ପ୍ରସିଦ୍ଧି ଅର୍ଜନ କରିଥାଏ । ଉଚ୍ଚାଙ୍ଗ ସର୍ଜନା ବା କ୍ଲାସିକ୍ ପର୍ଯ୍ୟାୟର ସର୍ଜନାରେ ମନୋନିବେଶ କରିଥିବା ଲେଖକଙ୍କ ଲେଖା ପପୁଲାର୍ ଲିଟରେଚର୍ ପର୍ଯ୍ୟାୟର ନୁହେଁ । ପପୁଲାର୍ ଲିଟରେଚର୍ ବା ଲୋକପ୍ରିୟ ସାହିତ୍ୟ କେବଳ ମାତ୍ର ଏକ ବୃହତ୍ 'ମାସ୍' ବା 'ଜନଗଣ'ଙ୍କ ପାଇଁ ଉଦ୍ଦିଷ୍ଟ ଥାଏ । ଏ ଜନଗଣଙ୍କ ଭିତରେ ସବୁବର୍ଗର ପାଠକ ଥାଆନ୍ତି । ସେମାନଙ୍କ ଚାହିଦାକୁ ଆଖି ଆଗରେ ରଖି ଲୋକପ୍ରିୟ ଲେଖକଟି ତା'ର ଲେଖା ଜାରି ରଖିଥାଏ । ଏସବୁ ଲୋକପ୍ରିୟ ସାହିତ୍ୟର ଆଦର ଯଥେଷ୍ଟ ଥିଲେ ମଧ୍ୟ, କେଉଁଠି ନା କେଉଁଠି ଏହାକୁ ଏକ ଆଡ଼ ନଜରରେ ଦେଖା ଯାଇଥାଏ । କ୍ଲାସିକ୍ ସାହିତ୍ୟର ସର୍ଜନାକାରମାନଙ୍କ ସର୍ଜନାକୁ ସଂଖ୍ୟାତ୍ମକ ଦୃଷ୍ଟିରୁ ସ୍ୱଳ୍ପସଂଖ୍ୟକ ପାଠକ ପଢୁଥିଲେ ହେଁ, ସେ ପାଠକ ଦୀକ୍ଷିତ ବା ବୌଦ୍ଧିକ ପର୍ଯ୍ୟାୟର ବୋଲି କୁହାଯାଏ । ସୁତରାଂ ଲେଖକୀୟ ଲୋକପ୍ରିୟତା ଅର୍ଜନ କ୍ଷେତ୍ରରେ ଏ ଯେଉଁ ବର୍ଗୀକରଣ କରାଯାଏ, ତାହା ନିଶ୍ଚିତ ଭବରେ ସାହିତ୍ୟ ପୃଥିବୀରେ ଚଳପ୍ରଚଳ ହେଉଥିବା ପ୍ରତିଟି ବ୍ୟକ୍ତିଙ୍କୁ ଦ୍ୱିଧା ବିଭକ୍ତ କରେ । ଲେଖକକୁ ଦୁଇ ଭାଗରେ ବାଣ୍ଟି ଦେବାର ଏ ଯେଉଁ ଏକ ବୌଦ୍ଧିକ ବିଚାର ପ୍ରଚଳିତ, ଏଥିରୁ ସାହିତ୍ୟର ବିକାଶ ହୁଏ କି ନା ମୁଁ ଜାଣେନା । କିନ୍ତୁ ଭାଗିରଥି ଦାସଙ୍କ ପରି କିଛି ଲେଖକଙ୍କ ବହୁପଠିତ ଉପନ୍ୟାସମାନଙ୍କୁ ଘରେ ଘରେ ପଢ଼ା ହେବାର ଯେଉଁ ଇତିହାସ ଅଛି ତାକୁ ଆମେ ଅସ୍ୱୀକାର କରିପାରିବା କି ! ଲେଖକ ଭାବରେ ଏମାନଙ୍କର କୃତି ଓ କୃତିତ୍ୱକୁ ଆମେ କ'ଣ ମାଟିରେ ମିଶାଇ ଦେଇ ପାରିବା ?

ଆଜିର ସମୟରେ ଲେଖକର ଲୋକପ୍ରିୟତାକୁ ଯେତେବେଳେ ଲେଖକ ନିଜେ ନିୟନ୍ତ୍ରଣ କରୁଛି, ସେତେବେଳେ ପାଠକର ଭୂମିକା ବି ବେଶ୍ ସଂଶୟାଚ୍ଛନ୍ନ ବୋଲି ମନେହୁଏ । ଯେଉଁ ସମୟରେ ଏ ସୋସିଆଲ୍ ଗଣମାଧ୍ୟମର ଚିହ୍ନବର୍ଣ୍ଣ ନଥିଲା, ସେତେବେଳେ ଜଣେ ଲେଖକର ଗଳ୍ପଟିଏ, କବିତାଟିଏ କି ଉପନ୍ୟାସଟିଏ ପଢ଼ିବା ପାଇଁ ପାଠକମାନେ ପତ୍ରପତ୍ରିକା ଉପରେ ନିର୍ଭର କରୁଥିଲେ । ସେ ପାଠକୀୟତାରେ ଯେଉଁ ଗଭୀରତା, ଯେଉଁ ଆନ୍ତରିକତା ରହୁଥିଲା, ତାହା ହିଁ ଜଣେ ଲେଖକକୁ ପ୍ରଦାନ କରୁଥିଲା ପ୍ରକୃତ ପ୍ରସିଦ୍ଧି ବା ଲୋକପ୍ରିୟତା । ଲେଖକଟି ସେଇ ବିରଳ ଓ ବିମଳ ଲୋକପ୍ରିୟତାକୁ ଧରି ଲେଖାଲେଖିରେ ନିଷ୍ଠାପର ଭାବେ ମନୋନିବେଶ କରୁଥିଲା । କିନ୍ତୁ ଆଜି ସମୟ ସବୁକିଛି ଓଲଟପାଲଟ କରିଦେଇଛି । ସୋସିଆଲ୍ ଗଣମାଧ୍ୟମର ବହୁଳ ବ୍ୟବହାର ଆମ ଲେଖକଲେଖିକାଙ୍କୁ ପୁରା ମାତ୍ରାରେ ବଦଳାଇ ଦେଇଛି । ଆଜିର ସମୟରେ ଲେଖାଲେଖିରେ ଥିବା ଆମର ଲେଖକମାନେ 'ପାଠକୀୟତାକୁ' ନିଜ ହାତ ମୁଠାରେ ରଖନ୍ତି । ଲେଖାଟିଏ ଲେଖିଦେଇ ଏକ ସଂଗଠିତ ବନ୍ଧୁ ପ୍ରିୟଜନର ଗୋଷ୍ଠୀ ଦ୍ୱାରା ପ୍ରାୟୋଜିତ ସ୍ୱୀକୃତି ପାଇବାରେ ଜମା ବି ଅସୁବିଧା ହୁଏନା । ବେଳେବେଳେ ତ ଦେଖାଯାଉଛି କି ଗପ ବା କବିତାକୁ ୟୁଟ୍ୟୁବ୍‌ରେ ପ୍ରସାରଣ କରି ଅନେକଙ୍କ ପାଖକୁ ଏହାର ଲିଙ୍କ୍ ପଠାଇ 'ଭୋଟ୍ ଭିକ୍ଷା' ପରି ଏକ ଅନୁରୋଧ କରାଯାଉଛି । ଏଥିରେ ଯାହାର ଯେତିକି ଯୋଗାଡ଼ଯନ୍ତ୍ର, ସେ ସେତିକି ଅଧିକ ଭୋଟ୍ ପାଉଛି ଓ ତଦନୁସାରେ ସେ ଶ୍ରେଷ୍ଠ ବୋଲାଉଛି ବି । ଏହା ହିଁ କ'ଣ ଲୋକପ୍ରିୟତାର ମାପଦଣ୍ଡ ? ଲେଖକର ପ୍ରକୃତ ପାଠକ ସୃଷ୍ଟି କରିବାର ମାନସିକତାକୁ ସଂହାର କରୁଥିବା ଏ ପ୍ରକାର ଏକ ଯାନ୍ତ୍ରିକ ତଥା ପ୍ରାୟୋଜିତ କାର୍ଯ୍ୟଧାରା ଆଜିର ସାହିତ୍ୟକୁ କେବଳ ଯେ ବିକଳାଙ୍ଗ କରିଦେବ ତା' ନୁହେଁ, ବରଂ ଆଗାମୀ ଦିନରେ ପ୍ରକୃତ ଲେଖକ ଓ ପ୍ରକୃତ ପାଠକକୁ ନିରାଶା ମଧ୍ୟକୁ ଠେଲି ଦେବ- ଏହା ଜଳ ଜଳ ଦିଶୁଛି ।

ଲେଖକର ଲୋକପ୍ରିୟତାରେ ସାହିତ୍ୟ ସମୃଦ୍ଧ ହୁଏ ଏବଂ ପାଠକସମାଜ ଏକ ସମୁନ୍ନତ ସାହିତ୍ୟର ଆସ୍ୱାଦନ କରିପାରେ । ତେବେ ମହତ୍ତର ଓ ଉତ୍କୃଷ୍ଟ ଲେଖାର ନିର୍ଣ୍ଣାୟକ ତ ସମୟ । ସେଥିପାଇଁ ତ କିଛି ରଚନା କାଳୋତ୍ତୀର୍ଣ୍ଣ ହୋଇଯାଏ । ସବୁ ରଚନା ହୁଏନା । ହୁଏତ ଲୋକପ୍ରିୟତା ପାଏ, କିନ୍ତୁ ସେସବୁର ଶ୍ରେଷ୍ଠତ୍ୱ କିଏ ନିର୍ଣ୍ଣୟ କରିବ ? ଲେଖକର ଲୋକପ୍ରିୟତା ବା ପ୍ରସିଦ୍ଧି କଥା କହିଲେ ଆମେ ସେ ଲେଖକର ଲେଖାର ଗୁଣବତ୍ତା ବା ମାନ ବିଷୟରେ ନୁହେଁ, ତାର ଖ୍ୟାତି ବା ସେ କେତେ ବେଶି ଲୋକପ୍ରିୟ, ସେଇ କଥା ହିଁ ଆଲୋଚନା କରୁ । ତେଣୁ ଲେଖକର ଲୋକପ୍ରିୟତା ନିଶ୍ଚିତ ଭାବେ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ । ଠିକ୍ ସେଇପରି, ଉତ୍କର୍ଷତା ବା ଉତ୍କୃଷ୍ଟ ଲେଖାର ଲେଖକ ପାଇଁ ମଧ୍ୟ ଏ ଲୋକପ୍ରିୟତାର ଆବଶ୍ୟକତା ରହିଛି ।

ସୁତରାଂ ଲେଖକର ଧର୍ମ ହେବା ଉଚିତ, ନିଜ ପ୍ରତି ସତ୍ ରହି ସାଧ୍ୟମତେ ଉତ୍ତମରୁ ସର୍ବୋତ୍ତମ ଲେଖିବା ଏବଂ ତାକୁ ପ୍ରକୃତ ପାଠକଙ୍କ ପାଖରେ ପହଞ୍ଚାଇବା ।



SUPRATIK INFRAVENTURES

# LIFESTYLE Project - II

**Limited 2 & 3 BHK Flat Available**

RERA APPROVED



7205330222

sales@supratikinfraventures.com

Follow us on :

/ supratikinfraventures

www.supratikinfraventures.com

**Branch Office :** Alupur, Near Laxminarayan Temple

O. T. Road, Balasore - 756001


★★HIGHLAND★★
A Highland Group Entity
A state of the art
shrimp processing plant
Our Certifications :
FSSC 22000
BRCGS
Best Aquaculture Practices
Follow us on :
/ highlandagro
Product Profile
Headless (HL)
PUD
PD
Karikadi
Easy Peel
PDTO
/highlandagro
HIGHLAND AGRO FOOD PVT. LTD.
Plot No. 347-358, Gadabhanga, Khantapada, Balasore, Odisha, India - 756043
Email : info@highlandgroups.com
Website : www.highlandgroups.com